# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୨୮/୨୦୧୯ (୨୦ ପୃଷ୍ଠା) Sambalpur, Thursday, March 28 / 2019 ★★

୧୫ଶ ଭାଗ ୧୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ମନଦୀପଙ୍କ ହ୍ୟାଟ୍ରିକ**

ମନଦୀପ ସିଂଙ୍କ ହ୍ୟାଟ୍ରିକ ଗୋଲ ବଳରେ ଭାରତ ସୁଲତାନ ଆଜଲାନଶାହ କପ୍ ହକି ଟୁର୍ଣ୍ଣାମେଣ୍ଟର ବୁଧବାର ମ୍ୟାଚରେ କାନାଡ଼ାକୁ ୭-୩ ଗୋଲରେ ପରାସ୍ତ କରିଛି। ୧୯

୧୬ **ବାହାଘର ନୁହେଁ କ୍ୟାରିୟର ଉପରେ ଶ୍ରଦ୍ଧାଙ୍କ ଧ୍ୟାନ**

ଅଭିନେତ୍ରୀ ଶ୍ରଦ୍ଧା କପୁର ଖୁବ୍‌ଶୀଘ୍ର ବାହା ହେଉଥିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ତାଙ୍କ ବାପା ଶକ୍ତି କପୁର। ଶ୍ରଦ୍ଧା ଏବେ ନିଜ କ୍ୟାରିୟର ଉପରେ ଧ୍ୟାନ ଦେଉଥିବା ଶକ୍ତି କହିଛନ୍ତି ।




ଟେଲିକମ୍, ବ୍ୟାଙ୍କିଙ୍ଗ୍, ଜାତୀୟ ରାଜପଥ ଏ ସବୁଥିରେ ଓଡ଼ିଶାକୁ ପାତରଅନ୍ତର କରାଯାଇଛି।
ଏଥିରେ ଓଡ଼ିଶା ସବୁଠାରୁ ତଳେ।

ଏହା କେନ୍ଦ୍ର ଅବହେଳା ନୁହେଁ ତ ଆଉ କ'ଣ ?

୨୧ ରୁ ୨୧ ରେ 'ଶଙ୍ଖ'କୁ ଜିତାଇବା
ଓଡ଼ିଶାର ହକ୍ ପାଇଁ ଲଢ଼ିବା।

ବିଜୁ ଜନତା ଦଳ


# ମହାକାଶରେ ଭାରତ ଚତୁର୍ଥ ମହାଶକ୍ତି

## ମିଶନ ଶକ୍ତିର ସଫଳତା: ୩ ମିନିଟରେ ସାଟେଲାଇଟ୍ ଧ୍ୱଂସ କଲା ଏ-ସାଟ୍

**ନୂଆଦିଲ୍ଲୀ/ ବାଲେଶ୍ୱର ଅଫିସ,୨୭।୩**

### ଇତିହାସ ରଚିଲା ଡିଆର୍‌ଡିଓ

- କଲାମ ଦ୍ୱୀପରୁ ହେଲା ପରୀକ୍ଷଣ
- ମୋଦିଙ୍କ ଘୋଷଣାକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ
- ମହାକାଶରେ ଶାନ୍ତି ବଜାୟ ରହୁ: ଚାଇନା
- ଭାରତ ସାମରିକ ଆତଙ୍କ ସୃଷ୍ଟି କରୁଛି: ପାକିସ୍ତାନ

ମହାକାଶରେ ସାଟେଲାଇଟ ଧ୍ୱଂସ କରିବା କ୍ଷମତା ସହ ଭାରତ ବିଶ୍ୱର ଚତୁର୍ଥ ମହାଶକ୍ତିରେ ପରିଣତ ହୋଇଛି। ପୂର୍ବରୁ ଆମେରିକା, ଚାଇନା ଏବଂ ରୁଷିଆ ପାଖରେ ଏଭଳି କ୍ଷମତା ରହିଛି। ମିଶନ ଶକ୍ତି ପରୀକ୍ଷା ଅବସରରେ ବୁଧବାର ଭାରତ ଆଣ୍ଟି-ସାଟେଲାଇଟ (ଏ-ସାଟ୍) କ୍ଷେପଣାସ୍ତ୍ର ସହାୟତାରେ ନିଜର ଏକ ଅନୁପଯୁକ୍ତ ସାଟେଲାଇଟକୁ ମାତ୍ର ୩ ମିନିଟରେ ଧ୍ୱଂସ କରିବାରେ ସଫଳ ହୋଇଛି। ଏହି ବିରଳ ସଫଳତା ଭାରତକୁ ମହାକାଶ ମହାଶକ୍ତି ଏଲିଟ କ୍ଲବ୍‌ରେ ସାମିଲ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏ-ସାଟ୍ କ୍ଷେପଣାସ୍ତ୍ର ପରୀକ୍ଷା କରି ଭାରତ ମହାକାଶ ଗବେଷଣା ଓ ପ୍ରତିରକ୍ଷା ବ୍ୟବସ୍ଥା କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଛି। ବୁଧବାର ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଅଧୀନ ଭଦ୍ରକ ଜିଲାର ଅବଦୁଲ କଲାମ ଦ୍ୱୀପରେ ଥିବା ଉତ୍‌କ୍ଷେପଣ କେନ୍ଦ୍ରରୁ ପୂର୍ବାହ୍ନ ୧୧ଟା୧୬ ମିନିଟ୍ ବେଳେ ଉପଗ୍ରହ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ଏ ସାଟ୍' ଉତ୍‌କ୍ଷେପଣ କରାଯାଇଥିଲା। ୩ ମିନିଟ୍ ମଧ୍ୟରେ ଏହା ୩୦୦ କି.ମି. ଉଚ୍ଚତାରେ ଥିବା ଉପଗ୍ରହକୁ ଧ୍ୱଂସ କରିଥିଲା। ଏଥିପାଇଁ ଅବଦୁଲ କଲାମ ଦ୍ୱୀପ ଉତ୍‌କ୍ଷେପଣ କେନ୍ଦ୍ରରେ ସମସ୍ତ ଆଗୁଆ ପ୍ରସ୍ତୁତି କରାଯାଇଥିଲା। ଡିଆର୍‌ଡିଓ ଅଧ୍ୟକ୍ଷ ଜି. ସତୀଶ ରେଡ୍ଡୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତତ୍ତ୍ୱାବଧାନ ସହ ନିରୀକ୍ଷଣ କରିଥିଲେ। ବହୁ ବୈଜ୍ଞାନିକ,ବିଶେଷଜ୍ଞ ଓ ଡିଆର୍‌ଡିଓର ଅନ୍ୟ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ପୂର୍ବରୁ ଭାରତ କ୍ଷେପଣାସ୍ତ୍ର ବିଧ୍ୱଂସୀ କ୍ଷେପଣାସ୍ତ୍ର ପ୍ରସ୍ତୁତ କରିସାରିଥିବା ବେଳେ ଏବେ ପ୍ରଥମ କରି ମହାକାଶରେ ସାଟେଲାଇଟ ଧ୍ୱଂସ କରିବା କ୍ଷମତା ହାସଲ କରିଛି।

ପ୍ରତି ରାଷ୍ଟ୍ରର ବିକାଶ ଯାତ୍ରାରେ ଏଭଳି ଗର୍ବର ମୁହୂର୍ତ୍ତ ଆସିଥାଏ ଯାହାର ଆଗାମୀ ବହୁ ପିଢ଼ି ପର୍ଯ୍ୟନ୍ତ ଐତିହାସିକ ପ୍ରଭାବ ରହିଥାଏ। ଆଜି ସେହିଭଳି ଏକ ଦିନ ବୋଲି ଦେଶବାସୀଙ୍କୁ ଟେଲିଭିଜନ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି। ମିଶନ ଶକ୍ତିର ଏହି ସଫଳତା ପାଇଁ ସେ ପ୍ରତ୍ୟେକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦେଶର ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ (ଡିଆର୍‌ଡିଓ) ନେତୃତ୍ୱରେ ମିଶନ ଶକ୍ତି ଆରମ୍ଭ ହୋଇଥିଲା। ଡିଆରଡିଓର ସଦସ୍ୟ, ବୈଜ୍ଞାନିକ ଓ ଅଫିସରମାନଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ନିରାପତ୍ତା, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପିମ୍ପୁଡ଼ିଙ୍କ ସାମ୍ରାଜ୍ୟ

**ଆଜିର ମନ୍ତବ୍ୟ**

" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯିବା ସମୟ ଆସିଲାଣି ବୋଲି ସେ ଭୟଭୀତ।

**-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ**

**କିଛି ତଥ୍ୟ**

ଚଳିତ ବର୍ଷ ଫେବୃୟାରୀରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୪% ବଢ଼ି ୮.୯୧ ନିୟୁତ ଟନ୍ ରହିଛି ।

**-ଇସ୍ପାତ ମନ୍ତ୍ରଣାଳୟ**

- ୯ ଲୋକ ସଭା, ୩୬ ବିଧାନସଭା ଆସନ ପାଇଁ ବିଜେଡିର ପ୍ରାର୍ଥୀ ଘୋଷଣା

# ୭ ଲୋକ ସଭା ଆସନରେ ନୂଆ ମୁହଁ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

- ପାଟଶାଣୀ ଯିବେ ରାଜ୍ୟ ସଭା
- ଦୁଇ ପ୍ରଭାତ, ବିଜୟଶ୍ରୀଙ୍କ ପୁଅକୁ ଟିକେଟ
- କଟକ, କେନ୍ଦୁଝର, ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ଘୋଷଣା ହେଲାନି

ପ୍ରାର୍ଥୀ ତାଲିକା : ପୃଷ୍ଠା-୫

ବିଜେଡି ଶେଷ ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ୯ ଲୋକ ସଭା ଏବଂ ୩୬ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନବୀନ ନିବାସରେ ଏହି ଘୋଷଣା କରିଛନ୍ତି। କଟକ, କେନ୍ଦୁଝର ଏବଂ ଢେଙ୍କାନାଳ ଲୋକ ସଭା ପାଇଁ ପ୍ରାର୍ଥୀ ଚୟନ ଏବେ ବି ଦଳ ପାଇଁ କାଠିକର ପାଠ ସାବ୍ୟସ୍ତ ହୋଇଛି। ଏହି ୩ ଆସନ ପାଇଁ କାହାକୁ ପ୍ରାର୍ଥୀ କରାଯିବ, ସେ ନେଇ କୌଣସି ସହମତି ହୋଇପାରୁନାହିଁ। ସେହିପରି ୯ ଲୋକ ସଭା ଆସନ ମଧ୍ୟରୁ ଜଗତସିଂହପୁର, ଭଦ୍ରକ, ସମ୍ବଲପୁର, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଏବଂ ଭୁବନେଶ୍ୱର ପ୍ରାର୍ଥୀଙ୍କୁ ବଦଳାଯାଇଛି। ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ଟିକେଟ କଟାଯାଇଛି। ତାଙ୍କୁ ଭବିଷ୍ୟତରେ ରାଜ୍ୟ ସଭା ପଠାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଭାଜପା ଛାଡିଥିବା ଦିଲୀପ ରାୟଙ୍କୁ ଯେ କୌଣସି ମତେ ବିଜେଡିକୁ ଅଣାଯିବ, ଏଥିସହିତ ତାଙ୍କୁ କେନ୍ଦ୍ରାପଡ଼ାରୁ ଲୋକସଭା ପ୍ରାର୍ଥୀ କରାଯିବ ବୋଲି ଦଳର ଶୀର୍ଷ ନେତୃତ୍ୱ ଆଶା କରୁଥିଲା। ହେଲେ ପ୍ରାର୍ଥୀ ତାଲିକା ଘୋଷଣା ପରେ ଦିଲୀପ ଯେ ବର୍ତ୍ତମାନ ପରିସ୍ଥିତିରେ ବିଜେଡି ଫେରିବେନି ତାହା ସ୍ପଷ୍ଟ ହୋଇଯାଇଛି। ଦିଲୀପଙ୍କ ବିଜେଡି ଲେଉଟାଣି ଟଳିଥିବାରୁ ବିଜୟ ମହାପାତ୍ରଙ୍କ ଭାଜପା ଲେଉଟାଣି ସମ୍ଭାବନା ବୃଦ୍ଧିପାଇଛି। କେନ୍ଦ୍ରାପଡ଼ାରୁ ଅଭିନେତା ତଥା ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କୁ ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥିନୀ କରାଯାଇଛି। ବମିଖାଲ ଫ୍ଲାଏଓଭର ଭୁଶୁଡିବା ଘଟଣାରେ ବିବାଦୀୟ ହୋଇ ପଡ଼ିଥିବା ଅବସରପ୍ରାପ୍ତ ପୂର୍ତ୍ତ ସଚିବ ଇଂ ନଳିନୀକାନ୍ତ ପ୍ରଧାନଙ୍କୁ ସମ୍ବଲପୁର ଲୋକ ସଭା ଆସନରୁ ଟିକେଟ ମିଳିଛି। ଚିଟ୍‌ଫଣ୍ଡ ବିବାଦରେ ଛନ୍ଦି ହୋଇଥିବା ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦାଙ୍କ ଟିକେଟ କଟିଛି। ହେଲେ ଚିଟଫଣ୍ଡ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବିବାଦୀୟ ହୋଇଥିବା ଏମ୍‌ପି ରବୀନ୍ଦ୍ର ଜେନା (ବାଲେଶ୍ୱର), ବିଧାୟକ ଅରୁଣ ସାହୁ(ନୟାଗଡ), ଅତନୁ ସବ୍ୟସାଚୀ ନାୟକ(ମହାକାଳପଡା), ସଞ୍ଜୟ ଦାସବର୍ମା(ବ୍ରହ୍ମଗିରି), ପ୍ରଣବ ବଳବନ୍ତରାୟ (ଧର୍ମଶାଳା)ଙ୍କୁ ଟିକେଟ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଚିଟଫଣ୍ଡ ପ୍ରସଙ୍ଗରେ ବିବାଦୀୟ ହୋଇଥିବା ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ବଦଳରେ ତାଙ୍କ ପୁଅ ଦେବୀ ରଞ୍ଜନ ତ୍ରିପାଠୀ ଏବଂ କଟକ(ଚୌଦ୍ୱାର) ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ବଦଳରେ ସୌଭିକ୍ ବିଶ୍ୱାଳଙ୍କୁ ଟିକେଟ୍ ଦିଆଯାଇଛି। ବରିଷ୍ଠ ମନ୍ତ୍ରୀ ☞ପୃଷ୍ଠା-୪






"ନିଜକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରିବ ଭାରତ।
-ରାମନାଥ କୋବିନ୍ଦ,
ରାଷ୍ଟ୍ରପତି




ଡିଆରଡିଓର ମିଶନ ଶକ୍ତି ସଫଳ ହେବା ପରେ ଅହମଦାବାଦର ସ୍କୁଲ ଛାତ୍ରୀଛାତ୍ର ଜାତୀୟ ପତାକା ଓ ପ୍ଲାକାର୍ଡ ଧରି ଉତ୍ସବ ମନାଉଛନ୍ତି।



ପୋପ୍ ଫ୍ରାନ୍ସିସ୍ ବୁଧବାର ଭାଟିକାନ ସିଟିର ସେଣ୍ଟ ପିଟର୍ସ ସ୍କୋୟାରରେ ଜଣେ ଶିଶୁକୁ ଚୁମ୍ବନ ଦେଉଛନ୍ତି।



ପାକିସ୍ତାନରୁ ୫୦୦ କୋଟି ଟଙ୍କାର ଡ୍ରଗ୍ସ ନେଇ ପୋରବନ୍ଦର ଆସୁଥିବା ୯ ଇରାନୀ ଚାଲାଣକାରୀ ଧରାପଡ଼ିବା ପରେ ବୋଟ୍‌ରେ ନିଆଁ ଲଗାଇଦେଇଛନ୍ତି।

## ଏପ୍ରିଲ ୧୧ରେ ୧୭ ଆସନରେ ଭୋଟ: ଟିଆର୍‌ଏସ୍‌ର ମିଶନ ୧୬

# ତେଲେଙ୍ଗାନାରେ ତ୍ରିମୁଖୀ ଲଢ଼େଇ

**ହାଇଦ୍ରାବାଦ,୨୭।୩(ଆଇଏଏନ୍‌ଏସ୍)**

ତେଲେଙ୍ଗାନାରେ ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ପରେ ଶାସକ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସାଧାରଣ ନିର୍ବାଚନର ମଇଦାନକୁ ଓହ୍ଲାଇଛି। ବିରୋଧୀ ଦଳଗୁଡ଼ିକ ମଧ୍ୟରେ ନୈରାଶ୍ୟ ଭରିରହିଥିବାବେଳେ ୧୭ରୁ ୧୬ ଲୋକ ସଭା ଆସନ ଦଖଲ ଲକ୍ଷ୍ୟରେ ରହିଛି ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ଟିଆର୍‌ଏସ୍। ତେବେ ଭାଜପା ଓ କଂଗ୍ରେସ ଏଥର ଭିନ୍ନ ରଣନୀତି ଆପଣାଇଥିବାରୁ ତ୍ରିମୁଖୀ ଲଢ଼େଇ ହେବ ବୋଲି ରାଜନୈତିକ ବିଶ୍ଲେଷକମାନେ ମତବ୍ୟକ୍ତ କରିଛନ୍ତି।

ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ଏହିଦିନ ସର୍ବନୂତନ ରାଜ୍ୟ ତେଲେଙ୍ଗାନାର ଆଦିଲାବାଦ, ପେଡ୍ଡାପଲ୍ଲୀ, କରିମନଗର, ନିଜାମାବାଦ, ଜାହିରାବାଦ, ମେଡକ୍, ମାଲକାଜଗିରି, ସିକନ୍ଦରାବାଦ, ହାଇଦ୍ରାବାଦ, ଚେଭେଲ୍ଲା, ମେହବୁବ୍‌ନଗର, ନଗରକୁର୍ନୁଲ, ନାଲଗୋଣ୍ଡା, ଭୋଙ୍ଗିର, ୱାରଙ୍ଗଲ, ମେହବୁବାବାଦ ଓ ଖମ୍ମାମରେ ଭୋଟଗ୍ରହଣ କରାଯିବ। ଟିଆର୍‌ଏସ୍ ମିଶନ ୧୬ ପାଇଁ ଅଣ୍ଟା ଭିଡ଼ିଥିବାବେଳେ ଏହାର ସହଯୋଗୀ ତଥା ଅସାଦୁଦ୍ଦିନ ଓୱାଇସିଙ୍କ ଅଲ୍ ଇଣ୍ଡିଆ ମଜ୍‌ଲିସ୍-ଇ-ଇତ୍ତେହାଦୁଲ ମୁସଲିମିନ୍ (ଏଆଇଏମ୍‌ଆଇଏମ୍) ହାଇଦ୍ରାବାଦ ଆସନ ବଞ୍ଚାଇବା ଲାଗି ଉଦ୍ୟମ କରୁଛି।



ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆର୍‌ଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ।



ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ୍ ଓୱାଇସି ଘର ଘର ବୁଲି ପ୍ରଚାର କରୁଛନ୍ତି।

ଜାତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ପ୍ରୟାସରତ କେସିଆର୍ ଏବଂ ତାଙ୍କ ପୁଅ ତଥା ଟିଆର୍‌ଏସ୍ କାର୍ଯ୍ୟକାରୀ ଅଧ୍ୟକ୍ଷ କେ.ଟି. ରାମାରାଓ (କେଟିଆର୍) ଦଳୀୟ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। କେନ୍ଦ୍ରରେ ଅଣଭାଜପା ଏବଂ ଅଣକଂଗ୍ରେସ ସରକାର ଗଠନ ପାଇଁ ଟିଆର୍‌ଏସ୍ ତଥା ଏହାର ସହଯୋଗୀ ଦଳକୁ ଭୋଟ ଦେବା ପାଇଁ ମତଦାତାଙ୍କୁ କେସିଆର୍ ଅନୁରୋଧ କରିଛନ୍ତି। କେଟିଆର୍ କହିଛନ୍ତି, ୨୦୧୮ ଡିସେମ୍ବର ୭ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଟିଆର୍‌ଏସ୍ ୪୭% ଭୋଟ ପାଇ ୭୫% ଆସନ ଦଖଲ କରିଥିଲା। ଚଳିତ ନିର୍ବାଚନରେ ଲୋକେ କଂଗ୍ରେସ ଓ ଭାଜପାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ତେଣୁ ଏଥର ମଧ୍ୟ ଆମେ ଜିତିବୁ। ପ୍ରକାଶ ଯେ, ୧୧୯ ସଦସ୍ୟତା ବିଶିଷ୍ଟ ବିଧାନସଭା ନିର୍ବାଚନରେ ଟିଆର୍‌ଏସ୍ ୮୮ ଆସନରେ ସଫଳତା ପାଇଥିଲା। କଂଗ୍ରେସ ୧୯, ଏଆଇଏମ୍‌ଆଇଏମ୍ ୭, ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ୨ ଆସନ ଜିତିଥିବାବେଳେ ଭାଜପା ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ କେବଳ ଖାତା ଖୋଲି ପାରିଥିଲେ। ୨ ସ୍ୱାଧୀନ ଏବଂ ଜଣେ ଟିଡିପି ବିଧାୟକ ଟିଆର୍‌ଏସ୍‌ରେ ସାମିଲ ହୋଇଛନ୍ତି।

ନିକଟରେ ୯ କଂଗ୍ରେସ ବିଧାୟକ ଟିଆର୍‌ଏସ୍‌ରେ ଯୋଗଦେବା ପରେ ଶାସକ ଦଳର ବିଧାୟକ ସଂଖ୍ୟା ୧୦୦ ଛୁଇଁଛି। ୨୦୧୪ ଲୋକ ସଭା ନିର୍ବାଚନରେ ଟିଆର୍‌ଏସ୍ ୧୧ ଓ କଂଗ୍ରେସ ୨ ଆସନ ଦଖଲ କରିଥିଲେ। ସେହିପରି ଟିଡିପି, ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି, ଭାଜପା ଏବଂ ଏଆଇଏମ୍‌ଆଇଏମ୍‌କୁ ଗୋଟିଏ ଲେଖାଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। କଂଗ୍ରେସରେ କୌଣସି ଆକର୍ଷଣୀୟ ନେତୃତ୍ୱ ନ ଥିବା ସତ୍ତ୍ୱେ ଦଳ ୫ ଆସନରେ ଟିଆର୍‌ଏସ୍‌କୁ କଡ଼ା ଟକ୍କର ଦେବ। ସେହିପରି ସିକନ୍ଦରାବାଦ, ନିଜାମାବାଦ, ମେହବୁବନଗର ଓ କରିମନଗରରେ ଭାଜପା ସ୍ଥିତି ଭଲ ଥିବାରୁ ଏହି ଆସନଗୁଡ଼ିକରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। ଟିଆର୍‌ଏସ୍ ସିକନ୍ଦରାବାଦ ଓ ଖମ୍ମାମ ସମେତ ୪ ଆସନର ବିଦାୟୀ ଏମ୍‌ପିଙ୍କ ଟିକେଟ କାଟି ନୂଆମୁହଁଙ୍କୁ ସୁଯୋଗ ଦେଇଛି। ଅନ୍ୟପକ୍ଷରେ ତେଲେଙ୍ଗାନାର ଜଣେ ମାତ୍ର ଭାଜପା ଏମ୍‌ପି ଥିବା ବନ୍ଦାରୁ ଦତ୍ତାତ୍ରେୟଙ୍କୁ ଗୈରିକ ଦଳ ଏଥର ଟିକେଟ ଦେଇନାହିଁ। ତାଙ୍କ ସ୍ଥାନରେ ସିକନ୍ଦରାବାଦରୁ ଜି. କ୍ରିଷନ୍‌ଙ୍କୁ ପ୍ରାର୍ଥୀ ହେବା ପାଇଁ ସୁଯୋଗ ମିଳିଛି। ଏହି ଆସନରେ କଂଗ୍ରେସ ପୂର୍ବତନ ଏମ୍‌ପି ଅଞ୍ଜନ କୁମାର ଯାଦବଙ୍କୁ ପ୍ରାର୍ଥୀ କରିଥିବାବେଳେ କେସିଆର୍ କ୍ୟାବିନେଟର ମନ୍ତ୍ରୀ ଟି. ଶ୍ରୀନିବାସ ଯାଦବଙ୍କ ପୁଅ ସାଇ କିରନ ଯାଦବଙ୍କୁ ଟିଆର୍‌ଏସ୍ ଟିକେଟ ଦେଇଛି। ବିରୋଧୀ ସିପିଆଇ ଏବଂ ତେଲେଙ୍ଗାନା ଜନ ସମିତି (ଟିଜେଏସ୍) ଦୁଇଟି ଲେଖାଏ ଆସନରେ ପ୍ରାର୍ଥୀ ଦେଇଛନ୍ତି। ଆନ୍ଧ୍ରରେ କ୍ଷମତାସୀନ ଟିଡିପି ୧୯୮୨ରେ ଗଠନ ହେବା ପରଠାରୁ ପ୍ରଥମଥର ପାଇଁ ତେଲେଙ୍ଗାନା ଲୋକ ସଭା ନିର୍ବାଚନରେ ପ୍ରାର୍ଥୀ ଦେଇନାହିଁ। ଏଠାରେ କଂଗ୍ରେସକୁ ଟିଡିପି ସମର୍ଥନ କରିବ ବୋଲି ଘୋଷଣା କରିଛି, ଯାହାକି ବିଶେଷ ଫଳପ୍ରଦ ହେବନାହିଁ ବୋଲି ରାଜନୈତିକ ବିଶ୍ଲେଷକ ତେଲାକାପଲ୍ଲୀ ରବି ମତବ୍ୟକ୍ତ କରିଛନ୍ତି।

**୨୦୧୪ର ଲୋକ ସଭା ସ୍ଥିତି**

| ଦଳ | ଆସନ |
| --- | --- |
| ଟିଆର୍‌ଏସ୍ | ୧୧ |
| କଂଗ୍ରେସ | ୨ |
| ଟିଡିପି | ୧ |
| ୱାଇଏସ୍‌ଆର୍‌ସିପି | ୧ |
| ଭାଜପା | ୧ |
| ଏଆଇଏମ୍‌ଆଇଏମ୍ | ୧ |




## କେସିଆର୍‌ଙ୍କ ଝିଅଙ୍କ ଆସନ ନିଜାମାବାଦରେ

# ନାମାଙ୍କନପତ୍ର ଦାଖଲ କଲେ ୨୦୦ ଚାଷୀ

**ହାଇଦ୍ରାବାଦ,୨୭।୩ (ଆଇଏଏନ୍‌ଏସ୍)**

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଝିଅ କେ. କବିଥା ନିଜାମାବାଦ ଏମ୍‌ପି। ସେ ଏହି ଲୋକ ସଭା ଆସନରେ ଟିଆର୍‌ଏସ୍ ଟିକେଟରେ ପୁଣିଥରେ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ କଂଗ୍ରେସର ମଧୁ ୟଶକି ଗୌଡ଼ ଏବଂ ଭାଜପାର ଡି. ଅରବିନ୍ଦ ପ୍ରାର୍ଥୀ ହୋଇଛନ୍ତି। ତେବେ ଏହି ଆସନ ପାଇଁ ୨୦୦ରୁ ଊର୍ଦ୍ଧ୍ୱ କୃଷକ ନାମାଙ୍କନପତ୍ର ଦାଖଲ କରିବା ପରେ ଲଢ଼େଇ ରୋଚକ ମୋଡରେ ପହଞ୍ଚିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ଚାଷୀମାନେ ସମାଲୋଚନା କରିଛନ୍ତି। ନିଜ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ମିଳୁ ନ ଥିବା ଦର୍ଶାଇ ସେମାନଙ୍କ ଦୁର୍ଦ୍ଦଶାକୁ ସାମ୍ନାକୁ ଆଣିବା ପାଇଁ ଏତେ ସଂଖ୍ୟକ ଚାଷୀ ଏହି ଆସନରେ ଲଢ଼େଇ କରୁଛନ୍ତି।



## ଧବଳିକରଙ୍କ ଉପମୁଖ୍ୟମନ୍ତ୍ରୀ ପଦ ଗଲା

**ଗୋଆ ରାଜନୀତି**



**ପଣଜୀ,୨୭।୩**

ସହଯୋଗୀ ଦଳ ମହାରାଷ୍ଟ୍ରୱାଡି ଗୋମନ୍ତକ ପାର୍ଟି (ଏମ୍‌ଜିପି)ର ଦୁଇ ବିଧାୟକ ମଙ୍ଗଳବାର ବିଳମ୍ବିତ ରାତିରେ ଦଳବଦଳ କରି ଭାଜପାରେ ସାମିଲ ହେବା ପରେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଉପମୁଖ୍ୟମନ୍ତ୍ରୀ ପଦରୁ ରାମକ୍ରିଷ୍ଣ ସୁଦିନ ଧବଳିକରଙ୍କୁ ବାଦ୍ ଦେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସୁପାରିସକୁ ରାଜ୍ୟପାଳ ମୃଦୁଳା ସିହ୍ନା ଗ୍ରହଣ କରିଛନ୍ତି। ବୁଧବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଧବଳିକର ଗୋଆ କ୍ୟାବିନେଟରେ ଜଣେ ମନ୍ତ୍ରୀ ଭାବେ ରହିବେ। ଏଥିରେ ଧବଳିକର ପ୍ରତିକ୍ରିୟା ପ୍ରକାଶ କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଜନସାଧାରଣ ସବୁ ଦେଖୁଛନ୍ତି ଓ ସେମାନେ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି। ଏମ୍‌ଜିପିର ବିଧାୟକ ମନୋହର ଅଜ୍‌ଗାଓଁଙ୍କର ଏବଂ ଦୀପକ ପୌସ୍କର ଦଳ ଛାଡି ଭାଜପାରେ ଯୋଗ ଦେଇଛନ୍ତି। ଫଳରେ ୩୬ ବିଧାୟକ ଥିବା ଗୋଆ ବିଧାନସଭାରେ ଭାଜପା ସଦସ୍ୟ ସଂଖ୍ୟା ୧୪ରେ ପହଞ୍ଚିଛି। ପୌସ୍କର ମନ୍ତ୍ରୀ ଭାବେ ଶପଥ ନେଇପାରନ୍ତି ବୋଲି ଜଣାପଡିଛି।

## ମମତାଙ୍କ ପ୍ରତିଶ୍ରୁତି: ଫେରିବ ଯୋଜନା କମିଶନ

# ବିମୁଦ୍ରୀକରଣର ତଦନ୍ତ ହେବ

**କୋଲକାତା,୨୭।୩(ପି.ଟି.)**



ଲୋକ ସଭା ନିର୍ବାଚନ ପରେ ଯଦି କେନ୍ଦ୍ରରେ ବିରୋଧୀ ମେଣ୍ଟ କ୍ଷମତାକୁ ଆସେ ତେବେ ବିମୁଦ୍ରୀକରଣର ତଦନ୍ତ କରାଯିବା ସହ ଯୋଜନା କମିଶନ ପୁନଃ କାର୍ଯ୍ୟକାରୀ କରାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଧ୍ୟକ୍ଷ ମମତା ବାନାର୍ଜୀ ପ୍ରତିଶ୍ରୁତି ଦେଇଛନ୍ତି। ଦଳର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିବା ଅବସରରେ ସେ କହିଛନ୍ତି, ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବର୍ଷକୁ ୧୦୦ ଦିନ ବଦଳରେ ୨୦୦ ଦିନ କାମ ଯୋଗାଇ ଦିଆଯିବା ସହ ମଜୁରି ଦୁଇଗୁଣ କରାଯିବ। ନୀତି ଆୟୋଗର କୌଣସି ଆବଶ୍ୟକତା ନାହିଁ। ଜିଏସ୍‌ଟିର ସମୀକ୍ଷା କରାଯିବ। ଯଦି ଏହା ପ୍ରକୃତରେ ଲୋକଙ୍କୁ ସହାୟତା କରୁଥାଏ ତେବେ ରହିବ ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି। ବିଏସ୍‌ଏଫର ପୂର୍ବତନ ଡିଜି କେ.କେ. ଶର୍ମାଙ୍କୁ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଲାଗି ସ୍ୱତନ୍ତ୍ର ପୋଲିସ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବାରୁ ମମତା ଏହାର ବିରୋଧ କରିଛନ୍ତି। ଜଣେ ଅବସରପ୍ରାପ୍ତ ଅଧିକାରୀ କିପରି ପୋଲିସ ମୁତୟନର ତଦାରଖ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଶର୍ମା ତାଙ୍କ କାର୍ଯ୍ୟକାଳ ସମୟରେ ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ବୋଲି ମମତା ଅଭିଯୋଗ କରିଛନ୍ତି।

# 'କଂଗ୍ରେସ ଚାହିଁଲେ ନିର୍ବାଚନ ଲଢ଼ିବି'

**ଅମେଠି,୨୭।୩**

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ନିର୍ବାଚନ ଲଢ଼ିବା ପାଇଁ ପ୍ରଥମଥର ସଙ୍କେତ ଦେଇଛନ୍ତି। କଂଗ୍ରେସ ଚାହିଁଲେ ସେ ନିର୍ବାଚନରେ ନିଶ୍ଚୟ ପ୍ରତିଦ୍ୱନ୍ଦ୍ୱିତା କରିବେ। କିନ୍ତୁ ଦଳ ପକ୍ଷରୁ ଏନେଇ ନିଷ୍ପତ୍ତି ନିଆଯାଇନାହିଁ ବୋଲି ପ୍ରିୟଙ୍କା କହିଛନ୍ତି।



**[ଇତିହାସର ଆଇନାରେ]**

### ମାର୍ଚ୍ଚ ୨୮ର ପ୍ରମୁଖ ଘଟଣା

୧୯୯୩ ମାର୍ଚ୍ଚ ୨୮ରେ ଜିଆଙ୍ଗ ଜେମିନ୍ ପିପୁଲ୍ସ ରିପବ୍ଲିକ୍ ଅଫ ଚାଇନାର ରାଷ୍ଟ୍ରପତି ନିଯୁକ୍ତ ହୋଇଥିଲେ। ସେ ୧୯୮୯ରୁ ୨୦୦୨ ପର୍ଯ୍ୟନ୍ତ ଚାଇନା କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ଏବଂ ୧୯୮୯ରୁ ୨୦୦୪ ଏହାର କେନ୍ଦ୍ରୀୟ ମିଲିଟାରୀ କମିଶନ ଅଧ୍ୟକ୍ଷ ରହିଥିଲେ। ସେ ୧୯୯୩ରୁ ୨୦୦୩ ପର୍ଯ୍ୟନ୍ତ ରାଷ୍ଟ୍ରପତି ପଦରେ ରହିଥିଲେ।

୨୦୧୬ ମାର୍ଚ୍ଚ ୨୮ରେ ଲାହୋରସ୍ଥିତ ଗୁଲଶନ୍-ଇ-ଇକ୍‌ବାଲ ପାର୍କରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଏଥିରେ ୭୦ ଜୀବନ ଯାଇଥିବାବେଳେ ୩୦୦ ଲୋକ ଆହତ ହୋଇଥିଲେ। ଖ୍ରୀଷ୍ଟିଆନମାନେ ଇଷ୍ଟର ପର୍ବ ପାଳନ କରୁଥିବାବେଳେ ସେମାନଙ୍କୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଥିଲା। ପାକିସ୍ତାନୀ ତାଲିବାନୀ ଆତଙ୍କବାଦୀ ସଂଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା।

# କଂଗ୍ରେସରେ ଊର୍ମିଳା

**ନୂଆଦିଲ୍ଲୀ/ମୁମ୍ବାଇ, ୨୭।୩(ଆଇଏଏନ୍‌ଏସ୍)**

ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ବଲିଉଡ୍ ଅଭିନେତ୍ରୀ ଊର୍ମିଳା ମାତୋଣ୍ଡକର ବୁଧବାର କଂଗ୍ରେସରେ ଯୋଗଦେଇଛନ୍ତି। ସେ ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରି ଦଳରେ ସାମିଲ ହୋଇଛନ୍ତି। ରାହୁଲ ତାଙ୍କୁ ଦଳକୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଊର୍ମିଳା କହିଛନ୍ତି, ସେ କଂଗ୍ରେସର ବିଚାରଧାରା ଓ ଆଭିମୁଖ୍ୟରେ ବିଶ୍ୱାସ କରୁଥିବାରୁ ଦଳରେ ମିଶିଛନ୍ତି। ନିର୍ବାଚନ ପାଇଁ ସେ ସାମିଲ ହୋଇନାହାନ୍ତି। ଆନୁଷ୍ଠାନିକ ଭାବେ ରାଜନୀତିକୁ ଆସିଥିବାରୁ ଏହା ତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ୧୯୮୩ରେ 'ମାସୁମ୍' ଫିଲ୍ମରେ ଜଣେ ଶିଶୁ କଳାକାର ଭାବେ ଅଭିନୟ ଆରମ୍ଭ କରିଥିବା ୪୫ ବର୍ଷୀୟା ଊର୍ମିଳାଙ୍କୁ ନର୍ଥ ମୁମ୍ବାଇ ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ କରିପାରେ। ଏଠାରୁ ଟିକେଟ ମିଳିଲେ ସେ ଭାଜପା ଏମ୍‌ପି ଗୋପାଳ ସେଟ୍ଟିଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମୁମ୍ବାଇର ୬ ଲୋକ ସଭା ଆସନରେ ଏପ୍ରିଲ ୨୯ରେ ନିର୍ବାଚନ ହେବ।



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସହ ଅଭିନେତ୍ରୀ ଊର୍ମିଳା ମାତୋଣ୍ଡକର।

## ସରବ୍‌ଜିତ୍‌ଙ୍କ ଭଉଣୀ ଭାଜପା ଟିକେଟ ଆଶାୟୀ

**ଚଣ୍ଡିଗଡ଼,୨୭।୩(ଆଇଏଏନ୍‌ଏସ୍)**

ପାକିସ୍ତାନ ଜେଲ୍‌ରେ ଥିବାବେଳେ କଏଦୀଙ୍କ ଆକ୍ରମଣର ଶିକାର ହୋଇ ୨୦୧୩ରେ ପ୍ରାଣ ହରାଇଥିବା ସରବ୍‌ଜିତ୍ ସିଂଙ୍କ ଭଉଣୀ ଦଲବୀର କୌର ହରିୟାଣାର ସିର୍ସା ଲୋକ ସଭା ଆସନରୁ ନିର୍ବାଚନ ଲଢ଼ିବା ପାଇଁ ଆଗ୍ରହୀ। ସେ ଭାଜପା ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଦଳକୁ ଟିକେଟ ମାଗିଥିବା ଜଣାପଡ଼ିଛି। ଦଲବୀର ହରିୟାଣା ରାଜ୍ୟ ସଭାପତି ସୁଭାଷ ବରାଲଙ୍କୁ ସାକ୍ଷାତ କରିଛନ୍ତି। ଦଳ ତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ଦେଲେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ ଓ ଜିତିବେ ବୋଲି ଦଲବୀର କହିଛନ୍ତି। ଭାଜପାର ଜଣେ ବରିଷ୍ଠ ନେତାଙ୍କ ଅନୁସାରେ ଦଳର ନେତୃତ୍ୱ ଏନେଇ ନିଷ୍ପତ୍ତି ନେବେ। ମେ ୧୨ରେ ରାଜ୍ୟର ୧୦ ଲୋକ ସଭା ଆସନରେ ଭୋଟଗ୍ରହଣ କରାଯିବ। ପ୍ରକାଶ ଯେ, ଦଲବୀର ୨୦୧୬ ଡିସେମ୍ବର ୨୫ରେ ଭାଜପାରେ ଯୋଗଦେଇଥିଲେ।

# ଶପଥ ନେଲେ ୮ ଲୋକପାଳ ସଦସ୍ୟ



ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଲୋକପାଳ ଅଧ୍ୟକ୍ଷ ଜଷ୍ଟିସ୍ ପିନାକୀ ଚନ୍ଦ୍ର ଘୋଷଙ୍କ ସହ ଦୁର୍ନୀତି ନିରୋଧୀ ସଂସ୍ଥାର ନବନିଯୁକ୍ତ ସଦସ୍ୟମାନେ।

**ନୂଆଦିଲ୍ଲୀ,୨୭।୩(ପି.ଟି.)**

ଲୋକପାଳର ନବନିଯୁକ୍ତ ସମସ୍ତ ୮ ସଦସ୍ୟ ବୁଧବାର ଶପଥ ଗ୍ରହଣ କରିଛନ୍ତି। ଲୋକପାଳ ଅଧ୍ୟକ୍ଷ ଜଷ୍ଟିସ୍ ପିନାକୀ ଚନ୍ଦ୍ର ଘୋଷ ସଦସ୍ୟ ଜଷ୍ଟିସ୍ ଦିଲୀପ ବି ଭୋସଲେ, ପ୍ରଦୀପ କୁମାର ମହାନ୍ତି, ଅଭିଲାଷା କୁମାରୀ ଏବଂ ଅଜୟ କୁମାର ତ୍ରିପାଠୀଙ୍କୁ ଶପଥପାଠ କରାଇଥିଲେ। ଏମାନେ ବିଭିନ୍ନ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି। ଏହାବ୍ୟତୀତ ଅଣନ୍ୟାୟପାଳିକା ସଦସ୍ୟ ଭାବେ ସଶସ୍ତ୍ର ସୀମା ବଳର ପୂର୍ବତନ ପ୍ରଥମ ମହିଳା ମୁଖ୍ୟ ଅର୍ଚ୍ଚନା ରାମସୁନ୍ଦରମ୍, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟ ସଚିବ ଦିନେଶ କୁମାର ଜୈନ, ପୂର୍ବତନ ଆଇଆର୍‌ଏସ ଅଫିସର ମହେନ୍ଦର ସିଂ ଏବଂ ଗୁଜରାଟ କ୍ୟାଡରର ପୂର୍ବତନ ଆଇଏଏସ୍ ଅଫିସର ଇନ୍ଦ୍ରଜିତ ପ୍ରସାଦ ଗୌତମ ମଧ୍ୟ ଲୋକପାଳ ସଦସ୍ୟ ଭାବେ ଶପଥ ନେଇଛନ୍ତି। ଦେଶର ପ୍ରଥମ ଲୋକପାଳ ଜଷ୍ଟିସ୍ ଘୋଷଙ୍କୁ ଗତ ଶନିବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ପ୍ରକ୍ରିୟା ଶେଷ ସହିତ ଲୋକପାଳର କାର୍ଯ୍ୟକାରିତା ଆରମ୍ଭ ହୋଇଛ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ









# ଭାଜପା ନେତା ଯାଉଥିବା କାର୍‌ରୁ ୫.୩୬ ଲକ୍ଷ ଟଙ୍କା ଜବତ

ଦିଗପହଣ୍ଡି,୨୭।୩(ଡି.ଏନ.ଏ.)



ଗଞ୍ଜାମ ଜିଲା ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ବୁଧବାର ଭାଜପା ନେତା ଯାଉଥିବା ଏକ କାରରୁ ୫ଲକ୍ଷ ୩୬ ହଜାର ଟଙ୍କା ଜବତ ହୋଇଛି। କାରରେ ଥିବା ଗଜପତି ଜିଲା ଭାଜପା ପ୍ରଭାରୀଙ୍କ ସମେତ ୫ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ପରେ ଛାଡିଦେଇଛି। ପ୍ରାପ୍ତ ସୂଚନା ଆଧାରରେ ବ୍ରହ୍ମପୁରରୁ ମୋହନା ଅଭିମୁଖେ ଯାଉଥିବା ଏକ କାର୍ (ନଂ. ଓଆର୦୨ବିସି-୮୮୯୯)କୁ ପୁଞ୍ଜିକୟାଁ ଛକରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ଅଟକାଇଥିଲା। ଦିଗପହଣ୍ଡି ବ୍ଲକ ନିର୍ବାଚନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଅଦ୍ୱୈତ କୁମାର ସ୍ୱାଇଁ, ଦିଗପହଣ୍ଡି ବ୍ଲକ ନିର୍ବାଚନ କାର୍ଯ୍ୟାଳୟ ଷ୍ଟାଟିଷ୍ଟିକ୍ସ ସର୍ଭେଲାନ୍ସ ଟିମ୍‌ର ଫ୍ଲାଇଂ ସ୍କ୍ୱାଡ ସଦସ୍ୟ ବ୍ଲକ ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁ, ଦକ୍ଷ ପ୍ରସାଦ ଆଚାର୍ଯ୍ୟ, ରାଜସ୍ୱ ନିରୀକ୍ଷକ ରତ୍ନାକର ସ୍ୱାଇଁଙ୍କ ଉପସ୍ଥିତିରେ ପୋଲିସ ଏଏସଆଇ ବି.ଲାଛମୋୟା ରେଡ୍ଡୀ ଗାଡ଼ି ଯାଞ୍ଚ କରିଥିଲେ। ଯାଞ୍ଚବେଳେ ୨ଟି ଏୟାର ବ୍ୟାଗରେ ୫ଲକ୍ଷ ୩୬ ହଜାର ଟଙ୍କା ଥିବା ଜଣାପଡ଼ିଥିଲା। ପୋଲିସ ଗାଡ଼ିରେ ବସିଥିବା ଗଜପତି ଜିଲା ଭାଜପା ପ୍ରଭାରୀ ପବିତ୍ର ମୋହନ ଦାସ, ଗଞ୍ଜାମ ଜିଲା କାର୍ଯ୍ୟକର୍ତ୍ତା କୁଞ୍ଜ ବିହାରୀ ପାଣିଗ୍ରାହୀ, ଯାଜପୁର ଜିଲା ବଡଚଣା ଥାନା ଖଇରା ଗ୍ରାମର ହୃଷୀକେଶ ବାରିକ, ବିଶ୍ୱମୋହନ ଦାସ ଓ ଗାଡି ଚାଳକ ପବିତ୍ର ନାୟକଙ୍କୁ ଥାନାକୁ ନେଇଥିଲେ। ଟଙ୍କା ବ୍ୟାଗ ଥିବା କାରଟି ବ୍ରହ୍ମପୁରରୁ ଗଜପତି ଜିଲା ମୋହନା ଯାଉଥିବା ବେଳେ ଧରାପଡ଼ିଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ତହସିଲଦାର ସ୍ୱାଇଁ ଜଣାଇଛନ୍ତି। ତାଙ୍କ ପରାମର୍ଶକ୍ରମେ ପଦାରବିନ୍ଦ ସାହୁ ଏନେଇ ଦିଗପହଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

■ ପାରଳା ଗଣ ମୃତ୍ୟୁ ମାମଲା

# ବିଧାୟକ କେ. ସୂର୍ଯ୍ୟା ରାଓଙ୍କୁ ଆଗୁଆ ଜାମିନ

କଟକ ଅଫିସ, ୨୭।୩:

୨୦୧୬ରେ ପାରଳାଖେମୁଣ୍ଡି ରାଜପ୍ରାସାଦ ଭିତରେ ଘଟିଥିବା ବହୁଚର୍ଚ୍ଚିତ ଗଣମୃତ୍ୟୁ ମାମଲାରେ ପାରଳାଖେମୁଣ୍ଡି ବିଧାୟକ ତଥା କଂଗ୍ରେସ ପ୍ରାର୍ଥୀ କେ. ସୂର୍ଯ୍ୟା ରାଓ ଏବଂ ଭାଜପା ନେତା କେ. ରାବଣାଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ଉଭୟେ ପୋଲିସ ନିକଟରେ ବେଲ୍‌ବଣ୍ଡ ଦାଖଲ କରି ଜାମିନରେ ଯିବେ ବୋଲି ବିଚାରପତି ଜଷ୍ଟିସ ଏସ୍.କେ. ମିଶ୍ର ଆଦେଶ ଦେଇଛନ୍ତି। ସୂଚନାଥାଉ କି, ୨୦୧୬ ଅଗଷ୍ଟ ୨୧ ତାରିଖରେ ଏହି ଚାଞ୍ଚଲ୍ୟକର ଘଟଣା ଘଟିଥିଲା। ପାରଳା ମହାରାଜାଙ୍କୁ ବନ୍ଦୀ ରଖିଥିବା ନେଇ ରାଜପ୍ରାସାଦର ପରିଚାଳକ ଓ ତାଙ୍କ ପରିବାର ଲୋକଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା। ଉକ୍ତ ଘଟଣାରେ ଅପମାନବୋଧ କରି ପରିଚାଳକ ଅନଙ୍ଗ ମଞ୍ଜରୀ ପାତ୍ର ଓ ତାଙ୍କ ସମ୍ପର୍କୀୟ ବିଜୟଲକ୍ଷ୍ମୀ ପାତ୍ର, ସଞ୍ଜୟ ପାତ୍ର ଆତ୍ମହତ୍ୟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ପରେ ଏହି ଘଟଣାରେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧିନ ଥିବା ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଥିଲା। ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ କରି ବିଧାୟକ ରାଓ ଏବଂ କେ. ରାବଣାଙ୍କ ସମେତ ୩ ଜଣଙ୍କ ବିରୋଧରେ ଏତଲା ଦାଏର କରିଥିଲା। କ୍ରାଇମବ୍ରାଞ୍ଚ ଗିରଫଦାରିରୁ ବର୍ତ୍ତିବା ପାଇଁ ବିଧାୟକ ଏବଂ ରାବଣା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ଉଭୟଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଥିଲେ। ବୁଧବାର ଏହି ୨ ଜଣଙ୍କୁ ଆଗୁଆ ଜାମିନ ମଞ୍ଜୁର ହୋଇଛି। ଆବେଦନକାରୀ ଦ୍ୱୟଙ୍କ ପକ୍ଷରୁ ଆଡଭୋକେଟ ପ୍ରସନ୍ନ କୁମାର ମିଶ୍ର ଓ ପ୍ରସନ୍ନ ପାଢୀ ମାମଲା ପରିଚାଳନା କରୁଥିଲେ।

NECC NATIONAL EGG CO-ORDINATION COMMITTEE 27.03.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 94 | 150 | 160 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers

# ରବିବାର ବ୍ୟାଙ୍କ ଖୋଲା ରହିବ

ନୂଆଦିଲ୍ଲୀ,୨୭।୩: ଆସନ୍ତା ରବିବାର ଅର୍ଥାତ ମାର୍ଚ୍ଚ ୩୧ରେ ନେଣଦେଣ କରୁଥିବା ସମସ୍ତ ବ୍ୟାଙ୍କ ଖୋଲା ରହିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ବ୍ୟାଙ୍କକୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ଚଳିତ ଆର୍ଥିକ ବର୍ଷର ଶେଷ ଦିନ ଅର୍ଥାତ୍ ମାର୍ଚ୍ଚ ୩୧ ରବିବାର ପଡୁଥିବାରୁ ଏହି ଦିନ ବ୍ୟାଙ୍କ ଖୋଲା ରଖିବାକୁ ଆର୍‌ବିଆଇ ନିଷ୍ପତ୍ତି ନେଇଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ସର୍କୁଲାର ଜାରି କରି କୁହାଯାଇଛି ଯେ, ଆସନ୍ତା ୩୧ ରବିବାର ସରକାରୀ ବ୍ୟବସାୟ କରୁଥିବା ସମସ୍ତ ବ୍ୟାଙ୍କ ଏବଂ ଏହାର ସମସ୍ତ ଶାଖା ଖୋଲା ରହିବ। ସମସ୍ତ ଶାଖାରେ ସରକାରୀ ନେଣଦେଣ ଲାଗି ମାର୍ଚ୍ଚ ୩୦ରେ ସନ୍ଧ୍ୟା ୮ଟା ଯାଏ ଏବଂ ମାର୍ଚ୍ଚ ୩୧ରେ ସନ୍ଧ୍ୟା ୬ଟା ଯାଏ ବ୍ୟାଙ୍କ ଖୋଲା ରହିବ। ଏଥିରେ କୁହାଯାଇଛି ଯେ, ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ସହିତ ସମସ୍ତ ପ୍ରକାର ଇଲେକ୍ଟ୍ରୋନିକ କାରବାର ମଧ ୩୦ ଓ ୩୧ରେ ବର୍ଦ୍ଧିତ ସମୟ ପର୍ଯ୍ୟନ୍ତ ଚାଲୁ ରହିବ।










ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ରଙ୍କ ହତ୍ୟା ଘଟଣା

# କଟା ହାତ ଜବତ, ଧକୋଠା ବଜାର ବନ୍ଦ



ଧକୋଠା ବଜାର ବନ୍ଦ ରହିଛି।

ଆନନ୍ଦପୁର, ୨୭।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକର ପୂର୍ବତନ ଅଧକ୍ଷ ତଥା ୨୦୧୪ରେ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ରାମଚନ୍ଦ୍ର ବେହେରା ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୁଧବାର ଘସିପୁରା ଥାନା ଧକୋଠା ବଜାର ବନ୍ଦ ରହିଥିଲା। ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ରାମଚନ୍ଦ୍ରଙ୍କ ଘରେ କେନ୍ଦୁଝର ଏସ୍‌ପି ଜୟନାରାୟଣ ପଙ୍କଜ ଉପସ୍ଥିତ ରହି ପରିବାରବର୍ଗଙ୍କୁ ହତ୍ୟାକାଣ୍ଡ ସମ୍ପର୍କରେ ପଚରାଉଚରା କରିଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଦୁର୍ବୃତ୍ତମାନେ କାଟି ନେଇଥିବା କଟା ହାତକୁ ଘସିପୁରା ପୋଲିସ ଧକୋଠା ଗ୍ରାମର ଏକ ପୋଖରୀ ନିକଟରୁ ଜବତ କରିଛି। ଏବେ ବି ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଦୁର୍ବୃତ୍ତମାନେ ରାମଚନ୍ଦ୍ରଙ୍କୁ କ'ଣ ପାଇଁ ହତ୍ୟା କଲେ ତାହାର କାରଣ ଖୋଜୁଛି ପୋଲିସ।

ମଙ୍ଗଳବାର ଆନନ୍ଦପୁର ଏସ୍‌ଡିପିଓ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆଇଆଇସି ବିରଞ୍ଚି ବାଗ୍ ଓ ପୋଲିସ ଫୋର୍ସଙ୍କ ତନଘନା ପରେ ହତ୍ୟାକାରୀମାନେ ବ୍ୟବହାର କରିଥିବା ଗୋଟିଏ ଟାଙ୍ଗିଆ, ଗୋଟିଏ କଟୁରି ଓ ଗୋଟିଏ ବାଇକ୍ ଜବତ ହୋଇଛି। ପୂର୍ବରୁ ପୋଲିସ ଏକ ଭୁଜାଲି ଓ ଏକ ଖଣ୍ଡା ଜବତ କରିଥିଲା। ଏସ୍‌ପିଙ୍କ ନେତୃତ୍ୱରେ ହତ୍ୟାକାଣ୍ଡର ତଦନ୍ତ କାର୍ଯ୍ୟ ଜୋର ଧରିଛି। ରାମଚନ୍ଦ୍ରଙ୍କ ଘର ଆଗରେ ପୋଲିସ ଫୋର୍ସ ମୁତୟନ ହୋଇଛି। ଅନ୍ୟମାନଙ୍କୁ ଗିରଫ କରି କଠୋର ଦଣ୍ଡ ଦେବା ପାଇଁ ରାମଚନ୍ଦ୍ରଙ୍କ ଝିଅ ମୀନାରାଣୀ ବେହେରା ଦାବି କରିଛନ୍ତି। ଏପରିକି ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଯାଉ ବୋଲି ମୀନାରାଣୀ ଦାବି କରିଛନ୍ତି।








“ଯେତେବେଳେ ଜଣେ ପରିବେଶ ପାଇଁ କିଛି କରୁଛି, ଅନ୍ୟ କାହା ପାଇଁ କରୁଛି ବୋଲି ଚିନ୍ତା କରିବା ଉଚିତ ନୁହେଁ । ନିଜ ପାଇଁ କରୁଥିବା ଅନୁଭବ କରିବାକୁ ହେବ ।
– ଜୁହି ଚାଓ୍ବଲା, ବଲିଉଡ୍ ଅଭିନେତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ମୋନାଲିସା ପରିବାରବର୍ଗ | ସିମି ପରିବାରବର୍ଗ | ଲୋକନାଥ ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ଗ୍ରୀଷ୍ମ ମୁକାବିଲା ପାଇଁ ଆକ୍ସନ ପ୍ଲାନ୍

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ରାଜ୍ୟରେ ଉପରମୁହାଁ ହୋଇଛି ପାରଦ। ମାର୍ଚ୍ଚ ଶେଷ ସପ୍ତାହରେ କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଡେଇଁଗଲାଣି। ଆଗକୁ ତାତି ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହର ମୁକାବିଲା କରିବା ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସଡମା) ପକ୍ଷରୁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି।

ଏପ୍ରିଲ ପହିଲାରୁ ଜିଲା, ସବ୍‌ଡିଭିଜନ ଏବଂ ବ୍ଲକସ୍ତରରେ ନିୟନ୍ତ୍ରଣ କକ୍ଷ ଖୋଲାଯିବ। ଏହା ଜୁନ୍ ୧୫ ଯାଏ ଖୋଲାରହିବ। ଏପ୍ରିଲ ୧ରୁ ଜୁନ୍ ୧୫ ଯାଏ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ସାଢ଼େ ୩ଟା ଯାଏ ନିର୍ମାଣ କିମ୍ବା ଶାରୀରିକ କାର୍ଯ୍ୟ ଉପରେ କଟକଣା ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଚଳାଚଳ କରୁଥିବା ଯାତ୍ରୀବାହୀ ଯାନବାହନଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବସ୍‌ରେ ଫାଷ୍ଟଏଡ୍, ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ ବ୍ୟବସ୍ଥା କରିବାକୁ କୁହାଯାଇଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବାକୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଜିଲାସ୍ତରରେ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ନିୟମିତ ବ୍ୟବଧାନରେ ସମୀକ୍ଷା କରିବେ। ରାଜ୍ୟ, ଜିଲା ଏବଂ ବ୍ଲକସ୍ତରରେ ନୋଡାଲ ଅଫିସରଙ୍କୁ ନିଯୁକ୍ତି କରାଯାଇଛି। ସମ୍ପୃକ୍ତ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିବେ। ହସ୍ପିଟାଲଗୁଡିକ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ଯାଞ୍ଚ ମଧ୍ୟ କରିବେ। ଗ୍ରୀଷ୍ମ ପ୍ରବାହ ଏବଂ ଅଂଶୁଘାତଜନିତ ମୃତ୍ୟୁ ସମ୍ପର୍କିତ ସମସ୍ତ ତଥ୍ୟ ସଂଗ୍ରହ କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି। ଗ୍ରୀଷ୍ମ ମୁକାବିଲା ଲାଗି ବୁଧବାର ସଚିବାଳୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଏହି ସୂଚନା ଦେଇଛନ୍ତି।

ଅଂଶୁଘାତ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ସମସ୍ତ ସରକାରୀ ଡାକ୍ତରଖାନାକୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତ ଆକ୍ରାନ୍ତ ଯେପରି ସୁବିଧାରେ ଡାକ୍ତରଖାନା ଆସିପାରିବେ ସେ ଦିଗରେ ପଦକ୍ଷେପ ନେବା ଏବଂ ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ରେଡିଓ ମାଧ୍ୟମରେ ଅଂଶୁଘାତ ସତର୍କତା ସମ୍ପର୍କରେ ସଚେତନ କରାଯିବ। ଜରୁରିକାଳୀନ ମୁକାବିଲା ପାଇଁ ଡାକ୍ତରଖାନାରେ ପର୍ଯ୍ୟାପ୍ତ ପରିମାଣର ଓଆରଏସ୍ ପ୍ୟାକେଟ ମହଜୁଦ ରହିବ। ସରକାରୀ ହସ୍ପିଟାଲରେ ଯେପରି ବିଦ୍ୟୁତ କାଟ ନ ହେବ ସେ ଦିଗରେ ପଦକ୍ଷେପ ନିଆଯିବ। ଚଳିତବର୍ଷ ବ୍ଲକ ଓ ଜିଲାରେ ଗ୍ରୀଷ୍ମପ୍ରବାହ ସ୍ଥିତି ଅନୁଧ୍ୟାନ ଓ ପୂର୍ବାନୁମାନ ବ୍ୟବସ୍ଥା କରାଯାଇଛି। ସମସ୍ତ ଅଚଳ ନଳକୂପ ଏବଂ ପାନୀୟ ଜଳଯୋଗାଣ ପ୍ରକଳ୍ପଗୁଡ଼ିକୁ ପୁନଃକାର୍ଯ୍ୟକ୍ଷମ କରିବା, ନିୟମିତ ବ୍ୟବଧାନରେ ସେଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣା ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡିକୁ ଏପ୍ରିଲ ୨ରୁ ସକାଳୁଆ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସ୍କୁଲଗୁଡ଼ିକ ଯେପରି ୧୦ଟା ୩୦ ପର୍ଯ୍ୟନ୍ତ ଚାଲିବ ଏବଂ ୧୧ଟା ସୁଦ୍ଧା ପିଲାମାନେ ଘରକୁ ଫେରିଆସିବେ ସେ ନେଇ ଦୃଷ୍ଟିଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅଙ୍ଗନଓ୍ବାଡି କେନ୍ଦ୍ରଗୁଡ଼ିକୁ ୧୦ଟା ୩୦ ସୁଦ୍ଧା ବନ୍ଦ କରିବାକୁ କୁହାଯାଇଛି। ବନ୍ୟଜନ୍ତୁଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

### ଏପ୍ରିଲ ପହିଲାରୁ ଖୋଲିବ ନିୟନ୍ତ୍ରଣ କକ୍ଷ

- ୧୧ଟାରୁ ସାଢ଼େ ୩ଟା ଯାଏ ନିର୍ମାଣ କାମରେ କଟକଣା
- କ୍ଷେତ୍ର ପରିଦର୍ଶନ କରିବେ ନୋଡାଲ ଅଫିସର
- ସାଢ଼େ ୧୦ଟା ଯାଏ ଚାଲିବ ସ୍କୁଲ

## ପୂର୍ବତନ ପୋଲିସ ଏଆଇଜିଙ୍କୁ ଜେଲ୍‌ଦଣ୍ଡ

କଟକ ଅଫିସ, ୨୭।୩- ରାଜ୍ୟ ପୋଲିସ ମୁଖ୍ୟାଳୟର ପୂର୍ବତନ ଏଆଇଜି ତଥା ଅବସରପ୍ରାପ୍ତ ଆଇପିଏସ୍ ଅଫିସର ବୈଦ୍ୟନାଥ ଜେନାଙ୍କୁ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। କଟକ ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ଜେନାଙ୍କୁ ୨ ବର୍ଷ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୪ ମାସ ଜେଲ୍ ଦଣ୍ଡାଦେଶ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ଆପରାଧିକ ଷଡ଼ଯନ୍ତ୍ର ଓ ଠକେଇ ଆଦି ଦଫାରେ ବୈଦ୍ୟନାଥଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନାରେ ମାମଲା(ନଂ.୨୩/୧୯୯୧) ରୁଜୁ ହୋଇଥିଲା। ବୈଦ୍ୟନାଥଙ୍କ ଜାଲିଆତି କାମ ପାଇଁ ସରକାର କ୍ଷତି ସହିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ରାକେଶ ସାହୁ ମାମଲା ପରିଚାଳନା କରୁଥିଲେ। ସୂଚନାଥାଉ କି, ୨୦୧୧ ଡିସେମ୍ବର ୧୭ ତାରିଖରେ ଜେନାଙ୍କୁ କଟକ ଭିଜିଲାନ୍ସ ଥାନା କେସ୍ ନଂ. ୩୯/୧୯୯୦ରେ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ପକ୍ଷରୁ ଦଣ୍ଡିତ କରାଯାଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜେନାଙ୍କ ବିରୋଧରେ ଦଣ୍ଡବିଧାନ କରାଯାଇଥିଲା।


## classified

### real estate

### SALE

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66056

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100’ ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/-. 8658962508, 8480864171. D-66302

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

**Gharabari plot with 30’ road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65865

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-66307

ପିତାପଲ୍ଲିଛକ **NH-5ରୁ 100ft.** ଦୂରତାରେ **30’ road**କୁ ଲାଗି **BDA commercial plot** ବିକ୍ରିହେବ। **8917543041.** D-66309

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30’ road plot. 9348767829. D-65310

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

### ଜନ୍ମଦିନ ଶୁଭେଚ୍ଛା



ବଜରଙ୍ଗୀ, ଆଜି ତୋର ସ୍ୱନକ୍ଷତ୍ର ଅବସରରେ ପ୍ରଭୁ ବଜରଙ୍ଗୀବାଲୀଙ୍କର କୃପାରୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ବାବାଜୀ ଚରଣ ରାଉତ, ବ୍ରହ୍ମାନନ୍ଦ ରାଉତ, ଅଜୟ ରାଉତ, ଜେଜେ ମା, ମଝିଆ ମା, ସାନ ମା, ପାପା, ମାମା, ଭାଇ, ଭଉଣୀ ଏବଂ ଅନ୍ୟମାନେ।
ବୀର ବଜରଙ୍ଗୀ ସୁନ୍ଦରା ରାଉତ
ଚନ୍ଦନ ନଗର, ଆଳୀ, କେନ୍ଦ୍ରାପଡ଼ା
ଧ-୧୧୮୫୬

### ଜନ୍ମଦିନ ଶୁଭେଚ୍ଛା



**Suryapratap Tosh (Sai)**
**Address: Olasingh, Dist: Khordha**
ଆଜିର ଶୁଭ ଦିନରେ ଆମ୍ଭେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାପା, ବୋଉ, ଆଇ, ମାଉସୀ, ଦାଦା, ଖୁଡୀ, ଭାଇ, ବନ୍ଧୁ ଓ ପରିବାରବର୍ଗ। ଧ-୧୧୮୫୯

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜି ମହାପ୍ରଭୁଙ୍କ ବନକଲାଗି: ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ ଅଫିସ, ୨୭।୩: ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଥିପାଇଁ ଅପରାହ୍ଣ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ ଘଣ୍ଟା ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି ।


## ମନେ ପଡ଼ନ୍ତି

### ଶ୍ରଦ୍ଧା ସୁମନ



**ସ୍ୱର୍ଗତ ପ୍ରିୟରଞ୍ଜନ ନନ୍ଦ**
ପିତା- ଡଃ ସୁଧାନିଧି ନନ୍ଦ
ଆବିର୍ଭାବ: ଆଷାଢ କୃଷ୍ଣ ତ୍ରୟୋଦଶୀ ତା ୧୩।୦୫।୧୯୭୪ ରିଖ
ତିରୋଧାନ: ଚୈତ୍ର କୃଷ୍ଣ ଅଷ୍ଟମୀ ତା ୦୮।୦୩।୨୦୧୮ରିଖ
ବର୍ଷେ ବିତିଗଲା କାଳ ଡାକିନେଲା, ଚାଲିଗଲୁ ତୁ ଆମଠୁ ଦୂରେଇ। ଅଦିନେ ଝରିଲୁ ଅନ୍ତର ଦହିଲୁ, ମରମେ ବେଦନା ଭରିଲୁ। ଆଖିରୁ ତୋ ମୁହଁ ଝାପସା ହେଉନି, ହୃଦୟରୁ ଛବି ଟିକେ ମଉଳିନି। ବୁକୁତଳ ଲୁହ ଚିବୁକରେ ପୋଛି, ତୋ ଫେରା ପଥକୁ ଅନାଇ ବସିଛୁ। ହେ ଅଫେରା ପଥର ଯାତ୍ରୀ। ଶ୍ରଦ୍ଧା ସୁମନ କରୁଛୁ ଅର୍ପଣ, ଆଞ୍ଜୁଳେ ଲୋତକ ଭରି। ଶ୍ରଦ୍ଧାଞ୍ଜଳି ସହ: ପରିବାର ଓ ଆତ୍ମୀୟସ୍ୱଜନ। ଗ୍ରାମ- ଗଣେଶ୍ୱରପୁର, ଗୋପ, ପୁରୀ। ଧ-୧୧୮୫୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରମେଶ ଚନ୍ଦ୍ର ସ୍ୱାଇଁ**
ଗାଡ଼କଣ, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ତା ୧୭।୦୮।୧୯୫୯
ତିରୋଧାନ: ତା ୦୯।୦୩।୨୦୧୮
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା। ଆପଣଙ୍କର ପତ୍ନୀ, ପୁତ୍ର, ପୁତ୍ରବଧୂ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୧୧୮୫୮


### ପ୍ରଥମ ପୃଷ୍ଠାରୁ...

## ମହାକାଶରେ ଭାରତ...

ଆର୍ଥିକ ଅଭିବୃଦ୍ଧି ଏବଂ ପ୍ରଯୁକ୍ତିର ଅଗ୍ରଗତିରେ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ତେବେ ଭାରତ ମହାକାଶରେ ଅସ୍ତ୍ର ପ୍ରତିଯୋଗିତା ବିରୋଧୀ ହୋଇଥିବାରୁ ଏହି କ୍ଷମତା କୌଣସି ଦେଶ ବିରୋଧରେ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ସାଟେଲାଇଟ ବିଧ୍ୱଂସୀ ଅସ୍ତ୍ରର ସଫଳ ପରୀକ୍ଷା ଲାଗି ବିରୋଧୀ ଦଳ ସମେତ ବିଭିନ୍ନ ମହଲରୁ ଡିଆରଡିଓକୁ ପ୍ରଶଂସା କରାଯାଇଛି। ତେବେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆଉ ମାତ୍ର ଦୁଇସପ୍ତାହ ଥିବାବେଳେ ମିଶନ ଶକ୍ତିର ସଫଳତାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ବିରୋଧୀ ଦଳଗୁଡ଼ିକୁ କ୍ଷୁବ୍ଧ କରିଛି। ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେବା ଲାଗି ସେମାନେ ଚେତାବନୀ ଦେଇଛନ୍ତି। ମୋଦି ଟେଲିଭିଜନରେ ବାର୍ତ୍ତା ଦେଇ ଅନ୍ୟ ପ୍ରସଙ୍ଗରୁ ଦେଶବାସୀଙ୍କ ଧ୍ୟାନ ହଟାଇବାକୁ ଉଦ୍ୟମ କରିଥିବା ସମାଜବାଦୀ ପାର୍ଟି ନେତା ଅଖିଲେଶ ଯାଦବ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ପରିହାସ କରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାଙ୍କୁ ବିଶ୍ୱ ନାଟକ ଦିବସର ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସ୍ରୋ ଏବଂ ଡିଆର୍‌ଡିଓର ବୈଜ୍ଞାନିକମାନଙ୍କୁ ଉଚ୍ଚପ୍ରଶଂସା କରିଛନ୍ତି। ତେବେ ମୋଦି ସେମାନଙ୍କଠାରୁ ଶ୍ରେୟ ଛଡାଇନେବାକୁ ଉଦ୍ୟମ କରୁଛନ୍ତି ବୋଲି ମମତା ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାବେଳେ ମିଶନ ଶକ୍ତି ଘୋଷଣା ଜରୁରୀ ନ ଥିଲା। ବୁଡିଯାଉଥିବା ଭାଜପା ନୌକାକୁ ରକ୍ଷାକରିବା ପାଇଁ ମିଶନ ଶକ୍ତି ଅମ୍ଳଜାନ ସଦୃଶ ବ୍ୟବହାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି।



ବିରୋଧୀ ଦଳଗୁଡିକର ଅଭିଯୋଗକୁ ଭାଜପା ପକ୍ଷରୁ ଖଣ୍ଡନ କରାଯାଇଛି। ଆଣବିକ ଗବେଷଣା ଏକ ନିରବଚ୍ଛିନ୍ନ କାର୍ଯ୍ୟକ୍ରମ। ଏହାକୁ ରୋକାଯାଇପାରିବ ନାହିଁ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି। ଦେଶର ନିରାପତ୍ତା ପ୍ରସଙ୍ଗ ଆଦର୍ଶ ଆଚରଣ ବିଧି ଅନ୍ତର୍ଗତ ନୁହେଁ ବୋଲି ନିର୍ବାଚନ କମିଶନଙ୍କ ସୂତ୍ରରୁ କୁହାଯାଇଛି।

ଭାରତ ଶତ୍ରୁ ପକ୍ଷର ସାଟେଲାଇଟ ଧ୍ୱଂସକରିବା କ୍ଷମତା ପ୍ରାପ୍ତ ହୋଇଥିବାବେଳେ ଦୁଇ ପଡୋଶୀ ଦେଶ ଚାଇନା ଓ ପାକିସ୍ତାନ ଏଥିରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମିଶନ ଶକ୍ତିକୁ ପାକିସ୍ତାନ ବିରୋଧ କରିଥିବାବେଳେ ଚାଇନା ମାପିଚୁପି ପ୍ରତିକ୍ରିୟା ଦେଇଛି। ଭାରତ ମହାକାଶରେ ସାମରିକ ଆତଙ୍କ ସୃଷ୍ଟି କରିଛି। ବିଶ୍ୱ ସମୁଦାୟ ଏହାକୁ ନିନ୍ଦାକରିବା ଲାଗି ଇସ୍‌ଲାମାବାଦ ଆହ୍ୱାନ ଦେଇଛି। ଅନ୍ୟପକ୍ଷରେ ସମସ୍ତ ଦେଶ ମହାକାଶରେ ଶାନ୍ତି ବଜାୟ ରଖିବେ ବୋଲି ବେଜିଂ ଆଶାବ୍ୟକ୍ତ କରିଛି। ମହାକାଶ ମାନବଜାତିର ସାଧାରଣ ଐତିହ୍ୟ ହୋଇଥିବାରୁ ଏହାର ସାମରିକୀକରଣ ଲାଗି ହେଉଥିବା ଉଦ୍ୟମକୁ ଦୂରକରିବା ପ୍ରତ୍ୟେକ ରାଷ୍ଟ୍ରର ଦାୟିତ୍ୱ ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଏ-ସାଟ୍ କ’ଣ

ନୂଆଦିଲ୍ଲୀ, ୨୭।୩

ଆଣ୍ଟି-ସାଟେଲାଇଟ୍ (ଏ-ସାଟ୍) ହେଉଛି ଏକ କ୍ଷେପଣାସ୍ତ୍ର ଯାହା ଯୁଦ୍ଧବେଳେ ଶତ୍ରୁପକ୍ଷର ସାଟେଲାଇଟ୍‌କୁ ମହାକାଶରେ ଧ୍ୱଂସ କରିପାରିବ। ଏହାକୁ ଅନ୍ୟ ସାମରିକ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରାଯାଇପାରିବ। ଭାରତକୁ ମିଶାଇ ମାତ୍ର ୪ଟି ଦେଶ ପାଖରେ ଏହି ଅସ୍ତ୍ର ରହିଥିବାବେଳେ ଏପର୍ଯ୍ୟନ୍ତ କେହି ଏହାକୁ ଯୁଦ୍ଧରେ ବ୍ୟବହାର କରିନାହାନ୍ତି। କେବଳ ନିଜକୁ ମହାଶକ୍ତି ଭାବେ ଦେଖାଇବା ଲାଗି ଏହାର ପ୍ରଦର୍ଶନ କରିଛନ୍ତି।

ମିଶନ ଶକ୍ତିର ଏହି ସଫଳତା ଫଳରେ ଆମେରିକା, ଚାଇନା ଓ ରୁଷିଆ ପରେ ଭାରତ ମହାକାଶ ସୁପରପାଓ୍ବାର ଏଲିଟ୍ କ୍ଲବ୍‌ରେ ସାମିଲ ହୋଇପାରିଛି। ଶତ୍ରୁପକ୍ଷର ସାଟେଲାଇଟକୁ ଧ୍ୱଂସକରିବା ଲାଗି ଭାରତ ପାଖରେ ଏଭଳି ଅସ୍ତ୍ର ରହିବା ଆବଶ୍ୟକ ବୋଲି ୨୦୧୦ ଫେବୃୟାରୀରେ ଡିଆରଡିଓର ତତ୍କାଳୀନ ମହାନିର୍ଦ୍ଦେଶକ ତଥା ବୈଜ୍ଞାନିକ ଉପଦେଷ୍ଟା ଡ. ଭି.କେ. ସାରସ୍ୱତ ସରକାରଙ୍କୁ ପରାମର୍ଶ ଦେଇଥିଲେ। ବୁଧବାର ଭାରତ ଏ-ସାଟ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଛି ଯାହା ପୃଥିବୀ ଠାରୁ ୩୦୦ କିଲୋମିଟର ଦୂର କକ୍ଷପଥରେ ଅବସ୍ଥାପିତ ସାଟେଲାଇଟକୁ ୩ ମିନିଟରେ ଧ୍ୱଂସ କରିଛି। ଆମେରିକା ପ୍ରଥମେ ଏ-ସାଟ୍ କ୍ଷେପଣାସ୍ତ୍ରର ବିକାଶ କରିଥିଲେ ମଧ୍ୟ ଅନେକ ଥର ପରୀକ୍ଷାରେ ବିଫଳ ହୋଇଥିଲା। ଶେଷରେ ୨୦୦୮ରେ ଏହାକୁ ସଫଳତା ମିଳିଥିଲା। ୨୦୦୭ ଜାନୁୟାରୀରେ ଚାଇନା ଏବଂ ୨୦୧୫ରେ ରୁଷିଆ ସାଟେଲାଇଟ ଧ୍ୱଂସ କରିବାରେ ସଫଳ ହୋଇଥିଲେ।

## ମୋଦିଙ୍କୁ ‘ବିଶ୍ୱ ନାଟକ ଦିବସ’ର ଶୁଭେଚ୍ଛା ଜଣାଇଲେ ରାହୁଲ

ନୂଆଦିଲ୍ଲୀ, ୨୭।୩

ଏ-ସାଟ୍ କ୍ଷେପଣାସ୍ତ୍ର ସହାୟତାରେ ଭାରତ ମହାକାଶରେ ସାଟେଲାଇଟ ଧ୍ୱଂସ କରିବାରେ ସଫଳ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ସମ୍ପର୍କରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏଭଳି ଘୋଷଣାକୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପରିହାସ କରି ତାଙ୍କୁ ‘ବିଶ୍ୱ ନାଟକ ଦିବସ’ର ଶୁଭେଚ୍ଛା ଜଣାଇଛନ୍ତି। ଉଦ୍‌ବୋଧନ ବେଳେ ପ୍ରଧାନମନ୍ତ୍ରୀଙ୍କ ଅଭିବ୍ୟକ୍ତି ତାଙ୍କର ହତାଶା ଭାବକୁ ସ୍ପଷ୍ଟ କରିଛି। ତାଙ୍କର କ୍ଷମତାରୁ ଯିବା ସମୟ ଆସିଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ଭୟଭୀତ ବୋଲି ରାହୁଲ କହିଛନ୍ତି। ଦଳର ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଶାଖାର ଏକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ରାହୁଲ କହିଥିଲେ, କଂଗ୍ରେସ ଗରିବଙ୍କୁ ନ୍ୟାୟ ଦେଇପାରିବ ଏହା ପ୍ରଧାନମନ୍ତ୍ରୀ ବୁଝିସାରିଲେଣି। ସେଥିପାଇଁ ସେ ଘୋଷଣା କରିବା ପାଇଁ ଦେଶବାସୀଙ୍କୁ ୪୫ ମିନିଟ ପ୍ରତୀକ୍ଷାରେ ରଖିଥିଲେ ବୋଲି ରାହୁଲ କହିଛନ୍ତି। ଅନ୍ୟପକ୍ଷରେ ସେ ଡିଆର୍‌ଡିଓକୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ କାର୍ଯ୍ୟ ଦେଶକୁ ଗର୍ବିତ କରିଥିବା କହିଛନ୍ତି।

## ୭ ଲୋକ ସଭା ...

ବିଜୟଶ୍ରୀ ରାଉତରାୟ ପୂର୍ବରୁ ନିର୍ବାଚନ ଲଢ଼ିବା ପାଇଁ ମନାକରିଥିଲେ। ସେ ପ୍ରତିନିଧିତ୍ୱ କରୁଥିବା ବାସୁଦେବପୁର ବିଧାନସଭାରୁ ତାଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟଙ୍କୁ ପ୍ରାର୍ଥୀ କରାଯାଇଛି।

୨୦୧୪ରେ ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ଭାବେ ଜିତିଥିବା ଉମାକାନ୍ତ ସାମନ୍ତରାୟଙ୍କୁ ଏଥର ଦଳୀୟ ଟିକେଟ ମିଳିଛି। ରଣପୁରରେ ରବିନାରାୟଣ ମହାପାତ୍ରଙ୍କ ବଦଳରେ ସତ୍ୟ ନାରାୟଣ ପ୍ରଧାନ, ଢେଙ୍କାନାଳ ବିଧାନସଭା ଆସନରେ ସରୋଜ ସାମଲଙ୍କ ବଦଳରେ ସୁଧୀର ସାମଲ, ପାଟଣାରେ ହୃଷୀକେଶ ନାଏକଙ୍କ ବଦଳରେ ଜଗନ୍ନାଥ ନାଏକ, କେନ୍ଦୁଝରରେ ଅଭିରାମ ନାଏକଙ୍କ ବଦଳରେ ମାଧବ ସର୍ଦ୍ଦାର, କରଞ୍ଜିଆରେ ବିଜୟ ନାଏକଙ୍କ ବଦଳରେ ବାସନ୍ତୀ ହେମ୍ବ୍ରମ୍, ତେଲକୋଇରେ ବେଦବ୍ୟାସ ନାଏକଙ୍କ ବଦଳରେ ପ୍ରେମାନନ୍ଦ ନାଏକ ଏବଂ ରେମୁଣାରେ ସୁଦର୍ଶନ ଜେନାଙ୍କ ବଦଳରେ ସୁଧାଂଶୁ ଶେଖର ପରିଡାଙ୍କୁ ପ୍ରାର୍ଥୀ କରାଯାଇଛି। କୁଚିଣ୍ଡାରେ ପୂର୍ବ ପରାଜିତ ପ୍ରାର୍ଥୀ ଭୁବନେଶ୍ୱର କିଷାନ୍‌ଙ୍କୁ ବଦଳାଯାଇ କିଶୋର ଚନ୍ଦ୍ର ନାୟକଙ୍କୁ ପ୍ରାର୍ଥୀ କରାଯାଇଛି।

ସାଲେପୁର, ଆଳି, ମାହାଙ୍ଗା, ପାଟକୁରା, ଧର୍ମଶାଳା, ବିଞ୍ଝାରପୁର, ସୁକିନ୍ଦା, ସିମୁଳିଆ, ଚାନ୍ଦବାଲି, ଭଣ୍ଡାରିପୋଖରୀ, ବଡମ୍ବା-ନରସିଂହପୁର, ଆଠଗଡ଼, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ତାଳଚେର, ଅନୁଗୋଳ, ଛେଣ୍ଡିପଦା ଏବଂ ଘସିପୁରାରେ ପ୍ରାର୍ଥୀଙ୍କୁ ବଦଳାଯାଇନାହିଁ। ଘୋଷିତ ବିଧାୟକ ପ୍ରାର୍ଥୀ ତାଲିକାରେ ମାତ୍ର ୩ ଜଣ ମହିଳାଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ହିନ୍ଦୋଳରୁ ସୀମାରାଣୀ ନାଏକ, କରଞ୍ଜିଆରୁ ବାସନ୍ତୀ ହେମ୍ବ୍ରମ୍ ଏବଂ ବିଞ୍ଝାରପୁରରୁ ପ୍ରମିଳା ମଲ୍ଲିକ। ଘୋଷିତ ୯ ଲୋକ ସଭା ମଧ୍ୟରୁ ୩ଟିରେ ମହିଳା ପ୍ରାର୍ଥୀ ଦିଆଯାଇଛି। ଏମାନେ ହେଲେ ଜଗତ୍‌ସିଂହପୁରରୁ ଡ. ରାଜଶ୍ରୀ ମଲ୍ଲିକ, ଭଦ୍ରକରୁ ମଞ୍ଜୁଲତା ମଣ୍ଡଳ ଏବଂ ଯାଜପୁରରୁ ଅବସରପ୍ରାପ୍ତ ପ୍ରଶାସିକା ଶର୍ମିଷ୍ଠା ସେଠୀ। ପୂର୍ବରୁ ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ସମ୍ବଲପୁର ଏବଂ ରେଢାଖୋଲ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କବନ୍ଧଗ୍ରହ ସଙ୍ଗରେ କର୍ମାଧିପ ଚନ୍ଦ୍ରଙ୍କ ଶାନ୍ତ, ସୁଶୀଳତାକୁ ପରିବାରରେ ଭିନ୍ନଭାବରେ ପରିବେଷଣ କରିବ। ଅଶ୍ୱିନୀ ନକ୍ଷତ୍ର ଜଣାଶୁଣା ନ ଥାଇ ଆକସ୍ମିକ ଭାବରେ କୌଣସି ସମସ୍ୟା ଭିତରେ ଛନ୍ଦିହୋଇ ଯାଇପାରନ୍ତି। ଅବଶ୍ୟ ଆଜିର ଯାତ୍ରାରୁ ସୁଫଳ ପାଇବେ ଏବଂ ବନ୍ଧୁଙ୍କଠାରୁ ଧାର କରଜ କରି କାମ ଚଳାଇ ନେବେ। ନିଜ ଜିଦ୍‌ରେ ଅଟଳ ରହି କାମ କରିଚାଲିଲେ ସମସ୍ୟାକୁ ନିମନ୍ତ୍ରଣ କରିବେ ।

**ବୃଷ**
ବୁଧଙ୍କ ପ୍ରଭାବରେ ମୃଗଶିରା ନକ୍ଷତ୍ର ବନ୍ଧୁ ମାନଙ୍କ ସାହାଯ୍ୟ ଲାଭ କରି ଆଶ୍ୱସ୍ତି ଅନୁଭବ କରିବେ । ଚେଷ୍ଟା କରୁଥିବା କାମଟି ଆଜିହିଁ ଶେଷ କରିବା ପାଇଁ କଠିନ ଶ୍ରମ କରିବାକୁ ପଡିବ । କିନ୍ତୁ ବାଣିଜ୍ୟ, ଆପୋସ ଆଲୋଚନା ତଥା ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ ।

**ମିଥୁନ**
ମଙ୍ଗଳଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ଅଭିଳଷିତ ଜିନିଷ ପ୍ରାପ୍ତି ସକାଶେ ସମସ୍ୟାର ସମ୍ମୁଖୀନ କରାଇବ । କର୍ମକ୍ଷେତ୍ରରେ ଭୁଲବଶତଃ ସ୍ଥଗିତ କାମ ପାଇଁ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡିପାରେ । ଯାତ୍ରା, ମାଲିମକଦ୍ଦମା, ଜମିଜମା କାରବାର କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ଯୋଗୁ ପୁନର୍ବସୁ ଆଶ୍ୱସ୍ତି ଅନୁଭବ କରିବେ।

**କର୍କଟ**
କେବଳ ବୃହସ୍ପତିଙ୍କ ବ୍ୟତୀତ ରାହୁ ଓ କେତୁ ମଧ୍ୟରେ ସମସ୍ତ ଗ୍ରହ ଆଂଶିକ କାଳସର୍ପ ଯୋଗ ସୃଷ୍ଟିକରି ପରିବାରରେ ଅଶାନ୍ତି ସୃଷ୍ଟି କରିପାରନ୍ତି। ଅଶ୍ଳେଷା ନକ୍ଷତ୍ର ସକାଶେ ଦୈହିକ କିମ୍ବା ମାନସିକ ଅସୁସ୍ଥତା ଏହାର ପୃଷ୍ଠଭୂମି ମଧ୍ୟ ହୋଇପାରେ । ଅବଶ୍ୟ ଅର୍ଥାଭାବ ରହିବନି କିମ୍ବା ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ମଧ୍ୟ କମି ନ ପାରେ ।

**ସିଂହ**
ସମ୍ମାନର ସହ ନିଜର ସ୍ଥିତି ଓ ପ୍ରାଧାନ୍ୟତାକୁ ବଜାୟ ରଖିବା ସହ ଦକ୍ଷତାର ସହ କାର୍ଯ୍ୟ ସାଧନ କରିବେ । କିନ୍ତୁ କେତେକ କ୍ଷେତ୍ରରେ ମଘା ନକ୍ଷତ୍ର ଆତ୍ମସମ୍ମାନର ଦ୍ୱାହିଦେଇ ମସ୍ତକ ଅବନତ ନ କରି ସମାଲୋଚିତ ହୋଇପାରନ୍ତି। ଅଭାବ ଓ ଅସୁବିଧା ରହିଥିଲେ ମଧ୍ୟ ଦିନଚର୍ଯ୍ୟା, ବ୍ୟବସାୟ, ଯାତ୍ରା କ୍ଷେତ୍ରରେ ଓହରି ଯିବେନାହିଁ ।

**କନ୍ୟା**
ଶନିଯୁକ୍ତ ମନକାରକ ଚନ୍ଦ୍ର ସଙ୍ଗକୁ ବୁଧଙ୍କ ଦୁର୍ବଳତା ଫଳରେ ସ୍ୱକୀୟ ବିଚାରଧାରା ରହିବନାହିଁ। ଫଳରେ ଅନ୍ୟ ଦ୍ୱାରା ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପ୍ରଭାବିତ ହୋଇ ଭୁଲ୍ କାମରେ ମୁଣ୍ଡ ପୂରାଇପାରନ୍ତି। କଠିନ ପରିଶ୍ରମ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ । ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବା ଯୋଗୁ ସାମୟିକ ଖୁସୀ ରହିବେ।

**ତୁଳା**
ବୁଧଙ୍କ ବୌଦ୍ଧିକତା ଓ ବୃହସ୍ପତିଙ୍କ ବିଚାରଶକ୍ତି ଚିତ୍ରା ନକ୍ଷତ୍ର ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ । ଫଳରେ ପାରସ୍ପରିକ ସହୃଦୟତାର ବୁଝାମଣା ହେତୁ ପରିବାରରେ ସୁଖ ଶାନ୍ତି ରାଜୁତି କରିବ । ବ୍ୟବସାୟରେ ସଫଳତା ହାସଲ କରିବେ । କିନ୍ତୁ ଅଷ୍ଟମସ୍ଥ ମଙ୍ଗଳଙ୍କ କୁପ୍ରଭାବଜନିତ ପରିବାରରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ ।

**ବିଛା**
ଶିଥିଳତାର ଗ୍ରହ ଶନି ସଂସ୍ପର୍ଶରେ ଚନ୍ଦ୍ର ମାନସିକ ସ୍ତରରେ ଉଦାସୀନତା ସୃଷ୍ଟି କରିପାରେ । ଅନୁରାଧା ନକ୍ଷତ୍ର ସଭାସମିତି କିମ୍ବା ଆଲୋଚନା ପରିସରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ । କ୍ରୀଡା, ସାହିତ୍ୟ ଓ ଚଳଚ୍ଚିତ୍ରାଦିରେ ସୁନାମ ଅର୍ଜନ କରିବେ। ଯାନବାହନରେ ଯିବା ଆସିବା ସମୟରେ ସତର୍କତା ଅବଲମ୍ବନ କରିବା ଭଲ ହେବ ।

**ଧନୁ**
ନିଜର ଅସୁସ୍ଥ ମାନସିକତା ପରିବାର, କର୍ମକ୍ଷେତ୍ର ଓ ବନ୍ଧୁ ସମ୍ପର୍କକୁ ପ୍ରଭାବିତ କରିବ । ଭୁଲ୍ ବୁଝାମଣାରୁ ମୂଳା ନକ୍ଷତ୍ରର ପାରିବାରିକ ସମସ୍ୟା ବୃଦ୍ଧି ପାଇପାରେ । ଆଇନ, ଅଦାଲତ, ରାଜନୀତି ତଥା ଆଲୋଚନା କ୍ଷେତ୍ରରୁ ଶୁଭଫଳ ପାଇବେ । ସତ୍ୟତା ପରୀକ୍ଷା ବିନା ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର**
ବ୍ୟୟଭାବସ୍ଥ ଚନ୍ଦ୍ର ବିଭିନ୍ନ ଦୁର୍ଭାବନାରେ ମନକୁ ଅସ୍ଥିର କରିବ । ତଥାପି ଧନିଷ୍ଠା ନକ୍ଷତ୍ର ଆଜି ଦୀର୍ଘଦିନରୁ ଅଟକି ରହିଥିବା କୌଣସି କାର୍ଯ୍ୟ ହଠାତ୍ ଆରମ୍ଭ କରିବାକୁ ସ୍ଥିର କରିବେ । ଅପ୍ରୀତିକର ପରିସ୍ଥିତିଜନିତ ଘଟଣାର ଦିଗ ବଦଳି ଯାଇପାରେ । ଶିଳ୍ପ, ବ୍ୟବସାୟ, ପରିବହନ, ପ୍ରଶାସନ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ ବଢ଼ିଯିବାର ସୂଚନା ରହିଛି।

**କୁମ୍ଭ**
ଆଜି ଆପଣଙ୍କୁ କର୍ମକ୍ଷେତ୍ରରେ ଅଥବା ଆଲୋଚନା ପରିସରରେ ଯୁକ୍ତି ଓ ବିତର୍କରେ କିଏ ହରାଇପାରିବେ ନାହିଁ। କିନ୍ତୁ ଶତଭିଷା ନକ୍ଷତ୍ର ସକାଶେ ଯେତେ ପ୍ରକାରର ଉପାୟ ଅବଲମ୍ବନ କଲେ ମଧ୍ୟ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ । ପରିବାରରେ ବୁଝାମଣା ଠିକ୍ ରହିବ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ ।

**ମୀନ**
କେତେକ ସାଧାରଣ ବ୍ୟତିକ୍ରମ ମଧ୍ୟରେ ଆଜିର ଦିନଟି ଅତିବାହିତ ହେବ । କିନ୍ତୁ ରେବତୀ ନକ୍ଷତ୍ର ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ହାସଲ କରିପାରିବେ । ଅନ୍ୟାନ୍ୟ କ୍ଷେତ୍ରରେ ଏପରି କି ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ୍ୟ ହେବେ । ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ ।

ଆଜି ଚୈତ୍ର କୃଷ୍ଣପକ୍ଷର କାଳାଷ୍ଟମୀ ଗୁରୁବାର, ମାର୍ଚ୍ଚ ୨୮ ତାରିଖ, ଦିବା ଘ.୧୦।୫୬ ମି. ଗତେ, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୦ମି. ଗତେ ଘ.୧୧।୫୧ମି. ମଧ୍ୟେ, ଘ.୧।୨୨ମି. ଗତେ ଘ.୨।୫୪ମି. ମଧ୍ୟେ ଅମୃତ ବେଳା । ସକାଳ ଘ.୭।୧୮ମି. ମଧ୍ୟେ ଘ.୧୧।୫୧ମି. ଗତେ ଘ.୧।୨୨ମି. ମଧ୍ୟେ ମାହେନ୍ଦ୍ରବେଳା । ଅପରାହ୍ଣ ଘ.୧।୨୩ମି. ଗତେ ଘ.୨।୫୪ମି. ମଧ୍ୟେ ରାହୁକାଳ ।



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା




## ସଂକ୍ଷେପରେ

### ଆସନ୍ତା ୪ରେ ଆସିବେ ରାହୁଲ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ):** ଭାଜପା ନିଜ ଷ୍ଟାର ପ୍ରଚାରକ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ସଭାପତି ଅମିତ ଶାହଙ୍କୁ ରଖିଛି। ସେହିପରି ତାଲିକାରେ କେନ୍ଦ୍ରର ଆହୁରି ଅନେକ ହେଭିୱେଟ୍‌ଙ୍କୁ ମଧ ରଖିଛି। ଆସନ୍ତା ୨୯ ଓ ୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସୁଥିବା ବେଳେ ୧ରେ ଶାହ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିକ୍ରମରେ କଂଗ୍ରେସ ମଧ ଆସନ୍ତା ୪ରୁ କେନ୍ଦ୍ରୀୟ ନେତାଙ୍କୁ ଆଣି ପ୍ରଚାର କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ୪ତାରିଖରେ ଓଡ଼ିଶା ଆସିବେ ବୋଲି ଦଳର ଭୁବନେଶ୍ୱର ଜିଲା ସଭାପତି ମାନସ ଚୌଧୁରୀ ସୂଚନା ଦେଇଛନ୍ତି। ରାହୁଲ ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସିବେ। ବ୍ରହ୍ମପୁରଠାରେ ଆୟୋଜିତ ସାଧାରଣ ସଭାରେ ରାହୁଲ ଯୋଗଦେବା ସହିତ ନିର୍ବାଚନୀ ରାଲି କରିବେ ବୋଲି ଜଣାପଡିଛି।

## ବିଜେଡିର ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

### ଲୋକ ସଭା




### ବିଧାନ ସଭା

| | | | |
|---|---|---|---|
| ରେମୁଣା | ସୁଧାଂଶୁ ଶେଖର ପରିଡ଼ା | ଭଣ୍ଡାରିପୋଖରୀ | ପ୍ରଫୁଲ୍ଲ ସାମଲ |
| ବିଞ୍ଝାରପୁର | ପ୍ରମିଳା ମଲ୍ଲିକ | ବାଙ୍କୀ | ଦେବୀରଞ୍ଜନ ତ୍ରିପାଠୀ |
| ମହାକାଳପଡ଼ା | ଅତନୁ ସବ୍ୟସାଚୀ ନାୟକ | କଟକ-ଚୌଦ୍ୱାର | ସୌଭିକ ବିଶ୍ୱାଳ |
| ଚାନ୍ଦବାଲି | ବ୍ୟୋମକେଶ ରାୟ | ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ |
| ସିମୁଳିଆ | ଜ୍ୟୋତିପ୍ରକାଶ ପାଣିଗ୍ରାହୀ | ବଡ଼ମ୍ବା- ନରସିଂହପୁର | ଦେବୀ ପ୍ରସାଦ ମିଶ୍ର |
| ଧର୍ମଶାଳା | ପ୍ରଣବ କୁମାର ବଳବନ୍ତରାୟ | ହିନ୍ଦୋଳ | ସୀମାରାଣୀ ନାୟକ |
| ସୁକିନ୍ଦା | ପ୍ରୀତିରଞ୍ଜନ ଘଡ଼େଇ | ଅନୁଗୋଳ | ରଜନୀକାନ୍ତ ସିଂହ |
| ପାଟକୁରା | ବେଦପ୍ରକାଶ ଅଗ୍ରୱାଲା | ଛେଣ୍ଡିପଦା | ସୁଶାନ୍ତ କୁମାର ବେହେରା |
| ଆଳି | ପ୍ରତାପ କେଶରୀ ଦେବ | ଢେଙ୍କାନାଳ | ସୁଧୀର କୁମାର ସାମଲ |
| ମାହାଙ୍ଗା | ପ୍ରତାପ ଜେନା | କାମାକ୍ଷାନଗର | ପ୍ରଫୁଲ୍ଲ ମଲ୍ଲିକ |
| ସାଲେପୁର | ପ୍ରଶାନ୍ତ ବେହେରା | ପରଜଙ୍ଗ | ନୃସିଂହ ଚରଣ ସାହୁ |
| ବାସୁଦେବପୁର | ବିଷ୍ଣୁବ୍ରତ ରାଉତରାୟ | ତାଳଚେର | ବ୍ରଜ କିଶୋର ପ୍ରଧାନ |
| ଘସିପୁରା | ବଦ୍ରି ନାରାୟଣ ପାତ୍ର | କୁଚିଣ୍ଡା | କିଶୋର ଚନ୍ଦ୍ର ନାୟକ |
| ପାଟଣା | ଜଗନ୍ନାଥ ନାଏକ | ବ୍ରହ୍ମଗିରି | ସଞ୍ଜୟ କୁମାର ଦାସବର୍ମା |
| କେନ୍ଦୁଝର | ମାଧବ ସର୍ଦ୍ଦାର | ସତ୍ୟବାଦୀ | ଉମାକାନ୍ତ ସାମନ୍ତରାୟ |
| ତେଲକୋଇ | ପ୍ରେମାନନ୍ଦ ନାଏକ | ଏକାମ୍ର ଭୁବନେଶ୍ୱର | ଅଶୋକ ଚନ୍ଦ୍ର ପଣ୍ଡା |
| କରଞ୍ଜିଆ | ବାସନ୍ତୀ ହେମ୍ବ୍ରମ | ରଣପୁର | ସତ୍ୟନାରାୟଣ ପ୍ରଧାନ |
| ଭୋଗରାଇ | ଅନନ୍ତ ଦାସ | ନୟାଗଡ଼ | ଅରୁଣ ସାହୁ |

# କଂଗ୍ରେସରେ ବାପ, ପୁଅ ନେଉଛନ୍ତି ଟିକେଟ

- ଟଙ୍କା ନେଇ ଟିକେଟ ବିକ୍ରି ଅଭିଯୋଗ
- ଦଳରୁ ଇସ୍ତଫା ଦେଲେ ଯାକବ ଓ ୩ ପୂର୍ବତନ ବିଧାୟକ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

କଂଗ୍ରେସ ଟିକେଟ ବଣ୍ଟନରେ ଅନିୟମିତତା ହୋଇଛି। ଟଙ୍କା ନେଇ ଟିକେଟ ଦିଆଯାଇଛି। ଦୀର୍ଘ ୪୦ବର୍ଷ ଧରି ଛାତ୍ର ଜୀବନରୁ କଂଗ୍ରେସ ସହ ଜଡ଼ିତ ଥିବା ନେତାଙ୍କୁ ବାଦ୍ ଦିଆଯାଇ ଅଣକଂଗ୍ରେସ ଲୋକଙ୍କୁ ଟିକେଟ ମିଳୁଛି ବୋଲି ଅଭିଯୋଗ ଆସିଛି। ଏହାସହ ଅଧିକାଂଶ ସ୍ଥାନରେ ବାପ, ପୁଅଙ୍କୁ ମଧ ଟିକେଟ ଦେବା ଲାଗି ଦଳର ପୁରୁଣା ନେତାଙ୍କୁ ଅବହେଳା କରାଯାଉଥିବା ବହୁ ନେତା ଅଭିଯୋଗ ଉଠାଇଛନ୍ତି। କିଛିଦିନ ତଳେ ଦଳର ବରିଷ୍ଠ ନେତା ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମଧ ବାପ, ପୁଅଙ୍କୁ ଟିକେଟ ମିଳିବା ନେଇ ଅଭିଯୋଗ ଉଠାଇଥିଲେ।

ଜୁନାଗଡ଼ର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ କହିଛନ୍ତି, କଂଗ୍ରେସ ଟିକେଟ ଖଣି ମାଫିଆମାନଙ୍କୁ ବିକ୍ରିକରି ଦିଆଯାଇଛି। ଅଣକଂଗ୍ରେସ ଲୋକଙ୍କୁ ବର୍ତ୍ତମାନ ଟିକେଟ ମିଳୁଛି। ନିରଞ୍ଜନ ପଟ୍ଟନାୟକଙ୍କଠାରୁ ବହୁତ କିଛି ଆଶା କରାଯାଉଥିଲା। କିନ୍ତୁ ସେ ସଙ୍ଗଠନକୁ ଅଧିକ କ୍ଷତି କରିଛନ୍ତି। ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ନିରଞ୍ଜନ ଗୋଟିଏ ପରିବାରର ଜଣଙ୍କୁ ଟିକେଟ ମିଳିବ ବୋଲି କହିଥିଲେ। ମାତ୍ର କଂଗ୍ରେସ ବର୍ତ୍ତମାନ ପରିବାର ପିଛା ଦୁଇଟା ଲେଖା ଟିକେଟ ଦେଇଛି। ଏହାକୁ ବିରୋଧ କରି ଇସ୍ତଫା ଦେବାକୁ ଆସିଛୁ। ଆସନ୍ତା ନିର୍ବାଚନରେ କଂଗ୍ରେସକୁ ସହଯୋଗ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଗୋବର୍ଦ୍ଧନ କହିଛନ୍ତି।

ବୁଧବାର କଳାହାଣ୍ଡି ଜିଲାର ୩ଜଣ ପୂର୍ବତନ ବିଧାୟକ ଦଳରୁ ଇସ୍ତଫା ଦେଇଛନ୍ତି। ଟିକେଟ ନ ମିଳିବା ପରେ ନେତାମାନେ ଇସ୍ତଫା ଦେଇଥିବା କହିଛନ୍ତି। ଅନ୍ୟପଟେ କେତେଜଣ ଖଣି ମାଫିଆଙ୍କୁ ଏଥର ଟିକେଟ ବିକ୍ରି କରାଯାଇଥିବା ମଧ ଅଭିଯୋଗ ଉଠିଛି। ଜୁନାଗଡର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ନର୍ଲାର ପୂର୍ବତନ ବିଧାୟକ କୁମର ମଣି ସବର ଏବଂ ଧର୍ମଗଡ ପୂର୍ବତନ ବିଧାୟକ ଯୁଗରାମ ବେହେରା ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି। ଏହି ୩ ନେତାଙ୍କ ସମର୍ଥକମାନେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚି ହୋହଲ୍ଲା କରିବା ସହ ଟିକେଟ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ଏହି ନେତାମାନେ କଂଗ୍ରେସ କାର୍ଯ୍ୟାଳୟ ବାହାରେ ରହି ଅଭିଯୋଗ କରିବା ସହ ସେଠାରୁ ହିଁ ନିଜର ଇସ୍ତଫାପତ୍ର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେହିପରି ତାଳଚେରରୁ ମଧ ବହୁ ଅସନ୍ତୁଷ୍ଟ ନେତା ଓ କର୍ମୀ ଆସି କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ନାରାବାଜି କରିଛନ୍ତି।

ସେହିପରି ନିରଞ୍ଜନ ରାଜ୍ୟ କଂଗ୍ରେସ ଦାୟିତ୍ୱ ନେବା ପରେ ୩ଜଣ ବିଧାୟକ ଦଳ ଛାଡିଥିଲେ। ସେହି ଧାରାରେ ବର୍ତ୍ତମାନ ଆଉ ଜଣେ ବିଧାୟକଙ୍କ ନାମ ଯୋଡି ହୋଇଯାଇଛି। ଟିକେଟରୁ ବଞ୍ଚିତ ହେବା ପରେ ହିଁ ଉଦୟଗିରି ବିଧାୟକ ଜାକବ ପ୍ରଧାନ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଜାକବ ତାଙ୍କ ଇସ୍ତଫା ପତ୍ର କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ଅନ୍ୟପଟେ ଜାକବ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ତାଙ୍କ ସ୍ଥାନରେ ଦଳ ଶ୍ୟାମଘନ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ଜାକବଙ୍କ ଟିକେଟ କଟିବା ପରେ ସେ ସ୍ୱାଧୀନଭାବେ ନିର୍ବାଚନ ଲଢିବେ ବୋଲି କହିଥିଲେ। ଏଥିଲାଗି ନିରଞ୍ଜନ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଥିଲେ। ଏହା ପୂର୍ବରୁ ଜାକବ ଦଳ ଚାଡିବା ସହ ଗୁରୁବାର ବିଧାୟକ ପଦରୁ ଇସ୍ତଫା ଦେବେ ବୋଲି ଜଣାପଡିଛି। ଅପରପକ୍ଷରେ ଆଉ କେତେକ ସ୍ଥାନରେ ଟିକେଟରୁ ବଞ୍ଚିତ ହେବାପରେ କେତେଜଣ ନେତା ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଛନ୍ତି।

ଏ ସମ୍ପର୍କରେ ନିରଞ୍ଜନ କହିଛନ୍ତି, ପ୍ରତି ସ୍ଥାନରୁ ୨ରୁ ୩ଜଣ ଲେଖା ଯୋଗ୍ୟ ପ୍ରାର୍ଥୀ ଟିକେଟ ପାଇଁ ଆବେଦନ କରିଛନ୍ତି। ତା ମଧ୍ୟରୁ ଜଣଙ୍କୁ ଟିକେଟ ମିଳିବ। ଦଳ ଆସନ୍ତା ନିର୍ବାଚନରେ ଭଲ ପ୍ରଦର୍ଶନ କରିବାକୁ ଯାଉଛି। ତେଣୁ ଯେଉଁମାନେ ଟିକେଟ ନ ପାଇବେ ସେମାନେ ଅଭିମାନ ଓ ଅସନ୍ତୁଷ୍ଟ ହେବା ସ୍ୱାଭାବିକ। ଯେଉଁମାନେ ଦଳ ବିରୋଧରେ ଯିବେ ସେମାନଙ୍କୁ ଦଣ୍ଡ ମିଳିବ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସଙ୍କୁ ଲୋକ ସଭା ଟିକେଟ ଦିଆଯାଇଥିବା ବେଳେ ତାଙ୍କ ପୁଅ ସାଗର ଦାସଙ୍କୁ ବିଧାୟକ ଟିକେଟ ମିଳିଛି। ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ବଲାଙ୍ଗୀର ବିଧାନସଭା ଟିକେଟ ଓ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କୁ ଲୋକ ସଭା ଟିକେଟ ମିଳିଛି। ସେହିପରି ନିରଞ୍ଜନ ଓ ତାଙ୍କ ପୁଅଙ୍କୁ ଟିକେଟ ମିଳିବ ବୋଲି ସୂଚନା ମିଳୁଥିବା ବେଳେ ବରିଷ୍ଠ ନେତା ଅନନ୍ତ ସେଠୀ ଏବଂ ତାଙ୍କ ପୁଅ କୁମାର ଚିରଞ୍ଜୀବଙ୍କୁ ଟିକେଟ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ନିର୍ବାଚନ ପୂର୍ବରୁ ଗୋଟିଏ ପରିବାରରୁ ଦୁଇ ଜଣଙ୍କୁ ଟିକେଟ ମିଳିବ ନାହିଁ ବୋଲି ଦଳର ବରିଷ୍ଠ ନେତାମାନେ କହୁଥିଲେ। ମାତ୍ର ନିର୍ବାଚନ ବେଳେ ଏକାଧିକ ପରିବାରରେ ବାପ, ପୁଅଙ୍କୁ ଟିକେଟ ମିଳୁଛି। ତେଣୁ ଏଥିରେ ଦଳର ନେତା ଓ କର୍ମୀ ଅସନ୍ତୁଷ୍ଟ ହେବା ସ୍ୱାଭାବିକ ବୋଲି ଦଳର ବହୁ ବରିଷ୍ଠ ମତ ରଖିଛନ୍ତି।



ରିଟର୍ନିଂ ଅଫିସରଙ୍କ ନିକଟରେ ଅଭିଯୋଗ କରାଯାଉଛି।

- ହିଞ୍ଜିଳି ବିଧାନସଭା ଆସନ

# ନବୀନଙ୍କ ନାମାଙ୍କନରେ ତ୍ରୁଟି ରହିଛି: ପୀତାମ୍ବର

**ଛତ୍ରପୁର,୨୭।୩(ଡି.ଏନ.ଏ.)**

ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ଆସନ ପାଇଁ ନବୀନ ପଟ୍ଟନାୟକ (ବିଜେଡି)ଙ୍କ ସମେତ ୯ ଜଣଙ୍କ ନାମାଙ୍କନପତ୍ର ବୁଧବାର ଯାଞ୍ଚ ପରେ କାଏମ ରହିଛି। ଅନ୍ୟମାନେ ହେଲେ ଭାଜପାର ପୀତାମ୍ବର ଆଚାର୍ଯ୍ୟ, ବିଏସ୍‌ପିର ଭାସ୍କର ଚୌଧୁରୀ, କଂଗ୍ରେସର ଶମ୍ଭୁ ପାଣିଗ୍ରାହୀ, ଏସୟୁସିଆଇ (ସି)ର ଡି. ତିରୁପତି ଦୋରା, ଆମ୍ବେଡକର ନ୍ୟାଶନାଲ କଂଗ୍ରେସର ରଞ୍ଜନ କୁମାର ଆପଟ, ସ୍ୱାଧୀନର ବାବୁଲା ସାହୁ, ସି. ଲକ୍ଷ୍ମୀ ଆଚାରୀ ଓ ସୁକାନ୍ତ କିଶୋର ପଣ୍ଡା। ଅପରପକ୍ଷରେ ରାମକୃଷ୍ଣ ପଣ୍ଡାଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି। ସେ ଦଳୀୟ ଟିକେଟ ଦାଖଲ କରି ନ ଥିଲେ। ଏଥିସହ ସେ ନାମାଙ୍କନ ପତ୍ର ଦାଖଲ ବେଳେ ତାଙ୍କର ୧୦ ଜଣ ପ୍ରସ୍ତାବକ ନ ଥିବାରୁ ନାମାଙ୍କନପତ୍ର ନାକଚ ହୋଇଯାଇଥିବା ଜଣାପଡିଛି। ନବୀନ ତାଙ୍କ ସତ୍ୟପାଠରେ ଠିକ୍ ସ୍ଥାନରେ ଦସ୍ତଖତ କରି ନ ଥିବା ଏବଂ କୋଇଲା ଦୁର୍ନୀତି ମାମଲାରେ ନବୀନଙ୍କୁ ସିବିଆଇ ଜେରା କରିଥିଲେ ହେଁ ସେ ସମ୍ପର୍କରେ ସେ ସତ୍ୟପାଠରେ ଉଲ୍ଲେଖ କରି ନ ଥିବା ଭାଜପା ପ୍ରାର୍ଥୀ ପୀତାମ୍ବର ଅଭିଯୋଗ କରିଛନ୍ତି। ବୁଧବାର ନାମାଙ୍କନପତ୍ର ଯାଞ୍ଚ ବେଳେ ରିଟର୍ନିଂ ଅଫିସର ତଥା ଡେପୁଟି କଲେକ୍ଟର ସଚ୍ଚିଦାନନ୍ଦ ନାୟକଙ୍କ ନିକଟରେ ଉପରୋକ୍ତ ଅଭିଯୋଗ ନେଇ ପୀତାମ୍ବର ଏକ ପିଟିଶନ ଦାଖଲ କରିଥିଲେ। ଉକ୍ତ ପିଟିଶନକୁ ରିଟର୍ନିଂ ଅଫିସର ଗ୍ରହଣ କରିଥିଲେ ହେଁ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ସନ୍ଦେହ ଥିଲେ କୋର୍ଟର ଆଶ୍ରୟ ନେବାକୁ ପୀତାମ୍ବରଙ୍କୁ ସେ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ପୀତାମ୍ବର ଗଣମାଧମକୁ କହିଛନ୍ତି। ୨୯ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି। ସେହିଦିନ ହିଁ ଅପରାହ୍ନରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

**୯ ନାମାଙ୍କନପତ୍ର କାଏମ, ଜଣଙ୍କର ନାକଚ**

DSPL - 501


12001/13/0051/1819



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ପିମ୍ପୁଡ଼ିଙ୍କ ସାମ୍ରାଜ୍ୟ

ମଣିଷ ଭଗବାନ୍‌ଙ୍କୁ ଧନ୍ୟବାଦ ଦେବା କଥା ଯେ, ଏଯାବତ୍ ସେ ଏ ପୃଥିବୀ ଉପରେ ଆଧିପତ୍ୟ ଜାହିର କରିଆସି ପାରିଛି। କିନ୍ତୁ ଯେଉଁଦିନ ପିମ୍ପୁଡ଼ିମାନେ ଆକାରରେ ବୃଦ୍ଧି ପାଇବେ, ସେହିଦିନଠାରୁ ମଣିଷର ଆଉ ଆଧିପତ୍ୟ ରହିବ ନାହିଁ।

* ପିମ୍ପୁଡ଼ିମାନେ କ'ଣ ନିର୍ବାଚନ ଲଢନ୍ତି ? ହଁ, ମାସାଧିକ କାଳ ବ୍ୟାପି ସେମାନଙ୍କର ନିର୍ବାଚନ ପ୍ରକ୍ରିୟା ଚାଲେ ଏବଂ ଭାରତୀୟ ନିର୍ବାଚନ ପରି ଗୁଣ୍ଡାଗିରି ଓ ହିଂସାକାଣ୍ଡ ବି ଘଟେ। ଏହି କଥା ଦ ଆମେରିକାନ୍ ନ୍ୟାଚୁରାଲିଷ୍ଟ ଜର୍ନାଲରେ ପ୍ରକାଶିତ ଏକ ଗବେଷଣା ନିବନ୍ଧରୁ ଜଣାପଡ଼ିଛି। ଯେତେବେଳେ ଏକ ଭାରତୀୟ ଜମ୍ପିଂ ଆଣ୍ଟ କଲୋନୀର ରାଣୀ ମରିଯାଏ, ସେତେବେଳେ ତା' ଦେହରୁ ନିର୍ଗତ ହେଉଥିବା ଏକ ପ୍ରକାର ଗନ୍ଧ ବାହାରିବା ବନ୍ଦ ହୋଇଯାଏ, ଯେଉଁ ଗନ୍ଧ ସହ ଶ୍ରମିକ ପିମ୍ପୁଡ଼ିମାନେ ପରିଚିତ। ଉକ୍ତ ଗନ୍ଧର ଅଭାବକୁ ଅନୁଭବ କରି ସେମାନେ କଲୋନୀର ମଝିରେ ଏକତ୍ରିତ ହୁଅନ୍ତି ଏବଂ ଲାର୍ଭା ଓ ପ୍ୟୁପା ଚାରିପଟେ ଏକ ବଳୟ ସୃଷ୍ଟି କରନ୍ତି। ଗୋଟିଏ ପିମ୍ପୁଡ଼ି ତା' ଆଣ୍ଟିନାରେ ଅନ୍ୟ ଏକ ପିମ୍ପୁଡ଼ିର ମୁଣ୍ଡକୁ ଆଘାତ ଦେବାକୁ ଆରମ୍ଭ କରେ ଏବଂ ସଙ୍ଗେ ସଙ୍ଗେ କଲୋନୀ ଭିତରେ ପିମ୍ପୁଡ଼ିମାନଙ୍କ ମଧ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ଲାଗିଯାଏ। ତା'ପରେ 'ପୋଲିସ' ପିମ୍ପୁଡ଼ି ହସ୍ତକ୍ଷେପ କରି ଶାନ୍ତିଶୃଙ୍ଖଳା ବଜାୟ ରଖେ। ପିମ୍ପୁଡ଼ିମାନେ ଏପରି ପରସ୍ପର ସହ ବାଡ଼ିଆପିଟା କରି ଦେଖିବାକୁ ଚାହାନ୍ତି କିଏ ଅଣ୍ଡା ଦେବାକୁ ସକ୍ଷମ ହୋଇପାରୁଛି। ପ୍ରତ୍ୟେକ ଭାରତୀୟ ଶ୍ରମିକ ଡିଆଁ ପିମ୍ପୁଡ଼ି ଅଣ୍ଡା ଦେଇପାରନ୍ତି, ମାତ୍ର ଯଦି ସେ ଲଢ଼େଇରେ ଜିତନ୍ତି। ଏମିତି ଅନେକ ସପ୍ତାହ ଧରି ଯୁଦ୍ଧ ଚାଲେ। ଅନେକେ ସାମାନ୍ୟ ଆହତ ହୁଅନ୍ତି ମାତ୍ର କେହି ମରନ୍ତି ନାହିଁ। ଶେଷରେ ୧୦ରୁ ୧୫ ଜଣ ସମ୍ଭାବନାମୟ ପ୍ରାର୍ଥୀ ବାହାରନ୍ତି। ସେମାନଙ୍କ ମୁଣ୍ଡ ଛୋଟ ହୁଏ, ପେଟ ବଡ଼ ହୁଏ, ସେଥିରେ ଗର୍ଭାଶୟ ସୃଷ୍ଟି ହୁଏ ଏବଂ ସେମାନଙ୍କ ଆୟୁ ଛଅମାସରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଏ। ଏହି ଗୋଷ୍ଠୀ ନିଜ ନିଜର ଅଣ୍ଡା ଦେବା କ୍ଷମତାର ଆଦାନପ୍ରଦାନ କରନ୍ତି। ପ୍ରତ୍ୟେକ ପିମ୍ପୁଡ଼ି ଟୁର୍ନାମେଣ୍ଟ ପରେ ଟୁର୍ନାମେଣ୍ଟରେ ଭାଗ ନେଇ ନିଜର କ୍ଷମତା ପ୍ରତିଷ୍ଠିତ କରନ୍ତି। ଟୁର୍ନାମେଣ୍ଟରେ ଯେଉଁ ପିମ୍ପୁଡ଼ି ତା'ର ମାଢ଼ି ସାହାଯ୍ୟରେ ଅନ୍ୟ ପିମ୍ପୁଡ଼ିର ମୁଣ୍ଡକୁ ଜାବୁଡ଼ି ଧରି ଜାବ ପକେଇପାରେ ସେ ଜିତେ। ବିଜେତାର ହର୍ମୋନ୍ କ୍ଷରଣ ବୃଦ୍ଧି ପାଏ, ଯାହାକୁ କୁହାଯାଏ ଡୋପାମାଇନ ଏବଂ ଏହା ତାକୁ ପରବର୍ତ୍ତୀ ଟୁର୍ନାମେଣ୍ଟରେ ଭାଗ ନେବାରେ ସାହାଯ୍ୟ କରେ। ଡୋପାମାଇନ ତାଙ୍କର ପ୍ରଜନନ ଅଙ୍ଗଗୁଡ଼ିକୁ ସକ୍ରିୟ କରେ ଏବଂ ଯେଉଁ ପିମ୍ପୁଡ଼ି ହାରିଯାଏ, ତା'ର ଏହି କ୍ଷମତା ହ୍ରାସ ପାଏ।

ପରାଜିତ ପିମ୍ପୁଡ଼ିମାନେ ରାଣୀ ହେବାର ଦୌଡ଼ରୁ ଓହରିଯାନ୍ତି ଏବଂ ଶେଷରେ ଦୌଡ଼ରେ ଭାଗ ନେଉ ନ ଥିବା ପାଞ୍ଚଟି ପିମ୍ପୁଡ଼ି ଗୋଟିଏ ପିମ୍ପୁଡ଼ିକୁ ସମର୍ଥନ କରି ଅନ୍ୟମାନଙ୍କୁ ପ୍ରତିଯୋଗିତାରୁ ନିବର୍ତ୍ତାଇବାକୁ ଚେଷ୍ଟା କରନ୍ତି। ସେମାନେ ତଥାପି ପ୍ରତିଯୋଗିତାରୁ ଓହରିବାକୁ ଚାହୁଁ ନ ଥିବା ପିମ୍ପୁଡ଼ିମାନଙ୍କୁ ଦୁଇଦିନ କାଳ ଘେରାଉ କରି ରଖନ୍ତି ଓ ଲଢ଼ିବାକୁ ଦିଅନ୍ତି ନାହିଁ, ଯାହାଫଳରେ ସେମାନଙ୍କର ହର୍ମୋନ୍ କ୍ଷରଣ କମିଯାଏ। ସୁତରାଂ ଏହି ଗୁଣ୍ଡାମାନେ ଅନ୍ୟ ଆଶାୟୀମାନଙ୍କୁ ଜବରଦସ୍ତ ପ୍ରତିଯୋଗିତାରୁ ଦୂରରେ ରଖି ତାଙ୍କ ମନପସନ୍ଦର ଗୋଟିଏ ପିମ୍ପୁଡ଼ିକୁ ରାଣୀ ଭାବେ ବାଛନ୍ତି।

ଏଥିରୁ ତିନିପ୍ରକାର ରାଜନୈତିକ ଫଳଫଳ ମିଳେ। ଯେତେବେଳେ ପିମ୍ପୁଡ଼ିମାନେ ପରସ୍ପର ବିନା ବାଧାରେ ଲଢ଼େଇ କରୁଥାନ୍ତି ଏବଂ ବିନା ବାଧାରେ ଟୁର୍ନାମେଣ୍ଟ ଚାଲେ ସେତେବେଳେ ଯାହା ଫଳାଫଳ ମିଳେ ତାହା ଅଧିକ ଗଣତାନ୍ତ୍ରିକ। ଅମଲାତାନ୍ତ୍ରିକ ଢାଞ୍ଚାରେ ସବା ଉପରେ ଜଣେ ସିଇଓ ରହନ୍ତି ଏବଂ ତଳକୁ ତଳ କ୍ରମାନ୍ୱୟରେ କ୍ଷମତା କମି କମି ଆସେ। ଯେତେବେଳେ ଦ୍ୱନ୍ଦ୍ୱଯୁଦ୍ଧ ଓ ମୁଣ୍ଡକାମୁଡ଼ା ଚାଲେ ସେତେବେଳେ ଏକ ବହୁ ନେତାବିଶିଷ୍ଟ ପ୍ରଭାବଶାଳୀ ଢାଞ୍ଚା ସୃଷ୍ଟି ହୁଏ। କିନ୍ତୁ ଯେତେବେଳେ ଜଣେ ନେତାଙ୍କୁ ସୁଯୋଗ ଦେଇ ଗୁଣ୍ଡାମାନେ ଅନ୍ୟମାନଙ୍କୁ ବାଧା ଦିଅନ୍ତି, ସେତେବେଳେ ଗୋଟିଏ ପିମ୍ପୁଡ଼ି ସର୍ବୋଚ୍ଚ ଆସନ ପାଇଲା ବେଳେ ଅନ୍ୟମାନେ ସମାନ ପାହ୍ୟାରେ ରହିଯାନ୍ତି।

* କରେଣ୍ଟ ବାୟୋଲୋଜି ପତ୍ରିକାରେ ପ୍ରକାଶିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି, ଅଷ୍ଟ୍ରିଆର ଏକ ଗବେଷଣା ନିବନ୍ଧ ଅନୁସାରେ ପିମ୍ପୁଡ଼ିମାନେ ଯେତେବେଳେ ନୂଆ ବସାକୁ ଯାଆନ୍ତି, ସେମାନେ ପ୍ରଥମ ଦିନଟି ଏହାକୁ ଭଲଭାବେ ସଫାକରିବା କାମରେ ଲାଗିପଡ଼ନ୍ତି– ମଣିଷମାନେ ନୂଆ ଘରକୁ ଗଲେ ଯେମିତି ତାକୁ ସଫା କରିଥାନ୍ତି। ଲେସିୟସ୍ ନେଗ୍ଲେକ୍ଟସ୍ ପିମ୍ପୁଡ଼ିମାନେ ତାଙ୍କ ବସାକୁ ସଫା କରିବା ପାଇଁ ସେଥିରେ ଫର୍ମିକ ଏସିଡ୍ ସିଞ୍ଚନ କରନ୍ତି। ବୟସ୍କ ପିମ୍ପୁଡ଼ିଙ୍କର ମୋଟା ଚମଡ଼ା ଯୋଗୁ ଏହି ଏସିଡ୍ ଦ୍ୱାରା ସେମାନଙ୍କର କିଛି କ୍ଷତି ହୁଏ ନାହିଁ। ଅଣ୍ଡାଗୁଡ଼ିକର ମଧ୍ୟ ଏକ ସୁରକ୍ଷାଦାୟୀ ଖୋଳ ଥାଏ। କିନ୍ତୁ ପ୍ୟୁପାଗୁଡ଼ିକୁ ସେମାନେ ପ୍ରଥମେ ଏକ ରେଶମୀ ଖୋସାରେ ଆବୃତ କରିଦିଅନ୍ତି, ଯାହାଫଳରେ ଏସିଡ୍‌ରୁ ସେମାନେ ସୁରକ୍ଷିତ ରହିପାରିବେ। ମଣିଷମାନେ ଯେପରି କୌଣସି କ୍ଷତିକାରକ ସଫେଇ ଜିନିଷ ବ୍ୟବହାର କଲାବେଳେ ହାତରେ ଗ୍ଲୋଭ୍ ପିନ୍ଧନ୍ତି, ପିମ୍ପୁଡ଼ିମାନେ ପ୍ୟୁପାମାନଙ୍କ ସୁରକ୍ଷା ପାଇଁ ନେଉଥିବା ପଦକ୍ଷେପ ଠିକ୍ ସେହିପରି। ଏହି ଫର୍ମିକ୍ ଏସିଡ୍ ଦ୍ୱାରା ଜୀବାଣୁମାନେ ମରିଯାନ୍ତି ଏବଂ ପିମ୍ପୁଡ଼ି, ତାଙ୍କ ଅଣ୍ଡା ଓ ପ୍ୟୁପାମାନଙ୍କର କିଛି କ୍ଷତି ହୁଏ ନାହିଁ। ଏସିଡ୍ ତଳେ ବସିଯିବା ପର୍ଯ୍ୟନ୍ତ ପ୍ୟୁପାମାନଙ୍କୁ ଉକ୍ତ ସୁରକ୍ଷା ବ୍ୟବସ୍ଥା ଭିତରେ ରଖାଯାଏ।

* ରୟାଲ ସୋସାଇଟି ଓପ୍‌ନ ସାଇନ୍ସର ଜର୍ନାଲରେ ପ୍ରକାଶିତ ଏକ ଅଧ୍ୟୟନ ରିପୋର୍ଟ ଅନୁସାରେ ଯେତେବେଳେ ଫାୟାର ଆଣ୍ଟମାନଙ୍କର ଅତିଶୟ ସଂଖ୍ୟା ବୃଦ୍ଧି ପାଏ ଏବଂ ସେମାନଙ୍କର ରହିବା ପାଇଁ ନୂଆ ଜାଗା ଦରକାର ପଡ଼େ, ସେମାନେ ପରସ୍ପର ସହ ବାନ୍ଧି ହୋଇ ଏକ ପ୍ରକାର ଘଣ୍ଟି ଆକୃତି ସୃଷ୍ଟି କରନ୍ତି, ଠିକ୍ ଇଫେଲ ଟାୱାର ପରି। ଗୋଟିଏ ପିମ୍ପୁଡ଼ି ତିନୋଟି ପିମ୍ପୁଡ଼ିଙ୍କୁ ସମ୍ଭାଳିପାରିବ। ସେମାନେ ନିଜ ନିଜ ପାଦରେ ଏକ ପ୍ରକାର ଅଠାଳିଆ ପଦାର୍ଥ ରଖି ଏହିପରି ପରସ୍ପର ସହ ବାନ୍ଧି ହୋଇଯାନ୍ତି। ଏହିପରି ଉଚ୍ଚ ଢାଞ୍ଚା ସୃଷ୍ଟି କରି ସେମାନେ ଖାଲି ସ୍ଥାନ ଖୋଜନ୍ତି, ଯେଉଁଠି ନୂଆ ଘର ତିଆରି କରିପାରିବେ। ନିଜ ଅଠାଳିଆ ଗୋଡ଼ରେ ପରସ୍ପରକୁ ଜାବୁଡ଼ି ଧରି ପାଣି ଭିତରେ ବି ଏହି ପିମ୍ପୁଡ଼ି ଏକ ଅଟାଗୁଳା ଆକୃତିର ବଲ୍ ତିଆରି କରନ୍ତି। ଏହା ଏକ ଭେଳାର କାମ କରେ ଯାହା ପାଣି ଭିତରେ ଭାସି ଭାସି ଯାଇପାରେ।

* ଫ୍ରାଇବର୍ଗ ବିଶ୍ୱବିଦ୍ୟାଳୟର ଗବେଷକମାନେ ମରୁଭୂମିର ପିମ୍ପୁଡ଼ିଙ୍କ ଉପରେ ଗବେଷଣା କରି ସେମାନେ କିପରି ପ୍ରତିକୂଳ ପରିବେଶରେ ବି ବଞ୍ଚିବାର ବାଟ ବାହାର କରିପାରନ୍ତି ତାହା ଉଲ୍ଲେଖ କରିଛନ୍ତି। ସେମାନେ ମରୁଭୂମିରେ ଖାଦ୍ୟ ସନ୍ଧାନରେ ବାହାରିଗଲା ପରେ ପୁଣି ନିଜ ବସାକୁ ସବୁଠାରୁ ସଂକ୍ଷିପ୍ତ ରାସ୍ତାରେ ଫେରିପାରନ୍ତି।

* ପିମ୍ପୁଡ଼ିମାନଙ୍କ ଘ୍ରାଣଶକ୍ତି ସେମାନଙ୍କୁ ମଣିଷଙ୍କ ପରେ ସବୁଠୁ ଜଟିଳ ସାମାଜିକ ସଂଗଠନରେ ପରିଣତ କରିପାରିଛି। ଯେଉଁ ମହମ ପରି ସ୍ତର ସେମାନଙ୍କ ଶରୀରକୁ ଆବୃତ କରିଥାଏ, ତାହା ସେମାନଙ୍କୁ ଯୋଗାଯୋଗରେ ସାହାଯ୍ୟ କରୁଥିବା ଜଟିଳ ସୁଗନ୍ଧର ଉତ୍ସ। ଏହି ସୁଗନ୍ଧରୁ ପିମ୍ପୁଡ଼ିମାନେ ପରସ୍ପରର ଜାତି, ପ୍ରଜାତି, କଲୋନୀ ଆଦି ବିଷୟରେ ଜାଣିପାରନ୍ତି। ଏହା ସେମାନଙ୍କ ବ୍ୟବହାରକୁ ନିୟନ୍ତ୍ରିତ କରିଥାଏ। ପିମ୍ପୁଡ଼ିମାନେ ବିଶ୍ୱକୁ ସେମାନଙ୍କ ନାକ ଓ ଆଣ୍ଟିନା ଦ୍ୱାରା ଦେଖନ୍ତି। ସେମାନେ କୀଟଜଗତରେ ଅଦ୍ୱିତୀୟ କାରଣ ଫଳମାଛି ଓ ମଶାଙ୍କ ପରି କୀଟଙ୍କର ୬୦ରୁ ୮୦ ପ୍ରକାର ଅଡୋରାଣ୍ଟ ରିସେପ୍ଟର ଥିବାବେଳେ ପିମ୍ପୁଡ଼ିମାନଙ୍କର ଅଛି ୪୦୦ରୁ ଅଧିକ।

* କରେଣ୍ଟ ବାୟୋଲୋଜିରେ ପ୍ରକାଶିତ ତଥ୍ୟ ଅନୁସାରେ ଗଛରୁ ଖାଦ୍ୟ ଖାଇ ବଞ୍ଚୁଥିବା କାର୍ପେଣ୍ଟର ପିମ୍ପୁଡ଼ିମାନେ ଗଛମୂଳରେ ସେମାନଙ୍କ ପାଇଁ ସୁରକ୍ଷାଦାୟୀ ଆଶ୍ରୟସ୍ଥଳ ତିଆରି କରିଥାନ୍ତି। ଗରମ ଓ ଶୁଷ୍କ ଅଞ୍ଚଳରେ ବାସ କରୁଥିବା ପିମ୍ପୁଡ଼ିମାନେ ନିଜ ଖାଦ୍ୟକୁ ସାଇତି ରଖି ଡିରୋଟ ସମୟରେ ଚଳିଯାଆନ୍ତି। ହନିପଟ୍ ପିମ୍ପୁଡ଼ିମାନେ ନିଜ ଶରୀରକୁ ଖାଦ୍ୟ ମହଜୁଦ ରଖିବାର ଭଣ୍ଡାରଘର ଭାବେ ବ୍ୟବହାର କରନ୍ତି।

* ଗୋଟିଏ ପିମ୍ପୁଡ଼ି କଲୋନୀରେ ରାଣୀ, ମାଳୀ, ମେହେନ୍ତର, ଖାଦ୍ୟ ସଂଗ୍ରାହକ, ଧାଈ ଓ ସୈନିକ ପ୍ରଭୃତି ଥାନ୍ତି। ନିଜ ନିଜର କାମ କରିବା ପାଇଁ ପ୍ରତ୍ୟେକଙ୍କ ପାଖରେ ସ୍ୱତନ୍ତ୍ର କୌଶଳ ଓ ଦକ୍ଷତା ଥାଏ। ପ୍ରତି ପିମ୍ପୁଡ଼ି ପ୍ରଜାତି ଭିତରେ ବୟସ ଓ ଲିଙ୍ଗ ଅନୁଯାୟୀ ଶ୍ରମ ବିଭାଜନ ବ୍ୟବସ୍ଥା ଅଛି। ଯେଉଁମାନେ ବୟସରେ ସାନ ସେମାନେ ବସା ଭିତରେ କାମ କରନ୍ତି ଓ ଛୁଆମାନଙ୍କର ଯତ୍ନ ନିଅନ୍ତି। ଯେଉଁମାନେ ବୟସରେ ବଡ଼ ସେମାନେ ଖାଦ୍ୟ ସଂଗ୍ରହ କରିବାକୁ ବାହାରକୁ ଯାଆନ୍ତି ଓ ବସାର ସୁରକ୍ଷା ଦାୟିତ୍ୱ ବି ନିଅନ୍ତି।

* ନେଚର ପତ୍ରିକାରେ ପ୍ରକାଶିତ ଗବେଷଣା ତଥ୍ୟ ଅନୁସାରେ ପିମ୍ପୁଡ଼ିମାନଙ୍କର ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ବିଦ୍ୟାଳୟ ଓ ଶିକ୍ଷକ ବ୍ୟବସ୍ଥା ବି ଅଛି। ବୁଢ଼ା ପିମ୍ପୁଡ଼ିମାନେ ଛୁଆଙ୍କୁ ପାଠ ପଢ଼ାନ୍ତି ଓ ଖାଦ୍ୟ ସଂଗ୍ରହ ଆଦି କିପରି କରିବାକୁ ହେବ ସେ ବିଷୟରେ ତାଲିମ ଦିଅନ୍ତି। ଏସବୁ ସତ୍ତ୍ୱେ ଆପଣ ନିଜକୁ ପିମ୍ପୁଡ଼ିଙ୍କଠାରୁ ଶ୍ରେଷ୍ଠ ବୋଲି ଭାବୁଛନ୍ତି କି ?

Email: gandhim@nic.in

# ଚିନ୍ତନ ଓ ଚିନ୍ତକ



ମନୋରଞ୍ଜନ ମହାନ୍ତି

ମନୁଷ୍ୟ ତା'ର ଚିନ୍ତା ଅନୁଯାୟୀ କର୍ମ କରେ ଓ କର୍ମ ଅନୁଯାୟୀ ଫଳ ପାଏ ବୋଲି ଶାସ୍ତ୍ରପୁରାଣରେ କୁହାଯାଇଛି। ଆହୁରି ମଧ୍ୟ କୁହାଯାଇଛି, ମହାତ୍ମାମାନେ ମନରେ ଯେଉଁ ଚିନ୍ତା କରନ୍ତି, ବଚନରେ ତାହା ପ୍ରକାଶ କରନ୍ତି ଓ କର୍ମରେ ତାହା ପାଳନ କରନ୍ତି। କିନ୍ତୁ ଦୁରାତ୍ମାମାନଙ୍କର ମନ, ବଚନ, କର୍ମରେ ଭିନ୍ନତା ପରିଦୃଷ୍ଟ ହୁଏ।

ସଂସାରରେ ସକଳ ମନୁଷ୍ୟ କୌଣସି ନା କୌଣସି ବିଷୟରେ ଚିନ୍ତା କରନ୍ତି। ମନୁଷ୍ୟର ମସ୍ତିଷ୍କଟି ଏଭଳି– ତାହା କେବେ ଚିନ୍ତାଶୂନ୍ୟ ହୋଇ ରହିପାରେ ନାହିଁ। ପ୍ରତି ମୁହୂର୍ତ୍ତରେ ଅଭିନବ ଚିନ୍ତାଗୁଡ଼ିଏ ମନୁଷ୍ୟର ମନ ମଧ୍ୟକୁ ପଶିଆସନ୍ତି। ଭକ୍ତକବି ମଧୁସୂଦନ ରାଓ ତାଙ୍କ କବିତାରେ କହିଛନ୍ତି– ମନୁଷ୍ୟର ମନର ଗତି ଅଦ୍ଭୁତ, ତା'ର ଶକ୍ତି ଅଚିନ୍ତନୀୟ। ତେବେ ମନୁଷ୍ୟ ଯେଉଁ ଚିନ୍ତାସବୁ କରୁଥାଏ, ତାହା ତା'ର ଦୈନନ୍ଦିନ ଜୀବନଧାରାକୁ ବେଶ୍ ପ୍ରଭାବିତ କରେ ଓ ତା'ର କାର୍ଯ୍ୟପ୍ରଣାଳୀ ତଦନୁଯାୟୀ ନିର୍ଦ୍ଧାରିତ ହୁଏ।

ଆମେ ନିଜ ସମେତ ଯେତେ ମନୁଷ୍ୟଙ୍କୁ ଆମ ଚାରିପାଖରେ ଦେଖୁ ସମସ୍ତଙ୍କ ମସ୍ତିଷ୍କ ଭିନ୍ନ ଭିନ୍ନ ଚିନ୍ତାରେ ଭରପୂର। ତେବେ ସମସ୍ତଙ୍କୁ ଆମେ ଚିନ୍ତକ ବୋଲି କହିପାରିବା ନାହିଁ। ଜଣେ ବ୍ୟକ୍ତିଙ୍କୁ ଚିନ୍ତକ ବୋଲି କୁହାଯିବ ସେତିକିବେଳେ, ଯେତେବେଳେ ତାଙ୍କର ଚିନ୍ତା ସକାରାତ୍ମକ, ସର୍ଜନଧର୍ମୀ ଓ ବିଶ୍ୱକଲ୍ୟାଣକର ହୋଇଥିବ। ସେ ଯାହା ଚିନ୍ତା କରୁଥିବେ ତା'ର ଏକ ରଚନାତ୍ମକ ଦିଗନ୍ତ ଅବଶ୍ୟ ରହିଥିବ, ଯାହା ସମୂହର ଦୃଷ୍ଟି ଆକର୍ଷଣ କରୁଥିବ। ମହାତ୍ମା ଗାନ୍ଧୀ ଥରେ ବଗିଚା କାମ କରୁଥିବା ସମୟରେ ଜଣେ ପ୍ରଶ୍ନ କଲେ, ''ଯଦି କେହି କହେ ଆଜି ସନ୍ଧ୍ୟା ସୁଦ୍ଧା ଆପଣଙ୍କର ଦେହାନ୍ତ ହେବ, ତେବେ ଆପଣ କି ପ୍ରତିକ୍ରିୟା ପ୍ରକାଶ କରିବେ ?'' ଗାନ୍ଧିଜୀ ଉତ୍ତର ଦେଲେ, ''ଦେହାନ୍ତ ହେବା ପୂର୍ବରୁ ମତେ ବଗିଚା କାମ ସାରିବାକୁ ହେବ।'' ଗାନ୍ଧୀଙ୍କର ଏହି ଚିନ୍ତନରେ ଉପସ୍ଥିତ କର୍ତ୍ତବ୍ୟ ପ୍ରତି ଯେଉଁ ଅନୁରକ୍ତି ଭରିରହିଛି, ତାହାହିଁ ବିଶ୍ୱବାସୀଙ୍କର ଦୃଷ୍ଟି ଆକର୍ଷଣ କରିଛି।

ରାମକୃଷ୍ଣ ପରମହଂସଙ୍କର ନରେନ୍ଦ୍ରନାଥଙ୍କ ପ୍ରତି ଉକ୍ତି ଥିଲା, ''ମୁଁ ଭଗବାନଙ୍କୁ ଦେଖିଛି, ତାଙ୍କ ସହ କଥା ହୋଇଛି, ଯେମିତି ମୁଁ ତୁମକୁ ଦେଖୁଛି, ତୁମ ସହ କଥା ହେଉଛି।'' ଏହି ଉକ୍ତିରେ ଜୀବନ–ଉତ୍ତୋଳନକାରୀ କେତେ ସକାରାତ୍ମକ ଶକ୍ତି ଭରି ରହିଥିଲା ସତରେ! ପରମାଣୁଶକ୍ତିକୁ ପ୍ରୟୋଗ କରି ପରମାଣୁ ବୋମା ତିଆରି କରିଥିବା ବୈଜ୍ଞାନିକମାନଙ୍କ ଉଦ୍ଦେଶ୍ୟରେ ଆଇନଷ୍ଟାଇନଙ୍କର ଉକ୍ତି ଥିଲା, ''ପରମାଣୁଶକ୍ତିରୁ ବୋମା ତିଆରି କର ନାହିଁ। ପରମାଣୁଶକ୍ତିକୁ ଶାନ୍ତିପୂର୍ଣ୍ଣ, ରଚନାତ୍ମକ ଦିଗରେ ବିନିଯୋଗ କର, ଏହାକୁ ପ୍ରୟୋଗ କରି ମରୁଭୂମିକୁ ଶସ୍ୟଶ୍ୟାମଳ କର, ବ୍ୟାଧି ଉପଶମ ନିମିତ୍ତ ଔଷଧ ପ୍ରସ୍ତୁତ କର।'' ଏପରି ଉକ୍ତିରେ ଆଇନଷ୍ଟାଇନଙ୍କ ଉଦ୍ଭାବନକ୍ଷମ ମସ୍ତିଷ୍କର ଗଠନମୂଳକ ଚିନ୍ତନ ପ୍ରକଟ ହେଉଛି।

ବିଶ୍ୱ ଇତିହାସରେ ରାମକୃଷ୍ଣ ପରମହଂସ, ମହାତ୍ମା ଗାନ୍ଧୀ, ଆଲବର୍ଟ ଆଇନଷ୍ଟାଇନ ପ୍ରମୁଖଙ୍କୁ ଆମେ ଉଚ୍ଚମାନର ଚିନ୍ତାନାୟକ ବୋଲି ନିଶ୍ଚୟ ସ୍ୱୀକାର କରିବା। ସେମାନଙ୍କ ଚିନ୍ତନରେ ମନୁଷ୍ୟକୁ ଅମୃତର ସୋପାନକୁ ଉତ୍ତରିତ କରିବାର ଆହ୍ୱାନଟିଏ ଅବଶ୍ୟ ରହିଥିଲା। ଅଧ୍ୟାତ୍ମସାଧନା, ଜନସେବା, ବିଜ୍ଞାନ ଗବେଷଣା ଇତ୍ୟାଦି କ୍ଷେତ୍ରରେ ସେମାନେ ନିଜ ନିଜର ମହତ୍ ଚିନ୍ତାଶକ୍ତିକୁ ପ୍ରୟୋଗକରି ଜଗତର ଅଶେଷ କଲ୍ୟାଣ ସାଧନ କରିଯାଇଛନ୍ତି।

ପ୍ରକୃତ ଅର୍ଥରେ ଜଣେ ଚିନ୍ତକ ହେଉଛନ୍ତି ସିଏ, ଯିଏ ସାଧାରଣ ମନୁଷ୍ୟ ପାଇଁ ପ୍ରତ୍ୟୟ ଓ ପ୍ରେରଣାର ଭୂମିଟିଏ ସର୍ଜନା କରିପାରନ୍ତି, ନିଜର ଉଦାର ହୃଦୟକୁ ଉନ୍ମୁକ୍ତ କରି ସମସ୍ତଙ୍କୁ ମମତା ଓ ମର୍ଯ୍ୟାଦା ବିତରଣ କରିପାରନ୍ତି, ନିଜର ମହତ୍ ଚିନ୍ତାରାଶିକୁ ପ୍ରକଟ କରି ଜନଜୀବନରେ କ୍ରାନ୍ତିର ମାର୍ଗ ନିର୍ଦ୍ଦେଶ କରିପାରନ୍ତି, ସକାରାତ୍ମକ ଦୃଷ୍ଟି ବଳରେ ନିଜେ ରଚନାତ୍ମକ କର୍ମରେ ଅଭିନିବିଷ୍ଟ ହୋଇ ସମସ୍ତଙ୍କୁ ସୁନ୍ଦର ବିଶ୍ୱ ନିର୍ମାଣର ଆହ୍ୱାନଟିଏ ଦେଇପାରନ୍ତି, ନିଜର ଚିନ୍ତନ–ଧାରାରେ ମାନବୀୟ ମୂଲ୍ୟବୋଧର ସ୍ରୋତଗୁଡ଼ିଏ ସମ୍ମିଳିତ କରାଇ ଜୀବନ–ଜାହ୍ନବୀଟିଏ ଜନ–ମନୋଭୂମିରେ ବୁହାଇ ଦେଇପାରନ୍ତି। ସେହି ଦୃଷ୍ଟିରୁ ପୁଣ୍ୟାତ୍ମା ଗୋପବନ୍ଧୁ ଦାସ ଓ ଗୋପବନ୍ଧୁ ଚୌଧୁରୀଙ୍କୁ ଜଣେ ଜଣେ ଚିନ୍ତକ ବୋଲି ଆମେ କହିପାରିବା। ସର୍ଜନଶୀଳ ଚିନ୍ତାଶକ୍ତି ଦ୍ୱାରା ଉତ୍‌ପ୍ରେରିତ ହୋଇ ସେମାନେ ଯେଉଁ ବାଣୀ ଉଚ୍ଚାରଣ କରିଯାଇଛନ୍ତି, ଯେଉଁ ସାହିତ୍ୟ ରଚନା କରିଯାଇଛନ୍ତି, ସର୍ବୋପରି ସେବା–ଧର୍ମରେ ବ୍ରତୀ ହୋଇ ଯେଭଳି କର୍ମପ୍ରବୃତ୍ତ ହୋଇଛନ୍ତି, ତାହା ସେମାନଙ୍କୁ ଜଣେ ଜଣେ ଚିନ୍ତକର ସ୍ତରକୁ ଉନ୍ନୀତ କରିଛି।

ଭାରତୀୟମାନଙ୍କର ଦାରିଦ୍ର୍ୟ ଦୂରୀକରଣ ପାଇଁ ଗ୍ରାମାଞ୍ଚଳର ଶିଳ୍ପାୟନ ଓ ଶିଳ୍ପ ପ୍ରତିଷ୍ଠାରେ ବିଦ୍ୟୁତ୍‌ର ବ୍ୟବହାର ନିହାତି ଜରୁରୀ ବୋଲି ଇଞ୍ଜିନିୟର ବିଶ୍ୱେଶ୍ୱରାୟା ଗାନ୍ଧୀ ଓ ନେହେରୁଙ୍କ ଆଗରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ସି.ଭି. ରମଣଙ୍କର ପଦାର୍ଥବିଜ୍ଞାନରେ ଗବେଷଣା, ବିଶ୍ୱେଶ୍ୱରାୟାଙ୍କର ଇଞ୍ଜିନିୟରିଂ ବିଦ୍ୟାରେ ପାରଦର୍ଶିତା ଓ ଉଭୟଙ୍କର ଉଦ୍ଭାବନକ୍ଷମ ସୃଷ୍ଟିଶୀଳ ମସ୍ତିଷ୍କ ସହିତ ସଂଯତ, ସାତ୍ତ୍ୱିକ ଜୀବନଚର୍ଯ୍ୟା ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥିଲା, ଯେଉଁଥିପାଇଁ ଆମେ ସେ ଦୁହିଁଙ୍କୁ ମହାନ୍ ଚିନ୍ତକ ଭାବେ ସ୍ୱୀକାର କରିବା। ଯେଉଁ ବ୍ୟକ୍ତି ମହତ୍ ଚିନ୍ତା କରୁଛନ୍ତି, ଚିନ୍ତା ଅନୁଯାୟୀ ମହତ୍ କାର୍ଯ୍ୟ କରୁଛନ୍ତି, ତାଙ୍କ ଚିନ୍ତା ଓ କାର୍ଯ୍ୟର ମହତ୍ ପ୍ରଭାବ ସମାଜ ଉପରେ ପଡୁଛି, ସେହିଭଳି ବ୍ୟକ୍ତିଙ୍କୁ ଆମେ ସ୍ୱାଭାବିକ ଭାବେ ଜଣେ ଚିନ୍ତକ ବୋଲି କହିପାରିବା।

ଧର୍ମଶାଳା ମହାବିଦ୍ୟାଳୟ, ଯାଜପୁର, ମୋ– ୯୮୫୩୨୮୨୯୬୨

## ଏଇ ଭାରତରେ

ପିଲା ଦୁଷ୍ଟ ହେଲେ ମାତାପିତା ଦଣ୍ଡ ଦେଇଥାଆନ୍ତି। ଏହା ପୁଣି ଭିନ୍ନ ଭିନ୍ନ ପ୍ରକାର ହୋଇଥାଏ। ଛୋଟ ପିଲା ଏଣିକି ତେଣିକି ଦୌଡ଼ିଲେ ମା' ତା'ର ଗୋଟିଏ ଗୋଡ଼କୁ ବାନ୍ଧି ଦିଏ। ଅଝଟ ହେଲେ ଅଥବା କାନ୍ଦିଲେ ତା'ର କଅଁଳ ଗାଲ, ପିଠି ଅବା ପିଚାକୁ ଚାପୁଡା ମାରିଥାଏ। ବିହାରର ଛପରାରେ କାନ୍ଦୁଥିବା ଏକ ଶିଶୁପୁତ୍ରର ପାଟି ବନ୍ଦ କରିବାକୁ ଯାଇ ମା' ତା' ପାଟିରେ ଫେବିକ୍ୱିକ୍ ଲଗାଇ ଦେଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପିତାଙ୍କ ସୂଚନା ଅନୁଯାୟୀ, ସେ କାମକୁ ଯାଇ ବହୁ ସମୟ ବାହାରେ ରହିଯାଇଥିଲେ। ଘରକୁ ଫେରି ଦେଖିବା ବେଳକୁ ପୁଅ ନୀରବ ହୋଇ ଶୋଇରହିଛି ଓ ତା' ପାଟିରୁ ଫେଣ ବାହାରୁଛି। ଏ ସମ୍ପର୍କରେ ସେ ସ୍ତ୍ରୀକୁ ପଚାରିବାରୁ ଶିଶୁଟି ବାରମ୍ବାର କାନ୍ଦିବାରୁ ତା' ପାଟିରେ ଫେବିକ୍ୱିକ୍ ଲଗାଇଦେଇଥିବା କହିଥିଲେ। ଦୁଇ ଓଠ ବନ୍ଦ ହୋଇଯିବାରୁ ପିଲା କାନ୍ଦ ବନ୍ଦ୍ କରି ଚୁପ୍ ହୋଇଯାଇଥିଲା। ତାକୁ ତୁରନ୍ତ ହସ୍ପିଟାଲ୍‌ରେ ଭର୍ତ୍ତି କରାଯିବା ପରେ ସେ ବିପଦମୁକ୍ତ ଥିବା ଜଣାପଡିଛି।

## ଚିରନ୍ତନୀ

ଧରାରେ ନାଚଇ ନିଦାଘର ମରୀଚିକା
ଆକାଶେ ଉଠଇ ତୀବ୍ର ତପନ ଶିଖା
ଶୂନ୍ୟ ବିପିନ ନାହିଁ ଜନପଥ ଘାଟେ
ପଶୁ ବିହଙ୍ଗ ନ ଦିଶଇ ବିଲ ବାଟେ।

(ଜୀବନର ସ୍ୱର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର



# ସ୍ୱାର୍ଥ ପାଇଁ ଦଳ ବଦଳ

ବିଚିତ୍ର ବିଶ୍ୱାଳ

ନିର୍ବାଚନ ପାଖେଇ ଆସିଲେ ନେତାମାନଙ୍କର ପତିଆରା ଯେତିକି ବଢ଼ିଯାଏ ତା'ଠାରୁ ଅଧିକ ବଢ଼ିଯାଏ ଗାଁ ଗହଳିରେ ଥିବା କୁଜିନେତାଙ୍କର। ଏଇ କୁଜିନେତାମାନେ ହିଁ ଭୋଟ ବେଳେ ଅସଲ ଖେଳ କରନ୍ତି ବୋଲି ଲୋକେ କୁହନ୍ତି। ଏମାନେ ଆଉ କେହି ନୁହନ୍ତି, ଆମ ତମ ପରି ସାଧାରଣ ଲୋକ। କିନ୍ତୁ ଭୋଟ ବେଳେ ଏମାନେ ଏପରି ଭକ୍ତିଭାବ ଦେଖେଇ ଆଗେଇ ଆସନ୍ତି, ସତେ ଯେମିତି ଏମାନେ ଅନ୍ୟ ଗ୍ରହର ଜୀବ। ଏମାନଙ୍କ ଆଖି ସାମ୍ନାରେ ଏମାନଙ୍କୁ ଭକୁଆ ବା ଜଳକା ବନାଯାଉଥିବା ବେଳେ ଏମାନେ ଅତ୍ୟନ୍ତ ଭାବଗର୍ଭକ ମୁଦ୍ରାରେ କେବଳ ଅମୁକ କି ସମୁକ ବାବୁଙ୍କର ଗୁଣକୀର୍ତ୍ତନରେ ମଜ୍ଜି ଥାଆନ୍ତି। ପରିଣାମ ସ୍ୱରୂପ ନେତାମାନେ ତାଙ୍କ ସ୍ୱାର୍ଥର ରୁଟି ସେକି ନେଇ ଚାଲିଯାଆନ୍ତି ଓ କୁଜିନେତାମାନେ ଯେଉଁ ଭକୁଆକୁ ସେଇ ଭକୁଆ ହୋଇ ପଡ଼ିଥାନ୍ତି।

ଏଇ କିଛିଦିନ ହେବ ଆମ ଗାଁ' ରାଧୁଆ ନୂଆ ନୂଆ ଭକ୍ତ ହୋଇଛି, ମାନେ ଫୁଲ ଦଳର କୁଜିନେତା ବନିଛି। ତେଣୁ ଭୋଟ ବେଳ ପାଖେଇ ଆସିବା ଯୋଗୁ ସେ ମୋତେ ଓ ଅନ୍ୟମାନଙ୍କୁ ବୁଝାଏ, ଆମ ଫୁଲ ଦଳର ରଘୁଆ ଭାଇ ଏକ ନମ୍ବର ଲୋକ। ସେ ଜିତିଲେ ଆମ ଅଞ୍ଚଳ ସୁନା ହୋଇଯିବ। ଶଙ୍ଖ ଦଳର ଦାମା'ଇଟା ଜମା ଭଲ ଲୋକ ନୁହଁ। ସେ ଆସିଲା ମାନେ ଗଲା, ଆମ ଅଞ୍ଚଳ ଚାରିପାଞ୍ଚିରୁ ଯିବ। ରାଧୁଆ କଥାକୁ ଆମେ ଶୁଣୁ, କେବେକେବେ ହସୁ ଓ କେବେକେବେ ଚୁପ୍ ରହୁ। ଏଇ କିଛିଦିନ ହେବ, ନିର୍ବାଚନ ବିଜ୍ଞପ୍ତି ଘୋଷଣା ହେବା ପରେ ପାଣିପାଗ ପୂରା ବଦଳିଗଲାଣି। କେତେବେଳେ କେଉଁ ନେତାଙ୍କୁ ସମାଜସେବା ନିଶା ଚଢ଼ିଯାଉଛି ତ ହଠାତ୍ କାହାକୁ ଏପରି ଭାବେ ଗଣତନ୍ତ୍ର ଭୂତ ସବାର ହୋଇଯାଉଛି ଯେ, ସେ ଲୋକମାନଙ୍କ ମତ ନେଇ ଗୋଟିଏ ପାର୍ଟିରୁ ଆଉ ଗୋଟିଏ ପାର୍ଟିକୁ ଡେଇଁପଡୁଛି। ଏମିତି ପରିସ୍ଥିତିରେ ଶଙ୍ଖ ଦଳର ଦାମା'ଇ ଶଙ୍ଖ ପାର୍ଟି ଛାଡ଼ି କେଇଦିନ ବୁଲି ବୁଲି ଫୁଲ ଦଳକୁ ଡିଆଁଟେ ମାରିଦେଲେ ଓ କହିଲେ ସେହି ନିର୍ବାଚନମଣ୍ଡଳୀରୁ ଠିଆ ହେବେ, ଯେଉଁ ନିର୍ବାଚନମଣ୍ଡଳୀରେ ରଘୁଆଭାଇ ଭୋଟରେ ଠିଆହେବ ବୋଲି ଆଶା ବାନ୍ଧିଥିଲା।

ଦାମା'ଇ ଫୁଲ ଦଳକୁ ଯିବାରୁ ରଘୁଆ ଭାଇ ଆଉ କରେ କ'ଣ! ପଟ୍ କରି ଡିଆଁଟେ ମାରିଦେଲା ଶଙ୍ଖ ଦଳକୁ। ଏ ଭିତରେ ବିଚରା ଆମ ଗାଁ ରାଧୁଆ ମହା ମୁସ୍କିଲ୍‌ରେ! ସେ ତ ଏଇ ଦି'ଦିନ ଆଗରୁ କହୁଥିଲା ରଘୁଆ ଭାଇ ଭଲ, ଦାମା'ଇ ଖରାପ। ହେଲେ ତାକୁ ଏବେ କହିବାକୁ ପଡ଼ିବ ଦାମା'ଇ ଭଲ, ରଘୁଆ ଭାଇ ଖରାପ। ବିଚରା କିଛି ବୁଝିପାରୁ ନ ଥିଲା, କ'ଣ କରିବ! ସେପଟେ କିନ୍ତୁ ଦାମା'ଇ ଓ ରଘୁଆ ଭାଇ ଉଭୟେ ଲୋକଙ୍କର ସେବା କରିବେ ବୋଲି ଏବଂ ନିଜ ସମର୍ଥକମାନଙ୍କ କହିବାନୁଯାୟୀ ଦଳ ବଦଳ କରିଛନ୍ତି ବୋଲି ଟିଭିରେ ବାଇଟ୍ ଦେଉଥିଲେ। ଏଇଟା କେବଳ ଗୋଟିଏ ଗପ ପରି ଘଟଣା ନୁହେଁ। ଆଜିର ସମୟରେ ଏମିତି ଘଟଣା ଶହ ଶହ ସଂଖ୍ୟାରେ ଘଟୁଛି ଓ ନିର୍ବାଚନ ତାରିଖ ଘୋଷଣା ହେବାଠାରୁ ପ୍ରତିଦିନ ଘଟୁଛି। ରାତାରାତି ନେତାମାନେ ଏ ଦଳ ଛାଡ଼ି ସେ ଦଳକୁ ଡେଉଁଛନ୍ତି। ବିଚରା ସେମାନଙ୍କର ସମର୍ଥକମାନେ ପରସ୍ପର ବିରୋଧରେ ଲାଠି, ଠେଙ୍ଗା, ବନ୍ଧୁକ ପର୍ଯ୍ୟନ୍ତ ଧରିବା ଯାଏ କଥା ଯାଉଥିବା ବେଳେ ନିଜର ସ୍ୱାର୍ଥ ପାଇଁ ନେତାମାନେ ନିଜ ପକେଇବା ଛେପକୁ ପୁନର୍ବାର ଢୋକିବା ପରି ରାତି ଅଧରେ ଦଳ ବଦଳେଇ ଦେଉଛନ୍ତି। ଆଜି ଯେଉଁ ସମର୍ଥକମାନେ ଯେଉଁ ନେତାଙ୍କ ବିରୋଧରେ ପ୍ରଚାର କରୁଥିଲେ କାଲି ସକାଳେ ତାଙ୍କ ବେକରେ ଫୁଲମାଳ ପକେଇବାକୁ ପଡୁଛି। ସେହିପରି ଆଜି ଯାହା ବେକରେ ସମର୍ଥକମାନେ ଫୁଲମାଳ ପକାଉଥିଲେ, ରାତି ପାହିବା ବେଳକୁ ତାଙ୍କ ପୋଷ୍ଟରକୁ ଜୋତା ମାଳ ପିନ୍ଧେଇବାକୁ ପଡ଼ିବା ପରି ପରିସ୍ଥିତି ସୃଷ୍ଟି ହେଉଛି।

ଏଭଳି ପରିସ୍ଥିତିରେ ସବୁଠାରୁ ଅଧିକ ଅସୁବିଧାରେ ପଡୁଛନ୍ତି ସାଧାରଣ ଜନତା। ସେମାନେ ନିଜ ସ୍ୱଳ୍ପ ସ୍ମରଣଶକ୍ତିରେ ମନେ ରଖିବାକୁ ସକ୍ଷମ ହୋଇପାରୁନାହାନ୍ତି, ଅମୁକବାବୁ ଏବେ କେଉଁ ପାର୍ଟିରେ ଅଛନ୍ତି। ପୂର୍ବରୁ ରାଜନୀତିରେ ଲୋକମାନେ କଥା ହେଉଥିଲେ ଅମୁକବାବୁ ରକ୍ତରୁ କଂଗ୍ରେସ କି ରକ୍ତରୁ ଭାଜପା। ଏବେ ରାଜନୀତି ବିଷୟ କଥା ଉଠିଲେ ପ୍ରଥମେ ପଚରାଯାଉଛି, ଅମୁକ ବାବୁ ଏବେ କେଉଁ ଦଳରେ ? ରାଜନୀତିର ଚରିତ୍ର ବଦଳିଯାଇଛି। ନେତାମାନେ ଏବେ ଏପରି ଦଳ ବଦଳ କରୁଛନ୍ତି ବା ମାଙ୍କଡ଼ଡିଆଁ ମାରୁଛନ୍ତି, ଯଦି ଦିନେ ବି ଆପଣ ଟିଭି ଦେଖା କି ଖବରକାଗଜ ପଢ଼ା ବନ୍ଦ କରିଦେବେ ତେବେ ଜାଣିପାରିବେନି କିଏ ଏବେ କେଉଁ ଦଳରେ ଅଛି!

ଗୋଟିଏ କଥା ତ ସ୍ପଷ୍ଟ, ନେତାମାନେ ଯେତେ ମୁହଁ ଭୁରୁଡ଼ି ମାରନ୍ତୁ କି ଆମେ ସମାଜସେବା କରିବା ପାଇଁ ଦଳ ବଦଳେଇଲୁ, ଅସଲ କଥା ସମସ୍ତେ ଜାଣନ୍ତି। କେବଳ କ୍ଷମତା ପାଇଁ, ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ନିଜ ସୁବିଧାରେ ନେତାମାନେ ଦଳ ବଦଳାଉଛନ୍ତି। ତାଙ୍କୁ ଭୋଟ ଦେଇଥିବା ଜନତା କିମ୍ବା ତାଙ୍କ ପାଇଁ ବିରୋଧୀଙ୍କ ସହିତ ଶତ୍ରୁ ହୋଇଥିବା ତାଙ୍କ ସମର୍ଥକଙ୍କ କଥା ସେମାନେ ଆଦୌ ଚିନ୍ତା ବି କରନ୍ତିନାହିଁ। ଏମିତି ଭାବେ ନିଜକୁ ବିକ୍ରି କରିବା ପରେ ସେହି ନେତାମାନେ ଟିଭି ସାମ୍ନାରେ ଦାନ୍ତ ଦେଖାନ୍ତି। ଦେହଜୀବୀଟିଏ ତ ଅନ୍ତତଃ ନିଜକୁ ବିକ୍ରି କରିବା ପାଇଁ ଅନ୍ଧାର ସ୍ଥାନଟିଏ ଖୋଜେ, କିନ୍ତୁ ନେତାଟିଏ ନିଜକୁ ଦିନ ଦ୍ୱିପ୍ରହରରେ ମିଡିଆ ସାମ୍ନାରେ ନିଲାମ କରିଦିଏ। ଏହାଠାରୁ ବଳି ଘୃଣା ଓ ନିନ୍ଦାର ବିଷୟ କ'ଣ ଥାଇପାରେ! ଏତେ ହୀନକାର୍ଯ୍ୟ କରିବା ପରେ ବି ଆମ ନେତାମାନେ ଚିକ୍ ଚିକ୍ ଆଲୁଅରେ ବାଇଟ୍ ଦିଅନ୍ତି। କାରଣ ସେମାନେ ଜାଣିଛନ୍ତି ଖୁବ୍ ସହଜରେ ଜନତା ଓ ସମର୍ଥକମାନଙ୍କୁ ଭୂଆଁ ବୁଲେଇହେବ। କିନ୍ତୁ ଜନତା ଓ ବିଚରା କୁଜିନେତାମାନେ ଭକୁଆ ହୋଇ ରହିବାରେ କି ଖୁସି ପାଉଛନ୍ତି କେଜାଣି! ଆମେ ପ୍ରଶ୍ନ ନ କରି ଅଧିକରୁ ଅଧିକ ଭକୁଆ ହୋଇ ରହିବାରେ ଖୁସି ହେଉଥିବାରୁ ସେମାନେ ଏଣ୍ଡୁଅ ପରି ରଙ୍ଗ ବଦଳେଇବାକୁ ଅଧିକରୁ ଅଧିକ ସାହସ ପାଉଛନ୍ତି। ତେଣୁ ଲୋକମାନଙ୍କୁ ଓ କୁଜିନେତା ବୋଲାଉଥିବା ବ୍ୟକ୍ତିମାନଙ୍କୁ ମୁଣ୍ଡ ଟେକି ଠିଆହେବାକୁ ହେବ। ନିଜ ସ୍ୱାର୍ଥ ପାଇଁ ଓ କ୍ଷମତା ପାଇଁ ବାରମ୍ବାର ଦଳ ବଦଳାଉଥିବା ନେତାମାନଙ୍କୁ ପ୍ରଶ୍ନ ପଚାରି ଅସ୍ତବ୍ୟସ୍ତ କରିପକେଇବା କଥା। ତାଙ୍କ ପଛରେ ଆଦୌ ଜିନ୍ଦାବାଦ୍ ନ ପକେଇ ତାଙ୍କୁ ଏକବାରେ ଏକଘରିକିଆ କରିବାର ଆବଶ୍ୟକତା ଅଛି। ସବୁଠାରୁ ବଡ଼ କଥା, ନିଜର ଭୋଟଟି ଅତ୍ୟନ୍ତ ମୂଲ୍ୟବାନ୍, ଏହାକୁ କୌଣସି ପାର୍ଟି ପଛରେ ଭାସି ନ ଯାଇ ଭଲ ଓ ଯୋଗ୍ୟ ବ୍ୟକ୍ତି ଦେଖି ଦେବାର ଅଛି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### କ୍ଷୁଣ୍ଣ ହେଉଛି ମହାନତା

ମହାଶୟ,

ଧରିତ୍ରୀ ପୃଷ୍ଠାରେ ସାମ୍ବାଦିକ ଓ ସ୍ତମ୍ଭକାର ଆକାର ପଟେଲଙ୍କ ଲେଖା ପଢିବାର ସୁଯୋଗ ପାଇଲି। ଚିରାଚରିତ ଢଙ୍ଗରେ ସେ ନିଜ ମନସ୍ତତ୍ତ୍ୱକୁ ଜାହିର କରିଛନ୍ତି ଓ 'କ୍ଷୁଣ୍ଣ ହେଉଛି ମହାନତା' ତା'ର ନିଚ୍ଛକ ନିଦର୍ଶନ। ଯେତେ ଶାନ୍ତିପ୍ରିୟ ହେଲେ ବି ଭାରତ ପାଖରେ ଉପାୟ ବା କ'ଣ ? କୃଷ୍ଣ ଓ ଅର୍ଜୁନ ବି ଯୁଦ୍ଧର ସପକ୍ଷରେ ନ ଥିଲେ। ହେଲେ ଉପାୟଶୂନ୍ୟ ଥିଲେ। ଆମେ ଯୁଦ୍ଧର ପୃଷ୍ଠପୋଷକତା କରୁନାହୁଁ। କିନ୍ତୁ ଯୁଦ୍ଧର ବିକଳ୍ପ କାହିଁ ? ପାକିସ୍ତାନର ସାଧାରଣ ଜନତା ବା ସେ ଦେଶକୁ କେହି ଦୋଷ ଦେଉନାହାନ୍ତି, ହେଲେ ସେ ଦେଶ ଆତଙ୍କବାଦର ଭୂସ୍ୱର୍ଗ ଓ ସେଥିପାଇଁ ଦଣ୍ଡ ପାଇବା ଉଚିତ। ଆକାରବାବୁ ସବୁ ସମାଲୋଚନାର କେନ୍ଦ୍ର କରିଛନ୍ତି କେନ୍ଦ୍ର ପ୍ରଶାସନକୁ। ବ୍ୟକ୍ତିଗତ ଭାବେ ସେ କ'ଣ ଚିନ୍ତା କରନ୍ତି ଓ କୁହନ୍ତି ତାହା ଅଲଗା କଥା, କିନ୍ତୁ ଏଇ ଆକାର ପଟେଲ ଆଜମଲ କସବ ପରି ନରରାକ୍ଷସର ରାଜକ୍ଷମା ଆବେଦନ କରି ନିଜର କେଉଁ ମହାନତାର ନିଦର୍ଶନ ଦେଇଥିଲେ ଟିକେ ଜଣେଇବେ କି ?

ଅଶୋକ ଦାସ, ଭୁବନେଶ୍ୱର

### ସଙ୍କଟରେ ଦାଦନ ଶ୍ରମିକ

ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଦାଦନ ଖଟିବାକୁ ପିଲାଛୁଆଙ୍କୁ ଧରି ବାହାର ରାଜ୍ୟକୁ ଯାଉଛନ୍ତି। ଏମାନେ କିଛି ଦଲାଲଙ୍କଠାରୁ ବହିନା ନେଇ ଅନ୍ୟ ରାଜ୍ୟର କାରଖାନା ଓ ଇଟାଭାଟି ମାଲିକମାନଙ୍କ ପାଖରେ ବନ୍ଧା ପଡ଼ି ଯାଉଛନ୍ତି। ସେଠାରେ ଛୋଟ ପିଲାଠାରୁ ଆରମ୍ଭ କରି ମହିଳା, ଯୁବତୀ, ଝିଅ ସମସ୍ତେ ଦିନରାତି କାମ କରୁଛନ୍ତି। ସେମାନଙ୍କର ଯୁବତୀ ସ୍ତ୍ରୀ ଓ କନ୍ୟାମାନେ ବେଳେ ବେଳେ ମାଲିକ କିମ୍ବା ତାଙ୍କ କର୍ମଚାରୀଙ୍କ ଯୌନ ଶୋଷଣର ଶିକାର ହୁଅନ୍ତି। ସେମାନଙ୍କୁ ଅସ୍ୱାସ୍ଥ୍ୟକର ସ୍ଥାନରେ ରହିବାକୁ ପଡ଼େ। ପେଟପୂରା ଖାଦ୍ୟ ମିଳେନା କିମ୍ବା ରୋଗ ହେଲେ ଔଷଧ ମିଳେନା। ରୋଗାକ୍ରାନ୍ତ ହୋଇ ଖାଲି ହାତରେ ଘରକୁ ଫେରନ୍ତି। ଏହାର ମୁଖ୍ୟ କାରଣ ହେଲା ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର ଥିଲେ ମଧ୍ୟ ଏହାର ଉପଯୁକ୍ତ ବିନିଯୋଗ ହୋଇପାରୁନି। ଯେଉଁ ଯୋଜନାମାନ ଗ୍ରହଣ କରାଯାଉଛି, ତାହା ବାସ୍ତବ ତଥା ଦୁର୍ନୀତିମୁକ୍ତ ହୋଇପାରୁନି। ଏହି ପରିପ୍ରେକ୍ଷୀରେ ତା୨୮।୧।୧୯ରିଖରେ ଧରିତ୍ରୀରେ ପ୍ରକାଶିତ ପ୍ରଦୀପ୍ତ ନାୟକଙ୍କ ଆଲେଖ୍ୟ 'ଦାଦନ ଶ୍ରମିକ' ଖୁବ୍ ମାର୍ମିକ ଓ ତଥ୍ୟ ସମ୍ବଳିତ ହୋଇଛି।

ଭଗବାନ ଦାସ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



# ପ୍ରତିଶ୍ରୁତି ପାଳନ କରୁନାହାନ୍ତି ନିର୍ବାଚିତ ପ୍ରତିନିଧି

## ■ ମୌଳିକ ସେବାରୁ ବଞ୍ଚିତ ଶୀତଳପଡ଼ାବାସୀଙ୍କ ଭୋଟବର୍ଜନ ଧମକ

ରାଉରକେଲା ଅଫିସ,୨୭।୩

ପ୍ରତ୍ୟେକ ନିର୍ବାଚନରେ ଆମେ ଭୋଟ ଦେଉଛୁ। ବସ୍ତିର ଉନ୍ନତି ନେଇ ପ୍ରତିଶ୍ରୁତି ମିଳୁଛି। ଲୋକେ ନେତାଙ୍କ ମିଠା କଥାରେ ଭାସି ତାଙ୍କ ସପକ୍ଷରେ ମତଦାନ କରୁଛନ୍ତି। ହେଲେ ପରବର୍ତ୍ତୀ ସମୟରେ ଆମକଥା ଭୁଲିଯାଉଛନ୍ତି। ଏଥର ଆଉ ସେମିତି ହେବାକୁ ଦିଆଯିବନି ବୋଲି କହିଛନ୍ତି ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୀତଳପଡ଼ା ବାସିନ୍ଦା। ବୁଧବାର ପୂର୍ବାହ୍ଣରେ ବସ୍ତିରେ ଆୟୋଜନ କରାଯାଇଥିଲା ଏକ ଖବରଦାତା ସମ୍ମିଳନୀ। ଏଥିରେ ଏକାଠି ହୋଇଥିଲେ ସ୍ଥାନୀୟ ବାସିନ୍ଦା। ଅଭିଯୋଗ କରିଥିଲେ, ରାଉରକେଲା ଇସ୍ପାତ କାରଖାନା ଆରମ୍ଭରୁ ଆମେ ଏହି ବସ୍ତିରେ ବାସ କରୁଛୁ। ରାସ୍ତା ଡେଇଁଲେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କାର୍ଯ୍ୟାଳୟ। ତଥାପି ଆମକୁ ଆର୍‌ଏମ୍‌ସି ଅନ୍ତର୍ଭୁକ୍ତ କରାଗଲାନି। ପଡ଼ି କାର୍ଡରେ ଗହମ ଚାଉଳ ମିଳୁଛି। ଗରିବ ଅସହାୟ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ଭତ୍ତା ମିଳୁଛି। ବସ୍ତିରେ ଅଙ୍ଗନୱାଡି କେନ୍ଦ୍ର ଅଛି। ମହିଳା ଆରୋଗ୍ୟ ସମିତି କାମ କରୁଛି। ପାଣି ବିଜୁଳି ଯୋଗାଇ ଦିଆଯାଇଛି। କଂକ୍ରିଟ ରାସ୍ତା କରୁଛନ୍ତି ନିର୍ବାଚିତ ପ୍ରତିନିଧି। ହେଲେ ଏ ସବୁ ନାଁକୁ ମାତ୍ର। ବୋଲକରା ହୋଇ ରହିବାକୁ ପରୋକ୍ଷରେ ବାଧ କରାଯାଉଛି। ଆମେ ମହାନଗର ବାସିନ୍ଦା ନୁହଁ କି ପଞ୍ଚାୟତରେ ଅନ୍ତର୍ଭୁକ୍ତ ନୋହୁଁ। ଆମକୁ କୁହାଯାଉଛି ଶିଳ୍ପାଞ୍ଚଳ ବାସିନ୍ଦା। ଆର୍‌ଏସ୍‌ପି ଅଧିଗୃହୀତ ଜମି ଉପରେ ରହୁଛୁ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଆମେ ଆଲୋଡ଼ା। ସରପଞ୍ଚ କି କାଉନସିଲରଙ୍କୁ ଭୋଟ ଖଣ୍ଡେ ଦେବା ଅଧିକାର ଆମର ନାହିଁ। ସରକାର ଚାଉଳ ଗହମ ଗଣ୍ଡେ ଦେଇ ବାକି ଯୋଜନାରୁ ଆମକୁ ବଞ୍ଚିତ କରି ରଖିଛନ୍ତି। କେବଳ ଭୋଟ ହାତେଇବାକୁ ଦୀର୍ଘବର୍ଷ ହେବ ଆମକୁ ଲଲିପପ୍ ଦିଆଚାଲିଛି ବୋଲି କହିଥିଲେ କ୍ଷୁବ୍ଧ ବସ୍ତି ବାସିନ୍ଦା। ଆମ ଦେହରେ ଶିଳ୍ପାଞ୍ଚଳ ବାସିନ୍ଦା ଷ୍ଟାମ୍ପ ମାରି ଦିଆଯାଇଛି। ଆମେ ସରକାରୀ ଯୋଜନାରୁ ଘର ଖଣ୍ଡେ ପାଇପାରୁନୁ ଯେତେବେଳେ ପାଇଖାନା କେମିତି କରିବୁ ବୋଲି ପ୍ରଶ୍ନ କରିଥିଲେ ବସ୍ତିବାସିନ୍ଦା। ଏଣେ ସହରକୁ ବାହ୍ୟ ମଳମୂତ୍ରମୁକ୍ତ କରିବାକୁ ପ୍ରଶାସନ ଆହ୍ୱାନ ଦେଉଛି। ଆମ ବସ୍ତି ପାଇଁ ଏହା ଲାଗୁ ନୁହେଁ। ଆମ ଲୋକେ ବାହାରେ ମଳମୂତ୍ର ତ୍ୟାଗ କଲେ ଆର୍‌ଏମ୍‌ସିର ଆପତ୍ତି ନାହିଁ। ଏହା କିଭଳି ଦୋମୁହାଁ ନୀତି ତାହା ବିଚାରଯୋଗ୍ୟ ବୋଲି କହିଥିଲେ ବସ୍ତି ମହିଳା। ସରକାରଙ୍କ ଭୁଲ ନୀତି ଯୋଗୁ ଆଜି ଶୀତଳପଡ଼ାର ହଜାରେ ବସ୍ତିବାସିନ୍ଦା ଭଙ୍ଗା ଦଦରା ଘରେ ପଡ଼ି ରହିଛନ୍ତି। ଏଠାକାର ପରିମଳ ଅବସ୍ଥା ନ କହିବା ଭଲ। ଶିକ୍ଷା ସ୍ୱାସ୍ଥ୍ୟ, ରାସ୍ତା ଓ ପାନୀୟ ବ୍ୟବସ୍ଥା ନେଇ ଆମ ଗୁହାରି ଶୁଣିବାକୁ କେହି ନାହିଁ। ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ଲୋକଦେଖାଣିଆ କିଛି କାମ କରାଯାଇଛି। ଏହା ସତ୍ତ୍ୱେ ଆଜି ବି ଶୀତଳପଡ଼ାବାସୀ ମୌଳିକ ସୁବିଧାରୁ ବଞ୍ଚିତ ବୋଲି ଅଭିଯୋଗ କରିଥିଲେ। ସବୁଥିରୁ ବଞ୍ଚିତ କରି ରଖିଥିବା ନେତାଙ୍କୁ ଆଉ ଭୋଟ ଦେବାର ପ୍ରଶ୍ନ ଉଠୁନି। ଯେମିତି ଦୁର୍ଦ୍ଦଶାରେ ରହିଛୁ ସେମିତି ରହିବୁ ପଛେ ଅଯଥାରେ କାହାର ଗୋଡ଼ାଣିଆ ନ ହେବାକୁ ନିଷ୍ପତି ନେଇଛନ୍ତି ବସ୍ତିବାସିନ୍ଦା। ଖୁବଶୀଘ୍ର ଆଉ ଏକ ବୈଠକ ଡକାଯାଇ ପରବର୍ତ୍ତୀ ପଦକ୍ଷେପ ଘୋଷଣା କରାଯିବ ବୋଲି କହିଥିଲେ କଳ୍ପନା ଜେନା, ସୁକାନ୍ତୀ ମାଝି, ଭାରତୀ ପାଣିଗ୍ରାହୀ, ବିଦ୍ୟୁଲତା ପଣ୍ଡା, ରଞ୍ଜିତା ପଣ୍ଡା, ଚିତ୍ରା ନାୟକ, ସରସ୍ୱତୀ ସାହୁ, ପ୍ରମିଳା ସାହୁ ଓ ବାସନ୍ତି ମିଶ୍ର ପ୍ରମୁଖ।



ଭୋଟ ବର୍ଜନ ନେଇ ଶୀତଳପଡ଼ାବାସୀଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ବସ୍ତିବାସିନ୍ଦା।




ବିଶ୍ୱ ନାଟ୍ୟ ଦିବସ ଅବସରରେ ପରିବେଷିତ ନାଟକର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ବିଶ୍ୱ ନାଟ୍ୟ ଦିବସରେ ସଚେତନତା ବାର୍ତ୍ତା

ରାଉରକେଲା ଅଫିସ,୨୭।୩

ବିଶ୍ୱ ନାଟ୍ୟ ଦିବସ ଅବସରରେ ଜଗଦାସ୍ଥିତ ବିର୍ସା ମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜନନାଟ୍ୟ ମଞ୍ଚ ପକ୍ଷରୁ ଏକ ସଚେତନତାଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ନାଟ୍ୟକାର ଆର୍ତ୍ତତ୍ରାଣ ମହାପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଡାହାଣୀ ବିଶ୍ୱାସର ମୃତ୍ୟୁ ମଞ୍ଚସ୍ଥ ହୋଇଥିଲା। ଏଥିରେ ଅଭିନୟ କରିଥିଲେ ମାନବସେବା ପ୍ରତିଷ୍ଠାନର ଅନ୍ତେବାସୀ। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ଶଶୀକାନ୍ତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି, ବିଦ୍ୟାଳୟ ସମ୍ପାଦକ ବି.ବି. ପଣ୍ଡା ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ନାଟକରେ ଡାହାଣୀ ସନ୍ଦେହରେ ଶିକ୍ଷା, ଅଶିକ୍ଷା ନିର୍ବିଶେଷରେ କିପରି ସାଧାରଣ ମଣିଷ ଏହାର ଶିକାର ହେଉଛି ସେ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଡାହାଣୀ ଯେ ଏକ ଅନ୍ଧବିଶ୍ୱାସ ଏ କଥାକୁ ଆଜି ଅନେକ ସ୍ୱୀକାର କରିବା ଅବସ୍ଥାରେ ନାହାନ୍ତି। ଗ୍ରହ ପୂଜାଠାରୁ ନେଇ ବିଭିନ୍ନ ଉଦ୍ଦେଶ୍ୟରେ କରାଯାଉଥିବା ପୂଜାପାଠ ସମ୍ପୂର୍ଣ୍ଣ ଅବୈଜ୍ଞାନିକ। ନାଟ୍ୟକାରଙ୍କ ବିଚାରଧାରାକୁ ଉପସ୍ଥିତ ଦର୍ଶକ ପ୍ରଶଂସା କରିଥିଲେ। ଏହି ନାଟକରେ ସୁବ୍ରତ ବାର୍ଲା, ବିଜ୍ଞାନ ଏକ୍କା, ଆଦିତ୍ୟ ନାୟକ, ବିନୋଦ ବାଙ୍କରା, ନାମଜାନ ଟପ୍ପୋ, ବିକାଶ ଏକ୍କା, ଆନିସ ହେରେଞ୍ଜ, ବୈଶାଳୀ ତାଣ୍ଡିଆ ଓ ରଶ୍ମିତା ଲୁଗୁନ ପ୍ରମୁଖ ଅଭିନୟ କରିଥିଲେ। ହେମନ୍ତ ତାଣ୍ଡିଆ ନାଟକର ପ୍ରଯୋଜନା କରିଥିଲେ।

# ଯାଞ୍ଚ ପରେ ପ୍ରାର୍ଥୀ ତାଲିକା ପ୍ରକାଶ

ରାଉରକେଲା ଅଫିସ,୨୭।୩

ସୁନ୍ଦରଗଡ଼ ଲୋକ ସଭା ଓ ଏହା ଅଧୀନ ବିଧାନସଭା ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ଏପ୍ରିଲ ୧୮ ତାରିଖଲେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଥିଲା। ବୁଧବାର ସେଗୁଡ଼ିକ ଯାଞ୍ଚ କରାଯାଇ ନାମାଙ୍କନ କାଏମ ରହିଥିବା ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ପାନପୋଷ ଉପଖଣ୍ଡ ନିର୍ବାଚନ ଅଧିକାରୀ ଓ ବୀରମିତ୍ରପୁର ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ରାଉରକେଲା, ରଘୁନାଥପାଲି ଓ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ପ୍ରକାଶିତ ତାଲିକା ଅନୁଯାୟୀ, ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ ଜଗବନ୍ଧୁ ବେହେରା, କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ବହୁଜନ ସମାଜ ପାର୍ଟିର ସୁନିଲ କାରୁଆ, ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇ, ଆମ୍ ଆଦ୍‌ମୀ ପାର୍ଟିର ଅଞ୍ଜଳି ବାଙ୍କ୍ରା, କୋଶଳ ଜନତା ଦଳ (କେଜେଡି)ର ବିଶ୍ୱକର୍ମା ବାଗ, ସ୍ୱାଧୀନ ପ୍ରାର୍ଥୀ ଜୟକୃଷ୍ଣ ମହାନନ୍ଦିଆ, ମହେନ୍ଦ୍ର କୁମ୍ଭାର ଓ କ୍ଷେତ୍ରମୋହନ ମସାନ୍ତଙ୍କ ନାମାଙ୍କନ କାଏମ ରହିଛି। ରାଉରକେଲା ବିଧାନସଭା କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ନିହାର ରାୟ, କଂଗ୍ରେସ ପ୍ରାର୍ଥୀ ବୀରେନ ସେନାପତି, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ବିଷ୍ଣୁଚରଣ ମହାନ୍ତ, ବିଜେଡି ପ୍ରାର୍ଥୀ ସାରଦା ନାୟକ, ଆମ୍ ଆଦ୍‌ମୀ ପାର୍ଟିର ଲମ୍ବୋଦର ମହାନ୍ତ, କେଜେଡିର ସୁରମା ମିଶ୍ର, ସ୍ୱାଧୀନ ପ୍ରାର୍ଥୀ ଧର୍ମେନ୍ଦ୍ର ମହାପାତ୍ର, ପୀତବାସ ମିଶ୍ର ଓ ବିକାଶ ମାନସିଂଙ୍କ ନାମାଙ୍କନ କାଏମ ଥିବା ଜଣାଯାଇଛି। ସେହିପରି ବୀରମିତ୍ରପୁର ବିଧାନସଭା ଆସନ ପାଇଁ ନାମାଙ୍କନ ଭରିଥିବା ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ପାଉଲୁସ ଓରାମ, ବିଜେଡି ପ୍ରାର୍ଥୀ ମଖଲୁ ଏକ୍କା, କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ଭାଜପା ପ୍ରାର୍ଥୀ ଶଙ୍କର ଓରାମ, ଆମ୍ ଆଦ୍‌ମୀ ପାର୍ଟିର ବିନୟ କୁଲୁ, ଜେଏମ୍‌ଏମ୍‌ର ସେବିୟାନ ଆଇନ୍ଦ ସ୍ୱାଧୀନ ପ୍ରାର୍ଥୀ ପିଟର ଟପ୍ପୋ, ମାନସିଦ ଏକ୍କା ଓ ସଞ୍ଜୀବ ପ୍ରତାପ ସିଂଦେଓଙ୍କ ନାମାଙ୍କନ କାଏମ ରହିଥିବା ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି।

# ମ୍ୟୁଜିକ୍ ସର୍କଲ ପକ୍ଷରୁ ବସନ୍ତ ସମାରୋହ




ମ୍ୟୁଜିକ୍ ସର୍କଲ ପକ୍ଷରୁ ଛେଣ୍ଡଠାରେ ଆୟୋଜିତ ବାସନ୍ତିକା ସମାରୋହରେ ମଞ୍ଚାସୀନ ଅତିଥି।

ରାଉରକେଲା ଅଫିସ,୨୭।୩

ଛେଣ୍ଡ ହିଲ୍ ଭିଉ ନିକଟ ମ୍ୟୁଜିକ ସର୍କଲ ପରିସରରେ ମଙ୍ଗଳବାର ବାସନ୍ତିକା ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ମଣିଷର କଥା ଓ କଥାର ମଣିଷ ଶୀର୍ଷକ ଆଲୋଚନାଚକ୍ର। ଏଥିରେ ଯୋଗଦେଇଥିବା ଅତିଥି କହିଥିଲେ, ମଣିଷର ସବୁଠାରୁ ବଡ଼ ବେଦନା ହେଲା ଅଙ୍ଗେନିଭା ଅନ୍ତରଙ୍ଗ କାହାଣୀ ବା ଅନୁଭୂତି। ଯାହା ଅନେକ ସମୟରେ ଅକୁହା ହୋଇ ରହିଯାଏ। ପ୍ରତ୍ୟେକଙ୍କ ଜୀବନରେ ଏମିତି କାହାଣୀ ଅବଶ୍ୟ ରହିଥାଏ। ତାହାକୁ କେମିତି ଲେଖିବା କିମ୍ୱା ଗପର ରୂପଦେବା ସେ କଥା ଜଣେ କୁଶଳୀ କଥାକାର ଉପରେ ନିର୍ଭର କରେ। ଯାହା ଜନମାନସକୁ ସ୍ୱତଃ ପ୍ରଭାବିତ କରିଥାଏ। ଏଥିରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ରମେଶ ମଲ୍ଲିକ କହିଥିଲେ, ଦେଶବିଦେଶର ସବୁ ପ୍ରତିଷ୍ଠିତ ଗାଳ୍ପିକମାନେ ମଣିଷର ଜୀବନ ଓ ତା'ର ଅନୁଭୂତିକୁ ପାଥେୟ କରି କାଳଜୟୀ ସାହିତ୍ୟ ସୃଷ୍ଟି କରିଥାନ୍ତି। ସମ୍ମାନିତ ବକ୍ତା ହୃଷୀକେଶ ରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଭବେଶ ସାହୁ ନିଜ ବକ୍ତବ୍ୟରେ ମଣିଷର କଥା ଓ କଥାର ମଣିଷ ବାସ୍ତବିକ ଏକ ଚମତ୍କାର ବିଚାରଧାରା ବୋଲି କହିଥିଲେ। ମୁଖ୍ୟଅତିଥି ଶିକ୍ଷାବିତ୍ ଶଙ୍କରପ୍ରସାଦ ତ୍ରିପାଠୀ କହିଥିଲେ ଯେଉଁଠି ମଣିଷର ମସ୍ତିଷ୍କ ଗଭୀର ଭାବେ କାର୍ଯ୍ୟ କରେ ତାହା କ୍ରମେ ମୂଲ୍ୟବାନ ହୋଇଯାଏ। ଶିଶୁମାନେ ସର୍ବଦା ବିଶ୍ୱ ଚେତନାରେ ନିମଗ୍ନ ରହିଥାନ୍ତି। ଯାହା ଏମାନଙ୍କୁ ବୈଦ୍ୟୁତିକତା ଅନୁଭବରେ ବୁଡ଼ାଇ ରଖିଥାଏ ବୋଲି ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ନିଜ ସଭାପତୀୟ ଅଭିଭାଷଣରେ ମହେନ୍ଦ୍ର ପଟ୍ଟନାୟକ କହିଥିଲେ, ମଣିଷ ନିଜ ମନ ଗହନର କଥା କହିପାରିବା ହେଉଛି ଏକ ମାନସିକ ତପସ୍ୟା। ସାହିତ୍ୟିକମାନେ ଏକ ଉଦାର ଓ ଭୟମୁକ୍ତ ସାମାଜିକ ବାତାବରଣ ସୃଷ୍ଟି କରିବାରେ ସହାୟକ ହେବା ଉଚିତ। ଯାହା ପରବର୍ତ୍ତୀ ସମୟରେ ଏକ ସୁଦୂରପ୍ରସାରୀ ଅନୁଭବର ବାର୍ତ୍ତା ପ୍ରଦାନ କରିବ ବୋଲି ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ବାସନ୍ତିକା ଉନ୍ମୋଚିତ ହୋଇଥିଲା। କବି ସୁସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ବହୁଭାଷୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ତ୍ରିନାଥ ସିଂ, ସୂଚୀସ୍ମିତା ବିଶ୍ୱାସ, ଶ୍ୟାମସୁନ୍ଦର ଅଗ୍ରୱାଲ, ଶିଶିର ନାୟକ, ପଲ୍ଲବ ଚାଟାର୍ଜୀ, ଲାଖୋ ଟପ୍ପୋ, ଡ. କିଶୋରୀ ଦାସ, ଡ. ସୁଶିଲ ଦାହିମା ଓ ଡ. ସଞ୍ଚିତା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେଁ ଟେଁୟା ସାରୀ**
**ଚିକ୍କଣିଆ ଭଣ୍ଡାରି**
**ଚାହିଁ ଜଳକୀ ବିଟପୀ ନାରୀ**
**ସଖୀ ବଡ଼ ମନ୍ଦ ଏ ।**

ଅହରହ ରାବ କରୁଥିବା ସାରୀକୁ କେହି ଆଦର କରି ନ ଥାନ୍ତି। ଚିକ୍କଣିଆ କଥା କହୁଥିବା ବ୍ୟକ୍ତି କେବେ ବି ବିଶ୍ୱାସ ବା ଭରସାଯୋଗ୍ୟ ହୋଇପାରି ନ ଥାନ୍ତି। ସେହିପରି ବ୍ୟଭିଚାରିଣୀ ନାରୀକୁ କେହି ସାଦରେ ଗ୍ରହଣ କରି ନ ଥାନ୍ତି। ଏମାନେ ସମସ୍ତେ ଖରାପ ସ୍ୱଭାବର ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଡେଇଁ ଡେଇଁ ଗଲା ଧଣ୍ଡ**
**ଡାମରା କାଉକୁ ଓଢ଼ଣା ପଡୁଛି**
**ଢମକୁ ହଲାଉ ମୁଣ୍ଡ ।**

ଧଣ୍ଡସାପ ବିଷହୀନ। ଡାମରା କାଉ ଦେଖିଦେଲେ କାଳେ ଖୁମ୍ପି ଦେବ ସେହି ଭୟରେ ସେ ଲୁଚିଯିବାକୁ ଶ୍ରେୟ ମଣିଥାଏ। ଡାମରା କାଉର ଆଢୁଆଳରେ ରହି ବର୍ତ୍ତିଯାଇଥିବା ଧଣ୍ଡସାପ ନିଜକୁ ବଡ଼ ବୋଲି ଦେଖାଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ ବରଂ ଏହା ତା'ର ନିର୍ବୋଧତା ବୋଲି ବୁଝାପଡ଼ିଥାଏ। ସବଳ ବ୍ୟକ୍ତିର ଅଲକ୍ଷ୍ୟରେ ଦୁର୍ବଳ ବ୍ୟକ୍ତି ନିଜ ଅହଙ୍କାର ପଣିଆ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆର୍‌ଏସ୍‌ପି ପକ୍ଷରୁ ସୁରକ୍ଷା ସପ୍ତାହ

ରାଉରକେଲା ଅଫିସ,୨୭।୩

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ପାଳନ କରାଯାଉଥିବା ସୁରକ୍ଷା ସପ୍ତାହ ଅବସରରେ ଓବିବିପି ବିଭାଗ କର୍ମଚାରୀଙ୍କ ଦ୍ୱାରା ସୁରକ୍ଷା ସମ୍ପର୍କିତ ଏକ ନାଟକ ପରିବେଷଣ କରାଯାଇଥିଲା। ଏଥିରେ ବିଭାଗୀୟ ଜିଏମ୍ ଏ. ବିଶ୍ୱାସ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସୁରକ୍ଷା ବିଭାଗ ଡିଜିଏମ୍ ଏସ୍.ସି. ମହାନ୍ତିଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପରିବେଷିତ ନାଟକ ସ୍ୱୟଂବରକୁ ବିଭାଗୀୟ ସହକାରୀ ମ୍ୟାନେଜର ଭଗବାନ ପରିଡ଼ା ନିର୍ଦ୍ଦେଶନା ଦେଇଥିଲେ। ନାଟକରେ ଜଣେ କନ୍ୟାଙ୍କ ନିଜ ଜୀବନସାଥୀ ଚୟନର ଆକାଂକ୍ଷାକୁ ପ୍ରଦର୍ଶିତ କରାଯାଇଥିଲା। ଶେଷରେ ସମସ୍ତ ସୁରକ୍ଷା ଉପକରଣ ପରିଧାନ କରୁଥିବା ଜଣେ ଚରିତ୍ରବାନ ଆର୍‌ଏସ୍‌ପି କର୍ମଚାରୀଙ୍କୁ ନିଜ ଜୀବନସାଥୀ ରୂପେ ବାଛିବା କାହାଣୀ ବେଶ୍ ନିଖୁଣ ଭାବେ ପ୍ରଦର୍ଶନ କରାଯାଇଥିଲା। ୨ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ନାଟକକୁ ଉପଭୋଗ କରିଥିଲେ। ବିଭାଗ ପକ୍ଷରୁ ଏନ୍.ଏମ୍. ପରିଡ଼ା, ବି. ପ୍ରଧାନ, ସୁକୁ ସେଠୀ, ପି.ସି. ପାତ୍ର, ଏସ୍.ଏସ୍. ସାହୁ ଓ ପି.କେ. ସାହୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଡିଜିଏମ୍ ଏ. କାକୁନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କୁ ଭିଏଚ୍‌ପି ନେତାଙ୍କ ପତ୍ର

# ପାକିସ୍ତାନରେ ଅତ୍ୟାଚାରିତ ହିନ୍ଦୁଙ୍କୁ ଭାରତ ଅଣାଯାଉ

ରାଉରକେଲା ଅଫିସ,୨୭।୩

ପାକିସ୍ତାନରେ ଅଭିଶପ୍ତ ଜୀବନ କାଟୁଥିବା ଅତ୍ୟାଚାରିତ ହିନ୍ଦୁମାନଙ୍କୁ ଭାରତ ଫେରାଇ ଆଣିବା ଦାବିରେ ବୁଧବାର ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପଶ୍ଚିମ ଓଡ଼ିଶା ଧର୍ମପ୍ରଚାର ସମ୍ପାଦକ ଶାନ୍ତନୁ କୁସୁମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ଏଥିରେ ସେ ପାକିସ୍ତାନର ସଂଖ୍ୟାଲଘୁ ତଥା ନାମମାତ୍ର ହିନ୍ଦୁ ସମ୍ପ୍ରଦାୟଙ୍କ ଅଶାନ୍ତ ଜୀବନ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଗତ ଦୋଳପୂର୍ଣ୍ଣିମା ପୂର୍ବଦିନ ଦୁଇ ଜଣ ହିନ୍ଦୁ ନାବାଳିକାଙ୍କୁ ଅପହରଣ କରାଗଲା। ବଳପୂର୍ବକ ସେମାନଙ୍କ ଧର୍ମ ପରିବର୍ତ୍ତନ କରାଗଲା। ଶେଷରେ ଜୋରଜବରଦସ୍ତ ବିବାହ କରିଦିଆଗଲା। ଏଭଳି ଅମାନବୀୟ ପଦକ୍ଷେପକୁ କୁସୁମ ଦୃଢ଼ ନିନ୍ଦା କରିଛନ୍ତି। ପାକିସ୍ତାନରେ ରହିଯାଇଥିବା ହିନ୍ଦୁ ଆଦୌ ସୁରକ୍ଷିତ ନୁହନ୍ତି। ଭାରତ ସରକାର ଏଥିପ୍ରତି ସତର୍କ ରହିବା ଆବଶ୍ୟକ। ପାକିସ୍ତାନ ସରକାରଙ୍କ ପ୍ରୋତ୍ସାହନରେ ଚାଲିଥିବା ଏଭଳି ଦମନଲୀଳାକୁ ସଭ୍ୟ ମାନବ ସମାଜ କେବେ ବରଦାସ୍ତ କରିବ ନାହିଁ। ଏମିତି ଅବସ୍ଥା ଭୋଗୁଥିବା ପାକିସ୍ତାନୀ ହିନ୍ଦୁ କାହାକୁ ଦୁଃଖ ଜଣାଇବେ ଓ ସେମାନଙ୍କୁ କିଏ ସହାୟ ହେବ ତାହା ଆଜି ବଡ଼ ପ୍ରଶ୍ନ। ୧୯୪୭ ଦେଶ ବିଭାଜନ ସମୟରେ ଭାରତରେ ୨ କୋଟି ମୁସଲମାନ ଥିବାବେଳେ ପାକିସ୍ତାନରେ ପ୍ରାୟ ୧ କୋଟି ହିନ୍ଦୁ ଥିଲେ। ସ୍ୱାଧୀନତାର ୭୨ବର୍ଷ ପରେ ଭାରତରେ ମୁସଲମାନ ସଂଖ୍ୟା ୨୦ କୋଟିକୁ ବୃଦ୍ଧି ପାଇଛି। ଅପରପକ୍ଷେ ପାକିସ୍ତାନରେ ବଞ୍ଚି ରହିଛନ୍ତି ହାତଗଣତି ହିନ୍ଦୁ ପରିବାର। ଜୋରଜବରଦସ୍ତ ହିନ୍ଦୁଙ୍କ ଧର୍ମାନ୍ତରୀକରଣ କରାଯାଉଛି। ପ୍ରତିବାଦ କଲେ ଏହାର ଭୟାବହ ପରିଣତି ଭୋଗିବାକୁ ପଡୁଛି ଏମାନଙ୍କୁ। ଅପହରଣ ଓ ବଳାତ୍କାର ଭଳି ବ୍ୟଭିଚାରରେ ଅତିଷ୍ଠ ହିନ୍ଦୁ ମା' ଭଉଣୀମାନେ ଧର୍ମ ପରିବର୍ତ୍ତନ କରିବାକୁ ବାଧ ହେଉଛନ୍ତି। ଏସବୁ ପ୍ରତି ଭାରତ ସରକାର ଆଖି ବୁଜିଦେବା ଆଦୌ ସ୍ପୃହଣୀୟ ନୁହେଁ। ଏହାର ପ୍ରତିବାଦ ଓ ପ୍ରତିକାର ଲୋଡ଼ା। ତଥ୍ୟ ଅନୁସାରେ ଗତ ୧୦ବର୍ଷ ମଧ୍ୟରେ ୫୪୯ ହିନ୍ଦୁ ନବାଳିକା ଓ ୭୬୯ ହିନ୍ଦୁ ମହିଳା ଅପହରଣ ଓ ଗଣବଳାତ୍କାରର ଶିକାର ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୨୭ ଜଣ ମୃତ୍ୟୁବରଣ କରିଛନ୍ତି। ସେହିଭଳି ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ ୮୭୬ ହିନ୍ଦୁଙ୍କୁ ପାକିସ୍ତାନରେ ହତ୍ୟା କରାଯାଇଛି। ସବୁଠାରୁ ଭୟଙ୍କର ଘଟଣା ହେଲା ୩୨ ହଜାରରୁ ଊର୍ଦ୍ଧ୍ୱ ହିନ୍ଦୁଙ୍କ ଧର୍ମାନ୍ତରୀକରଣ କରାଯାଇଛି। ଏତିକି ନୁହେଁ, ୪୨୮ରୁ ଅଧିକ ହିନ୍ଦୁ ପରିବାର ବାସହରା ହୋଇଛନ୍ତି। ଏମାନଙ୍କ ଭିଟାମାଟି ଉଜୁଡ଼ିଯାଇଛି। କିଏ ଖୋଲା ଆକାଶ ତଳେ ରାତି କାଟୁଛି ତ ଆଉ କିଏ ଗଛମୂଳେ ଆଶ୍ରୟ ନେଇଛି। ଏଭଳି ତଥ୍ୟ ପ୍ରମାଣ କରୁଛି ଯେ ପାକିସ୍ତାନରେ ହିନ୍ଦୁମାନେ କି ପ୍ରକାର ଦୟନୀୟ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ପ୍ରତି ମୁହୂର୍ତ୍ତରେ ଆତ୍ମସୁରକ୍ଷାର ପ୍ରଶ୍ନ ଏମାନଙ୍କୁ ଶାନ୍ତିରେ ବଞ୍ଚିବାକୁ ଦେଉନି। ଏଭଳି ଦୁଃଖଦ ପରିସ୍ଥିତିରେ ପାକିସ୍ତାନ ମାଟିରେ ଏମାନଙ୍କୁ ସାହା ହେବାକୁ କେହି ନାହିଁ। ଭାରତ ସରକାର ତୁରନ୍ତ ନିର୍ଯାତିତ ହିନ୍ଦୁଙ୍କୁ ଭାରତ ଆଣିବା ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି କୁସୁମ ତାଙ୍କ ପତ୍ରରେ ଦାବି କରିଛନ୍ତି।



ବିଶ୍ୱ ହିନ୍ଦୁ ପରିଷଦ ନେତା ଶାନ୍ତନୁ କୁସୁମ।


**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 346 OF 2018**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Hussain House, P.O/ Dist.: Sambalpur-768004 **...Applicant**

**Vrs**

**Prakash Kumar Sahoo** **...Defendant**

**To**

**Prakash Kumar Sahoo,** S/o: Purna Chandra Sahoo, At/P.O.: Modipara (Labour Colony) Dist.: Sambalpur-768002

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 346/2018** in the Court of Debts Recovery Tribunal at Cuttack for a recovery of **Rs.26,42,920.69** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **2nd day of May, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **18th day of March, 2019.**

**Sd/- Registrar**
**Debts Recovery Tribunal**



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 345 OF 2018**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Hussain House, P.O/ Dist.: Sambalpur-768004 **...Applicant**

**Vrs**

**Mr. Prakash Swain** **...Defendant**

**To**

**Prakash Swain,** S/o: Aswini Swain, At: Panikapara, P.O.: Jharuapara, Dist.: Sambalpur-768006

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 345/2018** in the Court of Debts Recovery Tribunal at Cuttack for a recovery of **Rs.22,03,213.85** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **2nd day of May, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **18th day of March, 2019.**

**Sd/- Registrar**
**Debts Recovery Tribunal**

# ପ୍ରତିଯୋଗିତା ପଛରେ ଛାତ୍ରୀଛାତ୍ର



ସାମଗ୍ରିକ ଶିକ୍ଷା ଦ୍ୱାରା ଜଣେ ପିଲା ସଫଳତାର ଶୀର୍ଷରେ ପହଞ୍ଚିପାରିବ। ଜଣେ ପିଲା ପାଇଁ ଶିକ୍ଷା ସହିତ ବୌଦ୍ଧିକ, ମାନସିକ, ଶାରୀରିକ ବିକାଶ ନିହାତି ଜରୁରୀ। କିନ୍ତୁ ଆଜିକାଲି ଏସବୁ ପାଇଁ ପିଲାଙ୍କ ପାଖରେ ସମୟ ନାହିଁ। ପୂର୍ବରୁ ପିଲାମାନେ ସ୍କୁଲରୁ ଫେରିବା ପରେ ଏକାଠି ଖେଳୁଥିଲେ। ବିଶେଷକରି ଯୌଥ ପରିବାରରେ ରହୁଥିବାରୁ ବିଭିନ୍ନ ଜ୍ଞାନ ଆହରଣ କରୁଥିଲେ। କିନ୍ତୁ ଏବେ ସ୍କୁଲ, ଟିଉଶନ, ହୋମ୍‌ୱାର୍କରେ ସମୟ ଯାଉଛି। ମାତାପିତାମାନେ ପିଲାଙ୍କ ସହ କେବଳ ପାଠପଢ଼ା କଥା ଆଲୋଚନା କରୁଛନ୍ତି। ତେଣୁ ଅନ୍ୟ କୌଣସି କାର୍ଯ୍ୟରେ ପିଲାମାନେ ସାମିଲ ହୋଇପାରୁ ନାହାନ୍ତି। ଏସବୁ କାରଣରୁ ପିଲାମାନେ ମାନସିକ ସ୍ତରରେ ଚାପରେ ରହୁଛନ୍ତି। ଖେଳକୁଦ ହେଉଛି ଏକ ବ୍ୟାୟାମ। ଏଥିଯୋଗୁ ପିଲାମାନଙ୍କ ମାନସିକ ତଥା ଶାରୀରିକ ସନ୍ତୁଳନ ରକ୍ଷା ସହ ବିକାଶ ଘଟିଥାଏ। ମାତ୍ର ବାୟାମ ପାଇଁ ପିଲାମାନେ ସମୟ ପାଉ ନ ଥିବାରୁ ସେମାନଙ୍କର ଅନ୍ୟାନ୍ୟ କାର୍ଯ୍ୟଧାରା ସହ ପାଠପଢ଼ା ମଧ ପ୍ରଭାବିତ ହେଉଛି। ସେହିଭଳି ଆଜିର ପିଲାମାନେ ସାମାଜିକ, ଆଧାତ୍ମିକ ତଥା ସଂସ୍କାରଗତ ଚିନ୍ତାଧାରାଠାରୁ ଢ଼େର୍ ଦୂରରେ ରହୁଥିବାରୁ ସମାଗ୍ରିକ ବିକାଶ ସମ୍ଭବ ହେଉନି। ଏଥିପାଇଁ ଅଭିଭାବକଙ୍କ ମାନସିକତାକୁ ଦାୟୀ କରାଯାଉଛି। କିଛିଦିନ ତଳେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଭାଇରାଲ ହୋଇଥିଲା। ସେଥିରେ ଲେଖାଥିଲା 'ଯିଏ ପରୀକ୍ଷାରେ ୪୯% ନମ୍ବର ରଖୁଥିଲେ, ସିଏ ନିଜ ପିଲା ୯୪% ନମ୍ବର ରଖିଲେ ବି ଦୁଃଖ ପ୍ରକାଶ କରୁଛନ୍ତି'। ଅର୍ଥାତ୍ ଆଜିର ଶିକ୍ଷା ବ୍ୟବସ୍ଥା ହିଁ ସେହିପରି ହୋଇଯାଇଛି। ପିଲାମାନେ କେମିତି ଅଧିକରୁ ଅଧିକ ନମ୍ବର ରଖିବେ ସେଇଟା ହିଁ ଅଭିଭାବକଙ୍କ ଏକମାତ୍ର ଲକ୍ଷ୍ୟ ହୋଇଛି। ଏହାଦ୍ୱାରା ସେମାନେ ପିଲାଙ୍କ ଉପରେ କେତେ ବୋଝ ଦେଉଛନ୍ତି ତାହା ଜାଣି ପାରୁନାହାନ୍ତି। ପିଲାଙ୍କୁ ନେଇ ଅଭିଭାବକଙ୍କ ମଧରେ ଏକପ୍ରକାର ପ୍ରତିଯୋଗିତା ଚାଲିଥିବାବେଳେ ପିଲାମାନେ ଚାପରେ ପଡ଼ି ପରୀକ୍ଷାରେ ଅଧିକ ନମ୍ବର ପାଇଁ ପ୍ରତିଯୋଗିତା କରୁଛନ୍ତି। ସେହିଭଳି ସ୍କୁଲର ମଧ କିଛି ଭୂମିକା ରହିଛି। ସ୍କୁଲରେ ଯଦି ପାଠପଢ଼ା ଠିକ୍ ଭାବେ ହେଉଥାନ୍ତା ତେବେ ପିଲାମାନେ ଟ୍ୟୁଶନ ହୁଅନ୍ତେ ନାହିଁ। ଅପରପକ୍ଷରେ ପିଲାମାନେ ମଧ ନିଜ ଆଡୁ ସମୟ ବାହାର କରି ଭିନ୍ନ କିଛି କରିବା ଓ ଶିଖିବା ଉଚିତ। ସମୟ ମିଳିବାମାତ୍ରେ ମୋବାଇଲ୍ କିମ୍ବା ଲାପ୍‌ଟପ୍‌ରେ ଗେମ୍ ନ ଖେଳି ଭଲ କାର୍ଯ୍ୟରେ ମନୋନିବେଶ କରିବା ଆବଶ୍ୟକ। ପିଲାଙ୍କ ଏଭଳି ସମସ୍ୟା ଓ ତା'ର ସମାଧାନକୁ ନେଇ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା।



## ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ଆବଶ୍ୟକ



ଆଜିକାଲିର କମ୍ପିଟେଟିଭ୍ ଦୁନିଆରେ ପିଲାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇଯାଇଛି। ସର୍ବଭାରତୀୟ ସ୍ତରରେ କିଭଳି ଭଲ ପ୍ରଦର୍ଶନ କରିବେ ସେଥିପାଇଁ ପିଲାଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁଛି। ସ୍କୁଲ, ଟିଉଶନକୁ ଛାଡ଼ିଦେଲେ ସେମାନଙ୍କ ପାଖରେ ଆଉ ସମୟ ମିଳୁ ନାହିଁ। ଅଧିକ ପାଠ ଚାପରେ ମଧ ପିଲାମାନେ ଚିନ୍ତାଗ୍ରସ୍ତ ହୋଇପଡୁଛନ୍ତି। ଏହାକୁ ପରିବର୍ତ୍ତନ କରିବାକୁ ହେଲେ ଉଭୟ ବିଦ୍ୟାଳୟ ଓ ଅଭିଭାବକଙ୍କୁ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ। ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ହେବା ଜରୁରୀ। ତେବେ ପାଠ ଛଡ଼ା ପିଲାମାନେ ଅନ୍ୟ ଦିଗରେ ଯିବା ନିତାନ୍ତ ଆବଶ୍ୟକ। କେବଳ ଭଲ ପାଠ ପଢ଼ିଲେ ପିଲାର ସାମଗ୍ରିକ ବିକାଶ ହୋଇପାରିବ ନାହିଁ।

– ସୁମନ ପାତ୍ର, ଅଭିଭାବକ

## ଅନ୍ୟ ପିଲାଙ୍କୁ ତୁଳନା କରାଯାଇ ଚାପ ଦିଆଯାଉଛି



ପାଠ ଛଡ଼ା ପିଲାମାନେ ଆଉ ଯାହା କିଛି କରିବାକୁ ଚାହିଁବେ ତାହା କରିପାରିବେ। କିନ୍ତୁ ଅଭିଭାବକମାନେ ତାଙ୍କୁ ସୁଯୋଗ ଦେଉନାହାନ୍ତି। ଅନ୍ୟ ପିଲାଠାରୁ ନିଜ ପିଲା କିପରି ଭଲ କରିବ ସେଥିପାଇଁ କେବଳ ପାଠ ପଢ଼ିବାକୁ ବାଧ୍ୟ କରିଥାନ୍ତି। ଏହାଦ୍ୱାରା ଯେ ପିଲା ମାନସିକ ସ୍ତରରେ ଚାପଗ୍ରସ୍ତ ହେଉଛି ତାହା ଜାଣିପାରନ୍ତି ନାହିଁ। ଅଧିକାଂଶ ପିଲା କୌଣସି ନା କୌଣସି କାରଣରୁ ନିଜର ଭାବନାକୁ କହିପାରନ୍ତିନି। କ୍ଲାସ୍‌ରେ ଶିକ୍ଷକମାନେ ପିଲାଙ୍କୁ କ'ଣ ହେବା ପାଇଁ ଚାହୁଁଛନ୍ତି ପଚାରିବା ଦରକାର। ସେମାନଙ୍କ ଇଚ୍ଛା ଓ ଆଗ୍ରହକୁ ତଉଲିବା ଦରକାର। ତା'ହେଲେ ଯାଇ ପିଲା ନିଜର ଲୁକ୍କାୟିତ ପ୍ରତିଭାକୁ ବାହାରକୁ ପ୍ରକାଶ କରିପାରିବ। ସେହିଭଳି ଅଭିଭାବକମାନେ ମଧ ଅନ୍ୟକାହାକୁ ନୁହେଁ, ନିଜ ପିଲାଙ୍କୁ ବୁଝିବା ଓ ବୁଝାଇବା ଉଚିତ।

– ଲିଲି ଜେନାମଣି, ଅଭିଭାବକ

## ସମୟର ଅଭାବ ରହୁଛି



ଏହା ସତ୍ୟ ଯେ, ବର୍ତ୍ତମାନ ପିଲାଙ୍କ ଉପରେ ପାଠପଢ଼ାକୁ ନେଇ ଚାପ ପଡୁଛି। କେବଳ ଶିକ୍ଷା ଦ୍ୱାରା ଜଣେ ପିଲା ସଫଳତା ପାଇ ପାରିବ ନାହିଁ। ପାଠ ପଢ଼ା ସହିତ ପିଲାଙ୍କୁ ଯଦି ଆମେ ଅନ୍ୟ ଆକ୍ଟିଭିଟିଜ୍‌ରେ ସାମିଲ୍ କରିବା ତେବେ ସେମାନେ ନିଶ୍ଚିତ ଭାବେ ତା' ଭିତରେ ଥିବା ସବୁ ପ୍ରତିଭା ବିକଶିତ ହେବ। କିନ୍ତୁ ବର୍ତ୍ତମାନ ସମୟରେ ତାହା ହେଉନାହିଁ। କାରଣ ସମୟର ଅଭାବ ରହୁଛି। ତଥାପି ଅଭିଭାବକ ଓ ଶିକ୍ଷକ ମିଶି ଆଲୋଚନା କରି ପଦକ୍ଷେପ ନେଲେ ପିଲାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ଆଉ ଗୋଟିଏ କଥା ହେଉଛି, ଅନେକ ପିଲା ସମୟ ଟିକେ ପାଇଲେ ମୋବାଇଲ ହେଉ କିମ୍ବା ଲ୍ୟାପଟପ୍‌ରେ ସମୟ ଦେଉଛନ୍ତି। ଯାହା ଆଦୌ ଠିକ୍ ନୁହେଁ। ପିଲାର ବୟସକୁ ଦେଖି ଅଭିଭାବକମାନେ ମୋବାଇଲ ଦେବା ଉଚିତ।

– ନୃସିଂହ ଚରଣ ସାହୁ, ଅଭିଭାବକ

## ଅଧିକ କୋର୍ସ ପିଲାଙ୍କ ଚାପ ବଢ଼ାଉଛି



ଏବେ କମ୍ପିଟେସନ ବା ପ୍ରତିଯୋଗିତା ବଢ଼ିଯାଇଥିବାରୁ ଅଭିଭାବକ ହେଉ କିମ୍ବା ଶିକ୍ଷକ ଉଭୟେ ପିଲାର ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। କୋର୍ସ ବହୁତ ଅଧିକ ରହୁଥିବାରୁ ପିଲା ସବୁବେଳେ ଚାପଗ୍ରସ୍ତ ରହୁଛି। ପିଲାଙ୍କୁ ଏଣ୍ଟରଟେନ୍‌ମେଣ୍ଟ ପାଇଁ ସମୟ ମିଳୁନାହିଁ। କେବଳ ଶିକ୍ଷା ନୁହେଁ, ପିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନ୍ୟ ଆକ୍ଟିଭିଟିଜ୍ ମଧ ରହିବା ଉଚିତ। ଆମେ ପାଠ ପଢ଼ିବା ସମୟରେ ସ୍କୁଲରୁ ଆସି ଖେଳିବାକୁ ଯାଉଥିଲୁ। କିନ୍ତୁ ବର୍ତ୍ତମାନ ତାହା ନାହିଁ। ସ୍କୁଲ, ଟିଉଶନ, ହୋମ୍‌ୱାର୍କ ଭିତରେ ହିଁ ପିଲାମାନେ ନିଜକୁ ସୀମିତ କରି ରଖିଦେଉଛନ୍ତି। ତେଣୁ ଏ ଦିଗରେ ଉଭୟ ଅଭିଭାବକ ଓ ବିଦ୍ୟାଳୟ ସଚେତନ ହେବା ଦରକାର।

– ରାଧା ମୋହନ ରାଉତ, ଅଭିଭାବକ

## କୌଣସି ଉପାୟ ନାହିଁ

ପାଠପଢ଼ା ଆମକୁ ଅଧିକ ଚାପଗ୍ରସ୍ତ କରାଉଛି। ଏହା ସତ୍ୟ। କିନ୍ତୁ ଏହାର କୌଣସି ଉପାୟ ନାହିଁ। ଯେତିକି କୋର୍ସ ରହୁଛି ତାକୁ ସାରିବା ପାଇଁ ସମୟର ଅଭାବ ହେଉଛି। ତେଣୁ କମ୍ ସମୟରେ କିଭଳି ସବୁ କୋର୍ସ ଶେଷ କରି ଅନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବୁ ତାହା ଚିନ୍ତା କରୁଛୁ।



କୁମାର ଗୌରବ ମହାନ୍ତି, ଛାତ୍ର

## ଇଚ୍ଛା ଥିଲେ ମଧ ସୁଯୋଗ ପାଉନୁ

ସାମଗ୍ରିକ ଶିକ୍ଷା ପାଇଁ କେବଳ ବହି ପାଠପଢ଼ା ଏକାନ୍ତ ନୁହେଁ। ଏକ୍ସଟ୍ରା ଆକ୍ଟିଭିଟିଜ୍ ପ୍ରତି ସମୟ ଦେବା ଉଚିତ। ଏହାଦ୍ୱାରା ମନ ଓ ମସ୍ତିଷ୍କ ଶାନ୍ତ ରହିବ। ପାଠପଢ଼ା ବୋଝ ଭଳି ଲାଗନ୍ତା ନାହିଁ। କିନ୍ତୁ ସମୟର ଅଭାବ ଯୋଗୁ ଆମେ ସେଥିରୁ ବଞ୍ଚିତ ହେଉଛୁ। ଇଚ୍ଛା ଥିଲେ ମଧ ସୁଯୋଗ ପାଉନୁ।



ଅରୋଶିଷ ମହାନ୍ତି, ଛାତ୍ର

## ପ୍ରେରଣାଦାୟକ ଶିକ୍ଷକଙ୍କ ସଂଖ୍ୟା ବହୁତ କମ୍

ମନ, ବୁଦ୍ଧି, ଆତ୍ମା, ଶରୀର ଭିତରେ ସାମଞ୍ଜସ୍ୟ ରହିଲେ ଶିକ୍ଷା ପୂର୍ଣ୍ଣାଙ୍ଗ ରୂପ ନେଇଥାଏ। ପୂର୍ବରୁ ଯୌଥ ପରିବାରରେ ରହି ଶିକ୍ଷା ସହିତ ବିଭିନ୍ନ ଜ୍ଞାନ ଆହରଣ କରିହେଉଥିଲା। ଯେବେଠାରୁ ଯୌଥ ପରିବାରର ଗୁରୁତ୍ୱ କମିଗଲା ସେବେଠାରୁ ଅଭିଭାବକମାନେ ନେଉଥିବା ଦାୟିତ୍ୱ କମର୍ସିଆଲ ହୋଇଗଲା। ବର୍ତ୍ତମାନ ବିନା ଟ୍ୟୁଶନରେ ପିଲାମାନେ ପାଠ ପଢ଼ିବା ଅସମ୍ଭବ ହୋଇଗଲାଣି। ପାରିବାରିକ ତଥା ସାମାଜିକ ପରିସ୍ଥିତି, ବୌଦ୍ଧିକ କ୍ଷମତା ଓ ଉନ୍ମୁକ୍ତତାକୁ ଧାନରେ ରଖି ଶିକ୍ଷକମାନେ ଅଲଗା ଅଲଗା ଉପଦେଶ ଦେବା ଉଚିତ। ରୋଗୀକୁ ଦେଖି ଡାକ୍ତର ଯେଉଁଭଳି ଅଲଗା ଅଲଗା ଔଷଧ ଦିଏ, ସେହିଭଳି ସ୍କୁଲ ହେଉ କି କଲେଜ ପିଲାଙ୍କ ସ୍ଥିତିକୁ ଦେଖି ବିଭିନ୍ନ ଉପାୟରେ ଶିକ୍ଷା ପ୍ରଦାନ କରାଯିବା ଉଚିତ। ଶିକ୍ଷା କାହାକୁ ଉର୍ଦ୍ଧ୍ୱକୁ ନେଇ ନ ଥାଏ। 'ଚରିତ୍ର' ହିଁ ମଣିଷର ସବୁଠୁ ମୂଲ୍ୟବାନ ସମ୍ପତ୍ତି। ଶିକ୍ଷା ହେଉଛି 'ଚରିତ୍ର' ନିର୍ମାଣର ଏକ ପନ୍ଥା, ଯାହାର ସମ୍ବେଦନଶୀଳତା ରହିବ ସେ ସୁସ୍ଥ ସମାଜର ଜଣେ ସଭ୍ୟ ନାଗରିକ ହୋଇପାରିବ। ପୂର୍ବରୁ ଶିକ୍ଷକମାନେ ପ୍ରେରଣାର ଉତ୍ସ ଥିଲେ। ପୂର୍ବରୁ ଯଦି କୌଣସି ଛାତ୍ର ସେହି ଶିକ୍ଷକଙ୍କ ସହିତ କଥା ହେଉଥିଲା ସେତେବେଳେ ପିଲାଟି ଭାବୁଥିଲା ଯେ ମୁଁ ନିଶ୍ଚିତ ଗଡ଼ ଜିତିପାରିବି। ସେହି ପ୍ରେରଣାଦାୟକ ଶିକ୍ଷକ ଆଜିକାଲି ସମାଜରେ ବହୁତ କମ୍ ଦେଖିବାକୁ ମିଳୁଛି।



– ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ, କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ

VENKATESWAR ENGLISH MEDIUM SCHOOL
CHANDRASEKHARPUR (INFOCITY ROAD), BHUBANESWAR-751 024.
(Affiliated to C.B.S.E., Delhi)
An International Standard School with Day Boarding Facilities.
( NURSERY to STANDARD - XII )
Country's First School with Zoom Class
Facilities
• Billiard
• Gymnasium
• Horse Riding
• Jazz Band
• Scottish Pipe Band
• Skating Rink
• Indoor Games
• Swimming Pool
• Musical Instruments
• School Bus (45 Routes)
• Hostel (only for Boys)
• Value Plus Class






Contact :-
Phone : 7381267777, 7381268888, 7008264922, 9861172693
E- mail - vemschoolcsp.96@gmail.com, Visit us at : www.vemschool.in
Visit our Campus once before admitting your child in any School.

FBS ... imparting meaningful education
Future Bhubaneswar School
ANNOUNCES ADMISSIONS INTO CLASS-XI
(SCIENCE STREAM ONLY) FOR THE SESSION 2018-20
Drop in to discover the difference and be a part of the saga of success.
FBS ENTRANCE TEST ON
FBS Entrance Test on 07-04-2019 and 13-04-2019
Time: 9:30 a.m. to 12:30 p.m. | Venue : Future Bhubaneswar School
Eligibility: Class X students of CBSE/ICSE/BSE or equivalent Board can apply.
Registration: Application forms are available at Future Bhubaneswar School at a cost of Rs. 1000/-. Application forms duly filled in may be submitted at the school office between 8:00 am to 2:00 pm on all working days.
Salient features of FBS :
- Experienced faculty members
- Integrated entrance Coaching for JEE & NEET
- Well - equipped laboratories & Well stacked library
- Conducive learning ambiance
- Holistic development of the student
- In house hostel for Boys and Girls
- Hygienic and wholesome food
- Transport facility
www.fbs.org.in
Principal, Future Bhubaneswar School, 36, Chandaka Inustrial Estate
Near Sikharchandi Temple, Patia, Bhubaneswar - 751024
Phone: 7381618111 & 7381619111, Email : fbschool2007@yahoo.in

ST. FRANCIS GROUP OF SCHOOLS
Registration open for Std. - XI (Science)
At ST. XAVIER'S HIGH SCHOOL
(Affiliated to CBSE, New Delhi)
"A destination for conquering basics in Science."
Our highly qualified and dedicated faculty guide the Students in the Classrooms and in well equipped laboratories to help the Students achieve their goals.
ST. XAVIER'S HIGH SCHOOL, 231, Kedragouri, BBSR, Ph.: 2433986
&
ST. XAVIER'S HIGH SCHOOL, 195, Khandagiri, BBSR, Ph.: 2384512
Forms will be available for the Academic Session 2019 - 20 in the School Office between 9.30 A.M. to 12.30 P.M.
Discipline is the key to Success

DM PUBLIC SCHOOL
COR & NOC from Govt. of Odisha
CBSE affiliation under process
ADMISSION OPEN
PLAY NURSERY TO STD.-VIII
FOR THE SESSION 2019-20



• Quality Education
• Smart Class Room
• Art, Craft, Music, Dance & Yoga
• Collaboration with Parents
• Outdoor & Indoor Games
• Qualified 'n' Experienced Faculty
• School Transport Facility
• Spoken English
• Own Building with Playground
• Individual attention to Students
At: Basuaghai, Near Siridi Sai Temple, Tankapani Road, BBSR
E-mail: dmpublicschool@yahoo.in, Web: www.dmpublicschool.org
Mob.: 8280085285, 8280085286, 8280085287, 8280085288

# ଡାକ୍ତରଙ୍କ ମତରେ...



ଅଭିଭାବକ ଓ ଶିକ୍ଷକଙ୍କ ଚାପରେ ପିଲାଙ୍କ ମଧ୍ୟରେ କମ୍ପିଟେଟିଭ୍‌ନେସ୍ ଅଧିକ ରହୁଛି। ଚାପ ବଢ଼ିବା ଫଳରେ ପିଲାମାନଙ୍କର ବିଭିନ୍ନ ପ୍ରକାର ବ୍ୟବହାରିକ ସମସ୍ୟା ଦେଖାଦେଉଛି। ସେମାନଙ୍କ ମାଇଣ୍ଡ ସବୁବେଳେ ପାଠପଢ଼ା ଭିତରେ ସୀମିତ ହୋଇଯାଉଛି। ଦ୍ୱିତୀୟ କଥା ହେଲା ବର୍ତ୍ତମାନ ପିଲାମାନେ ସ୍ମାର୍ଟ ଫୋନ୍‌ର ଅତ୍ୟଧିକ ବ୍ୟବହାର କରୁଛନ୍ତି। ଏଥିଯୋଗୁ ପିଲାଙ୍କ ସମୟ ନଷ୍ଟ ହେବା ସହ ପାଠ ପଢ଼ା ପ୍ରଭାବିତ ହେଉଛି। ପରୋକ୍ଷରେ ମଧ୍ୟ ପିଲାର ଜୀବନଧାରା ଉପରେ କୁପ୍ରଭାବ ପଡୁଛି। ଯେପରି କି ଅଧିକ ଚିଡ଼ି ଚିଡ଼ା ହେବା, ପାଠ ପଢ଼ାରେ କମ୍ ଧ୍ୟାନ ଦେବା, ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହିତ କମ୍ ମିଳାମିଶା କରିବା, ଏକୁଟିଆ ରହିବାକୁ ପସନ୍ଦ କରିବା, ସ୍ମରଣ ଶକ୍ତି ହ୍ରାସ ପାଇବା, ନିଦ କମିଯିବା, କମ୍ ଶିଖିବା, ଛୋଟ ଛୋଟ କଥାରେ ଭୟଭୀତ ହୋଇଯିବା ଆଦି ଦେଖାଯାଇଥାଏ। କିଛି ପିଲାଙ୍କ ମସ୍ତିଷ୍କର ସ୍ୱାଭାବିକ ବିକାଶ ବାଧାପ୍ରାପ୍ତ ହୋଇଥାଏ। କିଛି ଦିନ ପୂର୍ବରୁ ସ୍ମାର୍ଟ ଫୋନ୍‌ରେ ବିଭିନ୍ନ ଅନ୍‌ଲାଇନ ଗେମ୍ ଖେଳି ଅନେକ ଛୋଟ ପିଲା ଆତ୍ମହତ୍ୟା କରିଥିଲେ। ପିଲାକୁ କେବେ ହେଲେ ଉପହାରରେ ସ୍ମାର୍ଟ ଫୋନ ଦେବା ଉଚିତ ନୁହେଁ। ଖାଇବା ସମୟରେ ଓ ଶୋଇବାକୁ ଯିବା ସମୟରେ ଫୋନ୍ ବ୍ୟବହାର କରିବାକୁ ଦେବା ଉଚିତ ନୁହେଁ। ପିଲାମାନେ ମାତାପିତାଙ୍କ ଅନେକ ବ୍ୟବହାରକୁ ଅନୁସରଣ କରିଥାନ୍ତି, ତେଣୁ ଅଭିଭାବକମାନେ ମଧ୍ୟ ନିଜେ ମୋବାଇଲ ଫୋନର କମ୍ ବ୍ୟବହାର କରିବା ଉଚିତ।

## ଅଭିଭାବକଙ୍କ ପାଇଁ କିଛି ଉପଦେଶ

- ନିଜ ପିଲାର ବ୍ୟବହାର ଉପରେ ସବୁବେଳେ ନଜର ରଖନ୍ତୁ।
- ପିଲାକୁ ଯଥେଷ୍ଟ ସମୟ ଦିଅନ୍ତୁ। ପିଲାର ମନ କଥା ବୁଝିବାକୁ ଚେଷ୍ଟା କରନ୍ତୁ।
- ପିଲା କୌଣସି ଭୁଲ କାମ କଲେ ତାକୁ ଗାଳି କିମ୍ବା ମାଡ଼ ଦିଅନ୍ତୁ ନାହିଁ। ପ୍ରଥମେ ସ୍ନେହର ସହିତ ତା'ର ଭୁଲ୍‌କୁ ବୁଝାନ୍ତୁ।
- ପିଲା ଭଲ କାମ କଲେ ତାକୁ ପ୍ରଶଂସା କରିବା ସହିତ ଉତ୍ସାହିତ କରନ୍ତୁ।
- ପିଲାକୁ ମୋବାଇଲ ଫୋନ୍‌ରୁ ଦୂରେଇ ରଖନ୍ତୁ।
- ପିଲାକୁ ସନ୍ଧ୍ୟା ସମୟରେ ବାହାରେ ଖେଳିବାକୁ ଛାଡ଼ନ୍ତୁ ନାହିଁ।
- ପାଠ ପଢ଼ିବା ଓ ଅଧିକ ନମ୍ବର ରଖିବା ପାଇଁ ପିଲା ଉପରେ ଅତ୍ୟଧିକ ଚାପ ପ୍ରୟୋଗ କରନ୍ତୁ ନାହିଁ। ନିଜ ପିଲାକୁ ଅନ୍ୟ ପିଲାଙ୍କ ସହ ତୁଳନା କରନ୍ତୁ ନାହିଁ।
- ପିଲାମାନଙ୍କୁ ପାଠପଢ଼ାରୁ ଶିଥିଳୀକରଣ କରିବା ଉଚିତ।
- ଆଉଟ୍‌ଡୋର ସ୍ପୋର୍ଟସରେ ପିଲାକୁ ସାମିଲ କରିବା ଉଚିତ।

**– ଡା. ସତ୍ୟକାମ ମହାପାତ୍ର, ମନସ୍ତତ୍ତ୍ୱଜ୍ଞ, ଏସ୍‌ସିବି ମେଡିକାଲ କଲେଜ, କଟକ**

## ଆଗାମୀ ସମୟ ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା ଲକ୍ଷ୍ୟ



ଶିଶୁଙ୍କ ଭିତରେ ପ୍ରତିଭା ଏବଂ ଶକ୍ତିର ଭଣ୍ଡାର ରହିଛି। ଶିଶୁର ଦ୍ୱିତୀୟ ବାସସ୍ଥାନ ହେଉଛି ବିଦ୍ୟାଳୟ ଏବଂ ଦ୍ୱିତୀୟ ପିତାମାତାଙ୍କ ସ୍ଥାନ ଶିକ୍ଷକ ନେଇଥାନ୍ତି। ଶିଶୁକୁ ନିଖୁଣ ଭାବେ ଗଢି ତୋଳିବା, ସୃଜନଶୀଳତାକୁ ତୀକ୍ଷ୍ଣ କରିବା ଏବଂ ଆତ୍ମ ସଂଶୟ ଭାବେ ଜଟିଳ ସମସ୍ୟାରୁ ନିବୃତ୍ତ କରିବା ଦିଗରେ ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଛାତ୍ରୀଛାତ୍ରଙ୍କୁ ଆଗାମୀ ସମୟ ଲାଗି ଗଢି ତୋଳିବାରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲ ଏହାର ଭୂମିକା ତୁଲାଇ ଆସିଛି। ପ୍ରତି ଶିଶୁକୁ ସାମାଜିକ ପ୍ରତିଯୋଗିତା ପାଇଁ ଦକ୍ଷ ରୂପେ ସମ୍ମୁଖୀନ ହେବା ଦିଗରେ ଗଢି ତୋଳିବା ଆମର ମୁଖ୍ୟ ଉଦ୍ଦେଶ୍ୟ। ସ୍କୁଲର ଦକ୍ଷ ଶିକ୍ଷକ ମଣ୍ଡଳୀ, ନିରନ୍ତର ଚେଷ୍ଟା, ଉନ୍ନତ ପାଠ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଆଗକୁ ବଢିବାରେ ସହାୟତା କରୁଛି।

**– ମାଥ୍ୟୁସ ଥୋମାସ, ପ୍ରିନ୍ସିପାଲ, ଫ୍ୟୁଚର ଭୁବନେଶ୍ୱର ସ୍କୁଲ**

## ନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମକୁ ଗୁରୁତ୍ୱ ଦେବା ଆବଶ୍ୟକ



ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏ ନେଇ ଅଭିଭାବକ ତଥା ଛାତ୍ରୀଛାତ୍ର ସଚେତନ ହେବା ଆବଶ୍ୟକ। ଧନ୍ଦାମୂଳକ ପାଠ୍ୟକ୍ରମକୁ ଗୁରୁତ୍ୱ ଦେବା ଆବଶ୍ୟକ। ଭଲ ପ୍ରଦର୍ଶନ କରୁଥିବା ଏବଂ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରୁ ନ ଥିବା ଛାତ୍ରୀଛାତ୍ର ସମାନ ରାସ୍ତାରେ ଯାଉଥିବାରୁ ଉଭୟଙ୍କୁ ସମାନ ଫଳ ମିଳି ନ ଥାଏ। ଭଲ ପ୍ରଦର୍ଶନ କରୁ ନ ଥିବା ଛାତ୍ରୀଛାତ୍ରଙ୍କ ଲାଗି ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ରହିଲେ ସେମାନେ ନିଯୁକ୍ତି ନେଇ କୌଣସି ଅସୁବିଧା ସାମ୍ନା କରିବେ ନାହିଁ। ଛାତ୍ରୀଛାତ୍ର କିପରି ଭଲ ଲିଡର ହୋଇ ପାରିବେ ତାକୁ ଧ୍ୟାନରେ ରଖି ଆମ ସ୍କୁଲରେ ବିଭିନ୍ନ ପଦକ୍ଷେପ ନିଆଯାଉଛି।

**– ବସନ୍ତ କୁମାର ତ୍ରିପାଠୀ, ପ୍ରିନ୍ସିପାଲ, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ**

## କ୍ଲାସ ରୁମ ଶିକ୍ଷାଦାନ ରୂପରେଖ ବଦଳିଛି



ବର୍ତ୍ତମାନ ସମୟରେ ବିଶ୍ୱ ବଜାର ସହ ଛାତ୍ରୀଛାତ୍ରମାନେ କିଭଳି ତାଳ ମିଳାଇ ଚାଲି ପାରିବେ ତାକୁ ବିଚାର କରି କ୍ଲାସ ରୁମ୍ ଶିକ୍ଷାଦାନରେ ପରିବର୍ତ୍ତନ ଆସିଛି। ବିଭିନ୍ନ ଆପ୍ଲିକେଶନ, ବିଶ୍ଳେଷଣ ସହ ଛାତ୍ରୀଛାତ୍ର ଆଗାମୀ ଦିନରେ କିଭଳି କୁଶଳୀ ହୋଇ ପାରିବେ ତାହା ଉପରେ ଆମ ସ୍କୁଲ ଗୁରୁତ୍ୱ ଦିଏ। ଶିକ୍ଷୟିତ୍ରୀଶିକ୍ଷକମାନେ ଏବେ ଫାସିଲିଟେଟର ଭାବେ କାର୍ଯ୍ୟରତ। ଛାତ୍ରୀଛାତ୍ର ଭଲ ଭାବେ କିଭଳି ପାଠ୍ୟକ୍ରମର ବିଷୟ ବସ୍ତୁକୁ ବୁଝି ପାରିବେ ତାକୁ ଧ୍ୟାନରେ ରଖୁଛୁ। ଏଥିପାଇଁ ଶିକ୍ଷୟିତ୍ରୀଶିକ୍ଷକଙ୍କ ରିଓରିଏଣ୍ଟେଶନ ଏବଂ ଦକ୍ଷତା ବୃଦ୍ଧି ଦିଗରେ କାର୍ଯ୍ୟକ୍ରମ ଜାରି ରଖିଛୁ। ସ୍କୁଲରେ ପ୍ରାଥମିକ ସ୍ତରରେ ଆକ୍ଟିଭିଟି ଭିତ୍ତିକ ପାଠ୍ୟକ୍ରମ ସାମିଲ ରହିଛି। ସେହିଭଳି ଲର୍ଣ୍ଣିଂ ବାଇ ଡୁଇଁ ଉପରେ ପ୍ରାଥମିକତା ଦେଉଛୁ। ସେହିଭଳି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲିଡରଶିପ ଗୁଣକୁ ବଢାଇବା ଲାଗି ବିଭିନ୍ନ ପଦକ୍ଷେପ ନେଉଛୁ।

**– ଲିପ୍ସିତା ମହାନ୍ତି, ପ୍ରିନ୍ସିପାଲ, ଭୁବନେଶ୍ୱର ମଡେଲ ପବ୍ଲିକ ସ୍କୁଲ**

## ଛାତ୍ରୀଛାତ୍ରଙ୍କ ସୃଜନଶୀଳତାକୁ ଉତ୍ସାହିତ କରାଯିବା ଉଚିତ



ଛାତ୍ରୀଛାତ୍ରଙ୍କ ବୟସ ଯାହା ହେଉନା କାହିଁକି ଶିକ୍ଷାଦାନରେ ପ୍ରଣାଳୀ ସ୍ୱତନ୍ତ୍ର ହେବା ଆବଶ୍ୟକ। ବାଧ୍ୟତା ପରିବର୍ତ୍ତେ ଯଦି ଆନନ୍ଦପୂର୍ବକ ଶିଖିବାରେ ଛାତ୍ରୀଛାତ୍ର ନିଜକୁ ସାମିଲ କରି ପାରିଲେ ଏହା ଉଭୟ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ଲାଗି ଲାଭବାନ ହୋଇଥାଏ। ଶିକ୍ଷାଦାନ ପ୍ରଣାଳୀ ଆନନ୍ଦ ପୂର୍ବକ ହେଲେ ଏହାର ପ୍ରଭାବ ଦୀର୍ଘସ୍ଥାୟୀ ହୋଇଥାଏ। ଶିଶୁ ମଧ୍ୟରେ ଏହା ପିଲାଟି ଦିନରୁ ଭଲ ଅଭ୍ୟାସ ଆଣିବା ଦିଗରେ କାର୍ଯ୍ୟ କରିଥାଏ। ଏଥିଲାଗି ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଦକ୍ଷତା ଉପରେ ବିଶ୍ୱାସ କରିବା ଆବଶ୍ୟକ। ସୃଜନଶୀଳତାକୁ ଉତ୍ସାହିତ କରିବା ଉଚିତ। ପ୍ରତିଭା ପ୍ରଦର୍ଶନ ଲାଗି କ୍ଲାସରୁମ ଏବଂ ଘର ଏକ ପ୍ଲାଟ୍‌ଫର୍ମ ହେବା ଆବଶ୍ୟକ।

**– ନାଡିଆ ମୋଘବେଲପୋର, ପ୍ରତିଷ୍ଠାତା ନିର୍ଦ୍ଦେଶକ, ବ୍ଲସମ ସ୍କୁଲ, ଭୁବନେଶ୍ୱର**

## ପ୍ରତି ଶିଶୁ ସ୍ୱତନ୍ତ୍ର ପ୍ରତିଭାର ଅଧିକାରୀ



ପ୍ରତି ଶିଶୁ କିଛି ସ୍ୱତନ୍ତ୍ରତା ସହ ଜନ୍ମ ନେଇଥାଏ। ଏହାକୁ ଆମକୁ ବୁଝିବାକୁ ହେବ। ଶିଶୁ କେଉଁ ଦିଗ ପ୍ରତି ଆଗ୍ରହ ଦେଖାଉଛି ତାକୁ ଦେଖିବାକୁ ହେବ। କର୍ମଜୀବୀ ଅଭିଭାବକ ସେମାନଙ୍କ ପିଲାଙ୍କ ସହ ଅଧିକ ସମୟ ବିତାଇବାକୁ ପାଉନାହାନ୍ତି। ପିଲାଙ୍କ ପାଇଁ ସେମାନେ ଆବଶ୍ୟକ ସମୟ ଦେବା ଦରକାର। ପିଲାଟିଏ ୨ ବର୍ଷଠାରୁ ଶିଖିବା ଆରମ୍ଭ କରି ଦେଇଥାଏ। ୨ରୁ ୧୨ ବର୍ଷ ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଆମେ ଶିଶୁଙ୍କ ସ୍ୱତନ୍ତ୍ର ଭାବେ ଶିଖାଇବାକୁ ଗୁରୁତ୍ୱ ଦେଇଥାଉ। ନିଜସ୍ୱ ପ୍ଲେ ୱେ ମେଥଡ୍ ଦ୍ୱାରା ଶିଶୁଙ୍କୁ ଶିଖାଇଥାଉ। ସେହିଭଳି ଅଭିଭାବକ ନିଜ ପିଲାଙ୍କୁ ବାଧ୍ୟ କରି କୌଣସି କଥା ଶିଖାଇବା ଠିକ୍ ନୁହେଁ। ଶିଶୁକୁ ନେଇ ବେଶି ଚିନ୍ତିତ ନ ହେବା ଉଚିତ। ତେଣୁ ଆମେ ଆମ ସ୍କୁଲ୍‌ରେ ଶିଶୁଙ୍କ ଲାଗି ଘର ଭଳି ପରିବେଶ ସୃଷ୍ଟି ଉପରେ ଧ୍ୟାନ ଦେଉଛୁ। ସେହିଭଳି ଏଠାରେ ଫିଲ୍ଡ ଟ୍ରିପ ସୁବିଧା ଛାତ୍ରୀଛାତ୍ରଙ୍କ ଲାଗି ରହିଛି।

**– ସୁଚିସ୍ମିତା ପଣ୍ଡା, ପାର୍ଟନର, ୟୁରୋ କିଡ୍‌ସ ପ୍ରି ସ୍କୁଲ**

## ଶିକ୍ଷକମାନେ ଜ୍ଞାନ ବାଣ୍ଟିବା ସହ ପିଲାଙ୍କ ଯତ୍ନ ନିଅନ୍ତୁ

ଡି.ଏମ୍. ପବ୍ଲିକ ସ୍କୁଲ୍ ହେଉଛି ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦେଉଥିବା ଏକ ସହଶିକ୍ଷା ବିଦ୍ୟାଳୟ। ଆମେ ପିଲାଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଥାଉ। ଶିକ୍ଷକମାନେ ପିଲାଙ୍କ ବ୍ୟକ୍ତିଗତ ଯତ୍ନ ନେଇଥାନ୍ତି। ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କ ମିତ୍ର, ଦାର୍ଶନିକ ଓ ମାର୍ଗଦର୍ଶକ ହେବା ଆବଶ୍ୟକ। ଛାତ୍ରୀଛାତ୍ରଙ୍କୁ ଜ୍ଞାନ ବାଣ୍ଟିବା ସହ ସେମାନଙ୍କ ଯତ୍ନ ନେବା ଶିକ୍ଷକଙ୍କ କର୍ତ୍ତବ୍ୟ ହେବା ଉଚିତ।

**– ସରୋଜ କୁମାର ପାଢ଼ୀ, ପ୍ରିନ୍ସିପାଲ, ଡି.ଏମ୍. ପବ୍ଲିକ ସ୍କୁଲ୍**

## ସାମଗ୍ରିକ ଶିକ୍ଷାର ପ୍ରାସଙ୍ଗିକତାକୁ ବୁଝିବା ଉଚିତ



ସାମଗ୍ରିକ ଶିକ୍ଷାର ଅର୍ଥ ଦୁଇଟି। ଗୋଟିଏ ହେଉଛି ବିଷୟ ଶିକ୍ଷା ବା ଟେକ୍ସଟ୍ ବୁକ୍ ଶିକ୍ଷା। ଅନ୍ୟଟି ହେଲା ବହି ବାହାରର ଶିକ୍ଷା ଯେମିତିକି ଖେଳ, ନାଚ, ଗୀତ ଇତ୍ୟାଦି। ସେହି ଶିକ୍ଷାକୁ ଅବହେଳା କରିବାର ଅର୍ଥ ହେଲା ପିଲାର ସାମଗ୍ରିକ ଶିକ୍ଷାକୁ ଅବମାନନା କରିବା। ସ୍କୁଲରୁ ଫେରି ପିଲାମାନେ ଖେଳପଡ଼ିଆରେ ସମୟ ଦେବା ଆବଶ୍ୟକ। ସ୍କୁଲ ଭିତରେ ମଧ୍ୟ ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ଦରକାର। ଶିକ୍ଷକ ଓ ଅଭିଭାବକଙ୍କ ମାନସିକତାର ପରିବର୍ତ୍ତନ ଆବଶ୍ୟକ। ସେମାନେ ସାମଗ୍ରିକ ଶିକ୍ଷାର ପ୍ରାସଙ୍ଗିକତାକୁ ବୁଝିବା ଉଚିତ। ଯଦି ପିଲା କେବଳ ବହିରେ ସୀମିତ ହୋଇଯିବ ତେବେ ଭବିଷ୍ୟତରେ ସେ ଜଣେ ବଡ଼ ବ୍ୟକ୍ତିତ୍ୱ ହୋଇପାରିବ ନାହିଁ।

**– ପ୍ରଫେସର ପ୍ରୀତୀଶ ଚନ୍ଦ୍ର ଆଚାର୍ଯ୍ୟ, ବିଭାଗୀୟ ମୁଖ୍ୟ, ଡିପାର୍ଟମେଣ୍ଟ ଅଫ୍ ଏଜୁକେଶନ ଇନ୍ ସୋସିଆଲ ସାଇନ୍ସେସ୍ ଆଣ୍ଡ ହ୍ୟୁମାନିଟିଜ୍, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ**















ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୮ ମାର୍ଚ୍ଚ, ୨୦୧୯



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ହାତୀର ମୃତଦେହ ଠାବ

**ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ**

ବାରିପଦା ଅଫିସ, ୨୭।୩

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ବେତନଟି ବନାଞ୍ଚଳ ତଥା ମୋରଡ଼ା ବ୍ଲକ ଅଧୀନ ଧାନଶୋଳ ଜଙ୍ଗଲରେ ବୁଧବାର ସନ୍ଧ୍ୟାରେ ଏକ ହାତୀର ମୃତଦେହ



ଠାବ ହୋଇଛି। ପ୍ରାୟ ୨/୩ ଦିନ ତଳେ ହାତୀର ମୃତ୍ୟୁ ଘଟିଥିବା ବନ ବିଭାଗ ଅନୁମାନ କରୁଛି। ହାତୀର ମୃତଦେହ ଉପରେ ୩୩ କେଭି ବିଦ୍ୟୁତ୍ ଲାଇନର ତାର ଯାଇଥିବାରୁ ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିବା ବେତନଟି ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂ କହିଛନ୍ତି। ଜଙ୍ଗଲ ମଧ୍ୟରୁ ଦୁର୍ଗନ୍ଧ ଆସିବାରୁ ଧାନଶୋଳ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ସେଠାରେ ହାତୀର ମୃତଦେହ ପଡିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳକୁ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଯାଇ ତଦନ୍ତ କରୁଥିବା ଜଣାପଡ଼ିଛି।

# ବିଜେଡି ଟିକେଟ ବଣ୍ଟନ ସମ୍ପର୍କିତ ଭାଇରାଲ ଭିଡିଓକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ବିଜୁ ଜନତା ଦଳ ଟିକେଟକୁ କେଉଁ ଆଧାରରେ ପ୍ରଦାନ କରାଯାଉଛି, ସେ ସମ୍ପର୍କିତ ଏକ ଭିଡିଓ ଭାଇରାଲ ହୋଇଛି। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଭିଡିଓରେ ପ୍ରଦର୍ଶିତ ହେଉଥିବା ବ୍ୟକ୍ତି ଜଣଙ୍କ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରାଙ୍କ ସହ ସାମଞ୍ଜସ୍ୟ ରହୁଛି। ହେଲେ ସେ ଏହି ଭିଡିଓରେ ଅଛନ୍ତି ନା ନାହିଁ, ସେ ନେଇ କୌଣସି ସ୍ୱଷ୍ଟୋକ୍ତି ଦେଇନାହାନ୍ତି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ମଧ୍ୟ ଏହି ଭାଇରାଲ ଭିଡିଓ ସତ୍ୟତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ବିଜେଡି ଟିକେଟ ବଣ୍ଟନ ପୂର୍ବରୁ ୫ଟା ଏନ୍‌ଜିଓ ଦ୍ୱାରା ସର୍ଭେ କରାଯାଉଛି। ଏହିପରି ଭାବେ ପାଖାପାଖି ୧୦ ଗୋଟି ସର୍ଭେ କରାଯାଇଛି। ୮ କିମ୍ବା ୯ଟି ସର୍ଭେରେ ଠିକ୍ ରହିଲେ ଟିକେଟ ମିଳୁଛି। ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଣବ ପ୍ରକାଶ ଦାସ ଏବଂ ସଞ୍ଜୟ ଦାସବର୍ମାଙ୍କ ମଧ୍ୟରେ କିଛି ଜିଲା ଭାଗବଣ୍ଟାଯାଇଛି ବୋଲି ଭିଡିଓରେ ଥିବା ବ୍ୟକ୍ତିଜଣକ ପ୍ରକାଶ କରୁଛନ୍ତି। ସେହିପରି ଜିଲାପାଳ ଏବଂ ବିଡିଓଙ୍କ ସହମତି ମଧ୍ୟ ଦରକାର ରହୁଛି। ଟିକେଟ ବଣ୍ଟନ କ୍ଷେତ୍ରରେ କର୍ପୋରେଟ ଲବି କାର୍ଯ୍ୟ କରୁଥିବା ମଧ୍ୟ ପ୍ରକାଶ କରାଯାଇଛି। ସେହିପରି ଗତଥର ନିର୍ବାଚନରେ ବିଜେଡି ପକ୍ଷରୁ ୬୦ ଲକ୍ଷ ଟଙ୍କା ଏକାଧିକ କିସ୍ତିରେ ପ୍ରଦାନ କରାଯାଇଥିବା ସେହି ବ୍ୟକ୍ତି ଜଣଙ୍କ କହୁଛନ୍ତି। ଏହି ଭିଡିଓକୁ ନେଇ ବିରୋଧୀ କଂଗ୍ରେସ ଏବଂ ଭାଜପା ସରକାରଙ୍କୁ ସମାଲୋଚନା କରିଛି। ସରକାରୀ କଳର ଅପବ୍ୟବହାର ବିଜେଡି କରୁଛି ବୋଲି ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ ଏବଂ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି। ଏହି ଭିଡିଓରେ ଦେଖାଯାଉଥିବା ବ୍ୟକ୍ତି ଜଣଙ୍କ ବିଧାୟକ ସୁଶାନ୍ତ ବେହେରା କି ନୁହେଁ, ତାହାର ସତ୍ୟାସତ୍ୟ ପାଇଁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କ ଫୋନ୍ ସୁଇଚ ଅଫ୍ ଥିଲା।

## ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ନାଟକ ସମ୍ବନ୍ଧୀୟ ଆଲୋଚନାଚକ୍ର



ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ଦେବଗଡ଼, ୨୭।୩(ସ୍ୱ.ପ୍ର)

ସ୍ଥାନୀୟ ଲିଟିଲ ସମ୍ମିଳନୀ କକ୍ଷଠାରେ କଳିକା ନାଟ୍ୟ ଅନୁଷ୍ଠାନ ତରଫରୁ ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର, ନାଟ୍ୟକାର ତଥା ଆଇନଜୀବୀ ଅତୁଲ୍ୟ ପୂଜାରୀ, ଡିସିସି ସଂଯୋଜକ ଦିଲୀପ କୁମାର ଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ସଦସ୍ୟ ବିପିନ ବିହାରୀ ନନ୍ଦ, ପ୍ରଦୀପ ଅମାନ୍ତ, ପ୍ରଶାନ୍ତ ଦ୍ୱିବେଦୀ, ନିରଞ୍ଜନ ଦ୍ୱିବେଦୀ, ମନୋଜ ପାଢୀ, ଯଦୁମଣୀ ବେହେରା, ସୁଶାନ୍ତ କୁମାର ନନ୍ଦ, ଚିତ୍ତରଞ୍ଜନ ଦାସ, କୁମୁଦଚନ୍ଦ୍ର ଶତପଥୀଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ସାମ୍ପ୍ରତିକ ପରିସ୍ଥିତିରେ ନାଟକର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

# ଶତପ୍ରତିଶତ ଉପସ୍ଥାନ ଥିବା ଏମ୍‌ପିଙ୍କ ଟିକେଟ କଟିଲା

- ଜୁଏଲଙ୍କ ଉପସ୍ଥାନ ୩୧୨ରୁ ୧
- ସିଦ୍ଧାନ୍ତ, ଜୁଏଲ କୌଣସି ପ୍ରଶ୍ନ ପଚାରିନାହାନ୍ତି

ଭୁବନେଶ୍ୱର,୨୭।୩(ବ୍ୟୁରୋ)

୧୬ଶ ଲୋକ ସଭାରେ ବସିଥିବା ୩୧୨ଟି କାର୍ଯ୍ୟଦିବସରେ ଶତପ୍ରତିଶତ ଯୋଗଦାନ କରିଥିବା ଜଗତସିଂହପୁର ଏମ୍‌ପି କୁଳମଣି ସାମଲଙ୍କ ଟିକେଟ କଟିଯାଇଛି। ସଂଯୋଗବଶତଃ ଯେଉଁଦିନ ତାଙ୍କ ଟିକେଟ କଟିଛି, ସେହି ଦିନ ନ୍ୟାଶନାଲ ଇଲେକ୍ସନ ୱାଚ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ତାଙ୍କ ଶତପ୍ରତିଶତ ଉପସ୍ଥାନ କଥା ଉଲ୍ଲେଖ କରାଯାଇଛି। ଦେଶର ସମସ୍ତ ଲୋକ ସଭା ଏମ୍‌ପିଙ୍କୁ ନେଇ ଆସୋସିଏଶନ୍ ଫର ଡେମୋକ୍ରାଟିକ୍ ରିଫର୍ମ(ଏଡିଆର) ପକ୍ଷରୁ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସେହିପରି ଓଡ଼ିଶାର ୧୯ ଏମ୍‌ପିଙ୍କ ସମ୍ପର୍କରେ ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକାଳ ସରିବା ପୂର୍ବରୁ ଇସ୍ତଫା ଦେଇଥିବା କେନ୍ଦ୍ରାପଡାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏବଂ ଆସିକା ଏମ୍‌ପି ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ସମ୍ପର୍କରେ ଏହି ରିପୋର୍ଟରେ କୌଣସି ତଥ୍ୟ ଉଲ୍ଲେଖ ନାହିଁ। ସେହିପରି କେନ୍ଦ୍ରରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଥିବା ଜୁଏଲ ଓରାମ ଓ ବ୍ରହ୍ମପୁର ଏମ୍‌ପି କୌଣସି ପ୍ରଶ୍ନ ପଚାରିନାହାନ୍ତି। ସେହିପରି ଜୁଏଲ କେବଳ ୩୧୨ରୁ ଗୋଟିଏ ଦିନ ଭାଗ ନେଇଥିବା ଏଡିଆର ରିପୋର୍ଟରୁ ଜଣାପଡିଛି। ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା(୩୦୦), କଟକ ଏମ୍‌ପି ତଥା ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ(୨୯୦) ଏବଂ ବିଜେଡି ମୁଖ୍ୟସଚେତକ ତଥାଗତ ସତପଥୀ (୨୮୫) ଦିନ କାର୍ଯ୍ୟଦିବସରେ ଯୋଗ ଦେଇଛନ୍ତି। ଜୁଏଲଙ୍କୁ ଛାଡିଦେଲେ ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା (୫୯) , କୋରାପୁଟ ଏମ୍‌ପି ଝିନ୍ନ ହିକକା (୨୦୬) ଏବଂ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର (୨୧୩) ଦିନ ଲୋକ ସଭା ବୈଠକରେ ଯୋଗ ଦେଇଛନ୍ତି। ସେହିପରି ସଂସଦୀୟ ଦଳ ନେତା ଭର୍ତ୍ତୃହରି ଓଡ଼ିଆ ଏମ୍‌ପିମାନଙ୍କ ମଧ୍ୟରେ ସର୍ବାଧିକ ୬୦୭ ପ୍ରଶ୍ନ ପଚାରିଛନ୍ତି। ତାଙ୍କ ପଛକୁ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ(୫୫୫), ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର (୫୧୫) ପ୍ରଶ୍ନ ପଚାରିଛନ୍ତି।

ଚାଷୀ ସମସ୍ୟା ସମାଧାନ ପାଇଁ ଅଣ୍ଟା ଭିଡିଲା ଚାଷୀ ସଙ୍ଗଠନ

## ସେମ୍ ହେମ୍‌ରମ୍‌ଙ୍କୁ ସମ୍ବର୍ଦ୍ଧନା



ଚାଷୀ ସଙ୍ଗଠନ ତରଫରୁ ସେମ୍ ହେମରମ୍‌ଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଦେବଗଡ଼, ୨୭।୩(ସ୍ୱ.ପ୍ର)

ବାରକୋଟ ବ୍ଲକ ଅଧୀନ ଦନ୍ତାରିବାହାଳ ଓ କଣ୍ଡାପାଲି ପଞ୍ଚାୟତ ଚାଷୀ ସଙ୍ଗଠନ ତରଫରୁ ଚାଷୀ ସମସ୍ୟାର ସମାଧାନ ପାଇଁ ଏକ ବୈଠକ ସ୍ଥାନୀୟ ଡଙ୍ଗାପାଳ ଗ୍ରାମର ଆମ୍ବତୋଟାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଗୁଣନିଧି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କଂଗ୍ରେସ ଜିଲା ସଭାପତି ସେମ୍ ହେମରମ୍‌ଙ୍କୁ ସଙ୍ଗଠନ ତରଫରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଉକ୍ତ ସଭାରେ ଇଂ. ଦେବାଶୀଷ ପ୍ରସାଦ ନାଏକ, ଶିବଶଙ୍କର ସୁନା, ରୂପନ କୁମାର , ଦେବରାଜ ପ୍ରଧାନ, ବିରଞ୍ଚି ନାରାୟଣ ଭୋଇ, ଟଙ୍କଧର ବେହେରା, ବେଦବର ଭୋଇ, ରାମଚନ୍ଦ୍ର ପ୍ରଧାନ, ଟିକେଶ୍ୱର ଭୋଇ ପ୍ରମୁଖ ଯୋଗଦେଇଥିଲେ।

# ନାମଯଜ୍ଞ ଲାଗି କଳସ ଯାତ୍ରା

ରିଆମାଳ, ୨୭।୩ (ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଆଡ଼ସ ଗ୍ରାମରେ ବିଶ୍ୱ କଲ୍ୟାଣ ନିମନ୍ତେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିବାବେଳେ ବୁଧବାର ମଧ୍ୟାହ୍ନ ୧୨ଟାରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ରାମପାଲି ଚୂଆ ଖୋଲ ନାଳଠାରେ ବରୁଣ ଦେବତାଙ୍କୁ ଆବାହନ କରି ପୂଜାର୍ଚ୍ଚନା ହୋଇଥିଲା। ଜଳ ମାତୃକା, ସ୍ଥଳ ମାତୃକା ପୂଜାର୍ଚ୍ଚନା ପରେ ଗ୍ରାମର ମହିଳାମାନେ କଳସରେ ଜଳ ଭର୍ତ୍ତି କରି କଳସ ଯାତ୍ରା ଆରମ୍ଭ କରିଥିଲେ। କଳସ ଯାତ୍ରାରେ ଦୁଲଦୁଲି ବାଜା, ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ମହାବିଷ୍ଣୁଙ୍କ ଭଜନ ଗାନ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ସନ୍ଧ୍ୟାରେ ଅଧିବାସ ପୂଜା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରଭାତରେ ସୂର୍ଯ୍ୟ ପୂଜା, ଗୋପୂଜା, ଗୁରୁପୂଜା ପରେ ସକାଳ ସାତ ଘଟିକାରେ ନାମଯଜ୍ଞ ଆରମ୍ଭ ହେବ। ଚନ୍ଦ୍ରମଣି ଶତପଥି, ଧୂବେଇନନ୍ଦ, ଟିକେଶ୍ୱର ନନ୍ଦ ଓ ଅକ୍ଷୟ କୁମାର ଶତପଥୀ ପୁରହିତ କାର୍ଯ୍ୟ ସମ୍ପାଦକ କରୁଥିବାବେଳେ ଜୟରାମ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଅନୁନ୍ଧତି ପ୍ରଧାନ ଯଜ୍ଞର କର୍ତ୍ତା ହୋଇ ସଂସାର ମଙ୍ଗଳ ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସଭାପତି ପବିତ୍ର ପ୍ରଧାନ, ସମ୍ପାଦକ ଉତ୍ତମ ସାହୁ, କୋଷାଧ୍ୟକ୍ଷ ଉଗ୍ରେସନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଓ ଗ୍ରାମବାସୀଙ୍କ ସହଯୋଗରେ ନାମଯଜ୍ଞ ଅନୁଷ୍ଠିତ ହେଉଛି। ଅପରପକ୍ଷରେ ଚାଳିଶଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେବାକୁ ସ୍ଥିର ହୋଇଥିବା ବେଳେ ସର୍ବେଶ୍ୱର ଚୈତନ୍ୟ ଜୀ, ଝସକେତନ ଚୈତନ୍ୟ ଜୀ ପ୍ରମୁଖ ସାଧୁସନ୍ଥ ଉକ୍ତ ଯଜ୍ଞରେ ଯୋଗ ଦେଇଛନ୍ତି।



ମହିଳାମାନେ କଳସଯାତ୍ରାରେ ଯାଉଛନ୍ତି।

## ସ୍କାଉଟ୍ ଆଣ୍ଡ୍ ଗାଇଡ୍‌ର ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ଭାରତ ସ୍କାଉଟ୍ ଆଣ୍ଡ୍ ଗାଇଡ୍ ରାଜ୍ୟ ଶାଖା ପକ୍ଷରୁ ବୁଧବାର ରାଜଭବନଠାରେ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧିକ ସଂଖ୍ୟାରେ ସ୍କାଉଟ୍ ଗାଇଡ୍ ପଞ୍ଜୀକରଣ ଲାଗି ଗଞ୍ଜାମ, ବାଲେଶ୍ୱର, କଟକ, ଯାଜପୁର ଓ ଜଗତସିଂହପୁର ଜିଲାକୁ ପୁରସ୍କୃତ କରିଥିଲେ। ଜିଲା ସ୍କାଉଟ୍ ଗାଇଡ୍ ସମାବେଶ ପାଇଁ କେନ୍ଦୁଝର, ଗଜପତି, ଗଞ୍ଜାମ ଓ ପୁରୀ ଜିଲାକୁ ପୁରସ୍କୃତ କରାଯାଇଥିଲା। କବ୍ ବୁଲ୍‌ବୁଲ୍ କାର୍ଯ୍ୟକ୍ରମର ପ୍ରସାରଣ ପାଇଁ ବରଗଡ଼ ଓ ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ନୂଆପଡ଼ା ଜିଲା ସମ୍ପାଦକ ମହେଶ ଦଣ୍ଡସେନାଙ୍କୁ ରାଜ୍ୟପାଳ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ସେହିପରି ନିୟମିତ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବଲାଙ୍ଗୀର ଜିଲା ଶିକ୍ଷାଧିକାରୀଙ୍କୁ ପୁରସ୍କୃତ କରିଥିଲେ। ଏହାସହ ସୁନ୍ଦରଗଡ଼ ଜିଲା ବରଗାଁ ଶିଳ୍ପ ତାଲିମ କେନ୍ଦ୍ର ଜାତୀୟସ୍ତରୀୟ ଜନଜାତି ଓ ଗ୍ରାମୀଣ ରୋଭର/ରେଞ୍ଜର ହର୍ଷୋତ୍ସବକୁ ଆୟୋଜନ କରିବା ସଙ୍ଗେ ଜାତୀୟସ୍ତରରେ ଲକ୍ଷ୍ମୀ ମଜୁମ୍‌ଦାର ପୁରସ୍କାର ଲାଭ କରିଥିବାରୁ ଏହି କେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ନିରନ୍ତର ଭାବେ ସ୍କାଉଟ୍ ଗାଇଡ୍ କାର୍ଯ୍ୟକ୍ରମରେ ନିଜକୁ ଉତ୍ସର୍ଗ କରିଥିବାରୁ ରାଜ୍ୟର ବରିଷ୍ଠ ସ୍କାଉଟ୍ ତାଲିମଦାତା କଳାହାଣ୍ଡି ଜିଲାର ତ୍ରିନାଥ ଠାକୁର ଓ ରାଜ୍ୟ ସ୍କାଉଟ୍ ସଙ୍ଗଠନ କମିଶନର ପ୍ରାଣକୃଷ୍ଣ ବେହେରାଙ୍କୁ ରାଜ୍ୟପାଳ 'ଦୀର୍ଘକାଳୀନ ସେବା ପଦକ' ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଗଜପତି ଜିଲା ସ୍କାଉଟ୍ ମାଷ୍ଟର ସଞ୍ଜୟ କୁମାର ପାତ୍ର, କେନ୍ଦୁଝର ଜିଲା ସ୍କାଉଟ୍ ଶିକ୍ଷକ ଦେବୀଦାସ ପଣ୍ଡା, କନ୍ଧମାଳ ଜିଲା ଜନଜାତି ବିଭାଗର ସ୍କାଉଟ୍ ମାଷ୍ଟର କୃଷ୍ଣଚନ୍ଦ୍ର ଗୌଡ଼, ଢେଙ୍କାନାଳ ଜିଲା ରୋଭର ଲିଡର ପ୍ରଭାତ କୁମାର ଜେନା ରାଜ୍ୟପାଳଙ୍କଠାରୁ ସେବା ପଦକ ଗ୍ରହଣ କରିଥିଲେ। ରାଜ୍ୟ ଗାଇଡ୍ ସଙ୍ଗଠନ ତଥା ତାଲିମ କମିଶନର ଅନାମିକା ଦାସଙ୍କ ସଂଯୋଜନାରେ ଏହି ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଥିଲା।

## ଓଲଟବର ବଜରଙ୍ଗୀ କମିଟିର ହନୁମାନ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଦେବଗଡ଼, ୨୭।୩(ସ୍ୱ.ପ୍ର)

ସ୍ଥାନୀୟ ପୁରୁଣାଗଡସ୍ଥିତ ଓଲଟବର ପଞ୍ଚମୁଖୀ ହନୁମାନ ମନ୍ଦିରରେ ଚଳିତବର୍ଷ ହନୁମାନ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ କିପରି ଆହୁରି ଆକର୍ଷଣୀୟ ଭାବେ ଜୟନ୍ତୀ ଉତ୍ସବ ତଥା ମହାବିଷୁବ (ପଣା) ସଂକ୍ରାନ୍ତି ଏବଂ ଓଡିଆ ନବବର୍ଷ ପାଳନ କରାଯିବ ସେନେଇ ସଦସ୍ୟଙ୍କ ସହ ଆଲୋଚନା କରାଯାଇଥିଲା । ବରିଷ୍ଠ ଆଇନଜୀବୀ ତଥା କମିଟି ସଭାପତି ଅତୁଲ୍ୟ କୁମାର ପୂଜାରୀ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ସମ୍ପାଦକ ଅନନ୍ତ ନାରାୟଣ ଦାଶ ସଭା ପରିଚାଳନା କରିବା ସହ ଗତବର୍ଷର ଆୟବ୍ୟୟର ବିବରଣୀ ପାଠ କରି ଚଳିତବର୍ଷ ୫ଦିନ ଧରି ଜୟନ୍ତୀ ପାଳନ ହେବା ସହ କଳସ ଯାତ୍ରା, ମୀନାବଜାର, ପ୍ରତ୍ୟେହ ସନ୍ଧ୍ୟାରେ ଭଜନ, ପଣା ସେବନ ବ୍ୟବସ୍ଥା, ଉନ୍ନତମାନର ଆଲୋକ ସାଜସଜ୍ଜା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବୈଠକରେ ସ୍ଥିରୀକୃତ ହୋଇଥିଲା। ବୈଠକରେ ଚଳିତବର୍ଷ ପାଇଁ କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୈଠକରେ ଉପ ସଭାପତି ସୁରେନ ନାୟକ, କୋଷାଧ୍ୟକ୍ଷ ବିଦେଶୀ ସାହୁ, ଅକ୍ଷୟ ମହାପାତ୍ର, ଅଶୋକ ଆଚାର୍ଯ୍ୟ, ଲକ୍ଷ୍ମୀପ୍ରସାଦ ପାଣିଗ୍ରାହୀ, ବିରେନ ନାୟକ, ଅରବିନ୍ଦ ଦାଶ, କୁନି ବାଙ୍କ, ଚିତ୍ତରଞ୍ଜନ ଦ୍ୱିବେଦୀ, ସିକି ରଣା, ମିଠେଇ ଲାଲ ସାହୁ, ଶୁଭାଶୀଷ ନନ୍ଦ, ପ୍ରଣୟ ପୁରୋହିତ, ଶ୍ରୀରାମ, ଆଲୋକ ଦ୍ୱିବେଦୀ, ଦେବାଶିଷ ନନ୍ଦ, ଜିତେନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ଯବାନଙ୍କ ଆତ୍ମହତ୍ୟା

ମୋହନା,୨୭।୩(ଡି.ଏନ୍.ଏ.)

ପଶ୍ଚିମବଙ୍ଗର ପତିରା ବର୍ଡରରେ ନିୟୋଜିତ ଜଣେ ଓଡିଆ ବିଏସ୍‌ଏଫ୍ ଯବାନ ମଙ୍ଗଳବାର ରାତିରେ ନିଜ ସର୍ଭିସ ରାଇଫଲରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଯବାନ ଜଣକ ହେଲେ ଗଜପତି ଜିଲା ଅଡବା ଥାନା ଝିଲିକି ଗ୍ରାମର ସାଗର ଗୌଡ। ମଙ୍ଗଳବାର ରାତିରେ ବିଏସ୍‌ଏଫ୍ କାର୍ଯ୍ୟାଳୟରୁ ଫୋନ୍ ଯୋଗେ ଡେପୁଟି କମାଣ୍ଡାଣ୍ଟ ରଣାନନ୍ଦ ଯାଦବ ଏହି ଖବର ଦେଇଥିବା ତାଙ୍କ ବାପା ନୃସିଂହ କହିଛନ୍ତି। କୌଣସି କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ଏପରି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି। ଏନେଇ ଅଧିକ ତଦନ୍ତ ଚାଲିଛି, ମୃତଦେହ ବ୍ୟବଚ୍ଛେଦ ପରେ ଘରକୁ ପଠାଯିବ ବୋଲି ଡେପୁଟି କମାଣ୍ଡାଣ୍ଟ ଯାଦବ କହିଥିଲେ। ସାଗରଙ୍କର ଆସନ୍ତା ମେ' ମାସରେ ବିବାହ ସ୍ଥିର ହୋଇଥିବାବେଳେ ମାର୍ଚ୍ଚ ୨୮ରେ ନିର୍ବନ୍ଧ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ମାତ୍ର ହଠାତ୍ ଏପରି ମୃତ୍ୟୁ ଖବର ପାଇ ପରିବାରବର୍ଗ ଓ ଗ୍ରାମବାସୀ ଦୁଃଖରେ ଭାଙ୍ଗି ପଡିଛନ୍ତି। ସାଗରଙ୍କ ୩ ଭାଇ ଓ ଗୋଟିଏ ଭଉଣୀ ଅଛନ୍ତି। ବାପା ଚାଷ କାର୍ଯ୍ୟ କରୁଥିବାବେଳେ ସାଗରଙ୍କ ଉପରେ ପରିବାର ନିର୍ଭର କରୁଥିଲା।

# ୨ ବାଳକଙ୍କ ସଲିଳ ସମାଧି

- କୋଡ଼ପଡ଼ା ବାଲିଘାଟରେ ବୁଡ଼ିଗଲେ
- ମାମୁଁଘରକୁ ମଙ୍ଗଳା ଓଷା ଦେଖିବାକୁ ଆସିଥିଲେ
- ପୋକଲିନ୍ ପୋଡ଼ି, ରାସ୍ତାରୋକୋ ଓ ଉତ୍ତେଜନା

ଆନନ୍ଦପୁର, ୨୭।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବୈତରଣୀର କୋଡ଼ପଡ଼ା ବାଲି ଘାଟରେ ବୁଧବାର ପ୍ରାୟ ୧୦ଟା ସମୟରେ ଗାଧୋଉଥିବା ବେଳେ ଚୋରାବାଲିରେ ଗୋଡ଼ ଫସିଯିବାରୁ ୨ ବାଳକଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଏ ନେଇ ଆନନ୍ଦପୁର ଡାକ୍ତରଖାନା ପରିସରଠାରୁ ଆରମ୍ଭ କରି କୋଡ଼ପଡ଼ା, ସଢ଼ା ଓ ବସନ୍ତିଆ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ମୃତକ ହେଲେ ନନ୍ଦିପଦା ଥାନା ବସନ୍ତିଆ ଗ୍ରାମର ଜଗନ୍ନାଥ ସୁତାରଙ୍କ ବଡ଼ପୁଅ ଶୁଭ୍ରପ୍ରକାଶ ସୁତାର(୧୮) ଏବଂ ସୋସୋ ଥାନା ସଢ଼ା ଗ୍ରାମର ଶରତ ଓଝାଙ୍କ ସାନପୁଅ ରୁଦ୍ରନାରାୟଣ ଓଝା(୧୨)। ଉଭୟ ମାମୁଘର ଆନନ୍ଦପୁର ଥାନା କୋଡ଼ପଡା ଗ୍ରାମକୁ ନିଜ ମାଆଙ୍କ ସହିତ ମଙ୍ଗଳା ଓଷା ଦେଖିବାକୁ ଆସିଥିଲେ। ଉଭୟ କୋଡ଼ପଡ଼ା ଗ୍ରାମର ଗୋଟିଏ ପରିବାରର ଦୁଇ ଭାଇ ସୁଦାମ ଓଝା ଓ ଅନାମ ଓଝାଙ୍କ ଘରକୁ ଆସିଥିଲେ। ଶୁଭ୍ରପ୍ରକାଶ ଛେନାପଦୀସ୍ଥିତ ଆଇଟିଆଇର ପ୍ରଥମ ବର୍ଷର ଛାତ୍ର ଥିବାବେଳେ ରୁଦ୍ର ନାରାୟଣ ବସନ୍ତିଆ ଗ୍ରାମର ଷଷ୍ଠ ଶ୍ରେଣୀର ଛାତ୍ର। ଉଭୟ ବୁଧବାର କେତେଜଣ ସାଙ୍ଗଙ୍କ ସହିତ ଏହି ବାଲିଘାଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ବୁଡି ଯାଇଥିଲେ। ଉଭୟଙ୍କୁ ଲୋକେ ପାଣିରୁ ଉଦ୍ଧାର କରିଥିଲେ। ଖବର ପାଇ ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ କୋଡ଼ପଡା ଗ୍ରାମରେ ପହଞ୍ଚି ଉଦ୍ଧାର ଦୁଇ ଜଣଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ଆନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପକ୍ଷରେ ବାଲି ଘାଟରେ ବାଲି ଉଠାଉଥିବା ଏକ ପ୍ରୋକଲିନ୍ ମେଶିନ୍‌କୁ ଲୋକେ ପୋଡି ଦେଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଛି। ଲୋକେ ରାସ୍ତାରୋକୋ କରିଥିଲେ। ଉତ୍ତେଜନା ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଆନନ୍ଦପୁର ପୋଲିସ। ଖବର ଲେଖା ହେବା ବେଳକୁ ଆନନ୍ଦପୁର ତହସିଲଦାରଙ୍କୁ ମହିଳାମାନେ ଅଟକ ରଖିଥିଲେ।



କୋଡ଼ପଡ଼ା ବାଲିଘାଟ।

# ପୋଖରୀରେ ବୁଡ଼ି ୩ ନାବାଳିକା ମୃତ

ଦାରିଙ୍ଗବାଡ଼ି,୨୭।୩(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ପର୍ତ୍ତମାହା ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ଶେଷ ମୁଣ୍ଡରେ ଥିବା ପୋଖରୀରେ ବୁଡ଼ି ୨ଭଉଣୀଙ୍କ ସମେତ ୩ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ, ଉକ୍ତ ଗ୍ରାମର ବାୟାବନ୍ଧୁ ନାୟକଙ୍କ ୨ଝିଅ ରେଣୁକା(୯), ମେନୁକା(୭) ଏବଂ ରବୀନ୍ଦ୍ର ସେନାପତିଙ୍କ ଝିଅ ଲିସା(୩)। ୩ଜଣଙ୍କର କିଭଳି ମୃତ୍ୟୁ ହେଲା ସ୍ୱଷ୍ଟ ଜଣା ପଡି ନ ଥିଲେ ମଧ୍ୟ ଜଣଙ୍କୁ ବଞ୍ଚାଇବାକୁ ଯାଇ ଆଉ ୨ଜଣ ବୁଡି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି।

ରେଣୁକା, ମେନୁକା ଓ ଲିସା ଅପରାହ୍ନରେ ଖେଳିବା ପାଇଁ ଯାଇଥିଲେ। ସନ୍ଧ୍ୟା ହୋଇଥିଲେ ମଧ୍ୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗାଁ ଶେଷମୁଣ୍ଡରେ ଥିବା ପୋଖରୀ ତୁଠରେ ସେମାନଙ୍କ ପୋଷାକ ଥିବା ଦେଖିବାକୁ ମିଳିଥିଲା। ସନ୍ଦେହ ହେବାରୁ ଖୋଜାଖୋଜି କରିବାରୁ ପୋଖରୀରେ ୩ଜଣଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହାୟତାରେ ମୃତଦେହ ଗୁଡିକୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ପରେ ସେଠାରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଦାରିଙ୍ଗବାଡି ଥାନା ଅଧିକାରୀ ଅଲେଖ ଗରଡିଆ ପହଞ୍ଚି ମୃତଦେହଗୁଡିକୁ ଦାରିଙ୍ଗବାଡି ମେଡିକାଲକୁ ନେବାର ବ୍ୟବସ୍ଥା କରିଥିଲେ। ଗୁରୁବାର ମୃତଦେହ ଗୁଡିକର ବ୍ୟବଚ୍ଛେଦ ହେବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ରେଣୁକା ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବାବେଳେ ମେନୁକା ଦ୍ୱିତୀୟ ଶ୍ରେଣୀର ଛାତ୍ରୀ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ

**ସମ୍ବଲପୁର/ହୀରାକୁଦ,୨୭।୩ (ବ୍ୟୁରୋ/ଡି.ଏନ୍.ଏ.)-** ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ମଙ୍ଗଳବାର ହୀରାକୁଦ ବାବା ନୀଳକଣ୍ଠେଶ୍ୱର ଧର୍ମଶାଳାରେ ପାଳିତ ହୋଇଛି। ଶଶୀଭୂଷଣ ଜେନାଙ୍କ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା। ବିଷ୍ଣୁପଦ ଦାଶ, ଅରୁଣ କୁମାର ମେହେରା, ବାବାଜୀ ଦାମୋଦର ଦାଶ, ବାବାଜୀ ଦିବାକର ଦାଶ, ବାବାଜୀ ପୁନ ଦାଶ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରୀତିରଞ୍ଜନ ଦାଶ, ଶଶୀକାନ୍ତ ଖୁଣ୍ଟିଆ, ସୁଦାମ ଚରଣ ସାହୁ, ବ୍ରଜକିଶୋର ଦାଶ, ବିଦୁର ସାହୁ, ବ୍ରଜ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ଜମନକିରାରେ ବିଜେଡିର କର୍ମୀ ସମ୍ମିଳନୀ

**ଜମନକିରା,୨୭। ୩ (ଡି.ଏନ୍.ଏ.)-** ଜମନକିରାରେ ବୁଧବାର ବିଜେଡ଼ିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଆଦିପ୍ରସାଦ ମହାକୁଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନବ କିଶୋର ଦାସ, ନଳିନୀ ପଧାନ, ଆନନ୍ଦ ଜେନା, ମଞ୍ଜୁ ଦାସ, ଜୟପାଲ ନାଏକ, କିଶୋର ନାଏକ, ଜଗନ୍ନାଥ ଜେନା, ରୋଜାଲିନ ପଟେଲ, ପ୍ରମିଳା ପଟେଲ, ସ୍ୱପ୍ନମୟୀ ପଟେଲ, ଲକ୍ଷ୍ମୀବାଳା ବହିଦାର, ସ୍ନିଗ୍ଧା ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଶେଷରେ ଦିଲିପ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

### କୁଚିଣ୍ଡା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀଙ୍କ ବୈଠକ

**ଜମନକିରା, ୨୭। ୩ (ଡି.ଏନ୍.ଏ.)-** ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଚିନିମହୁଲ ଗାଁରେ ଏକ ବ୍ଲକ୍‌ସ୍ତରୀୟ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଘୋଷିତ କଂଗ୍ରେସ ପ୍ରାର୍ଥୀ ଶୋଭାରାମ ପଧାନ ଏଥିରେ ଯୋଗ ଦେଇଥିଲେ। ସରୋଜ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସନ୍ତୋଷ ପଟ୍ଟନାୟକ, ସୁଧାଂଶୁ ଚୌଧୁରୀ, କେଦାରନାଥ ବରହା, କିଶୋର ନାଏକ, ଟିକନ ଶର୍ମା, ଗୁରୁଚରଣ ପଟେଲ, ଧନେଶ୍ୱର ପଧାନ, କେଶବ କୁଅଁର, ଯଦୁମଣୀ ବେହେରା, ଧୁବେଇଧର ପଧାନ, ସରୋଜ ସାହୁ, ତରୁଣୀ ନାୟକ, ମନୋଜ ନାଏକ, ବସନ୍ତ କଉଡ଼ି, ଅମୀୟ ନନ୍ଦ, ମିଲନ ପଲେଇ, ସୁଶାନ୍ତ ସାହୁ, ସଂଗ୍ରାମ ଶର୍ମା, ନିରଞ୍ଜନ କଲେତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### ବିଜେଡିର ପ୍ରାର୍ଥୀ ଚୟନକୁ ନେଇ କଳ୍ପନାଜଳ୍ପନା

**ସମ୍ବଲପୁର,୨୭।୩ (ବ୍ୟୁରୋ)-** ସମ୍ବଲପୁର ଲୋକସଭା ଓ କୁଚିଣ୍ଡା ବିଧାନ ସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ବୁଧବାର ପ୍ରାର୍ଥି ଘୋଷଣା କରାଯାଇଛି । ସମ୍ବଲପୁର ଲୋକସଭାରେ ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ ଓ କୁଚିଣ୍ଡାରେ କିଶୋର ନାଏକଙ୍କୁ ଦଳ ପ୍ରାର୍ଥି କରିଛି । ହେଲେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥି ଘୋଷଣା ଝୁଲି ରହିଛି । ଏହାକୁ ନେଇ ଚର୍ଚ୍ଚା ବଢ଼ିଛି । ଏହି ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ନାଉରୀ ନାଏକ, କଂଗ୍ରେସ ପକ୍ଷରୁ ବାଳକୃଷ୍ଣ ରୋହିଦାସଙ୍କୁ ପ୍ରାର୍ଥି କରାଯାଇଛି। ହେଲେ ବିଜେଡିର ବିଳମ୍ବକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି। ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପାଇଁ ନବ କିଶୋର ଦାସଙ୍କୁ ଦାୟିତ୍ୱ ଦିଆଯାଇଛି । ସେଥିପାଇଁ ଏଠାରେ ନବଙ୍କ ମନ ପସନ୍ଦ ପ୍ରାର୍ଥି ଦିଆଯିବ ବୋଲି ଚର୍ଚ୍ଚା ହେଉଛି । ନୂତନ ଭାବେ ବିଜେଡିରେ ଯୋଗ ଦେଇଥିବା ଜଣେ ଯୁବନେତାଙ୍କ ସ୍ତ୍ରୀଙ୍କ ନାମ ନବ ସୁପାରିଶ କରିଥିବା ଆଲୋଚନା ହେଉଛି। ହେଲେ ରେଙ୍ଗାଲି ବିଧାୟକ ରମେଶ ପଟୁଆ ମଧ୍ୟ ପୁଣି ଥରେ ନିର୍ବାଚନ ଲଢ଼ିବାକୁ ଆଶାୟୀ ରହିଛନ୍ତି । ପଟୁଆ ତୃତୀୟ ମହଲାରେ ଭେଟି ନିଜ ଦାବି ଜଣାଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି । ଅନ୍ୟପଟେ ନୂଆମାନଙ୍କୁ ଟିକେଟ ଦେଲ ପୁରୁଣା କର୍ମୀଙ୍କ ଅସନ୍ତୋଷ ରହୁଛି । ନବଙ୍କ ବିଜେଡିରେ ଯୋଗଦାନ ପରେ ପୁରୁଣା ତଥା ପୂର୍ବରୁ ତାଙ୍କ ବିରୋଧୀ ରହି କାମ କରୁଥିବା ବିଜେଡି ନେତା ସହଜରେ ନବଙ୍କୁ ଗ୍ରହଣ କରିପାରୁନାହାନ୍ତି । ବିଧାୟକ ରମେଶ ପଟୁଆ, ଗାନ୍ଧୀ ବେହେରା, ଦିଲୀପ ଦୁରିଆ, ଭରତ କରାଲି, ସୁଶାନ୍ତ ଡନସେନା, ସୁବାଶ ସିଂ ବିଜେଡି ଟିକେଟ ପାଇବାକୁ ଆଶାୟୀ ରହିଛନ୍ତି।

# ନାଟକରେ ହଜିଲେ ଦର୍ଶକ







ବୁଧବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ମଞ୍ଚସ୍ଥ 'ଜୀବନ ବାକି ଅଛି' ନାଟକର ଦୃଶ୍ୟ (ବାମ)। 'ଏକ ଛୋଟା ପରିବର୍ତ୍ତନ' ନାଟକର ଦୃଶ୍ୟ (ମଝି)। ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଶକ୍ତି ମିଶ୍ର ଏକକ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

**ସମ୍ବଲପୁର, ୨୭।୩ (ବ୍ୟୁରୋ)**

**ବୁଧବାର ଥିଲା ବିଶ୍ୱ ନାଟ୍ୟ ଦିବସ। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଟକ ପରିବେଷିତ ହୋଇଛି। କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବ୍ୟସ୍ତବହୁଳ ଜୀବନ ଭିତରେ ବି ଲୋକେ ସମୟ ବାହାର କରି ନାଟକ ଦେଖିବାକୁ ପହଞ୍ଚି ଥିଲେ। ନାଟକୀୟ ପରିବେଶ ମଧ୍ୟରେ ନିଜକୁ ହଜାଇ ଦେଇଥିଲେ। ସେହିଭଳି କେତେକ ସ୍ଥାନରେ ନାଟକ ସମ୍ପର୍କୀତ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା।**

ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅତିକ୍ଷୁଦ୍ର ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ବିଭିନ୍ନ ଅଞ୍ଚଳରୁ ୪ଟି ମନୋନୀତ ସ୍କୁଲର ଛାତ୍ରୀଛାତ୍ର ସାମିଲ ହୋଇ ନାଟକ ପରିବେଷଣ କରିଥିଲେ। ବୁର୍ଲା ସରକାରୀ ଗର୍ଲ୍ସ ହାଇସ୍କୁଲ ଦ୍ୱାରା ମଞ୍ଚସ୍ଥ ନାଟକ 'ମାନବ ଚଲାଣ' ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଥିଲା। ସେହିପରି ବୁଢ଼ାରଜା ସରକାରୀ ହାଇସ୍କୁଲର 'ଜୀବନ ବାକି ଅଛି' ଦ୍ୱିତୀୟ ଓ ବୁର୍ଲା ସେଣ୍ଟ ଜୋନ୍ସ ସ୍କୁଲର ହିନ୍ଦୀ ଭାଷା ନାଟକ 'ଏକ୍ ଛୋଟା ପରିବର୍ତ୍ତନ' ତୃତୀୟ ସ୍ଥାନ ହାସଲ କରିଛି। ସେହିପରି ଅଭିନୟ ବିଭାଗରେ ସୁଶ୍ରୀ ପ୍ରିୟା ଶତପଥୀ ପ୍ରଥମ, ଶ୍ରୀୟା ନନ୍ଦ ଦ୍ୱିତୀୟ ଓ ବୈଶାଖି ବାରିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ନାଟ୍ୟକାର ରାମକୃଷ୍ଣ ରଥଙ୍କୁ ଶ୍ରେଷ୍ଠ ପରିକଳ୍ପନା ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ହୀରାକୁଦ ସରକାରୀ ହାଇସ୍କୁଲର ଶକ୍ତି ମିଶ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ସନ୍ତୋଷ କୁମାର ମିଶ୍ର, ମମତା ପଣ୍ଡା ଓ ରାମାଶିଷ ତ୍ରିପାଠୀ ବିଚାରକ ଥିଲେ । ଓଡିଶା ସାଂସ୍କୃତିକ ସମାଜ ଓ ଜନନାଟ୍ୟ ମଞ୍ଚ ମିଳିତ ଆନୁକୂଲ୍ୟରେ ପ୍ରତିଯୋଗିତା ହୋଇଥିଲା । ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ନାଟ୍ୟଶ୍ରୀ ସତ୍ୟରଞ୍ଜନ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଜନନାଟ୍ୟ ମଞ୍ଚ ସଭାପତି ପ୍ରଫୁଲ୍ଲ ହୋତା ସୂଚନା ପ୍ରଦାନ କରିଥିଲେ । ସରୋଜ ଦାଶ ନାଟ୍ୟ ଦିବସ ବାର୍ତ୍ତା ପାଠ କରିଥିଲେ । ପ୍ରଶାନ୍ତ କୁମାର ପାଢୀଯୋଶୀଙ୍କ ପରିଚାଳନାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଞ୍ଜୀବ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅଶୋକ ମିଶ୍ର, ବୋଧରାମ ଦାଶ, ଲୋକନାଥ ପାଣ୍ଡେ, ନିକୁଞ୍ଜୟ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ସମ୍ବଲପୁର ନାଟ୍ୟକଳା ପରିଷଦ:** ବୁଧବାର ରାତିରେ ପବ୍ଲିକ ଲାଇବ୍ରେରୀ ସଭା କକ୍ଷଠାରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି । ନାଟ୍ୟବିତ ତଥା ଅନୁଷ୍ଠାନ ସଭାପତି ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ନାଟ୍ୟଶ୍ରୀ ଡ. ପଞ୍ଚାନନ ମିଶ୍ର ଓ ଡ. ଦ୍ୱାରିକାନାଥ ନାୟକ ବକ୍ତା ଭାବେ ଯୋଗଦେଇ ଅଭିନୟର ଦିଗ ଓ ଦିଗନ୍ତ ଏବଂ ନାଟ୍ୟକାରଙ୍କ ଅନ୍ତଦୃଷ୍ଟି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ନାଟ୍ୟକାର ଡ. ମଙ୍ଗଳୁ ଚରଣ ବିଶ୍ୱାଳଙ୍କୁ ନାଟ୍ୟକଳା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଗୌରିଦାସ ପ୍ରଧାନ ମାନପତ୍ର ପାଠ କରିଥିଲେ । ବିଶିଷ୍ଟ ଅଭିନେତା କୃଷ୍ଣ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ନରେନ୍ଦ୍ର ବେହେରା ସମ୍ରାଟ ଅଶୋକଙ୍କ ଚରିତ୍ର ଉପରେ ଅଭିନୟ ପ୍ରଦର୍ଶନ କରିଥିଲେ । ଡ. ଶାନ୍ତିଲତା ଦାଶ ନାଟକ ଶୀର୍ଷକ କବିତା ପାଠ କରିଥିଲେ । ସତ୍ୟନାରାୟଣ ଠାକୁର କାର୍ଯ୍ୟକ୍ରମ ସଂଯୋଜନା ଓ ଦେବାର୍ଚ୍ଚନ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ ଅଭିନେତ୍ରୀ ସାଧନାକୋମଳ ବହିଦାରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା ।





ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭା କକ୍ଷଠାରେ ଡ. ଦ୍ୱାରିକାନାଥ ନାୟକ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

**ଜ୍ୟୋତିବିହାର:** ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ପ୍ରଦର୍ଶନ କଳା ବିଭାଗ ପକ୍ଷରୁ ନାଟକ 'ଠକରୁ' ବୁଧବାର ମଞ୍ଚସ୍ଥ ହୋଇଛି । ଅବିନାଶ ମହାପାତ୍ର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । ବିଭିନ୍ନ ଭୂମିକାରେ ରିମା, ପ୍ରେମମଞ୍ଜରୀ, ସଙ୍ଗୀତା, ଅବିନାଶ, ଭାରତ, ହିମାଂଶୁ, ଦୟା, ଅମନ, ସୁଶୀଲ, ରାକେଶ, ସୁନୀଲ ଓ ଶୁଭମ ଅଭିନୟ କରିଥିଲେ । ପ୍ରମୋଦ, ରିଙ୍କୁ, ନିର୍ମଳ, କୁଳମଣୀ, ମଳୟ ଓ ବିଶ୍ୱଜିତ ନାଟକ ମଞ୍ଚସ୍ଥରେ ସହଯୋଗ କରିଥିଲେ।

**ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ ଜିଜିବିସ:** ଜିଜିବିସା ପକ୍ଷରୁ ବୁଧବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ନାଟକ ବିଷୟରେ ନାଟ୍ୟବିତ, ଅଭିନେତା, ନିର୍ଦ୍ଦେଶକମାନେ ଆଲୋଚନା କରିଥିଲେ। ସମାରୁ ପ୍ରଧାନ, ବେଣୁଧର ସାହୁ, ଲକ୍ଷ୍ମଣ ମାହାନା, ଅଗେନ୍ଦ୍ର ପଟେଲ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଦିଲୀପ ଚୌବେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫଟୋରେ ଖବର



ବୁଧବାର ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଜଣେ ବୃଦ୍ଧାଙ୍କୁ ସଚେତନ କରାଯାଉଛି ।

## ଭାଜପାରେ ଯୋଗଦେଲେ ବହୁ ବିଜେଡି ନେତା

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

ଆସ୍କା ଲୋକ ସଭା ଅନ୍ତର୍ଗତ ଖଲିକୋଟ ବିଧାନସଭା ଅଞ୍ଚଳର ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସେମାନେ ଦଳରେ ସାମିଲ ହୋଇଛନ୍ତି । ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିଛନ୍ତି। ଆସ୍କା ଲୋକ ସଭା ନିର୍ବାଚନମଣ୍ଡଳୀର ଖଲିକୋଟ ବିଧାନସଭା ଅନ୍ତର୍ଗତ କେଶପୁରର ପୂର୍ବତନ ସରପଞ୍ଚ ରମେଶ ପରିଡା, କନ୍ହେଇପୁରର ସମାଜସେବୀ ପ୍ରଦ୍ୟୁମ୍ନ ସାମନ୍ତରାୟ, ବାଗଲପୁର ପୂର୍ବତନ ସମିତି ସଭ୍ୟ ଅଭିରାମ ସାହୁ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି।

## ଡିକି ଖୋଲି ନେଇଗଲେ ୫ ଲକ୍ଷ

**ଭଦ୍ରକ ଅଫିସ, ୨୭।୩**

ଜଣେ ଅବସରପ୍ରାପ୍ତ ପୋଲିସ ହାବିଲଦାର ମଙ୍ଗଳବାର ମଧ୍ୟାହ୍ନରେ ଲୁଟ୍‌ର ଶିକାର ହୋଇଛନ୍ତି। ତାଙ୍କ ବାଇକ୍‌ଡିକିରୁ ୫ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଚରମ୍ପା କେନାଲ ରୋଡରେ ରହୁଥିବା ଅବସରପ୍ରାପ୍ତ ପୋଲିସ ହାବିଲଦାର ମହେନ୍ଦ୍ର ପଣ୍ଡା ସ୍ଥାନୀୟ ଷ୍ଟେଟବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଉଠାଇ ଏକ ଫଳ ଦୋକାନ ନିକଟରେ ଗାଡ଼ି ରଖିଥିଲେ। ନିକଟସ୍ଥ ଏକ ପାନ ଦୋକାନରୁ ସେ ପାନ କିଣି ଘରକୁ ଫେରିଥିଲେ। ଘରେ ପହଞ୍ଚି ତାଙ୍କ ଗାଡ଼ି ଡିକି ଖୋଲାଥିବା ଓ ଟଙ୍କା ଭର୍ତ୍ତି ବ୍ୟାଗ୍ ନ ଥିବା ସେ ଦେଖିଥିଲେ। କିଛି ସମୟ ଖୋଜାଖୋଜି କରିବା ପରେ ସେ ମଙ୍ଗଳବାର ସନ୍ଧ୍ୟାରେ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ।

## ରୋହିତ ପୂଜାରୀଙ୍କୁ ରେଢ଼ାଖୋଲରେ ସମ୍ବର୍ଦ୍ଧନା

**ରେଢ଼ାଖୋଲ,୨୭।୩ (ଡି.ଏନ.ଏ.)**

ରେଢ଼ାଖୋଲ ବିଧାନସଭା ପାଇଁ ପୁଣି ଥରେ ପ୍ରାର୍ଥୀ ଘୋଷିତ ହେବା ପରେ ଇଂ. ରୋହିତ ପୂଜାରୀଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଟିକଟ ନେଇ ବୁଧବାର ସନ୍ଧ୍ୟାରେ ଇଂ. ପୂଜାରୀ ରେଢ଼ାଖୋଲ ପହଞ୍ଚିଥିଲେ। ରେଢ଼ାଖୋଲର ବସଷ୍ଟାଣ୍ଡସ୍ଥିତ ଭୀମଭୋଇ ଛକରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ରୋହିତଙ୍କୁ ବାଣଫୋଟକା ଫୁଟାଇ ସ୍ୱାଗତ ଜଣାଇଥିଲେ। ରୋହିତ ବସଷ୍ଟାଣ୍ଡସ୍ଥିତ ସନ୍ଥ କବି ଭୀମଭୋଇ ଓ ଉତ୍କଳମଣି ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବ୍ଲକ ସଭାପତି ଉଦିତ ତ୍ରିପାଠୀ, ନଗରସଭାପତି ସୁରେନ୍ଦ୍ର ବିଶ୍ୱାଳ, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, କାଉନସିଲର ଆଦିତ୍ୟ ନାରାୟଣ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ନିର୍ମଳା ନାଏକ, ପୂର୍ବତନ କାଉନସିଲର ରାଜୀବ ଲୋଚନ ପ୍ରଧାନ, ପୁରୁଷୋତ୍ତମ ଅଗ୍ରୱାଲ, ଶ୍ରମିକ ନେତା ଅନାଦୀ ସାହୁ, ନାରୀ ନେତ୍ରୀ ଅପର୍ଣ୍ଣା ବାଘ, ନାକଟିଦେଉଳ ବ୍ଲକ ସଭାପତି ମୂଳିଆ ରାଉଲ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନି ରାଉଳ, ଲକ୍ଷ୍ମଣ ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଫୁଲତୋଡା ଦେଇ ରୋହିତଙ୍କୁ ସ୍ୱାଗତ କରିଥିଲେ। ଗତ ୫ବର୍ଷ ମଧ୍ୟରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ବହୁ ପ୍ରକଳ୍ପ ହାତକୁ ନିଆଯାଇଛି। ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ କରିବା ସହିତ ପର୍ଯ୍ୟଟନ, ଶିକ୍ଷା, ପାନୀୟଜଳ କ୍ଷେତ୍ରରେ ବିକାଶ କରାଯିବା ସହ ଯୁବକମାନଙ୍କ ନିଯୁକ୍ତି ପାଇଁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ କରିବି ବୋଲି ତାଙ୍କ ପ୍ରତିକ୍ରିୟାରେ ରୋହିତ କହିଛନ୍ତି।



ରେଢ଼ାଖୋଲରେ ରୋହିତ ପୂଜାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

## ଶାସନରେ ଆଇନ ସଚେତନତା ଶିବିର

**ସମ୍ବଲପୁର,୨୭।୩ (ବ୍ୟୁରୋ)**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମ୍ବଲପୁର ଜିଲା ଶାସନ ପଞ୍ଚାୟତ ଅଫିସରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଆଇନ ସେବା ପ୍ରାଧିକରଣ ସଚିବ ଲିଲି ସେନାପତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଶ୍ରମିକ, ଥାନା ଅଧିକାରୀ ଓ କର୍ମଚାରୀ, ଜନପ୍ରତିନିଧି ସାମିଲ ହୋଇଥିଲେ। ଅଣସଂଗଠିତ ଶ୍ରମିକମାନଙ୍କ ସକାଶେ ଉଦ୍ଦିଷ୍ଟ ଅଧିକାର ଓ ଆଇନଗତ ସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା।





ଜିଲା ଆଇନସେବା ପ୍ରାଧିକରଣ ଆଇନ ସଚେତନତା ଶିବିରରେ ବକ୍ତା ଓ ଅତିଥିମାନେ।

## ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ କର୍ମୀଙ୍କୁ ମନ୍ତ୍ର

**ରେଙ୍ଗାଲି, ୨୭।୩ (ଡି.ଏନ.ଏ.)**

ରେଙ୍ଗାଲି ବ୍ଲକ ରାମଚନ୍ଦ୍ର ନଗରଠାରେ ଭାଜପାର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ସେଠାରେ ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥିଲା । ତୃଣମୂଳ ସ୍ତରରୁ ପ୍ରତ୍ୟେକ ବୁଥ୍‌ର କର୍ମୀମାନେ ଏକଜୁଟ ହୋଇ କିପରି ଭାବରେ ଭାଜପା ବିଧାୟକ ଓ ସମ୍ବଲପୁର ଲୋକସଭା ପ୍ରାର୍ଥୀଙ୍କୁ ନିର୍ବାଚନରେ ଜୟଯୁକ୍ତ କରାଇବେ ସେନେଇ ରଣନୀତି ପ୍ରସ୍ତୁତ କରାଯାଇ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଉନ୍ନତିମୂଳକ ଯୋଜନା ଏବଂ ରାଜ୍ୟ ସରକାରଙ୍କ ଅପାରଗତା ବିଷୟରେ ଲୋକଙ୍କୁ ବୁଝାଇ ଭୋଟ ପାଇଁ ନିବେଦନ କରିବା ପାଇଁ ଦଳୀୟ ନେତୃମଣ୍ଡଳୀ ଉଦ୍‌ବୋଧନ ଦେଇଥିଲେ। ଏଥିରେ ସମ୍ବଲପୁର ଲୋକସଭା ଭାଜପା ପ୍ରାର୍ଥୀ ନିତିଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ପ୍ରାର୍ଥୀ ନାଉରୀ ନାୟକ, ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଯୁଗଳ ଅଗ୍ରୱାଲ, ରେଙ୍ଗାଲି ଜୋନ-୧ ଜିଲା ପରିଷଦ ତିରୋଜ ହେଡେଞ୍ଜା, ଧନକଉଡା ଜିଲା ପରିଷଦ ସଂଯୁକ୍ତା ପଧାନ, ଧନକଉଡା ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ଡ. ଅଶୋକ ନାଏକ ଅନ୍ତର୍ଯ୍ୟାମୀ ପାଣି, କିଲାସମା ସରପଞ୍ଚ ପ୍ରଶାନ୍ତ ବାରିକ, ବିଶିକେସନ ପଣ୍ଡା, ଦେବେନ୍ଦ୍ର ନାଏକ, ପ୍ରକାଶ ପ୍ରଧାନ, ମନୋରଞ୍ଜନ ଥାପା, ସୁବାସ ପଣ୍ଡା, ଜଗନ୍ନାଥ ମେହେର, ସରୋଜ ମେହେର, ଦିବ୍ୟକିଶୋର ବେହେରା ପ୍ରମୁଖ ଭାଜପା କର୍ମୀ ଉପସ୍ଥିତ ଥିଲେ । ରେଙ୍ଗାଲି ମଣ୍ଡଳ ସଭାପତି ଜ୍ୟୋତିର୍ମୟ ସାହୁଙ୍କ ସଭାପତିତ୍ୱ ଏବଂ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଯୁଗଳ ଅଗ୍ରୱାଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରେଙ୍ଗାଲି, ମଙ୍ଗଳପୁର, ସାଲଡ, ନିଶାନଭଙ୍ଗା, ରାମଚନ୍ଦ୍ରନଗର ପ୍ରମୁଖ ଗ୍ରାମରୁ ପ୍ରାୟ ଶହେ ଜଣ ଯୁବକ ଭାଜପାରେ ଯୋଗ ଦେଇଥିଲେ ।



ରେଙ୍ଗାଲି ବ୍ଲକ ରାମଚନ୍ଦ୍ର ନଗରଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ଉପସ୍ଥିତ ଦଳୀୟ ନେତୃବନ୍ଦ।

## ସଂକ୍ଷେପରେ

### ଏପ୍ରିଲ ୧ରେ ଓଡ଼ିଶା ଆସିବେ ଶାହ

ବଦଳିଲା ମୋଦିଙ୍କ କାର୍ଯ୍ୟସୂଚୀ, ୨ରେ ଆସିବେ କଳାହାଣ୍ଡି

**ଭୁବନେଶ୍ୱର,୨୭ା୩ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୯ ଏବଂ ଏପ୍ରିଲ ୧ରେ ଓଡ଼ିଶା ଗସ୍ତରେ ଆସିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଥିଲା। ୨୯ରେ ମୋଦି କୋରାପୁଟ ଜିଲା ଜୟପୁରଠାରେ ହେବାକୁ ଥିବା ସାଧାରଣ ସଭାରେ ଯୋଗଦେବେ। ମୋଦି ଏପ୍ରିଲ ୧ରେ କଳାହାଣ୍ଡି ଆସିଥାଆନ୍ତେ। ମାତ୍ର ପ୍ରଧାନମନ୍ତ୍ରୀ ୧ ପରିବର୍ତ୍ତେ ୨ରେ ଆସିବେ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ ଆସନ୍ତା ୧ରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ସେଦିନ ପାରଳାଖେମୁଣ୍ଡି ଏବଂ ଉମରକୋଟଠାରେ ଆୟୋଜିତ ସାଧାରଣ ସଭାରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଗୋଲକ କହିଛନ୍ତି।

### ଓଡ଼ିଆ ଆଇପିଏସ୍ ଅଫିସର ବାରାଣସୀ ପାଇଁ ପୋଲିସ ପର୍ଯ୍ୟବେକ୍ଷକ

**ନୂଆଦିଲ୍ଲୀ,୨୭ା୩:** ନିର୍ବାଚନ କମିଶନ ଓଡ଼ିଶାର ଆଇପିଏସ୍ ଅଫିସର ଲଳିତ ଦାସଙ୍କୁ ବାରାଣସୀ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ପୋଲିସ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ସେ ଏହି ପଦବୀରେ ଏପ୍ରିଲ୍ ୨୯ରୁ ମେ ୧୮ ପର୍ଯ୍ୟନ୍ତ ରହି ନିର୍ବାଚନ ମଣ୍ଡଳୀ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଆସନରୁ ପ୍ରାର୍ଥୀ ହୋଇଛନ୍ତି। ୧୯୯୨ ବ୍ୟାଚ୍‌ର ଏହି ଅଫିସର ଏବେ ଓଡ଼ିଶା ରାଜ୍ୟ ପୋଲିସ ଗୃହନିର୍ମାଣ ଓ କଲ୍ୟାଣ ନିଗମ ଲିଃର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ସେ ଆଇଆଇଟି ମାଡ୍ରାସ, ଆଇଆଇଏମ୍ ବାଙ୍ଗାଲୋର ଏବଂ ଏନ୍ଆଇଟି ରାଉରକେଲାର ପୂର୍ବତନ ଛାତ୍ର।

### ଗୋଶାଳା ଛକରେ ଭାଜପା କାର୍ଯ୍ୟାଳୟ ଖୋଲିଲା

ଚିପିଲିମା,୨୭ା୩(ଡି.ଏନ.ଏ.) ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧନକଉଡା ବ୍ଲକ ଜୋନ-୨ ଗୋଶାଳା ଛକରେ ଭାଜପାର ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ଗୋଶାଳା ମଣ୍ଡଳ ସଭାପତି ଦେବେନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନେତା ତଥା ରେଙ୍ଗାଲି ପ୍ରାର୍ଥୀ ନାଉରୀ ନାୟକ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବର ଆୟୋଜନ ହୋଇଥିଲା। ଏଥିରେ ବହୁ ସଂଖ୍ୟକ କର୍ମୀ ବିଭିନ୍ନ ଦଳରୁ ଆସି ଭାଜପାରେ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ଉପାଧ୍ୟକ୍ଷା ସୁଷମା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ଭୋଟ କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ

ସମ୍ବଲପୁର, ୨୭ା୩ (ବ୍ୟୁରୋ) ଜିଲାରେ ଭୋଟଦାନ ପ୍ରକ୍ରିୟାକୁ ସହଜ ଓ ସରଳ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପ୍ରତି ଭୋଟ ଗ୍ରହଣ କେନ୍ଦ୍ର ଗୁଡିକରେ ପାନୀୟ ଜଳ ବ୍ୟବସ୍ଥା ରହିବ। ଏଥିପାଇଁ ମାଠିଆ, ଗ୍ଲାସ ଓ ଓଆରଏସ ସହ ମେଡିକାଲ କିଟ୍ ଉପଲବ୍ଧ ରହିବ । ଏଥିସହ ମହିଳା ଓ ପୁରୁଷଙ୍କ ପାଇଁ ଅସ୍ଥାୟୀ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା କରିବାକୁ ସ୍ଥିର କରାଯାଇଛି । ଅପରପକ୍ଷେ ଭୋଟରମାନଙ୍କ ସହାୟତା ନିମନ୍ତେ କାନ୍ଥ ଗୁଡିକରେ ସୂଚନା ଫଳକ ଲଗାଯିବ । ବୁଧବାର ଏକ ପ୍ରେସ ବିବୃତିରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ସାମନ୍ତରାୟ ଏହି ସୂଚନା ଦେଇଛନ୍ତି ।

### କଂଗ୍ରେସରେ ଯୋଗଦେଲେ ଅଭିଷେକ

**ଭୁବନେଶ୍ୱର,୨୭ା୩ (ବ୍ୟୁରୋ):** ବିଜୁ ଛାତ୍ର ଜନତା ଦଳ ଭୁବନେଶ୍ୱର ଜୋନ୍ ଉପସଭାପତି ଅଭିଷେକ ଖଣ୍ଡିଆ ତାଙ୍କର ଶତାଧିକ ସମର୍ଥକଙ୍କ ସହ ବୁଧବାର କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। ଏହି ଅବସରରେ ଅଭିଷେକ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ଆସି କଂଗ୍ରେସ ଭବନଠାରେ ପହଞ୍ଚିଥିଲେ। ଏହାପରେ କଂଗ୍ରେସ ଭବନ ପ୍ରାଙ୍ଗଣରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଷେକ ଓ ତାଙ୍କ ସମର୍ଥକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଅଭିଷେକଙ୍କ ଯୋଗଦାନ ଦଳକୁ ସୁଦୃଢ଼ କରିବ ବୋଲି ନିରଞ୍ଜନ କହିଥିଲେ।

## ■ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

# ଭାଜପାରେ ବିଦ୍ରୋହ, ଗଡ଼ ରକ୍ଷା ପାଇଁ ଉଦ୍ୟମ

**ଘନଶ୍ୟାମ ଭୋଇ**
**ନୂଆପଡ଼ା ଅଫିସ,୨୭ା୩**

ନବେ ଦଶକରୁ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଓ ଭାଜପା ମଧ୍ୟରେ ବାରମ୍ବାର ଲୁଚକାଳି ଖେଳ ଚାଲିଥିଲା । ଏବେ କିନ୍ତୁ ତାହା ଭିନ୍ନ ମୋଡ଼ ନେଉଛି। ଏଥର ଭାଜପାରେ ବିଦ୍ରୋହ ଆରମ୍ଭ ହୋଇଛି। ଟିକେଟ ବଣ୍ଟନକୁ ନେଇ ଦଳର ବରିଷ୍ଠ କର୍ମକର୍ତ୍ତା ଇସ୍ତଫା ଦେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ଅସନ୍ତୋଷ ପଦାରେ ପଡିଛି। ଏହା ଉଭୟ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ପାଇଁ ଫାଇଦା ହେବ ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି ।

୨୦୦୪ ଓ ୨୦୦୯ ନିର୍ବାଚନରେ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଜେଡିର ରାଜେନ୍ଦ୍ର ଢୋଲକିଆ ଏଥର ବି ଟିକେଟ ପାଇ ମଇଦାନକୁ ଆସିଛନ୍ତି ।


ଘାସିରାମ ମାଝି


ରାଜେନ୍ଦ୍ର ଢୋଲକିଆ


ହୋମସିଂ ମାଝି


ଯଦୁମଣି ପାଣିଗ୍ରାହୀ

ଗତ ଥର ସେ ତାଙ୍କର ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବସନ୍ତ ପଣ୍ଡାଙ୍କଠାରୁ ପରାସ୍ତ ହୋଇଥିଲେ । ଏଥର ସେ ବିଜେଡିର ବିଭିନ୍ନ ଜନହିତକାରୀ ଯୋଜନାକୁ ପାଥେୟ କରି ନିର୍ବାଚନୀ ରଣାଙ୍ଗନକୁ ଓହ୍ଲାଇଛନ୍ତି ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଅନ୍ୟପଟେ କଂଗ୍ରେସର ଘାସିରାମ ମାଝି ଜଣେ ଆଦିବାସୀ ନେତା । ଛତିଶଗଡି ପ୍ରଭାବ ସହ କଂଗ୍ରେସର ଭୋଟବ୍ୟାଙ୍କକୁ ନେଇ ସେ ଏଥର ନିର୍ବାଚନ ଲଢୁଥିବା କହିଛନ୍ତି। ଏଭଳି ସ୍ଥିତିରେ ଗତଥରର ବିଜୟୀ ତଥା ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କୁ କେମିତି ଟକ୍କର ଦିଆଯିବ ସେ ନେଇ ଏହି ଦୁଇନେତା ଗଣିତ କଷୁଥିଲେ। ହେଲେ ବସନ୍ତ କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ହେବା ପରେ ଦଳର ଜଣେ ନୂଆ ମୁହଁ ହୋମସିଂ ମାଝିଙ୍କୁ ଏଠାରେ ଥଇଥାନ କରାଯାଇଛି । ସେ ବି ଜଣେ ଆଦିବାସୀ ନେତା । ସେ କେତେ ପ୍ରତିଶତ ଆଦିବାସୀ ଭୋଟ ଅକ୍ତିଆର କରିବେ ସେ ନେଇ ରାଜନୈତିକ ସମୀକ୍ଷକମାନେ ଅପେକ୍ଷା କରିଛନ୍ତି । କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କ ପକେଟ ଭୋଟ ଭାଗ କରିବାରେ ହୋମସିଂ କେତେ ସଫଳ ହେଉଛନ୍ତି ତାକୁ ଭାଜପା ହିସାବ କରୁଛି। ହୋମସିଂ ମଧ୍ୟ ଚାକିରି ଜୀବନରେ ଜଣେ ଦକ୍ଷ ଅଧିକାରୀ ଭାବେ ଜଣାଶୁଣା ଥିଲେ। ସେ ଏକ ରାଜନୈତିକ ପରିବାରରୁ ଆସିଥିବାରୁ ଠିକ୍ ଗୋଟିଚାଳନା କରିପାରିବେ ବୋଲି ଦମ୍ଭ ରଖିଛନ୍ତି । ହେଲେ ଭାଜପା ପାଇଁ ଦୀର୍ଘ ୩୦ ବର୍ଷ ଧରି କାମ କରିଥିବା ପୂର୍ବତନ ଜିଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ତାଙ୍କ ପାଇଁ ଅଡୁଆ ସାଜିଛନ୍ତି। ଟିକେଟ୍ ଦୌଡ଼ରେ ପରାସ୍ତ ହେବା ପରେ ଯଦୁମଣି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏପରି ପଦକ୍ଷେପ ନେଇ ସେ କେବଳ ନିଜ ଅସନ୍ତୋଷ ଜଣାଇଛନ୍ତି । ଦୀର୍ଘଦିନ ଦଳରେ ରହି କାମ କରିବା ପରେ ଜଣେ ନବାଗତଙ୍କୁ ଟିକେଟ ମିଳିବାକୁ ସେ ସହଜେ ହଜମ କରିପାରିନାହାନ୍ତି। ବହୁ ଦଳୀୟ ନେତା ଓ କର୍ମୀ ତାଙ୍କୁ ସମର୍ଥନ କରୁଥିବା ଦେଖିବାକୁ ମିଳିଛି। ନୂଆପଡା ବ୍ଲକର ଉପରୋକ୍ତ ତିନି ନେତାଙ୍କୁ ଟିକେଟ୍ ମିଳିଥିବା ବେଳେ କୋମନା ବ୍ଲକରୁ କେବଳ ଯଦୁମଣି ପ୍ରାର୍ଥୀ ହୋଇଛନ୍ତି । ଏଭଳି ସ୍ଥିତିରୁ ବିଜେଡି ଏବଂ କଂଗ୍ରେସ କେତେ ସଫଳତା ପାଇବେ ତାହା ଆଗାମୀ ଦିନରେ ଜଣାପଡିବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଭାଜପା ଟିକେଟ ବଣ୍ଟନରେ ଠିକ ଗଣିତ କରି ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ସାଧାରଣ ଲୋକଙ୍କ ଭିତରେ ବି ଚର୍ଚ୍ଚା ଜୋର ଧରିଛି । ଏଥି ସହିତ ଏହି ଆସନ ପାଇଁ ମୋଟ ୯ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଗୁରୁବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବ। ଏହା ପରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ମତପ୍ରକାଶ ପାଇଛି।

# ପୁଣି ଝୁଲିଲା ବିଜେଡିର ୪ ପ୍ରାର୍ଥୀ ତାଳିକା

## ■ କଂଗ୍ରେସର ୩, ଭାଜପାର ଗୋଟିଏ ଘୋଷଣା ହୋଇନି

**ପୁରୀ ଅଫିସ,୨୭ା୩**

ପୁରୀ ଜିଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି, ନିମାପଡ଼ା ଓ କାକଟପୁରରେ ବିଜେଡି କାହାକୁ ପ୍ରାର୍ଥୀ କରିବ, କାହାର ଲୋକପ୍ରିୟତା ଅଛି ଓ କିଏ ଏଥର ନିର୍ବାଚନରେ ସଫଳ ହେବେ ଏମିତି ଆଶଙ୍କା ଭିତରେ ଥିଲେ ଦଳର ପ୍ରମୁଖ ନେତୃତ୍ୱ । ହେଲେ ବୁଧବାର ଦଳ ପକ୍ଷରୁ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ଏଥିରେ ପୁରୀ ଲୋକ ସଭା ପ୍ରାର୍ଥୀ, ବ୍ରହ୍ମଗିରି ଏବଂ ସତ୍ୟବାଦୀ ବିଧାନସଭା ଲାଗି ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଛି । ହେଲେ ଏବେ ବି ଆହୁରି ୪ ନିର୍ବାଚନମଣ୍ଡଳୀରେ କିଏ ପ୍ରାର୍ଥୀ ହେବ ତାହା ସ୍ପଷ୍ଟ ହୋଇନାହିଁ। ଏଥିଯୋଗୁ ପୁଣି ବିଜେଡିର ୪ ପ୍ରାର୍ଥୀ ତାଲିକା ଝୁଲିରହିଲା ବୋଲି ଚର୍ଚ୍ଚା ଚାଲିଛି।

ପ୍ରାର୍ଥୀଙ୍କ ନାଁ ଘୋଷଣା କ୍ଷେତ୍ରରେ ଭାଜପା ଆଗରେ ରହିଛି । ଭାଜପା ଲୋକ ସଭା ପ୍ରାର୍ଥୀ ଏବଂ ୫ଟି ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି । କେବଳ ପୁରୀ ନିର୍ବାଚନ ମଣ୍ଡଳୀ ଲାଗି ପ୍ରାର୍ଥୀ ଚୂଡ଼ାନ୍ତ କରାଯାଇନାହିଁ। ଏନେଇ ଖୁବ୍‌ଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ଦଳୀୟ ନେତୃତ୍ୱ କହୁଛନ୍ତି । ସେହିପରି କଂଗ୍ରେସର ଲୋକ ସଭା ପ୍ରାର୍ଥୀ କିଏ ହେବେ ସେନେଇ ସସ୍‌ପେନ୍ସ ଲାଗି ରହିଥିବାବେଳେ ୩ଟି ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଚୂଡ଼ାନ୍ତ କରାଯାଇଛି । ଏବେ ବି ପୁରୀ, ନିମାପଡ଼ା ଏବଂ ପିପିଲିରୁ କିଏ ପ୍ରାର୍ଥୀ ହେବ ତାହାକୁ ନେଇ ଭୋଟର ସନ୍ଦେହରେ ଅଛନ୍ତି । ଅନ୍ୟପକ୍ଷରେ ବିଜେଡି ବୁଧବାର ଲୋକ ସଭା ପ୍ରାର୍ଥୀ ଭାବେ ପିନାକୀ ମିଶ୍ରଙ୍କ ନାଁ ଘୋଷଣା କରିଛି । ହେଲେ ୬ଟି ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ ବ୍ରହ୍ମଗିରିରୁ ସଞ୍ଜୟ ଦାସବର୍ମା ଏବଂ ସତ୍ୟବାଦୀରୁ ଉମାକାନ୍ତ ସାମନ୍ତରାୟଙ୍କ ନାଁରେ ମୋହର ମାରିଛନ୍ତି ଦଳର ମୁଖିଆ । ଆହୁରି ୪ଟି ନିର୍ବାଚନମଣ୍ଡଳୀ ପ୍ରାର୍ଥୀଙ୍କ ନାମ ଘୋଷଣା ନ ହେବାକୁ ନେଇ ଏବେ ନାନା ଆଲୋଚନା ଆରମ୍ଭ ହୋଇଯାଇଛି ।

ଗୁରୁବାରଠାରୁ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେଉଛି । ପୁରୀ ଲୋକ ସଭା ଏବଂ ଏହା ଅଧୀନ ୪ଟି ବିଧାନ ସଭା କ୍ଷେତ୍ରର ଭୋଟ ଗ୍ରହଣ ତୃତୀୟ ପର୍ଯ୍ୟାୟରେ ରହିଥିବାରୁ ବିଜେଡି ସମସ୍ତ ପ୍ରାର୍ଥୀଙ୍କ ନାମ ଏକାଥରକେ ଘୋଷଣା କରିପାରେ ବୋଲି ଅନୁମାନ ଲଗାଇଥିଲେ ଭୋଟର । ହେଲେ ସେମିତି କିଛି ହୋଇନି । ଲୋକ ସଭା ପ୍ରାର୍ଥୀ ଏବଂ ୨ଟି ବିଧାନ ସଭା କ୍ଷେତ୍ରର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ପୁରୀ, କାକଟପୁର, ପିପିଲି ଓ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହାନ୍ତି । ଉପରୋକ୍ତ ସ୍ଥାନରେ କିଛି ଅସନ୍ତୋଷ ଯୋଗୁ ପ୍ରାର୍ଥୀ ତାଲିକା ଝୁଲି ରହିଥିବା ଚର୍ଚ୍ଚା ହେଉଛି । ସେହିପରି କଂଗ୍ରେସ ଏବଂ ଭାଜପା ପକ୍ଷରୁ ମଧ୍ୟ ଯେଉଁ ଆସନ ଖାଲି ରହିଛି ସେଠାରେ ବି ଏକାଧିକ ଆଶାୟୀ ଏବଂ ଅସନ୍ତୋଷ ରହିଥିବାରୁ ପ୍ରାର୍ଥୀ ବାଛିବାରେ ନେତୃତ୍ୱମାନେ ଅସୁବିଧାରେ ପଡୁଥିବା ଶୁଣିବାକୁ ମିଳୁଛି ।

**ପୁରୀ ଜିଲା ନିର୍ବାଚନ ମଣ୍ଡଳୀ**

### ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ଜୟନ୍ତ

ପୁରୀ ଜିଲାର ପ୍ରାୟ ସବୁ ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟେକ ଦଳରେ କିଛି ନା କିଛି ଅସନ୍ତୋଷ ରହିଛି । ଏକାଧିକ ଆଶାୟୀ ଥିବାରୁ ଏଭଳି ମତାନ୍ତର ଦେଖିବାକୁ ମିଳିଛି। କିନ୍ତୁ ସତ୍ୟବାଦୀରେ ବିଜେଡି କନ୍ଦଳ ଦାଣ୍ଡରେ ପଡି ହାଟରେ ଗଡିଥିଲା। ପୁରୀର ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ବିଜେଡିରୁ ପ୍ରାର୍ଥୀ ହେବାକୁ ଆଶା ରଖି ବିଭିନ୍ନ ସ୍ଥାନରେ ସଭା ସମିତି କରୁଥିଲେ । ଅନ୍ୟପକ୍ଷରେ ଉମାକାନ୍ତ ସାମନ୍ତରାୟ ମଧ୍ୟ ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବାରେ ଲାଗିଥିଲେ। ବୁଧବାର ଦଳ ଉମାକାନ୍ତଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ ଜୟନ୍ତ ସ୍ୱାଧୀନ ଭାବେ ନିର୍ବାଚନ ଲଢିବେ ବୋଲି ସମ୍ଭାବନା ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ଜୟନ୍ତଙ୍କୁ ପଚାରିବାରେ କହିଛନ୍ତି ଯେ, ମୁଁ ନିର୍ବାଚନ ଲଢିବା ପାଇଁ ପ୍ରସ୍ତୁତ ଅଛି। ସତ୍ୟବାଦୀ ନିର୍ବାଚନମଣ୍ଡଳୀବାସୀ ଚାହିଁଲେ ମୁଁ ପ୍ରତିଦ୍ୱନ୍ଦ୍ୱିତା କରିବି।

## ଭାଜପା, କଂଗ୍ରେସ ଆଣିଲେ ଅଭିଯୋଗ

# ସତ୍ୟପାଠରେ କଳିକେଶ ଦେଇଛନ୍ତି ମିଥ୍ୟା ତଥ୍ୟ

**ବଲାଙ୍ଗୀର ଅଫିସ,୨୭ା୩**

ବଲାଙ୍ଗୀର ଲୋକ ସଭା ନିର୍ବାଚନ ପାଇଁ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଥିଲା। ଲୋକ ସଭା ଆସନରେ ୮ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବିଜେଡିରୁ କଳିକେଶ ନାରାୟଣ ସିଂଦେଓ, ଭାଜପାରୁ ସଙ୍ଗୀତା କୁମାରୀ ସିଂଦେଓ ଏବଂ କଂଗ୍ରେସରୁ ସମରେନ୍ଦ୍ର ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ ବେଳେ ଭାଜପା ଓ କଂଗ୍ରେସ ପ୍ରତିନିଧିମାନେ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଜେଡି ଲୋକ ସଭା ପ୍ରାର୍ଥୀ କଳିକେଶଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଭାଜପା ପକ୍ଷରୁ କଳିକେଶଙ୍କ ଭୋଟର ପରିଚୟ ପତ୍ରରେ ଭୁବନେଶ୍ୱର ଓ ବଲାଙ୍ଗୀରରେ ଦୁଇଟି ସ୍ଥାନରେ ନାମ ରହିଥିବା ଦର୍ଶାଇ ତାଙ୍କ ପ୍ରାର୍ଥୀପତ୍ର ରଦ୍ଦ କରିବାକୁ ଅଭିଯୋଗ କରିଥିଲେ। ବଲାଙ୍ଗୀର ପେଲେସ୍‌ଲାଇନ୍‌ଠାରେ କଳିକେଶଙ୍କ ଭୋଟର ପରିଚୟପତ୍ରରେ ନାମ ରହିଥିବା ବେଳେ ଭୁବନେଶ୍ୱର ଗୋପବନ୍ଧୁନଗର ରାଜଭବନ ଅଞ୍ଚଳରେ ମଧ୍ୟ ଭୋଟର ପରିଚୟ ପତ୍ରରେ ନାମ ରହିଥିବା ଦର୍ଶାଇ ୨ଟି ଭୋଟର ପରିଚୟ ପତ୍ରର ନକଲ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଭାଜପା ଜିଲା ସଭାପତି ଭକ୍ତବନ୍ଧୁ ନାଏକ ଏଭଳି ଅଭିଯୋଗ କରି ବିଜେଡି ପ୍ରାର୍ଥୀଙ୍କ ୨ଟି ସ୍ଥାନରେ ଭୋଟର ପରିଚୟ ପତ୍ରରେ ନାମ କରଣ କିଭଳି ରହିଛି ବୋଲି ପ୍ରଶ୍ନ କରି ତାଙ୍କ ସତ୍ୟପାଠରେ ଏହା ଦର୍ଶାଇ ନ ଥିବା କହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ପ୍ରତିନିଧି ବିଜେଡି ପ୍ରାର୍ଥୀ କଳିକେଶ ଦାଖଲ କରିଥିବା ସତ୍ୟପାଠରେ ମିଥ୍ୟା ତଥ୍ୟ ଦେଇଥିବା ଅଭିଯୋଗ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର, ଆଇନଜୀବୀ ପ୍ରହ୍ଲାଦ ଅଗ୍ରୱାଲ ଓ ଅରବିନ୍ଦାକ୍ଷ ପୂଜାରୀ ରିଟର୍ନିଂ ଅଫିସର ଏବଂ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିକଟରେ ଅଭିଯୋଗପତ୍ର ପ୍ରଦାନ କରିଥିଲେ। କଳିକେଶ ପ୍ରଦାନ କରିଥିବା ସତ୍ୟପାଠରେ ତାଙ୍କର କୌଣସି କୃଷି ଜମି ନ ଥିବା ଦର୍ଶାଇବା ସହ ଅନେକ ଗୁଡିଏ ତଥ୍ୟ ଦେଇନାହାନ୍ତି। ତାଙ୍କ ପିତା ଅନଙ୍ଗ ଉଦୟ ସିଂଦେଓ ଗତ ରାଜ୍ୟସଭା ନିର୍ବାଚନ ସମୟରେ ତାଙ୍କର ପୈତୃକ ଜମି ୭୨.୬୬ ଏକର ଜମି ରହିଥିବା ଦର୍ଶାଇଥିବାବେଳେ କଳିକେଶ ତାଙ୍କର ଜମି ନାହିଁ ବୋଲି ଦର୍ଶାଇ ଭୁଲ ତଥ୍ୟ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଉକ୍ତ ସତ୍ୟପାଠରେ ଏକାଧିକ ତଥ୍ୟ ଦେଇ ନ ଥିବା ଅଭିଯୋଗ କରି ବିଜେଡି ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ୍ କରିବାକୁ ଦାବି କରିଥିଲେ। ଏଭଳି ଅଭିଯୋଗପତ୍ରକୁ ନିର୍ବାଚନ ରିଟର୍ନିଂ ଅଫିସର ତଥା ଜିଲାପାଳ ଡାକୁଆ ଗ୍ରହଣ କରିଥିଲେ ମଧ୍ୟ ବିଜେଡି ପ୍ରାର୍ଥୀପତ୍ରକୁ ନାକଚ୍ କରି ନ ଥିବା ଜଣାପଡିଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବଲାଙ୍ଗୀର ଲୋକ ସଭା ଆସନରେ ନିର୍ବାଚନ ଲଢ଼ିବାକୁ ପ୍ରାର୍ଥୀପତ୍ର ଦାଖଲ କରିଥିବା ୮ ଜଣଙ୍କ ନାମାଙ୍କନ କାଏମ ରହିଥିବା ସୂଚନା ଦିଆଯାଇଛି। ଏନେଇ ବିଜେଡି ପ୍ରାର୍ଥୀ କଳିକେଶଙ୍କୁ ପଚରାଯିବାରୁ କଂଗ୍ରେସ ଓ ଭାଜପାର ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

**ଅଭିଯୋଗ ଖଣ୍ଡନ କଲେ କଳିକେଶ**

## ■ ସାନଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ

# ସମସ୍ତ ପ୍ରାର୍ଥୀପତ୍ର କାଏମ, ତୀବ୍ର ହେବ ପ୍ରତିଦ୍ୱନ୍ଦ୍ୱିତା

**ବ୍ରହ୍ମପୁର ଅଫିସ,୨୭ା୩**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୫ ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ସମସ୍ତ ପ୍ରାର୍ଥୀପତ୍ର ଯାଞ୍ଚ ପରେ କାଏମ୍ ରହିଥିବା ରିଟର୍ନିଂ ଅଫିସରଙ୍କଠାରୁ ସୂଚନା ମିଳିଛି। ଗତ ୧୯ତାରିଖରେ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇ ୨୬ତାରିଖରେ ଶେଷ ହୋଇଥିଲା। ଏଥିରୁ ୨୫ତାରିଖରେ ବିଜେଡ଼ି ତରଫରୁ ବିଧାୟିକା ନନ୍ଦିନୀ ଦେବୀ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ କଂଗ୍ରେସରୁ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନା, ଭାଜପାରୁ ବିଜୟ କୁମାର ସ୍ୱାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ୨୬ତାରିଖରେ ବହୁଜନ ସମାଜ ପାର୍ଟି ତରଫରୁ ଗରିବ ନାଏକ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇଥିଲା । ସମସ୍ତ ପ୍ରାର୍ଥୀପତ୍ର କାଏମ୍ ରହିଛି । ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ତାରିଖ ରହିଛି।

ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୧ ଲକ୍ଷ ୯୬ ହଜାର ୨୪୮ଭୋଟର୍ ରହିଥିଲେ। ସେଥିରୁ ୧ ଲକ୍ଷ ୩୧ ହଜାର ୧୬୪ ଭୋଟ୍ ଦେଇଥିଲେ। ବିଜେଡି ତରଫରୁ ପ୍ରାର୍ଥୀ ହୋଇଥିବା ଧରାକୋଟ ରାଣୀ ନନ୍ଦିନୀ ଦେବୀ ମୋଟ ୬୧ହଜାର ୭୭୩ ଭୋଟ୍ ପାଇଥିଲେ। ଅର୍ଥାତ୍ ସେ ୪୭.୧ପ୍ରତିଶତ ପାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସର ରମେଶ ଚନ୍ଦ୍ର ଜେନା ପାଇଥିଲେ ୪୦.୮୩ପ୍ରତିଶତ ଭୋଟ୍ ଅର୍ଥାତ୍ ୫୩ହଜାର ୫୫୧ଖଣ୍ଡ ଭୋଟ୍। ଉଭୟଙ୍କ ମଧ୍ୟରେ ମାତ୍ର ୮ ହଜାର ୨୨୨ଖଣ୍ଡ ଭୋଟ୍‌ର ବ୍ୟବଧାନ ରହିଥିଲା। ଭାଜପା ପ୍ରାର୍ଥୀ ବୀରକିଶୋର ଦେବ


ନନ୍ଦିନୀ ଦେବୀ


ରମେଶ ଚନ୍ଦ୍ର ଜେନା


ବିଜୟ କୁମାର ସ୍ୱାଇଁ

**୨୦୧୪ ନିର୍ବାଚନ ଫଳାଫଳ**

**ମୋଟ ମତଦାନ:୧,୩୧,୧୬୪**

| ନନ୍ଦିନୀ ଦେବୀ | ରମେଶ ଚନ୍ଦ୍ର ଜେନା | ବୀରକିଶୋର ଦେବ |
|---|---|---|
| ୬୧,୭୭୩ | ୫୩,୫୫୧ | ୬,୦୫୩ |

ମାତ୍ର ୬ ହଜାର ୫୩ ଭୋଟ୍ ପାଇଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ଅନ୍ତର୍ଯ୍ୟାମୀ ସ୍ୱାଇଁ ୪ ହଜାର ୯୩୩, ବହୁଜନ ସମାଜ ପାର୍ଟି(ବିଏସ୍‌ପି)ର ଶିଶିର ଚରଣ ମିଶ୍ର ଏକ ହଜାର ୩୪୭, ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର କେ. ରମେଶ କୁମାର ଦୋରା ୧୨୩୨ ଏବଂ ନୋଟାରେ ପଡ଼ିଥିଲା ୨୨୭୫ ଭୋଟ୍ ।

ଏହା ପୂର୍ବ ନିର୍ବାଚନ ଅର୍ଥାତ୍ ୨୦୦୯ରେ ଏହି ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୨୭୮ ଭୋଟର୍ ସେମାନଙ୍କ ମତଦାନ କରିଥିଲେ। ସେଥିରୁ ୫୦ ହଜାର ୪୮୭ଖଣ୍ଡ ଭୋଟ୍ ପାଇ ରମେଶ ଚନ୍ଦ୍ର ବିଜୟୀ ହୋଇଥିଲେ। ମୋଟ ମତଦାନର ତାଙ୍କୁ ୫୦.୩୫ପ୍ରତିଶତ ଭୋଟ୍ ମିଳିଥିଲା। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପାର କିଶୋର ଚନ୍ଦ୍ର ସିଂଦେଓ ୨୬ ହଜାର୮୯୪ଖଣ୍ଡ ଭୋଟ୍ ଅର୍ଥାତ୍ ୨୬.୮୨ପ୍ରତିଶତ ଭୋଟ୍ ପାଇ ପରାସ୍ତ ହୋଇଥିଲେ। ସେହି ନିର୍ବାଚନରେ ବିଜେଡି ଏବଂ ସିପିଆଇ ମଧ୍ୟରେ ମେଣ୍ଟ ହୋଇଥିଲା। ମେଣ୍ଟ ତରଫରୁ ପ୍ରାର୍ଥୀ ହୋଇଥିଲେ ସିପିଆଇର ଏନ୍. ନାରାୟଣ ରେଡ୍ଡୀ। ତାଙ୍କୁ ମାତ୍ର ୧୫ ହଜାର୨୩ ଖଣ୍ଡ ଅର୍ଥାତ୍ ମାତ୍ର ୧୪.୯୮ପ୍ରତିଶତ ଭୋଟ୍ ମିଳିଥିଲା।

ତେବେ ଚଳିତ ଥର ନିର୍ବାଚନ କିନ୍ତୁ ଗତ ଦୁଇଟି ନିର୍ବାଚନଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ ବୋଲି ଅଞ୍ଚଳରେ ଆଲୋଚନା ହେଉଛି । କାରଣ ୨୦୧୪ରେ ଜିତିଥିବା ନନ୍ଦନୀ ଦେବୀଙ୍କୁ ବିଜେଡ଼ି ପୁଣି ଥରେ ଚଳିତ ଥର ମଧ୍ୟ ଟିକେଟ୍ ଦେଇଛି। ନନ୍ଦିନୀଙ୍କୁ ଏଥର କଡା ମୁକାବିଲାର ସମ୍ମୁଖୀନ ହେବାକୁ ପଡିପାରେ ବୋଲି ଆଲୋଚନା ହେଉଛି। ହେଲେ ଗତ ୫ ବର୍ଷ ଭିତରେ ନିର୍ବାଚନ ମଣ୍ଡଳୀରେ ଉନ୍ନୟନ କାର୍ଯ୍ୟ ବଢ଼ିଛି। ନବୀନ ପଟ୍ଟନାୟକଙ୍କ ସୁଶାସନ ଏବଂ ନିର୍ବାଚନ ମଣ୍ଡଳୀରେ ଉନ୍ନୟନ କାର୍ଯ୍ୟ ଯୋଗୁ ସେ ଜିତିବା ନିଶ୍ଚିତ ବୋଲି ନନ୍ଦିନୀ ଦେବୀ ପ୍ରକାଶ କରିଛନ୍ତି।

ଅନ୍ୟପଟେ ୨୦୦୯ରେ ଜିତିବା ପରେ ୨୦୧୪ରେ ପରାସ୍ତ ହୋଇଥିବା କଂଗ୍ରେସର ରମେଶ ଚନ୍ଦ୍ର ଜେନା ପୁଣି ଥରେ ଚଳିତ ଥର କଂଗ୍ରେସ ଟିକେଟ୍‌ରୁ ଲଢୁଛନ୍ତି। ୨୦୦୯ ମସିହା ତୁଳନାରେ ୨୦୧୪ ରେ ରମେଶଙ୍କୁ ୯.୫୨ପ୍ରତିଶତ କମ୍ ଭୋଟ୍ ମିଳିଥିଲା। ଫଳରେ ସେ ପରାସ୍ତ ହୋଇଥିଲେ। ଚଳିତ ଥର ଭୋଟ୍ ପ୍ରତିଶତ ବଢ଼ାଇବା ପାଇଁ ରମେଶ ଜୋର୍‌ଦାର ପ୍ରଚାର ଚଳାଇଛନ୍ତି । ନିଜ ସମର୍ଥକଙ୍କ ସହ ନିର୍ବାଚନ ମଣ୍ଡଳୀରେ କ୍ରମାଗତ ଭାବେ ବୁଲୁଛନ୍ତି । ତାଙ୍କ କହିବାନୁଯାୟୀ, ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ସମସ୍ୟା ଅନେକ । ଚାଷୀ ଠାରୁ ଶ୍ରମିକ, ଶିକ୍ଷାଠାରୁ ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି, ସବୁକ୍ଷେତ୍ରରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି ହୋଇଛି। ଏଣୁ ସେ ବିପୁଳ ଭୋଟ୍ ବ୍ୟବଧାନରେ ବିଜୟୀ ହେବେ ବୋଲି ପ୍ରକାଶ କରିଛନ୍ତି ।

ଅପରପକ୍ଷେ ଭାଜପକୁ ୨୦୦୯ରେ ୨୬.୮୨ପ୍ରତିଶତ, ୨୦୧୪ରେ ୪.୬୧ପ୍ରତିଶତ ଭୋଟ୍ ଭାଜପା ପ୍ରାର୍ଥୀଙ୍କୁ ମିଳିଥିଲା । ଅର୍ଥାତ୍ ଗତ ଥର ତୁଳନାରେ ୨୨.୨୧ପ୍ରତିଶତ ଭୋଟ୍ କମିଥିଲା। ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବିଜୟ ସ୍ୱାଇଁ ଏହି ଗଣିତକୁ ଭଲଭାବେ ବୁଝିଛନ୍ତି । ଏଣୁ ସେ ମଧ୍ୟ ଭୋଟ୍ ପ୍ରତିଶତ ବଢ଼ାଇବା ପାଇଁ ଉଦ୍ୟମ କରୁଛନ୍ତି । କେନ୍ଦ୍ରର ମୋଦି ସରକାରଙ୍କ ସଫଳତା ଏବଂ ନବୀନ ପଟ୍ଟନାୟକଙ୍କ ସରକାରର ବିଫଳତାକୁ ନେଇ ସେ ଭୋଟର୍‌ଙ୍କ ପାଖକୁ ଯିବେ । ବିଜୟ ପାଇଁ ଆଶାବାଦୀ ଥିବା ବିଜୟ ପ୍ରକାଶ କରିଛନ୍ତି ।

# ପିସିସି ସମ୍ପାଦକଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର, ୨୭ା୩(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସମ୍ପାଦକ ଅନିଲ କୁମାର ବେଉରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ନୟାପଲ୍ଲୀ ଥାନା ଅନ୍ତର୍ଗତ ୟୁନିଟ୍-୮ କଲ୍ୟାଣ ମଣ୍ଡପ ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ କାର୍‌ରୁ ଭିଡିଆଣି ନିସ୍ଥୁକ ମାଡ଼ ମାରି ସୁନା ଚେନ୍ ଲୁଟି ନେଇଛନ୍ତି। ସେମାନେ ପଥର ଓ ଲୁହାରଡ୍‌ରେ ଆକ୍ରମଣ କରିବାରୁ ଅନିଲଙ୍କ ମୁଣ୍ଡ ଓ ଶରୀରରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ୩ଟି ଷ୍ଟିଚ୍ ପଡ଼ିଛି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଚିହ୍ନଟ କରିଛି। ଅଭିଯୁକ୍ତମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ସୂଚନା ମିଳିଛି।

ପୋଲିସ ସୂଚନା ମୁତାବକ, ଅନିଲ କଟକ ସଦର ଥାନାଞ୍ଚଳରେ ରୁହନ୍ତି। ସେ ଜଣେ ସହଯୋଗୀଙ୍କୁ ଧରି ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ଆସିଥିଲେ । କାର୍ଯ୍ୟ ସାରିଅପରାହ୍ନ ପ୍ରାୟ ୨ଟାରେ କାର୍‌ରେ କଟକ ଅଭିମୁଖେ ବାହାରିଥିଲେ। ୟୁନିଟ୍-୮ କଲ୍ୟାଣ ମଣ୍ଡପ ନିକଟରେ କେତେଜଣ ଯୁବକ ତାଙ୍କ କାର୍‌କୁ ଅଟକାଇ ଘେରିଯାଇଥିଲେ। ସାଇଡ୍ କାହିଁକି ମାରିଲ ବୋଲି କହି ତାଙ୍କୁ କାରରୁ ଓହ୍ଲାଇବାକୁ


ଅନିଲ କୁମାର ବେଉରା

କହିଥିଲେ। ଏହାପରେ ହଠାତ ଦୁଇ ଯୁବକ କାର୍ ଡୋର ଖୋଲି ତାଙ୍କ ଶାର୍ଟ କଲରକୁ ଧରି ବାହାରକୁ ଭିଡି ଆଣିଥିଲେ। ଦୁଇ ଜଣ ଯୁବକ ତାଙ୍କ ବେକକୁ ପଛପଟୁ ଚାପି ଧରିଥିବାବେଳେ ଆଉ ଦୁଇ ଜଣ ତାଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ପଥର ଓ ଲୁହା ରଡରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିସହ ତାଙ୍କ ବେକରୁ ୩୦ ଗ୍ରାମ ଓଜନରଏକ ସୁନା ଚେନ ନେଇ ଫେରାର ହୋଇଯାଇଥିଲେ। ତେବେ ଅନିଲଙ୍କ ସହ ଥିବା ସହଯୋଗୀ ଜଣକ ଭୟରେ ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେ କିଛି ଦୂରରେ ରହି ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କ ଫଟୋକୁ ମୋବାଇଲ୍ ଫୋନ୍‌ରେ ଉଠାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅନିଲଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ତେବେ ରାଜନୈତିକ ନା ଲୁଟ୍ ଉଦ୍ଦେଶ୍ୟରେ ଏହି ଆକ୍ରମଣ ହୋଇଛି ତାହାର ଖୋଳତାଡ଼ କରୁଛି ପୋଲିସ।

■ କାରଣ ଦର୍ଶାଅ ନୋଟିସ ପ୍ରସଙ୍ଗ

# ଲୋକଙ୍କ ଭଲ ପାଇବାକୁ ଅଟକାଇ ହେବନି: ସମ୍ବିତ୍

**ପୁରୀ ଅଫିସ,୨୭।୩**

ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜିଲାପାଳ ତଥା ଲୋକ ସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ଜ୍ୟୋତିପ୍ରକାଶ ଦାସ ମଙ୍ଗଳବାର ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ତେବେ ସମ୍ବିତ୍‌ଙ୍କୁ ନୋଟିସ୍ ଦିଆଯିବା ଘଟଣାକୁ ନେଇ ପୁରୀ ରାଜନୀତି ବେଶ୍ ସରଗରମ ହୋଇଛି। ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେବାବେଳେ ସମ୍ବିତ କହିଛନ୍ତି, ଲୋକଙ୍କ ଭଲ ପାଇବାକୁ କେବେ ଅଟକାଇ ହେବନି। କିନ୍ତୁ ଏହାକୁ ନେଇ ବିଜେଡିବାଲା ଡରିଯାଉଥିବା ବେଳେ କଂଗ୍ରେସବାଲା ଚିଡିଯାଉଛନ୍ତି।

ଅନ୍ୟପକ୍ଷରେ ନୋଟିସ ସମ୍ପର୍କରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଛନ୍ତି, ଭାଜପା ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର ଗତ ୨୫ ତାରିଖରେ ପୁରୀ ଆସିଥିଲେ।

> ■ ବିଜେଡିବାଲା ଡରି ଯାଉଛନ୍ତି, କଂଗ୍ରେସବାଲା ଚିଡ଼ିଯାଉଛନ୍ତି
>
> ■ ବିରୋଧ ଭୟରେ ସମ୍ବିତ୍ ନିଜେ ଡରିଯାଇଛନ୍ତି: ବିଜେଡି
>
> ■ ମହାପ୍ରଭୁ ଗାଳି ସହିବେ, ଗର୍ବ ସହିବେନି: କଂଗ୍ରେସ

ତାଙ୍କ ସହିତ ୧୦୦ରୁ ଉର୍ଦ୍ଧ୍ୱ ବାଇକ୍ ଆରୋହୀ ଥିଲେ। ସମସ୍ତେ ଦଳୀୟ ପତାକା ଧରି ରାଲି ଭଳି ଆସିଥିଲେ। ନିର୍ବାଚନ ଆଚରଣ ବିଧି ବଳବତ୍ତର ଥିବାବେଳେ ଯେ କୌଣସି ରାଜନୈତିକ ଦଳ ହୁଅନ୍ତୁ କିମ୍ବା ପ୍ରାର୍ଥୀ ରାଲି, ଶୋଭାଯାତ୍ରା ପାଇଁ ଜିଲା ନିର୍ବାଚନ ଅଧିକାରୀ ବା ରିଟର୍ନିଂ ଅଫିସରଙ୍କଠାରୁ ଅନୁମତି ନେବା ଦରକାର। କିନ୍ତୁ ସେ ଅନୁମତି ନେଇନାହାନ୍ତି। ଏହାଦ୍ୱାରା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ହୋଇଥିବାରୁ ସମ୍ବିତ୍‌ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ୩ ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି।

ସମ୍ବିତ୍ କହିଛନ୍ତି, ମୁଁ ଏ ପର୍ଯ୍ୟନ୍ତ ନୋଟିସ ପାଇନାହିଁ। ଗଣମାଧ୍ୟମରେ ଯାହା ଦେଖିଛି। ଯଦି ନୋଟିସ ପାଇବି ନିଶ୍ଚିତ ଏହାର ଉତ୍ତର ଦେବି। କେବେ କୌଣସି ଆଇନ ଭାଙ୍ଗିବାକୁ ଚେଷ୍ଟା କରିନି, ଆଇନକୁ ସବୁବେଳେ ସମ୍ମାନ ଦେଇଆସିଛି। ଏଠାରେ ସ୍ପଷ୍ଟ କରିଦେବାକୁ ଚାହେଁ ଆମେ ରାଲି କରି ନ ଥିଲୁ। ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଉଥିଲୁ। ଲୋକେ ମୋତେ ଭଲ ପାଆନ୍ତି। ସ୍ୱତଃପ୍ରବୃତ୍ତ ଭାବେ ମୋ ପାଖକୁ ଆସି କିଏ ମାଳ ତ କିଏ ଫୁଲ ଦେଲେ। କେହି ବାଇକ୍‌ରେ ଆସି ତାଙ୍କ ଭଲପାଇବା ଜଣାଇଲେ। ସମସ୍ତଙ୍କୁ ସ୍ୱୀକାର କରିବା ମୋର କର୍ତ୍ତବ୍ୟ, ଯାହା ମୁଁ କରିଛି। କାହାର ସ୍ନେହ ଓ ଭଲ ପାଇବାକୁ କେହି କେବେ ଅଟକାଇ ପାରିବେ ନାହିଁ। ଏଥିରେ ମୁଁ କ'ଣ କରିବି ବୋଲି ପ୍ରଶ୍ନ କରିଥିଲେ ସମ୍ବିତ।

ଏ ସମ୍ପର୍କରେ ପୁରୀ ଜିଲା ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ର କହିଛନ୍ତି, ବିଜେଡି ବାଲା କାହାକୁ ଡରନ୍ତି ନାହିଁ। ପୁରୀ ନିର୍ବାଚନମଣ୍ଡଳୀ ବିଜେଡିରେ ଅଭେଦ୍ୟ ଦୁର୍ଗ ଭାବେ ରହିଆସିଛି। ବରଂ ସମ୍ବିତ୍ ପାତ୍ର ନିଜେ ଡରି ଯାଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ହାତରେ ଧରି ଆସିଥିବାରୁ କାଳେ ଶ୍ରୀକ୍ଷେତ୍ରବାସୀ ତାଙ୍କୁ ବିରୋଧ କରିବେ ସେହି ଭୟରେ ସେ ପୁରୀରେ ଶଙ୍ଖ ଫୁଟିବ ବୋଲି କହିଥିଲେ। ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର କହିଛନ୍ତି, ଏହାକୁ ନେଇ କଂଗ୍ରେସ ଚିଡିବାର କୌଣସି କାରଣ ନାହିଁ। ମହାପ୍ରଭୁଙ୍କ ପ୍ରତି ସମସ୍ତଙ୍କର ଭକ୍ତି ଭାବ ରହିବା ଦରକାର। କିନ୍ତୁ ମହାପ୍ରଭୁଙ୍କ ବିଗ୍ରହଙ୍କୁ ନେଇ ରାଜନୀତି କରିବା ଠିକ୍ ନୁହେଁ। ଜଗନ୍ନାଥ ଗାଳି ସହିବେ କିନ୍ତୁ ଗର୍ବ ସହିବେ ନାହିଁ। ଭାଜପାର ଆତ୍ମ ଗର୍ବ ବଢିଯାଇଛି। ପୂର୍ବପରି ଏଠାରେ ବିଜେଡି ଏବଂ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ଏବଂ ଭାଜପା ତୃତୀୟ ସ୍ଥାନରେ ରହିବ ବୋଲି ସେ କହିଛନ୍ତି।

## ନବୀନ ନିବାସରେ ଭିଡ଼



ନବୀନ ନିବାସରେ ବୁଧବାର ଟିକେଟ୍ ଆଶାୟୀ ଓ ଟିକେଟ୍ ପାଇଥିବା ନେତାଙ୍କ ଭିଡ଼।

# ବିଜେଡିରେ ମିଶିଲେ ସୁବାସ ଚୌହାନ, ସନ୍ତୋଷ ଖଟୁଆ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ବରଗଡ଼ର ଟାଣୁଆ ଭାଜପା ନେତା ସୁବାସ ଚୌହାନ, ନୀଳଗିରିର ସନ୍ତୋଷ ଖଟୁଆ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ଉଭୟ ନେତାଙ୍କ ଶତାଧିକ ସମର୍ଥକ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଉଭୟ ନେତା ନିଜ ନିଜ ଅଞ୍ଚଳରେ ଭାଜପାର ଲୋକପ୍ରିୟ ଏବଂ ଦୃଢ଼ ସଙ୍ଗଠକ ରୂପେ ପରିଚିତ। ଉଭୟଙ୍କ ଯୋଗଦାନ ବିଜେଡିକୁ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶାବ୍ୟକ୍ତି କରିଛନ୍ତି। ବିଜେଡିରେ ଯୋଗଦାନ ପରେ ସୁବାସ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶା ରାଜନୀତିରେ ତାଙ୍କୁ ଦୁଇଟି ଚରିତ୍ର ଦୃଶ୍ୟମାନ ହେଉଛି। ଗୋଟିଏ ହେଉଛି ଧର୍ମରାଜ ଯୁଧିଷ୍ଠିରଙ୍କର ତ ଆଉ ଗୋଟିଏ ହେଉଛି ଅହଂକାରୀ-ଦୁରାଚାରୀ ଦୁର୍ଯ୍ୟୋଧନର। ସେ ନବୀନ ପଟ୍ଟନାୟକଙ୍କୁ ଧର୍ମରାଜ ଯୁଧିଷ୍ଠିରଙ୍କ ରୂପରେ ଦେଖିବାକୁ ପାଇଲେ ଏବଂ ତାଙ୍କ ପକ୍ଷ ନେବାକୁ ସ୍ଥିର କରିଥିବା ସୁବାସ କହିଛନ୍ତି। ସେହିପରି ସୁବାସ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅହଂକାର ଭାଙ୍ଗିବା ପାଇଁ ମୁଁ ଶାନ୍ତ ଓ ସରଳ ସ୍ୱଭାବର ନବୀନବାବୁଙ୍କ ସାଥିରେ ରହି ଗୁଣ୍ଡୁଚିମୂଷାର ଭୂମିକା ନିର୍ବାହ କରିବି ବୋଲି ମତ ରଖିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସୁବାସ ଚୌହାନ ବିଜେଡିରେ ଯୋଗଦେଉଛନ୍ତି।

ସେହିପରି ନୀଳଗିରି ନେତା ସନ୍ତୋଷ କହିଛନ୍ତି ଯେ, ଭାଜପାରେ ଲୋକମାନଙ୍କୁ କାମ କରିବାର ଅଗ୍ରାଧିକାର ଦିଆଯାଏ ନାହିଁ। ଭାଷଣବାଜୀରେ ସରକାର ଚାଲେ ଏବଂ ଭାଷଣରେ ଭାଜପାର ନେତୃବୃନ୍ଦ ବିଶ୍ୱାସ କରନ୍ତି। ଏଭଳି କଥାକୁହା ନେତା ହେଲେ ଜିଲାର ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ। ତାଙ୍କର କଥା ଗୋଟିଏ ହେଲେ କାମ ଆଉ ଗୋଟିଏ ବୋଲି ଖଟୁଆ କହିଛନ୍ତି। ସେହିପରି ଢେଙ୍କାନାଳ ଜିଲା କଂଗ୍ରେସ ଜୋନ୍-୧ ସଭାପତି ସାଇକାନ୍ତ ପାଣିଗ୍ରାହୀ, ବାଲେଶ୍ୱର ଜିଲା ୧୧ ନଂ ଜିଲା ପରିଷଦ ସଭ୍ୟ ଶୁଭଶ୍ରୀ ସେଠୀ, ୧୨ନଂ ଜିଲା ପରିଷଦ ସଭ୍ୟ ରଞ୍ଜିତା ସିଂହ, ନୀଳଗିରି ବ୍ଲକ ଅଧ୍ୟକ୍ଷ ଜାନକୀ ସିଂହ, ସମିତି ସଭ୍ୟ କୃତ୍ତିବାସ ବେହେରା, କମଳାକାନ୍ତ ରାଉତ, ଗଣେଶ୍ୱର ସିଂହ, ଗୋପୀନାଥ ସିଂହ, ସୁମତି ସିଂହ, କମଳାକାନ୍ତ ସିଂହ, ସରପଞ୍ଚ ମିତାରାଣୀ ସିଂହ, ଚନ୍ଦ୍ରମୋହନ ସିଂହ, ମନୋରଞ୍ଜନ ନାୟକ, ଶକୁନ୍ତଳା ମଲିକ, ମାୟାଧର ମାଧେଇ, ସ୍ନିଗ୍ଧା ମାଧେଇ, ସୁରେନ୍ଦ୍ର ସିଂହ,

### ଅନ୍ୟ ଦଳ ଛାଡ଼ି ବହୁ ନେତା ଶଙ୍ଖ ଧରିଲେ

ଔପଦା ଜୋନ୍-୧ ଭାଜପା ସଭାପତି କାର୍ତ୍ତିକେଶ୍ୱର ପରିଡ଼ା, ଉପସଭାପତି ସଚ୍ଚିନ୍ଦ୍ର ଦାସ, ସାଧାରଣ ସମ୍ପାଦକ ଶଙ୍କର୍ଷଣ ପଣ୍ଡା, ଜୋନ୍-୨ ସଭାପତି ମନୋରଞ୍ଜନ ମହାନ୍ତି, ଉପସଭାପତି ଗୋପୀନାଥ ମହାପାତ୍ର, ନୀଳଗିରି ଜୋନ୍-୧୩ ସଭାପତି ବିଜୟ ଆଚାର୍ଯ୍ୟ, ଉପସଭାପତି ପ୍ରଦୀପ ଦାସ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ଢେଙ୍କାନାଳ ଜିଲା କଂଗ୍ରେସର ସମିତି ସଭ୍ୟ ହିମାଂଶୁ ଶେଖର ପୋଥାଳ, ବିଭୂତି ଭୂଷଣ ବେହେରା, ସରପଞ୍ଚ ରଶ୍ମିତା ସେଠୀ, ସନ୍ତୋଷ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି କୋରାପୁଟ ଜିଲା ଭାଜପାର ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ହରି ଖେମୁଣ୍ଡୁ, ଗଞ୍ଜାମ ଜିଲା ଛତ୍ରପୁର ବ୍ଲକର ସିପିଆଇ ନେତା ଏସ୍. ରେଡ୍ଡୀ, ଭାଜପାର ତାରକେଶ୍ୱର ରେଡ୍ଡୀ, ସୁନ୍ଦରଗଡ଼ ଜିଲା ଏସ୍‌ସି ସେଲ୍‌ର ସଭାପତି ମଦନମୋହନ ପାତ୍ର, ଉମ କିଶାନ, ସରପଞ୍ଚ ଡିଲେଶ୍ୱର କିଶାନ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।

# ନବୀନ, ରାହୁଲଙ୍କୁ ଟାର୍ଗେଟ କଲେ ଶିବରାଜ

**ପୁରୀ ଅଫିସ,୨୭।୩**

ଓଡ଼ିଶାରେ ୧୯ ବର୍ଷ ଧରି ଶାସନ କ୍ଷମତାରେ ରହିଥିବା ବିଜେଡି ସରକାର ଦୁର୍ନୀତି, ଭ୍ରଷ୍ଟାଚାରରେ ବୁଡ଼ିରହିଛି। ଏଠାରେ ମହିଳା, ଯୁବତୀ ସୁରକ୍ଷିତ ନୁହନ୍ତି। ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି। କିନ୍ତୁ ଦିନକୁ ଦିନ ମା, ଭଉଣୀଙ୍କ ଉପରେ ନିର୍ଯାତନା, ହିଂସା ବଢୁଛି ବୋଲି କହିଛନ୍ତି ଭାଜପା ରାଷ୍ଟ୍ରୀୟ ଉପସଭାପତି ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ।

ବୁଧବାର ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି ଚୌହାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ। ଚୌହାନ କହିଥିଲେ, ଓଡ଼ିଶା ସରକାରଙ୍କ ବାସ୍ତବରେ ଚାଷୀଙ୍କ ପ୍ରତି ଦରଦ ନାହିଁ। ଯଦି କୃଷକଙ୍କ ପ୍ରତି ସାମାନ୍ୟତମ ସହାନୁଭୂତି ଥାଆନ୍ତା ତେବେ କାଳିଆ ଯୋଜନା ଏବେ କାହିଁକି, ବହୁ ପୂର୍ବରୁ ଘୋଷଣା କରିପାରିଥାନ୍ତେ। ନିର୍ବାଚନ ପୂର୍ବରୁ କୃଷି, କୃଷକଙ୍କ କଥା ମନେପଡିବା ଏବଂ ଆଚରଣ ବିଧି ଯୋଗୁ ଏହି ଯୋଜନା ଅର୍ଥ ଚାଷୀଙ୍କୁ ନ ମିଳିବା ସରକାରଙ୍କ ଆନ୍ତରିକତା କେତେ ତାହା ଓଡ଼ିଶାବାସୀ ନିଶ୍ଚିତ ବୁଝିପାରୁଥିବେ। ଏତେବର୍ଷ ଶାସନରେ ରହିବା ପରେ ବି ଖୋଦ୍ ମୁଖ୍ୟମନ୍ତ୍ରୀ ଓଡ଼ିଆ କହି ନ ପାରିବା ମୁଁ ବୁଝିପାରୁ ନାହିଁ ବୋଲି କହି ନବୀନଙ୍କୁ ଟାର୍ଗେଟ କରିଥିଲେ ଚୌହାନ। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ



ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ରଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ଶିବରାଜ ସିଂ ଚୌହାନ ଉଦ୍‌ବୋଧନ ଦେଉଛନ୍ତି।

> ■ ଦୁର୍ନୀତି, ଭ୍ରଷ୍ଟାଚାରରେ ବୁଡ଼ିଛି ବିଜେଡି ସରକାର
>
> ■ ଏୟାର ଷ୍ଟ୍ରାଇକ୍‌ର ପ୍ରମାଣ ମାଗିବା ଦୁର୍ଭାଗ୍ୟଜନକ

ଓଡ଼ିଶା ଦୁଇ ବୀରପୁତ୍ରଙ୍କୁ ହରାଇଥିଲା। ଶହୀଦ ମନୋଜ ବେହେରାଙ୍କ ଦାଦାଙ୍କୁ ବିଜେଡି ନେତା ଦେବାଶିଷ ସାମନ୍ତରାୟ ଯେଉଁଭଳି ବ୍ୟବହାର କଲେ ତାହା ସମ୍ପୃକ୍ତ ଶହୀଦ ପରିବାର ପ୍ରତି ଅପମାନ। ଏଠାରେ ନବୀନବାବୁ ସରକାର ଚଳାଉ ନାହାନ୍ତି, ଯେଉଁ ବ୍ୟକ୍ତିଙ୍କ ଇସାରାରେ ସରକାର ଚାଲିଛି ତାହା ଓଡ଼ିଶାବାସୀ ହିଁ ଜାଣିଛନ୍ତି। ଏଥର ନିର୍ବାଚନରେ ଓଡ଼ିଶାର ଜନସାଧାରଣ ଏହାର ଠିକ୍ ଜବାବ ଦେବେ। ଓଡ଼ିଶାରେ ନିଶ୍ଚିତ ଭାଜପା ବହୁମତ ହାସଲ କରି ସରକାର ଗଢିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ।

ସେହିଭଳି ଚୌହାନ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ। ରାହୁଲ କୃଷି ଋଣ ଛାଡ଼ କରିବେ ବୋଲି ଯାହା ଘୋଷଣା କରୁଛନ୍ତି ଏହାର କିଛି ବାସ୍ତବତା ନାହିଁ। କଂଗ୍ରେସ ଭାରତୀୟ ସେନାଙ୍କ କାର୍ଯ୍ୟଦକ୍ଷତା ଉପରକୁ ପ୍ରଶ୍ନ ଉଠାଇ ଏୟାର ଷ୍ଟ୍ରାଇକ୍‌ର ପ୍ରମାଣ ଖୋଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେନ୍ଦ୍ରରେ ମୋଦି ସରକାର ଆସିଲା ପରେ ଏକ ନୂଆ ଭାରତର ପରିକଳ୍ପନା କରାଯାଇଛି। ସବୁ କ୍ଷେତ୍ରରେ ଆଜି ଭାରତ ସୁଦୃଢ ଓ ସଶକ୍ତ ହୋଇପାରିଛି। ସବୁଠି ବିକାଶର ଚିହ୍ନ ବାରି ହୋଇପଡୁଛି। ଅନ୍ତର୍ଜାତୀୟ ସ୍ତରରେ ଭାରତର ସୁନାମ ଆସିପାରିଛି। ଭାରତକୁ ଆହୁରି ଆଗକୁ ନେବାକୁ ହେଲେ କେନ୍ଦ୍ରରେ ଏବଂ ଓଡ଼ିଶାରେ ଭାଜପା ସରକାର ଆସିବା ଦରକାର ବୋଲି କହିଥିଲେ ଚୌହାନ।

ଭାଜପାର ପୁରୀ ଲୋକ ସଭା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ର କର୍ମୀମାନଙ୍କୁ ଜାଗ୍ରତ ହେବାକୁ ଆହ୍ୱାନ ଦେଇଥିଲେ। କର୍ମୀମାନେ ଜାଗ୍ରତ ହେଲେ ଏକ ମଜଭୁତ ସରକାର ଆସିବ, ଯେଉଁ ସରକାର ପ୍ରତ୍ୟେକ ଲୋକଙ୍କ ପାଇଁ କାମ କରିବ ବୋଲି କହିଥିଲେ ସମ୍ବିତ୍। ଏହି ଅବସରରେ ବିଜେଡି ଏବଂ କଂଗ୍ରେସର ବହୁ କର୍ମୀ ଭାଜପାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଦଳର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦ୍ଦେବ, ପୃଥ୍ୱୀରାଜ ହରିଚନ୍ଦନ, ସୁରମା ପାଢୀ, କୃଷ୍ଣଚନ୍ଦ୍ର ପଣ୍ଡା, ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ପ୍ରଧାନ ଶିକ୍ଷକଙ୍କ ବିଧାୟକ ହେବା ନିଶା ମଉଳିଲା

**ବାମରା, ୨୭।୩ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ପିଣ୍ଡାପଥର ପଞ୍ଚାୟତ ପରମାଣପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଧାନ ମାଝିଙ୍କ ବିଧାୟକ ହେବା ଆଶା ମଉଳି ଯାଇଛି। ବିଧାୟକ ହେବାକୁ ତାଙ୍କ ମୁଣ୍ଡକୁ ଏମିତି ନିଶା ଚଢିଥିଲା ଯେ, ସେ ପ୍ରାୟ ମାସେ ହେଲା ଏକ ଇସ୍ତଫା ପତ୍ର ଲେଖି ଧରି ବୁଲୁଥିଲେ। ବିଧାୟକ ହେବାକୁ ଯାଉଥିବା ସ୍କୁଲରେ ସହକର୍ମୀ, ପରିବାର ଲୋକଙ୍କୁ କହିଥିଲେ। ଏଭଳିକି ଅନେକ ଥର ଇସ୍ତଫା ଦେବାକୁ ବାମରା ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ବିଇଓ ଇସ୍ତଫାପତ୍ର ଗ୍ରହଣ କରି ନ



ଥିଲେ ବରଂ ଯେଉଁ ପେସାରେ ଅଛନ୍ତି ସେଥିରେ ଭଲରେ ମନୋନିବେଶ କରି ପିଲାଙ୍କୁ ଭଲରେ ପାଠ ପଢାଇବାକୁ ବୁଝାଇଥିଲେ। ଅନ୍ୟପକ୍ଷେ ବିଧାୟକ ହେଲେ ଘରଦ୍ୱାର ଯାହା ଅଛି ସବୁ ବିକ୍ରି ହେଇଯିବ ବୋଲି ଘରଲୋକ ଓ ସହକର୍ମୀ ମଧ୍ୟ ବୁଝାଇଥିଲେ। ଏହାପରେ ତାଙ୍କର ବିଧାୟକ ହେବା ନିଶା ମୁଣ୍ଡରୁ ଖସିଥିଲା। ଏବେ ସେ ସ୍କୁଲରେ ଠିକ୍‌ରେ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ନିକଟରେ ଏକ ଜାତୀୟ ଦଳର ଜଣେ ଆଗଧାଡିର ନେତା ରାଜ୍ୟର ଗୋଟିଏ ଆଞ୍ଚଳିକ ଦଳକୁ ଡେଇଁଛନ୍ତି। ସେ ହିଁ ତାଙ୍କୁ କୁଚିଣ୍ଡାରୁ ବିଧାୟକ କରାଇଦେବାର ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ ବୋଲି ମାଝି ସମସ୍ତଙ୍କୁ କହି ବୁଲିଥିଲେ। ହେଲେ ନିରାଶ ହେବା ପରେ ବିଧାୟକ ହେବାରୁ ମୁହଁ ଫେରିଛନ୍ତି। ଯଦି ସେ ବିଧାୟକ ହୋଇଥାନ୍ତେ ତେବେ ଓଡିଶାରେ ଏକ ନୂତନ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିଥାନ୍ତେ। ପୁରୁଣା ଢାଞ୍ଚାର ପରିବର୍ତ୍ତନ ପାଇଁ ସମ୍ପୂର୍ଣ୍ଣ ଚେଷ୍ଟା କରିଥାନ୍ତେ ବୋଲି କହିଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଯାଞ୍ଚ ଶେଷ

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

ରାଜ୍ୟରେ ଆସନ୍ତା ଏପ୍ରିଲ ୧୧ ଓ ୧୮ ତାରିଖରେ ଦୁଇଟି ପର୍ଯ୍ୟାୟରେ ୯ ଲୋକ ସଭା ଆସନ ଓ ୬୩ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଦୁଇ ପର୍ଯ୍ୟାୟ ଲୋକ ସଭା କ୍ଷେତ୍ର ପାଇଁ ୬୫ ଜଣ ଏବଂ ବିଧାନସଭା ପାଇଁ ୪୬୪ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି।

ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ଶେଷ ହୋଇଛି। ଯାଞ୍ଚ ପରେ ୫ ଲୋକ ସଭା ପାଇଁ ୩୭ ଜଣଙ୍କ ନାମାଙ୍କନ ପତ୍ର କଏମ ରହିଥିବାବେଳେ ୩୫ ବିଧାନସଭା ପାଇଁ ୨୬୧ ଜଣ ପ୍ରାର୍ଥୀଙ୍କର ନାମାଙ୍କନପତ୍ର କାଏମ ରହିଛି। ଏହି ପର୍ଯ୍ୟାୟ ମତଦାନ ପାଇଁ ବିଧାନସଭା ସକାଶେ ୨୯୯ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ବିଭିନ୍ନ କାରଣରୁ ୩୮ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି। ସେହିପରି ଲୋକ ସଭା ପାଇଁ ୪୫ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ପରେ ସେଥିରୁ ୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ରଗୁଡ଼ିକ ୨୮ ବିଧାନସଭା ପାଇଁ ୨୦୩ ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଥିବାବେଳେ ୪ ଲୋକ ସଭା ଆସନ ପାଇଁ ୨୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି।

> ■ ୩୫ ବିଧାନସଭା ପାଇଁ ୨୬୧, ୫ ଲୋକ ସଭା ନିମନ୍ତେ ୩୭ ପ୍ରାର୍ଥିପତ୍ର କାଏମ
>
> ■ ଦୁଇଟି ପର୍ଯ୍ୟାୟରେ ଲୋକ ସଭା ପାଇଁ ୬୫, ବିଧାନସଭା ପାଇଁ ୪୬୪ ପ୍ରାର୍ଥିପତ୍ର କାଏମ

ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ଏପ୍ରିଲ ୧୧ ତାରିଖରେ ୪ଟି ଲୋକ ସଭା କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର ଓ ୨୮ ବିଧାନସଭା ଆସନ ଲାଗି ନାମାଙ୍କନ ପତ୍ର ଦାଖଲ ହେବ। କଳାହାଣ୍ଡି ଲୋକ ସଭା ନିର୍ବାଚନ ମଣ୍ଡଳୀ ସମେତ ନୂଆପଡ଼ା, ଖରିଆର, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା ଓ ନର୍ଲା ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ନବରଙ୍ଗପୁର ଲୋକ ସଭା ଆସନ ସହିତ ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡା ବିଧାନସଭା, ବ୍ରହ୍ମପୁର ଲୋକ ସଭା ଆସନ ସହ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା, ପାରଳାଖେମୁଣ୍ଡି ଏବଂ କୋରାପୁଟ ଲୋକ ସଭା ଆସନ ସମେତ ଗୁଣପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ ଏବଂ ପଟାଙ୍ଗୀ ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୮ ତାରିଖରେ ବରଗଡ଼(ସାଧାରଣ ବର୍ଗ) ଲୋକ ସଭା ଆସନ ସମେତ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟ୍ଲି, ବ୍ରଜରାଜନଗର, ଝାରସୁଗୁଡ଼ା ବିଧାନସଭା ଏବଂ ସୁନ୍ଦରଗଡ଼(ଏସ୍‌ଟି) ଲୋକ ସଭା ଆସନ ସହିତ ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁର, ବଣାଇ ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ବଲାଙ୍ଗୀର(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ବିଧାନସଭା ଆସନ ଏବଂ କନ୍ଧମାଳ(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବାଲିଗୁଡା, ଜି. ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା ଏବଂ ଭଞ୍ଜନଗର ବିଧାନସଭା ନିର୍ବାଚନ ଏବଂ ଆସ୍କା (ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ଏହା ଅନ୍ତର୍ଗତ ପୋଲସରା, କବିସୂର୍ଯ୍ୟନଗର, ଖଲିକୋଟ, ଆସ୍କା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ଆସନ୍ତା ୨୮ ତାରିଖରେ ତୃତୀୟ ପର୍ଯ୍ୟାୟ ଓ ଏପ୍ରିଲ ୨ ତାରିଖରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ସକାଶେ ବିଜ୍ଞପ୍ତି ପ୍ରକାଶ କରାଯିବ।



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍



## ସଂକ୍ଷେପରେ

### ସାମାନ୍ୟ କଥାକୁ କେନ୍ଦ୍ରକରି ମାରପିଟ: ୨ ଗିରଫ

**ହେମଗିର, ୨୭।୩ (ଡି.ଏନ.ଏ):** ସାମାନ୍ୟ ଘରୋଇ କଳିକୁ କେନ୍ଦ୍ରକରି ମାଡପିଟ, ପର୍ଯ୍ୟନ୍ତ ଚାଲିଗଲା। ଉଭୟ ପକ୍ଷ ଉଭୟଙ୍କ ନାମରେ ଥାନାରେ ଏତଲା ଦେବାରୁ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣା ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ କନିକା ଗ୍ରାମରେ ଘଟିଛି। ଗତ ୨୫ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ କନିକା ତେତେଲପଡାଠାରେ ରାଜୁ ଖାନ୍‌ଙ୍କ ଭଣଜା ମହମ୍ମଦ ସାହିଲ (୧୪)ଙ୍କୁ ଅବଦୁଲ ରଜାକର ପୁଅ ସଦାମ୍ ଖାନ୍ (୨୬) କୌଣସି କାରଣରୁ ମାଡ ମାରିଥିଲେ। ଏହା ଜଣାପଡିବା ପରେ ଗତ ୨୬ ତାରିଖ ରାତ୍ର ୯ଟାରେ ରାଜୁ ଖାନ୍‌ଙ୍କ ସ୍ତ୍ରୀ ନସିମା ନିଶା (୨୭) ସଦାମ ଘରକୁ ଆସି କାହିଁକି ସାହିଲଙ୍କୁ ମାରିଲ ବୋଲି ପଚାରିଥିଲେ। ପରେ ଉଭୟଙ୍କ ଭିତରେ ବଚସା ତୀବ୍ର ହେବାରୁ ସଦାମ ନସିମା ଉପରକୁ ମାଡ ମାରିଥିଲେ ବୋଲି ନସିମା ଥାନାରେ ବୁଧବାର ଏତଲା ଦେଇଥିଲେ। ପରେ ସଦାମଙ୍କ ମା' ସବିଳା ଖାତୁନ୍ ତାଙ୍କ ପୁଅ ସଦମାକୁ ନସିମା ମାଡ ମାରିଛି କହି ପାଲଟା ଅଭିଯୋଗ ଥାନାରେ କରିଛନ୍ତି। ଏନେଇ ହେମଗିର ଥାନାରେ ଉଭୟ ପକ୍ଷରୁ ପୃଥକ ପୃଥକ ଭାବେ ଦୁଇଟି ମାମଲା (ନଂ. ୩୫/୨୦୧୯ ଓ ୩୬/୨୦୧୯) ରୁଜୁ ହୋଇଛି। ନସିମା ନିଶା ଓ ସଦାମ ଖାନକୁ ପୋଲିସ କୋର୍ଟ ଚାଲାଣ କରି ତଦନ୍ତ ଜାରି ରଖିଛି।

### ମଦ ଜବତ: ୩ ଗିରଫ

**ବଡଗାଁ, ୨୭।୩ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ବଡଗାଁ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୮ ଲିଟର ଦେଶୀ ମଦ ଜବତ କରିବା ସହିତ ୩ଜଣ ମଦ ବିକ୍ରେତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କିଞ୍ଜିରକେଲା ସୁନାପଡାର ପରିକ୍ଷୀତ ଡୁଙ୍ଗଡୁଙ୍ଗ, ଭେଲୁଆବାହାଲ ଗ୍ରାମର କୈଳାସ ମାଝି ଓ ଜରଙ୍ଗଲୋଇ ଗ୍ରାମର ନାରାୟଣ କିଷାନ। ସୂଚନାଯୋଗ୍ୟ ଯେ, ବଡଗାଁ ସମେତ ଥାନା ଅଞ୍ଚଳର ଗ୍ରାମାଞ୍ଚଳରେ ମଦ ବିକ୍ରିକୁ କେତେକ ବ୍ୟକ୍ତି ପେଟପାଟଣା ପାଇଁ ବେପାର ଭଳି ଚଳାଇଥିବାରୁ ଅନେକ ସମୟରେ ଛୋଟବଡ ଗଣ୍ଡଗୋଳ ହେଉଛି। ଗରିବ ପରିବାରଗୁଡିକର ଆର୍ଥିକ ଅବନତି ଘଟୁଥିଲା ବେଳେ ଗାଁ ଆଶାନ୍ତ ହେଉଥିବାରୁ ପ୍ରାୟ ୨ ବର୍ଷ ହେଲା ମହିଳାମାନେ ମଦ ବିରୋଧି ଅଭିଯାନ ଆରମ୍ଭ କରିଛନ୍ତି।

### ମହୁଲି ମଦ ଜବତ: ଜଣେ ଗିରଫ

**ଲହୁଣୀପଡା, ୨୭।୩ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ମହୁଲପଦା ଥାନା ଅନ୍ତର୍ଗତ ସୁଲଉଡିହି ଗ୍ରାମରେ ବୁଧବାର ବେଆଇନ ମହୁଲି ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ହଳଦୀକୁଦର ପଞ୍ଚାୟତ ସୁଲଉଡିହି ଗ୍ରାମର ଚନ୍ଦ୍ରମୋହନ ମହାକୁଳ (୨୯) ନିଜ ଘରେ ମହୁଲି ମଦ କାରବାର କରୁଥିବା ଅଭିଯୋଗ ହୋଇଆସୁଥିଲା। ଅଭିଯୋଗକୁ ଭିତ୍ତିକରି ବୁଧବାର ମହୁଲପଦା ଥାନା ପୋଲିସ ସୁଲଉଡିହି ଗ୍ରାମରେ ଚଢ଼ାଉ କରି ମହୁଲି ମଦ ଜବତ କରିବା ସହିତ ଚନ୍ଦ୍ରମୋହନ ମହୁକଳକୁ ଗିରଫ କରିଥିଲେ।

### ପୋଲିସ ହସ୍ତକ୍ଷେପ ପରେ ପମ୍ପହାଉସରୁ ତାଲା ଖୋଲିଲା

**କୋଲାବିରା, ୨୭।୩ (ଡି.ଏନ.ଏ.)** କୋଲାବିରା ବ୍ଲକ ଅନ୍ତର୍ଗତ ପୋଖରାସାହ୍ଲେ ପଞ୍ଚାୟତର ଗହ୍ମାପାଲି ନାଏକପଡାରେ ଲୋକଙ୍କୁ ଜଳ ଯୋଗାଣ ଲାଗି ଏକ ପମ୍ପ ହାଉସ ରହିଛି। ହେଲେ ଏହି ଜାଗାକୁ ନିଜର ବୋଲି ଦାବି କରି ନବୀନ ଭୋଇ ନାମକ ଜଣେ ବ୍ୟକ୍ତି ପମ୍ପ ହାଉସରେ ତାଲା ମାରି ଦେଇଥିଲେ। ଫଳରେ ଲୋକେ ହଇରାଣ ହୋଇଥିଲେ। ସ୍ଥାନୀୟ ସରପଞ୍ଚ କୁନ୍ତଳା ନାଏକ ବୁଝାଇବା ପରେ ମଧ୍ୟ ସେ ନ ମାନିବାରୁ ବାଧ ହୋଇ କୋଲାବିରା ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ତାଲା ଖୋଲିବା ପରେ ଜଳ ଯୋଗାଣ ସ୍ୱାଭାବିକ ହୋଇଛି।

### ଜଙ୍ଗଲରୁ ୨୭ଟନ୍ ଚୋରା କୋଇଲା ଉଦ୍ଧାର

**ଲଖନପୁର, ୨୭।୩(ଡି.ଏନ୍.ଏ)** ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅଧିନ କାଣ୍ଡସର୍ ଜଙ୍ଗଲରୁ ୨୭ ଟନ୍ ଚୋରା କୋଇଲା ଉଦ୍ଧାର ହୋଇଛି। ଏମ୍‌ସିଏଲ୍ ସୁରକ୍ଷା କର୍ମୀଙ୍କ ପକ୍ଷରୁ ପାଟ୍ରୋଲିଂ ବେଳେ ଜଙ୍ଗଲରେ ଏହା ଠାବ ହୋଇଥିଲା। ପରେ ଲଖନପୁର ଥାନା ପୋଲିସକୁ ଅବଗତ କରାଯାଇଥିଲା। ପୋଲିସ୍ ଉପସ୍ଥିତିରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏହାକୁ ଖଣି ଭିତରକୁ ଆଣିଥିଲେ।

---

ବୀରମିତ୍ରପୁର ପୌରପାଳିକାର ଅଜବ ନୀତି

# ମାସାଧିକ କାଳ ପଡିରହୁଛି ଅଳିଆ ଆବର୍ଜନା

**କୁଆଁରମୁଣ୍ଡା, ୨୭।୩ (ଡି.ଏନ.ଏ.)**



ବୀରମିତ୍ରପୁର-ହାତୀବାରି ରୋଡର ବସଷ୍ଟାଣ୍ଡ ଛକ ନିକଟରେ ପଡି ରହିଥିବା ଅଳିଆ।

ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା କେବଳ କାଗଜ କଲମରେ ସୀମିତ ରହୁଛି। ଏହି ଯୋଜନାରେ କୋଟି କୋଟି ଟଙ୍କା ବିଭାଗୀୟ ଅଧିକାରୀ ହରିଲୁଟ କରି ଚାଲିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି, ସୁନ୍ଦରଗଡ଼ ଜିଲା ଉପାନ୍ତ ବୀରମିତ୍ରପୁର ନିବାଚନମଣ୍ଡଳୀର ବୀରମିତ୍ରପୁର ପୌରପାଳିକା। ଏହି ପୌରପାଳିକା ଅନ୍ତର୍ଗତ ବୀରମିତ୍ରପୁର-ହାତୀବାରି ରୋଡ଼ ଓ ସହରର କେନ୍ଦ୍ରସ୍ଥଳୀ କୁହାଯାଉଥିବା ଜଗନ୍ନାଥ ବାଟିକା, ବୀରମିତ୍ରପୁର-ହାତୀବାରି ରୋଡ ନିକଟସ୍ଥ ଛକରେ ମାସାଧିକ କାଳ ଅଳିଆ, ଆବର୍ଜନା ଗଦା ହୋଇ ରହୁଛି। ଏଗୁଡ଼ିକୁ ପୌରପାଳିକା ପକ୍ଷରୁ ନିୟମିତ ସଫା କରାଯାଉ ନ ଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଅଞ୍ଚଳରେ ମଶା, ମାଛି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେହିପରି ସହରର କେନ୍ଦ୍ରସ୍ଥଳୀରେ ଥିବା ଜଗନ୍ନାଥ ବାଟିକା ନିକଟରେ ମଧ୍ୟ ନିୟମିତ ସଫେଇ ହେଉ ନ ଥିବାରୁ ଅଳିଆ, ଆବର୍ଜନା ଗଦା ହୋଇ ରହୁଛି। ହେଲେ ଏ ନେଇ ପୌରପାଳିକା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ଏଥିପ୍ରତି ବିଭାଗୀୟ ଜିଲା ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

---

ବିଜେଡ଼ି ନିର୍ବାଚନ ଅଫିସ ଉଦ୍‌ଘାଟିତ

# ଆସିଲେନି ଅନୁପ, ସମର୍ଥକ

**ବେଲପାହାଡ଼, ୨୭।୩ (ଡି.ଏନ୍.ଏ)**

ବେଲପାହାଡ଼ ବିଜୁ ଜନତା ଦଳ ପକ୍ଷରୁ ଏକ ନିର୍ବାଚନୀ ଅଫିସ ଉଦ୍‌ଘାଟିତ ହୋଇଛି। ବରିଷ୍ଠ କର୍ମୀ ଅଖତର ହୁସେନ ଉଦ୍‌ଘାଟନ କରିଛନ୍ତି। କିଶୋର କୁମାର ମହାନ୍ତି, ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, ବିଜେଡ଼ି ଟାଉନ ସଭାପତି ରାଜେଶ ଭୋଇ, ବରିଷ୍ଠ କର୍ମୀ ତ୍ରିନାଥ ଗୁଆଲ, ତାପସରାୟ ଚୌଧୁରୀ, ରବିରତ୍ନ ପ୍ରଧାନ, ଶ୍ୟାମସୁନ୍ଦର ଶତପଥୀ ଓ ଶମ୍ଭୁ ମହାନ୍ତିଙ୍କ ସମେତ ବହୁ ପୁରୁଣା ଓ ଯୁବ କର୍ମୀ ଉପସ୍ଥିତ ଥିଲେ। ମାତ୍ର ପୂର୍ବତନ ବିଧାୟକ ତଥା ଦଳୀୟ ଟିକେଟରୁ ବଞ୍ଚିତ ଅନୁପ କୁମାର ସାଏଙ୍କୁ ଦେଖିବାକୁ ମିଳି ନ ଥିଲା। ତାଙ୍କର ଜଣେ ହେଲେ ସମର୍ଥକଙ୍କୁ ମଧ ଦେଖିବାକୁ ମିଳି ନ ଥିଲା। ଏପରିକି ପୌରପରିଷଦର ୧୬ ଜଣ ବିଜେଡ଼ି କାଉନସିଲରଙ୍କ ମଧ୍ୟରୁ ମାତ୍ର ୩ ଜଣ କାଉନସିଲର ଥିଲେ। ଲିଙ୍ଗରାଜ ବେହେରା, ଦିଲିପ ଧୁରୁଆ, କୈଳାସ ନାୟକ ଓ ଚରଣ ଦୀପଙ୍କୁ କେବଳ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ବିଜେଡ଼ି ଟାଉନ ସଭାପତି ରାଜେଶ ଭୋଇଙ୍କୁ ପଚରାଯିବାରୁ କେତେକ କର୍ମୀଙ୍କୁ ଡକାଯିବାରୁ ସେମାନେ ଅସିଛନ୍ତି। ଆଉ କେତେକ ମୋବାଇଲ ଫୋନ ସ୍ୱିଚ୍ ଅଫ କରି ଦେଇଥିବାରୁ ଯୋଗାଯୋଗ ହୋଇପାରିଲା ନାହିଁ ବୋଲି ପ୍ରକାଶ କରିଛନ୍ତି। ତେବେ ଟିକେଟ ବଣ୍ଟନକୁ ନେଇ ଅନୁପ ସାଏଙ୍କ ସମର୍ଥକମାନେ ଖୁବ ଅସନ୍ତୁଷ୍ଟ ଥିବାରୁ ସେମାନେ ଜାଣିଶୁଣି ଏହି କାର୍ଯ୍ୟକ୍ରମକୁ ବର୍ଜନ କରିଥିବା କର୍ମୀମାନଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ଏ ପର୍ଯ୍ୟନ୍ତ ସହରାଞ୍ଚଳରେ କୌଣସି ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ଅଫିସ ଖୋଲିନାହିଁ। ଏ ଦିଗରେ ବିଜେଡ଼ି ଆଗୁଆ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ବିଜେଡ଼ିର ଆଗୁଆ ପ୍ରସ୍ତୁତି ବେଳେ ଅନୁପ ସାଏଙ୍କ ନେତୃତ୍ୱକୁ ମାନୁଥିବା କର୍ମୀ ଓ ସମର୍ଥକ ପ୍ରତ୍ୟକ୍ଷରେ ନ ହେଲେ ବି ପରୋକ୍ଷରେ ଅସନ୍ତୋଷ ଭାବ ପ୍ରକଟ କରିଛନ୍ତି। ଏହା କିଶୋର ମହାନ୍ତିଙ୍କ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହୋଇଛି।

---

ଝାରସୁଗୁଡା, ବ୍ରଜରାଜନଗର ନିର୍ବାଚନମଣ୍ଡଳୀ

# ୨୩ ନାମାଙ୍କନପତ୍ରରୁ ଯାଞ୍ଚରେ କଟିଲା ୪

**ଝାରସୁଗୁଡା ଅଫିସ୍/ ଲଖନପୁର, ୨୭।୩(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନପାଇଁ ଝାରସୁଗୁଡା ଜିଲାରେ ୨ଟି ପର୍ଯ୍ୟାୟରେ ବିଭିନ୍ନ ଦଳୀୟ ପ୍ରାର୍ଥୀମାନେ ନିଜ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ଜିଲାର ଝାରସୁଗୁଡା ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ମୋଟ୍ ୨୩ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ବୁଧବାର ନାମାଙ୍କନପତ୍ର ଯାଞ୍ଚରେ ୪ଟି ନାମାଙ୍କନପତ୍ର ନାକଚ ହୋଇଛି। ଏଥିମଧ୍ୟରେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଅସନ୍ତୋଷ ପ୍ରାର୍ଥୀ ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେ ଓ ହୀନ୍ଦୁସ୍ତନ ନିର୍ମାଣ ଦଳ ପ୍ରାର୍ଥୀ ମନିଷ୍ ଶର୍ମାଙ୍କ ନାମାଙ୍କନ ପତ୍ର ରହିଛି। ସେହିଭଳି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ ଭାରତ ଭୂମି ପାର୍ଟିର ସରସ୍ୱତୀ ଡେଗଡ୍ ଓ କୋଶଳକ୍ରାନ୍ତି ଦଳର ଭାଗବତ ସାଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ଏହି ୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ବେଳେ ଆବଶ୍ୟକ ପ୍ରସ୍ତାବକ ଓ କାଗଜପତ୍ର ଦାଖଲ କରି ନ ଥିବାରୁ ନାମାଙ୍କନପତ୍ର ନାକଚ ହୋଇଛି ବୋଲି ଉପଜିଲାପାଳ ସିଭା ଟପୋ କହିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାର ନାମାଙ୍କନପତ୍ର ପ୍ରତ୍ୟାହାର ହେବ। ଏହା ପରେ ଜଣାପଡିବ କେତେ ଯିବେ ଆଉ କେତେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବେ। ଆଉ ମାତ୍ର ଗୋଟିଏ ଦିନ ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ମଧ ସ୍ପଷ୍ଟ ହୋଇଯିବ।

---

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଲଖନପୁର, ୨୭।୩(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ବନହରପାଲି ଥାନା ଅଧୀନ ବନ୍ଧବାହାଲ ଗୌଡପଡାର ଏକ ବନ୍ଦ ଘର ଭିତରୁ ସ୍ଥାନୀୟ ପୋଲିସ ବୁଧବାର ଜଣେ ବିବାହିତ ଯୁବକଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ମୃତକ ହେଲେ ଗୌଡପଡାର ବିକାଶ ଭଇଁସାଲ (୨୫)। ତାଙ୍କ ବଡଭାଇ ପ୍ରକାଶଙ୍କ ଅଭିଯୋଗକୁ ଆଧାର କରି ବନ୍ଧବାହାଲ ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୧୯) ରୁଜୁ କରି ତଦନ୍ତ ଚଳାଇଛି। ଗୁରୁବାର ବ୍ୟବଚ୍ଛେଦ ହେଲା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର ହେବ ବୋଲି ଫାଣ୍ଡି ଅଧିକାରୀ ଅଶୋକ ଦାସ କହିଛନ୍ତି। ସୂଚନାଯୋଗ୍ୟ, ବିକାଶ ଗତ ୨ବର୍ଷ ତଳେ ବିବାହ କରିଥିଲେ। ସ୍ତ୍ରୀ ପ୍ରାୟ ବର୍ଷେ ହେଲା ତାଙ୍କ ବାପ ଘରେ ରହୁଛନ୍ତି। ବୁଧବାର ସକାଳୁ ନ ଉଠିବାରୁ ଘର ଲୋକଙ୍କ ସନ୍ଦେହ ହୋଇଥିଲା। କବାଟ ଖୋଲି ଦେଖିଲାବେଳକୁ ଘର ଭିତରେ ଥିବା ଲୁହା ଆଙ୍ଗେଲରେ ବେକରେ ଶାଢି ବାନ୍ଧି ସେ ଝୁଲୁଥିଲେ। ଏ ସମ୍ପର୍କରେ ପରିବାର ଲୋକେ ବନ୍ଧବାହାଲ ଫାଣ୍ଡିରେ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା।

---

# ତାଲିମ ନେଲେ ପ୍ରିଜାଇଡ଼ିଂ, ଫାଷ୍ଟ ପୋଲିଂ ଅଫିସର



ପର୍ଯ୍ୟବେକ୍ଷକ ଭବାନୀଶଙ୍କର ଚଇନି ପ୍ରିଜାଇଡ଼ିଂ ଓ ପୋଲିଂ ଅଫିସରମାନଙ୍କ ସହିତ ଇଭିଏମ ଓ ଭିଭିପିଏଟି ବ୍ୟବହାର ବିଷୟରେ ଆଲୋଚନା କରୁଛନ୍ତି।

**ବେଲପାହାଡ଼, ୨୭।୩ (ଡ଼ି.ଏନ୍.ଏ)**

ବେଲପାହାଡ଼ରେ ୩ଟି କେନ୍ଦ୍ରରେ ନିର୍ବାଚନ ପରିଚାଳନା ସଂକ୍ରାନ୍ତୀୟ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଛି। ଗତ ୨୩ ତାରିଖରୁ ପୌରପରିଷଦ ସମ୍ମିଳନୀ କକ୍ଷ, ସଭାକକ୍ଷ ଓ ଟିଆର୍‌ଏଲ ଆର୍‌ସେଟି ସଭାଗୃହରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଦିନ ପ୍ରତ୍ୟେକ କେନ୍ଦ୍ରରେ ନିଯୁକ୍ତ ହୋଇଥିବା ୪୫ ଜଣ ଲେଖାଏଁ ପ୍ରିଜାଇଡ଼ିଂ ଅଫିସର ଓ ଫାଷ୍ଟ ପୋଲିଂ ଅଫିସର ଯୋଗ ଦେଇ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ (ଇଭିଏମ୍) ଓ ଭୋଟର ଭେରିଫେବୁଲ ପେପର ଅଡ଼ିଟ ଟ୍ରେଲ (ଭିଭିପିଏଟି ) ଉପଯୋଗିତା ଉପରେ ତାଲିମ ଗ୍ରହଣ କରିଥିଲେ। ବେଲପାହାଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ, ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ରବିରତ୍ନ ବାଗ, ଲଖନପୁର ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ, ଡିଆର୍‌ଡ଼ିଏ ପ୍ରୋଗ୍ରାମ ଅଧିକାରୀ ପି.କେ. ଦାଶ, ସହକାରୀ ଶିକ୍ଷା ଅଧିକାରୀ ଅଭିନ୍ନ ରାଉତ ଓ ଛତ୍ର ପଟେଲ ମାଷ୍ଟର ଟ୍ରେନର୍ ଭାବରେ ଯୋଗ ଦେଇ ସମସ୍ତ ପ୍ରିଜାଇଡ଼ିଂ ଓ ପୋଲିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଝାରସୁଗୁଡ଼ା ଉପ ଜିଲାପାଳ ଶିବ ଟପ୍ପୋ ତାଲିମ କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ। ବୁଧବାର ନିର୍ବାଚନ କମିଶନଙ୍କ ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ଭବାନି ଶଙ୍କର ଚଇନି ବେଲପାହାଡ଼ ଗସ୍ତରେ ଆସି ତାଲିମ କେନ୍ଦ୍ର ଗୁଡ଼ିକୁ ପରିଦର୍ଶନ କରିବା ସହିତ ତାଲିମ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ।

---





ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ କଳାକାର।

# ନବଜୀବନ କ୍ଲବ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

**ସୁନ୍ଦରଗଡ଼, ୨୭।୩ (ଡି.ଏନ୍.ଏ)**

ସହରର ପ୍ରମୁଖ ନାଟ୍ୟାନୁଷ୍ଠାନ ନବଜୀବନ କ୍ଲବ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଧର୍ମଶାଳା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ସହରର ପୁରୁଣା କଳାକାର ଓ ନାଟ୍ୟ ପ୍ରେମୀମାନେ ଉପସ୍ଥିତ ରହିଥିଲେ। ସମାଜରେ ନାଟକର ପ୍ରାସଙ୍ଗିକତା ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସୁନ୍ଦରଗଡରେ ନାଟକ ଓ ଅଭିନୟର ପ୍ରସାର ଓ ଆଦର ସୃଷ୍ଟି ପାଇଁ ପ୍ରୟାସ ଜାରି ରଖିବା ପାଇଁ ଉପସ୍ଥିତ କଳାକାରମାନେ ମତ ରଖିଥିଲେ। ସମରେନ୍ଦ୍ର ଠାକୁର ଓ ଗୋପାଳ ପୃଷେଠ ସଭା ସଞ୍ଚାଳନ କରିଥିଲେ। ମଞ୍ଚ ତଥା ଚଳଚ୍ଚିତ୍ର ଜଗତର ଲେଖକ ଓ ନିର୍ଦ୍ଦେଶକ ପ୍ରଦୀପ ଭୋଳ, ରାଜୁ ମହାରଣା, ପିଣ୍ଟୁ ଦତ୍ତ, ଗୁଣମହାନ୍ତି, ଦୁର୍ଗା ମାଧବ ପଣ୍ଡା, ପ୍ରତାପ ମହାନ୍ତି, ସୁବାସ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

---

# ଓଡିଶା ଅଲିମ୍ପିକ ସଂଘ ସମ୍ପାଦକଙ୍କ ବିୟୋଗରେ ଜିଲା କ୍ରୀଡା ସଂଘର ଶୋକ

**ସୁନ୍ଦରଗଡ଼, ୨୭।୩ (ଡି.ଏନ୍.ଏ):** ଓଡିଶା ଅଲିମ୍ପିକ ସଂଘର ସମ୍ପାଦକ ତଥା ଫୁଟବଲ ଆସୋସିଏଶନ ଅଫ ଓଡିଶାର କୋଷାଧ୍ୟକ୍ଷ ଏମ୍.ଏ ଆଲମଙ୍କ ପରଲୋକ ଘଟିଛି। ଏନେଇ ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ଜିଲା କ୍ରୀଡା ସଂସଦର ଉପସଭାପତି ହସନ୍ ଇମାମଙ୍କ ଅଧ୍ୟକ୍ଷତାରେ ଶୋକସଭା ହୋଇଥିଲା। ସ୍ୱର୍ଗତ ଆଲାମ ଓଡିଶା କ୍ରୀଡାଜଗତର ଜଣେ ବିଶିଷ୍ଟ କ୍ରୀଡା ସଙ୍ଗଠକ ଥିଲେ। ତାଙ୍କରି ବିୟୋଗରେ ଓଡିଶା କ୍ରୀଡା ଜଗତର ଅପୂରଣୀୟ କ୍ଷତିହେଲା ବୋଲି ସଂଘର ସଭ୍ୟମାନେ ମତବ୍ୟକ୍ତ କରିଥିଲେ। ତାଙ୍କ ଅମର ଆତ୍ମାର ସଦଗତି କରି ୨ମିନିଟ ନିରବ ପ୍ରାର୍ଥନା କରିଥିଲେ। ଉପସଭାପତି କାର୍ତ୍ତିକ ବେରିହା, ଚିତ୍ତରଞ୍ଜନ ବହିଦାର, ପୌଷଚନ୍ଦ୍ର ପଟେଲ, ରାଜେନ୍ଦ୍ର ମହାନ୍ତି, ଜିଲା କ୍ରୀଡା ସଂସଦର ସମ୍ପାଦକ ପ୍ରଭାତ କୁମାର ଭୋଳ, ଜୟଦେବ ପାତ୍ର, ଦୁର୍ଗାମାଧବ ନାଏକ, ପ୍ରସନ୍ନ ବେହେରା, ଶିଶିର ପଟେଲ, ନିତ୍ୟାନନ୍ଦ ନାଏକ, ଅଜୟ ବହିଦାର, ଆଶୀଷ ଦେ, ବିଶ୍ୱରଞ୍ଜନ ହୋତା ପ୍ରମୁଖ ସଭ୍ୟମାନେ ଏହି ସଭାରେ ଉପସ୍ଥିତ ଥିଲେ।

# ବଣାଇ ଜଙ୍ଗଲରେ ମାଈହାତୀ ମୃତ

**ସୁନ୍ଦରଗଡ଼, ୨୭।୩ (ଡି.ଏନ୍.ଏ):** ବଣାଇଁ ବନଖଣ୍ଡ ଅନ୍ତର୍ଗତ ରାଇପୁରି ସଂରକ୍ଷିତ ଜଙ୍ଗଲରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ଗତ ୨୪ ତାରିଖରୁ ଏହି ମାଈ ହାତୀ ଅସୁସ୍ଥ ଅବସ୍ଥାରେ ବୁଲୁଥିବା ବନବିଭାଗ କର୍ମଚାରୀମାନେ ଜାଣିପାରି ତାର ଗତିବିଧି ଉପରେ ନଜର ରଖିଥିଲେ। ମଙ୍ଗଳବାର ବନବିଭାଗ ପକ୍ଷରୁ ହାତୀର ଚିକିତ୍ସା ପାଇଁ ପ୍ରାଣୀଧନ ଚିକିତ୍ସକଟିମ୍ ଜଙ୍ଗଲରେ ପହଞ୍ଚିବାବେଳେ ହାତୀ ଏକ ଖାଲରେ ପଡି ମୃତ୍ୟୁବରଣ କରିଥିଲା। ବୟସାଧିକ ଯୋଗୁ ହାତୀ ଦୁର୍ବଳ ହୋଇ ମୃତ୍ୟୁବରଣ କରିଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ପରେ ହାତୀ ମୃତଦେହ ବ୍ୟବଚ୍ଛେଦ ପରେ ସେଠାରେ ମାଟିରେ ପୋତି ଦିଆଯାଇଥିଲା।

---

ରାଜଗାଙ୍ଗପୁର ବିଧାନସଭା ଆସନ

# ୩ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ, ରହିଲେ ୧୪

**ରାଜଗାଙ୍ଗପୁର, ୨୭।୩ (ଡି.ଏନ.ଏ)**

ରାଜଗାଙ୍ଗପୁର ବିଧାନସଭା ପାଇଁ ୧୭ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ବୁଧବାର ହୋଇଥିବା ଯାଞ୍ଚ ପ୍ରକ୍ରିୟାରେ ୩ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି। ୧୪ଜଣଙ୍କ ପ୍ରାର୍ଥିପତ୍ର କାଏମ ଥିବା ଜଣାପଡିଛି। ସମସ୍ତ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଲଢ଼େଇ ପାଇଁ ସଜବାଜ ହୋଇଉଠିଥିବା ଦେଖିବାକୁ ମିଳିଲାଣି। ରାଜଗାଙ୍ଗପୁର ବିଧାନସଭା ପାଇଁ କଂଗ୍ରେସରୁ ଡ. ରାଜନ ଏକ୍କା, ଭାରତୀୟ ଜନତା ପାର୍ଟିରୁ ନରସିଂହ ମିଞ୍ଜ, ବିଜୁ ଜନତା ଦଳରୁ ମଙ୍ଗଳା କିଷାନ, ଆମ ଆଦମି ପାର୍ଟିରୁ ସଞ୍ଜି ବରୁଆ ଓ ଆନନ୍ଦ ଏକ୍କା, କେକେଡିରୁ ବୁଲୁଙ୍ଗା କୁଜୁର, ଜେଏମଏମରୁ ସୁଶିଲ କୁମାର ଲାକଡା ଓ ସ୍ୱାଧୀନ ତଥା ଅନ୍ୟାନ୍ୟ ପାର୍ଟିରୁ ଅର୍ଥାର ସୋରେଙ୍ଗ, ସିପ୍ରିୟନ ଉଇଲିୟମ କିରୋ, ନେସବିନ ସାମଥ ଏକ୍କା, ପାତ୍ରାସ ଟେଟେ, ଦାଶରଥି ଲାକଡା, ପ୍ରିୟଦର୍ଶନୀ ଭୋଇଙ୍କୁ ମିଶାଇ ୧୭ଜଣ ପ୍ରାର୍ଥୀ ନାମାଙ୍କନର ପତ୍ର ଦାଖଲ କରିଥିଲେ। ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିବା ବେଳେ ଆମ ଆଦମି ପାର୍ଟିରୁ ୨ଜଣ ନାମାଙ୍କନପତ୍ର ଦାଖଲ କରିଥିବାରୁ ସଞ୍ଜିବ ବରୁଆଙ୍କ ନାମାଙ୍କନ ପତ୍ରକୁ ନାକଚ କରାଯାଇଥିଲା। ସେହିପରି କେକେଡି ପ୍ରାର୍ଥୀ ବୁରୁଙ୍ଗା କୁଜୁର ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ଜଳଧର ଟପ୍ପୋଙ୍କ ନାମାଙ୍କନପତ୍ରକୁ ନାକଚ କରାଯାଇଥିଲା। ୧୭ ଜଣଙ୍କ ମଧ୍ୟରୁ ୩ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ ହୋଇ ଯାଇଥିବା ବେଳେ ୧୪ଜଣଙ୍କ କାଏମ ରହିଥିବା ଜଣାପଡ଼ିଛି। ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ରହିଥିବାରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକ ଜଣାପଡିବ। ଯାଞ୍ଚ ପରେ ପ୍ରାର୍ଥୀ ତାଲିକା ପ୍ରକାଶ ହେବା ପରେ ସମସ୍ତ ପ୍ରାର୍ଥୀଙ୍କ ମଧରେ ଉତ୍ସାହ ବଢ଼ିଯାଇଥିବାବେଳେ ସମସ୍ତ ପ୍ରାର୍ଥୀ ନିଜ ନିଜ ପ୍ରଚାର ପାଇଁ ସଜବାଜ ହୋଇପଡିଥିବା ଦେଖିବାକୁ ମିଳିଛି।

### ପ୍ରାର୍ଥିପତ୍ର ଯାଞ୍ଚ : ନାକଚ ହେଲା ୪ ପ୍ରାର୍ଥୀଙ୍କ ନାମାଙ୍କନପତ୍ର

**ସୁନ୍ଦରଗଡ଼, ୨୭।୩ (ଡି.ଏନ୍.ଏ)**

ଆସନ୍ତା ୧୮ରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପରେ ବୁଧବାର ପ୍ରାର୍ଥୀଙ୍କର ନାମାଙ୍କନପତ୍ର ଯାଞ୍ଚ ହୋଇଥିଲା। ନାମାଙ୍କନପତ୍ର ଯାଞ୍ଚବେଳେ ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଦିଲୀପ ସାଏ, ଅନୀଲ ଏକ୍କା, ରଥ ଖାଲକୋ, ବୈକୁଣ୍ଠ ତଡଡିଆଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ସେହିପରି ଏହି ଆସନ ନିମନ୍ତେ ନାମାଙ୍କନପତ୍ର ଦାଖଲ କରିଥିବା କଂଗ୍ରେସ ପ୍ରାର୍ଥୀ ଡା. ପ୍ରଫୁଲ୍ଲ ମାଝିଙ୍କ ୪ସେଟ ନାମାଙ୍କନପତ୍ର ମଧ୍ୟରୁ ଗୋଟିଏ ସେଟରେ ଦସ୍ତଖତ କରି ନ ଥିବା ଯୋଗୁ ଗୋଟିଏ ସେଟ ନାମାଙ୍କନପତ୍ର ମଧ୍ୟ ନାକଚ ହୋଇଥିବା ସୁନ୍ଦରଗଡ ସଦର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଡୋଳାମଣି ପଟେଲ ପ୍ରକାଶ କରିଛନ୍ତି। ଏହି ଆସନ ନିମନ୍ତେ ମୋଟ ୧୩ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ।



ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

**ଭେଡ଼େନ, ୨୭।୩ (ଡ଼ି.ଏନ.ଏ):** ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଭେଡ଼େନ ଥାନା ଚିଚିଣ୍ଡା ଗ୍ରାମର ଜଣେ ଯୁବକଙ୍କ ବୁଧବାର ମୃତ୍ୟୁ ହୋଇଛି । ମୃତକ ହେଲେ ସୁଦାମ ପାଣ୍ଡେ(୩୪) । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମଧ୍ୟାହ୍ନରେ ସୁଦାମ ନଳିଆ ପାଖରେ ଥିବା କ୍ଷେତରୁ ଘାସ କାଟି ବୋହି ଆଣୁଥିବା ବେଳେ ଚାଷଜମି ମଧ୍ୟରେ ଅତି କମ୍ ଉଚ୍ଚତାରେ ଝୁଲୁଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। କମ୍ ଉଚ୍ଚତାରେ ଥିବା ବିଦ୍ୟୁତ ତାର ପରିବର୍ତ୍ତନ କରିବା ପାଇଁ ଚିଚିଣ୍ଡା ଗ୍ରାମବାସୀ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ସେମାନେ କୌଣସି ପଦକ୍ଷେପ ନ ନେବାରୁ ଏପରି ଅଘଟଣ ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରି ମୃତଦେହ ଛାଡି ନ ଥିଲେ । ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବା ପାଇଁ ସେମାନେ ଅଡି ବସିଥିଲେ । ଖବର ପାଇ ଭେଡେନ ଥାନା ଆଇଆଇସି ହେମନ୍ତ ରାଓ, ବିଡିଓ ମୁରଲିଧର ନାୟକ ଏବଂ ବିଦ୍ୟୁତ୍ ବିଭାଗର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ବିଡିଓ ନାୟକ ମୃତକଙ୍କ ପରିବାରକୁ ରେଡକ୍ରସରୁ ୨୦ ହଜାର ଟଙ୍କା ଦେଇଥିଲେ ଏବଂ ବିଦ୍ୟୁତ୍ ବିଭାଗର ଅଧିକାରୀ ୮୦ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡିଥିଲେ ।

# ବରଗଡ଼: ବଦଳୁଛି ସମୀକରଣ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍, ୨୭।୩**

- ଅନ୍ୟ ଦଳ ନେତାଙ୍କୁ ଟାଣୁଛି ବିଜେଡି
- ରାହୁଲଙ୍କ ଘୋଷଣା କଂଗ୍ରେସର ଭରସା
- ଦଳ ଛାଡୁଛନ୍ତି ଭାଜପା ନେତା

ସାଧାରଣ ନିର୍ବାଚନ ପାଇଁ ମତଦାନ ଦିବସ ଯେଭଳି ପାଖେଇ ଆସୁଛି । ରାଜନୈତିକ ସମୀକରଣ ମଧ୍ୟ ବଦଳିବାରେ ଲାଗିଛି। ନେତାଙ୍କ ଦଳ ଡିଆଁଡେଇ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି । ସବୁଦଳ ନିଜ ପଟକୁ ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ନିଜ ପକ୍ଷକୁ ଟାଣିବାରେ ଲାଗିଛି । ପ୍ରାର୍ଥିତ୍ୱକୁ ନେଇ ଦେଖାଯାଇଥିବା ଅସନ୍ତୋଷ ଏଥିପାଇଁ ସହାୟକ ହେଉଛି ।

ଦଳୀୟ ପ୍ରାର୍ଥୀଙ୍କୁ ନେଇ ଜିଲା ବିଜେଡ଼ିରେ କାଁ ଭାଁ ନେତା, କର୍ମୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ଥିଲେ ମଧ ତାହା ଏପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। କୌଣସି ଅସନ୍ତୁଷ୍ଟ ନେତା ମଧ୍ୟ ଏପର୍ଯ୍ୟନ୍ତ ମୁହଁ ଖୋଲି ନାହାନ୍ତି। ଫଳରେ ବିଜେଡ଼ି ଏବେ ଜିଲାର ୫ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସୁବିଧାଜନକ ସ୍ଥିତିରେ ରହିଥିବା ଆଲୋଚନା ହେଉଛି । ତେବେ ଖୋଲାଖୋଲି ନିଜ ଅସନ୍ତୋଷ ପ୍ରକଟ କରୁ ନ ଥିଲେ ମଧ ଦଳର କେତେକ ନେତା, କର୍ମୀ ପ୍ରାର୍ଥୀ ଘୋଷଣା ପୂର୍ବରୁ ଯେଭଳି ତତ୍ପର ଥିଲେ, ଏବେ ସେମାନେ ସେଭଳି ତତ୍ପରତା ପ୍ରକାଶ କରୁନାହାନ୍ତି। ଫଳରେ ନିର୍ବାଚନ ସମୟରେ ଦଳୀୟ ପ୍ରାର୍ଥୀଙ୍କ ଉପରେ ପରୋକ୍ଷରେ ସେମାନଙ୍କ ବିରୋଧୀ ଭୂମିକାକୁ ମଧ୍ୟ ଏଡ଼ାଇ ଦେଇହେଉ ନାହିଁ। ଅନ୍ୟପଟେ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାର ବହୁଚର୍ଚ୍ଚିତ ବିଜେପୁର ବିଧାନସଭା ଆସନରୁ ଲଢୁଥିବା ଯୋଗୁ ତାହା ହିଁ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ମୁହଁକୁ ବନ୍ଦ କରି ଦେଇଛି ବୋଲି ଚର୍ଚ୍ଚା ଚାଲିଛି । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଆସ୍ଥା ରଖି ଆସୁଥିବା ନେତାଙ୍କୁ ସ୍ୱାଗତ କରୁଛୁ । ନବୀନ ବାବୁଙ୍କ ନେତୃତ୍ୱରେ ଅଞ୍ଚଳରେ ଚାଲିଥିବା ବିକାଶ ସେମାନଙ୍କ ଯୋଗଦାନ ଓ ସହଯୋଗରେ ଆହୁରି ଆଗେଇବ । ଦଳରେ କୌଣସି ଅସନ୍ତୋଷ ନାହିଁ ବରଂ ଦଳର ଶକ୍ତି ବୃଦ୍ଧି ପାଇଛି ।

ସେହିପରି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବରଗଡ଼ ଗସ୍ତକୁ ନେଇ କଂଗ୍ରେସ ନେତା, କର୍ମୀ ବେଶ ଉତ୍ସାହିତ ଓ ଉତ୍ଫୁଲ୍ଲିତ ଥିଲେ । ମାତ୍ର ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସ ଶିବିରରେ ଝଡ଼ ସୃଷ୍ଟି ହୋଇଥିଲା। ଦଳର ପୁରୁଖା ନେତା ତଥା ପୂର୍ବତନ ବିଧାୟକ ସାଧୁ ନେପାକ ଟିକେଟ୍‌ରୁ ବଞ୍ଚିତ ହେବା ପରେ ସମର୍ଥକଙ୍କ ସହିତ ଦଳ ଛାଡ଼ି ବିଜେଡ଼ିରେ ସାମିଲ ହେବା ଏଠାରେ ହଟଚମଟ ସୃଷ୍ଟି କରିଥିଲା । ଅନ୍ୟପଟେ ଏଥର ଉଭୟ ବିଧାନସଭା ଓ ଲୋକସଭା ଆସନରୁ ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା କିମ୍ବା ତାଙ୍କ ପୁଅ ସତ୍ୟନାରାୟଣ ଦେବତାଙ୍କୁ ମଧ୍ୟ ପ୍ରାର୍ଥିତ୍ୱର ସୁଯୋଗ ମିଳିନାହିଁ ଏବଂ ପ୍ରାର୍ଥିତ୍ୱକୁ ନେଇ ସେମାନେ ଖୋଲାଖୋଲି ନିଜ ଅସନ୍ତୋଷ ମଧ୍ୟ ଜାହିର କରି ନାହାନ୍ତି । ମାତ୍ର ଟିକେଟ୍‌ରୁ ବଞ୍ଚିତ ହେବା ପରେ ସେମାନଙ୍କ ସମର୍ଥକଙ୍କୁ ନିରାଶ ହେବାକୁ ପଡ଼ିଛି। ଏଭଳିସ୍ଥଳେ ଜିଲା କଂଗ୍ରେସରେ ଛକାପଞ୍ଝା ଲାଗି ରହିଛି । ତେବେ ପଡ଼ୋଶୀ ଛତିଶଗଡ଼ରେ ଭାଜପା ସରକାରକୁ ଗାଦିଚ୍ୟୁତ କରିଥିବା ଯୋଗୁ ବରଗଡ଼ରେ ମଧ୍ୟ ସେଭଳି ପ୍ରଭାବ ଦେଖିବାକୁ ମିଳିବ ବୋଲି କଂଗ୍ରେସ ନେତା, କର୍ମୀ ଆଶା ବାନ୍ଧିଛନ୍ତି । ବରଗଡ଼ ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ଦେବତା କହିଛନ୍ତି, ଦଳରେ କିଛି ଅସନ୍ତୋଷ ନାହିଁ । ଜିଲାରେ ଦଳ ପୂରାପୂରି ମଜବୁତ ସ୍ଥିତିରେ ରହିଛି । ଜିଲାର ସମସ୍ତ ୫ଟି ଯାକ ବିଧାନସଭା ଆସନରେ କଂଗ୍ରେସର ହିଁ ବିଜୟ ହେବ। ଭାଜପା ଓ ବିଜେଡ଼ି ସମ୍ପୂର୍ଣ୍ଣ ମୂଳପୋଛ ହେବ । ରାହୁଲଙ୍କ ଘୋଷଣା ସବୁ ଗାଁ ଗହଳିର ଲୋକଙ୍କୁ ଆକୃଷ୍ଟ କରିଛି । ଗାଁକୁ ଯିବା ପରେ ଏହା ଅନୁଭୂତ ହେଉଛି ।

ଭାଜପା କଥା ବିଚାର କଲେ ବିଜେପୁର ଉପନିର୍ବାଚନ ଭଳି ଏଥର ନିର୍ବାଚନରେ ଦଳର ଅଡୁଆ ବଢ଼ିବାରେ ଲାଗିଛି । ଜଣେ ପରେ ଜଣେ ନେତା ଦଳ ଛାଡ଼ିବାରେ ଲାଗିଛନ୍ତି । ଗତ କିଛିଦିନ ତଳେ ଦଳର ଜିଲା ସାଧାରଣ ସମ୍ପାଦିକା ସଞ୍ଜୁଲତା ଶତପଥୀ ଭାଜପା ଛାଡ଼ିଥିଲେ । ସେହିପରି ବରଗଡ଼ ଲୋକସଭା ଆସନ ପାଇଁ ଆଶାୟୀ ଥିବା ବରିଷ୍ଠ ନେତା ସୁବାଷ ଚୌହାନଙ୍କ ଇସ୍ତଫା ଏବଂ ବିଜେଡ଼ିରେ ଯୋଗଦାନ ଭାଜପାକୁ ବିପର୍ଯ୍ୟୟ ମୁହଁକୁ ଠେଲି ଦେଇଛି । ଭାଜପା ନେତା ଇଂ ଦେବବ୍ରତ ମିଶ୍ର ଏବଂ ସମର୍ଥକ ମଧ୍ୟ ସୁବାଷଙ୍କ ପଥ ଅନୁସରଣ କରିଥିବା ଯୋଗୁ ଜିଲାରେ ଭାଜପା ଭୋଟ୍‌ବ୍ୟାଙ୍କ ପ୍ରଭାବିତ ହୋଇଥିବା ଚର୍ଚ୍ଚା ହେଉଛି। କେବଳ ସେତିକି ନୁହେଁ, ବିଜେପୁର ଆସନ ପାଇଁ ଆଶାୟୀ ଥିବା ଗୋବର୍ଦ୍ଧନ ଭୋଏ, ଗତ ଉପନିର୍ବାଚନର ଦଳୀୟ ପ୍ରାର୍ଥୀ ଅଶୋକ ପାଣିଗ୍ରାହୀ, ଭଟଲି ପାଇଁ ଆଶାୟୀ ଥିବା ସୁଶାନ୍ତ ମିଶ୍ର, ଅତାବିରା ପାଇଁ ଆଶାୟୀ ଥିବା ଉର୍କୁଲୁ ତାଣ୍ଡି ଟିକେଟ୍‌ରୁ ବଞ୍ଚିତ ହୋଇଛନ୍ତି । ଫଳରେ ଏହା ମଧ୍ୟ ଦଳୀୟ ଭୋଟ୍‌ବ୍ୟାଙ୍କକୁ ପ୍ରଭାବିତ କରିବା ଆଶଙ୍କା ରହିଛି । ଜିଲା ଭାଜପା ସଭାପତି ଡା. ଅରୂପାନନ୍ଦ ସାହୁ କହିଛନ୍ତି, କେନ୍ଦ୍ରର ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ନେଇ ଲୋକଙ୍କ ପାଖକୁ ପହଞ୍ଚୁଛୁ । ପୁଣିଥରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦିଙ୍କୁ ଆସୀନ କରିବା ଦରକାର ବୋଲି ଲୋକେ କହୁଛନ୍ତି । ଅନ୍ୟପଟେ ୧୯ବର୍ଷ ଶାସନରେ ରହି ଓଡ଼ିଶା ପ୍ରତି ଅବହେଳା କରିଥିବା ନବୀନ ସରକାର ବିରୋଧରେ ରାଜ୍ୟର ଜନସମାଜ ଜର୍ଜରିତ ହେଲେଣି। ନବୀନ ସରକାର ବଦଳାଇବା ପାଇଁ ମଧ୍ୟ ଲୋକେ ସଙ୍ଗଠିତ ହୋଇ ସାରିଲେଣି। ଦଳରେ ରହିବା, ଛାଡ଼ିବା ନିଜସ୍ୱ ମତ ଏବଂ କେହି ଦଳ ଛାଡ଼ିଲେ ତାହା ଦଳ ପ୍ରତି କୌଣସି ଫରକ ପକାଇବ ନାହିଁ ।

### କେଶରଞ୍ଜନ, ଅଶୋକ ପାଇବେ ଯୁଗ୍ମ ନାଟ୍ୟ ତପସ୍ୱୀ ସମ୍ମାନ

**ପଦ୍ମପୁର, ୨୭।୩ (ଡି.ଏନ.ଏ)**

ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ନିମନ୍ତେ ପଦ୍ମପୁର ଢ଼ୋଲବନ୍ଧ ସ୍ଥିତ ସଚେତନ ହେମା ଅନୁଷ୍ଠାନର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜକୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନର କଳାକାର, ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର କଳାକାର ଉପସ୍ଥିତ ଥିଲେ । ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆସନ୍ତା ୩୦ ଓ ୩୧ ତାରିଖ ଦୁଇ ଦିନ ଧରି ଚାଲିବ। କେଶରଞ୍ଜନ ପଧାନ ଓ ଅଶୋକ ବହିଦାର ଯୁଗ୍ମ ନାଟ୍ୟ ତପସ୍ୱୀ ସମ୍ମାନ, ଲାଲସାହେବ ସାହୁଙ୍କୁ ସଙ୍ଗୀତ ତପସ୍ୱୀ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି କଳା ସଂସ୍କୃତିରେ ବିଭିନ୍ନ ଦିଗରେ କାମ କରିଥିବା ଅକ୍ଷୟ ଭୋଇ, ପ୍ରଦୀପ୍ତ ଦାସ, ମଦନ ସାହୁ, ରାଜେଶ ବହିଦାରଙ୍କୁ ମଧ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । ପ୍ରୋଜେକ୍ଟର ମାଧ୍ୟମରେ ନାଟକର ଫଟୋଚିତ୍ର ଗୁଡିକ ପ୍ରଦର୍ଶନ କରାଯିବ । ପ୍ରଥମ ଦିନରେ ସଚେତନ ହେମାର ନାଟକ 'ମୋର କାଏ ଦୋଷ', ଲୁ ପଦ୍ମପୁରର 'ଇସ୍ତଫା' ଓ 'ସଞ୍ଚାର' ହେବାକୁ ଥିବା ବେଳେ ଦ୍ୱିତୀୟ ଦିନରେ ମାଁ ସିଦ୍ଧେଶ୍ୱରୀ ନାଟ୍ୟ ଅନୁଷ୍ଠାନର 'ଅଭିମନ୍ୟୁର କଥା', ବଏଠା ନାଟ୍ୟ କଳା ପରିଷଦର 'ଡଷ୍ଟବିନ୍' ଓ ସଚେତନ ହେମାର 'କୁନ୍ଦୁଲି ରାଏଜର ଝିଁ' ପରିବେଷଣ ହେବ ବୋଲି ନାଟ୍ୟ ଅନୁଷ୍ଠାନର ପ୍ରତିଷ୍ଠାତା ରାଜକୁମାର ସାହୁ ଜଣାଇଛନ୍ତି ।

## ବାଘଚମଡ଼ା ଜବତ ଘଟଣା: ୩ ଅଭିଯୁକ୍ତ ଗିରଫ

**ଲାଞ୍ଜିଗଡ଼, ୨୭।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ନିକଟସ୍ଥ ଧଅଁରାଭଟ୍ଟାଠାରେ ଗତ ସୋମବାର ବିଳମ୍ବିତ ରାତିରେ ଯାନବାହନ ଚେକିଂ ବେଳେ ପୋଲିସ ବାଘଚମଡ଼ା ଜବତ କରିଥିଲା । ଏହି ଘଟଣାରେ ବୁଧବାର ୩ ଜଣଙ୍କୁ ବନ ବିଭାଗ ଗିରଫ କରିଛି । ଗିରଫ ୩ ଅଭିଯୁକ୍ତ ହେଲେ ରାୟଗଡା ଜିଲା ଅମ୍ବାଦୋଳାର ଲୋକନାଥ ବିଶ୍ୱାଳ, ସନ୍ତୋଷ ସେନାପତି ଓ ଲାଞ୍ଜିଗଡ଼ ବ୍ଲକ ଲଙ୍ଗଳବେଡାର ସୁବାସ ମାଝି । ଗୁରୁବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବିଶ୍ୱନାଥପୁର ରେଞ୍ଜର ଲକ୍ଷ୍ୟ ମହାନନ୍ଦ ସୂଚନା ଦେଇଛନ୍ତି । ନିର୍ବାଚନକୁ ଆଖି ଆଗରେ ରଖି ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ରେତ ଜଳସେଚନ ପ୍ରକଳ୍ପ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଗୋବିନ୍ଦ ଚନ୍ଦ୍ର ମାଝି ଓ ବିଶ୍ୱନାଥପୁର ଏସ୍‌ଆଇ ଆର.ଏସ୍.ବାଗ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଯାନବାହନ ଚେକିଂ କରୁଥିଲେ । ଏହି ସମୟରେ ଏକ ବାଇକ୍ (ନଂ.ଓଆର-୦୮ଏଫ୍-୦୯୯୦)ଯୋଗେ ଅମ୍ବାଦୋଳାରୁ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ନିକଟସ୍ଥ ଧଅଁରାଭଟ୍ଟା ଆସୁଥିବା ଦୁଇଜଣଙ୍କୁ ପୋଲିସ ଅଟକାଇଥିଲା । ଅନ୍ଧାରର ସୁଯୋଗ ନେଇ ସେମାନେ କୌଶଳ କ୍ରମେ ବାଇକ୍ ଓ ଅଖାବସ୍ତାରେ ଥିବା ବାଘଚମଡ଼ାକୁ ଛାଡି ଦୌଡି ପଳାଇଥିଲେ। ପୋଲିସ କର୍ମଚାରୀମାନେ ସେମାନଙ୍କୁ ପିଛା କରିଥିଲେ ହେଁ ଧରିପାରି ନ ଥିଲେ। ସେହି ବାଇକ୍ ବେଣୁଧର ବିଶ୍ୱାଳଙ୍କ ନାଁରେ ଥିବା ଜଣାପଡିଥିଲା । ପରେ ବାଇକ୍ ଓ ବାଘଚମଡ଼ା ଜବତ କରି ବିଶ୍ୱନାଥପୁର ଆଇଆଇସି କାହ୍ନୁଚରଣ ସ୍ୱାଇଁ ରେଞ୍ଜର ମହାନନ୍ଦଙ୍କୁ ହସ୍ତାନ୍ତର କରିଥିଲେ । ପରେ ବିଶ୍ୱନାଥପୁର ବନ ବିଭାଗ ତଦନ୍ତ ଆରମ୍ଭ କରିଥିଲା । ପ୍ରଥମେ ବାଇକ୍ ମାଲିକ ବେଣୁଧର ବିଶ୍ୱାଳଙ୍କୁ ଘରୁ ଉଠାଇ ଆଣି ପଚରାଉଚରା କରିବା ପରେ ସବୁ ସତ୍ୟ ସାମ୍ନାକୁ ଆସିଥିଲା । ବେଣୁଧର ବିଶ୍ୱାଳଙ୍କ ଭାଇ ଲୋକନାଥ କୌଣସି କାମ ଦେଖାଇ ବାଇକ୍ ମାଗି ତାଙ୍କ ସାଙ୍ଗ ସନ୍ତୋଷଙ୍କ ସହ ବାଘଚମଡ଼ା ଧରି ଲଙ୍ଗଳବେଡାର ସୁବାସଙ୍କୁ ଦେବା ପାଇଁ ଯାଉଥିଲେ। ଏହି ସମୟରେ ଧଅଁରାଭଟ୍ଟା ନିକଟରେ ପୋଲିସ ଚେକିଂ ଦେଖି ବାଘଚମଡ଼ା ଓ ବାଇକ୍ ଛାଡି ପଳେଇଥିଲେ। ବିଶ୍ୱନାଥପୁର ରେଞ୍ଜର ଲକ୍ଷ୍ୟ ମହାନନ୍ଦଙ୍କ କହିବା ଅନୁସାରେ କିଛିଦିନ ତଳେ ଲୋକନାଥ ଓ ସନ୍ତୋଷ ରାୟଗଡା ଫରେଷ୍ଟ ଡିଭିଜନର ମାଣ୍ଡୁରା ଗାଁର ଜଣେ ଶିକାରୀଠାରୁ ୩ ହଜାର ଟଙ୍କା ଦେଇ ଏହି ବାଘଚମଡ଼ା କିଣିଥିଲେ । ଏହାକୁ ଅଧିକ ଦାମରେ ବିକ୍ରି କରିବା ପାଇଁ ଲଙ୍ଗଳବେଡାର ସୁବାସଙ୍କ ସହିତ ଯୋଗାଯୋଗ କରିଥିଲେ। ସୁବାସଙ୍କ ପାଖକୁ ଏହି ବାଘଚମଡ଼ା ନେବା ପାଇଁ ଯାଉଥିବା ବେଳେ ପୋଲିସ ହାବୁଡରେ ପଡି ଖସି ପଳାଇଥିଲେ । ଏହାର ଅଧିକ ତଦନ୍ତର ଆବଶ୍ୟକତା ଅଛି । ଆହୁରି ଅନେକ ଖୋଳତାଡ ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ଓ ଏଥିରେ ଜଡିତ ଥିବା ସମସ୍ତଙ୍କୁ ଗିରଫ କରାଯିବ ବୋଲି ରେଞ୍ଜର ମହାନନ୍ଦ ସୂଚନା ଦେଇଛନ୍ତି ।



ଗିରଫ ୩ ଅଭିଯୁକ୍ତ ।

## ନିର୍ବାଚନୀ ପ୍ରଚାରରେ ବାହାରିଲେ ନେତା

**ବରଗଡ଼ ଅଫିସ୍, ୨୭।୩**

ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ଦାଖଲର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ସରିଛି । ଏହାପରେ ଦଳୀୟ ପ୍ରାର୍ଥୀ ଓ ନେତାମାନେ ପ୍ରଚାରରେ ବାହାରିଛନ୍ତି । ଗାଁ ଗହଳିକୁ ଯାଇ ସେମାନେ ନିଜ ଦଳ ସପକ୍ଷରେ ଭୋଟ୍ ନିବେଦନ କରୁଛନ୍ତି । ଏଥିପାଇଁ ବିଭିନ୍ନ ସ୍ଥାନରେ ସଭା, ସମିତି ମଧ୍ୟ କରାଯାଉଛି । ବୁଧବାର ବରଗଡ଼ ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ଦେବତା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମକୁ ଯାଇଥିଲେ । ତାଙ୍କ ସହିତ ଦଳର ଅତାବିରା ବିଧାନସଭା ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ ମଧ୍ୟ ଥିଲେ। ଏହି ନିର୍ବାଚନ ମଣ୍ଡଳୀର ଭେଡ଼େନ ବ୍ଲକ ଅନ୍ତର୍ଗତ ମାନପୁର ସମେତ ବିଭିନ୍ନ ଅଞ୍ଚଳକୁ ଯାଇ ଭୋଟ୍ ପାଇଁ ନିବେଦନ କରିଥିଲେ । ତାଙ୍କ ସହିତ ଯୁବନେତା ଆନନ୍ଦ ପ୍ରଧାନ, ରାକେଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବରଗଡ଼ ଲୋକସଭା ଆସନର ବିଜେଡ଼ି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଚାର ପାଇଁ ତାଙ୍କ ବଡ଼ଭାଇ ପ୍ରଫୁଲ୍ଲ ଆଚାର୍ଯ୍ୟ ଭେଡ଼େନକୁ ପହଞ୍ଚିଥିଲେ । ସେଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ଉଦବୋଧନ ଦେବା ସହିତ ସମସ୍ତେ ଏକଜୁଟ୍ ହୋଇ ପ୍ରସନ୍ନଙ୍କୁ ବହୁ ଭୋଟ୍ ବ୍ୟବଧାନରେ ଜିତାଇବା ପାଇଁ ସେ ନିବେଦନ କରିଥିଲେ । ଏହି କର୍ମୀ ସମ୍ମିଳନୀରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ କବିସୂର୍ଯ୍ୟ ପୁରୋହିତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବ ଖମାରୀ, ଯୁବନେତା ସମୀର ଦେହେରୀ, ଗୌର ଦନ୍ତା, ଦିଲୀପ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହିତ ସେ ଅଏଁଳାପାଲି ପଞ୍ଚାୟତ ଅନ୍ତର୍ଗତ ଭୁବନପାଲି ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହରେ ଯୋଗଦେବା ସହିତ ବରପଦର, କଟାପାଲି ଆଦି ଅଞ୍ଚଳକୁ ଯାଇ ଦଳୀୟ ପ୍ରଚାର କରିଥିଲେ ।





ଭେଡ଼େନ ଅଞ୍ଚଳରେ ପ୍ରସନ୍ନଙ୍କ ପାଇଁ ତାଙ୍କ ବଡ଼ଭାଇ ପ୍ରଫୁଲ୍ଲ ଆଚାର୍ଯ୍ୟଙ୍କ ପ୍ରଚାର(ବାମ) । ଭେଡ଼େନ ଅଞ୍ଚଳରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ।

## ଯାଞ୍ଚରେ ୪ପ୍ରାର୍ଥୀଙ୍କ ନାମାଙ୍କନ ନାକଚ୍

**ବରଗଡ଼ ଅଫିସ୍, ୨୭।୩**

ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ବୁଧବାର ଯାଞ୍ଚ କରାଯାଇଥିଲା । ଯାଞ୍ଚବେଳେ ବିଭିନ୍ନ କାରଣରୁ ଉଭୟ ବରଗଡ଼ ଲୋକସଭା ଏବଂ ବରଗଡ଼ ବିଧାନସଭା ଆସନ ପାଇଁ ନାମାଙ୍କନ ଦାଖଲ କରିଥିବା ୨ଜଣ ଲେଖାଏଁ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି । ସେମାନଙ୍କ ମଧ୍ୟରେ ବରଗଡ଼ ଲୋକସଭା ଆସନ ପାଇଁ ନାମାଙ୍କନ ଦାଖଲ କରିଥିବା ରାମନାରାୟଣ ପାଢ଼ୀ, ବ୍ରଜବନ୍ଧୁ ଭୋସାଗର ଏବଂ ବରଗଡ଼ ବିଧାନସଭା ଆସନ ପାଇଁ ନାମାଙ୍କନ ଦାଖଲ କରିଥିବା ଭକ୍ତ ବିନୋଦ ବାବା ଓ ଜୟଶଙ୍କର ସିହ୍ନା ରହିଛନ୍ତି । ଅନ୍ୟପଟେ ଅତାବିରା, ବିଜେପୁର, ଭଟଲି ଏବଂ ପଦ୍ମପୁର ଆସନ ପାଇଁ ନାମାଙ୍କନ ଦାଖଲ କରିଥିବା ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ୍ ରହିଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି । ଏହି କ୍ରମରେ ପ୍ରାର୍ଥିପତ୍ର କାଏମ ରହିଥିବା ପ୍ରାର୍ଥୀଙ୍କ ମଧ୍ୟରେ ବରଗଡ଼ ଲୋକସଭା ଆସନରୁ କଂଗ୍ରେସର ପ୍ରଦୀପ ଦେବତା, ବିଜେଡ଼ିର ପ୍ରସନ୍ନ ଆଚାର୍ଯ୍ୟ, ଭାଜପାର ସୁରେଶ ପୂଜାରୀ, ବିଏସପିର କୌଶିକ ସୁନା, ପଶ୍ଚିମାଞ୍ଚଳ ବିକାଶ ପାର୍ଟିର କୁଳମଣି ଉର୍ମା ଏବଂ ସ୍ୱାଧୀନ ପ୍ରାର୍ଥୀ ମହମ୍ମଦ ନିଜାମୁଦ୍ଦିନ ରହିଛନ୍ତି । ସେହିପରି ବରଗଡ଼ ବିଧାନସଭା ଆସନରେ ବିଜେଡ଼ିର ଦେବେଶ ଆଚାର୍ଯ୍ୟ, କଂଗ୍ରେସର ନିପନ କୁମାର ଦାଶ, ଭାଜପାର ଅଶ୍ୱିନୀ ଷଡ଼ଙ୍ଗୀ, ବିଏସପିର କୌସ୍ତୁଭ ବୁଦ୍ଧିଆ, ଅତାବିରା ବିଧାନସଭା ଆସନରେ କଂଗ୍ରେସର ନିହାର ରଞ୍ଜନ ମହାନନ୍ଦ, ଭାଜପାର ମିଳନ ସେଠ, ବିଜେଡ଼ିର ସ୍ନେହାଙ୍ଗିନୀ ଛୁରିଆ, ବିଏସପିର ରବିନ୍ଦ୍ର ମେଘ ଏବଂ ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ଲକ୍ଷ୍ମଣ କୁମାର ଭୋଇଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ଭଟଲି ବିଧାନସଭା ଆସନରେ ବିଜେଡ଼ିର ସୁଶାନ୍ତ ସିଂ, ଭାଜପାର ଇରାସିସ୍ ଆଚାର୍ଯ୍ୟ, କଂଗ୍ରେସର ସରୋଜ କୁମାର ମହାପାତ୍ର, ବିଏସପିର ନାରାୟଣ ଭେସ୍ରା, ସମତାକ୍ରାନ୍ତି ଦଳର ଧନପତି ସାହୁ, ବିଜେପୁର ଆସନରେ ବିଜେଡ଼ିର ନବୀନ ପଟ୍ଟନାୟକ, କଂଗ୍ରେସର ରିପୁନାଥ ସେଠ, ଭାଜପାର ସନତ କୁମାର ଗଡ଼ତିଆ, ବିଏସପିର ଅଶେଶକ କୁମାର କଲେତ, ସ୍ୱାଧୀନରେ ବିରେନ୍ଦ୍ର କୁମାର ବାଗ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ସେହିପରି ପଦ୍ମପୁର ଆସନରେ ଭାଜପାର ପ୍ରଦୀପ ପୁରୋହିତ, ବିଜେଡ଼ିର ବିଜୟ ରଞ୍ଜନ ସିଂ ବରିହା, ବିଏସପିର ଟଙ୍କଧର କଣ୍ଟା ଏବଂ ସ୍ୱାଧୀନରେ ରାଜୁ ଘିବେଲାଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ଜଣାପଡ଼ିଛି ।

## ପତ୍ରାପାଲିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଜାମଟିକ୍ରା, ୨୭।୩ (ଡି.ଏନ.ଏ)**

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ପତ୍ରାପାଲି ଗ୍ରାମରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି । ପତ୍ରାପାଲିରୁ ଅତାବିରା ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଲୋକେ ଅପରିଷ୍କାର କରୁଥିବାରୁ ପରିବେଶ ଦୂଷିତ ହେଉଛି । ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ସଚେତନତା ଅଭାବରୁ ଏ ଅଞ୍ଚଳରେ ସରକାରୀ ଯୋଜନା ପ୍ରହସନ ପାଲଟିଥିବା ଆଲୋଚନା ହେଉଛି । ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଲୋକେ ଦୁର୍ଗନ୍ଧକୁ ସହ୍ୟ କରି ନ ପାରି ନାକ ଓ ପାଟିରେ କପଡା ଢ଼ାଙ୍କି ଯାଉଛନ୍ତି । କେତେକ ଲୋକ ପାଇଖାନା ଥିଲେ ମଧ ସଚେତନତା ଅଭାବରୁ ତାହା ବ୍ୟବହାର କରୁନାହାନ୍ତି। ଫଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏ ସମ୍ପର୍କରେ ବୁଗବୁଗା ସରପଞ୍ଚ ପୁଷ୍ପକାନ୍ତି ସେଠ କୁହନ୍ତି, ଆମ ପଞ୍ଚାୟତରେ ପରିମଳ ବ୍ୟବସ୍ଥା ଧୀରେ ଧୀରେ ସୁଧୁରିଛି ।

### ଖବରଦାତାଙ୍କ ପିତୃ ବିୟୋଗ



**ଲଖନପୁର, ୨୭।୩(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଧରିତ୍ରୀ ଖବରଦାତା ପ୍ରଭଞ୍ଜନ ମିଶ୍ରଙ୍କ ବାପା ରବୀନ୍ଦ୍ର ମିଶ୍ରଙ୍କ ବୁଧବାର ପରଲୋକ ହୋଇଯାଇଛି । ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା । କିଛିଦିନ ହେଲା ସେ ଯକୃତ ରୋଗରେ ପୀଡିତ ଥିଲେ। ଶୁକ୍ରବାର ଗୁରୁତର ହୋଇପଡିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବୁଧବାର ସକାଳ ସାଢ଼େ ୮ଟାରେ ତାଙ୍କର ପରଲୋକ ଘଟିଛି । ଭୁବନେଶ୍ୱରରୁ ତାଙ୍କ ମରଶରୀର ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ୍ ତୁରୁମୁ ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ମରଶରୀର ନିକଟରେ ସ୍ତ୍ରୀ ସବିତା, ବଡପୁଅ ଜ୍ୟୋତିରଞ୍ଜନ, ସାନପୁଅ ପ୍ରଭଞ୍ଜନ, ଝିଅ ସାଗରିକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଭତ୍ତାରୁ ବଁଚିତ ୮୦ ବଛରିଆ ବୁରୁଧି ମହିଲା

**ଜାମଟିକ୍ରା, ୨୭।୩ (ଡି.ଏନ.ଏ):**

କେନ୍ଦ୍ର ଆର ରାଏଜ ସରକାର ଅସାହା, ନିସାହା, ବିଧବା, ଭିନ୍ନକ୍ଷମ, ଦୁଖି ଗରିବ୍‌କର ଲାଗି ଭତା, ଆବାସ ଯୋଜନା କରି କୋଟି କୋଟି ଟଁକା ସାରୁଛନ୍। ହେଲେ ବହୁତ ଜାଗାରେ ଇ ମହତ୍ ଯୋଜନାର ସୁଫଲ ହକ୍‌ଦାର ହିତାଧିକାରୀକର ପାସେ ପୁହୁଁଚି ନାଇଁପାରବାର। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଅତାବିରା ବ୍ଲକ କୁଲୁଣ୍ଡା ପଁଚେତର କୁଲୁଣ୍ଡା ଆନ୍ଧ୍ରପଡ଼ାରେ। ଗାଁର ନିସାହା ବିଧବା ଜି.ଏଙ୍କଟରାମା(୮୦)। ଆପ୍‌ନେ ମରବାର ଆଏଜ୍‌କେ ୧୫ ବଛର ବିତିଗଲାନ। ଗୁଟେବେଲି ପୁଓ ଉନିଆଁଆଡ଼େ ରହୁଛନ୍। ଏନ୍‌ତାଥି ନିସାହା ବିଧବା ଝନ୍‌କ ତାକର ଭଂଗା ଦଦରା କୁରିଆରେ ରହୁଛନ୍। ସେନ୍‌ତା ବୁଢ଼ାବୁଢ଼ି ଭତାର ଲାଗି ପଁଚେତରେ ୫ ଥର ଆବେଦନ କରି ନିରାଶ ହେଇଛନ୍। ସରକାରୀ ଯୋଜନାରେ ପକାଘର ଖଁଡ଼େ ଆର ଭତାର ଲାଗି ସେ ବାରବାର ସରପଁଚ୍‌ନୁ ମୂଳ କରି ବ୍ଲକ ପରଶାସନକେ ଗୁହାରି କରି ନିରାଶ ହେଇଛନ୍। ଏହେଦେ ତାହାକୁ ମିଲୁଥିବାର ସରକାରୀ ସାହାଯ୍ କହେଲେ ରାଶନ କାର୍ଡରେ ମାସିକ ୫ କେ.ଜି. ଚାଉଲ ନ ସାହାଭରସା। ଇ ବାବ୍‌ଦେ ନିସାହା ବିଧବା ଜି.ଏଙ୍କଟରାମାକୁଁ ପଚରାଲାରୁ ଭତା ଆର ସରକାରୀ ଯୋଜନାରେ ଘରଖଁଡ଼େ ଲାଗି ପଁଚେତ୍‌ନୁ ମୂଳ କରି ବ୍ଲକ ପରଶାସନ ତକ୍ ଗୁହାରି କରିଛେଁ। ହେଲେ କେହି ମୋର କଥା ନାଇଁ ଶୁନବାର, ମୁଇଁ ମଲେ ଭାଲ ଭତା ଆର ଘର ମିଲବା ବଲି ସେ ମନ୍ ଦୁଖି କରି କହିଥିଲେ। ସେନ୍‌ତା ଇ ବାବ୍‌ଦେ ଥାନୀୟ କୁଲୁଣ୍ଡା ସରପଁଚ୍ ସବିତା ଦୀପକୁଁ ପଚରାଲାରୁ ଭତା ଫର୍ମ ପଠାଯାଇଛେ, ବହୁତ ଜଲଦି ତାହାକୁ ଭତା ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ନିସାହା ବିଧବା ଜି.ଏଙ୍କଟରାମା।

### ଅଚଲ ହେଇ ପଡ଼ିଛେ ସ୍କୁଲର ନଲ୍‌ଚୁଆଁ

## ପିଇଲା ପାଏନ୍ ଲାଗି ଛାତ୍ରୀଛାତ୍ର ଉହକ୍‌ବିକଲ

**ଜାମଟିକ୍ରା, ୨୭।୩ (ଡି.ଏନ.ଏ)**

ଖରାଦିନ ଆଏବାର ଆଗ୍‌ରୁ ଥାନୀୟ ପରଶାସନ ଭିନେ ଭିନେ ସମସିଆର ସାମନା କରବାର ଲାଗି ସବୁବେଲେ ସଜାଗ ହେଇ ରହୁଛେ। ମୁଖିଆ ହିସାବେ ଗାଁଗଁଲିରୁ ସହର ତକ୍ ଥିବାର ନଲ୍‌ଚୁଆଁମାନକର ମରାମତି, ପାଏନ୍ ପ୍ରକଳ୍ପର ମରାମତି ଉପରେ ଗୁରୁତ୍ ଦେସି। ସେନ୍‌ତା ଖରାଦିନେ ଗାଁଗଁଲିରେ ପଁଚେତ୍ ତରଫୁ ଆର ସହରମାନକେ ଏନ୍‌ଏସି, ମୁନିସିପାଲିଟି ଲନ୍‌ଚୁଆଁର ମରାମତି କରାବାର ସଂଗେ ଛକ୍‌ମାନକେ ପାଏନ୍‌ଛତର ଖୁଲବାର ବେବସ୍‌ତା କରୁଛନ୍। ହେଲେ ଅନେକ ଜାଗାରେ ବଛର ବଛର, ମାସ୍‌ମଏନା ନଲ୍‌ଚୁଆଁ ଅଚଲ୍ ହେଇପଡ଼ିଥିଲେ ବି ବିଭାଗୀୟ କତ୍ତୁରପକ୍ଷ ଦୁରୁଷ୍‌ଟି ନାଇଁଦେବାର। ଯେନ୍‌ଥିରଲାଗି ଥାନୀୟ ବାସିନ୍ଦା ପିଇଲା ପାଏନ୍ ଲାଗି ଗୁଲଗୁଲା ହେଉଛନ୍। ସେନ୍‌ତା ଖରାଦିନ୍ ଲାଗି ଆଏବାର ଏପ୍ରିଲ ୨ ତାରିଖ୍‌ରୁ ସ୍କୁଲମାନକେ ସଖାଲପଢ଼ା ହେବା, ସରକାରକଁର ନିରଦେଶ ହିସାବେ ସ୍କୁଲମାନକେ ଥିବାର ନଲ୍‌ଚୁଆଁ ସଚଲ କି ଅଚଲ ଦେଖି ତାର ବେବସ୍‌ତା କରବାକେ ନିରଦେଶ ଦେଇଛନ୍। ହେଲେ ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ ଜାମଟିକ୍ରାରେ ସରକାରୀ ନିୟମର ସବୁ ଉଲଟିଆ ଦେଖିବାକେ ମିଲିଛେ। ଜାମଟିକ୍ରାର ଗାନ୍ଧୀ ଏମ୍‌ଇ ସ୍କୁଲ ପରିସରରେ ଥିବାର ନଲ୍‌ଚୁଆଁଟା ଆଏଜ୍‌କେ ୨ ମାସ୍ ହେଲା ଅଚଲ ହେଇ ପଡ଼ିରହିଛେ। ସୂଚନା ଅନ୍‌ସାରେ ସ୍କୁଲ କତ୍ତୁରପକ୍ଷ, ଅଭିଭାବକମାନେ ଇ ନଲ୍‌ଚୁଆଁ ସଜାବାକେ ପଁଚେତ୍ କତ୍ତୁରପକ୍ଷକୁଁ ବାରବାର ଅନୁରୋଧ କରି ନିରାଶ ହେଇଛନ୍। ଯେନ୍‌ଥିରଲାଗି ସ୍କୁଲର ଛୋଟ ଛୋଟ ଛୁଆମାନେ ପିଇଲା ପାଏନ୍ ଲାଗି ବଡ଼ା ହଇରାନ ହରକତ ହେଉଥିବାର ଅଭିଯୋଗ ହେଇଛେ। ସ୍କୁଲ ପରିସରରେ ଥିବାର ଇ ଅଚଲ ନଲ୍‌ଚୁଆଁକେ ସଚଲ କରବାର ଦିଗେ ଥାନୀୟ ପରଶାସନ ଦୁରୁଷ୍‌ଟି ଦେବାକେ ଅଭିଭାବକ ଆର ଗାଁବାସୀ ଦାବି କରିଛନ୍।



ସ୍କୁଲ ପରିସରରେ ଅଚଲ ହେଇ ପଡ଼ିଥିବାର ନଲ୍‌ଚୁଆଁ।


କରୀନା

## ଆଇ ଆମ୍ ସରି

ସୁଶାନ୍ତ ସିଂ ରାଜପୁତ ଏବଂ ସାରା ଅଲ୍ଲୀ ଖାଁଙ୍କ ଭିତରେ ପୂରା ଦମ୍‌ରେ ଇଲୁ ଇଲୁ ଚାଲିଛି ବୋଲି ଆଲୋଚନା ହେଉଛି। ହେଲେ ଏଭଳି କଥାକୁ ଦୁହେଁ ମାନିବାକୁ ନାରାଜ। 'ଆମେ ଦୁହେଁ ବନ୍ଧୁ' ବୋଲି ସଫେଇ ଦେଉଛନ୍ତି। ନିକଟରେ ଦୁହିଁଙ୍କ ଭିତରେ କୁଆଡ଼େ ମନାନ୍ତର ହୋଇଥିଲା। ଆଉ ଅଭିମାନୀ ସାରାଙ୍କୁ ବୁଝାଇବାକୁ ସୁଶାନ୍ତ ଲାଗି ପଡ଼ିଥିଲେ। ଶେଷରେ ନିଜ ପଟରୁ ସୁଶାନ୍ତ 'ଆଇ ଆମ୍ ସରି' କହିବା ପରେ ସାରାଙ୍କ ମୁହଁରେ ହସର ଝଲକ ଦେଖିବାକୁ ମିଳିଥିଲା। ହେଲେ କ'ଣ ପାଇଁ ସାରା ଅଭିମାନ କରିଥିଲେ ଜାଣିବେନି ? ସୁଶାନ୍ତ ନିକଟରେ ନିଜ ସୋସିଆଲ ମିଡିଆରେ ଦୁହିଁଙ୍କର ଏକ ଫଟୋ ପୋଷ୍ଟ କରିଥିଲେ। ହେଲେ ଆଉ ଏକ ଭଲ ଫଟୋ ପୋଷ୍ଟ କରିବାକୁ ସାରା ଚାହୁଁଥିଲେ। ବାସ୍, ଏଇଥିପାଇଁ ସେ ଟିକେ ଅଭିମାନ କରିଥିଲେ। ଶେଷରେ ସୁଶାନ୍ତ ତାଙ୍କୁ ମନାଇବାରେ ସକ୍ଷମ ହୋଇଥିଲେ।


ସୁଶାନ୍ତ

## କଷ୍ଟ୍ୟୁମ ଦାମ୍ ଦେଢ଼ କୋଟି

ଗୋଟିଏ କଷ୍ଟ୍ୟୁମର ଦାମ ଦେଢ଼ କୋଟି! ହୁଏତ କେତେକେ ଏହାକୁ ସହଜରେ ହଜମ କରି ନ ପାରନ୍ତି। ହେଲେ କଥାଟି ସତ। 'ହିରୋଇନ୍' ସିନେମାର ନାୟିକା କରୀନା ଏଭଳି ଏକ ଦାମୀ କଷ୍ଟ୍ୟୁମ ପିନ୍ଧିଥିଲେ, ଯାହାକୁ ନେଇ ସେତେବେଳେ ବେଶ୍ ଆଲୋଚନା ହୋଇଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ ୧୩୦ ହଳ କଷ୍ଟ୍ୟୁମ ପିନ୍ଧିଥିଲେ, ଯାହାକୁ ଏକ ରେକର୍ଡ ଭାବରେ ଗ୍ରହଣ କରାଯାଇଛି। ଏଥିରୁ କେତେଗୁଡ଼ିଏ କଷ୍ଟ୍ୟୁମ ବିଦେଶରୁ କିଣାଯାଇଥିଲା। ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ମଧୁର ଭଣ୍ଡାରକର।

## ତଥାପି ରାଗିଛନ୍ତି ସଲମାନ

ସଲମାନ ଏବଂ ରଣବୀର କପୁରଙ୍କ ମଧ୍ୟରେ ସମ୍ପର୍କ କେତେ ତିକ୍ତ ତାହା ନ କହିବା ଭଲ। ସଲମାନଙ୍କ ସହ ବ୍ରେକ୍ ଅପ୍ ପରେ ରଣବୀରଙ୍କ ସହ ସମ୍ପର୍କ ଯୋଡ଼ିଥିଲେ କ୍ୟାଟ୍ରିନା। ସେତେବେଳଠାରୁ ଦୁହିଁଙ୍କ ଭିତରେ ସମ୍ପର୍କ ଖଟା ହୋଇଯାଇଥିଲା। ଶୁଣିବାକୁ ମିଳୁଛି ଯେ ଏବେ ମଧ୍ୟ ସଲମାନ-ରଣବୀର ସମ୍ପର୍କ ପୂର୍ବପରି ରହିଛି। ଏ ସମ୍ପର୍କରେ ସଫେଇ ଦେଇ ରଣବୀର କହନ୍ତି, 'ମୋତେ ଏଭଳି ପ୍ରଶ୍ନ ନ ପଚାରିଲେ ଭଲ ହେବ।' ସେପଟେ ଏ ନେଇ କିଛି କହିବାକୁ ନାରାଜ ସଲମାନ। ଏବେ ତ ଆଲିୟାଙ୍କ ସହ ପ୍ରେମରେ ମସଗୁଲ୍ ରଣବୀର। ତେବେ ସଲମାନଙ୍କ ରାଗ କେବେ ଥଣ୍ଡା ହେଉଛି ତାହା ଦେଖିବାକୁ ବାକି ରହିଲା।

## ରଜନୀଙ୍କ ହାଫ ସେଞ୍ଚୁରି

ସଂଳାପକାର ତଥା ଗୀତିକାର ଡ. ରଜନୀ ରଞ୍ଜନ। ନିକଟରେ ସେ ଓଲିଉଡ୍‌ରେ ଆଉ ଏକ ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ୫୦ଟି ଓଡ଼ିଆ ସିନେମାର ସଂଳାପ ରଚନା କରି ସେ ନିଜ ସଫଳତା ଇତିହାସରେ ଯୋଡ଼ିଛନ୍ତି ଆଉ ଏକ ଫର୍ଦ୍ଦ। ଆଉ ଏହି ହାଫ୍ ସେଞ୍ଚୁରି ଚଳଚ୍ଚିତ୍ରଟି ହେଲା 'ଚାମ୍ପିୟନ'। ପେସା ଅଧ୍ୟାପନା ହୋଇଥିଲେ



ମଧ୍ୟ ଏ ପର୍ଯ୍ୟନ୍ତ ସେ ସଂଳାପ ଲେଖିବାରେ ବେଶ୍ ସକ୍ରିୟ ଅଛନ୍ତି। 'ମୋ ଭାଇ ଜଗା'ରୁ ଆରମ୍ଭ ହୋଇଥିଲା ତାଙ୍କର ସଂଳାପକାର କ୍ୟାରିୟର। ଆଉ ତା'ପରେ ସେ 'ନନ୍ଦିନୀ ଆଇ ଲଭ୍ ୟୁ', 'ପ୍ରେମ୍ ରୋଗୀ', 'ଡ୍ରିମ୍ ଗାର୍ଲ', 'ମିତରେ ମିତ', 'ଲଭ୍ ଡଟ୍ କମ୍', 'ଲୋଫର', 'ସଞ୍ଜୁ ଆଉ ସଞ୍ଜନା', 'ମୁଁ ପ୍ରେମୀ ମୁଁ ପାଗଳ', 'ଗୁଡ୍‌ବୟ', 'ହେଲା ମତେ ପ୍ରେମ ଜର', 'ପିଲାଟା ବିଗିଡ଼ି ଗଲା', 'ଜୟ ଜଗନ୍ନାଥ', 'ଝିଅଟା ବିଗିଡ଼ି ଗଲା', 'ବାଏ ବାଏ ଦୁବାଇ', 'ଫୋର ଇଡିୟଟ୍‌ସ', 'ଯୋଗୀ', 'ତୁ ମୋ ସୁନା ଚଢ଼େଇ', 'ପ୍ରେମ ପାଇଁ ମହାଭାରତ' ପରି ଚଳଚ୍ଚିତ୍ରର ସଂଳାପ ରଚନା କରି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛନ୍ତି। 'ସଂଳାପ ରଚନା କରିବା ସମୟରେ ମୁଁ ଦର୍ଶକଙ୍କ ମାନସିକତାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ଅନ୍ୟପକ୍ଷରେ ମୁଁ ରଚନା କରିଥିବା ସଂଳାପରେ ସମାଜ ପାଇଁ ଅନେକ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି ଏବଂ କରୁଥିବି ମଧ୍ୟ ବୋଲି କହନ୍ତି ରଜନୀ। ଏହାବ୍ୟତୀତ ସେ 'ସଂଘର୍ଷ', 'ବୋଉ', 'ବାହୁଡ଼ିବେ ମୋ ଜଗା ବଳିଆ' ପରି କେତୋଟି ଚଳଚ୍ଚିତ୍ରର କେବଳ ଗୀତ ରଚନା କରିଛନ୍ତି। ତାଙ୍କ ଚର୍ଚ୍ଚିତ ଗୀତଗୁଡ଼ିକ ମଧ୍ୟରେ ରହିଛି 'ମଲ୍ଲି ଫୁଲ ତିନ୍ ତିନ୍‌ଟା (ବାହୁଡ଼ିବେ ମୋ ଜଗା ବଳିଆ), ଜୀବନର ମାନେ ଯଦି ଜିଇବା ହୁଏ (ହସିବ ପୁଣି ମୋ ସୁନା ସଂସାର) ଏବଂ ଚିକିନି ଚମେଲି ମୁଁ (ସପନର ନାୟିକା)।

## ନୂଆ ଯୋଜନା

ଖଳନାୟକ ଅଂଶୁମାନ ସାମନ୍ତରାୟ। ଖୁବ୍‌ଶୀଘ୍ର ସେ ଏକ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ସାମନାକୁ ଆସିବାକୁ ଯାଉଛନ୍ତି। ଏଥିପାଇଁ ସେ ଏକ କାହାଣୀ ମଧ୍ୟ ପରିକଳ୍ପନା କରିଛନ୍ତି। ଖାସ୍ କଥା ହେଲା, ଏହି ସିନେମାରେ କେବଳ ସେ ନିଜେ ନୁହେଁ, ପତ୍ନୀ ରୋଜାଲିନା ସାହୁ ଏବଂ ଝିଅ ସାଲଭି ଶ୍ୱେତଲିନା ଗେଷ୍ଟ ଆପିଏରେନ୍ସରେ ଦେଖାଦେବେ। ନିଜର ଏଭଳି ଆଭିମୁଖ୍ୟ ସମ୍ପର୍କରେ ଅଂଶୁମାନ କହନ୍ତି, 'ଥରେ ରାସ୍ତାରେ ଯାଉଥିବା ସମୟରେ ଏଭଳି ଏକ ଘଟଣା ଘଟିଲା, ଯାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ତା'ସହ ଏପରି ଏକ କାହାଣୀର ସମ୍ୟକ୍ ସୂଚନା ମୋ ମନକୁ ଆସିଥିଲା। ବାସ୍, ତା'ପରେ ତାହାକୁ ଏକ ଭଲ କାହାଣୀର ରୂପ ଦେଇଛି। ଏପରି କାହାଣୀକୁ ନେଇ ଜଣେ ପ୍ରଯୋଜକ ଓଡ଼ିଆ ସିନେମାଟିଏ ନିର୍ମାଣ କରିବାକୁ ସମ୍ମତି ଜଣାଇଛନ୍ତି। ଖାସ୍ କଥା ହେଲା, ଏଥିରେ ଏକ ଛୋଟ ଭୂମିକାରେ ମୋ ପତ୍ନୀ ଏବଂ ଝିଅ ଅଭିନୟ କରିବାକୁ ଯାଉଛନ୍ତି। ବାବା ରାଜକିଶୋର ସାହୁ ଏବଂ ମା' ଡା. ନିରୂପମା ସାମନ୍ତରାୟଙ୍କ ପ୍ରେରଣା ମୋତେ ଆଜି ଏ ସ୍ଥାନରେ ପହଞ୍ଚାଇଛି।' ଓଡ଼ିଆ ସିନେମା 'ସାଥୀ ତୁ ଫେରିଆ'ରେ ସେ ଡନ୍ ଭୂମିକାରେ ଅଭିନୟ କରିଥିଲେ। ରିଲିଜ ଅପେକ୍ଷାରେ ଥିବା 'ତୁ ମୋର ନିହାତି ଦରକାର'ର ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରୁଛନ୍ତି ଅଂଶୁମାନ।


ଅଂଶୁମାନଙ୍କ ସହ ଝିଅ ସାଲଭି ଏବଂ ପତ୍ନୀ ରୋଜାଲିନା।

ନୂଆ ସିନେମା

## ରଙ୍ଗ ବରଷିଲା ଟୁପୁରୁ ଟୁପୁରୁ

ପ୍ରେମ ପରି ମହାନ୍ ଶବ୍ଦ ଯେ ଦିନେ ଶତ୍ରୁତାର ମୁଖ୍ୟ କାରଣ ପାଲଟିବ ତାହା କେବେ କଳ୍ପନା କରି ନ ଥିଲେ ଚନ୍ଦ୍ରଶେଖର ଆଉ ବିଜୟିନୀ। ସମୟ ତା' ବାଟରେ ଗଡ଼ିଚାଲେ। ଚନ୍ଦ୍ରଶେଖରଙ୍କ ପୁଅ ଆଦର୍ଶ ଏବଂ ବିଜୟିନୀଙ୍କ ଝିଆରୀ ଦିଶା ବାନ୍ଧି ହୋଇଯାଆନ୍ତି ପ୍ରେମ ଫାଶରେ। ହେଲେ ଏଭଳି ପ୍ରେମରେ ପୁଣି ପୂର୍ବ ଶତ୍ରୁତା କଣ୍ଟା ହୋଇ ଠିଆ ହୁଏ କି? ପ୍ରେମ ପାଇଁ ପ୍ରେମୀ ଯୁଗଳ କ'ଣ ଘରଲୋକଙ୍କୁ ଏଡ଼ାଇ ଦିଅନ୍ତି ? ଏପରି ଅନେକ ପ୍ରଶ୍ନର ଉତ୍ତର ରହିଛି ନୂଆ ଓଡ଼ିଆ ସିନେମା 'ମେଘ ବରଷିଲା ଟୁପୁରୁ ଟୁପୁରୁ'ରେ। ଏଭଳି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ରଚନା କରିବା ସହ ଚିତ୍ରନାଟ୍ୟ, ସଂଳାପ ଲେଖିଛନ୍ତି ଜିତେନ୍ଦ୍ର ନାଥ ମହାପାତ୍ର। କେବଳ ସେତିକି ନୁହେଁ, ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ନିଜେ ତୁଲାଇଛନ୍ତି। ଖାସ୍ କଥା ହେଲା ନୂଆ ଯୋଡ଼ି ତାପସ-ସୁଶ୍ରୀ ରଥଙ୍କୁ ଏଥିରେ ବ୍ରେକ୍ ଦେଇଛନ୍ତି ନିର୍ଦ୍ଦେଶକ। ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ ଏବଂ ଶ୍ରୀକାନ୍ତ ଗୌତମଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମରେନ୍ଦ୍ର ମହାନ୍ତି। କଣ୍ଠଦାନ କରିଛନ୍ତି ସତ୍ୟଜିତ୍, ଶୁଭମ୍, ଶଶାଙ୍କ, ଦୀପ୍ତିରେଖା, ନଳିତା ଭଞ୍ଜ, ଅନ୍ତରା ଚକ୍ରବର୍ତ୍ତୀ ଓ ଚାମେଲି ମହାପାତ୍ର। ତାପସ-ସୁଶ୍ରୀଙ୍କ ବ୍ୟତୀତ ମିହିର ଦାସ, ଅପରାଜିତା, ଅଶ୍ରୁମୋଚନ ମହାନ୍ତି, କିଶୋର ଖଣ୍ଡୁଆଳ, ସରୋଜ ଦାସ, ବିଜୁ ବଡ଼ଜେନା, ହର ରଥ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ତାପସ-ସୁଶ୍ରୀ




ଦିଲ୍ଲୀପ ହାଲି

ଓଡ଼ିଆ ଚଳଚ୍ଚିତ୍ରର ସାମଗ୍ରିକ ଉନ୍ନତି ପାଇଁ ପ୍ରଯୋଜକ, ବିତରକ, କଳାକାର, ଟେକ୍ନିସିଆନ୍‌ମାନଙ୍କର ଏକ ବୈଠକ ନିକଟରେ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସିନେମା କିପରି ପୂର୍ବପରି ଲୋକାଦୃତ ହୋଇପାରିବ ସେ ନେଇ ଉଦ୍ୟମ ପ୍ରଶଂସାଯୋଗ୍ୟ। ହେଲେ ତା' ଭିତରେ ଅନେକ ଅସମାଧିତ ପ୍ରଶ୍ନ ରହିଯାଉଛି। ୧୯୯୯ ମହାବାତ୍ୟା ପରଠାରୁ ଓଡ଼ିଆ ସିନେମାର ଅବସ୍ଥା କ୍ରମଶଃ ରୁଗ୍ଣ ହେବାରେ ଲାଗିଲା। ଏକଦା ଓଡ଼ିଆ ସିନେମାର ପ୍ରମୁଖ ଅଙ୍ଗ ପାଲଟିଥିଲା କଳିଙ୍ଗ ଷ୍ଟୁଡିଓ। ମହାବାତ୍ୟା ପରେ ଏହାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ଏହା ପୁଣି ଥରେ ନୂଆ ରୂପ ନେଉ ବୋଲି ସମସ୍ତେ କହୁଛନ୍ତି। ହେଲେ ଆଂଶିକ ପୁନରୁଦ୍ଧାର କାମ କେବେ ସମ୍ପୂର୍ଣ୍ଣ ହେବ ତାହା ବିଚାରଯୋଗ୍ୟ। ଏଥିପାଇଁ ଆନ୍ତରିକତାର ଆବଶ୍ୟକତା ରହିଛି। ଏହା ପୁଣି ଥରେ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ ହେଲେ ତାହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ।

ଆଉ ଏକ କଥା ହେଲା ମନକୁ ଛୁଇଁଲା ଭଳି ଓଡ଼ିଆ ସିନେମା ନିର୍ମାଣ କରିବା। ଆମ ରାଜ୍ୟର ପ୍ରଯୋଜକମାନେ ଏକାଠି ହେଲେ ତାହା ଭଲ ସିନେମାଟିଏ ନିର୍ମାଣ କରିବାକୁ ନୂଆ ବାଟ ଦେଖାଇବ। କିନ୍ତୁ ସେମାନଙ୍କର ଏପରି ଏକାଠି ମନୋଭାବ ଦୀର୍ଘସ୍ଥାୟୀ ହେବା ଦରକାର। ଯଦି ସେଥିରେ ମନୋମାଳିନ୍ୟ ରହିଲା ତେବେ ସବୁ ଯୋଜନା ପାଣି ଫାଟି ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଚଳଚ୍ଚିତ୍ର ଶିଳ୍ପ ପାଇଁ ଆମେ ସଂଘବଦ୍ଧ ଭାବେ ଯଦି ଗୁରୁତ୍ୱ ଦେଇ ଗୋଟିଏ ସଭା ପରେ ନୀରବତା ମଧ୍ୟରେ ରହିଯିବା ତାହାହେଲେ ଫଳଶୂନ୍ୟ ହୋଇଯିବ।

ଏବେ ଓଡ଼ିଆ ସିନେମାରେ ଉତ୍ତରା ଯୁଗ ଚାଲିଛି। ପୁଣି କେତେକ ସିନେମାର ବଜେଟ ଏକ କୋଟି ପର୍ଯ୍ୟନ୍ତ ପହଞ୍ଚୁଛି। ଯେହେତୁ ଚଳଚ୍ଚିତ୍ର ନିର୍ମାଣରେ ଅନେକ ତ୍ରୁଟି ରହିଯାଇଛି ତେଣୁ ଚଳଚ୍ଚିତ୍ରଗୁଡ଼ିକରୁ ରିଟର୍ନ ଯାହା ହେଉଛି ତାହା ନ କହିବା ଭଲ। ସିନେମାଟିଏ ନିର୍ମାଣ କରିବା ସମୟରେ ସବୁ ଦିଗ ପ୍ରତି ଦୃଷ୍ଟି ନ ଦେଇ କେବଳ ବ୍ୟୟ ବହୁଳ ଚଳଚ୍ଚିତ୍ର ବୋଲି କହିଲେ କିଛି ଲାଭ ନାହିଁ। ଦର୍ଶକଙ୍କୁ ଏପରି ଚଞ୍ଚକତା ଦେଖାଇବା ଦ୍ୱାରା ଅନେକ ପ୍ରଯୋଜକଙ୍କ ଆଶା କେବଳ ଆଶାରେ ହିଁ ରହିଯାଉଛି। ପ୍ରଯୋଜକମାନଙ୍କ ପାଇଁ ନୀତି ଯାହା ହୋଇଛି ସେଇ ତୁଳନାରେ ୩୦ଟି ଜିଲାରେ ୩୦୦ ପ୍ରେକ୍ଷାଳୟ ପ୍ରାଥମିକ ସ୍ତରରେ କରାଗଲେ ପ୍ରଯୋଜନା ସଂସ୍ଥାଗୁଡ଼ିକ ଖର୍ଚ୍ଚ ତୁଳନାରେ କେତେକାଂଶରେ ମୂଳଜମା ପାଇଲେ, ଆଶ୍ୱସ୍ତି ଅନୁଭବ କରନ୍ତେ। ଆଉ ଏକ କଥା, ଓଡ଼ିଶାରେ ପେସାଦାର ପ୍ରଯୋଜନା ସଂସ୍ଥା ଚଳଚ୍ଚିତ୍ର ନିର୍ମାଣରୁ ସମ୍ପୂର୍ଣ୍ଣ ଭାବେ ନୀରବତା ଅବଲମ୍ବନ କରୁଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ସମାଜରେ ଅଳନ୍ଧୁ ପ୍ରଯୋଜକମାନେ ଅକସ୍ମାତ ଆସି ଅଜବ ନାମକରଣ ଦେଇ ନିର୍ମାଣ କରିଥିବା ବିଚିତ୍ର ଚଳଚ୍ଚିତ୍ରକୁ ଦର୍ଶକମାନେ ଦର୍ଶନ କରିବାକୁ କୁଣ୍ଠିତ ହେଉଛି। ଫଳରେ ଦିନେ ଦୁଇଦିନ ମଧ୍ୟରେ ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରୁ ହଟାଇ ଦିଆଯାଉଛି।

> "ଓଡ଼ିଶାରେ ପେସାଦାର ପ୍ରଯୋଜନା ସଂସ୍ଥା ଚଳଚ୍ଚିତ୍ର ନିର୍ମାଣରୁ ସମ୍ପୂର୍ଣ୍ଣ ଭାବେ ନୀରବତା ଅବଲମ୍ବନ କରୁଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ସମାଜରେ ଅଳନ୍ଧୁ ପ୍ରଯୋଜକମାନେ ଅକସ୍ମାତ ଆସି ଅଜବ ନାମକରଣ ଦେଇ ନିର୍ମାଣ କରିଥିବା ବିଚିତ୍ର ଚଳଚ୍ଚିତ୍ରକୁ ଦର୍ଶକମାନେ ଦର୍ଶନ କରିବାକୁ କୁଣ୍ଠିତ ହେଉଛନ୍ତି। ଫଳରେ ଦିନେ ଦୁଇଦିନ ମଧ୍ୟରେ ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରୁ ହଟାଇ ଦିଆଯାଉଛି।"

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୪ରେ ଓଡ଼ିଆ ପ୍ରଯୋଜକମାନଙ୍କୁ ପ୍ରମୋଦକର ସମ୍ପୂର୍ଣ୍ଣ ମୁକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ନୂଆ ଚଳଚ୍ଚିତ୍ର ନୀତି ଆଗାମୀ ଦିନରେ କାର୍ଯ୍ୟକାରୀ ହେଲେ ପ୍ରଯୋଜନା କ୍ଷେତ୍ରଟି ସୁଦୃଢ଼ ହେବ। ଅନେକ ଉତ୍ସାହୀ ପ୍ରଯୋଜକ ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ଆଗଭର ହେବେ।

ନିର୍ଦ୍ଦେଶନା କ୍ଷେତ୍ରରେ ଆବଶ୍ୟକ ଜ୍ଞାନ ନ ଥିବା ନିର୍ଦ୍ଦେଶକମାନଙ୍କ ପ୍ରତି ପ୍ରଯୋଜକମାନେ ଆସ୍ଥା ପ୍ରକଟ କରିବା କେତେଦୂର ଠିକ୍ ତାହା ସେମାନେ ନିଜେ ହୃଦୟଙ୍ଗମ କରିବା ଦରକାର। ନିଜ ନାମ ପଛରେ ନିର୍ଦ୍ଦେଶକ କିମ୍ବା ପ୍ରଯୋଜକ ଲେଖିଦେଲେ ଜଣେ ଏହି ଆସନ ପାଇଁ ଯୋଗ୍ୟ ହୋଇଯାଏନା। ଏ ବିଷୟରେ ଭଲ ଭାବରେ ଜ୍ଞାନ ଅର୍ଜନ କରି ଚଳଚ୍ଚିତ୍ରଟି ନିର୍ମାଣ କଲେ ତାହା ଦର୍ଶକଙ୍କୁ ପ୍ରଭାବିତ କରିବ। ମିଛକଥାରେ ପଡ଼ି ସର୍ବହରା ଅପେକ୍ଷା ଅନ୍ୟତ୍ର ବ୍ୟବସାୟରେ ଅର୍ଥ ବିନିଯୋଗ କଲେ ବରଂ ଲାଭ ହେବ। ଓଡ଼ିଆ ଚଳଚ୍ଚିତ୍ରର ସାମଗ୍ରିକ ବିକାଶ ଦିଗରେ ଯତ୍ନବାନ ପାଇଁ ଚଳଚ୍ଚିତ୍ର ନୀତି ହିଁ ଶ୍ରେୟସ୍କର।

- ବଡ଼ଗଡ଼, ଭୁବନେଶ୍ୱର-୧୮
ମୋ : ୯୮୬୧୦୦୯୨୫୨

## ପାଞ୍ଚ ବର୍ଷ ପରେ...

ଶ୍ରଦ୍ଧା କପୁର ବାହା ହେବେ- ଏହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ପ୍ରେମିକ ରୋହନ ଶ୍ରେଷ୍ଠାଙ୍କୁ ସେ ଖୁବ୍‌ଶୀଘ୍ର ବାହା ହେଉଛନ୍ତି ବୋଲି ଆଲୋଚନା ହେଉଛି। ହେଲେ ଏକଥା ପଛରେ କେତେ ସତ୍ୟତା ଅଛି ତାହା ଜାଣିବେନି ? ଏପରି ମ୍ୟାରେଜ ଆଲୋଚନାକୁ ନେଇ ଶେଷରେ ମୁହଁ ଖୋଲିଛନ୍ତି ଶ୍ରଦ୍ଧାଙ୍କ ପାପା ଶକ୍ତି କପୁର। ସେ କହିଛନ୍ତି ଯେ, ଶ୍ରଦ୍ଧା ଏବେ ବାହା ହେବାର ଆଦୌ ଯୋଜନା ନାହିଁ। ପାଞ୍ଚବର୍ଷ ପରେ ଏକଥା ଚିନ୍ତା କରାଯିବ। ଏବେ ସେ ନିଜ କ୍ୟାରିୟର ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି। କିନ୍ତୁ ମୁଁ ଏକଥାକୁ ନେଇ ନିଶ୍ଚିତ ଯେ ଶ୍ରଦ୍ଧା ମୋ ବିନା ଅନୁମତିରେ ବିବାହ କରିବ ନାହିଁ।' ରୋହନ୍ ପେସାରେ ଜଣେ ଫଟୋଗ୍ରାଫର। ଏହି ଯୋଡିକୁ ଏବେ ରେଷ୍ଟୁରାଣ୍ଟଠାରୁ ଆରମ୍ଭ କରି କଫି ପବ୍ ପର୍ଯ୍ୟନ୍ତ ଦେଖିବାକୁ ମିଳୁଛି। ତେବେ ଦୁହେଁ କେବେ ମ୍ୟାରେଜ କରିବେ ତାହା ଜାଣିବାକୁ ଆମକୁ କେବଳ ଅପେକ୍ଷା ହିଁ କରିବାକୁ ପଡିବ।


ଶ୍ରଦ୍ଧା

$ Dollar 68.88 (2)
Sensex 100.53 38,132.88 | Nifty 38.20 11,445.05 | Gold `110 33,060.00 | Silver `20 39,120.00


"ବଜାରକୁ ଆସିଥିବା ନୂଆ ବୁଲେଟ ଟ୍ରାଏଲ୍ସ ୩୫୦ ଏବଂ ୫୦୦ ବାଇକ ଉତ୍ସାହୀଙ୍କ ଦ୍ୱାରା ଆଦୃତ ହେବା ନେଇ ଆଶାବାଦୀ ।"
–ମାର୍କ ୱେଲ୍ସ, ଗ୍ଲୋବାଲ ପ୍ରଡକ୍ଟ ହେଡ୍, ରୟାଲ ଏନଫିଲ୍ଡ


"କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପ୍ରଦାନ ଲାଗି ବିଭିନ୍ନ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।"
–ଅମିତାଭ କାନ୍ତ, ନୀତି ଆୟୋଗ ସିଇଓ

## ସଂକ୍ଷେପରେ

### ୧୦୦୮ କୋଟିରେ ମାଲ୍ୟାଙ୍କ ଶେୟାର ବିକ୍ରି

ମୁମ୍ବାଇ,୨୭-୩: ଋଣ ଅସୁଲ ପ୍ରାଧିକରଣ(ବେଙ୍ଗାଲୁରୁ) ବୁଧବାର ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ୟୁନାଇଟେଡ ବ୍ରିଓରିଜ ହୋଲ୍ଡିଙ୍ଗସରେ ଥିବା ଶେୟାର ବିକ୍ରି କରି ୧୦୦୮ କୋଟି ଟଙ୍କା ହାସଲ କରିଛନ୍ତି। ଏହି କମ୍ପାନୀରେ ମାଲ୍ୟାଙ୍କ ୭୪ ଲକ୍ଷ ୪ ହଜାର ୯୩୨ ଶେୟାର ରହିଛି। ସୂଚନାଥାଉ କି, ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ(ପିଏମ୍ଏଲ୍ଏ) ଅଦାଲତ ମଙ୍ଗଳବାର ମାଲ୍ୟାଙ୍କ ଶେୟାର ବିକ୍ରି କରିବାକୁ ଅନୁମତି ଦେଇଥିଲେ। ୟୁନାଇଟେଡ ବ୍ରିଓରିଜ ହୋଲ୍ଡିଙ୍ଗସ ଶେୟାର ବିକ୍ରି ଉପରେ କଟକଣା ଲଗାଇବାକୁ ଆବେଦନ କରିଥିଲା ଯାହାକୁ ଅଦାଲତ ଖାରଜ କରିଦେଇଥିଲେ। ଚଳିତ ମାସରେ ଋଣ ଅସୁଲ ପ୍ରାଧିକରଣ କୋର୍ଟ ଦ୍ୱାରା ନିଯୁକ୍ତ ଲିକ୍ୱିଡେଟରଙ୍କୁ ଶେୟାର ହସ୍ତାନ୍ତର କରିଥିଲେ। ମାଲ୍ୟାଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଉକ୍ତ ଶେୟାରକୁ ଜବତ କରିଥିଲା।

### ମାରୁତି ସୁଜୁକି ସିଇଓ ଭାବେ ପୁନଃ ଅବସ୍ଥାପିତ ହେଲେ କେନିଚି ଆୟୁକାୱା



ନୂଆଦିଲ୍ଲୀ,୨୭-୩
ପ୍ରମୁଖ କାର ନିର୍ମାତା କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ଏମଡି ତଥା ସିଇଓ ଭାବେ କେନିଚି ଆୟୁକାୱା ପୁନଃ ଅବସ୍ଥାପିତ ହୋଇଛନ୍ତି। ଏପ୍ରିଲ ପହିଲା ଠାରୁ ଆଗାମୀ ୩ ବର୍ଷ ଲାଗି ତାଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଛି। ବୁଧବାର ବସିଥିବା ବୋର୍ଡ ବୈଠକରେ ଏଭଳି ନିଷ୍ପତ୍ତି ହୋଇଥିବା କମ୍ପାନୀ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ଦେଇଥିବା ଫାଇଲିଂରେ ସୂଚନା ଦେଇଛି। ଏମ୍ଡି ତଥା ସିଇଓ ଭାବେ କାର୍ଯ୍ୟ କରିବାରେ ଏହା କେନିଚିଙ୍କର ତୃତୀୟ ପାଳି। ୨୦୧୩ରେ ସେ କମ୍ପାନୀର ମୁଖ୍ୟ ପଦବୀରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେହିଭଳି ଟୟୋଟା କିର୍ଲୋସ୍କାର ମୋଟର୍ସ ମାରୁତି ସୁଜୁକିର କମ୍ପାକ୍ଟ ଏସ୍ୟୁଭି ଭିଟାରା ବ୍ରିଜା ୨୦୨୨ ପ୍ରାରମ୍ଭରୁ ଉତ୍ପାଦନ ପ୍ରସ୍ତାବକୁ କମ୍ପାନୀର ବୋର୍ଡ ମଞ୍ଜୁରୀ ମିଳିଛି। ଏହା ଉଭୟ ମାରୁତି ସୁଜୁକି ଏବଂ ଟୟୋଟା ସେଲସ ନେଟୱର୍କରେ ବିକ୍ରି ହେବ।

### ଏନ୍ଆଇଏନ୍ଏଲ୍‌ରେ ରେକର୍ଡ ଉତ୍ପାଦନ

ଭୁବନେଶ୍ୱର,୨୭-୩
ନୀଳାଚଳ ଇସ୍ପାତ ନିଗମ ଲିମିଟେଡ଼ (ଏନ୍ଆଇଏନ୍ଏଲ) ଚଳିତ ଆର୍ଥିକ ବର୍ଷ ମାର୍ଚ୍ଚ ୧୬ ସୁଦ୍ଧା ସର୍ବୋଚ୍ଚ ବାର୍ଷିକ ଉତ୍ପାଦନ କରିଛି। ଏହି ସମୟରେ କମ୍ପାନୀ ୧୧୨୫୬୭୦ ଟନ ସିଣ୍ଟର୍ ଉତ୍ପାଦନ କରିବାକୁ ସକ୍ଷମ ହୋଇଛି। ଏହା ପୂର୍ବରୁ ୧୧୨୪୩୦୦ ଟନ ସିଣ୍ଟର ଉତ୍ପାଦନ ଥିଲା। ମାର୍ଚ୍ଚ ମାସ ସୁଦ୍ଧା ୭୨୦୮୦୩ ଟନ ହଟ ମେଟାଲ ଉତ୍ପାଦନ କରିଛି। ଏନ୍ଆଇଏନ୍ଏଲ୍‌ର ଉପାଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଶଶୀ ଶେଖର ମହାନ୍ତି କହିଛନ୍ତି, ଭବିଷ୍ୟତରେ କମ୍ପାନୀର ଉତ୍ପାଦନ ଆହୁରି ଉନ୍ନତି ହେବ। ନିଜ ବ୍ରାଣ୍ଡର ଟିଏମ୍‌ଟି ଏବଂ ଓ୍ୟାର ରଡ଼ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କମ୍ପାନୀର ନିଜସ୍ୱ ଖଣି ମଧ ଅତିଶୀଘ୍ର କାର୍ଯ୍ୟକାରୀ ହେବାର ସମ୍ଭାବନା ଅଛି। ବ୍ଲାଷ୍ଟ ଫର୍ନେସର କ୍ୟାପିଟାଲ କାର୍ଯ୍ୟ କଳାପରେ ହଟ ମେଟାଲ ଉତ୍ପାଦନରେ ଉନ୍ନତି ହୋଇଛି।

■ପାଇଲଟଙ୍କୁ ଏୟାର ଇଣ୍ଡିଆର ନିର୍ଦ୍ଦେଶ

### ଡ୍ୟୁଟି ବେଳେ ସ୍ୱତନ୍ତ୍ର ଖାଦ୍ୟ ମାଗନି

ନୂଆଦିଲ୍ଲୀ,୨୭-୩: ବିମାନ ଯାତ୍ରା ବେଳେ ସ୍ୱତନ୍ତ୍ର ଖାଦ୍ୟ ନ ମାଗିବାକୁ ଏୟାର ଇଣ୍ଡିଆ ନିଜର ପାଇଲଟମାନଙ୍କୁ ନିର୍ଦ୍ଦେଶ ଦେଇଛି। କମ୍ପାନୀ ପକ୍ଷରୁ ନିର୍ଦ୍ଧାରିତ ଭୋଜନ ସାରଣୀ ପାଳନ କରିବାକୁ ସେମାନଙ୍କୁ କୁହାଯାଇଛି। ଏୟାର ଇଣ୍ଡିଆ ନିର୍ଦ୍ଦେଶକ(ପରିଚାଳନା) ଅମିତାଭ ସିଂହ ବୁଧବାର ଇ-ମେଲ୍ ଯୋଗେ ପାଇଲଟମାନଙ୍କୁ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ପାଇଲଟମାନେ କେବଳ ମେଡିକାଲ କାରଣରୁ ସ୍ୱତନ୍ତ୍ର ଖାଦ୍ୟ ମଗାଇପାରିବେ, କିନ୍ତୁ ତାହା ମଧ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ହେବ। ନିଜ ନାମ ଗୋପନ ରଖି ଜଣେ ଅଧିକାରୀ କହିଛନ୍ତି ଯେ, ବିମାନ ଉଡ଼ାଣ ବେଳେ ପାଇଲଟମାନେ ବର୍ଗର ଓ ସୁପ୍ ଭଳି ସ୍ୱତନ୍ତ୍ର ଖାଦ୍ୟ ମଗାଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି କାରଣରୁ ଏୟାର ଇଣ୍ଡିଆର ଖାଦ୍ୟ ଖର୍ଚ୍ଚ ବଢ଼ୁଛି ଏବଂ ଖାଦ୍ୟ ପରିଚାଳନା ମଧ ପ୍ରଭାବିତ ହେଉଛି।

# ଲକ୍ଷ୍ୟଠାରୁ ବହୁ ଦୂରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ନୂଆଦିଲ୍ଲୀ,୨୭-୩



ପ୍ରତିଶ୍ରୁତି ପୂରଣରେ ବିଫଳ ହୋଇଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା। ଏହା ଏତେ ଧିମା ଗତିରେ ଆଗୋଉଛି ଯେ, ଲକ୍ଷ୍ୟ ପୂରଣ ଦୂରର କଥା, ଏହା ଲକ୍ଷ୍ୟଠାରୁ ବହୁ ଦୂରରେ ରହିଛି। ୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର ଦେବାର ସ୍ୱପ୍ନ ଦେଖୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ପୂରଣ ହେବା ନେଇ ଏବେ ସନ୍ଦେହ ଉପୁଜିଲାଣି।

ରିଏଲ ଇଷ୍ଟେଟ ପରାମର୍ଶଦାତା କମ୍ପାନୀ ଏନରିକର ରିପୋର୍ଟ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏୱାଇ) ଅଧୀନରେ ଘର ନିର୍ମାଣ ଧିମାଗତିରେ ଚାଲିଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ରିପୋର୍ଟ ଅନୁସାରେ ପିଏମ୍ଏୱାଇ ଅନ୍ତର୍ଗତରେ ମଞ୍ଜୁର ୭୯ ଲକ୍ଷ ଘର ମଧ୍ୟରୁ ମାତ୍ର ୩୯ ପ୍ରତିଶତ ନିର୍ମାଣ ହୋଇପାରିଛି। ମଞ୍ଜୁରୀପ୍ରାପ୍ତ ଘର ମଧ୍ୟରୁ ୨୦% ନିର୍ମାଣ ସରିଛି ଓ ୧୯%ରେ ଲୋକେ ବସବାସ ଆରମ୍ଭ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, କେନ୍ଦ୍ର ସରକାର ମଞ୍ଜୁର କରିଥିବା ପ୍ରକଳ୍ପ ପାଇଁ ମାତ୍ର ୩୩% ଅର୍ଥ ପ୍ରଦାନ କରିଛନ୍ତି। ରିପୋର୍ଟ ଅନୁସାରେ ଦେଶରେ ୭ ବଡ଼ ସହରରେ ନୂଆ ଘର ଯୋଗାଣ ଗତ ୫ ବର୍ଷରେ ୬୪% ହ୍ରାସ ପାଇଛି। ୨୦୧୪ରେ ଯେଉଁଠି ୫.୪୫ ଲକ୍ଷ ହାଉସିଂ ୟୁନିଟ ବିକ୍ରି ହୋଇଥିଲା ୨୦୧୮ରେ ଏହା ଖସି ଆସି ୧.୯୫ ଲକ୍ଷ ୟୁନିଟରେ ପହଞ୍ଚିଛି। କେବଳ ଏତିକି ନୁହେଁ ଘର ବିକ୍ରି ମଧ ଗତ ୫ ବର୍ଷରେ ୨୮% ହ୍ରାସ ପାଇଛି। ୨୦୧୪ରେ ୩.୪୩ ଲକ୍ଷ ଘର ବିକ୍ରି ହୋଇଥିବା ବେଳେ ଗତ ବର୍ଷ ମାତ୍ର ୨.୪୮ ଲକ୍ଷ ବିକ୍ରି ହୋଇଛି। ଅନ୍ୟପକ୍ଷରେ ବ୍ରୋକରେଜ କମ୍ପାନୀ ଏନରକ ରିପୋର୍ଟ ଅନୁଯାୟୀ ଦେଶର ୭ ପ୍ରମୁଖ ସହରରେ ଗତ ୫ ବର୍ଷରେ ଘର ଦାମ୍ ୭ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ଏହି ସମୟରେ ଚାହିଦା ୨୮% କମିଛି। ଫଳରେ ଏହି ଅବଧିରେ ଘର ଯୋଗାଣ ୬୪% କମିଥିବା ଦେଖାଯାଇଛି। ତେବେ ଏନରକ୍ ପ୍ରତିଷ୍ଠାତା ତଥା ଅଧକ୍ଷ ଅନୁଜ ପୁରୀଙ୍କ କହିବାନୁଯାୟୀ, ଭାରତୀୟ ରିଏଲ ଇଷ୍ଟେଟ ସେକ୍ଟର ନିଜର ଛବି ସୁଧାରିବା ଲାଗି ଅନେକ ପଦକ୍ଷେପ ନେଇଛି। ପରିସଂଖ୍ୟାନ ଅନୁଯାୟୀ, ମୁଦ୍ରାସ୍ଫୀତିକୁ ସାମିଲ କଲେ ଜଣାପଡୁଛି ଯେ, ବାସ୍ତବରେ ଘର ଦାମ କମିଛି। ଦିଲ୍ଲୀ-ଏନସିଆର୍, ମୁମ୍ବାଇ ମହାନଗର କ୍ଷେତ୍ର, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ପୁନେ ସହରକୁ ସର୍ଭେରେ ସାମିଲ କରାଯାଇଥିଲା।

■କେନ୍ଦ୍ର ଅର୍ଥମନ୍ତ୍ରିତ୍ୱ ନେଇ କଳ୍ପନାଜଳ୍ପନା

# ଦାୟିତ୍ୱ ମିଳିଲେ ଭାରତ ଫେରିବାକୁ ପ୍ରସ୍ତୁତ: ରାଜନ

ନୂଆଦିଲ୍ଲୀ,୨୭-୩



ଏନ୍‌ଡିଏ ସରକାରରେ ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ଦ୍ୱିତୀୟ ଥର ସୁଯୋଗ ନ ପାଇ ଆମେରିକା ଫେରିଥିବା ପୂର୍ବତନ ଗଭର୍ନର ରଘୁରାମ ରାଜନ ପୁନର୍ବାର ଭାରତ ଫେରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଦାୟିତ୍ୱ ମିଳିଲେ ସେ ଭାରତ ଫେରିବାକୁ ପ୍ରସ୍ତୁତ ଅଛନ୍ତି। ସାଧାରଣ ନିର୍ବାଚନରେ ବିରୋଧୀ ଦଳ ନେତୃତ୍ୱାଧୀନ ମେଣ୍ଟ କ୍ଷମତାକୁ ଫେରିଲେ ରାଜନଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରୀ ଭାବେ ଅବସ୍ଥାପିତ କରାଯିବ ବୋଲି ଆଲୋଚନା ହେଉଥିବା ବେଳେ ତାଙ୍କର ଏତାଦୃଶ ବୟାନ ବିଶେଷ ଗୁରୁତ୍ୱ ବହନ କରୁଛି। ଏନେଇ ବିରୋଧୀ ଦଳଗୁଡ଼ିକ ପକ୍ଷର ରାଜନଙ୍କୁ ସଙ୍କେତ ମଧ ଦିଆଯାଇଛି। ବର୍ତ୍ତମାନ ସିକାଗୋ ୟୁନିଭର୍ସିଟି ଅଧୀନ ବୁଥ୍ ସ୍କୁଲ୍ ଅଫ୍ ବିଜନେସରେ ଫାଇନାନ୍ସ ପ୍ରଫେସର ଦାୟିତ୍ୱ ତୁଲାଉଥିବା ରାଜନ କହିଛନ୍ତି ଯେ, ନିଜର ବର୍ତ୍ତମାନର ଦାୟିତ୍ୱରେ ସେ ଖୁସି। କିନ୍ତୁ ନୂଆ ସୁଯୋଗ ମିଳିଲେ ଏଥିପାଇଁ ସେ ପ୍ରସ୍ତୁତ ଅଛନ୍ତି। ଉଲ୍ଲେଖଥାଉ କି, ୨୦୧୬ ସେପ୍ଟେମ୍ବରରେ ଆର୍‌ବିଆଇ ଗଭର୍ନର ପଦ ଛାଡ଼ିଥିଲେ। ଏନ୍‌ଡିଏ ସରକାର ତାଙ୍କ କାର୍ଯ୍ୟକାଳକୁ ଆଉ ବଢ଼ାଇ ନ ଥିଲେ। ସୁଧ ହାର ଓ ବୟାନକୁ ନେଇ ସରକାର ଓ ରାଜନଙ୍କ ମଧ୍ୟରେ ତୀବ୍ର ମତଭେଦ ଥିଲା।

# ଚାଷୀଙ୍କୁ ସବ୍‌ସିଡି ଦେବାରେ ଭାରତ ବହୁ ପଛରେ

ନୂଆଦିଲ୍ଲୀ,୨୭-୩

ଭାରତୀୟ ଚାଷୀଙ୍କ ଅପେକ୍ଷା ପାଶ୍ଚାତ୍ୟ ଦେଶରେ ବହୁ ବିଲିୟନ ସବ୍‌ସିଡି ଦିଆଯାଉଛି। ଏହା ଆଉ କେହି ନୁହେଁ କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ବାଣିଜ୍ୟ ସଚିବ ଅନୁପ ୱଧାୱନ କହିଛନ୍ତି ଯେ, ଭାରତ ପ୍ରତି ଚାଷୀଙ୍କୁ ବାର୍ଷିକ ୨୫୦ ଡଲାର ସବ୍‌ସିଡି ଦେଉଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ସବ୍‌ସିଡି ଦେବାକୁ ନେଇ ସମସ୍ୟା ହେଉଛି। କାରଣ ଏହା ବ୍ୟବସ୍ଥିତ ନୁହେଁ। ଏହି ମାମଲାରେ ଭାରତକୁ ଅନ୍ୟ ଦେଶରୁ ଶିକ୍ଷାଲାଭ କରିବାକୁ ହେବ।

ୱଧାବନ କହିଛନ୍ତି ଯେ, ୟୁରୋପୀୟ ସଂଘ(ଇୟୁ) ଏବଂ ଆମେରିକା ସହିତ ବିକଶିତ ଦେଶଗୁଡ଼ିକ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ରେ ଭାରତ ବିରୋଧରେ ସବ୍‌ସିଡିକୁ ନେଇ ଅଭିଯୋଗ କରୁଛନ୍ତି। ଭାରତ ନିଜର ଚାଷୀଙ୍କୁ ଅଧିକ ସବ୍‌ସିଡି ଦେଉଛି ବୋଲି ସେମାନେ କହୁଛନ୍ତି। ତେବେ ଡବ୍ଲ୍ୟୁଟିଓ ଦ୍ୱାରା ଧାର୍ଯ୍ୟ ୧୦% ଠାରୁ କମ୍ ସବ୍‌ସିଡି ଚାଷୀଙ୍କୁ ଦିଆଯାଉଛି ବୋଲି ଭାରତ ବାରମ୍ବାର କହିଆସୁଛି। ରପ୍ତାନି ସବ୍‌ସିଡି ମାମଲାରେ ଭାରତକୁ ଆମେରିକା ଡବ୍ଲ୍ୟୁଟିଓ ବିବାଦ ସମାଧାନ ମଞ୍ଚକୁ ଟାଣିଛି। ଏକ ସମାରୋହରେ ଯୋଗ ଦେଇ ୱଧାବନ କହିଛନ୍ତି ଯେ, ଆମେରିକା ସମେତ ଇୟୁ ଦେଶଗୁଡ଼ିକ ନିଜ ଚାଷୀଙ୍କୁ ଭାରୀ ମାତ୍ରାରେ ସବ୍‌ସିଡି ଦେଉଛନ୍ତି, ଅଥଚ ଚତୁରତାର ସହ ଏହାକୁ ଡବ୍ଲ୍ୟୁଟିଓ ମାନଦଣ୍ଡ ଅନୁଯାୟୀ ବୋଲି ଦର୍ଶାଉଛନ୍ତି।

# ୫୫ କୋଟିରେ ବିକ୍ରି ହେଲା ନୀରବ ମୋଦିଙ୍କ ପେଣ୍ଟିଂ



ମୁମ୍ବାଇ,୨୭-୩

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଠକି ଲଣ୍ଡନ ପଳାଇଥିବା ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ୬୮ ପେଣ୍ଟିଂର କଲେକ୍ସନକୁ ନିଲାମୀ ମାଧମରେ ବିକ୍ରି କରାଯାଇ ପ୍ରାୟ ୫୫ କୋଟି ଟଙ୍କା ସଂଗ୍ରହ କରାଯାଇଛି। ବିଖ୍ୟାତ ଚିତ୍ରକର ରାଜା ରବି ବର୍ମାଙ୍କ ଏକ ପେଣ୍ଟିଂ ସର୍ବାଧିକ ୧୪ କୋଟି ଟଙ୍କାରେ ବିକ୍ରି ହୋଇଛି। ଏହାବ୍ୟତୀତ ଏଫ୍.ଏନ୍. ସୁଜାଙ୍କ ପେଣ୍ଟିଂ ବିକ୍ରିରୁ ମିଳିଛି ୯୦ ଲକ୍ଷ ଟଙ୍କା। ଏହାଛଡ଼ା ଯୋଗେନ ଚୌଧୁରୀଙ୍କ ୪୬ ଲକ୍ଷ, ଭୁପେନ ଖାଖରଙ୍କ ୩୫ ଲକ୍ଷ ଏବଂ କେ.କେ.ହେବରଙ୍କ ପେଣ୍ଟିଂ ୪୦ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ୯୫ କୋଟି ଟଙ୍କାର ବକେୟା ଟିକସ ଆଦାୟ ଲାଗି ଆୟକର ବିଭାଗ ପକ୍ଷରୁ ଏହି ନିଲାମ ଆହ୍ୱାନ କରାଯାଇଥିଲା।

# ଜିଡିପି ଅନୁପାତରେ ନଗଦ କମିଛି

ମୁମ୍ବାଇ,୨୭-୩

**ବିମୁଦ୍ରୀକରଣ ପରେ**

ବିମୁଦ୍ରୀକରଣ ପରେ ଗତ ଦୁଇ ବର୍ଷ ଭିତରେ ମୋଟ ଘରୋଇ ଉତ୍ପାଦ(ଜିଡିପି) ତୁଳନାରେ ପ୍ରଚଳନରେ ଥିବା ନଗଦ ଟଙ୍କା ପୂର୍ବାପେକ୍ଷା ୧% ହ୍ରାସ ପାଇ ୧୦.୪୮%ରେ ପହଞ୍ଚିଛି। କେନ୍ଦ୍ର ସରକାର କଳାଧନ ଉପରେ କଟକଣା ଲଗାଇବାକୁ ଯାଇ ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଲାଗୁ କରି ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଇଥିଲେ। ଜଣେ ଅଧିକାରୀ କହିଛନ୍ତି ଯେ, ୨୦୧୬ରେ ପ୍ରଚଳନରେ ଥିବା ନଗଦର ପରିମାଣ ୧୧.୫୫% ଥିଲା, ଯାହାକି ଦୁଇବର୍ଷ ପରେ ହ୍ରାସ ପାଇ ୧୦.୪୮% ହୋଇଛି। ଏଥିରୁ ଜଣାପଡିଛି ଯେ, ଅର୍ଥ ବ୍ୟବସ୍ଥାରେ ପ୍ରଚଳନରେ ଥିବା ମୁଦ୍ରା ହ୍ରାସ ପାଇଛି। ବିମୁଦ୍ରୀକରଣ ପରେ ନିର୍ଦ୍ଧାରିତ ସମୟରେ ବ୍ୟାଙ୍କରେ ୧୫.୩୧ ଲକ୍ଷ କୋଟି ଟଙ୍କା ମୂଲ୍ୟର ନୋଟ ଜମା ହୋଇଥିଲା। ୨୦୧୬ ନଭେମ୍ବର ୮ରେ ୯୯.୩% ଅର୍ଥାତ୍ ୧୫.୪୧ ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ଥିଲା। ନଗଦ ଆଧାରିତ ଅର୍ଥନୀତିକୁ ହ୍ରାସ କରି ଡିଜିଟାଲ ଦେୟକୁ ପ୍ରୋତ୍ସାହିତ କରିବା ବିମୁଦ୍ରୀକରଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ୨୦୧୬ ନଭେମ୍ବର ୪ରେ ୧୭.୭୪ ଲକ୍ଷ କୋଟି ଟଙ୍କାର ନୋଟ ପ୍ରଚଳନରେ ଥିଲା, ଯାହାକି ୨୦୧୯ ମାର୍ଚ୍ଚ ୨୨ସୁଦ୍ଧା ବୃଦ୍ଧି ପାଇ ୨୧.୨୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ସର୍କୁଲାର ଅନୁଯାୟୀ, ବିମୁଦ୍ରୀକରଣ ଲାଗୁ କରାଯାଇ ନ ଥିଲେ ମାର୍ଚ୍ଚ ୨୦୧୯ ସୁଦ୍ଧା ୨୪.୫୫ ଲକ୍ଷ କୋଟି ଟଙ୍କା ପ୍ରଚଳନରେ ରହିଥାନ୍ତା। ବର୍ତ୍ତମାନ ପ୍ରଚଳନରେ ଥିବା ନୋଟ୍ ସଂଖ୍ୟାଠାରୁ ଏହା ୩ ଲକ୍ଷ କୋଟି ଟଙ୍କା ଅଧିକ ହୋଇଥାନ୍ତା। ଡିଜିଟାଲ ନେଣଦେଣ ସମ୍ପର୍କରେ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ, ୨୦୧୬ ଅକ୍ଟୋବରରେ ୭୧.୧୯ କୋଟି ଟଙ୍କାର ଡିଜିଟାଲ ନେଣଦେଣ ହେଉଥିବା ବେଳେ ଦୁଇବର୍ଷ ପରେ ଅକ୍ଟୋବର,୨୦୧୮ ସୁଦ୍ଧା ଏହା ବଢ଼ି ୨୧୦.୩୨ କୋଟି ଟଙ୍କାରେ ପହଞ୍ଚିଯାଇଛି। ନେଣଦେଣ ମୂଲ୍ୟ ଏହି ଅବଧିରେ ୮୭.୬୮ ଲକ୍ଷ କୋଟି ଟଙ୍କାରୁ ବଢ଼ି ୧୩୫.୯୭ କୋଟି ଟଙ୍କା ହୋଇଛି।

# ତଦନ୍ତ ଟିମ୍‌ର ଲଣ୍ଡନ ଯାତ୍ରା

ନୂଆଦିଲ୍ଲୀ,୨୭-୩

**ନୀରବ ମୋଦି ମାମଲା**

ଆସନ୍ତା ଶୁକ୍ରବାର ଲଣ୍ଡନର ୱେଷ୍ଟମିନ୍‌ଷ୍ଟର କୋର୍ଟରେ ନୀରବ ମୋଦି ମାମଲାର ଶୁଣାଣି ହେବ। ସେହିଦିନ ତାଙ୍କର ଜାମିନ ଆବେଦନର ମଧ ଶୁଣାଣି ହେବାକୁ ଯାଉଛି। ଏହି ମାମଲାରେ ସ୍ଥାନୀୟ ସରକାରୀ ଓକିଲଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଏକ ଦଳ ଲଣ୍ଡନ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିଛନ୍ତି। ଉଭୟ ଏଜେନ୍ସିର ଯୁଗ୍ମ ନିର୍ଦ୍ଦେଶକ ସ୍ତରୀୟ ଅଧିକାରୀଙ୍କ ନେତୃତ୍ୱରେ ଏହି ଦଳ ଯାଇଛନ୍ତି। ଇଡ଼ି ପକ୍ଷରୁ ନୀରବଙ୍କ ବିରୋଧରେ ଦାଖଲ କରାଯାଇଥିବା ସଦ୍ୟତମ ଚାର୍ଜଶିଟ୍ ଓ ତାଙ୍କ ସ୍ତ୍ରୀ ଆମି ମୋଦିଙ୍କ ବିରୋଧରେ ଜାରି କରାଯାଇଥିବା ଏନ୍‌ବିଡବ୍ଲ୍ୟୁ ସଂକ୍ରାନ୍ତୀୟ କାଗଜପତ୍ର ଲଣ୍ଡନ କୋର୍ଟରେ ଦାଖଲ କରାଯିବ ବୋଲି ଜଣାପଡିଛି। ଏହାଛଡ଼ା ଭାରତୀୟ ଯାଞ୍ଚ ଦଳ କ୍ରାଉନ ପ୍ରୋସିକ୍ୟୁସନ ସର୍ଭିସର ଅଧିକାରୀ ଓ ଅନ୍ୟମାନଙ୍କୁ ଭେଟିବେ। ବର୍ତ୍ତମାନ ନୀରବ ଲଣ୍ଡନ ଜେଲ୍‌ରେ ବନ୍ଦୀ ଜୀବନଯାପନ କରୁଛନ୍ତି।

# ଏୟାରପୋର୍ଟ ବ୍ୟବସାୟରେ ଟାଟା

ନୂଆଦିଲ୍ଲୀ,୨୭-୩

ଟାଟା ଗ୍ରୁପ୍ ଏୟାରପୋର୍ଟ ବ୍ୟବସାୟରେ ପ୍ରବେଶ କରି ଜିଏମ୍ଆର୍ ଏୟାରପୋର୍ଟସ ଲିମିଟେଡରେ ନିବେଶ କରିବାକୁ ଯାଉଛି। ଟାଟା, ସିଙ୍ଗାପୁରର ସୋଭେରନ ୱେଲ୍‌ଥ ଫଣ୍ଡର ୟୁନିଟ ଜିଆଇସି ଏବଂ ଏସ୍ଏସ୍‌ଜି କ୍ୟାପିଟାଲ ମ୍ୟାନେଜମେଣ୍ଟକୁ ନେଇ ଗଠିତ କନ୍‌ସୋର୍ଟିୟମ ଏଥିରେ ୮ ହଜାର କୋଟି ଟଙ୍କା ନିବେଶ କରିବେ। ଜିଏମ୍ଆର୍ ଏୟାରପୋର୍ଟର ମୂଳ କମ୍ପାନୀ ଜିଏମ୍ଆର୍ ଇନଫ୍ରାଷ୍ଟ୍ରକ୍‌ଚର ଲିମିଟେଡ ବୁଧବାର ଏ ସମ୍ପର୍କରେ ଷ୍ଟକ୍ ମାର୍କେଟକୁ ସୂଚନା ଦେଇଛି। ନିବେଶ ପ୍ରସ୍ତାବ ଅନୁଯାୟୀ, ଏହି କନସୋର୍ଟିୟମ ୧୦୦୦ କୋଟି ଟଙ୍କା ଜିଏମ୍ଆର୍ ଏୟାରପୋର୍ଟସରେ ନିବେଶ କରିବେ। ଅବଶିଷ୍ଟ ୭ ହଜାର କୋଟି ଟଙ୍କା ବଦଳରେ ଜିଏମ୍ଆର ଏୟାରପୋର୍ଟର ଶେୟାର କିଣାଯିବ। ଏହାପରେ ଟାଟାକୁ ଜିଏମ୍ଆର୍ ଏୟାରପୋର୍ଟ୍‌ସର ୨୦% , ଜିଆଇସିକୁ ୧୫% ଓ ଏସ୍ଏସ୍‌ଜିକୁ ୧୦% ଶେୟାର ମିଳିବ। ଜିଏମ୍ଆର୍ ଏୟାରପୋର୍ଟ୍‌ସର ମୂଲ୍ୟ ୧୮୦ ବିଲିୟନ ଟଙ୍କା ହିସାବରେ ଧାର୍ଯ୍ୟ କରାଯାଇ ଏହି ଡିଲ୍ ହୋଇଛି। ସୂଚନାଥାଉ କି, ଏସିଆର ୬ଷ୍ଠ ସର୍ବବୃହତ୍ ବିମାନ ବନ୍ଦର କୁହାଯାଉଥିବା ଦିଲ୍ଲୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ପରିଚାଳନା ଜିଏମ୍ଆର୍ ହାତରେ ରହିଛି। ହାଇଦ୍ରାବାଦ ଓ ଫିଲିପାଇନ୍ସର କେବୁ ସହରରେ ଥିବା ବିମାନବନ୍ଦରକୁ ଜିଏମ୍ଆର୍ ଏୟାରପୋର୍ଟ ଅପରେଟ କରୁଛି।

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧମରେ ପଚାରି ପାରିବେ।

# ରୋଜଗାର ଆରମ୍ଭରୁ ନିଅନ୍ତୁ ଆଜୀବନ ବୀମା ସୁରକ୍ଷା

**▶ ମୋର ବୟସ ୩୨ ବର୍ଷ , ୧ ବର୍ଷର ଝିଅଟିଏ ଅଛି। ୩ ଲକ୍ଷ-ଟଙ୍କାର ଜୀବନ ବୀମା ପଲିସି ଅଲଗା କମ୍ପାନୀର ଅଛି । ମୁଁ ଚାକିରି କରିଥିବା କମ୍ପାନୀ ପ୍ରଦତ୍ତ ୧୦ ଲକ୍ଷ-ଟଙ୍କାର ଟର୍ମ ପ୍ଲାନ ଅଛି । ମୁଁ ଭାବୁଛି ଏଲ୍ଆଇସିର 'ଜୀବନ ଆନନ୍ଦ' ପଲିସି କିଣିବା ଭଲ ହେବ । କିନ୍ତୁ ମୋ ସାଙ୍ଗ କହୁଛି ଟର୍ମ ପ୍ଲାନ କିଣିବା ଉଚିତ ହେବ । ଏ କ୍ଷେତ୍ରରେ କେଉଁ ପଲିସି କିଣିବା ମୋ ପାଇଁ ଠିକ୍ ହେବ ?**

**– ଅମରେନ୍ଦ୍ର ଶତପଥୀ**

■ ପ୍ରାୟତଃ ଅଧିକାଂଶ ଭାରତୀୟ ଭାବନ୍ତି ଯେ ସେମାନେ ଯଥେଷ୍ଟ ଜୀବନ ବୀମା ସୁରକ୍ଷା ପଲିସି କିଣିଛନ୍ତି । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା ଏକ ଭ୍ରାନ୍ତ ଧାରଣା । ଜୀବନ ବୀମା ସୁରକ୍ଷାର ଆବଶ୍ୟକତା କେତେ ରହିଛି ? ଜୀବନ ବୀମା ସୁରକ୍ଷା ନିଜ କ୍ଷେତ୍ରରେ ଯଥେଷ୍ଟ କି ? ଏଭଳି ପ୍ରସଙ୍ଗକୁ ଭଲ ଭାବେ ସମୀକ୍ଷା ଓ ହିସାବ କରିବା ପରେ ହିଁ ପ୍ରକୃତ ଜୀବନ ବୀମା ସୁରକ୍ଷାର ମହତ୍ତ୍ୱ କ'ଣ ତାହା ଜଣା ପଡିଥାଏ । ଜୀବନ ବୀମା ସୁରକ୍ଷା କଥା ବିଚାରକୁ ନେଲେ ଜଣା ପଡିବ ଯେ, ଆପଣଙ୍କ କମ୍ପାନୀ ପ୍ରଦାନ କରୁଥିବା ଟର୍ମ ପ୍ଲାନର ସୁବିଧା ଠାରୁ ଆଜୀବନ ଜୀବନ ବୀମା ସୁରକ୍ଷା ପଲିସି ଅଧିକ ଗୁରୁତ୍ୱ ରଖିଥାଏ । କମ୍ପାନୀରେ କାମ କରୁଥିବା ପର୍ଯ୍ୟନ୍ତ ଟର୍ମ ପ୍ଲାନର ଜୀବନ ବୀମା ସୁରକ୍ଷା ମିଳିବ। କିନ୍ତୁ କମ୍ପାନୀ ପରିବର୍ତ୍ତନ କିମ୍ବା ଚାକିରି ଛାଡିବା ପରେ ଆଉ ଜୀବନ ବୀମା ସୁରକ୍ଷା ସୁବିଧା ମିଳି ନ ଥାଏ। ଏହାକୁ ଧ୍ୟାନରେ ରଖି ନିଜର ଜୀବନ ବୀମା ସୁରକ୍ଷା ଓ କମ୍ପାନୀ ପ୍ରଦତ୍ତ ଜୀବନ ବୀମା ସୁରକ୍ଷାକୁ ଅଲଗା କରିବା ଉଚିତ ହେବ । ଏହାକୁ ଭଲ ଭାବେ ବିଚାର କରିବା ବୁଦ୍ଧିମାନର କାର୍ଯ୍ୟ। କମ୍ପାନୀ ଦେଉଥିବା ଜୀବନ ବୀମା ସୁରକ୍ଷାକୁ ଏକ ବୋନସ୍ ଉପହାର ହିସାବରେ ଦେଖନ୍ତୁ। ଏହାକୁ ବୁଝିବାର ଆବଶ୍ୟକତା ରହିଛି। ପରିବାରର ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ଦିଗରେ କମ୍ପାନୀର ଟର୍ମ ପ୍ଲାନ ମୁଖ୍ୟ ବୀମା ସୁରକ୍ଷା ପଲିସି ବୋଲି କେବେ ବି ଭାବନ୍ତୁ ନାହିଁ । କାରଣ କମ୍ପାନୀ ଚାକିରି ଛାଡିବା ପରେ ଏହି ଜୀବନ ବୀମା ସୁରକ୍ଷା ଆଉ ରହିବ ନାହିଁ ।

ରୋଜଗାର ଆରମ୍ଭ କରିବା ସମୟରୁ ହିଁ ଏକ ଆଜୀବନ ଜୀବନ ବୀମା ସୁରକ୍ଷା କିଣିନେବା ବୁଦ୍ଧିମାନର କାର୍ଯ୍ୟ। ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର 'ଜୀବନ ଆନନ୍ଦ' ଏକ ସୁବିଧା ପଲିସି । ଏହା ଆଜୀବନ ଜୀବନ ବୀମା ସୁରକ୍ଷା ସହ ପଲିସିର ପ୍ରିମିୟମ ଟର୍ମ ଶେଷ ପରେ ଏକ ପରିପକ୍ୱ ରାଶି ପାଇବାରେ ସହାୟତା କରିଥାଏ। ଯେତେ କମ୍ ବୟସରୁ ପଲିସିଟି କିଣିବେ ଆପଣଙ୍କ ପାଇଁ ପ୍ରିମିୟମ କମ୍ ରହିବ । ପଲିସି ନେବା ସମୟରେ ଯଦି ସୁସ୍ଥ ଅଛନ୍ତି ତେବେ ପ୍ରିମିୟମ ରାଶି କମ୍ ସହ ଆଜୀବନ ସୁରକ୍ଷା ପାଇଁ ଗ୍ୟାରେଣ୍ଟି ହୋଇ ପାରିବ । ଏହି ପଲିସି ପରିବାରର ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ସହ ଆୟ-କର ମୁକ୍ତ ପରିପକ୍ୱ ରାଶି, ପଲିସି ଉପରେ ଋଣ କରିବା ଭଳି ଅନେକ ସୁବିଧା ଦେବ ।

ଟର୍ମ ପଲିସି (ଖାଣ୍ଟି ଜୀବନ ବୀମା ପଲିସି)- ଯଦି ପଲିସି ଟର୍ମ ଭିତରେ ଆପଣଙ୍କ ଅକାଳ ମୃତ୍ୟୁ ଘଟେ ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ ଦିଗରେ ଏହା କାର୍ଯ୍ୟ କରିଥାଏ। ଏହା ବ୍ୟତୀତ ଅନ୍ୟ କିଛି ସୁବିଧା ଏଥିରେ ମିଳି ନ ଥାଏ। ଅବସର ଗ୍ରହଣ କରିଥିବା ଅନେକ ବ୍ୟକ୍ତି ଟର୍ମ ପ୍ଲାନର ଅବଧି ଶେଷ ହେବା ପରେ ଅସନ୍ତୋଷ ପ୍ରକାଶ କରନ୍ତି। କାରଣ ଏତେ ଦିନ ପ୍ରିମିୟମ ଦେବା ପରେ ବି ଆଜୀବନ ବୀମା ସୁରକ୍ଷା ମିଳେ ନାହିଁ । କମ୍ପାନୀରୁ ଚାକିରି ଛାଡିବା ପରେ ଆଜୀବନ ବୀମା ସୁରକ୍ଷା ମିଳି ନ ଥାଏ। ୬୦- ୭୦ବର୍ଷ ବୟସରେ ଜୀବନ ବୀମା ସୁରକ୍ଷା ପଲିସିର ପ୍ରିମିୟମ ବହୁତ ଅଧିକ ଥାଏ। ହୁଏତ ଏ ବୟସରେ ଜୀବନ ବୀମା ପଲିସ ମିଳିବା ସମ୍ଭବ ହେବ ନାହିଁ। କାରଣ ସ୍ୱାସ୍ଥ୍ୟଗତ ସମସ୍ୟା ଏକ ବଡ କାରଣ ଭାବେ ଉଭା ହୋଇଥାଏ।

ନିଜ ପରିବାର ପାଇଁ ଜୀବନ ବୀମା ସୁରକ୍ଷା କିଣିବା ବେଳେ କିଛି ମୁଖ୍ୟ ଓ ପ୍ରାଧାନ୍ୟଯୁକ୍ତ ପ୍ରଶ୍ନ ନିଜକୁ ପଚାରନ୍ତୁ- କ'ଣ ଆପଣ ଜୀବିତ ଥିବା ପର୍ଯ୍ୟନ୍ତ ଆପଣଙ୍କ ପରିବାରର ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜୀବନ ବୀମା ପଲିସି କିଣିବାକୁ ଚାହୁଁଛନ୍ତି କି? କିମ୍ବା କ'ଣ ଆପଣଙ୍କ ପରିବାର ସଦସ୍ୟ ବା ସେମାନେ ଜୀବିତ ଥିବା ପର୍ଯ୍ୟନ୍ତ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜୀବନ ବୀମା ପଲିସି କିଣିବାକୁ ଚାହାଁନ୍ତି କି ?

ଯଦି ଉପରୋକ୍ତ ପ୍ରଶ୍ନର ଉତ୍ତର ଉଭୟଙ୍କ ପାଇଁ ହଁ ତେବେ ଆପଣ ଆଜୀବନ ଜୀବନ ବୀମା ସୁରକ୍ଷା ପଲିସି କିମ୍ବା ଟର୍ମ ପ୍ଲାନ ସହିତ ଆଜୀବନ ବୀମା ସୁରକ୍ଷା ପଲିସ କିଣିବା ଉଚିତ ହେବ।

**▶ମ୍ୟୁଚୁଆଲ ଫଣ୍ଡ ନିବେଶ ଅପେକ୍ଷା ୟୁଲିପ୍‌ରେ ନିବେଶ ଭଲ କି? ୧୫-୨୦ ବର୍ଷ ନିବେଶରେ କେଉଁ ସ୍କିମ୍ ସୀମା ଭଲ ସୁଧ ଦେବ? କେଉଁ ସ୍କିମ ଭଲ ଲାଭ ପ୍ରଦାନ କରିବ?**

**-ସୁଜାତା ମିଶ୍ର, ବ୍ରହ୍ମପୁର**

■ଶ୍ରେଷ୍ଠତା ଦୃଷ୍ଟିରୁ ୟୁଲିପ୍ ଓ ମ୍ୟୁଚୁଆଲ ଫଣ୍ଡର ପରସ୍ପର ସହିତ ତୁଳନା କରିବା ଅନୁଚିତ। ୟୁଲିପ ମୁଖ୍ୟତଃ ଏକ ବୀମା ଯୋଜନା ସହିତ ନିବେଶର ଏକ ଅଂଶ ରହିଥାଏ। କିନ୍ତୁ ମ୍ୟୁଚୁଆଲ ଫଣ୍ଡ ଏକ ପାଣ୍ଠି ନିବେଶ ଯୋଜନା। ଏ ବିଷୟରେ ଭଲ ଭାବରେ ବୁଝି ଆପଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଅନ୍ତୁ।

**▶ମୋର ବୟସ ୨୬ ବର୍ଷ । ମାସିକ ୩୦୦ଟଙ୍କା ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିପାରିବି କି?**

**-ଅନନ୍ତ ମାଝି,ଝାରସୁଗୁଡା**

■ହଁ ଆପଣ ମାସିକ ୩୦୦ ଟଙ୍କା ମ୍ୟୁଚୁଆଲ ଫଣ୍ଡ ସିଷ୍ଟମେଟିକ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ (ଏସ୍ଆଇପି) ମାଧମରେ ନିବେଶ କରିପାରିବେ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର - ୧୦

ଇଣ୍ଡିଆ ଓପନ୍‌ର ପ୍ରଥମ ରାଉଣ୍ଡ ମ୍ୟାଚ୍ ମୋ ଲାଗି ସହଜ ଥିଲା । ଏବେ ପରବର୍ତ୍ତୀ ମ୍ୟାଚ୍ ଉପରେ ଫୋକସ୍ କରିବି ।
– ପି. ଭି. ସିନ୍ଧୁ, ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି



ଚେନ୍ନାଇ ସୁପର୍ କିଙ୍ଗ୍ସ ଗୋଟିଏ ଭଲ ଫିଲ୍ଡିଂ ଦଳ ହୋଇ ନ ପାରେ। କିନ୍ତୁ ଏହାର ଖେଳାଳିଙ୍କ ଅଭିଜ୍ଞତା ବ୍ୟାଟିଂ ଓ ବୋଲିଂରେ ସହାୟତାରେ ଆସିଥାଏ।
– ମହେନ୍ଦ୍ର ସିଂ ଧୋନୀ, ଚେନ୍ନାଇ ସୁପର୍‌କିଙ୍ଗ୍ସ ଅଧିନାୟକ



## ସଂକ୍ଷେପରେ

### ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ, ଶ୍ରୀକାନ୍ତ




ନୂଆଦିଲ୍ଲୀ, ୨୭।୩(ପି.ଟି.): ପୂର୍ବତନ ଚାମ୍ପିୟନ ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସେହିଭଳି ଏଚ୍.ଏସ୍. ପ୍ରଣୟ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପାଇଛନ୍ତି। ୨୦୧୭ରେ ଏଠାରେ ଟାଇଟଲ ଜିତିଥିବା ସିନ୍ଧୁ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲା ୨୧-୮, ୨୧-୧୩ ସିଧାସଳଖ ଗେମ୍‌ରେ ସାଥୀ ଭାରତୀୟ ଖେଳାଳି ମୁଗ୍ଧା ଅଗରୀଙ୍କୁ ପରାସ୍ତ କରିଥିଲେ। ସେହିଭଳି ୨୦୧୫ ଚାମ୍ପିୟନ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସରେ ହଂକଂର ୱାଙ୍ଗ୍ ୱିଙ୍ଗ୍ କି ଭିନସେଣ୍ଟଙ୍କୁ ୨୧-୧୬, ୧୮-୨୧, ୨୧-୧୯ ଗେମ୍‌ରେ ପରାସ୍ତ କରି ୨ୟ ରାଉଣ୍ଡରେ ପହଁଚିଛନ୍ତି। ପ୍ରଣୟ ମଧ୍ୟ ଦମ୍‌ଦାର ଆରମ୍ଭ କରିଛନ୍ତି। ପ୍ରଣୟ ଥାଇଲାଣ୍ଡର କଣ୍ଟପୋନ ୱାଙ୍ଗଚାରୋଏନଙ୍କୁ ହରାଇଛନ୍ତି। ପ୍ରଥମ ଗେମ୍‌କୁ ପ୍ରଣୟ ୧୪-୨୧ରେ ହାରିଯାଇଥିଲେ ମଧ୍ୟ ୨୧-୧୮, ୨୧-୧୪ରେ ପରବର୍ତ୍ତୀ ଦୁଇ ଗେମ୍ ଜିତି ମ୍ୟାଚ୍‌କୁ କବ୍‌ଜା କରିନେଇଥିଲେ। ପଞ୍ଚମ ସିଡ୍ ସମୀର ବର୍ମା ୨୧-୧୮, ୨୧-୧୨ ସିଧାସଳଖ ଗେମ୍‌ରେ ଡେନମାର୍କର ରାସମସ ଗେମ୍‌କେଙ୍କୁ ମାତ୍ ଦେଇଛନ୍ତି। ବି. ସାଇ ପ୍ରଣୀଥ୍ ମଧ୍ୟ ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ମହିଳା ବିଭାଗରେ ରିୟା ମୁଖାର୍ଜୀ ୨୧-୧୭, ୨୧-୧୫ରେ ଥାଇଲାଣ୍ଡର ଫିତତାୟାପର୍ନ ଚାଇୱାନଙ୍କୁ ପରାସ୍ତ କରିଛନ୍ତି।

# କୋଲକାତା ୨୮ ରନରେ ବିଜୟୀ

**କୋଲକାତା,୨୭।୩ (ପି.ଟି.)**

ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲକାତା ନାଇଟ ରାଇଡର୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ୨୮ ରନରେ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇଥିବା କୋଲକାତା ଏଥି ସହିତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ଇଡେନ ଗାର୍ଡେନ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଲିଗ୍‌ର ଷଷ୍ଠ ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ ଅଧିନାୟକ ରବୀଚନ୍ଦ୍ରନ ଅଶ୍ୱିନ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଘରୋଇ ପରିବେଶରୁ ଫାଇଦା ଉଠାଇ କୋଲକାତା ନୀତୀଶ ରାଣା, ଆନ୍ଦ୍ରେ ରସେଲ ଓ ରବିନ ଉଥାପ୍ପାଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୨୦ ଓଭରରେ ୪ ଉଇକେଟ ହରାଇ ୨୧୮ ରନର ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା। ଜବାବରେ ପଞ୍ଜାବ ଚାପର ମୁକାବିଲା କରି ନ ପାରି ୨୦ ଓଭରରେ ୪ ଉଇକେଟ ହରାଇ ୧୯୦ ରନ କରି ପରାସ୍ତ ହୋଇଥିଲା। ମୂଲ୍ୟବାନ ୨ ଉଇକେଟ ନେବା ସହ ଦ୍ରୁତ ୪୮ ରନ କରିଥିବା କୋଲକାତା ଅଲରାଉଣ୍ଡର ଆନ୍ଦ୍ରେ ରସେଲ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୧୯ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ପଞ୍ଜାବ ମାତ୍ର ୧୧ ରନରେ ଓପନର ଲୋକେଶ ରାହୁଲଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ରାହୁଲ ମାତ୍ର ୧ ରନ କରି ଲୋକି ଫର୍ଗୁସନଙ୍କ ବଲ୍‌ରେ ମିଡ୍ ଅଫ୍‌ରେ କୁଲଦୀପ ଯାଦବଙ୍କ କ୍ୟାଚ ନେଇ ଆଉଟ ହୋଇଥିଲେ। ବିସ୍ଫୋରକ କ୍ରିସ ଗେଲ ଏଥର ଫେଲ୍ ମାରିଥିଲେ। ସେ ୧୩ ବଲରେ ୨ ଚୌକା ଓ ୨ ଛକା ସହ ୨୦ ରନ କରିଥିବା ବେଳେ ଆନ୍ଦ୍ରେ ରସେଲଙ୍କ ବଲ୍‌ରେ ବଡ଼ ଶଟ୍ ଖେଳିବାକୁ ଯାଇ ପ୍ରସିଦ୍ଧ କ୍ରିଷ୍ଣାଙ୍କ ହାତରେ ଧରା ପଡିଥିଲେ। ଏହାପରେ ସର୍ଫରାଜ ଖାଁ ୧୩ ରନ କରି ରସେଲଙ୍କ ବଲ୍‌ରେ ଉଇକେଟକିପର ଦୀନେଶ କାର୍ତ୍ତିକଙ୍କୁ କ୍ୟାଚ୍ ଦେଇଥିଲେ। ଚତୁର୍ଥ ଉଇକେଟ ଯୋଡିରେ ମୟଙ୍କ ଅଗ୍ରୱାଲ ଓ ଡେଭିଡ ମିଲର ୪୭ ବଲରୁ ୭୪ ରନ ସଂଗ୍ରହ କରିଥିଲେ । ଅଗ୍ରୱାଲ ୩୪ ବଲରୁ ୬ ଚୌକା ଓ ୧ ଛକା ସହ ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସ୍ପିନର ପୀୟୂଷ ଚାୱ୍ଲାଙ୍କ ଦ୍ୱାର ବୋଲ୍ଡ ହୋଇଥିଲେ। ଏହା ପରେ ପଞ୍ଜାବର ବିଜୟ ଆଶା ମଉଳିଯାଇଥିଲା। ପଞ୍ଚମ ଉଇକେଟ ଯୋଡିରେ ମିଲର ଓ ମନଦୀପ ସିଂ ୨୮ ବଲରୁ ଅପରାଜିତ ଦ୍ରୁତ ୫୬ ରନକରିଥିଲେ ମଧ୍ୟ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ମିଲର ୪୦ଟି ବଲ ଖେଳି ୫ ଚୌକା ଓ ୩ ଛକା ସହ ୫୯, ମନଦୀପ ୧୫ ବଲରୁ ୪ ଚୌକା ଓ ୧ ଛକା ସହ ୩୩ ରନକରି ଅପରାଜିତ ରହିଥିଲେ। ବୋଲିଂରେ ରସେଲ ୨, ଫର୍ଗୁସନ ଓ ଚାୱ୍ଲା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କୋଲକାତା ଆରମ୍ଭରୁ ଧୂଆଁଧାର ବ୍ୟାଟିଂ ପ୍ରଦର୍ଶନ କରିଥିଲା। କ୍ରିସ ଲିନ୍ ୧୦ ବଲରୁ ୨ ଚୌକା ସହ ୧୦ରନ କରି ମହମ୍ମଦ ସାମିଙ୍କ ବଲ୍‌ରେ ଡେଭିଡ ମିଲରଙ୍କୁ କ୍ୟାଚ ଦେଇ ତୃତୀୟ ଓଭରରେ ଆଉଟ ହୋଇଥିଲେ। ଏହା ପର ଓଭରରେ ସୁନୀଲ ନାରିନ୍ ୯ଟି ବଲ୍ ଖେଳି ୧ ଚୌକା ଓ ୩ ଛକା ସହ ୨୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟ ଯୋଡ଼ିରେ ରବିନ ଉଥାପ୍ପା ଓ ଇନ୍‌ଫର୍ମ ନୀତୀଶ ରାଣା ଦମ୍‌ଦାର ପ୍ରଦର୍ଶନ କରି ୬୬ ବଲରୁ ୧୧୦ ରନ କରି ଦଳର ସ୍କୋରକୁ ଆଗେଇ ନେଇଥିଲେ। ରାଣା ମାତ୍ର ୩୪ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୭ ଛକା ସହ ୬୩ ରନର ଧୂଆଁଧାର ଇନିଂସ ଖେଳି ଲେଗ୍ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ବଲ୍‌ରେ ଲଙ୍ଗ ଅଫ୍ ବାଉଣ୍ଡାରୀରେ ମୟଙ୍କ ଅଗ୍ରୱାଲଙ୍କ ହାତରେ ଧରା ପଡ଼ିଥିଲେ। ଏହାପରେ ୫ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ପ୍ରଥମ ମ୍ୟାଚ୍‌ର ହିରୋ ଆନ୍ଦ୍ରେ ରସେଲ ବିସ୍ଫୋରକ ବ୍ୟାଟିଂ କରି ଆଣ୍ଡ୍ରୁ ଟାଏଙ୍କ ବଲ୍‌ରେ ଡିପ୍ ମିଡ୍‌ଉଇକେଟରେ ଅଗ୍ରୱାଲଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ଦଳର ସ୍କୋରକୁ ୨୦୦ ରନ ପାର କରାଇଥିଲେ। ସେ ମାତ୍ର ୧୭ଟି ବଲ ଖେଳି ୩ ଚୌକା ଓ ୫ ଛକା ସହ ୪୮ ରନ ସଂଗ୍ରହ କରିଥିଲେ। ଚତୁର୍ଥ ଉଇକେଟ ଯୋଡ଼ିରେ ଉଥାପ୍ପା ଓ ରସେଲ ମାତ୍ର ୩୨ଟି ବଲରୁ ୬୭ ରନ ସଂଗ୍ରହ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ଅଭିଜ୍ଞ ଉଥାପ୍ପା ୫୦ଟି ବଲ ଖେଳି ୬ ଚୌକା ଓ ୨ ଛକା ସହ ୬୭ ଓ ଅଧିନାୟକ ଦୀନେଶ କାର୍ତ୍ତିକ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ପଞ୍ଜାବ ତରଫରୁ ମହମ୍ମଦ ସାମି, ବରୁଣ, ଭିଲଜୋଏନ ଓ ଟାଏ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ଆଜିର ମ୍ୟାଚ



ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ବନାମ
ମୁମ୍ବାଇ ଇଣ୍ଡିଆନ୍ସ

ପ୍ରସାରଣ
ସ୍ଥାନ : ବେଙ୍ଗାଲୁରୁ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

### ସଂକ୍ଷିପ୍ତ ସ୍କୋର

- କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୨୧୮/୪ (ଉଥାପ୍ପା- ୬୭*, ରାଣା- ୬୩, ରସେଲ- ୪୮, ନାରିନ- ୨୪, ସାମି- ୧/୪୪, ବରୁଣ- ୧/୩୫, ଭିଲଜୋଏନ- ୧/୩୬, ଟାଏ- ୧/ ୩୭)।
- କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୯୦/୪ (ମିଲର- ୫୯*, ଅଗ୍ରୱାଲ- ୫୮, ମନଦୀପ- ୩୩*, ଗେଲ- ୨୦, ରସେଲ- ୨/୨୧, ଫର୍ଗୁସନ- ୧/୪୨, ଚାୱ୍ଲା- ୧/୨୬)।



ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚରେ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ଅବସରରେ କୋଲକାତା ନାଇଟ୍ ରାଇଡର୍ସର ନୀତୀନ ରାଣା।

## ୪୫୦ ଚୌକା କ୍ଲବରେ ରାଇନା

ନୂଆଦିଲ୍ଲୀ,୨୭।୩- ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ସୁରେଶ ରାଇନା ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୩୦ ରନ୍‌ର ଇନିଂସ ଖେଳିଛନ୍ତି। ଛୋଟିଆ ଇନିଂସରେ ରାଇନା ୪ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଏଥିସହ ଆଇପିଏଲରେ ତାଙ୍କ ଚୌକା ସଂଖ୍ୟା ୪୫୦କୁ ଟପି ଯାଇଛି। ଏବେ ସେ ୪୫୫ ଚୌକା ସହ ଆଇପିଏଲ ଇତିହାସରେ ସର୍ବାଧିକ ଚୌକା ମାରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ୩ୟ ସ୍ଥାନରେ ଅଛନ୍ତି। ଏହି ତାଲିକା ଶୀର୍ଷରେ ପୂର୍ବତନ ଓପନର ଗୌତମ ଗମ୍ଭୀର (୪୯୧) ରହିଛନ୍ତି। ତଙ୍କ ପଛକୁ ୪୭୧ ଚୌକା ସହ ଓପନର ଶିଖର ଧାୱନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଲ୍ଲେଖଥାଉ କି, ଗମ୍ଭୀର କ୍ରିକେଟରୁ ଅବସର ନେଇ ସାରିଛନ୍ତି। ଏଣୁ ଚଳିତ ଆଇପିଏଲ ସିଜନରେ ସର୍ବାଧିକ ଚୌକା ଲଗାଇବାର ରେକର୍ଡ ଅଧିକାରୀଙ୍କ ନାମ ପରିବର୍ତ୍ତନ ହେବା ନିଶ୍ଚିତ।

# ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳିଙ୍କ ସହ ଫେଲ୍ପସଙ୍କ ଭାବ ବିନିମୟ

**ନୂଆଦିଲ୍ଲୀ,୨୭।୩**

ଅଲିମ୍ପିକ୍ସ ଲିଜେଣ୍ଡ ତଥା କିମ୍ବଦନ୍ତୀ ସନ୍ତରଣକାରୀ ଆମେରିକାର ମାଇକେଲ ଫେଲ୍ପସ ଓ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅନ୍ୟତମ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସର ଖେଳାଳିଙ୍କ ମଧ୍ୟରେ ଭାବ ବିନିମୟ ହୋଇଛି। ବୁଧବାର ଆୟୋଜିତ କ୍ରିକେଟ ସେସେନ ଅବସରରେ ବିଶ୍ୱର ଏହି ସଫଳତମ ଅଲିମ୍ପିଆନ୍‌ଙ୍କ ସହ ଦିଲ୍ଲୀ ଖେଳାଳିମାନେ ବେଶ୍ ମନଖୋଲି କଥାବାର୍ତ୍ତା କରିଥିଲେ। ଏପରିକି ଦିଲ୍ଲୀ ଖେଳାଳିମାନେ ୩୩ ବର୍ଷୀୟ ଫେଲ୍ପଙ୍କ ସହ କିଛି ସମୟ କ୍ରିକେଟ ଖେଳିଥିଲେ। ଫେଲ୍ପସ ଓ କ୍ରିକେଟରମାନେ ନିଜନିଜ କ୍ରୀଡ଼ା ସମ୍ବନ୍ଧରେ ପରସ୍ପରକୁ ଟିପ୍ସ ଦେଇଥିଲେ। ଦିଲ୍ଲୀ ଅଧିନାୟକ ଶ୍ରେୟାସ ଆୟର, ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ, ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କ୍ରିସ୍ ମୋରିସ ଓ ଦ୍ରୁତ ବୋଲର ଇଶାନ୍ତ ଶର୍ମା ଫେଲ୍ପଙ୍କ ସହ ବେଶ୍ କିଛି ସମୟ କଥାବାର୍ତ୍ତା କରିଥିଲେ। ୨୮ଟି ଅଲିମ୍ପିକ୍ସ ପଦକ ହାସଲ କରିଥିବା ଫେଲ୍ପସଙ୍କ କ୍ୟାରିୟର ଅବଶ୍ୟ ସେତେଟା ଲମ୍ବା ନ ଥିଲା। ମଙ୍ଗଳବାର ମଧ୍ୟ ଫେଲ୍ପ ଦିଲ୍ଲୀ କ୍ୟାପିଟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ଦେଖିଥିଲେ। କ୍ରିକେଟ ମୋର ଅତିପ୍ରିୟ କ୍ରୀଡ଼ା ହୋଇ ନ ଥିଲେ ମଧ୍ୟ ଏହି ମ୍ୟାଚ୍‌କୁ ମୁଁ ମନଭରି ଉପଭୋଗ କରିଥିଲି। ଷ୍ଟାଡିୟମରେ ଦର୍ଶକଙ୍କ ଉତ୍ସାହ ଦେଖି ବେଶ୍ ଭଲ ଲାଗିଥିଲା। ମ୍ୟାଚ୍‌ର ପ୍ରତିଟି ମୋଡରେ ଉଭୟ ଦଳର ଖେଳାଳିଙ୍କ ଆଚରଣ ବେଶ୍ ମଜାଦାର ଥିଲା। ମ୍ୟାଚ୍‌ରେ ଲମ୍ବା ଲମ୍ବା ଛକା ଦେଖିବା ବେଶ୍ ମଜାଦାର ଥିଲା। ଖେଳାଳିମାନଙ୍କଠାରୁ ଟିପ୍ସ ନେବା ମଧ୍ୟ ଆନନ୍ଦଦାୟକ ଥିଲା। ଖାସ୍ କରି କିଭଳି ବ୍ୟାଟ ଧରିବାକୁ ହୁଏ ତାହା ଜାଣିବାକୁ ପାଇଥିଲି। ଆଗକୁ ଭାରତ ଆସିଲେ କ୍ରିକେଟ ଖେଳିବା ପାଇଁ ମୁଁ ଭଲଭାବେ ପ୍ରସ୍ତୁତ୍ ହୋଇ ପାରିବି।

ଖାସ୍ କରି ପନ୍ତଙ୍କ ସହ ଫେଲ୍ପଙ୍କ ବାର୍ତ୍ତାଳାପ ବେଶ୍ ମଜାଦାର ଥିଲା। ମୋ ପାଖରେ ଯେତେଦିନ ରହିବାକୁ ଚାହିଁବେ ସେ ରହିପାରିବେ ଓ ତାଙ୍କୁ ଭିଭଳି କ୍ରିକେଟ ଖେଳିବାକୁ ହେବ ତାହା ଶିଖାଇବି ବୋଲି ପନ୍ତ ଫେଲ୍ପସଙ୍କୁ କହିଥିଲେ। ମୋ ପ୍ରସ୍ତାବରେ ଫେଲ୍ପସ ଖୁସି ଜାହିର କରିଥିଲେ। ଫେଲ୍ପସ ଜଣେ ସମ୍ପୂର୍ଣ୍ଣ କିମ୍ବଦନ୍ତୀ କ୍ରୀଡ଼ାବିତ୍ ବୋଲି ମୋରିସ୍ କହିଛନ୍ତି। ତାଙ୍କ ସହ ବାର୍ତ୍ତାଳପ ବେଶ୍ ଚମତ୍କାର ଥିଲା। ଅଲିମ୍ପିକ୍ସରେ ସେ ଜଣେ ସର୍ବକାଳୀନ ତଥା ସର୍ବାଧିକ ସ୍ୱର୍ଣ୍ଣ ପଦକ ବିଜେତା ହୋଇ ରହିବେ ମୋରିସ୍ କହିଛନ୍ତି। ତାଙ୍କୁ ପାଖରେ ପାଇ ମୁଁ ବେଶ୍ ଉତ୍ସାହିତ ହୋଇପଡିଥିଲି। ମାଇକେଲ ଫେଲ୍ପସ ଓ ଅଲିମ୍ପିକ୍ସ ପରସ୍ପର ପରିପୂରକ। ଅଲିମ୍ପିକ୍ସ କହିଲେ ଫେଲ୍ପଙ୍କୁ ବୁଝାଏ। ଦୁଇଜଣ ଅଲିମ୍ପିଆନ ଘରେଘରେ ପରିଚିତ ଓ ସେମାନେ ହେଲେ ଫେଲ୍ପସ ଓ ଜାମାଇକା କିମ୍ବଦନ୍ତୀ ଧାବକ ଉସେନ୍ ବୋଲ୍ଟ ବୋଲି ମୋରିସ୍ କହିଛନ୍ତି। ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ମଧ୍ୟ ଫେଲ୍ପସଙ୍କ ପ୍ରଶାଂସାରେ ଶତମୁଖ ହୋଇଛନ୍ତି।

# ଡି'ଭିଲର୍ସଙ୍କୁ ପଛରେ ପକାଇଲେ ଧୋନୀ

**ନୂଆଦିଲ୍ଲୀ,୨୭।୩**

ଭେଟେରାନ ଉଇକେଟକିପର ତଥା ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଆଇପିଏଲରେ ସର୍ବାଧିକ ଛକା ଲଗାଇବାରେ ପୂର୍ବତନ ଦକ୍ଷିଣ ଆଫ୍ରିକା ଅଧିନାୟକ ଏବି ଡି'ଭିଲର୍ସଙ୍କୁ ପଛରେ ପକାଇ ଦେଇଛନ୍ତି। ଏଠାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଧୋନୀ ଗୋଟିଏ ଛକା ଲଗାଇଥିଲେ। ଏଥିସହ ଆଇପିଏଲରେ ତାଙ୍କ ଛକା ସଂଖ୍ୟା ୧୮୭କୁ ବୃଦ୍ଧି ପାଇଛି। ପୂର୍ବରୁ ଧୋନୀ ଓ ଡି'ଭିଲର୍ସଙ୍କ ଆଇପିଏଲ ଛକା ସଂଖ୍ୟା ୧୮୬ ଥିଲା। ଏହି ତାଲିକାରେ କ୍ରିସ ଗେଲ ସର୍ବାଧିକ ୨୯୬ ଛକା ସହ ଶୀର୍ଷରେ ରହିଛନ୍ତି। ଏବେ ଧୋନୀ ଓ ଡି'ଭିଲର୍ସଙ୍କ ବ୍ୟତୀତ ସୁରେଶ ରାଇନା (୧୮୬), ରୋହିତ ଶର୍ମା (୧୮୪) ଓ ବିରାଟ କୋହଲି (୧୭୮) ରହିଛନ୍ତି।


## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁଟି ଢେଙ୍କାନାଳ ଜିଲ୍ଲାର ଆଦୃତା ଶିଶୁ ଗୃହ, ଜୁବ୍ଲି ଟାଉନ୍ ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତା ମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଏଲ୍.ଆଇ.ସି ଲାଇନ୍, ଗଣେଶ ବଜାର, ଢେଙ୍କାନାଳ- ୭୫୯୦୦୧, ଫୋନ୍-୦୬୭୬୨-୨୨୩୨୪୬ କିମ୍ବା ଶିଶୁ ମଙ୍ଗଳ ସମିତି, ବଡପଣ୍ଡା ସାହି, ଦୁର୍ଗା ବଜାର ଢେଙ୍କାନାଳ, ଫୋନ୍- ୦୬୭୬୨-୨୨୫୦୦୨ କୁ ଯୋଗାଯୋଗ କରନ୍ତୁ। ଏହି ସମୟ ସୀମାର ପରିସମାପ୍ତି ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।

**ନିମ୍ନରେ ଶିଶୁଟିର ବିବରଣୀ ପ୍ରଦାନ କରାଗଲା :**

| କ୍ର. ନଂ. | ଶିଶୁର ନାମ | ପୁଅ / ଝିଅ | ବୟସ / ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର କିମ୍ବା | ଫଟୋ |
|---|---|---|---|---|---|---|
| ୧ | କ୍ରିଷ୍ଣା ମୁଣ୍ଡା | ପୁଅ | ୧୫.୦୬.୨୦୦୭ | ୨୮.୧୨.୨୦୧୨ | କୁସୁମ ଘାଟ ମରୁଆବିଲି କଙ୍କଡାହାଡ ଢେଙ୍କାନାଳ |  |


# ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନରେ ପ୍ରଶିକ୍ଷଣ ନେବେ ରାଜେଶ

**କଟକ ଅଫିସ, ୨୭।୩**



ଚେନ୍ନାଇସ୍ଥିତ ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନରେ ପ୍ରଶିକ୍ଷଣ ନେବେ ଓଡ଼ିଶାର ଉଦୀୟମାନ ମିଡିୟମ ପେସ ବୋଲର ରାଜେଶ ମହାନ୍ତି। ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ଏ ନେଇ ଏକ ଚିଠି ଆସିଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ରାଜେଶ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ପେସ ବୋଲର ତଥା ଫାଉଣ୍ଡେଶନର ପ୍ରଶିକ୍ଷଣ ନିର୍ଦ୍ଦେଶକ ଗ୍ଲେନ ମ୍ୟାକଗ୍ରାଙ୍କ ନିକଟରୁ ପ୍ରଶିକ୍ଷଣ ନେବେ। ଏପ୍ରିଲ ପହିଲାରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଫାଉଣ୍ଡେଶନ ପକ୍ଷରୁ ଏହି ଶିବିର ଚାଲିବ।

ସୂଚନା ଥାଉକି, ରାଜେଶ ପୂର୍ବରୁ ୧୯ବର୍ଷରୁ କମ୍ ଭାରତୀୟ ଦଳରେ ମଧ୍ୟ ସ୍ଥାନ ପାଇଛନ୍ତି। ଢାକାଠାରେ ଅନୁଷ୍ଠିତ ଗତ ୧୯ବର୍ଷରୁ କମ୍ ଏସିଆ କପ୍‌ରେ ସେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ରାଜ୍ୟର ଏହି ଡାହାଣହାତୀ ମିଡ଼ିୟମ ପେସ ପ୍ରତିଭା ଗତ ରଣଜୀ ସିଜିନରେ ପଦାର୍ପଣ କରିଥିଲେ। ୮ଟି ମ୍ୟାଚ୍ ଖେଳି ୪୦ଟି ଉଇକେଟ ଦଖଲ କରିବା ସହ ନିଜ ଦକ୍ଷତାର ଛାପ ଛାଡ଼ିଥିଲେ। ଗୁଆହାଟୀରେ ଆସାମ ବିପକ୍ଷରେ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଥିଲେ ରାଜେଶ । ପ୍ରଥମ ଇନିଂସ୍‌ରେ ୩୧ରନ ଦେଇ ୫ଟି ଓ ଦ୍ୱିତୀୟ ଇନିଂସରେ ୫୫ରନ୍ ଦେଇ ୬ଟି ଉଇକେଟ ଅକ୍ତିଆର କରିବା ସହ ଗୋଟିଏ ମ୍ୟାଚ୍‌ରେ ମୋଟ ୧୧ଟି ଉଇକେଟ ପାଇଥିଲେ। ପେସ ବୋଲିଂ କ୍ଷେତ୍ରରେ ସେ ଓଡ଼ିଶାର ଭବିଷ୍ୟତ ବୋଲି ନିଦ୍ୱନ୍ଦ୍ୱରେ କୁହାଯାଇ ପାରେ। ନୟାଗଡ଼ ଜିଲାର ତୁଳସୀପୁର ଅଞ୍ଚଳରେ ଜନ୍ମିତ ରାଜେଶ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂର ପ୍ରଶିକ୍ଷାର୍ଥୀ। ରାଜ୍ୟର ପୂର୍ବତନ ପେସ୍ ବୋଲର ଦୀପକ ମଙ୍ଗରାଜ ହେଉଛନ୍ତି ରାଜେଶଙ୍କ ବୋଲିଂ ଗୁରୁ।


Please inform **Income Tax Department, Odisha** about any **Money Transactions** during Elections, 2019
WhatsApp No. **9438917915**
**E-mail: generalelectionodisha2019@incometax.gov.in**

GOVERNMENT OF ODISHA
OFFICE OF THE PROJECT DIRECTOR-CUM-CHIEF ENGINEER
PROJECT MANAGEMENT UNIT, MEGA LIFT PROJECTS
PLOT NO.- A-8/2, BHOI NAGAR, BHUBANESWAR-751022
Email ID: cemegalift-eicwr.od@nic.in, Telephone No.- 91-0674-2567252, Fax: 91-0674-2567258
No. 2004 Dt. 26.03.2019

**1st Corrigendum**
**Tender Call Notice No.- 6ML/2018-19**

**No. 1407-A:-** In partial modification to this office Tender Call Notice No. 6ML/2018-19, the following changes have been made on Critical dates.

| Sl. No. | Particulars | Critical dates & time as per Notice | Revised dates & time |
|---|---|---|---|
| 1 | Last date and Time for submission of Bid | 02.04.2019 upto 5.00PM | 23.05.2019 upto 5.00PM |
| 2 | Time and Date of Opening of Techno-Commercial Bid | 11.30AM on 04.04.2019 | 11.30AM on 25.05.2019 |

All other terms and conditions remain unchaged.
*Sd./- Project Director-cum-Chief Engineer*
*PMU, Mega Lift Projects*
32264/11/0015/1819

ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ
ନଂ.3164 ତା.23.03.2019
**ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଶ୍ରୀଜୀଉଙ୍କର ଚଳିତ ବର୍ଷର ରଥଯାତ୍ରା ନିମନ୍ତେ ତାଳଗଛ ଆବଶ୍ୟକ ପଡୁଅଛି। ଯେଉଁ ବ୍ୟକ୍ତିମାନେ ନିଜସ୍ୱ ତାଳଗଛ ଦାନସୂତ୍ରେ ଦେବାକୁ ଇଚ୍ଛୁକ ଅଟନ୍ତି ସେମାନେ ନିମ୍ନ ଠିକଣାରେ ଜଣାଇଲେ ଗଛଗୁଡିକର ଉପଯୁକ୍ତତା ତନଖି ପୂର୍ବକ ପ୍ରଶାସନିକ ଖର୍ଚ୍ଚରେ ପରିବହନ ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ ଯେ ତାଳଗଛଗୁଡିକ ପାକଳ ଓ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବା ସହ କ୍ଷତବିହୀନ ସିଧା ହୋଇଥିବା ଓ ସୁବିଧା ସ୍ଥାନରେ ଥିବା ଆବଶ୍ୟକ। ପୁରୀ ସହର ନିକଟବର୍ତ୍ତୀ ଅଞ୍ଚଳର ପାକଳ ତାଳଗଛ ଅଣାଯିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ।
**ଠିକଣା**
ମୁଖ୍ୟ ପ୍ରଶାସକ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ
ଯୋଗାଯୋଗ ନଂ.
ବରିଷ୍ଠ ତତ୍ତ୍ୱାବଧାରକ-୯୮୬୧୩୬୪୫୩୫
ସ୍ୱା./-ପ୍ରଶାସକ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ

ଭାରତୀୟ ବିମାନବନ୍ଦର ପ୍ରାଧିକରଣ
AIRPORTS AUTHORITY OF INDIA
**ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
ଅଧକ୍ଷ, ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ)ଙ୍କ ତରଫରୁ ନିମ୍ନଲିଖିତ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: ଲାଇସେନ୍ସର ନାମ: ଘରୋଇ ଟର୍ମିନାଲ୍ ବିଲ୍ଡିଂ (ଟି୧) ଏବଂ ଅନ୍ତର୍ଜାତୀୟ ଟର୍ମିନାଲ (ଟି୨), ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱରରେ ବିମାନବନ୍ଦର ପ୍ରବେଶ ଟିକେଟ୍ ଠିକା। ଟେଣ୍ଡର ଆଇଡି ନଂ.: ୨୦୧୮_ଏଏଆଇ_୨୪୭୩୨_୧, ଏମ୍‌ଆର୍‌ଏଲ୍‌ଏଫ୍ ପି.ଏମ୍.: ₹୭,୦୦,୦୦୦/-, ଇଏମଡି: ₹୨,୫୨,୦୦୦/-. ଲାଇସେନ୍ସ ଅବଧି: ୦୩ ବର୍ଷ। ସିପିପି ପୋର୍ଟାଲ https://etender.gov.in ମାଧ୍ୟମରେ ବିଡ୍ ଦାଖଲର ଶେଷ ତାରିଖ ହେଉଛି ତା୧୫।୦୪।୨୦୧୯। ଅଧିକ ବିବରଣୀ ପାଇଁ www.aai.aero କିମ୍ବା https://etenders.gov.in ରେ ଲଗ୍ ଅନ୍ କରନ୍ତୁ। ଏ ସଂକ୍ରାନ୍ତୀୟ ଶୁଦ୍ଧିପତ୍ରର ପରବର୍ତ୍ତୀ ସ୍ପଷ୍ଟୀକରଣ, ଯଦି ଥାଏ, କେବଳ https://etenders.gov.inରେ ଅପ୍‌ଲୋଡ୍ କରାଯିବ।
ବିମାନ ବନ୍ଦର ନିର୍ଦ୍ଦେଶକ
ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ
ବିମାନ ବନ୍ଦର, ଭୁବନେଶ୍ୱର

नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY
**NOTICE INVITING TENDERS**
Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :
**1- NIT No. OMC-4990, Name of the work :** Work Assistance in Finance, Indirect taxation Cell, Contract Cell, Training Department (S&P), Office of GM(O&M), Office of GM(S) & Office of ED(S&P).
**2- NIT No. OMC-4992, Name of the work :** Horticulture Maintenance Works at Administrative Office & Training Centre of Smelter Plant: 2019-21
**3- NIT No. OMC-4995, Name of the work :** Up-keeping of Rodding Shop-II
**DGM (Mech.)-T&C**
For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to www.nalcoindia.com & http://eprocure.gov.in

## ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରାଳୟ
ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ୍, ପ୍ରଥମ ତଳ, ସେତୁ ଭବନ, ୟୁନିଟ୍-୪, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୨, ଫୋନ୍ : (୦୬୭୪) ୨୩୯୨୭୨୦, ୨୩୯୨୭୩୦, ଇ-ମେଲ୍ : bhu@nhai.org

ଏନ୍‌ଏଚ୍‌ଏଆଇ/୧୪୦୧୨/୧/୨୦୧୪/ପିଆଇୟୁ/ବିବିଏସ୍ଆର/୫୧୨ ତା୨୬.୦୩.୨୦୧୯

**ସାର୍ବଜନିକ ଅଧିସୂଚନା**

ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ଦ୍ୱାରା ଜାରି ସଂଶୋଧିତ ଫି ନିୟମ ୨୦୦୮ ଅନୁସାରେ ଲମ୍ବ ୭୬.୫୮୮ କିମି ପାଇଁ ଓଡ଼ିଶା ରାଜ୍ୟର ଏନ୍‌ଏଚ୍-୫କ ର କିମି ୦.୦୦୦ ଠାରୁ କିମି ୭୬.୫୮୮ ଚଣ୍ଡିଖୋଲରୁ ପାରାଦୀପ ସେକ୍‌ସନ, କିମି ୩.୫୮୮ ଶ୍ରୀରାମପୁର ଠାରେ ଟୋଲ୍ ପ୍ଲାଜା ନିମନ୍ତେ ଟୋଲ୍ ଫି ଆଦାୟକୁ ୦୧.୦୪.୨୦୧୯ ଠାରୁ ୩୧.୦୩.୨୦୨୦ ପର୍ଯ୍ୟନ୍ତ ନିମ୍ନ ପ୍ରକାରେ ସଂଶୋଧନ କରାଯାଉଛି । (ଟଙ୍କାରେ)

| ଯାନର ପ୍ରକାର | ଏକକ ଯାତ୍ରା ପାଇଁ ଫି | ଗୋଟିଏ ଦିନରେ ଫେରସ୍ତ ଯାତ୍ରା ପାଇଁ ଫି | ଗୋଟିଏ ମାସରେ ୫୦ ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ନିମନ୍ତେ ଫି | ଫି ପ୍ଲାଜାର ଜିଲ୍ଲା ମଧ୍ୟରେ ପଂଜୀକୃତ ବାଣିଜ୍ୟିକ ଯାନ ପାଇଁ ଏକକ ଯାତ୍ରା ନିମନ୍ତେ ଫି |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ହାଲୁକା ମୋଟର ଯାନ | ୧୨୦ | ୧୮୦ | ୩୯୮୫ | ୬୦ |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୧୯୫ | ୨୯୦ | ୬୪୩୫ | ୯୫ |
| ବସ୍ କିମ୍ବା ଟ୍ରକ୍ (ଦୁଇଟି ଆକ୍ସେଲ୍) | ୪୦୫ | ୬୦୫ | ୧୩୪୮୫ | ୨୦୦ |
| ତିନୋଟି ଆକ୍ସିଲ୍ ବିଶିଷ୍ଟ ବାଣିଜ୍ୟିକ ଯାନ | ୪୪୦ | ୬୬୦ | ୧୪୭୧୦ | ୨୨୦ |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା (ଚାରି ରୁ ଛ ଆକ୍ସେଲ୍) | ୬୩୫ | ୯୫୦ | ୨୧୧୪୫ | ୩୧୫ |
| ଓଭରସାଇଜ୍ ଯାନ (ସାତ ବା ଅଧିକ ଆକ୍ସେଲ୍) | ୭୭୦ | ୧୧୬୦ | ୨୫୭୪୦ | ୩୮୫ |

ବର୍ଷ ୨୦୧୯-୨୦ ପାଇଁ ଉପରୋକ୍ତ ଟୋଲ୍ ପ୍ଲାଜା ଠାରୁ ୨୦ କିମି ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ-ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ନିମନ୍ତେ ମୂଲ୍ୟ ହେବ ଟ.୨୬୫/-
ସ୍ୱା-
ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ

> ଯଶପ୍ରୀତ୍ ବୁମ୍ରା ସମ୍ପ୍ରତି ବିଶ୍ୱର ଶ୍ରେଷ୍ଠ ଟି୨୦ ବୋଲର । ତାଙ୍କର ଭିନ୍ନଶୈଳୀର ବୋଲିଂ ଆକ୍ସନ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇଥାଏ ।
> **– ଜୋଫ୍ରା ଆର୍ଚର, ରାଜସ୍ଥାନ ରୟାଲ୍ସ ବୋଲର**



> ଲୋକମାନେ ଯେଉଁଠି ଅସମ୍ଭବ ବୋଲି କହିଥାନ୍ତି, ମୁଁ ସେଥିରେ ମାଷ୍ଟର ହେବାକୁ ଚାହିଁଥାଏ।
> **– ମାଇକେଲ ଫେଲପ୍ସ, ଆମେରିକୀୟ ସନ୍ତରଣକାରୀ**



## ସଂକ୍ଷେପରେ

### ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ମନୁ-ସୌରଭ

ନୂଆଦିଲ୍ଲୀ,୨୭।୩(ପିଟି)- ଟିନ୍ଏଜ ଭାରତୀୟ ଶୁଟିଂ ଷ୍ଟାର ମନୁ ଭାକର ଓ ସୌରଭ ଚୌଧାରୀ ଯୋଗ୍ୟତା ପର୍ଯ୍ୟାୟର ବିଶ୍ୱ ରେକର୍ଡ ଭାଙ୍ଗିବା ସହ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଇପେର ତାଓୟୁବାନଠାରେ ଚାଲିଥିବା ୧୨ତମ ଏସିଆନ ଏୟାରଗନ ଚାମ୍ପିୟନଶିପ୍‌ରେ ମନୁ ଓ ସୌରଭ ଏହି ସଫଳତା ପାଇଛନ୍ତି। ସେମାନେ ଗତ ମାସରେ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ ଫେଡେରେଶନ (ଆଇଏସ୍ଏସ୍ଏଫ୍) ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୭ ବର୍ଷୀୟା ମନୁ ଓ ୧୬ ବର୍ଷୀୟ ସୌରଭ ଫାଇନାଲ ପାଇଁ ଯୋଗ୍ୟତା ପର୍ଯ୍ୟାୟରେ ମୋଟ ୭୮୪ ସ୍କୋର କରିଥିଲେ। ଏହା ଏକ ବିଶ୍ୱ ରେକର୍ଡ। ପୂର୍ବରୁ ରୁଷିଆର ଭିଟାଲିନା ବସାରକିନା ଓ ଆର୍ଟେମ ଚେର୍ନୋସୋଭଙ୍କ ନାମରେ ଏହି ରେକର୍ଡ ଥିଲା। ୫ ଦଳ ବିଶିଷ୍ଟ ଫାଇନାଲରେ ଭାରତୀୟ ଶୁଟର ୪୮୪.୮ ସ୍କୋର କରିଥିଲେ। ଏହି ଇଭେଣ୍ଟରେ କୋରିଆର କିମ ମୋସେ ଓ ହ୍ୱାଙ୍ଗ ସେଙ୍ଗଉନ ୪୮୧ ପଏଣ୍ଟ ସହ ରୌପ୍ୟ ପଦକ ଜିତିଥିଲେ।

### ମାୟାମି ଓପନରୁ ଜୋକୋଭିଚ୍ ଆଉଟ୍

ମାୟାମି,୨୭।୩(ଏଏଫ୍‌ପି)- ନୋଭାକ ଜୋକୋଭିଚ୍ ରେକର୍ଡ ୭ମ ଥର ପାଇଁ ମାୟାମି ଓପନ ଏଟିପି ଟାଇଟଲ ହାତେଇବାକୁ ରଖିଥିବା ଲକ୍ଷ୍ୟର ଅନ୍ତ ଘଟିଛି। ୪ର୍ଥ ରାଉଣ୍ଡ ମ୍ୟାଚ୍‌ରେ ଜୋକୋଭିଚ୍ ୬-୧, ୫-୭, ୩-୬ ସେଟ୍‌ରେ ରବର୍ଟ ବାଉଟିଷ୍ଟ ଅଗୁଟଙ୍କଠାରୁ ହାରି ଯାଇଛନ୍ତି। ପ୍ରଥମ ସେଟ୍‌କୁ ୬-୧ ବ୍ୟବଧାନରେ ଜିତିବା ପରେ ମଧ ଜୋକୋଭିଚ୍ ନିଜ ଖେଳରେ ସ୍ଥିରତା ଆଣି ପାରି ନ ଥିଲେ। ଦ୍ୱିତୀୟ ସେଟ୍ ବେଳେ ଆଂଶିକ ବର୍ଷା ହୋଇଥିଲା। ଏହା ମ୍ୟାଚ୍‌ର ମୋଡ଼ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲେ। ଆରମ୍ଭରୁ ସଂଘର୍ଷ କରୁଥିବା ୩୦ ବର୍ଷୀୟ ସ୍ପାନିଶ ଖେଳାଳି ପ୍ରତିପକ୍ଷ ଖେଳାଳିଙ୍କୁ ଦ୍ୱିତୀୟ ଓ ୩ୟ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ବିଜୟ ଲାଗି ତାଙ୍କୁ ପ୍ରାୟ ଅଢ଼େଇ ଘଣ୍ଟା ସଂଘର୍ଷ କରିବାକୁ ପଡ଼ିଥିଲା। ସେ ପରବର୍ତ୍ତୀ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଜନ ଇସ୍ନରଙ୍କୁ ଭେଟିବେ।

### ପୁଣି ଧୋନୀଙ୍କ ଗୋଡ଼ ଧରିଲେ ପ୍ରଶଂସକ

ନୂଆଦିଲ୍ଲୀ,୨୭।୩- ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ପ୍ରଶଂସକଙ୍କ ସଂଖ୍ୟା ଖୁବ ଅଧିକ। ତାଙ୍କ ଝଲକ ପାଇବା ପାଇଁ ପ୍ରଶଂସକମାନେ ଷ୍ଟାଡିୟମ୍‌ର ସୁରକ୍ଷା ବଳୟ ଅତିକ୍ରମ କରିବା କିଛି ନୂଆ ଘଟଣା ନୁହେଁ। ଫିରୋଜ ଶାହ କୋଟଲାଠାରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ଦୁଇ ଜଣ ପ୍ରଶଂସକ ସୁରକ୍ଷା ବଳୟ ଅତିକ୍ରମ କରି ସିଏସ୍‌କେ ଅଧିନାୟକ ଧୋନୀଙ୍କ ଗୋଡ଼ ଛୁଇଁଥିଲେ। ଏହାପରେ ସେମାନଙ୍କୁ ସୁରକ୍ଷାକର୍ମୀମାନେ ଗ୍ରାଉଣ୍ଡ ବାହାରକୁ ନେଇ ଯାଇଥିଲେ।

## ■ ସୁଲତାନ ଆଜଲାନ ଶାହ କପ୍ ହକି

# ମନଦୀପଙ୍କ ହ୍ୟାଟ୍ରିକ, ଭାରତ-କୋରିଆ ଫାଇନାଲ

**ଇପୋ (ମାଲେସିଆ), ୨୭।୩**

ମନଦୀପ ସିଂଙ୍କ ହ୍ୟାଟ୍ରିକ ଏବଂ ଓଡ଼ିଆ ଖେଳାଳି ଅମିତ ରୋହିଦାସଙ୍କ ସମେତ ଅନ୍ୟ ୪ ଖେଳାଳିଙ୍କ ଗୋଲ ଯୋଗୁ ଭାରତ ସୁଲତାନ ଆଜଲାନଶାହ କପ୍ ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ କାନାଡ଼ାକୁ ୭-୩ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ୪ ମ୍ୟାଚରୁ ୩ ବିଜୟ ଓ ୧ ଡ୍ର ସହ ଭାରତ ୧୦ ପଏଣ୍ଟ ପାଇ ପୁଲ୍ ଷ୍ଟାଣ୍ଡିଂର ଶୀର୍ଷକୁ ଉନ୍ନୀତ ହୋଇଛି। ଅନ୍ୟଏକ ମ୍ୟାଚରେ ଦକ୍ଷିଣ କୋରିଆ ୨-୧ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ଏହି ବିଜୟ ଫଳରେ କୋରିଆର ପଏଣ୍ଟ ସଂଖ୍ୟା ମଧ ୧୦ରେ ପହଞ୍ଚିଛି। ତେବେ ଗୋଲ ବ୍ୟବଧାନରେ ଭାରତ ଶୀର୍ଷରେ ରହି ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି। ଭାରତ ଓ କୋରିଆ ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଆୟୋଜକ ମାଲେସିଆର ଫାଇନାଲ ଆଶା ଧୂଳିସାତ ହୋଇଛି। କୋରିଆଠାରୁ ହାରିବାଦ୍ୱାରା ଦଳ ୬ ପଏଣ୍ଟରେ ସ୍ଥିର ରହିଛି। ଆଉ ଗୋଟିଏ ଲିଗ୍ ମ୍ୟାଚ ବାକିଥିବାରୁ ମାଲେସିଆର ଫାଇନାଲ ପ୍ରବେଶ ପଥ ବନ୍ଦ ହୋଇ ଯାଇଛି।

ଆଜି ଥିଲା ମନଦୀପଙ୍କ ଦିନ। ବରୁଣ କୁମାର ମ୍ୟାଚର ୧୨ତମ ମିନିଟରେ ପେନାଲ୍ଟି କର୍ନରରୁ ଭାରତ ପକ୍ଷରୁ ଗୋଲ ସ୍କୋରିଂ ଆରମ୍ଭ କରିଥିଲେ ହେଁ ମନଦୀପ ୨୦, ୨୭ ଓ ୨୯ତମ ମିନିଟରେ ହ୍ୟାଟ୍ରିକ ଗୋଲ ଦେଇ ଚର୍ଚ୍ଚାରେ ରହିଥିଲେ। ଓଡ଼ିଆ ଖେଳାଳି ଅମିତ ରୋହିଦାସଙ୍କ ପ୍ରଦର୍ଶନ ମଧ ଏହି ମ୍ୟାଚରେ ଅତି ଚମତ୍କାର ରହିଥିଲା। ସେ କେବଳ ଭଲ ଖେଳି ନ ଥିଲେ, ଭାରତର ଗୋଲ ସ୍କୋରିଂ ପ୍ରକ୍ରିୟାରେ ନିଜକୁ ସାମିଲ ମଧ କରିଥିଲେ। ୩୯ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ସେ ଗୋଲରେ ପରିଣତ କରି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଏତିକିରେ ଭାରତର ଗୋଲ ଦେବା ଧାରା ଅଟକି ନ ଥିଲା। ୫୫ତମ ମିନିଟରେ ବିବେକ ସାଗର ପ୍ରସାଦ ଓ ୫୮ତମ ମିନିଟରେ ନୀଳକାନ୍ତ ଶର୍ମା ଗୋଟିଏ ଲେଖାଏ ଗୋଲ ଦେଇ ଭାରତର ବୃହତ୍ ବିଜୟରେ ଭାଗୀଦାରି ହୋଇଥିଲେ। କାନାଡ଼ା ପକ୍ଷରୁ ମାର୍କ ପିଅରସନ ୩୫, ଫିନ୍ ବୁଥୋର୍ଡ ୫୦ ଓ ଜେମ୍ସ ୱାଲାସ ୫୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ବିଶ୍ୱକପରେ ଭାରତ ୫-୧ରେ କାନାଡ଼ାକୁ ପରାସ୍ତ କରିଥିଲା। ଏଠାରେ ମଧ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଫାଇଦାରେ ରହିଥିଲା। ପ୍ରଥମ କ୍ୱାର୍ଟର ଶେଷ ଭାଗରେ ସୁମିତ କୁମାର (ଜୁନିୟର) ବଲ୍ ନେଇ ପ୍ରତିପକ୍ଷ ଗୋଲପୋଷ୍ଟ ଏରିଆରେ ପ୍ରବେଶ କରିଥିବାବେଳେ ଭାରତୀୟ ଦଳକୁ ପେନାଲ୍ଟି କର୍ନର ମିଳିଥିଲା। ବରୁଣ କୁମାର ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ୍ କରି ନ ଥିଲେ। ଚଳିତ ଟୁର୍ନାମେଣ୍ଟରେ ବରୁଣ କୁମାରଙ୍କର ଏହା ଥିଲା ତୃତୀୟ ଗୋଲ। ପ୍ରଥମ କ୍ୱାର୍ଟରରେ ୧-୦ରେ ଅଗ୍ରଣୀ ରହିବାପରେ ଭାରତୀୟ ଦଳ ଦ୍ୱିତୀୟ କ୍ୱାର୍ଟରରେ ମୋମେଣ୍ଟମ୍ ବଜାୟ ରଖିଥିଲା। ଏହି କ୍ୱାର୍ଟରର ପ୍ରଥମ ଗୋଲରେ ମଧ ସୁମିତ କୁମାରଙ୍କ ଭୂମିକା ରହିଥିଲା। ସେ ବଲ୍‌କୁ ପ୍ରତିପକ୍ଷ ଡି ଏରିଆରେ ମନଦୀପଙ୍କ ନିକଟକୁ ପାସ୍ ଦେଇଥିଲେ। ମନଦୀପ ବଲ୍‌କୁ ଡିଫ୍ଲେକ୍ଟ କରି ପୋଷ୍ଟରେ ଭର୍ତ୍ତି କରି ଦେଇଥିଲେ। ୨୧ତମ ମିନିଟରେ ଭାରତ ଆଉଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଅମିତ ରୋହିଦାସଙ୍କ ଫ୍ଲିକ୍‌କୁ କାନାଡ଼ିଆନ ଗୋଲକିପର ସେଭ୍ କରି ଦେଇଥିଲେ। ଭାରତ ଲଗାତର ଆଉ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ସେହିପରି କାନାଡ଼ା ମଧ ୨୬ତମ ମିନିଟରେ ଏକ ପେନାଲ୍ଟି କର୍ନର ମିସ୍ କରିଥିଲା। ତେବେ ଏହି କ୍ୱାର୍ଟରର ଶେଷ ଭାଗରେ ମନଦୀପ ଆଉ ୨ଟି ଗୋଲ ଦେଇ ଭାରତକୁ ଡ୍ରାଇଭର ସିଟ୍‌ରେ ବସାଇ ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୪-୦ ଗୋଲରେ ଅଗ୍ରଣୀ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଭାରତ ଓ କାନାଡ଼ା ପକ୍ଷରୁ ୩ଟି ଲେଖାଏ ଗୋଲ ହୋଇଥିଲା। ଶେଷ ଭାଗରେ କାନାଡ଼ା ୨ଟି ଗୋଲ ପରିଶୋଧ କରିଥିଲେ ହେଁ ସେତେବେଳକୁ ବହୁ ବିଳମ୍ୱ ହୋଇଯାଇଥିଲା। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ମନଦୀପ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପ୍ରତିଯୋଗିତାରେ ଭାରତ ଏହାର ଶେଷ ଲିଗ୍ ମ୍ୟାଚ ପୋଲାଣ୍ଡ ସହିତ ଖେଳିବ। ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଜାପାନ ୩-୦ ଗୋଲରେ ପୋଲାଣ୍ଡକୁ ହରାଇ ପଏଣ୍ଟ ଖାତା ଖୋଲିଛି।



ଭାରତ ପକ୍ଷରୁ ହ୍ୟାଟ୍ରିକ ଗୋଲ କରିଥିବା ମନଦୀପ ସିଂ।

**ଗୋଲ ସ୍କୋରର**

**ଭାରତ-୭**
ବରୁଣ କୁମାର: ୧୨ତମ ମିନିଟ
ମନଦୀପ ସିଂ: ୨୦, ୨୭, ୨୯ତମ ମିନିଟ
ଅମିତ ରୋହିଦାସ: ୩୯ତମ ମିନିଟ
ବିବେକ ସାଗର ପ୍ରସାଦ(୫୫ତମ)
ନୀଳକାନ୍ତ ଶର୍ମା ୫୮ତମ ମିନିଟ

**କାନାଡ଼ା-୩**
ମାର୍କ ପିଅରସନ: ୩୫ତମ ମିନିଟ
ଫିନ୍ ବୁଥୋର୍ଡ: ୫୦ତମ ମିନିଟ
ଜେମ୍ସ ୱାଲାସ: ୫୭ତମ ମିନିଟ

**ମନଦୀପ ସିଂ ମ୍ୟାନ ଅଫ ଦି ମ୍ୟାଚ**

# ଭାରତୀୟ ମହିଳା ହକି ଦଳରେ ୪ ଓଡ଼ିଆ

**ନୂଆଦିଲ୍ଲୀ,୨୭।୩(ପିଟି)**

ଆଗାମୀ ମାଲେସିଆ ଗସ୍ତ ଲାଗି ହକି ଇଣ୍ଡିଆ ପକ୍ଷରୁ ଗୋଲକିପର ସବିତାଙ୍କ ନେତୃତ୍ୱରେ ୧୮ ଜଣିଆ ଭାରତୀୟ ମହିଳା ଦଳ ବୁଧବାର ଘୋଷଣା କରାଯାଇଛି। ଆସନ୍ତା ଏପ୍ରିଲ ୪ ତାରିଖଠାରୁ ମାଲେସିଆ ବିପକ୍ଷରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବ। ସବିତାଙ୍କ ଡେପୁଟି ଭାବେ ଓଡ଼ିଶାର ଦୀପଗ୍ରେସ ଏକ୍କାଙ୍କୁ ଦାୟିତ୍ୱ ଦିଆଯାଇଛି। ଏକ୍କାଙ୍କ ବ୍ୟତୀତ ଦଳରେ ଆହୁରି ୩ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁନୀତା ଲାକ୍ରା, ଲିଲିମା ମିଞ୍ଜ ଓ ରଶ୍ମିତା ମିଞ୍ଜ। ଭାରତୀୟ ଦଳର ନିୟମିତ ଅଧିନାୟିକା ରାଣୀ ରାମ୍‌ପଲ ଆହତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି। ଏଣୁ ୮ ଦିନିଆ କୁଆଲାଲମ୍ପୁର ଗସ୍ତ ଲାଗି ସବିତାଙ୍କୁ ନେତୃତ୍ୱ ଦିଆଯାଇଛି। ୨୦୨୦ ଅଲିମ୍ପିକ୍ କ୍ୱାଲିଫାଇଙ୍ଗ ଇଭେଣ୍ଟ ପୂର୍ବରୁ ମାଲେସିଆ ଗସ୍ତ ସମ୍ପର୍କରେ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି, ସ୍ପେନ ଗସ୍ତ ପରେ ଆମେ ଡିଫେନ୍ସ ଭାଗର ଶକ୍ତି ବୃଦ୍ଧି ଓ ଅଧିକ ସୁଯୋଗ ସୃଷ୍ଟି କରିବାକୁ ଗୁରୁତ୍ୱ ଦେବୁ। ଏହାବାଦ୍ ପ୍ରତ୍ୟେକ ଖେଳାଳିଙ୍କ ସ୍ଥିର ପ୍ରଦର୍ଶନ ଉପରେ କାର୍ଯ୍ୟ ଜାରି ରଖିବୁ। ଦଳରେ ସିନିୟର ଖେଳାଳିଙ୍କ ଅନୁପସ୍ଥିତି ଯୁବ ଖେଳାଳିଙ୍କ ଲାଗି ବଡ଼ ସୁଯୋଗ। ସେମାନେ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ହାସଲ କରିପାରିବେ। ଏହାଦ୍ୱାରା ଚୟନ ପ୍ରକ୍ରିୟା ପାଇଁ ଆମ ନିକଟରେ ଅଧିକ ବିକଳ୍ପ ରହିବ। ରାଜନୀ ଇଟିମାର୍ପୁ ଦଳରେ ଦ୍ୱିତୀୟ ଗୋଲକିପର ଭାବେ ସ୍ଥାନ ପାଇଛନ୍ତି। ସାଲିମା ଟେଟେ, ରିନା ଖୋକାର, ଦୀପଗ୍ରେସ ଏକ୍କା, ରଶ୍ମିତା ମିଞ୍ଜ, ସୁଶିଲା ଚାନୁ ପୁଖରାମବାମ ଓ ସୁନିତା ଲାକ୍ରା ଡିଫେନ୍ସ ଭାଗ ସମ୍ଭାଳିବେ। ମିଡ୍‌ଫିଲ୍ଡରେ ଅଭିଜ୍ଞ ମୋନିକା, ଆହତ ସମସ୍ୟାରୁ ଫେରିଥିବା କରିସ୍ମା ଯାଦବ, ନିକି ପ୍ରଧାନ, ନେହା ଗୋୟଲ ଓ ଲିଲିମା ମିଞ୍ଜ ରହିଛନ୍ତି। ଦଳର ଆକ୍ରମଣ ତଥା ଫରୱାର୍ଡ ଲାଇନ୍‌ରେ ଜ୍ୟୋତି, ବନ୍ଦନା କାଟାରିୟା, ଲାଲରେସିଆମି, ନବଜୋତ କୌର, ନବନୀତ କୌର ରହିଛନ୍ତି।



ମାଲେସିଆ ଗସ୍ତ ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

# ପୁରୁଷ ହକିର ନୂଆ କୋଚ୍ ହେବେ ଗ୍ରାହମ ରିଡ୍

**ନୂଆଦିଲ୍ଲୀ, ୨୭।୩ (ପି.ଟି.)**

ଅଷ୍ଟ୍ରେଲିଆର ଗ୍ରାହମ ରିଡ୍ ଭାରତୀୟ ପୁରୁଷ ହକି ଦଳର ନୂତନ ମୁଖ୍ୟକୋଚ୍ ନିଯୁକ୍ତ ହେବେ। ଆଗାମୀ ୨୦୨୨ ହକି ବିଶ୍ୱକପ୍ ପର୍ଯ୍ୟନ୍ତ ରିଡ୍ ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ରହିବେ। ଗତ ୩ ମାସ ହେବ ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ପଦ ଖାଲି ରହିଛି। ହକି ଇଣ୍ଡିଆ ଓ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ରିଡ୍‌ଙ୍କ ନାମ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଅନ୍ୟତମ ଅଷ୍ଟ୍ରେଲୀୟ ଖେଳାଳି ତଥା ୩ଥର ଅଲିମ୍ପିକ ପଦକ ବିଜେତା ଜୟ ଷ୍ଟାସି କୋଚ୍ ଦୌଡ଼ରେ ରହିଥିଲେ ମଧ ରିଡ୍‌ଙ୍କ ନାମକୁ ଶେଷରେ ଚୟନ କରାଯାଇଛି। ଫାଇନାଲ ଅନୁମୋଦନ ପାଇଁ ରିଡ୍‌ଙ୍କ ନାମକୁ କ୍ରୀଡ଼ା ବିଭାଗ ନିକଟକୁ ପଠାଇ ଦିଆଯାଇଛି ଏବଂ ଚଳିତ ସପ୍ତାହ ଶେଷ ସୁଦ୍ଧା କୋଚ୍ ନିଯୁକ୍ତି ନେଇ ଅଫିସିଆଲ ଘୋଷଣା ହୋଇପାରେ। ରିଡ୍ ଅଷ୍ଟ୍ରେଲିଆ ପକ୍ଷରୁ ୧୩୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟୀ ଦଳର ସେ ଅନ୍ୟତମ ପ୍ରମୁଖ ଥିଲେ। ୨୦୧୬ ରିଓ ଅଲିମ୍ପିକ୍ସ ସମୟରେ ରିଡ୍ ଅଷ୍ଟ୍ରେଲିଆର ମୁଖ୍ୟ କୋଚ୍ ରହିଥିଲେ। କିନ୍ତୁ ତାଙ୍କ ଦଳ ପଦକ ଜିତିବାରେ ବିଫଳ ହେବାରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଗତବର୍ଷ ଭୁବନେଶ୍ୱରରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପ୍‌ରେ ଭାରତୀୟ ଦଳ ନୈରାଶ୍ୟଜନକ ଭାବେ କ୍ୱାର୍ଟର ଫାଇନାଲରୁ ବିଦାୟ ନେବା ପରେ ଜାନୁୟାରୀରେ ମୁଖ୍ୟ କୋଚ୍ ହରେନ୍ଦ୍ର ସିଂଙ୍କୁ ବାହାର କରିଦିଆଯାଇଥିଲା।



## ■ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ

# ଅନ୍ତର୍ଯ୍ୟାମୀଙ୍କ ହ୍ୟାଟ୍ରିକ: ଜଗା ୟୁନାଇଟେଡ ବିଜୟୀ




ଅତିଥିଙ୍କଠାରୁ ଅନ୍ତର୍ଯ୍ୟାମୀ ମଲିକ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୭।୩(କ୍ରୀଡ଼ା ପ୍ରତିନିଧି)**

ପୋଖରୀପୁଟ ଖେଳ ପଡ଼ିଆରେ ଚାଲିଥିବା ୪ର୍ଥ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ୫ମ ମ୍ୟାଚରେ ଭୁବନେଶ୍ୱରର ଜଗା ୟୁନାଇଟେଡ ୩-୦ ଗୋଲରେ ଖୋର୍ଦ୍ଧାର ଶବର ସ୍ପୋର୍ଟିଂକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅନ୍ତର୍ଯ୍ୟାମୀ ମଲିକ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଫଳରେ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଦୀପ ଦାସ, ସରୋଜ ମହାରଣା ଓ ରାଜୁ ବାରିକ ମ୍ୟାଚ ପରିଚାଳନା କରିଥିଲେ। ମିହିର ଚନ୍ଦ୍ର ମହାନ୍ତି, ପ୍ରତାପ ଜେନା ଓ ଚିତ୍ତରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇଥିଲେ। ରଣଜିତ ସାମନ୍ତରାୟ, ବିଜୟ ସେଠୀ, ଗୁଲୁ ଜେନା, ବାବୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଜଗା ୟୁନାଇଟେଡ ଓ ଭୁବନେଶ୍ୱର ଏକାଦଶ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହେବ।

# ପୂର୍ବରୁ ମଙ୍କଡିଙ୍ଗ କରିଥିଲେ ଅଶ୍ୱିନ

**ନୂଆଦିଲ୍ଲୀ,୨୭।୩**

ଚଳିତ ଆଇପିଏଲରେ କିଙ୍ଗ୍ସ ଏକାଦଶ ପଞ୍ଜାବ ଦଳର ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ରାଜସ୍ଥାନ ରୟାଲ୍ସ ବ୍ୟାଟ୍ସମ୍ୟାନ ଜୋସ ବଟଲରଙ୍କୁ ମଙ୍କଡିଙ୍ଗ କରିବାରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ତେବେ ଅଶ୍ୱିନ ମଙ୍କଡିଙ୍ଗ କରିବାର ଏହା ପ୍ରଥମ ଘଟଣା ନୁହେଁ। ସେ ସମାନ ଘଟଣା ୨୦୧୨ ଅନ୍ତର୍ଜାତୀୟ କ୍ରିକେଟରେ ଘଟାଇଥିଲେ। ହେଲେ ଷ୍ଟାଣ୍ଡବାଇ କ୍ୟାପଟେନ ବୀରେନ୍ଦ୍ର ସେହ୍ୱାଗ ଓ ସଚିନ ତେନ୍ଦୁଲକର ଅପିଲକୁ ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ବ୍ୟାଟ୍ସମ୍ୟାନ କ୍ରିଜରେ ରହିଥିଲେ। ୨୦୧୨ରେ ଗାବାଠାରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ ଅଶ୍ୱିନ ଲାହିରୁ ଥିରିମାନେଙ୍କୁ ମଙ୍କଡିଙ୍ଗ୍ କରି ଅପିଲ କରିଥିଲେ। ଦୁଇ ଫିଲ୍ଡ ଅମ୍ପାୟର ପରସ୍ପର ମଧ୍ୟରେ ଆଲୋଚନା କରିବା ପରେ ସେହ୍ୱାଗଙ୍କୁ ଡକାଇ ଅପିଲ ପ୍ରତ୍ୟାହାର କରିବେ ନା ଜାରି ରଖିବେ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ସେହ୍ୱାଗ ଅପିଲ ପ୍ରତ୍ୟାହାର କରିଥିଲେ।

## ■ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ

# ଚଣ୍ଡିଗଡ଼, ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର, ୨୭।୩(କ୍ରୀଡ଼ା ପ୍ରତିନିଧି)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ (ପୁରୁଷ) ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତା ୨ଟି ଟ୍ୟାକ୍‌ଲ ଓ ଫ୍ଲାଗ୍ ବିଭାଗରେ ଅନୁଷ୍ଠିତ ହୋଇଥିଲା। ଟ୍ୟାକ୍‌ଲ ଫୁଟବଲର ଫାଇନାଲରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଓ ପଞ୍ଜାବର ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇଛି। କଲିକତାର ଯାଦବପୁର ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଫ୍ଲାଗ୍ ଫୁଟବଲରେ ଜୟପୁରର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ମଣିପାଲ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ଓ ଜୟପୁର ଜାତୀୟ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, ଡେପୁଟି ରେଜିଷ୍ଟ୍ରାର ପି.କେ. ଚମ୍ପତି, କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ , କିଟ୍ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ଡାଇରେକ୍ଟର ଜୟନ୍ତ ପରିଡ଼ା, ଶିବାନନ୍ଦ ମିଶ୍ର (ଡାଇରେକ୍ଟର, ଏଚ୍ଆର) ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଦୁଇ ଚାମ୍ପିୟନ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




ଅତିଥିଙ୍କ ଗହଣରେ ଚାମ୍ପିୟନ ଚଣ୍ଡିଗଡ ଦଳର ଖେଳାଳିମାନେ।

## ବଢୁଛି ବିଜେଡିରେ ବିଦ୍ରୋହ

# ଟିକେଟ ନ ମିଳିବାରୁ ଏମ୍‌ପିଙ୍କ କୁଶପୁତ୍ତଳିକା ଦାହ

**ସଇଁତଲା,୨୭।୩(ଡି.ଏନ୍.ଏ.)**

ଟିକେଟ ଘୋଷଣା ପରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସକାଶେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ସରିଥିଲେ ମଧ୍ୟ ବିଭିନ୍ନ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଓ ବିଦ୍ରୋହ କମୁନାହିଁ। ବଲାଙ୍ଗୀର ଜିଲା ବିଜେଡିରେ ଅସନ୍ତୋଷ ଘନୀଭୂତ ହେବାରେ ଲାଗିଛି। ଲୋଇସିଂହା ବିଧାୟକ ତଥା ବିଜେଡି ନେତା ଯୋଗେନ୍ଦ୍ର ବେହେରାଙ୍କ ପୁଅ ନିହାର ରଞ୍ଜନ ବେହେରାଙ୍କୁ ଲୋଇସିଂହା ଆସନରୁ ଦଳୀୟ ଟିକେଟ ନ ମିଳିବା ପରେ ତାଙ୍କ ସମର୍ଥକମାନେ ବିଦ୍ରୋହ କରିଛନ୍ତି।




ବେଲଗାଁଠାରେ ବିଜେଡି କର୍ମୀମାନେ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କ ପୁଶପୁତ୍ତଳିକା ଦାହ କରୁଛନ୍ତି।

ବୁଧବାର ବେହେରାଙ୍କ ଶତାଧିକ ସମର୍ଥକ ବେଲଗାଁଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଲୋଇସିଂହା ବିଧାନସଭା (ସଂରକ୍ଷିତ) ଆସନ ପାଇଁ ଯୋଗେନ୍ଦ୍ରଙ୍କ ପୁଅ ନିହାରଙ୍କୁ ଦଳୀୟ ଟିକେଟ ଦାବିଦାର ବୋଲି କୁହାଯାଉଥିଲା। ତେବେ ଶେଷ ମୁହୂର୍ତ୍ତରେ ନିହାରଙ୍କ ଟିକେଟ କଟିଯିବାରୁ ତାଙ୍କ ସମର୍ଥକମାନେ ବଲାଙ୍ଗୀର ଏମ୍‌ପି (ବିଜେଡି) କଳିକେଶ ନାରାୟଣ ସିଂଦେଓଙ୍କୁ ଦୋଷାରୋପ କରିଥିଲେ। ବୁଧବାର ଏହାର ପ୍ରତିବାଦ କରି ସେମାନେ କଳିକେଶଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ବେହେରାଙ୍କ ସମର୍ଥକମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ କିଛି ସମୟ ବରଗଡ଼-ବୋରିଗୁମ୍ମା ଜାତୀୟ ରାଜପଥ ଅବରୋଧ କରିଥିଲେ। ବିଜେଡିରେ ଦେଖାଦେଇଥିବା ଏହି ବିଦ୍ରୋହ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବ ବୋଲି ସମୀକ୍ଷକମାନେ ମତ ଦେଉଛନ୍ତି।

# ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରେଢାଖୋଲ, ୨୭।୩(ଡି.ଏନ.ଏ)**

ସମ୍ବଲପୁର ଜିଲା ରେଢ଼ାଖୋଲ ପୋଲିସ ବୁଧବାର ଅପରାହ୍ନ ୩ଟାରେ କଲେଜ ଛକ ନିକଟସ୍ଥ ଗଦଗଦା ନାଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଯୁବକ ଜଣକ ବିହାର ଅଞ୍ଚଳର ହୋଇଥିବାବେଳେ ସେ ରେଢ଼ାଖୋଲ ବଜାରରେ ଗତ କିଛି ମାସ ହେବ ପରିବା ବ୍ୟବସାୟ କରୁଥିଲେ। ତାଙ୍କ ନାମ ଶୈଳେଶ ମିଶ୍ର(୨୩)। ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାରେ ରଖାଯାଇଥିବାବେଳେ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ପରିବାର ଲୋକ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ଯୁବକଙ୍କ ମୃତ୍ୟୁର କାରଣ ଠିକ ଜଣାପଡି ନାହିଁ। ଗାଧୋଇବାକୁ ଯାଇ ସେ ପାଣିରେ ବୁଡିଯାଇଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ଗଞ୍ଜେଇ କାରବାରରେ ଜଣେ ଗିରଫ

**ସମ୍ବଲପୁର,୨୭।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ପୋଲିସ ଗଞ୍ଜେଇ କାରବାରରେ ଚାମୁଣ୍ଡା ପଞ୍ଚାୟତ ଭଟଲି ଗ୍ରାମର କାଶିନାଥ ସାହୁଙ୍କୁ ଗିରଫ କରିଛି । ଅଭିଯୁକ୍ତ କାଶିନାଥଙ୍କ ନିକଟରୁ ୬ ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୪୩/୧୯) ରୁଜୁ ହୋଇଛି । କାଶିନାଥ ବାଇକ୍ (ନଂ ଓଆର ୧୫-୫୦୪୧)ରେ ଗଞ୍ଜେଇ ନେଇ ସମ୍ବଲପୁର ପଟକୁ ଆସୁଥିଲେ । ପୋଲିସ ଖବର ପାଇ ଠର୍ଲି ବ୍ରିଜ୍ ନିକଟରେ ଜଗି ରହିଥିଲା। ଯାଞ୍ଚବେଳେ ଏକ ପ୍ଲାଷ୍ଟିକ ବସ୍ତାରୁ ୬ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲା।

## ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

**ବେଲପାହାଡ଼,୨୭।୩ (ଡ଼ି.ଏନ୍.ଏ)**

ଜଣେ ଯୁବତୀଙ୍କୁ ମିଥ୍ୟା ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଯୌନ ଶୋଷଣ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ପୋଲିସ ପୀଡ଼ିତାଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି । ଘଟଣା ଘଟିଛି ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଞ୍ଚଳରେ। ଅଭିଯୁକ୍ତ ହେଲେ ଗୁମାଢ଼େରାର ବିକି ମହାରାଜ (୨୩)। ଗତ ୨ ମାସ ଧରି ସେ ସ୍ଥାନୀୟ ଜଣେ ୨୦ ବର୍ଷିୟା ଯୁବତୀଙ୍କୁ ବିବାହ କରିବା ପାଇଁ ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରି ଆସୁଥିଲେ । ଏପରିକି ଯୁବତୀଙ୍କୁ ବିଭିନ୍ନ ସ୍ଥାନକୁ ନେଇ ସେଠାରେ ରହିଆସୁଥିଲେ । ମାତ୍ର ପରେ ଯୁବତୀ ଜଣକ ବିବାହ ପାଇଁ ଜିଦ ଧରିବାରୁ ଯୁବକ ଜଣକ ନୀଚ ଜାତିର ଆଳ ଦେଖାଇ ବିବାହ କରିପାରିବେ ନାହିଁ ବୋଲି କହି ମନା ଦେଇଥିଲେ । ଏଣୁ ଯୁବତୀ ଜଣକ ବେଲପାହାଡ଼ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା (ନଂ.୫୩/୧୯) ରୁଜୁ କରିଛି। ଉଭୟ ବିକି ମହାରାଜ ଓ ଯୁବତୀଙ୍କୁ ଡାକ୍ତରୀ ମାଇନା ପାଇଁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## କାରରୁ ୩ ଲକ୍ଷ ୨୦ହଜାର ଟଙ୍କା ଜବତ

**କୁଆଁରମୁଣ୍ଡା, ୨୭।୩(ଡି.ଏନ.ଏ.)**

ସାଧାରଣ ନିର୍ବାଚନରେ ବ୍ୟାପକ ଅର୍ଥ କାରବାର ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ହୁଅନ୍ତୁ ଅବା ବ୍ୟକ୍ତିବିଶେଷ ବିଭିନ୍ନ ଉପାୟରେ ଫନ୍ଦିଫିକର କରୁଛନ୍ତି। ଏହାକୁ ତଦାରଖ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ରାଜ୍ୟଗୁଡିକରେ ନିର୍ବାଚନ ସର୍ଭେଲାନ୍ସ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବୁଧବାର ଅପରାହ୍ନରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଲାସେ ନିକଟରେ ଗାଡି ଯାଞ୍ଚ କରିଥିଲେ। ଏହି ସମୟରେ ଏକ କାରରୁ ୩ଲକ୍ଷ ୨୦ ହଜାର ୯ଶହ ୬୦ଟଙ୍କା ଜବତ କରିଛି। ଝାଡଖଣ୍ଡର ଅନସାରୀ ନାମକ ଜନୈକ ବ୍ୟକ୍ତି ଏହି ଟଙ୍କା ଧରି ସମ୍ବଲପୁର ଅଭିମୁଖେ ଯାଉଥିବା ସୂଚନା ଦେଇଥିଲେ। ନିର୍ବାଚନ ସମୟରେ ଏତେ ପରିମାଣର ଟଙ୍କା କେଉଁ ଉଦ୍ଦେଶ୍ୟରେ ନିଆଯାଉଛି ବୋଲି ପ୍ରଶ୍ନର ଠିକ୍ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ଉକ୍ତ ଟଙ୍କାକୁ ନିର୍ବାଚନ ସର୍ଭେଲାନ୍ସ ଟିମ୍ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ନିକଟକୁ ଟ୍ରେଜେରି ଚାଲାଣ କରିଥିବା ସୂଚନା ମିଳିଛି। ଏହି ଟିମ୍‌ରେ କୁଆଁରମୁଣ୍ଡା ଏବିଡିଓ ଭବାନୀଶଙ୍କର ପାଢୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏଏସଆଇ ବି.ଡି ସାହୁ ଓ ଅନ୍ୟମାନେ ଯାଞ୍ଚ କରୁଥିଲେ।















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।

- ଚାଣକ୍ୟ



## ସଂକ୍ଷେପରେ

### ବିକାଶ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ବରଗଡ଼ ଅଫିସ୍, ୨୭।୩:** ଚଳିତବର୍ଷ ଆଇଆଇଟି-ଜାମ୍ ପ୍ରବେଶିକା ପରୀକ୍ଷାରେ ବିକାଶ ଡିଗ୍ରୀ କଲେଜରୁ ୮ଜଣ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ସେମାନେ ହେଲେ ଖୁସବୁ ଅଗ୍ରୱାଲ, ପ୍ରତିଭାରାଣୀ ସାହୁ, ଆଶିଷ କୁମାର ନାୟକ, ତୃପ୍ତିବାଳା ବେହେରା, ରିତୁ ପଣ୍ଡା, ରାଜଶ୍ରୀ ପଟେଲ, ମୋନାଲିସା ଠାକୁର ଏବଂ ଶାଶ୍ୱତ ସ୍ୱରୂପ ବିଶ୍ୱାଳ । ସେହିପରି ଏହି କଲେଜର ଅନ୍ୟ ୪ଜଣ ଛାତ୍ରୀଛାତ୍ର ଭାଗ୍ୟଶ୍ରୀ ନାଥନୀ, ଦେବରାଜ ମହାପାତ୍ର, ଶାଲିମା ଆଜ୍‌ମାନୀ ଓ ବିଶାଳ ଅଗ୍ରୱାଲ ମ୍ୟାଟ୍-୨୦୧୯ ପରୀକ୍ଷାରେ ସଫଳ ହୋଇଥିବା କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା ସୂଚନା ଦେଇଛନ୍ତି। ଗତବର୍ଷ ମଧ୍ୟ ଏହି କଲେଜର ୩ଜଣ ଛାତ୍ରୀଛାତ୍ର ଉକ୍ତ ପ୍ରବେଶିକା ପରୀକ୍ଷାରେ ସଫଳ ହୋଇଥିଲେ । ଛାତ୍ରୀଛାତ୍ରଙ୍କ ଏଭଳି କୃତିତ୍ୱ ପାଇଁ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ଦୁଇ ଦିନ ହେଲା ଜଳୁଛି ଜଙ୍ଗଲ

**ବୌଦ୍ଧ,୨୭।୩(ସ୍ୱ.ପ୍ର):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ରେଞ୍ଜ ଅଧୀନ ତୁକୁଲୁଣ୍ଡା, ଲକ୍ଷଣପୁର, କୁଟଗାଡ଼ୁ, ଆଡିପଦର ଓ ବାଙ୍କାର୍ଜୁନ ଆଦି ଜଙ୍ଗଲ ଜଳୁଥିବା ଦେଖିବାକୁ ମିଳିଛି । ଦୁଇ ଦିନ ହେଲା ଏହି ଜଙ୍ଗଲ ଜଳୁଥିଲେ ମଧ୍ୟ ଏହାକୁ ଲିଭାଇବା ପାଇଁ ଉଦ୍ୟମ କରାଯାଇନାହିଁ । ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ଉତ୍ତାପ ମଧ୍ୟ ବୃଦ୍ଧି ଘଟିଛି । ଧୂଆଁରେ ରାସ୍ତାରେ ଯାଉଥିବା ଯାତ୍ରୀମାନେ ବହୁ ହଇରାଣ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ଦାବି ହେଉଛି ।

### ପୋଖରୀରେ ବୁଡ଼ି ୩ ନାବାଳିକା ମୃତ

**ଦାରିଙ୍ଗବାଡ଼ି,୨୭।୩(ଡି.ଏନ.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ପର୍ତ୍ତମାହା ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ଶେଷ ମୁଣ୍ଡରେ ଥିବା ପୋଖରୀରେ ବୁଡ଼ି ୨ଭଉଣୀଙ୍କ ସମେତ ୩ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ, ଉକ୍ତ ଗ୍ରାମର ବାୟାବନ୍ଧୁ ନାୟକଙ୍କ ୨ଝିଅ ରେଣୁକା(୯), ମେନୁକା(୭) ଏବଂ ରବୀନ୍ଦ୍ର ସେନାପତିଙ୍କ ଝିଅ ଲିସା(୩)। ୩ଜଣଙ୍କର କିଭଳି ମୃତ୍ୟୁ ହେଲା ସ୍ପଷ୍ଟ ଜଣା ପଡି ନ ଥିଲେ ମଧ ଜଣଙ୍କୁ ବଞ୍ଚାଇବାକୁ ଯାଇ ଆଉ ୨ଜଣ ବୁଡି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି।ରେଣୁକା, ମେନୁକା ଓ ଲିସା ଅପରାହ୍ନରେ ଖେଳିବା ପାଇଁ ଯାଇଥିଲେ। ସନ୍ଧ୍ୟା ହୋଇଥିଲେ ମଧ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗାଁ ଶେଷମୁଣ୍ଡରେ ଥିବା ପୋଖରୀ ତୁଠରେ ସେମାନଙ୍କ ପୋଷାକ ଥିବା ଦେଖିବାକୁ ମିଳିଥିଲା। ସନ୍ଦେହ ହେବାରୁ ଖୋଜାଖୋଜି କରିବାରୁ ପୋଖରୀରେ ୩ଜଣଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହାୟତାରେ ମୃତଦେହ ଗୁଡିକୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ପରେ ସେଠାରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଦାରିଙ୍ଗବାଡି ଥାନା ଅଧିକାରୀ ଅଲେଖ ଗରଡିଆ ପହଞ୍ଚି ମୃତଦେହଗୁଡିକୁ ଦାରିଙ୍ଗବାଡି ମେଡିକାଲକୁ ନେବାର ବ୍ୟବସ୍ଥା କରିଥିଲେ।

ପରହସନ ପାଲଟିଛେ ସରକାରୀ ଯୋଜନା

# ଜଗଡ଼ା ଗଦାରେ ବଁଧା ପଡ଼ିଛେ ଭବିଷତ୍

**ଭବାନୀପାଟଣା, ୨୭।୩ (ଡି.ଏନ୍.ଏ.)**

କେନ୍ଦ୍ର ଆର ରାଏଜ୍ ସରକାର ଶିଶୁ ଶ୍ରମିକ ପରଥାକେ ବଁଦ୍ କରବାର ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ଛୁଆମାନେ କେନ୍‌ଥେଇ ସ୍କୁଲକେ ଯିବେ, ପାଠ୍ ଦୁଇ ଅଖର ପଢ଼ି ଭଲ ମୁନୁଷ୍ ହେବେ ସେଥିରଲାଗି କୋଟି କୋଟି ଟଁକା ସାରୁଛନ୍। ଇ ସବୁ ସମସିଆର ସମାଧାନ ଲାଗି ସରକାରକଁର ଅନେକ ବିଭାଗ କାମ କରୁଛନ୍। ହେଲେ ଦୁଖର କଥା ଏତେ ସବୁ ବିଧି ବେବସ୍ତା ଥିଲେ ବି ସମସିଆର ସମାଧାନ ନାଇଁ ହେଇପାରବାର। ଆମର ରାଏଜେ ଚାହା ଦୁକାନ, ପାନଦୁକାନ, ଜଲଖିଆ ଦୁକାନ, ଇଟାଭାଟି, ଅନେକ ଥିଲାବାଲାକର ଘରେ ୧୪ରୁ କମ୍ ବଛରର ପିଲା ଟୁକେଲମାନେ କାମ୍ କରୁଛନ୍। ଏନ୍‌ତା କି ଆମର ଦେଶେ, ରାଏଜେ ଅନେକ ଗରିବ୍ ଦୁଖି ଅଛନ୍ ଯେନ୍‌ମାନକର ଘର ଦୁଆର ନାଁଇଁନ, ଖୁଲା ଆକାଶ ହେଉଛେ ତାକର ଘର। ସେମାନେ ବଁଚ୍‌ବାର ଲାଗି ଭିନେ ଭିନେ ବେପାର କରୁଛନ୍। ଏନ୍‌ତା କି ସେମାନେ ନିଜର ଛୋଟ ଛୋଟ ଛୁଆମାନକୁ ଜଗଡ଼ା ଗଦା ଅଁଡ଼ାଲି ପ୍ଲାଷ୍ଟିକ୍ ବୁତଲ, କାଚ୍ ବୁତଲ, ଭଂଗା ଦଦ୍‌ରା ଟିନ୍, ଲୁହା, ଜରି ଠୁଲାବାକେ ମତଉଛନ୍।



ଝନେ ନାବାଲକ ଜଗଡ଼ା ଗଦାରେ ସାମାନ ଖୁଜବାରେ ବାଇ ଅଛନ୍।

ସେଟାକେ କବାଡ଼ି ଖାନାରେ ବିକି ଯେନ୍ ଦୁଇ ପଏସା ପାଉଛନ୍ ସେଥିରେ ତାକର ପରିବାରର ତେଲ୍ ନୁନ୍ ଚଲୁଛେ। ହେଲେ ଗରିବୀର ମାଡ଼ରେ ଇ ମା'ବାପ୍‌ମାନେ ଭୁଲି ଯାଇଛନ୍ ଯେ ପାଠ୍ ଦୁଇ ଅଖର ପଢ଼ଲେ ସମାଜରେ ତାର ଉଜନ କେତେ। ସରକାର ସେଥିରଲାଗି ଅନେକ ବେବସ୍ତା ବି କରିଛନ୍, ଅନେକ ସ୍ୱେଚ୍ଛାସେବୀ ସଂଗଠନ୍ ବି ଇ ଦିଗେ କାମ୍ କରୁଛନ୍। ହେଲେ ଦୁଖର କଥା ଅଭାବ ଅନାଟନ, ଗରିବୀକେ ଆମର ବିଧି ବେବସ୍ତା ଆର ସରକାରୀ ଯୋଜନା ଭେଦ୍ କରି ନାଇଁପାରବାର। ଇ ଗରିବ୍ ଦୁଖିକର ଘର ଦୁଆର, ଠିକ୍‌ନା ନାଇଁଥିବାର ଲାଗି ସରକାରକଁର ସବୁପରକାର ଯୋଜନାରୁ ବି ବଁଚିତ ହେଇ ରହୁଛନ୍। ଏନ୍‌ତା ଘଟନା ଦେଖବାକେ ମିଳିଛେ କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ। ଏହେଦେ ସହରର ଅନେକ ଜାଗାରେ ସଖାଲ ପାହାତେ ପାହାତେ ଛୋଟ ଛୋଟ ଛୁଆମାନେ ଜରି ବସ୍‌ତାଟେ ଲେଖେଁ ଖଁଦେ ପକେଇ ଜଗଡ଼ା ଗଦାମାନକୁ ଅଁଡ଼ାଲି ହେଉଛନ୍। ସତେ ଯେନ୍‌ତା ତାକର ଭବିଷତ୍ ସେ ଜଗଡ଼ା ଗଦାରେ ରହିଛେ। ଧୀବରମାନେ ମୋତି ଖୁଜବାର ଲାଗି ସମୁଦ୍ରରେ ଥରକେ ଥର ବୁଡ଼ ପକେଇ ସାମକା ଖୁଜ୍‌ଲା ଲେଖେଁ ଇ ନିଷ୍ପାପ ଛୁଆମାନେ ଜଗଡ଼ା ଗଦାକେ ଉଲଟେଇ ପୁଲଟେଇ ସାମାନ ଖୁଜୁଛନ୍। ଝନେ ସହୁରୁଦ୍ ଲୋକ୍ ଇ ଦୁରୁଶ୍ ଦେଖିଲେ ଚିନ୍‌ତା ବି କରି ନାଇଁପାରେ ଯେ ଆମର ଦେଶ, ସମାଜର ଗତି କେନ୍‌ଆଡ଼େ। ଜିଲା ପରଶାସନ ଇ ଦିଗେ ଦୁରୁଷ୍ଟି ଦେଇ ସମସିଆର ସମାଧାନ କରବାକେ ସାଧାରନ୍‌ରେ ଦାବି ହେଉଛେ। ଇ ବାବ୍‌ଦେ ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାଏକକୁଁ ପଚରାଲାରୁ ସେମାନେ ରାଏଜ୍ ବାହାରୁ ଆସୁଛନ୍ ଆର କେହେନ୍‌ସି ଗୁଟେ ଜାଗାରେ ନାଇଁ ରହିବାର। ସେଥିରଲାଗି ତାହାକୁ ଚିନ୍‌ହଁଟ କରି ଥଇଥାନ କରବାର ଭିଡ଼ ହେଉଛେ ବଲି ସେ କହିଥିଲେ।

**ରିପୋର୍ଟ: ସଞ୍ଜୀବ କୁମାର ଯୋଷୀ**

ବିଶ୍ୱ ନାଟ୍ୟ ଦିବସ

# ସମ୍ବଲପୁରୀ ନାଟକ ଝୁମ୍‌ରୀ ମଞ୍ଚସ୍ଥ

**ସୋନପୁର,୨୭।୩(ନି.ପ୍ର.)**

ନାଟ୍ୟକଳା ସ୍ୱତନ୍ତ୍ର ଏବଂ ଅନନ୍ୟ, ଯାହା ନବରସର ଅପୂର୍ବ ସମାରୋହରେ ନିଖୁଣ ଅଭିନୟ, ସଂଳାପ ଓ ସଙ୍ଗୀତର ମୂର୍ଚ୍ଛନା ସହିତ ଦର୍ଶକଙ୍କ ମନୋରଞ୍ଜନ କରେ ଏବଂ ଶିକ୍ଷା ପ୍ରଦାନ କରେ । ସମାଜରେ କୁସଂସ୍କାର, ସାମାଜିକ ଚଳଣି ଓ ମନ୍ଦ କାମକୁ ନାଟକ ମନୋରଞ୍ଜନ ମାଧ୍ୟମରେ ଲୋକଲୋଚନକୁ ଆଣେ । ନାଟକରେ ଜୀବନ ଦର୍ଶନ ଜଡିତ ବୋଲି ନାଟ୍ୟ ଚକ୍ର ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ଭୀମଭୋଇ କଳା ମଣ୍ଡପଠାରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସଂସ୍କୃତି ଗବେଷକ ଡ. ଘାସିରାମ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ନାଟ୍ୟକାର ଶ୍ୟାମା ଓଁ ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଯୋଗଦେଇ ରଙ୍ଗମଞ୍ଚ ସମାଜର ଦର୍ପଣ ବୋଲି କହିଥିଲେ। ଅଞ୍ଚଳର ସଭ୍ୟତା, ସଂସ୍କୃତି ଓ ଚାଲିଚଳଣି ନାଟକରେ ପ୍ରତିଫଳିତ ହୋଇଥାଏ । ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ କହିଥିଲେ ଯେ, ଦେଶରେ ନାଟ୍ୟ ପରମ୍ପରା ଖୁବ୍ ପୁରୁଣା ଓ ଗରିମାମୟ । ତେବେ ନିୟମିତ ନାଟକ ପରିବେଷଣ ହେଲେ ସମାଜରେ ତାର ପ୍ରଭାବ ପଡିବା ସହିତ ବ୍ୟାପକ ପରିବର୍ତ୍ତନ ଆସି ପାରିବ । ନାଟ୍ୟ ସାହିତ୍ୟ ସମୃଦ୍ଧି ହେଲେ ସମାଜର ପରିବର୍ତ୍ତନ ସମ୍ଭବ ବୋଲି ମଲ୍ଲିକ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ପରିଚାଳକ ଶିବ ପ୍ରସାଦ ଗୁରୁ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ନାଟ୍ୟଚକ୍ର ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ କୁମାର ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଶିବଡୁଲାର ସଙ୍ଗୀତଜ୍ଞ ଭରତ ଚନ୍ଦ୍ର ମିଶ୍ରଙ୍କୁ ନାଟ୍ୟଚକ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ନାଟ୍ୟଚକ୍ର ଅନୁଷ୍ଠାନର ୫ମ ଜନ୍ମ ଦିବସ ଉପଲକ୍ଷେ ସୁବର୍ଣ୍ଣପୁର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ପରେ ଅନିଲ ରାଉତଙ୍କ ରଚିତ ଓ ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ ଝୁମରୀ ମଞ୍ଚସ୍ଥ ହୋଇଥିଲା । ସୌମ୍ୟକାନ୍ତ ମିଶ୍ର, ମାନସ ମିଶ୍ର, ସଚିନ ମିଶ୍ର, ରମେଶ, ଚନ୍ଦ୍ରଶେଖର ଓ ସ୍ୱାଗତିକା ପ୍ରମୁଖ ଅଭିନୟ କରିଥିଲେ ।

# ମାଣ୍ଡିଆଡିପା ଧନୁଯାତ୍ରା ଉଦ୍‌ଘାଟିତ



ଅତିଥିମାନେ ଫିତା କାଟି ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

**ପାଇକମାଳ, ୨୭।୩(ଡି.ଏନ.ଏ)**

ପାଇକମାଳ ବ୍ଲକ ମାଣ୍ଡିଆଡିପା ଗ୍ରାମ ପଡିଆରେ ୬ଷ୍ଠ ଧନୁଯାତ୍ରା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଗ୍ରାମର ଗୌନ୍ତିଆ ତଥା ଧନୁଯାତ୍ରାର ମୁଖ୍ୟ ଉପଦେଷ୍ଟା ରାଜକିଶୋର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସରପଞ୍ଚ ବାବୁଲାଲ ଧରୁଆ, ଯୁଧିଷ୍ଠିର ସାହୁ, ମୋତିଲାଲ ସାହୁ, ଶୁଭ କନ୍ଧ, ଉଗ୍ରେ ବରିଆ, ଗୁରୁବାରୁ ଲଇ, ଦୁର୍ଯ୍ୟୋଧନ ସାହୁ, ସଦାନନ୍ଦ ବୁଡେକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପୌରାଣିକ କଥା ବସ୍ତୁ ଉପରେ ଆଧାରିତ ଚରିତ୍ରରେ ମଥୁରା ନଗରୀର ରାଜା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସଙ୍କ ସିଂହାସନ ଆରୋହଣ, ଦେବକୀ ବାସୁଦେବ ବିବାହ ସମ୍ପନ୍ନ ଆଦି ଦୃଶ୍ୟ ଅଭିନିତ ହୋଇଥିଲା। କଂସ ଭୂମିକାରେ ଗୋପବନ୍ଧୁ ସାହୁ, ବସୁଦେବ କୁବେର ଗିରି ସାହୁ, ମହାମନ୍ତ୍ରୀ ଚିନ୍ତାମଣି କୁମ୍ଭାର ପ୍ରମୁଖ କଳାକାରମାନେ ଅଭିନୟ କରୁଛନ୍ତି । ଏହା ୫ ଦିନ ଧରି ଚାଲିବ ବୋଲି ଉପଦେଷ୍ଟା ଡୋଲାମଣି ମାହାର କହିଛନ୍ତି । କ୍ଷୀର ସାଗର ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

ମଦ ବିକ୍ରି ବନ୍ଦ ଦାବିରେ ରାଜପଥ ଅବରୋଧ

# ୭ ଘଣ୍ଟା ପରେ ରାସ୍ତାରୋକୋ ହଟିଲା

**ବୌଦ୍ଧ/ବାଉଁଶୁଣୀ, ୨୭।୩(ସ୍ୱ.ପ୍ର/ଡି.ଏନ.ଏ)**

ବୌଦ୍ଧ ଜିଲା ବହିରା ଗ୍ରାମପଞ୍ଚାୟତରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପଞ୍ଚାୟତର ୫ଟି ଗାଁର ଏସ୍‌ଏଚ୍‌ଜି ମହିଳାମାନେ ବୁଧବାର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ବହିରା ପଞ୍ଚାୟତରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ ନ ହେଲେ ଜାତୀୟ ରାଜପଥ ଉପରୁ ହଟିବୁ ନାହିଁ ବୋଲି ମହିଳାମାନେ ପ୍ରଶାସନକୁ ରୋକ୍‌ଠୋକ୍ ଶୁଣାଇଥିଲେ । ଖବର ପାଇ ୭ ଘଣ୍ଟା ପରେ ବୌଦ୍ଧ ତହସିଲଦାର ଲଲାଟେନ୍ଦୁ ସିଂ, ଅବକାରୀ ଅଧୀକ୍ଷକ ଶାନ୍ତନୁ ଦାସ, ଏସଡିପିଓ ସାଲେଷ୍ଟିନ ଟିଗା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମହିଳାମାନଙ୍କ ସହ ଆଲୋଚନା କରିଥିଲେ । ଏହାପରେ ମହିଳାମାନେ ରାସ୍ତା ଅବରୋଧରୁ ହଟିଥିଲେ । ସୂଚନା ମୁତାବକ, ଉକ୍ତ ପଞ୍ଚାୟତର ସଦେଇପୁର ଗ୍ରାମର ମହିଳାମାନେ ମଦ ବିକ୍ରି ବନ୍ଦ ପାଇଁ ଚେତାବନୀ ଦେଇଆସୁଥିଲେ । ମଙ୍ଗଳବାର ଜଣେ ବେପାରୀ ଦୁଇ ବସ୍ତା ମଦ ପାଉଚ ଧରି ଯାଉଥିବା ବେଳେ ମହିଳାମାନେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ଉକ୍ତ ବେପାରୀଙ୍କୁ ମଦ ସହ ଛାଡିଦେଇଥିଲେ। ଏହାର ପ୍ରତିବାଦରେ ବୁଧବାର ବହିରା, ସଦେଇପୁର, ଜୁରାମୁଣ୍ଡା, ଝାରକଟା ଓ ପୁରୁଣା ବହିରା ଗ୍ରାମର ଏସ୍‌ଏଚ୍‌ଜି ମହିଳାମାନେ ସକାଳ ୧୦ଟାରୁ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ ।

### କନ୍ଧମାଳ: ଦୋଛକିରେ ବିଜେଡି କର୍ମୀ

**ମନମୁଣ୍ଡା, ୨୭।୩ (ଡି.ଏନ.ଏ)**

କନ୍ଧମାଳ ନିର୍ବାଚନ ମଣ୍ଡଳୀ ପାଇଁ ଭାଜପାର ସୁଧାଂଶୁ ଡାଙ୍ଗ ଏବଂ ବିଜେଡିର ବୟନିକା ସଭାପତି ଶେଷ କୁମାର ମେହେର ସ୍ୱାଧୀନ ପ୍ରାର୍ଥୀ ଭାବେ ମନୋନୟନ ପତ୍ର ଦାଖଲ କରିଛନ୍ତି । ତେବେ ଶେଷ ମେହେରଙ୍କ ପ୍ରାର୍ଥିତ୍ୱ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଶେଷ ମେହେର ୨୦୧୪ ନିର୍ବାଚନ ପରି ଚଳିତ ନିର୍ବାଚନରେ ବିଜେଡି ଟିକେଟ ପାଇଁ ଦାବିଦାର ଥିଲେ । କିନ୍ତୁ ଦୁଇଥର ଯାକ ତାଙ୍କୁ ନିରାଶ କରାଯାଇଛି। କନ୍ଧମାଳରେ ପୁଣିଥରେ ମହୀଧର ରଣାଙ୍କୁ ବିଜେଡି ପ୍ରାର୍ଥୀ କରିଛି । ଏଥିରେ ଅସନ୍ତୁଷ୍ଟ ବିଜେଡିର ଛାମୁଆ ନେତାମାନେ ମେଳି କରି ଶେଷ ମେହେରଙ୍କୁ ସ୍ୱାଧୀନ ପ୍ରାର୍ଥୀ କରାଇଛନ୍ତି । ଶେଷଙ୍କ ମନୋନୟନ ପତ୍ର ଦାଖଲ ଶୋଭାଯାତ୍ରାରେ ମହୀଧରଙ୍କ ବିରୋଧୀ ନେତାମାନେ ସାମିଲ ହୋଇଥିଲେ । ତେବେ ନିର୍ବାଚନ ମଣ୍ଡଳୀର ଆହୁରି ଅନେକ ବିଜେଡି ନେତା ଓ କର୍ମୀମାନେ ବିଭିନ୍ନ ବାହାନା ଦେଖାଇ ଏଥିରେ ଯୋଗ ଦେଇ ନ ଥିଲେ। ଏପରି ଭାବେ ବିଜେଡି କର୍ମୀମାନେ ମହୀଧରଙ୍କୁ ନା ଶେଷଙ୍କୁ ସମର୍ଥନ କରିବେ ସେ ନେଇ ଏବେ ଦୋଛକିରେ ପଡିଛନ୍ତି ।

ଯାଞ୍ଚ ସରିଲା, ତିନି ପ୍ରାର୍ଥୀଙ୍କ ନାମାଙ୍କନ କଟିଲା

# ବୌଦ୍ଧ ୭, କନ୍ଧମାଳ ପାଇଁ ୬ ନାମାଙ୍କନ କାଏମ

**ବୌଦ୍ଧ,୨୭।୩(ସ୍ୱ.ପ୍ର)**

ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଗତ ମଙ୍ଗଳବାର ଥିଲା ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ । ବୌଦ୍ଧ ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀ ବୌଦ୍ଧ ଓ କନ୍ଧମାଳ ପାଇଁ ୧୬ ଜଣ ପ୍ରାର୍ଥୀ ନାମାଙ୍କନ କରିଥିଲେ । ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ସୁଶାନ୍ତ ପ୍ରଧାନ, ସିପିଆଇର ଅବକାଶ ସାହୁ, ବିଜେଡି ପକ୍ଷରୁ ପ୍ରଦୀପ କୁମାର ଅମାତ, ସ୍ୱାଧୀନ ଭାବେ ଭାଜପା ନେତା ସୂର୍ଯ୍ୟ ମହାପାତ୍ର, ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆର କେଦାର ନାଥ ସାହୁ, ଏନସିପିର କୃତ୍ତିବାସ ପଲିଆ, ସ୍ୱାଧୀନ ପ୍ରାର୍ଥୀ ବୈଶାଳିନୀ ବେହେରା ଓ ଲକ୍ଷ୍ମଣ ବେହେରା ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେହିପରି କନ୍ଧମାଳ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ମହୀଧର ରଣା, ଭାଜପାର କହ୍ନେଇ ଚରଣ ଡାଙ୍ଗ, କଂଗ୍ରେସର ପ୍ରଶାନ୍ତ କୁମାର ସାହୁ ଓ ସ୍ୱାଧୀନ ଭାବେ ବସନ୍ତ ଖୁରା, ପ୍ରଫୁଲ୍ଲ ମଳିକ, ମନୋରଞ୍ଜନ କୁଅଁର ଓ ସୁଧାଂଶୁ ଡାଙ୍ଗ ନାମାଙ୍କନ ପତ୍ର ଦାଖଲ କରିଥିଲେ । ବୁଧବାର ନାମାଙ୍କନ ପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚରେ ୩ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି । ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ବୈଶାଳିନୀ ବେହେରାଙ୍କ ନାମାଙ୍କନପତ୍ର କଟିଯାଇଛି । ଅନ୍ୟମାନଙ୍କ ନାମାଙ୍କନ କାଏମ ରହିଛି । ସେହିପରି କନ୍ଧମାଳ ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ବସନ୍ତ ଖୁରା ଓ ପ୍ରଫୁଲ୍ଲ ମଳିକଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଥିବା ବେଳେ ଅନ୍ୟମାନଙ୍କ ନାମାଙ୍କନପତ୍ର କାଏମ ରହିଛି । ଆସନ୍ତା ୨୯ ତାରିଖ ନାମାଙ୍କନପତ୍ର ପ୍ରତ୍ୟାହାର ଶେଷ ଦିବସ ରହିଛି ।

# ଶାସନରେ ଆଇନ ସଚେତନତା ଶିବିର

**ସମ୍ବଲପୁର,୨୭।୩(ବ୍ୟୁରୋ)**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମ୍ବଲପୁର ଜିଲା ଶାସନ ପଞ୍ଚାୟତ ଅଫିସରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଆଇନ ସେବା ପ୍ରାଧିକରଣ ସଚିବ ଲିଲି ସେନାପତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଶ୍ରମିକ, ଥାନା ଅଧିକାରୀ ଓ କର୍ମଚାରୀ, ଜନପ୍ରତିନିଧି ସାମିଲ ହୋଇଥିଲେ। ଅଣସଂଗଠିତ ଶ୍ରମିକମାନଙ୍କ ସକାଶେ ଉଦ୍ଦିଷ୍ଟ ଅଧିକାର ଓ ଆଇନଗତ ସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ

**ସମ୍ବଲପୁର/ହୀରାକୁଦ,୨୭।୩ (ବ୍ୟୁରୋ/ଡି.ଏନ୍.ଏ.)**

ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ମଙ୍ଗଳବାର ହୀରାକୁଦ ବାବା ନୀଳକଣ୍ଠେଶ୍ୱର ଧର୍ମଶାଳାରେ ପାଳିତ ହୋଇଛି। ଶଶୀଭୂଷଣ ଜେନାଙ୍କ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା। ବିଷ୍ଣୁପଦ ଦାଶ, ଅରୁଣ କୁମାର ମେହେରା, ବାବାଜୀ ଦାମୋଦର ଦାଶ, ବାବାଜୀ ଦିବାକର ଦାଶ, ବାବାଜୀ ପୁନ ଦାଶ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 346 OF 2018**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Hussain House, P.O/ Dist.: Sambalpur-768004 ...Applicant

Vrs

**Prakash Kumar Sahoo** ...Defendant

To

**Prakash Kumar Sahoo,** S/o: Purna Chandra Sahoo, At/P.O.: Modipara (Labour Colony) Dist.: Sambalpur-768002

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 346/2018** in the Court of Debts Recovery Tribunal at Cuttack for a recovery of **Rs.26,42,920.69** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **2nd day of May, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **18th day of March, 2019.**

**Sd/- Registrar**
**Debts Recovery Tribunal**

ବୀରମହାରାଜପୁରରେ ନିର୍ବାଚନ କମିଶନରଙ୍କ ପର୍ଯ୍ୟବେକ୍ଷକ

# ବୁଲି ଦେଖିଲେ ଷ୍ଟ୍ରଙ୍ଗରୁମ୍ କାଉଣ୍ଟିଂ ହଲ୍

**ବୀରମହାରାଜପୁର, ୨୭।୩(ଡି.ଏନ୍.ଏ.)**

ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସୁବର୍ଣ୍ଣପୁର ଜିଲା ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ କର୍ଣାଟକ କ୍ୟାଡର ଆଇଏଏସ୍ ଅଫିସର ଏନ୍.ବି.ପ୍ରଶନ୍ନ କୁମାର ବୁଧବାର ବୀରମହାରାଜପୁର ବିଧାନସଭା କ୍ଷେତ୍ର ମୁଖ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ପ୍ରଥମେ ଉପଜଲାପାଳଙ୍କ କାର୍ଯ୍ୟାଳୟରେ ଚାଲିଥିବା ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଦେଖି ସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟାଳୟ ପରିସରରେ ଖୋଲା ଯାଇଥିବା ଷ୍ଟ୍ରଙ୍ଗରୁମ୍ ଏବଂ ଇଲୋକ୍ଟ୍ରୋନିକ୍ସ ଭୋଟିଂ ମେଶିନ(ଇଭିଏମ୍) ଏବଂ ଭିଭିପିଏଟି ମେଶିନର ତଦାରଖ କରିଥିଲେ। ସେହିପରି ଭୋଟ ଗଣତି ପାଇଁ ନିରୂପିତ କାଉଣ୍ଟିଙ୍ଗ ହଲ୍ ବୁଲି ଦେଖି ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଜିଲାପାଳ ମଧୁସୂଦନ ମିଶ୍ର, ଅତିରିକ୍ତ ଜିଲାପାଳ ସରତ ଚନ୍ଦ୍ର ପଣ୍ଡା, ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶଙ୍କ ପର୍ଯ୍ୟବେକ୍ଷକ ପ୍ରଶନ୍ନ କୁମାର ସ୍ଥାନୀୟ ମୈତ୍ରୀ ସଦନ ଏବଂ ପଞ୍ଚାୟତ ସମିତି ସଭାଗୃହରେ ଚାଲିଥିବା ପ୍ରିଜାଇଡିଂ ଅଫିସର ଏବଂ ପୋଲିଂ ଅଫିସରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ କରାଯିବ ସେ ନେଇ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଏହି ଗସ୍ତ ସମୟରେ ଜିଲା ନିର୍ବାଚନ ଦାୟିତ୍ୱରେ ଥିବା ସହକାରୀ ଜଲାପାଳ ମୁକ୍ତେଶ୍ୱର ପାଣିଗ୍ରାହୀ, ଏସ୍‌ଡିପିଓ ଧୀରଜ ଚୋପଦାରଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଭୋଟଗଣତି କେନ୍ଦ୍ରକୁ ନିର୍ବାଚନ ପର୍ଯ୍ୟବେକ୍ଷକ ପରିଦର୍ଶନ ବେଳେ ସୁବର୍ଣ୍ଣପୁର ଜିଲାପାଳ, ଅତିରିକ୍ତ ଜଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ଅଛନ୍ତି।

### କୁଚିଣ୍ଡା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀଙ୍କ ବୈଠକ

**ଜମନକିରା, ୨୭।୩ (ଡି.ଏନ୍.ଏ.)**

ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଚିନିମହୁଲ ଗାଁରେ ଏକ ବ୍ଲକ୍‌ସ୍ତରୀୟ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଘୋଷିତ କଂଗ୍ରେସ ପ୍ରାର୍ଥୀ ଶୋଭାରାମ ପଧାନ ଏଥିରେ ଯୋଗ ଦେଇଥିଲେ। ସରୋଜ ପଟ୍ଟନାୟକ ଅଧକ୍ଷତା କରିଥିଲେ। ସନ୍ତୋଷ ପଟ୍ଟନାୟକ, ସୁଧାଂଶୁ ଚୌଧୁରୀ, କେଦାରନାଥ ବରହା, କିଶୋର ନାଏକ, ଟିକନ ଶର୍ମା, ଗୁରୁଚରଣ ପଟେଲ, ଧନେଶ୍ୱର ପଧାନ, କେଶବ କୁଅଁର, ଯଦୁମଣୀ ବେହେରା, ଧ୍ରୁବେଇଧର ପଧାନ, ସରୋଜ ସାହୁ, ତରୁଣୀ ନାୟକ, ମନୋଜ ନାଏକ, ବସନ୍ତ କଉଡ଼ି, ଅମୀୟ ନନ୍ଦ, ମିଳନ ପଲେଇ, ସୁଶାନ୍ତ ସାହୁ, ସଂଗ୍ରାମ ଶର୍ମା, ନିରଞ୍ଜନ କଲେତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 345 OF 2018**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Hussain House, P.O/ Dist.: Sambalpur-768004 ...Applicant

Vrs

**Mr. Prakash Swain** ...Defendant

To

**Prakash Swain,** S/o: Aswini Swain, At: Panikapara, P.O.: Jharuapara, Dist.: Sambalpur-768006

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 345/2018** in the Court of Debts Recovery Tribunal at Cuttack for a recovery of **Rs.22,03,213.85** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **2nd day of May, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **18th day of March, 2019.**

**Sd/- Registrar**
**Debts Recovery Tribunal**

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୮ ମାର୍ଚ୍ଚ, ୨୦୧୯



"ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚ ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ବିକାଶ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ବରଗଡ଼ ଅଫିସ୍,୨୭।୩:** ଚଳିତବର୍ଷ ଆଇଆଇଟି-ଜାମ୍ ପ୍ରବେଶିକା ପରୀକ୍ଷାରେ ବିକାଶ ଡିଗ୍ରୀ କଲେଜରୁ ୮ଜଣ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି । ସେମାନେ ହେଲେ ଖୁସବୁ ଅଗ୍ରୱାଲ, ପ୍ରତିଭାରାଣୀ ସାହୁ, ଆଶିଷ କୁମାର ନାୟକ, ତୃପ୍ତିବାଳା ବେହେରା, ରିତୁ ପଣ୍ଡା, ରାଜଶ୍ରୀ ପଟେଲ, ମୋନାଲିସା ଠାକୁର ଏବଂ ଶାଶ୍ୱତ ସ୍ୱରୂପ ବିଶ୍ୱାଳ। ସେହିପରି ଏହି କଲେଜର ଅନ୍ୟ ୪ଜଣ ଛାତ୍ରୀଛାତ୍ର ଭାଗ୍ୟଶ୍ରୀ ନାଥନୀ, ଦେବରାଜ ମହାପାତ୍ର, ଶାଲିମା ଆଜ୍‌ମାନୀ ଓ ବିଶାଳ ଅଗ୍ରୱାଲ ମ୍ୟାଟ୍-୨୦୧୯ ପରୀକ୍ଷାରେ ସଫଳ ହୋଇଥିବା କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା ସୂଚନା ଦେଇଛନ୍ତି । ଗତବର୍ଷ ମଧ୍ୟ ଏହି କଲେଜର ୩ଜଣ ଛାତ୍ରୀଛାତ୍ର ଉକ୍ତ ପ୍ରବେଶିକା ପରୀକ୍ଷାରେ ସଫଳ ହୋଇଥିଲେ । ଛାତ୍ରୀଛାତ୍ରଙ୍କ ଏଭଳି କୃତିତ୍ୱ ପାଇଁ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ଡୁଙ୍ଗୁରିପାଲି, ୨୭।୩ (ଡି.ଏନ.ଏ):** ଡୁଙ୍ଗୁରିପାଲି ବ୍ଲକ ମାଝିମୁଣ୍ଡା ଗ୍ରାମରେ ବୁଧବାର ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜମୋହନ ବାରିକ (୧୯)। ସକାଳ ସାଢ଼େ ୬ରୁ ୭ଟା ମଧରେ ଲାଇନ ଯାଇଥିବାବେଳେ ଯୁବକ ନିଜ ଘର ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଚଢ଼ିଥିଲେ। ନିଜ ଘରର ଲାଇନ ଜଳୁ ନ ଥିବାରୁ ସେ ବିଦ୍ୟୁତ୍ ତାର ସଂଯୋଗ କରୁଥିଲେ। ଏହି ସମୟରେ ହଠାତ୍ ଲାଇନ ଆସିଯିବାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳକୁ ଛିଟିକି ପଡିଥିଲେ। ତାଙ୍କୁ ଡୁଙ୍ଗୁରିପାଲି ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଯୁବକଙ୍କ ବାପା ଜୟଗୋପାଳ ବାରିକ ଡୁଙ୍ଗୁରିପାଲି ପୋଲିସକୁ ଜଣାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୦୧୯) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବିନିକାକୁ ପଠାଯାଇଥିବା ଡୁଙ୍ଗୁରିପାଲି ଥାନାର ଜ୍ୟାତିକେଶରୀ ସାହୁ ପ୍ରକାଶ କରିଛନ୍ତି।

### ସୋନପୁର ବିଧାନସଭା କ୍ଷେତ୍ର: ଯାଞ୍ଚରେ କଟିଲେ ୨, ୭ଜଣଙ୍କ ନାମାଙ୍କନ ପତ୍ର କାଏମ

**ସୋନପୁର,୨୭।୩(ନି.ପ୍ର.):** ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପରେ ବୁଧବାର ଥିଲା ବହୁ ପ୍ରତିକ୍ଷିତ ପ୍ରାର୍ଥୀପତ୍ର ଯାଞ୍ଚ କାର୍ଯ୍ୟ। ସୋନପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନରେ ଆରମ୍ଭ ହୋଇଥିଲା ଯାଞ୍ଚ । ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ(ନଂ ୬୫) ପାଇଁ ୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଯାଞ୍ଚ ସମୟରେ ଆମ୍ବେଦକ୍ରାଇଟ୍ ପାର୍ଟି ଅଫ ଇଣ୍ଡିଆ(ଏପିଆଇ) ପ୍ରାର୍ଥୀ ବିପିନ ଛତ୍ରିଆ ଓ ସ୍ୱାଧୀନ ପ୍ରାର୍ଥୀ ଦେବେନ୍ଦ୍ରୀ ଭୁଏଁଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଥିଲା । ଭାଜପାର ଅଶୋକ କୁମାର ପୂଜାରୀ, କଂଗ୍ରେସର ଚିତ୍ତରଞ୍ଜନ ମିଶ୍ର, ବିଜେଡିର ନିରଞ୍ଜନ ପୂଜାରୀ, ବହୁଜନ ସମାଜ ପାର୍ଟିର ସୁରୁବାବୁ ନନ୍ଦ, ସିପିଆଇ(ଏମ୍‌ଏଲ୍)ର ଉମେଶ ଚନ୍ଦ୍ର ପଧାନ, ସ୍ୱାଧୀନ ପ୍ରାର୍ଥୀ ଟଙ୍କଧର ଖମାରୀ ଓ ନବକୃଷ୍ଣ ଦନ୍ତା ମୋଟ ୭ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ରିଟର୍ନିଂ ଅଫିସର ବଳରାମ ମଲ୍ଲିକ ସୂଚନା ଦେଇଛନ୍ତି ।

### ପେଟ୍ରୋଲ ପମ୍ପ ମାଲିକଙ୍କ ଟଙ୍କା କାରବାର ନେଇ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

# ସିଇଓଙ୍କୁ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ବରଗଡ଼ ଜିଲାର ମେଲଛାମୁଣ୍ଡା ଗୁଡରପାଲି ଠାରେ ମଙ୍ଗଳବାର ଏକ କାରରୁ ୨ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଥିଲା। ଜବତ କାର ମାଲିକ ସଞ୍ଜୀବ ମହାପାତ୍ର ଜଣେ ପେଟ୍ରୋଲ ପମ୍ପ ମାଲିକ। ବିଜେପୁର ଭାଜପା ପ୍ରାର୍ଥୀ ସନତ ଗଡତିଆଙ୍କ ସମର୍ଥକ ଭାବେ ଜଣାଶୁଣା। ପୋଲିସ ହାତରେ ଧରପଡ଼ିବା ପରେ ତାଙ୍କ ପାଖରେ ଏତେ ଟଙ୍କା କାହିଁକି ରଖିଥିଲେ ତାହାର ଜବାବ ଦେଇ ପାରି ନ ଥିଲେ। ତେବେ ତାହା ଭାଜପା ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଆସୁଥିବା ସ୍ପଷ୍ଟ ହୋଇଛି। ନିର୍ବାଚନ ବେଳେ ପେଟ୍ରୋଲ ପମ୍ପ ମାଲିକମାନେ ଟଙ୍କା ଗଚ୍ଛିତ କରି ଲୋକଙ୍କୁ ବାଣ୍ଟିବା ଦାୟିତ୍ୱ ନେଇଥିବା ନେଇ ପୂର୍ବରୁ ବିଜୁ ଜନତା ଦଳ ନିର୍ବାଚନ କମିଶନରଙ୍କୁ ସତର୍କ କରାଇଥିଲା। ଏବେ ତାହା ପ୍ରମାଣିତ ହୋଇଛି ବୋଲି ଅଭିଯୋଗ କରି ବିଜେଡିର ଏକ ଟିମ୍ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କ ନିକଟରେ ଫେରାଦ ହୋଇଛି।

**କେରଳ ବନ୍ୟା ସହାୟତା ପାଇଁ ବ୍ୟାଙ୍କ ଦେଲା ୧୫ ଲକ୍ଷ**

ଗତ ୧୪ ତାରିଖରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏ ନେଇ ଦାବିପତ୍ର ଦିଆଯାଇଥିଲା। ନିର୍ବାଚନ ପାଇଁ ଟଙ୍କା ଗଚ୍ଛିତ କରି ରଖିବାର ଦାୟିତ୍ୱ ପେଟ୍ରୋଲ ପମ୍ପ ଓ ଗ୍ୟାସ ଏଜେନ୍ସି ମାଲିକମାନଙ୍କୁ ଦିଆଯାଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ଏହି ଯୋଜନା କରାଯାଇଥିବା ଜଣାଇ ଦିଆଯାଇଥିଲା। ପେଟ୍ରୋଲ ପମ୍ପ ଓ ଗ୍ୟାସ ଏଜେନ୍ସିଗୁଡ଼ିକ ଉପରେ ନଜର ରଖିବା ପାଇଁ ଅନୁରୋଧ କରାଯାଇଥିଲା। ମଙ୍ଗଳବାର ଗୁଡ଼ରପାଲି ଘଟଣା ପରେ ନିର୍ବାଚନ କମିଶନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ପୁଣିଥରେ ବିଜେଡି ଅନୁରୋଧ କରିଛି। ସମସ୍ତ ପେଟ୍ରୋଲ ପମ୍ପ ଏବଂ ଗ୍ୟାସ ଏଜେନ୍ସିଗୁଡ଼ିକରେ ୨୪ ଘଣ୍ଟିଆ ଲାଇଭ ସିସିଟିଭି ଫୁଟେଜ ବ୍ୟବସ୍ଥା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅନୁରୋଧ କରାଯାଇଛି। ଏହି ପ୍ରତିନିଧି ଦଳରେ ଅସୀମ ଅମିତାଭ ଦାସ, ସସ୍ମିତ ପାତ୍ର, ଲେଲିନ ମହାନ୍ତି, ସୁଲୋଚନା ଦାସ ଏବଂ ସୁଲତା ଦେଓ ପ୍ରମୁଖ ସାମିଲ ହୋଇଥିଲେ।

### ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ: ୮ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ

**ଟିଟିଲାଗଡ,୨୭।୩(ଡି.ଏନ.ଏ.)**

ବୁଧବାର ୬୯ ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ପ୍ରାର୍ଥିପତ୍ର ଯାଞ୍ଚ ପରେ କାଏମ ରହିଛି । ବିଜେଡିରୁ ଟୁକୁନୀ ସାହୁ, ଭାଜପାରୁ ଅଶୋକ ଦୋରା, କଂଗ୍ରେସରୁ ସୁରେନ୍ଦ୍ର ସିଂ ଭୋଇ, ବିଏସ୍‌ପିରୁ ବିଭୀଷଣ ନାଗ, ଏପିଆଇରୁ ମଧୁସୂଦନ ବାରିକ ଏବଂ ସ୍ୱାଧୀନ ପ୍ରାର୍ଥୀ ହିଫଜୁଲ ରହିମାନ, ସତ୍ୟନାରାୟଣ ବହିଦାର, କ୍ଷେମରାଜ ଅଗ୍ରୱାଲ । ୮ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଯାଞ୍ଚ ପରେ ସବୁ କାଏମ ରହିଥିବା ରିଟର୍ନିଂ ଅଫିସର ତଥା ଉପଜିଲାପାଳ ସୁଧାକର ନାଏକ ସୂଚନା ଦେଇଛନ୍ତି।



କବିର୍ କଲମେ ଭୋଟ୍ ବିଚାର କାର୍ଯ୍ୟକ୍ରମ ଉପରେ ଆବାହକ ସୂଚନା ଦେଉଛନ୍ତି ।

## କବିର୍ କଲମେ ଭୋଟ ବିଚାର

**ବରଗଡ଼ ଅଫିସ୍,୨୭।୩**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ମନାପଡ଼ା ଗ୍ରାମରେ କବିର୍ କଲମେ ଭୋଟ୍ ବିଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ନିର୍ବାଚନରେ ନିରପେକ୍ଷ ମତଦାନ ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବରଗଡ଼ ଇମ୍ପେରିଆଲ କଲେଜ, ବରଗଡ଼ ସାମ୍ବାଦିକ ଫୋରମ ଏବଂ ସାଂସ୍କୃତିକ ଅନୁଷ୍ଠାନ ସମ୍ପର୍କ ଆୟୋଜନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକ ଫୋରମର ଆବାହକ ଉମେଶ ବିଶ୍ୱାଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସେହିପରି ଇମ୍ପେରିଆଲ କଲେଜର ନିର୍ଦ୍ଦେଶକ ଦୀପକ ଗୋୟଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ୨୪ଜଣ ବ୍ୟଙ୍ଗକବି ଭାଗ ନେଇ ବ୍ୟଙ୍ଗାତ୍ମକ ଶୈଳୀରେ ନିରପେକ୍ଷ ମତଦାନ ଉପରେ ସଚେତନତା ସୃଷ୍ଟି କରିଥିଲେ । ଅଧ୍ୟାପକ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ପର୍କ ଅନୁଷ୍ଠାନର ସଭାପତି ସଞ୍ଜୀବ ପ୍ରଧାନ, ସମ୍ପାଦକ ଦୁର୍ଗା ବିଶ୍ୱାଳ, ତ୍ରିବିକ୍ରମ ସାହୁ, ସୁଶୀଲ ସାହୁ, ଶୁକରାମ ଦୀପ ପ୍ରମୁଖ ସହଯୋଗ କରିଥିଲେ ।

### ତେଲେଙ୍ଗାନାରେ ବନ୍ଧା ପଡ଼ିଛନ୍ତି ଶ୍ରମିକ

**ବରଗଡ଼ ଅଫିସ୍,୨୭।୩**

ବରଗଡ଼ ଜିଲା ଗାଇସିଲେଟ୍ ବ୍ଲକ ତଥା ପଡ଼ୋଶୀ ଅଞ୍ଚଳରୁ ତେଲେଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିବା ୧୦ଜଣ ଶ୍ରମିକ ସେଠାକାର ଜଣେ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧା ପଡ଼ିଥିବା ଅଭିଯୋଗ ହୋଇଛି । ଇଟାଭାଟି ମାଲିକଙ୍କ କବଳରୁ କୌଶଳକ୍ରମେ ଖସି ଆସିବା ପରେ କନ୍ଧମୁଣ୍ଡା ଗ୍ରାମର ଆନନ୍ଦ ପୁଟେଲ ଏଭଳି ଅଭିଯୋଗ କରିବା ପରେ ଘଟଣାଟି ସାମ୍ନାକୁ ଆସିଛି । ତାଙ୍କ ଅଭିଯୋଗ ଅନୁଯାୟୀ, ସେଠାରେ ଆନନ୍ଦଙ୍କ ସ୍ତ୍ରୀଙ୍କ ସମେତ ୧୦ଜଣ ବନ୍ଧା ପଡ଼ିଛନ୍ତି । ଫଳରେ ସେମାନଙ୍କୁ ଉଦ୍ଧାର କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେ ପୋଲିସକୁ ନିବେଦନ କରିଛନ୍ତି । ଅନ୍ୟପଟେ ସେ ନେଇ ଜିଲା ଶ୍ରମ ଅଧିକାରୀଙ୍କୁ ଫେରାଦ ହୋଇ ଘଟଣା ସମ୍ପର୍କରେ ଜଣାଇବାକୁ ପୋଲିସ ପରାମର୍ଶ ଦେଇଥିବା ସେ କହିଛନ୍ତି । ଗତ ୩ ମାସ ତଳେ ଖପ୍ରାଖୋଲ ଥାନା ଅଞ୍ଚଳର ଜଣେ ଦଲାଲ ତାଙ୍କ ପାଖକୁ ଆସିଥିଲେ ଏବଂ ଅଧିକ ପାରିଶ୍ରମିକର ପ୍ରଲୋଭନ ଦେଖାଇ ସେମାନଙ୍କୁ ତେଲେଙ୍ଗାନାର ଏକ ଇଟାଭାଟିରେ ନିୟୋଜିତ କରିଥିଲେ । ମାତ୍ର ଇଟାଭାଟି ମାଲିକ ଠିକ୍ ଭାବେ ପାରିଶ୍ରମିକ ଦେବା ପରିବର୍ତ୍ତେ ବିଭିନ୍ନ ପ୍ରକାଶ ନିର୍ଯାତନା ଦେଉଥିବା ଆନନ୍ଦ ଅଭିଯୋଗ କରିବା ସହିତ ତାଙ୍କ ସ୍ତ୍ରୀ ଓ ଅନ୍ୟମାନଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି ।

### ସୋନପୁର ବିଧାନସଭା କ୍ଷେତ୍ର

# ନିରଞ୍ଜନ ପୂଜାରୀ ଧନୀ ପ୍ରାର୍ଥୀ

**ସୋନପୁର,୨୭।୩(ନି.ପ୍ର.)**

ସୋନପୁର ବିଧାନସଭା କ୍ଷେତ୍ରର ୭ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡି ପ୍ରାର୍ଥୀ ତଥା ବର୍ତ୍ତମାନ ନଗର ଉନ୍ନୟନ ଓ ଜଳସେଚନ ମନ୍ତ୍ରୀ ଥିବା ନିରଞ୍ଜନ ପୂଜାରୀ ହେଉଛନ୍ତି ସବୁଠାରୁ ଅଧିକ ଧନୀ । ତାଙ୍କ ନାମରେ ୧ କୋଟି ୧୭ ଲକ୍ଷ ୬୭ ହଜାର ୯୭୭ ଟଙ୍କା ଓ ସ୍ତ୍ରୀ ବୀଣାପାଣିଙ୍କ ନାମରେ ୪୬ ଲକ୍ଷ ୩ ହଜାର ୨୮୯ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ସେହିପରି ନିରଞ୍ଜନଙ୍କ ନିକଟରେ ୧ କୋଟି ୨୬ ଲକ୍ଷ ୧୨ ହଜାର ୧୦୬ ଟଙ୍କାର ଅସ୍ଥାବର ସମ୍ପତ୍ତି ଥିବା ବେଳେ ସ୍ତ୍ରୀଙ୍କ ନାମରେ ୧ କୋଟି ୭ ଲକ୍ଷ ୪୧ ହଜାର ୭୨୭ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ପୂଜାରୀଙ୍କ ପାଖରେ ନଗଦ ୯ ଲକ୍ଷ ୫୪ ହଜାର ୮୮୫ ଟଙ୍କା ଥିବା ବେଳେ ସ୍ତ୍ରୀଙ୍କ ପାଖରେ ୨ ଲକ୍ଷ ୬୪ ହଜାର ୫୨୩ ଟଙ୍କା ଅଛି । ମୋଟ ୪୫ ଲକ୍ଷ ୬୪ ହଜାର ୭୮୦ ଟଙ୍କାର ସ୍ୱର୍ଣ୍ଣ ଓ ରୂପା ଅଳଙ୍କାର ରହିଛି । ପୂଜାରୀଙ୍କ ନାମରେ କେନ୍ଦ୍ର ସମବାୟ ବ୍ୟାଙ୍କରେ ୭ ଲକ୍ଷ ୨୧ ହଜାର ୧୨୬ ଟଙ୍କାର ଋଣ ରହିଛି । ଅନ୍ୟପକ୍ଷରେ ୨୦୧୪ରେ ପୂଜାରୀ ଦାଖଲ କରିଥିବା ସତ୍ୟପାଠରେ ମୋଟ ସମ୍ପତ୍ତିର



ମନ୍ତ୍ରୀ ନିରଞ୍ଜନ ପୂଜାରୀ ।

ମୂଲ୍ୟ ୧ କୋଟି ୪ ଲକ୍ଷ ୨୮ ହଜାର ୨୬୨ ଟଙ୍କା ବୋଲି ଦର୍ଶାଇଥିଲେ । ସେହିପରି ୨୦୦୯ ସତ୍ୟପାଠରେ ମୋଟ ସମ୍ପତ୍ତିର ମୂଲ୍ୟ ୫୮ ଲକ୍ଷ ୧୪ ହଜାର ୫୦୯ ଟଙ୍କା ଓ ସ୍ତ୍ରୀଙ୍କ ପାଖରେ ଥିବା ଅଳଙ୍କାରର ମୂଲ୍ୟ ୮ ଲକ୍ଷ ୭୬ ହଜାର ୯୦୦ ଟଙ୍କା ଉଲ୍ଲେଖ କରିଥିଲେ । ଭାଜପା ପ୍ରାର୍ଥୀ ଅଶୋକ ପୂଜାରୀଙ୍କ ନାମରେ ୩ ଲକ୍ଷ ୮୮ ହଜାର ୩୯୫ ଟଙ୍କାର ଅସ୍ଥାବର ସମ୍ପତ୍ତି ଓ ୪୮ ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ସ୍ତ୍ରୀଙ୍କ ନାମରେ ୧୦ ଲକ୍ଷ ୯ ହଜାର ୪୩ ଟଙ୍କାର ଅସ୍ଥାବର ସମ୍ପତ୍ତି ଅଛି । ଅଶୋକଙ୍କ ପାଖରେ ନଗଦ ୧ ଲକ୍ଷ ୨୦ ହଜାର ଟଙ୍କା ଥିବା ବେଳେ ତାଙ୍କ ନାମରେ ୮୫ ହଜାର ଟଙ୍କାର ବ୍ୟାଙ୍କ ଋଣ ରହିଛି । କଂଗ୍ରେସ ପ୍ରାର୍ଥୀ ଚିତ୍ତରଞ୍ଜନ ମିଶ୍ରଙ୍କ ପାଖରେ ନଗଦ ୫ ହଜାର ଟଙ୍କା ଥିବା ବେଳେ ୨୭ ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି । ନିଜ ନାମରେ ୨୧ ଲକ୍ଷ ଟଙ୍କା ଓ ପତ୍ନୀଙ୍କ ନାମରେ ୩ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ଅଛି । ମିଶ୍ରଙ୍କ ନାମରେ ଦେଢ଼ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ଅଛି । ସିପିଆଇ(ଏମ୍‌ଏଲ୍)ର ଉମେଶ ଚନ୍ଦ୍ର ପ୍ରଧାନଙ୍କ ପାଖରେ ନଗଦ ୮ ହଜାର ଟଙ୍କା ଥିବା ବେଳେ ୮୦ ହଜାର ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସ୍ୱାଧୀନ ପ୍ରାର୍ଥୀ ଟଙ୍କଧର ଖମାରୀଙ୍କ ପାଖରେ ନଗଦ ୧୦ ହଜାର ଟଙ୍କା ଥିବା ବେଳେ ୧୫ ହଜାର ଟଙ୍କାର ଅଳଙ୍କାର ଓ ୩ ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ଅଛି । ବହୁଜନ ସମାଜ ପାର୍ଟିର ସୁରୁବାବୁ ନନ୍ଦଙ୍କର ୧୨ ଲକ୍ଷ ଟଙ୍କାର ସ୍ଥାବର ଓ ୧୭ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ନବକୃଷ୍ଣ ଦନ୍ତାଙ୍କ ପାଖରେ ନଗଦ ୨୫ ହଜାର ଟଙ୍କା ଥିବା ବେଳେ ନିଜ ନାମରେ ୧୮ ଲକ୍ଷ ଟଙ୍କାର ସ୍ଥାବର ଏବଂ ସ୍ତ୍ରୀଙ୍କ ନାମରେ ୭ ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି । ସେହିପରି ନବକୃଷ୍ଣଙ୍କ ନାମରେ ୨୫ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି । ତାଙ୍କ ନାମରେ ୫ ଲକ୍ଷ ୨୧ ହଜାର ଟଙ୍କାର ବ୍ୟାଙ୍କ ଋଣ ଥିବା ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ।

### ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ବୈଧ ଘୋଷିତ ହେଲା ୯ ପ୍ରାର୍ଥିପତ୍ର

**ବୀରମହାରାଜପୁର,୨୭।୩ (ଡି.ଏନ୍.ଏ)**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଦାଖଲ ହୋଇଥିବା ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ସୁବର୍ଣ୍ଣପୁର ଜିଲାର ସଂରକ୍ଷିତ ନିର୍ବାଚନମଣ୍ଡଳୀର ବିଧାୟକ ପଦପାଇଁ ୭ଟି ରାଜନୈତିକ ଦଳର ପ୍ରାର୍ଥୀଙ୍କ ସମେତ ମୋଟ ୯ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନପତ୍ର ଯାଞ୍ଚ ପରେ ୯ପ୍ରାର୍ଥିଙ୍କ ପ୍ରାର୍ଥିପତ୍ର ବୈଧ ଘୋଷିତ ହୋଇଛି। ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଜେଡି ପ୍ରାର୍ଥୀ ପଦ୍ମନାଭ ବେହେରା, କଂଗ୍ରେସ ପାର୍ଥୀ ବିନୋଦ ପାତ୍ର ,



ନାମାଙ୍କନପତ୍ର ଯାଞ୍ଚ କରାଯାଉଛି।

ବିଏସ୍‌ପ ପ୍ରାର୍ଥୀ ବ୍ରଜେନ୍ଦ୍ର ଲୁହା, ଭାଜପା ପାର୍ଥୀ ରଘୁନାଥ ଜଗଦଲା, ଏପିଆଇ ପାର୍ଥୀ ନବୀନ ଭୋଇ, ଏସ୍‌ୟୁସିଆଇ ପ୍ରାର୍ଥୀ ନିତ୍ୟାନନ୍ଦ ମଲ୍ଲିକ, ସ୍ୱାଧୀନ ପାର୍ଥୀ ଅକ୍ଷୟ ବିଭାର, ଆନନ୍ଦ ବାରିକ ଏବଂ ଆଶ୍ରୟ ମହାନନ୍ଦଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ବୁଧବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ମଧରେ ଉପଜିଲାପାଳ ତଥା ନିର୍ବାଚନ ରିଟର୍ନିଂ ଅଫିସର ସୁବ୍ରତ କୁମାର ବେହେରା ନାମାଙ୍କନ ପତ୍ର ଯାଞ୍ଚ କରିଥିଲେ। କଡା ସୁରକ୍ଷା ମଧରେ ପୂର୍ବାହ୍ନ ୧୧ଟାରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ନିର୍ବାଚନୀ ଏଜେଣ୍ଟ ଏବଂ ପ୍ରସ୍ତାବକ ଉପସ୍ଥିତ ଥିଲେ।

### କୋଶଲ ଯୁବ ସମନ୍ୱୟ ସମିତିର ବୈଠକ

# ଓଡ଼ିଶା ଦିବସକୁ କଳାଦିବସ ପାଳନ ନିଷ୍ପତ୍ତି

**ଉଲୁଣ୍ଡା ୨୭।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କୋଶଲ ଯୁବ ସମନ୍ୱୟ ସମିତି ପକ୍ଷରୁ ବୁଧବାର କଲେଜ ପଡ଼ିଆଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କୋଶଲ ଯୁବ ସମନ୍ୱୟ ସମିତି ସମ୍ପାଦକ ନିତିନ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶତାଧିକ କୋଶଲ ପ୍ରେମି ଯୋଗ ଦେଇଥିଲେ। ଏଥବରେ ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ କରିଥିବା ଅବହେଳା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏପରି କି ଏପ୍ରିଲ ୧ ତାରିଖ ଓଡିଶା ଦିବସକୁ କଳାଦିବସ ଭାବେ ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଉଲୁଣ୍ଡା କୋଶଲ ଯୁବ ସମନ୍ୱୟ ସମିତିର ସମ୍ପାଦକ ମୁକୁରୁ ବାଗ, ରବିନ ପଧାନ, ତଥାଗତ ମହାକୁର, ବୁଠି ମହାକୁର, ଝାଙ୍କର ପଧାନ, ମହାଦେବ ତରିଆ, ମନ ପଧାନ, ରିଲୁ ପଧାନ, ସୁବାସ ତରିଆଙ୍କ ସମେତ ବହୁ କୋଶଲ ପ୍ରେମୀ ଯୋଗଦେଇଥିଲେ ।

# ରାମାୟଣ ପାରାୟଣ: କଳସ ଶୋଭାଯାତ୍ରା

**ବୀରମହାରାଜପୁର,୨୭।୩ (ଡି.ଏନ୍.ଏ)**

ବୀରମହାରାଜପୁର ନିକଟବର୍ତ୍ତୀ ଟାଙ୍ଗରସାହି ଗ୍ରାମବାସୀଙ୍କ ପକ୍ଷରୁ ୯ଦିନ ଧରି ହେବାକୁ ଥିବା ଆଧ୍ୟାତ୍ମିକ ସମାରୋହର ବୁଧବାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମହିଳାମାନେ ବୀରମହାରାଜପୁର ରଜାବନ୍ଧରୁ କଳସରେ ପାଣି ଆଣି ପାରାୟଣ ମଣ୍ଡପରେ ସ୍ଥାପନ କରିଥିଲେ । ଏହି ଉପଲକ୍ଷେ ଗୁରୁବାର ଆରମ୍ଭ ହେବାକୁ ଥିବା ରାମଚରିତ ମାନସ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଆସନ୍ତା ୫ତାରିଖରେ ଉଦ୍‌ଯାପିତ ହେବ । କାର୍ଯ୍ୟକ୍ରମର ଆୟୋଜନ ପାଇଁ ଗଠିତ କମିଟିରେ ଭାଗବତ ମେହେର ସଭାପତି, କାହ୍ନୁ ମେହେର ସମ୍ପାଦକ ଏବଂ ଲିଙ୍ଗରାଜ ମେହେର କୋଷାଧ୍ୟକ୍ଷ ଭାବେ ରହିଛନ୍ତି। ସୁରେନ୍ଦ୍ର ତ୍ରିପାଠୀ ବ୍ୟାସ ଭାବେ ଯୋଗ ଦେଇଥିବା ବେଳେ ପ୍ରବଚନ ପାଇଁ ସରୋଜିନୀ ମିଶ୍ର ଯୋଗ ଦେଇଛନ୍ତି। ଟାଙ୍ଗରସାହି ଗ୍ରାମବାସୀ ପ୍ରତିବର୍ଷ ଚୈତ୍ର ମାସରେ ଆଧ୍ୟାତ୍ମିକ ସମାରୋହର ଆୟୋଜନ କରିଆସିଛନ୍ତି।



ରାମଚରିତ ମାନସ ନବାହ୍ନ ପାରାୟଣ ସକାଶେ କଳସ ଶୋଭାଯାତ୍ରା।

### ସହଯୋଗର ହାତ୍ ବଢ଼ାଲା ବାଙ୍କିପାଲି ଯୁବକ ସଂଘ

# ଚିକିତ୍ସା ଲାଗି ବୁର୍ଲା ଗଲେ ବିଶ୍ୱଜିତ

**ବିନିକା/ଡୁଙ୍ଗୁରିପାଲି, ୨୭।୩ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଏସ୍.ରାମପୁର ତହସିଲ ଅଧୀନ ବାଙ୍କିପାଲି ଗାଁର କେନାଲପଡ଼ାର ବିଶ୍ୱଜିତ ନାଏକ(୨୪)। ସେ ବହୁତ୍ ଦିନ୍ ହେଲା ଅଜନା ରୋଗ୍‌ରେ ଖଟେ ପଡ଼ି ଶଡୁଥିଲେ। ବୁଧୁବାର ଗାଁର ଯୁବକ ସଂଘ ଟଁକା ପଏସା ଠୁଲେଇ ବିଶ୍ୱଜିତର ଚିକିସ୍ସା ଲାଗି ଆମ୍ବୁଲାନ୍ସରେ ବୁର୍ଲା ବଡ଼ ଡାକ୍ତରଖାନାକେ ପଠେଇଥିବାର ଜନାଯାଇଛେ।

ସୂଚନା ଅନ୍‌ସାରେ ଦୁଇ ବଛର ତଲେ ବିଶ୍ୱଜିତର ବାପା ଖେତେ ମୁଲିଆ କାମ୍ କରୁଥିଲାବେଲେ ଝାଡ ଖରାଥି ତାକର ମୁର୍‌ତୁ ହେଇଥିଲା। ପଛେ ଘରର ବୋଝ୍ ବିଶ୍ୱଜିତ ଉପରେ ପଡ଼ିଥିଲା। ହେଲେ ଦିନାକେତେ ଭିତରେ ବିଶ୍ୱଜିତ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ହେଇ ଖଟେ ପଡ଼ି ରହିଲେ। ଏନ୍‌ତାଥି ମା' ଆର ବଡ଼ ବହେନ୍ ପରହର କାମ୍‌ବୁତା କରି ପରିବାର ଚଲଉଥିଲେ। ସେମାନେ ଘରର ଖୁରିଗିନା ବିକାଭଂଗା କରି ବିଶ୍ୱଜିତକେ ବଲାଙ୍ଗୀର, ସମ୍ବଲପୁର, ବୁର୍ଲା ନେଇ ଚିକିସ୍ସା କରେଇଥିଲେ ବି ଟଁକା ପଏସା ଅଭାବୁ ଘରକେ ଫିରେଇ ଆନିଥିଲେ। ସେଦିନ୍‌ଠାନୁ ବିଶ୍ୱଜିତ ଖଟେ ପଡ଼ି ରୋଗ୍‌ରେ ଶଡୁଥିଲେ। ପରିବାରର ଦୁଖ୍ ଆର ଅଭାବ ଅନାଟନକେ ଦେଖି ଗାଁର ଯୁବକ ସଂଘ ବିଶ୍ୱଜିତର ଚିକିସ୍ସା କରାବାକେ ଅଁଟା ଭିଡ଼ିଥିଲେ। ସେମାନେ ନିଜେ ଚାଁଦାଭେଦା ବାହାର କରବାର ସଂଗେ ସହୁରୁଦ୍ ଲୁକ୍‌କରନୁ ବିଶ୍ୱଜିତର ଚିକିସ୍ସା ଲାଗି ସହାୟ୍ ମାଗିଥିଲେ। ଯୁବକ ସଂଘର ପିଲାମାନେ ବିଶ୍ୱଜିତକେ ବୁଧୁବାର ସକାଲୁ ଡୁଙ୍ଗୁରିପାଲି ଡାକ୍ତରଖାନା ନେଇ ପ୍ରାଥମିକ ଚିକିସ୍ସା କରାଲା ଉତାରୁ ୧୦୮ ଆମ୍ବୁଲାନ୍ସରେ ବୁର୍ଲା ବଡ଼ ଡାକ୍ତରଖାନାକେ ଉଚ୍ ଚିକିସ୍ସା ଲାଗି ପଠେଇଛନ୍। ବିଶ୍ୱଜିତ ସଂଗେ ତାକର ବିଧବା ମା' ସରୋଜିନୀ ଆର ଯୁବକ ସଂଘର କେତେ ପିଲା ସାହାଯ୍ ଲାଗି ଯାଇଥିବାର ଜନାଯାଇଛେ। ଯୁବକ ସଂଘର ଇ ମହତ୍ କାୟ୍‌କେ ଅଂଚଲବାସୀ ବଡ଼ଭାରି ପରଶଁସା କରିଛନ୍। ସରକାର ଗରିବ୍ ଦୁଖିକର ଲାଗି ଯୋଜନା ଉପରେ ଯୋଜ୍‌ନା କରି କୋଟି କୋଟି ଟଁକା ସାରୁଛନ୍। ହେଲେ ଥାନୀୟ ପରଶାସନିକ୍ ଅଧିକାରୀମାନକର କୁମ୍‌କରନ୍ ନିଦ୍ ଲାଗି ଇ ଦୁଖି ଗରିବ୍‌ମାନେ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଉଛନ୍ ବଲି ବୁଧିଜୀବୀ ମହଲରେ ଚରଚା ହେଉଛେ।



ଚିକିସ୍ସା ଲାଗି ବିଶ୍ୱଜିତକେ ଆମ୍ବୁଲାନ୍ସରେ ବୁର୍ଲା ନିଆଯାଉଛେ।



କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।

- ଚାଣକ୍ୟ



## ସଂକ୍ଷେପରେ

### ବିକାଶ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ବରଗଡ଼ ଅଫିସ୍,୨୭।୩:** ଚଳିତବର୍ଷ ଆଇଆଇଟି-ଜାମ୍ ପ୍ରବେଶିକା ପରୀକ୍ଷାରେ ବିକାଶ ଡିଗ୍ରୀ କଲେଜରୁ ୮ଜଣ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ସେମାନେ ହେଲେ ଖୁସବୁ ଅଗ୍ରୱାଲ, ପ୍ରତିଭାରାଣୀ ସାହୁ, ଆଶିଷ କୁମାର ନାୟକ, ତୃପ୍ତିବାଳା ବେହେରା, ରିତୁ ପଣ୍ଡା, ରାଜଶ୍ରୀ ପଟେଲ, ମୋନାଲିସା ଠାକୁର ଏବଂ ଶାଶ୍ୱତ ସ୍ୱରୂପ ବିଶ୍ୱାଳ । ସେହିପରି ଏହି କଲେଜର ଅନ୍ୟ ୪ଜଣ ଛାତ୍ରୀଛାତ୍ର ଭାଗ୍ୟଶ୍ରୀ ନାଥନୀ, ଦେବରାଜ ମହାପାତ୍ର, ଶାଲିମା ଆଜ୍‌ମାନୀ ଓ ବିଶାଳ ଅଗ୍ରୱାଲ ମ୍ୟାଟ୍‌-୨୦୧୯ ପରୀକ୍ଷାରେ ସଫଳ ହୋଇଥିବା କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା ସୂଚନା ଦେଇଛନ୍ତି। ଗତବର୍ଷ ମଧ୍ୟ ଏହି କଲେଜର ୩ଜଣ ଛାତ୍ରୀଛାତ୍ର ଉକ୍ତ ପ୍ରବେଶିକା ପରୀକ୍ଷାରେ ସଫଳ ହୋଇଥିଲେ । ଛାତ୍ରୀଛାତ୍ରଙ୍କ ଏଭଳି କୃତିତ୍ୱ ପାଇଁ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର (ଆଡ୍‌ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ଦୁଇ ଦିନ ହେଲା ଜଳୁଛି ଜଙ୍ଗଲ

**ବୌଦ୍ଧ,୨୭।୩(ସ୍ୱ.ପ୍ର):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ରେଞ୍ଜ ଅଧୀନ ଡୁକୁଲୁଣ୍ଡା, ଲକ୍ଷଣପୁର, କୁଟଗାଡୁ, ଆଡିପଦର ଓ ବାଙ୍କାର୍ଜୁନ ଆଦି ଜଙ୍ଗଲ ଜଳୁଥିବା ଦେଖିବାକୁ ମିଳିଛି । ଦୁଇ ଦିନ ହେଲା ଏହି ଜଙ୍ଗଲ ଜଳୁଥିଲେ ମଧ୍ୟ ଏହାକୁ ଲିଭାଇବା ପାଇଁ ଉଦ୍ୟମ କରାଯାଇନାହିଁ । ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ଉତ୍ତାପ ମଧ୍ୟ ବୃଦ୍ଧି ଘଟିଛି । ଧୂଆଁରେ ରାସ୍ତାରେ ଯାଉଥିବା ଯାତ୍ରୀମାନେ ବହୁ ହଇରାଣ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ଦାବି ହେଉଛି ।

### ପୋଖରୀରେ ବୁଡି ୩ ନାବାଳିକା ମୃତ

**ଦାରିଙ୍ଗବାଡ଼ି,୨୭।୩(ଡି.ଏନ.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ପର୍ତ୍ତମାହା ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ଶେଷ ମୁଣ୍ଡରେ ଥିବା ପୋଖରୀରେ ବୁଡ଼ି ୨ଭଉଣୀଙ୍କ ସମେତ ୩ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ, ଉକ୍ତ ଗ୍ରାମର ବାୟାବନ୍ଧୁ ନାୟକଙ୍କ ୨ଝିଅ ରେଣୁକା(୯), ମେନୁକା(୭) ଏବଂ ରବୀନ୍ଦ୍ର ସେନାପତିଙ୍କ ଝିଅ ଲିସା(୩)। ୩ଜଣଙ୍କର କିଭଳି ମୃତ୍ୟୁ ହେଲା ସ୍ପଷ୍ଟ ଜଣା ପଡି ନ ଥିଲେ ମଧ ଜଣଙ୍କୁ ବଞ୍ଚାଇବାକୁ ଯାଇ ଆଉ ୨ଜଣ ବୁଡି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି।ରେଣୁକା, ମେନୁକା ଓ ଲିସା ଅପରାହ୍ନରେ ଖେଳିବା ପାଇଁ ଯାଇଥିଲେ। ସନ୍ଧ୍ୟା ହୋଇଥିଲେ ମଧ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗାଁ ଶେଷମୁଣ୍ଡରେ ଥିବା ପୋଖରୀ ତୁଠରେ ସେମାନଙ୍କ ପୋଷାକ ଥିବା ଦେଖିବାକୁ ମିଳିଥିଲା। ସନ୍ଦେହ ହେବାରୁ ଖୋଜାଖୋଜି କରିବାରୁ ପୋଖରୀରେ ୩ଜଣଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହାୟତାରେ ମୃତଦେହ ଗୁଡିକୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ପରେ ସେଠାରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଦାରିଙ୍ଗବାଡି ଥାନା ଅଧିକାରୀ ଅଲେଖ ଗରଡିଆ ପହଞ୍ଚି ମୃତଦେହଗୁଡ଼ିକୁ ଦାରିଙ୍ଗବାଡି ମେଡିକାଲକୁ ନେବାର ବ୍ୟବସ୍ଥା କରିଥିଲେ।

ପରହସନ ପାଲଟିଛେ ସରକାରୀ ଯୋଜନା

# ଜଗଡ଼ା ଗଦାରେ ବଁଧା ପଡ଼ିଛେ ଭବିଷତ୍

**ଭବାନୀପାଟଣା, ୨୭।୩ (ଡି.ଏନ୍.ଏ.)**

କେନ୍ଦ୍ର ଆର ରାଏଜ୍ ସରକାର ଶିଶୁ ଶ୍ରମିକ ପରଥାକେ ବଁଦ୍ କରବାର ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ଛୁଆମାନେ କେନ୍‌ଥେଇ ସ୍କୁଲକେ ଯିବେ, ପାଠ୍ ଦୁଇ ଅଖର ପଢ଼ି ଭଲ ମୁନୁଷ୍ ହେବେ ସେଥିରଲାଗି କୋଟି କୋଟି ଟଁକା ସାରୁଛନ୍। ଇ ସବୁ ସମସିଆର ସମାଧାନ ଲାଗି ସରକାରକଁର ଅନେକ ବିଭାଗ କାମ କରୁଛନ୍। ହେଲେ ଦୁଖର କଥା ଏତେ ସବୁ ବିଧି ବେବସ୍ତା ଥିଲେ ବି ସମସିଆର ସମାଧାନ ନାଇଁ ହେଇପାରବାର। ଆମର ରାଏଜେ ଚାହା ଦୁକାନ, ପାନଦୁକାନ, ଜଲଖିଆ ଦୁକାନ, ଇଟାଭାଟି, ଅନେକ ଥିଲାବାଲାକର ଘରେ ୧୪ରୁ କମ୍ ବଛରର ପିଲା ଟୁକେଲମାନେ କାମ୍ କରୁଛନ୍। ଏନ୍ତା କି ଆମର ଦେଶେ, ରାଏଜେ ଅନେକ ଗରିବ୍ ଦୁଖି ଅଛନ୍ ଯେନ୍‌ମାନକର ଘର ଦୁଆର ନାଁଇଁନ, ଖୁଲା ଆକାଶ ହେଉଛେ ତାକର ଘର। ସେମାନେ ବଁଚ୍‌ବାର ଲାଗି ଭିନେ ଭିନେ ବେପାର କରୁଛନ୍। ଏନ୍ତା କି ସେମାନେ ନିଜର ଛୋଟ ଛୋଟ ଛୁଆମାନକୁ ଜଗଡ଼ା ଗଦା ଅଁଡ଼ାଲି ପ୍ଲାଷ୍ଟିକ୍ ବୁତଲ, କାଚ୍ ବୁତଲ, ଭଂଗା ଦଦ୍‌ରା ଟିନ୍, ଲୁହା, ଜରି ଠୁଲାବାକେ ମତଉଛନ୍। ସେଟାକେ କବାଡ଼ି ଖାନାରେ ବିକି ଯେନ୍ ଦୁଇ ପଏସା ପାଉଛନ୍ ସେଥିରେ ତାକର ପରିବାରର ତେଲ୍ ନୁନ୍ ଚଲୁଛେ। ହେଲେ ଗରିବୀର ମାଡ଼ରେ ଇ ମା'ବାପ୍‌ମାନେ ଭୁଲି ଯାଇଛନ୍ ଯେ ପାଠ୍ ଦୁଇ ଅଖର ପଢ଼ଲେ ସମାଜରେ ତାର ଉଜନ କେତେ। ସରକାର ସେଥିରଲାଗି ଅନେକ ବେବସ୍ତା ବି କରିଛନ୍, ଅନେକ ସ୍ୱେଚ୍ଛାସେବୀ ସଂଗଠନ୍ ବି ଇ ଦିଗେ କାମ୍ କରୁଛନ୍। ହେଲେ ଦୁଖର କଥା ଅଭାବ ଅନାଟନ, ଗରିବୀକେ ଆମର ବିଧି ବେବସ୍ତା ଆର ସରକାରୀ ଯୋଜନା ଭେଦ୍ କରି ନାଇଁପାରବାର। ଇ ଗରିବ୍ ଦୁଖିକର ଘର ଦୁଆର, ଠିକ୍‌ନା ନାଇଁଥିବାର ଲାଗି ସରକାରକଁର ସବୁପରକାର ଯୋଜନାରୁ ବି ବଁଚିତ ହେଇ ରହୁଛନ୍। ଏନ୍ତା ଘଟନା ଦେଖବାକେ ମିଲିଛେ କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ। ଏହେଦେ ସହରର ଅନେକ ଜାଗାରେ ସଖାଲ ପାହାତେ ପାହାତେ ଛୋଟ ଛୋଟ ଛୁଆମାନେ ଜରି ବସ୍‌ତାଟେ ଲେଖେଁ ଖଁଦେ ପକେଇ ଜଗଡ଼ା ଗଦାମାନକୁ ଅଁଡ଼ାଲି ହେଉଛନ୍। ସତେ ଯେନ୍ତା ତାକର ଭବିଷତ୍ ସେ ଜଗଡ଼ା ଗଦାରେ ରହିଛେ। ଧୀବରମାନେ ମୋତି ଖୁଜବାର ଲାଗି ସମୁଦ୍ରରେ ଥରକେ ଥର ବୁଡ଼ ପକେଇ ସାମକା ଖୁଜ୍‌ଲା ଲେଖେଁ ଇ ନିଷ୍‌ପାପ ଛୁଆମାନେ ଜଗଡ଼ା ଗଦାକେ ଉଲଟେଇ ପୁଲଟେଇ ସାମାନ ଖୁଜୁଛନ୍। ଝନେ ସହୃଦ୍ ଲୋକ୍ ଇ ଦୁରୁଶ୍ ଦେଖିଲେ ଚିନ୍ତା ବି କରି ନାଇଁପାରେ ଯେ ଆମର ଦେଶ, ସମାଜର ଗତି କେନ୍‌ଆଡ଼େ। ଜିଲା ପରଶାସନ ଇ ଦିଗେ ଦୁରୁଷ୍ଟି ଦେଇ ସମସିଆର ସମାଧାନ କରବାକେ ସାଧାରନ୍‌ରେ ଦାବି ହେଉଛେ। ଇ ବାବ୍‌ଦେ ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାଏକକୁଁ ପଚରାଲାରୁ ସେମାନେ ରାଏଜ୍ ବାହାରୁ ଆସୁଛନ୍ ଆର କେହେନ୍‌ସି ଗୁଟେ ଜାଗାରେ ନାଇଁ ରହିବାର। ସେଥିରଲାଗି ତାହାକୁ ଚିନ୍‌ହଁଟ କରି ଥଇଥାନ କରବାର ଭିଡ଼ ହେଉଛେ ବଲି ସେ କହିଥିଲେ।



ଝନେ ନାବାଲକ ଜଗଡ଼ା ଗଦାରେ ସାମାନ ଖୁଜବାରେ ବାଇ ଅଛନ୍।

**ରିପୋର୍ଟ: ସଞ୍ଜୀବ କୁମାର ଯୋଷୀ**

## ମାଣ୍ଡିଆଡିପା ଧନୁଯାତ୍ରା ଉଦ୍‌ଘାଟିତ



ଅତିଥିମାନେ ଫିତା କାଟି ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

**ପାଇକମାଳ, ୨୭।୩(ଡି.ଏନ.ଏ)**

ପାଇକମାଳ ବ୍ଲକ ମାଣ୍ଡିଆଡିପା ଗ୍ରାମ ପଡିଆରେ ୬ଷ୍ଠ ଧନୁଯାତ୍ରା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଗ୍ରାମର ଗୌନ୍ତିଆ ତଥା ଧନୁଯାତ୍ରାର ମୁଖ୍ୟ ଉପଦେଷ୍ଟା ରାଜକିଶୋର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସରପଞ୍ଚ ବାବୁଲାଲ ଧରୁଆ, ଯୁଧିଷ୍ଠିର ସାହୁ, ମୋତିଲାଲ ସାହୁ, ଶୁଭ କନ୍ଧ, ଉଗ୍ରେ ବରିଆ, ଗୁରୁବାରୁ ଲଇ, ଦୁର୍ଯ୍ୟୋଧନ ସାହୁ, ସଦାନନ୍ଦ ବୁଡେକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପୌରାଣିକ କଥା ବସ୍ତୁ ଉପରେ ଆଧାରିତ ଚରିତ୍ରରେ ମଥୁରା ନଗରୀର ରାଜା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସଙ୍କ ସିଂହାସନ ଆରୋହଣ, ଦେବକୀ ବାସୁଦେବ ବିବାହ ସମ୍ପନ୍ନ ଆଦି ଦୃଶ୍ୟ ଅଭିନିତ ହୋଇଥିଲା । କଂସ ଭୂମିକାରେ ଗୋପବନ୍ଧୁ ସାହୁ, ବସୁଦେବ କୁବେର ଗିରି ସାହୁ, ମହାମନ୍ତ୍ରୀ ଚିନ୍ତାମଣି କୁମ୍ଭାର ପ୍ରମୁଖ କଳାକାରମାନେ ଅଭିନୟ କରୁଛନ୍ତି । ଏହା ୫ ଦିନ ଧରି ଚାଲିବ ବୋଲି ଉପଦେଷ୍ଟା ଡୋଲାମଣି ମାହାର କହିଛନ୍ତି । କ୍ଷୀର ସାଗର ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

ମଦ ବିକ୍ରି ବନ୍ଦ ଦାବିରେ ରାଜପଥ ଅବରୋଧ

## ୭ ଘଣ୍ଟା ପରେ ରାସ୍ତାରୋକୋ ହଟିଲା

**ବୌଦ୍ଧ/ବାଉଁଶୁଣୀ, ୨୭।୩(ସ୍ୱ.ପ୍ର/ଡି.ଏନ.ଏ)**

ବୌଦ୍ଧ ଜିଲା ବହିରା ଗ୍ରାମପଞ୍ଚାୟତରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପଞ୍ଚାୟତର ୫ଟି ଗାଁର ଏସ୍‌ଏଚ୍‌ଜି ମହିଳାମାନେ ବୁଧବାର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ବହିରା ପଞ୍ଚାୟତରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ ନ ହେଲେ ଜାତୀୟ ରାଜପଥ ଉପରୁ ହଟିବୁ ନାହିଁ ବୋଲି ମହିଳାମାନେ ପ୍ରଶାସନକୁ ରୋକ୍‌ଠୋକ୍ ଶୁଣାଇଥିଲେ । ଖବର ପାଇ ୭ ଘଣ୍ଟା ପରେ ବୌଦ୍ଧ ତହସିଲଦାର ଲଲାଟେନ୍ଦୁ ସିଂ, ଅବକାରୀ ଅଧୀକ୍ଷକ ଶାନ୍ତନୁ ଦାସ, ଏସଡିପିଓ ସାଲେଷ୍ଟିନ ଟିଗା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମହିଳାମାନଙ୍କ ସହ ଆଲୋଚନା କରିଥିଲେ । ଏହାପରେ ମହିଳାମାନେ ରାସ୍ତା ଅବରୋଧରୁ ହଟିଥିଲେ । ସୂଚନା ମୁତାବକ, ଉକ୍ତ ପଞ୍ଚାୟତର ସଦେଇପୁର ଗ୍ରାମର ମହିଳାମାନେ ମଦ ବିକ୍ରି ବନ୍ଦ ପାଇଁ ଚେତାବନୀ ଦେଇଆସୁଥିଲେ । ମଙ୍ଗଳବାର ଜଣେ ବେପାରୀ ଦୁଇ ବସ୍ତା ମଦ ପାଉଚ ଧରି ଯାଉଥିବା ବେଳେ ମହିଳାମାନେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ଉକ୍ତ ବେପାରୀଙ୍କୁ ମଦ ସହ ଛାଡିଦେଇଥିଲେ। ଏହାର ପ୍ରତିବାଦରେ ବୁଧବାର ବହିରା, ସଦେଇପୁର, ଜୁରାମୁଣ୍ଡା, ଝାରକଟା ଓ ପୁରୁଣା ବହିରା ଗ୍ରାମର ଏସ୍‌ଏଚ୍‌ଜି ମହିଳାମାନେ ସକାଳ ୧୦ଟାରୁ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ ।

## କନ୍ଧମାଳ: ଦୋଛକିରେ ବିଜେଡି କର୍ମୀ

**ମନମୁଣ୍ଡା, ୨୭।୩ (ଡି.ଏନ.ଏ)**

କନ୍ଧମାଳ ନିର୍ବାଚନ ମଣ୍ଡଳୀ ପାଇଁ ଭାଜପାର ସୁଧାଂଶୁ ଡାଙ୍ଗ ଏବଂ ବିଜେଡିର ବୟନିକା ସଭାପତି ଶେଷ କୁମାର ମେହେର ସ୍ୱାଧୀନ ପ୍ରାର୍ଥୀ ଭାବେ ମନୋନୟନ ପତ୍ର ଦାଖଲ କରିଛନ୍ତି । ତେବେ ଶେଷ ମେହେରଙ୍କ ପ୍ରାର୍ଥିତ୍ୱ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଶେଷ ମେହେର ୨୦୧୪ ନିର୍ବାଚନ ପରି ଚଳିତ ନିର୍ବାଚନରେ ବିଜେଡି ଟିକେଟ ପାଇଁ ଦାବିଦାର ଥିଲେ । କିନ୍ତୁ ଦୁଇଥର ଯାକ ତାଙ୍କୁ ନିରାଶ କରାଯାଇଛି। କନ୍ଧମାଳରେ ପୁଣିଥରେ ମହୀଧର ରଣାଙ୍କୁ ବିଜେଡି ପ୍ରାର୍ଥୀ କରିଛି । ଏଥିରେ ଅସନ୍ତୁଷ୍ଟ ବିଜେଡିର ଛାମୁଆ ନେତାମାନେ ମେଳି କରି ଶେଷ ମେହେରଙ୍କୁ ସ୍ୱାଧୀନ ପ୍ରାର୍ଥୀ କରାଇଛନ୍ତି । ଶେଷଙ୍କ ମନୋନୟନ ପତ୍ର ଦାଖଲ ଶୋଭାଯାତ୍ରାରେ ମହୀଧରଙ୍କ ବିରୋଧୀ ନେତାମାନେ ସାମିଲ ହୋଇଥିଲେ । ତେବେ ନିର୍ବାଚନ ମଣ୍ଡଳୀର ଆହୁରି ଅନେକ ବିଜେଡି ନେତା ଓ କର୍ମୀମାନେ ବିଭିନ୍ନ ବାହାନା ଦେଖାଇ ଏଥିରେ ଯୋଗ ଦେଇ ନ ଥିଲେ। ଏପରି ଭାବେ ବିଜେଡି କର୍ମୀମାନେ ମହୀଧରଙ୍କୁ ନା ଶେଷଙ୍କୁ ସମର୍ଥନ କରିବେ ସେ ନେଇ ଏବେ ଦୋଛକିରେ ପଡିଛନ୍ତି ।

## ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ

**ସମ୍ବଲପୁର/ହୀରାକୁଦ,୨୭।୩ (ବ୍ୟୁରୋ/ଡି.ଏନ୍.ଏ.)**

ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ମଙ୍ଗଳବାର ହୀରାକୁଦ ବାବା ନୀଳକଣ୍ଠେଶ୍ୱର ଧର୍ମଶାଳାରେ ପାଳିତ ହୋଇଛି। ଶଶୀଭୂଷଣ ଜେନାଙ୍କ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା। ବିଷ୍ଣୁପଦ ଦାଶ, ଅରୁଣ କୁମାର ମେହେରା, ବାବାଜୀ ଦାମୋଦର ଦାଶ, ବାବାଜୀ ଦିବାକର ଦାଶ, ବାବାଜୀ ପୁନ ଦାଶ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେଁ ଟେଁୟା ସାରୀ**
**ଚିକ୍କଣିଆ ଭଣ୍ଡାରି**
**ଚାହିଁ ଜଳକୀ ବିଟପୀ ନାରୀ**
**ସଖୀ ବଡ଼ ମନ୍ଦ ଏ ।**

ଅହରହ ରାବ କରୁଥିବା ସାରୀକୁ କେହି ଆଦର କରି ନ ଥାନ୍ତି। ଚିକ୍କଣିଆ କଥା କହୁଥିବା ବ୍ୟକ୍ତି କେବେ ବି ବିଶ୍ୱାସ ବା ଭରସାଯୋଗ୍ୟ ହୋଇପାରି ନ ଥାନ୍ତି। ସେହିପରି ବ୍ୟଭିଚାରିଣୀ ନାରୀକୁ କେହି ସାଦରେ ଗ୍ରହଣ କରି ନ ଥାନ୍ତି। ଏମାନେ ସମସ୍ତେ ଖରାପ ସ୍ୱଭାବର ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଡେଇଁ ଡେଇଁ ଗଲା ଧଣ୍ଡ**
**ଡାମରା କାଉକୁ ଓଢ଼ଣା ପଡୁଛି**
**ଢମକୁ ହଲାଉ ମୁଣ୍ଡ ।**

ଧଣ୍ଡସାପ ବିଷହୀନ। ଡାମରା କାଉ ଦେଖିଦେଲେ କାଳେ ଖୁମ୍ପି ଦେବ ସେହି ଭୟରେ ସେ ଲୁଚିଯିବାକୁ ଶ୍ରେୟ ମଣିଥାଏ। ଡାମରା କାଉର ଆଢୁଆଳରେ ରହି ବର୍ତ୍ତିଯାଇଥିବା ଧଣ୍ଡସାପ ନିଜକୁ ବଡ଼ ବୋଲି ଦେଖାଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ ବରଂ ଏହା ତା'ର ନିର୍ବୋଧତା ବୋଲି ବୁଝାପଡ଼ିଥାଏ। ସବଳ ବ୍ୟକ୍ତିର ଅଲକ୍ଷ୍ୟରେ ଦୁର୍ବଳ ବ୍ୟକ୍ତି ନିଜ ଅହଙ୍କାର ପଣିଆ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଯାଞ୍ଚ ସରିଲା, ତିନି ପ୍ରାର୍ଥୀଙ୍କ ନାମାଙ୍କନ କଟିଲା

## ବୌଦ୍ଧ ୭, କନ୍ଧମାଳ ପାଇଁ ୬ ନାମାଙ୍କନ କାଏମ

**ବୌଦ୍ଧ,୨୭।୩(ସ୍ୱ.ପ୍ର)**

ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଗତ ମଙ୍ଗଳବାର ଥିଲା ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ । ବୌଦ୍ଧ ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀ ବୌଦ୍ଧ ଓ କନ୍ଧମାଳ ପାଇଁ ୧୬ ଜଣ ପ୍ରାର୍ଥୀ ନାମାଙ୍କନ କରିଥିଲେ । ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ସୁଶାନ୍ତ ପ୍ରଧାନ, ସିପିଆଇର ଅବକାଶ ସାହୁ, ବିଜେଡି ପକ୍ଷରୁ ପ୍ରଦୀପ କୁମାର ଅମାତ, ସ୍ୱାଧୀନ ଭାବେ ଭାଜପା ନେତା ସୂର୍ଯ୍ୟ ମହାପାତ୍ର, ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆର କେଦାର ନାଥ ସାହୁ, ଏନସିପିର କୃତ୍ତିବାସ ପଳିଆ, ସ୍ୱାଧୀନ ପ୍ରାର୍ଥୀ ବୈଶାଳିନୀ ବେହେରା ଓ ଲକ୍ଷ୍ମଣ ବେହେରା ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେହିପରି କନ୍ଧମାଳ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ମହୀଧର ରଣା, ଭାଜପାର କହ୍ନେଇ ଚରଣ ଡାଙ୍ଗ, କଂଗ୍ରେସର ପ୍ରଶାନ୍ତ କୁମାର ସାହୁ ଓ ସ୍ୱାଧୀନ ଭାବେ ବସନ୍ତ ଖୁରା, ପ୍ରଫୁଲ ମଲିକ, ମନୋରଞ୍ଜନ କୁଅଁର ଓ ସୁଧାଂଶୁ ଡାଙ୍ଗ ନାମାଙ୍କନ ପତ୍ର ଦାଖଲ କରିଥିଲେ । ବୁଧବାର ନାମାଙ୍କନ ପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚରେ ୩ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି । ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ବୈଶାଳିନୀ ବେହେରାଙ୍କ ନାମାଙ୍କନପତ୍ର କଟିଯାଇଛି । ଅନ୍ୟମାନଙ୍କ ନାମାଙ୍କନ କାଏମ ରହିଛି । ସେହିପରି କନ୍ଧମାଳ ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ବସନ୍ତ ଖୁରା ଓ ପ୍ରଫୁଲ ମଲିକଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଥିବା ବେଳେ ଅନ୍ୟମାନଙ୍କ ନାମାଙ୍କନପତ୍ର କାଏମ ରହିଛି । ଆସନ୍ତା ୨୯ ତାରିଖ ନାମାଙ୍କନପତ୍ର ପ୍ରତ୍ୟାହାର ଶେଷ ଦିବସ ରହିଛି ।

## ଶାସନରେ ଆଇନ ସଚେତନତା ଶିବିର

**ସମ୍ବଲପୁର,୨୭।୩(ବ୍ୟୁରୋ)**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମ୍ବଲପୁର ଜିଲା ଶାସନ ପଞ୍ଚାୟତ ଅଫିସରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଆଇନ ସେବା ପ୍ରାଧିକରଣ ସଚିବ ଲିଲି ସେନାପତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଶ୍ରମିକ, ଥାନା ଅଧିକାରୀ ଓ କର୍ମଚାରୀ, ଜନପ୍ରତିନିଧି ସାମିଲ ହୋଇଥିଲେ। ଅଣସଂଗଠିତ ଶ୍ରମିକମାନଙ୍କ ସକାଶେ ଉଦ୍ଦିଷ୍ଟ ଅଧିକାର ଓ ଆଇନଗତ ସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା।

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 346 OF 2018**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Hussain House, P.O/ Dist.: Sambalpur-768004 ...Applicant

Vrs

Prakash Kumar Sahoo ...Defendant

To

**Prakash Kumar Sahoo,** S/o: Purna Chandra Sahoo, At/P.O.: Modipara (Labour Colony) Dist.: Sambalpur-768002

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 346/2018** in the Court of Debts Recovery Tribunal at Cuttack for a recovery of **Rs.26,42,920.69** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **2nd day of May, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **18th day of March, 2019.**

Sd/- Registrar
Debts Recovery Tribunal

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 345 OF 2018**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Hussain House, P.O/ Dist.: Sambalpur-768004 ...Applicant

Vrs

Mr. Prakash Swain ...Defendant

To

**Prakash Swain,** S/o: Aswini Swain, At: Panikapara, P.O.: Jharuapara, Dist.: Sambalpur-768006

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 345/2018** in the Court of Debts Recovery Tribunal at Cuttack for a recovery of **Rs.22,03,213.85** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **2nd day of May, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **18th day of March, 2019.**

Sd/- Registrar
Debts Recovery Tribunal

## ଫଟୋରେ ଖବର






ବିଶ୍ୱ ନାଟ୍ୟ ଦିବସ ଅବସରରେ ବୁଧବାର ବଲାଙ୍ଗୀର ଅନ୍ୱେଷଣ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା (ବାମ)। ବଲାଙ୍ଗୀର ସହର ଡେଲିମାର୍କେଟସ୍ଥିତ ରବି ଚା' ଦୋକାନରେ ନିର୍ବାଚନ ପ୍ରଚାର ବେଳେ ଛତିଶଗଡ଼ ମନ୍ତ୍ରୀ ଟିଏସ୍ ସିଂଦେଓ, ସ୍ଥାନୀୟ ବିଧାୟକ ପ୍ରାର୍ଥୀ ନରସିଂହ ମିଶ୍ର ଓ ଲୋକସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ସମର୍ଥକଙ୍କ ସହ ଚା' ପିଉଛନ୍ତି। (ଫଟୋ: ସୁନୀଲ)



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ



### ଏମ୍‌ଏସ୍‌ସି ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଅର୍ପିତା ଓଡ଼ିଶାରେ ଚତୁର୍ଥ ସ୍ଥାନ

**ଭବାନୀପାଟଣା,୨୭।୩ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ପ୍ରଗତି କଲେଜର ଛାତ୍ରୀ ଅର୍ପିତା ପଣ୍ଡା ସର୍ବଭାରତୀୟ ଆଇଆଇଟିର ଏମଏସସି ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ୫୬୭ ର୍ୟାଙ୍କ ରଖି କୃତ କାର୍ଯ୍ୟ ହୋଇଛନ୍ତି । ଏଥିସହ ସେ ଓଡିଶାରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଅର୍ପିତା ପ୍ରଗତି କଲେଜର ଯୁକ୍ତ ତିନି ବିଜ୍ଞାନ ରସାୟନ ବିଭାଗର ଶେଷବର୍ଷ ଛାତ୍ରୀ। ସେ କଲମପୁର ବ୍ଲକର ଦେପୁର ଗ୍ରାମର ଭାରତ ପଣ୍ଡା ଓ ଉପମା ପଣ୍ଡାଙ୍କ ଝିଅ । ତାଙ୍କ ବାପା ବାରତ ଜଣେ ଇଲେକଟ୍ରୋନିକ୍ସ ମେକାନିକ ଭାବରେ କାର୍ଯ୍ୟ କରନ୍ତି। ଏ ନେଇ ପ୍ରଗତି କଲେଜର ଚେୟାରମ୍ୟାନ ଅଜୟ କୁମାର ପଣ୍ଡା ଓ ଅଧ୍ୟକ୍ଷ ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଏହି ଖବର ଜଣାପଡିବା ପରେ କଳାହାଣ୍ଡି ଜିଲାରେ ଖୁସିର ଲହରି ଖେଳିଯାଇଛି।

### ମହୁଲି ମଦ ଜବତ: ଜଣେ ଗିରଫ

**ଲହୁଣୀପଡା, ୨୭।୩ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ମହୁଲପଦା ଥାନା ଅନ୍ତର୍ଗତ ସୁଲଉଡିହି ଗ୍ରାମରେ ବୁଧବାର ବେଆଇନ ମହୁଲି ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ହଳଦୀକୁଦର ପଞ୍ଚାୟତ ସୁଲଉଡିହି ଗ୍ରାମର ଚନ୍ଦ୍ରମୋହନ ମହାକୁଳ (୨୯) ନିଜ ଘରେ ମହୁଲି ମଦ କାରବାର କରୁଥିବା ଅଭିଯୋଗ ହୋଇଆସୁଥିଲା । ଏହାକୁ ଭିତ୍ତିକରି ବୁଧବାର ମହୁଲପଦା ଥାନା ପୋଲିସ ସୁଲଉଡିହି ଗ୍ରାମରେ ଚଢ଼ାଉ କରି ମହୁଲି ମଦ ଜବତ କରିବା ସହିତ ଚନ୍ଦ୍ରମୋହନ ମହୁକଳକୁ ଗିରଫ କରିଥିଲେ।

# ବିଜେଡିର ମାରାଥନ ପ୍ରଚାର

**ନୂଆପଡା ଅଫିସ,୨୭।୩**



କୋମନା ସହରରେ ଶୋଭାଯାତ୍ରାରେ ବିଜେଡି ନେତୃବୃନ୍ଦଙ୍କୁ ପାଛୋଟି ନିଆଯାଉଛି ।



ବିଲେଞ୍ଜୋରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

- ଭାଜପା, କଂଗ୍ରେସକୁ ଟାର୍ଗେଟ କଲେ ପୁଷ୍ପେନ୍ଦ୍ର
- ଶତାଧିକ ଭାଜପା, କଂଗ୍ରେସ କର୍ମୀଙ୍କ ଯୋଗଦାନ

ବିଧାନସଭା ଏବଂ କଳାହାଣ୍ଡି ଲୋକସଭା ପଦ ସକାଶେ ନାମାଙ୍କନ ଦାଖଲ ପରେ ବିଜେଡି ତାର ନିର୍ବାଚନ ପ୍ରଚାରକୁ ଯୋର କରିଦେଇଛି । ବୁଧବାର ସକାଳୁ ସନ୍ଧ୍ୟା ଯାଏ ଖରିଆରରୋଡରୁ କୋମନା ପର୍ଯ୍ୟନ୍ତ ମାରାଥନ ପ୍ରଚାର ଶୋଭାଯାତ୍ରା କରାଯାଇଛି । ଏହି ନିର୍ବାଚନୀ ସଭାରେ ଉଭୟ ଭାଜପା ଏବଂ କଂଗ୍ରେସକୁ ଟାର୍ଗେଟ କରିଛନ୍ତି ନେତୃବୃନ୍ଦ। ବୁଧବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଖରିଆରରୋଡସ୍ଥିତ ମୁସଲିମ ସମାଜର ସଭାଗୃହରେ ଆୟୋଜିତ ହୋଇଥିବା ସମ୍ବର୍ଦ୍ଧନା ସଭାରେ ଜିଲା ବିଜେଡି ସଭାପତି ତଥା ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ସଭାପତିତ୍ୱ କରିଥିବାବେଳେ ପୂର୍ବମନ୍ତ୍ରୀ ମନ୍ତ୍ରୀ ତଥା କଳାହାଣ୍ଡି ଏମପି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ତାଙ୍କୁ ଜିଲା ବିଜେଡି ତରଫରୁ ସ୍ୱାଗତ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ସମ୍ପାଦକ ସରୋଜ କୁମାର ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ନିଗମ, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ ମିଶ୍ର, ବିଧାନସଭାସ୍ତରୀୟ ସଭାପତି ସୁଧୀର କୁମାର ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଅବନୀ ରଞ୍ଜନ ଯୋଷୀ, ଟିଟୁ ପଣ୍ଡା, ରମାକାନ୍ତ ସିଂ ଠାକୁର, ବଣ୍ଟି ଡାଗା, ଭଗବତୀ ପଟେଲ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସ୍ଥାନୀୟ ଖରିଆରରୋଡ ଏବଂ ସାଲିହାର ଭାଜପା ଏବଂ କଂଗ୍ରେସର ବହୁ ପ୍ରମୁଖ କର୍ମୀ ଆସି ଦଳରେ ମିଶିଥିଲେ । ଏହା ପରେ ଏମପି ପ୍ରାର୍ଥୀ ସିଂଦେଓ ଏବଂ ବିଧାୟକ ପ୍ରାର୍ଥୀ ଢୋଲକିଆ କୋମନା ଅଭିମୁଖେ ବାହାରିଥିଲେ । ବାଟରେ ତରବୋଡ, ଉଦ୍ୟାନବନ୍ଧ, କୋମନାରେ ବିଜେଡି ତରଫରୁ ଶତାଧିକ କର୍ମକର୍ତା ବାଜା, ବାଣ ବଜାଇ ସ୍ୱାଗତ କରିଥିଲେ । ଶେଷରେ ବିଲେଞ୍ଜୋରଠାରେ ଏକ ଦଳୀୟ ସମାବେଶ ହୋଇଥିଲା । ଏଥିରେ ସିଧାସଳଖ ପ୍ରାର୍ଥୀ ଦ୍ୱୟ ନିର୍ବାଚନ ସକାଶେ ସିଂହ ରଡି ଦେଇଥିଲେ । ଏଥର ଦୁଇଟି ଯାକ (ଲୋକସଭା ଏବଂ ବିଧାନସଭା)ସକାଶେ ଶଙ୍ଖ ଚିହ୍ନରେ ମୋହର ମାରିବାକୁ ହାତ ଯୋଡି ନିବେଦନ କରିଥିଲେ । ଏହି ଅବସରରେ ପୁଷ୍ପେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଥିଲେ । ଅଚ୍ଛାଦିନର ସ୍ୱପ୍ନ ଦେଖାଇ ଲୋକଙ୍କୁ ଭୁତାଇଥିଲେ । କାହିଁ ଗଲା ସେ ଦିନ । ନବୀନ ସରକାର ଯାହା କହେ ତାହା କାମରେ କରି ଦେଖାଇଦେଇଥାଏ ବୋଲି କହିଥିଲେ । ଏହି ଅବସରରେ ଅନ୍ୟ ଦଳରୁ ଆସି ଯୋଗଦେଇଥିବା ନୂତନ କର୍ମକର୍ତ୍ତାଙ୍କୁ ଉତରୀୟ ଦେଇ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ପରିଚାଳନା କରିଥଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କ୍ଷମା ସିଂ ନିଆଲ, ସରୋଜ କୁମାର ସାହୁ, ଭବାନୀ ନିଆଲ, ନମିତା ପ୍ରଧାନ, ଅବନୀ ଯୋଷୀ, କାର୍ତ୍ତିକ ଦୀପ, କାଳିଆ ପ୍ରଧାନ, ମୁରଲୀ ଭୋଇ, ଭବାନୀ ପାଣିଗ୍ରାହୀ, ମନବୋଧ ଘିଭେଲା, ସେହବାଜ ହୁସେନ ପ୍ରମୁଖ ଯୋଗଦେଇଥିଲେ। ରାତି ୭ଟା ଯାଏଁ ଚାଲିଥିବା କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇଥିଲେ।

### ମାସାଧିକ କାଳ ପଡ଼ି ରହୁଛି ଅଳିଆ ଆବର୍ଜନା

**କୁଆଁରମୁଣ୍ଡା,୨୭।୩ (ଡି.ଏନ.ଏ.)**

ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା କେବଳ କାଗଜ କଲମରେ ସୀମିତ ରହୁଛି। ଏହି ଯୋଜନାରେ କୋଟି କୋଟି ଟଙ୍କା ବିଭାଗୀୟ ଅଧିକାରୀ ହରିଲୁଟ କରି ଚାଲିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି, ସୁନ୍ଦରଗଡ଼ ଜିଲା ଉପାନ୍ତ ବୀରମିତ୍ରପୁର ନିବାଚନମଣ୍ଡଳୀର ବୀରମିତ୍ରପୁର ପୌରପାଳିକା। ଏହି ପୌରପାଳିକା ଅନ୍ତର୍ଗତ ବୀରମିତ୍ରପୁର-ହାତୀବାରି ରୋଡ଼ ଓ ସହରର କେନ୍ଦ୍ରସ୍ଥଳୀ କୁହାଯାଉଥିବା ଜଗନ୍ନାଥ ବାଟିକା, ବୀରମିତ୍ରପୁର-ହାତୀବାରି ରୋଡ ନିକଟସ୍ଥ ଛକରେ ମାସାଧିକ କାଳ ଅଳିଆ, ଆବର୍ଜନା ଗଦା ହୋଇ ରହୁଛି। ଏଗୁଡିକୁ ପୌରପାଳିକା ପକ୍ଷରୁ ନିୟମିତ ସଫା କରାଯାଉ ନ ଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଅଞ୍ଚଳରେ ମଶା, ମାଛି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେହିପରି ସହରର କେନ୍ଦ୍ରସ୍ଥଳୀରେ ଥିବା ଜଗନ୍ନାଥ ବାଟିକା ନିକଟରେ ମଧ୍ୟ ନିୟମିତ ସଫେଇ ହେଉ ନ ଥିବାରୁ ଅଳିଆ, ଆବର୍ଜନା ଗଦା ହୋଇ ରହୁଛି। ହେଲେ ଏ ନେଇ ପୌରପାଳିକା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ଏଥିପ୍ରତି ବିଭାଗୀୟ ଜିଲା ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅରେଡ଼ାଠାରୁ କଂଗ୍ରେସ ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀ ଦଳୀୟ କର୍ମୀ ଏବଂ ସମର୍ଥକଙ୍କ ସହ ମଙ୍ଗଳବାର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି।

ଓକିଲ ସଂଘରେ ନିଜର ପକ୍ଷ ରଖିଲେ ଘାସିରାମ ମାଝି

## ଜିଲାର ହିତ ପାଇଁ କାମ କରିବି

**ନୂଆପଡା ଅଫିସ,୨୭।୩**

ମୁଁ ଜଣେ ବେସାରେ ଓକିଲ । ଜଣେ ବୁଦ୍ଧିଜୀବୀ ଭାବରେ ସମାଜରେ ଗଣା ହେଉଥିବାରୁ ଜିଲାର ହିତଚନ୍ତା କରିବା ମୋର ପରମ କର୍ତ୍ତବ୍ୟ । ଜିଲାର ବିଭିନ୍ନ ସମସ୍ୟା ନେଇ ଜୁଝୁଥିବାବେଳେ ନେତା, ଅଧିକାରୀମାନେ ଜିଲକୁ ବହୁ ପଛକୁ ନେଇଯାଉଛନ୍ତି । ଏହା ଉପରେ ରୋକ ଲଗାଇବା ସହ ନିଶ୍ଚିତ ଭାବେ ଜିଲାବାସୀଙ୍କ ସ୍ୱାର୍ଥପାଇଁ କାମ କରିବି ବୋଲି ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ବିଧାୟକ ପ୍ରାର୍ଥୀ ଭାବେ ଛିଡା ହୋଇଥିବା ଘାସିରାମ ମାଝି କହିଛନ୍ତି । ବୁଧବାର ସ୍ଥାନୀୟ ବାର ଆସୋସିଏଶନର ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ନିଜର ପକ୍ଷ ରଖି ମାଝି ଏଭଳି କହିଥିଲେ । ବୁଧବାର ମଧ୍ୟାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଧର୍ମବୀର ଯୋଷୀ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାର୍ଥୀ ମାଝି କୌଣସି ରାଜନୈତିକ ଦଳକୁ ବିଶେଷ ଆକ୍ଷେପ ନ କରି ସବୁ ଦଳରୁ ଊର୍ଦ୍ଧ୍ୱକୁ ଆସି ସମର୍ଥନ ଜଣାଇବାକୁ ନିବେଦନ କରିଥିଲେ । ଏହି ଅବସରରେ ଦୁଇଟି ଓକିଲ ସଂଘ ଯଥା ସିଭିଲ ବାର ଆସୋସିଏଶନ ଏବଂ ଜିଲା ଓକିଲ ସଂଘର ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ଆଇନଜୀବୀ ଯୋଗଦେଇ ଓକିଲ ସମାଜ ତରଫରୁ ଜଣେ ପ୍ରାର୍ଥୀ ହୋଇଥିବା ହେତୁ ତାଙ୍କୁ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଏକ ସହଭୋଜର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ ଚନ୍ଦ୍ର ମହାପାତ୍ର, ମୁରଲୀଧର ପଣ୍ଡା, ପରିମଳ କାନ୍ତି ବୋଷ, ରମେଶ ଭୋଇ, ଶ୍ୱେତରାମ ଦେୱାଙ୍ଗନ, ତ୍ରିଲୋକ ସୋନି ପ୍ରମୁଖ ଯୋଗଦେଇଥିଲେ ।



ଓକିଲ ସଂଘର ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

## ନଦୀ, ନାଳରେ ପୋଲ ହୋଇ ନାହିଁ: ରାଣୀପଦରବାସୀଙ୍କ ଭୋଟ ବର୍ଜନ ଧମକ

**ଭବାନୀପାଟଣା,୨୭।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ. ରାମପୁର ବ୍ଲକ ଅନ୍ତର୍ଗତ ତଳଝାପି ଗ୍ରାମପଞ୍ଚାୟତର ରାଣୀପଦର ଗ୍ରାମବାସୀ ନିଜ ଅଞ୍ଚଳରେ ଥିବା ନଦୀ, ନାଳ ଉପରେ ପୋଲ ନିର୍ମାଣ ହୋଇ ନ ଥିବା ଯୋଗୁ ଗମନାଗମନରେ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହେଉଛି । ଏଥି ଯୋଗୁ ଆଗାମୀ ଭୋଟ ବର୍ଜନ କରିବେ ବୋଲି ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି। ବ୍ଲକର କୁମ୍ଭାରକାନି ଗ୍ରାମଠାରୁ ରାଣୀପଦର ଇନ୍ଦ୍ରାବତୀ ନଦୀ ଉପରେ ପୋଲ ହୋଇ ନ ଥିବାରୁ ସେ ଅଞ୍ଚଳର ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବିପଦଜନକ ଅବସ୍ଥାରେ ନଦୀରେ ଘରେ ବ୍ୟବହାର ହେଉଥିବା ବଡ ଡେକ୍‌ଚିକୁ ଭେଳା ତିଆରି କରି ନଦୀ ପାର ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏପରି ଅସୁବିଧା ଭୋଗୁ ଆସୁଥିବା ସ୍ଥଳେ ଭୋଟଦେଇ ନେତା ବାଛିବାର ଆବଶ୍ୟକ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯଦି ଆମ୍ଭର କୁମ୍ଭାରକାନି ରାସ୍ତା ପି.ଡବ୍ଲ୍ୟୁ ରାସ୍ତାଠାରୁ ଇନ୍ଦ୍ରାବତୀ ନଦୀ ବ୍ରିଜ୍ ନିର୍ମାଣ କରାଯାଇ ରାଣୀପଦର ଦେଇ ତଳଝାପି ଗ୍ରାମପଞ୍ଚାୟତକୁ ରାସ୍ତା ନ ହୁଏ ତେବେ ଆଗାମୀ ଭୋଟ ଦେବାକୁ ଗ୍ରାମରୁ କୌଣସି ଲୋକଙ୍କୁ ଦିଆଯିବ ନାହିଁ। ବାର ବାର ଭୋଟଦେଇ ନେତା ନିର୍ବାଚନ କରି ମଧ ଆଜି ଯାଏ ପୂରଣ ନ ହେଉଥିବାରୁ ଆମେ ଭୋଟ ବର୍ଜନ କରୁଅଛୁ । ଚଳିତ ନିର୍ବାଚନରେ କୌଣସି ଦଳ ଆମ ଗାଁରେ ଭୋଟ ପ୍ରଚାର କରିବେ ନାହିଁ । ଯଦି ଭୋଟ ପାଇଁ ପ୍ରଚାର କରନ୍ତି ତହିଁରେ କୌଣସି ବିଶୃଙ୍ଖଳା ଘଟେ ତାହାହେଲେ ଗ୍ରାମବାସୀ ସେଥିପାଇଁ ଦାୟୀ ନାହିଁ ବୋଲି ସେମାନେ ଜିଲାପାଳଙ୍କୁ ଜଣାଇଛନ୍ତି ।

## ମହାରାଷ୍ଟ୍ରରେ ବନ୍ଧାପଡ଼ିଥିବା ଦାଦନ ଶ୍ରମିକ ଫେରିଲେ

**କେସିଙ୍ଗା,୨୭।୩ (ଡି.ଏନ.ଏ.)**



ମହାରାଷ୍ଟ୍ରରୁ ଫେରନ୍ତା ଶ୍ରମିକ ।

- ୧୧ ଦାଦନ ଶ୍ରମିକ, ୫ ଶିଶୁ କେସିଙ୍ଗାରେ ପହଞ୍ଚିଲେ
- ଶ୍ରମିକ ଦଲାଲ ସହଯୋଗୀଙ୍କୁ ପୋଲିସର ଅଟକ

କଳାହାଣ୍ଡି ଜିଲା କେସିଙ୍ଗା, ଜୁନାଗଡ ଓ ଜୟପାଟଣା ବ୍ଲକରୁ ଦାଦନ ଖଟିବାକୁ ଯାଇ ମହାରାଷ୍ଟ୍ରରେ ବନ୍ଧା ପଡିଥିବା ଶ୍ରମିକମାନେ ଫେରିଛନ୍ତି । ସେମାନେ କେସିଙ୍ଗା ରେଳୱେ ଷ୍ଟେଶନରେ ବୁଧବାର ୪ଘଣ୍ଟା ୪୦ ମିନିଟରେ ନାଗାବଳୀ-ସମ୍ବଲପୁର ଦ୍ରୁତଗାମୀ ଟ୍ରେନରେ ପହଞ୍ଚିଥିବା ଜଣାପଡିଛି । ଗତ ନଭେମ୍ବର ୨୦୧୮ରେ କେସିଙ୍ଗା, ଜୁନାଗଡ ଓ ଜୟପାଟଣା, ଭବାନୀପାଟଣା ଆଦି ବ୍ଲକକରୁ ୧୬ ଜଣ ଶ୍ରମିକ ଓ ୫ଜଣ ଶିଶୁଙ୍କୁ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବ୍ଲକ ଅନ୍ତର୍ଗତ ଯୁମୁରଝୁଲା ଗ୍ରାମର ଧିରଜ ମାଝି (୨୮) ନାମକ ଦାଦନ ସର୍ଦ୍ଦାର ମହାରାଷ୍ଟ୍ରର ଲୁତୁର ଜିଲା ଅନ୍ତର୍ଗତ ମୁରୁଡି ଥାନା ଅଧୀନ ଏକୁର୍ଗା ଗ୍ରାମକୁ ଟ୍ରେନ ଯୋଗେ ନେଇ ଇଟାଭାଟି ମାଲିକ ଦେବାନନ୍ଦ ଘୁଟେ ନିକଟରେ ଛାଡି ପଳାଇ ଆସିଥିଲେ । ସେଠାରେ ଇଟାଭାଟି ମାଲିକ ଶ୍ରମିକମାନଙ୍କୁ ସାପ୍ତାହିକ ଜଣପିଛ ଏକ ଶହ ଟଙ୍କା ଦେଉଥିଲେ। ସକାଳ ୪ଟାରୁ ରାତ୍ର ୯ଘଣ୍ଟା ଯାଏ କାମ କରାଉଥିଲେ। ଯେଉଁ ଶ୍ରମିକ ଇଟା ଗଢ଼ିବାକୁ ମନା ଗଲେ ନିସ୍ଥୁକ ଭାବରେ ମାଡ ମାରୁଥିଲେ। ଏହି ସବୁ ସମସ୍ୟା ଶ୍ରମିକମାନଙ୍କୁ ଦେଉଥିବା ଜାଣାପଡ଼ିବା ପରେ ଶ୍ରମିକଙ୍କ ପରିବାରବର୍ଗ ପକ୍ଷରୁ ଗତ ଜାନୁୟାରୀ ୧୪ ତାରିଖରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶ୍ରମ ଅଧିକାରୀ ଭୁବନେଶ୍ୱରସ୍ଥିତ ଶ୍ରକ କମଶନରଙ୍କୁ ଜାନୁୟାରୀ ୧୮ ତାରିଖରେ ଚିଠି ନଂ. ୭୭ରେ ପ୍ରେରଣ କରିଥିଲେ । ଜିଲା ଶ୍ରମ ଅଧିକାରୀଙ୍କ ଉଦ୍ୟମକ୍ରମେ ୧୬ ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ଗତ ମାର୍ଚ୍ଚ ୧୩ ତାରିଖରେ ଟ୍ରେନ ଯୋଗେ କଣ୍ଟାବାଞ୍ଜିରେ ଶ୍ରମିକମାନେ ପହଞ୍ଚିଥିଲେ । ୫ଜଣ ମଧ୍ୟରୁ ଅନ୍ତ ଗଉଡ ନାମକ ଜଣେ ଶ୍ରମିକଙ୍କୁ ବନ୍ଧା ରଖିଛନ୍ତି । ଅଗ୍ରିମ ଟଙ୍କା ଦେଲେ ଛାଡାଯିବ ବୋଲି କହୁଥିବା ଜଣାପଡ଼ିଛି । ମହାରାଷ୍ଟ୍ରରୁ ନାଗାବଳି ଟ୍ରେନରେ ଶ୍ରମିକମାନେ କେସିଙ୍ଗାରେ ପହଞ୍ଚିବା କ୍ଷଣି ଶ୍ରମିକ ଦଲାଲ ଧିରଜ ମାଝିଙ୍କ ୨ଜଣ ସହଯୋଗୀ ଆସି ଶ୍ରମିକମାନଙ୍କୁ କଣ୍ଟାବାଞ୍ଜି ନିଜ ଗ୍ରାମ ଯୁମୁରଝୁଲାକୁ ନେବା ପାଇଁ ଉଦ୍ୟମ କରୁଥିଲେ । ଏହି ସମୟରେ କେସିଙ୍ଗା ପୋଲିସ ଜଣଙ୍କୁ କାବୁ କରି ଅଟକ ରଖିବା ସହିତ ଶ୍ରମିକମାନଙ୍କୁ କେସିଙ୍ଗା ଥାନାରେ ରଖାଯାଇ ପଚରାଉଚୁରା କରାଯାଉଛି ।

## କଂଗ୍ରେସରେ ଯୋଗଦେଲେ ଭାଜପା କର୍ମୀ

**ଜୁନାଗଡ,୨୭।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ମୋନାର୍କ ପେଲେସଠାରେ ମଙ୍ଗଳବାର ସନ୍ଧ୍ୟାରେ କଂଗ୍ରେସର ମିଶ୍ରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ ବ୍ଲକର ଅନେକ ଭାଜପା କର୍ମୀ କଂଗ୍ରେସରେ ଯୋଗଦେଇଥିଲେ। ସେମାନେ ହେଲେ ଭାଜପାର ଜୁନାଗଡ ନଗର ଯୁବ ସଭାପତି ହୃଦାନନ୍ଦ ମାଝି, ପୂର୍ବତନ ସରପଞ୍ଚ ଧବଳେଶ୍ୱର ମାଝି, ବେଦବର ଗୁରୁ, ତୁଳସୀ ନାଏକ, ଅଖିଳଚନ୍ଦ୍ର ନାଏକ, ହରିରାମ ମେହେର, ଅତୁଳ ନାଏକ, ଶେଖର ଛତ୍ରିଆ, ଅଙ୍କିତ ନାଏକ, ବାବାଜୀ ପଟ୍ଟନାୟକ, କମଳାକାନ୍ତ ନାଏକ, ବିଶାଖା ହରିଜନ, ଗୌତମ ହରିଜନ, ସୁରେନ୍ଦ୍ର ମାଝି, ମଣ୍ଟୁ ସାହୁ, ଦୁର୍ଗା ପ୍ରସାଦ ପାତ୍ର, ମହାଦେବ ମେହେର, କ୍ଷୀରସିନ୍ଧୁ ଦୁର୍ଗା, ବବଲୁ ମଙ୍ଗରାଜ, ଫକୀର ସିଂହ ମାଝି, ଲମ୍ବୋଦର ନାଏକ ପ୍ରମୁଖ ବିଦ୍ଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଇଥିଲେ। କଂଗ୍ରେସର ଜିଲା ସଭାପତି ଭାରତ ଭୁଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ସମାବେଶରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ଲୋକସଭା ପ୍ରାର୍ଥୀ ଭକ୍ତ ଚରଣ ଦାସ, ଜୁନାଗଡ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅନୀଲ କୁମାର ସିଂଦେଓ, ଦ୍ରୋପଦୀ ମାଝି, ଅଶୋକ ନାଏକ, ସତ୍ୟ ସରାଫ, ପରମାନନ୍ଦ ମାଝି, ଦାମୋଦର ବେହେରା, ସୁରେଶ ପଣ୍ଡା, ମଦନ ସାହୁ, ପ୍ରଭାତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସର ଚାରବାହାଲ ଜୋନ ସଭାପତି ତଥା ଯୁବ ଆଇନଜୀବୀ ଚିତ୍ତ ରଞ୍ଜନ ନିଆଲ ମଞ୍ଚ ପରିଚାଳନା କରିଥିବାବେଳେ ଜୁନାଗଡ ନଗର କଂଗ୍ରେସ ସଭାପତି ସୁଧାଂଶୁ ଶେଖର ବରାଡ ଧନ୍ୟବାଦ ଦେଇଥିଲେ।



କଂଗ୍ରେସର ମିଶ୍ରଣ ସମାବେଶରେ ଉପସ୍ଥିତ ଅତିଥିଗଣ।



"ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ

## ସଂକ୍ଷେପରେ



### କାର ଧକ୍କାରେ ଯୁବକ ଗୁରୁତର

ଜୁନାଗଡ,୨୭।୩ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁଠାରେ ବୁଧବାର ଅପରାହ୍ଣରେ ଏକ କାର ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାମ ଗୋବିନ୍ଦ ବେଣ୍ଡ୍ରା (୧୭) ଓ ସେ ନିକଟସ୍ଥ ଚୋରଖସିଗୁଡା ଗ୍ରାମର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଗୋବିନ୍ଦ ଦାସିଗାଁ ସ୍ଥିତ ଏଟିଏମ୍‌କୁ ଟଙ୍କା ଉଠାଇବା ପାଇଁ ଘରୁ ସାଇକେଲରେ ଆସୁଥିବାବେଳେ ବାଟରେ ଏକ କାର(ନଂ. ଓଡି୦୮କେ-୧୪୭୪) ତାଙ୍କୁ ଧକ୍କାଦେଇଥିଲା। ଫଳରେ ଗୋବିନ୍ଦ ସାଇକେଲରୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଟିଲଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ରହିଥିବା ଜଣାପଡିଛି।



### ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପଲମ,୨୭।୩ (ଡି.ଏନ.ଏ.)- କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତସ୍ଥିତ ପାକେଲପଡା ଗ୍ରାମରେ ଗତ ୨୫ ତାରିଖରୁ ଚାଲିଥିବା ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ମହାସମାରୋହରେ ବୁଧବାର ଉଦଯାପିତ ହୋଇଯାଇଛି। ପୂର୍ଣ୍ଣାହୁତି ଅବସରରେ ପ୍ରହର ମଣ୍ଡଠାରେ ଦଧିଭାଣ୍ଡ ଭାଙ୍ଗି ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତି ଧରି ନଗର ପରିକ୍ରମା କରିଥିଲେ। ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ଯଜ୍ଞରେ ୧୦ଟି ସଂକିର୍ତ୍ତନ୍ୟ ଦଳ ଯୋଗଦେଇ ନାମଗାନ କରିଥିଲେ । ପୂଜା କର୍ତ୍ତା ଭାବେ ସତ୍ୟ ପ୍ରସାଦ ରଥ ଓ ଶୋଭାଗିନୀ ରଥ ରହି ପୂଜାର୍ଚ୍ଚନା କରିଥିଲେ । ସପ୍ତଋଷି ଭାବେ ବନ ଗହୀର, ଅଚ୍ୟୁତ ବାଗ, ପୁରସ୍ତମ ଗହୀର, ଶୁକାଚନ କରୁଆଁ, ପୀତାମ୍ବର କରୁଆଁ, ଇନ୍ଦ୍ର କରୁଆଁ, ରାମ କରୁଆଁ ପ୍ରତ୍ୟେକ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ପୂଜା କାର୍ଯ୍ୟ ତୁଲାଇବା ପାଇଁ ପୂଜକ ଭାବେ ସନ୍ତୋଷ ରଥ, ଜପକ ଭାବେ ଦେବାନନ୍ଦ ମିଶ୍ର ଓ ପାଚକ ଭାବରେ ସୁଧୀର ରଥ ରହିଥିଲେ । ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ଏହି ପୂଜା କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। ସମସ୍ତ ଭକ୍ତମାନଙ୍କ ପ୍ରତ୍ୟେକ ଦିନ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।

କଳାହାଣ୍ଡି ନିର୍ବାଚନମଣ୍ଡଳୀ

# ଲୋକ ସଭା ୮, ବିଧାନସଭା ୪୨ ନାମାଙ୍କନ କାଏମ

■ ୧୨ ବିଧାନସଭା ପ୍ରାର୍ଥୀ, ଜଣେ ଲୋକ ସଭା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ

ଭବାନୀପାଟଣା,୨୭।୩(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଗୋଟିଏ ଲୋକ ସଭା ଓ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଗତ ୨୬ ତାରିଖରେ ଶେଷ ହୋଇଛି। ଏଥିରେ ଜଣେ ଲୋକସଭା ପ୍ରାର୍ଥୀ ଓ ୧୨ ବିଧାନ ସଭା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଛି । ସେହିପରି ଲୋକସଭାରେ ୮, ୫ଟି ବିଧାନସଭାରେ ୪୨ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି । କଳାହାଣ୍ଡି ଲୋକସଭା ଆସନରେ ସମୁଦାୟ ୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେଥିରୁ ସ୍ୱାଧୀନ ପ୍ରାର୍ଥୀ ରାଜୁ ବାରିକଙ୍କ ନାମାଙ୍କନ ପତ୍ର ନାକଚ ହୋଇଛି ଏବଂ ୮ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି । ଲୋକସଭା ଆସନ ନିମନ୍ତେ ନାମାଙ୍କନପତ୍ର କାଏମ ରହିଥିବା ପ୍ରାର୍ଥୀମାନେ ହେଲେ ଭକ୍ତଚରଣ ଦାସ କଂଗ୍ରେସ, ପୁଷ୍ପେନ୍ଦ୍ର ସିଂହଦେଓ ବିଜେଡି, ବସନ୍ତ କୁମାର ପଣ୍ଡା ଭାଜପା, ପ୍ରେମାନନ୍ଦ ବାଗ ବିଏସ୍‌ପି, କମଳିନୀ ଯାଦବ ବହୁଜନ ମୁକ୍ତିପାର୍ଟି, ଛବିଲାଲ ନିଆଲ ଏପିଆଇ, ରାମଚନ୍ଦ୍ର ତ୍ରିପାଠୀ ସ୍ୱାଧୀନ ଓ ହାତୀଲାଲ ଦୁର୍ଗା ସ୍ୱାଧୀନ। ଭବାନୀପାଟଣା ବିଧାନ ସଭା ଆସନରେ ସମୁଦାୟ ୧୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେଥିରୁ ଯାଞ୍ଚ ପରେ ୩ ପ୍ରାର୍ଥୀ ସ୍ୱାଧୀନ ପ୍ରାର୍ଥୀ ବୈଷ୍ଣବ ଭି. ଚରଣ ସିନ୍ଧେଶା ସ୍ୱାଧୀନ, କଳିଙ୍ଗ ସେନା ବୃନ୍ଦା ସୁନା ଓ ସମତା କ୍ରାନ୍ତି ପ୍ରାର୍ଥୀ ଲୋକନାଥ ନାଗଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଛି । ଭବାନୀପାଟଣା ବିଧାନ ସଭା ଆସନରେ ନାମାଙ୍କନପତ୍ର କାଏମ ରହିଥିବା ୭ ଜଣ ପ୍ରାର୍ଥୀ ହେଲେ ଦୁଷ୍ମନ୍ତ କୁମାର ନାଏକ ବିଜେଡି, ପ୍ରଦୀପ୍ତ କୁମାର ନାଏକ ଭାଜପା, ସାଗର ଚରଣ ଦାସ କଂଗ୍ରେସ, ଚନ୍ଦ୍ରମଣି ମହାନନ୍ଦ ଏପିଆଇ, ଯୋଗେଶ୍ୱର ନାଏକ ସ୍ୱାଧୀନ, ଋଷି ସୁଦନ ଛତ୍ରପାଲ ବହୁଜନ ମୁକ୍ତିପାର୍ଟି ଓ ମଙ୍ଗଳ ପାଲ ବିଏସ୍‌ପି । ନର୍ଲା ବିଧାନ ସଭା ଆସନରେ ସମୁଦାୟ ୧୪ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେଥିରୁ ଯାଞ୍ଚ ପରେ ୪ ଜଣ ପ୍ରାର୍ଥୀ ସୁରେଶ ଚନ୍ଦ୍ର ସାହୁ ସ୍ୱାଧୀନ, ଚନ୍ଦ୍ରଶେଖର ସାହୁ ସ୍ୱାଧୀନ, ଲୋଚନ ଧରୁଆ ସ୍ୱାଧୀନ ଓ ଦୁର୍ଗା ମାଧବ କୌଶଲ୍ୟା ଓପିଡିଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି ।

ନର୍ଲା ବିଧାନସଭା ଆସନରେ ପ୍ରାର୍ଥୀପତ୍ର କାଏମ ରହିଥିବା ୧୦ଜଣ ପ୍ରାର୍ଥୀ ହେଲେ ମନୋଜ କୁମାର ପଟ୍ଟନାୟକ ସ୍ୱାଧୀନ, ଗଭୀର ସୁନା ଏପିଆଇ, ଭୁପିନ୍ଦର ସିଂହ ବିଜେଡି, ଚିତ୍ତରଞ୍ଜନ ମଣ୍ଡଳ କଂଗ୍ରେସ, ଦୁର୍ଯ୍ୟୋଧନ ଦାସ ସିପିଆଇଏମ୍‌ଏଲ୍, ଅନିରୁଦ୍ଧ ପ୍ରଧାନ ଭାଜପା, କେଦାରନାଥ ରଣା ସ୍ୱାଧୀନ, ମହେନ୍ଦ୍ର ଧଙ୍ଗଡାମାଝି ବହୁଜନ ମୁକ୍ତିପାର୍ଟି, ପ୍ରଭାକର ନାଗ ବିଏସ୍‌ପି ଓ ଦୁର୍ଗାପ୍ରସାଦ ମହାନ୍ତି ସ୍ୱାଧୀନ । ସେହିପରି ଲାଞ୍ଜିଗଡ ବିଧାନ ସଭା ଆସନରେ ୯ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ ଏବଂ ସମସ୍ତଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ଲାଞ୍ଜିଗଡ ବିଧାନ ସଭାର ପ୍ରାର୍ଥୀମାନେ ହେଲେ ଶିବାଜୀ ମାଝି କଂଗ୍ରେସ, ପ୍ରଦୀପ ଦିଶାରି ବିଜେଡି, ରମେଶ ମାଝି ଭାଜପା, ସୁରେଶ ମାଝି ବିଏସ୍‌ପି, ଉଦ୍ଧବ ମାଝି ସ୍ୱାଧୀନ, ରାଜ କିଶୋର ଦଳପତି ବହୁଜନ ମୁକ୍ତି ପାର୍ଟି, ବଜ୍ର ଭୋଇ ସ୍ୱାଧୀନ, ଉଦ୍ଧବ ମୁଣ୍ଡା ସମତାକ୍ରାନ୍ତି ଦଳ ଓ ବୈଷ୍ଣବ ମାଝି ଗଣ୍ଡୱାନା ଗଣତନ୍ତ୍ର ପାର୍ଟି । ସେହିପରି ଜୁନାଗଡ ବିଧାନ ସଭା ଆସନରେ ସମୁଦାୟ ୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଯାଞ୍ଚରେ ହେମନ୍ତ କୁମାର ଚୈହାନ୍ ସମତା କ୍ରାନ୍ତି ଦଳ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଛି ଏବଂ ୭ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି । ସେମାନେ ହେଲେ ଅନିଲ କୁମାର ସିଂହଦେଓ କଂଗ୍ରେସ, ଦିବ୍ୟଶଙ୍କର ମିଶ୍ର ବିଜେଡି, ମନୋଜ କୁମାର ମେହେର ଭାଜପା, ପ୍ରିୟବର୍ତ୍ତ ଶିପକା ସ୍ୱାଧୀନ, ସବିତା ହାତୀ ସମାଜବାଦୀ ପାର୍ଟି, କିର୍ତ୍ତୀଚରଣ ଗଉଡ ବିଏମପି, ଜତିନ୍ଦ୍ର ସାହୁ ଏପିଆଇ। ସେହିପରି ଧର୍ମଗଡ ବିଧାନସଭା ଆସନରେ ସମୁଦାୟ ୧୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସେଥିରୁ ୪ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ନାକଚ ହୋଇଥିବା ବେଳେ ୯ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି ।

### ସାଧାରଣ ନିର୍ବାଚନ ୨ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଯୋଗଦାନ

ଭବାନୀପାଟଣା,୨୭।୩ (ଡି.ଏନ.ଏ.)

୨୦୧୯ ସାଧାରଣ ନିର୍ବାଚନକୁ ମୁକ୍ତ ଓ ଅବାଧ ଭାବେ ପରିଚାଳନା କରିବା ସକାଶେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଅଶ୍ୱିନୀ ଭଗତ ଆଇଏଏସ ଓ ବିନୋଦ ପ୍ରସାଦ ଆଇଏଏସ କଳାହାଣ୍ଡି ନିର୍ବାଚନ ମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଛନ୍ତି। ଭଗତ ଲାଞ୍ଜିଗଡ, ଧର୍ମଗଡ, ଭବାନୀପାଟଣା ଓ ନର୍ଲା ବିଧାୟକ ମଣ୍ଡଳୀ ତଥା କଳାହାଣ୍ଡି ଲୋକସଭା ମଣ୍ଡଳୀର ଏବଂ ବିନୋଦ ପ୍ରସାଦ ଜୁନାଗଡ ବିଧାୟକ ମଣ୍ଡଳୀର ଦାୟିତ୍ୱରେ ଅଛନ୍ତି। କୌଣସି ଦଳୀୟ ବ୍ୟକ୍ତି କିମ୍ବା ସାଧାରଣ ବ୍ୟକ୍ତି ସେମାନଙ୍କ ନିର୍ବାଚନ ସମ୍ବନ୍ଧୀୟ ଯେ କୌଣସି ଅଭିଯୋଗ ଥିଲେ ସନ୍ଧ୍ୟା ୪ ଘଟିକା ୫ ଘଟିକା ମଧ୍ୟରେ ସ୍ଥାନୀୟ ସର୍କିଟ ହାଉସରେ ପର୍ଯ୍ୟବେକ୍ଷକଙ୍କୁ ସାକ୍ଷାତ୍ କରିପାରିବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜଣାଇଛନ୍ତି।

# କର୍ଲାମୁଣ୍ଡା ବ୍ଲକରେ ବିଜେଡି କର୍ମୀ ସମ୍ମିଳନୀ

କର୍ଲାମୁଣ୍ଡା,୨୭।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୁଟିଗାଁ ଶିବ ମନ୍ଦିର ପ୍ରାଙ୍ଗଣଠାରେ ବିଜେଡି କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ଲାମୁଣ୍ଡା ବ୍ଲକ ବିଜେଡି ସଭାପତି ଶ୍ରୀନିବାସ ମିଶ୍ରଙ୍କ ସଭାପତିତ୍ୱରେ ନର୍ଲା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଭୂପିନ୍ଦର ସିଂହ, ମ.ରାମପୁର ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂଦେଓ (ପୁଷ୍ପୁ), ବିଜେଡି ଜିଲା ଉପସଭାପତି ଜାକିର ହୁସେନ, ରାଜ୍ୟ ମହିଳା ସମବାୟ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ସମସ୍ତେ ଏକ ଜୋଟ ହୋଇ ନିର୍ବାଚନକୁ ସାମନା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ଲାମୁଣ୍ଡା ବ୍ଲକ ଅଧକ୍ଷା ଅମ୍ରିତା ସାହୁ, ବିଜେଡି ଏସସି ସେଲ ଜିଲା ସଭାପତି ସୁରେଶ ମହାନନ୍ଦ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଦୀପା ବାଗ, ପୂର୍ବତନ ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ପାତ୍ର, କେସିଙ୍ଗା ବ୍ଲକ ବରିଷ୍ଠ ନେତା ମହେନ୍ଦ୍ର ନାଏକ, ବିଜେଡି ସାଧନା କର୍ମୀ ସୁଶାନ୍ତ ଦୀପ ପ୍ରମୁଖ ଉଦ୍‌ବୋଧନ ଦେଇ ସମସ୍ତ କର୍ମୀଙ୍କୁ ସାଙ୍ଗରେ ନେଇ ନିର୍ବାଚନ, ଲଢିବା ବରିଷ୍ଠ କର୍ମୀମାନଙ୍କୁ ଗୁରୁତ୍ୱ ଦେବା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଶିବଲାଲ କେଡିଆ, ଘିନୁ ସାହୁ, ବିରଞ୍ଚି ରଣା, ପ୍ରେମାନିଧି ସାହୁ, ଗୌରକିଶୋର ରଣା, ତରୁଣୀସେନ ବଗର୍ତ୍ତୀ, ଯୋଗିନ୍ଦ୍ର ରଣା, ରାମଗୋପାଳ ସାହୁ ଓ ଅନ୍ୟାନ୍ୟ ନେତୃବୃନ୍ଦ ସହଯୋଗ କରିଥିଲେ। ଏଥିରେ ବହୁ କର୍ମୀଙ୍କ ସମାଗମ ହୋଇଥିଲା।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି ନେତା ଏବଂ କର୍ମୀମାନେ ।

### ଯୌତୁକ ହତ୍ୟା ମାମଲା: ସ୍ୱାମୀ ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା,୨୭।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଲମସିଂହା ଗାଁର ଏକ ଯୌତୁକଜନିତ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି । ଭବାନୀପାଟଣା ଜିଲା ଦୌରାଜଜ୍ ନିତୁରାଣୀ ପ୍ରଧାନଙ୍କ ସ୍ୱାମୀ ବସନ୍ତ ପ୍ରଧାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ନର୍ଲା ଥାନା ଅନ୍ତର୍ଗତ ଲମସିଂହା ଗ୍ରାମର ବସନ୍ତ ପ୍ରଧାନ କର୍ଲାମୁଣ୍ଡା ବ୍ଲକ ଭାଲୁପିଆ ଗ୍ରାମର ନିତୁରାଣୀ ପ୍ରଧାନଙ୍କୁ ୨୦୦୮ରେ ବିବାହ କରିଥିଲେ। ବସନ୍ତ ଯୌତୁକ ବାବଦକୁ ୫୦ ହଜାର ଟଙ୍କା ଆଣିବାକୁ କହି ନିତୁରାଣୀଙ୍କୁ ବାରମ୍ବାର ନିର୍ଯାତନା ଦେଇ ଆସୁଥିଲେ। ୨୦୧୬ ଜାନୁୟାରୀ ୨୪ ତାରିଖରେ ନିତୁରାଣୀଙ୍କୁ ହତ୍ୟା କରିଥିଲେ। ପରେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା ରୂପ ଦେଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଏ ନେଇ ନର୍ଲା ଥାନାରେ ଏକ ମାମଲା (ନଂ.୧୬/୨୪।୧।୨୦୧୬) ରୁଜୁ କରି ପୋଲିସ ଇନ୍ସପେକ୍ଟର ଉଲ୍ଲାସ ମାଝି ତଦନ୍ତ କରିଥିଲେ। ଏ ନେଇ ମଦନପୁର ରାମପୁର ଜେଏମଏଫସି କୋର୍ଟରେ ମାମଲା ବିଚାର ହୋଇଥିଲା। ପରେ ଏହି ମାମଲାକୁ ଭବାନୀପାଟଣା ଜିଲା ଦୌରାଜଜ୍‌ଙ୍କ କୋର୍ଟକୁ ସ୍ଥାନାନ୍ତରିତ କରିଥିଲେ। ୨୪ ଜଣଙ୍କ ସାକ୍ଷ୍ୟ ପ୍ରମାଣ ପରେ ମଙ୍ଗଳବାର ଜିଲା ଦୌରାଜଜ୍ ଶିଶିର କୁମାର ରଥ ମାମଲାର ବିଚାର କରି ବସନ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଧର୍ମେନ୍ଦ୍ର କୁମାର ପାତ୍ର ମାମଲା ପରିଚାଳନା କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

# ଶାସ୍ତ୍ରିଜୀ ଶିକ୍ଷା ନିକେତନର ବାର୍ଷିକୋତ୍ସବ ଉଦ୍‌ଯାପିତ

ଭବାନୀପାଟଣା,୨୭।୩ (ଡି.ଏନ.ଏ.)

ସ୍ଥାନୀୟ ଚକ୍ରଧର ନଗର ଠାରେ ଥିବା ଶାସ୍ତ୍ରୀଜୀ ଶିକ୍ଷା ନିକେତନରେ ୩ ଦିନଧରି ଚାଲିଥିବା ସପ୍ତମ ବାର୍ଷିକ ଉତ୍ସବ ଗତ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୪ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ବାର୍ଷିକ ଉତ୍ସବରେ ବିଜ୍ଞାନ ମେଳା, ଗଣିତ ମଜା, ଚିତ୍ରକଳା ପ୍ରଦର୍ଶନୀ, ସାହିତ୍ୟ ଘର, ଇଂରାଜୀ ଘର, ରଙ୍ଗୋଲି, କୁଇଜ୍ ପ୍ରତିଯୋଗିତା, କବିତା ପାଠୋତ୍ସବ, ସମୂହ ବ୍ୟାୟମ ପ୍ରଦର୍ଶନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମଗୁଡିକରେ ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ର ଶେଖର ପଣ୍ଡା, ପ୍ରଭାସ ଚନ୍ଦ୍ର ମିଶ୍ର ଓ ମୁକୁନ୍ଦ ରେଡ୍ଡିଙ୍କ ସହ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ପଟ୍ଟନାୟକ, ପ୍ରକାଶ ନିଶଂକ, ଆଲେକଜାଣ୍ଡାର ଫିଲିପ୍ସ ଓ ଶିକ୍ଷକ ବିରଞ୍ଚି ନାରାୟଣ ମୁଣ୍ଡ, ବରିଷ୍ଠ ଚିତ୍ରଶିଳ୍ପୀ କୃଷ୍ଣ ଚନ୍ଦ୍ର ପ୍ରଧାନ, ପ୍ରମିଳା ମିଶ୍ର, ଜ୍ୟୋତିରାଣୀ ଦାସ ଓ ଶିଳ୍ପୀ ମାନସ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନରେ ସହାୟତା କରିଥିଲେ। ପରାହ୍ଣରେ ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ନିର୍ଦ୍ଦେଶକ ଅବସରପ୍ରାପ୍ତ ବରିଷ୍ଠ ଲୋକପ୍ରିୟ ଶିକ୍ଷକ ପରମାନନ୍ଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣା କୃଷି ମହାବିଦ୍ୟାଳୟ ଏସୋସିଏଟ୍ ଡିନ୍ ଡ. ଶାନ୍ତନୁ କୁମାର ମହାନ୍ତି ଯୋଗଦେଇଥିଲେ ବେଳେ ମୁଖ୍ୟବକ୍ତା ଭାବେ ରିଷିଡା ମହାବିଦ୍ୟାଳୟ ଅଧାପକ ଡ. ଦାଶରଥି ଆଚାର୍ଯ୍ୟ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ, ବରିଷ୍ଠ କୃଷି ବୈଜ୍ଞାନିକ ଡ. ଭବାନୀଶଙ୍କର ନାୟକ, ଡ. ନିରାକାର ରଣସିଂଙ୍କ ସହ ଏମଜିଇଟି ର ଅଧକ୍ଷା ନିହାରିକା ପୁରୋହିତ, ସମ୍ପାଦକ ଆଶୁତୋଷ ମୁଣ୍ଡ, ସଦସ୍ୟା ସ୍ୱପ୍ନା ପ୍ରଧାନ, ମହାବିଦ୍ୟାଳୟ ଅଧକ୍ଷ ବସନ୍ତ କୁମାର ମହାପାତ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ର ଜୀବନରେ ଶୃଙ୍ଖଳାଜ୍ଞାନ ସହିତ ଶିକ୍ଷା ଲାଭରେ ନିଷ୍ଠା ପ୍ରଦର୍ଶନ କରିବା ଓ ନିଜର ମାତୃଭାଷାକୁ ସମ୍ମାନ ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ କୃତୀ ଶିକ୍ଷକ ତ୍ରିବିକ୍ରମ କେଶରୀ ମୁଣ୍ଡ, ମନୋରଞ୍ଜନ ପଣ୍ଡା, ଶିକ୍ଷୟତ୍ରୀ ପଦ୍ମିନୀ ପାତ୍ର ପ୍ରମୁଖଙ୍କୁ ଅତିଥିମାନେ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷା ଲାଭ ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜ୍ୟନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଙ୍ଗୀତ ଗୁରୁ ବାମଦେବ ଜେନାଙ୍କ ତତ୍ତ୍ୱାବଧାନରେ ସ୍ୱାଗତ ସଙ୍ଗୀତ ପରିବେଶଣ କରାଯାଇଥିଲା। ଶିକ୍ଷକ ମୁକୁନ୍ଦ ନାଏକ ମଞ୍ଚ ପରିଚାଳନା କରିଥିଲା ବେଳେ କଳ୍ପେଶ୍ୱର ପୁରୋହିତ, ମଧୁସୁଦନ ପଣ୍ଡା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ମଞ୍ଚ କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସଙ୍ଗୀତ ବିଚିତ୍ରା ସହ ନାଟକ 'ଅଭିମନ୍ୟୁ' ପରିବେଶଣ କରାଯାଇଥିଲା।

ଜୁନାଗଡ଼ରେ ବିଜେଡିର ମିଶ୍ରଣ ପର୍ବ

# ଯୋଗଦେଲେ ଭାଜପା, କଂଗ୍ରେସର ଅନେକ କର୍ମକର୍ତ୍ତା

ଜୁନାଗଡ,୨୭।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ବୁଧବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବିଧାୟକ କ୍ୟାପ୍‌ଟେନ ମିଶ୍ର ସେମାନଙ୍କୁ ଉତ୍ତରୀୟ ଦେଇ ଦଳରେ ସ୍ୱାଗତ ଜଣାଇଥିଲେ। ପୂର୍ବତନ ବିଧାୟକ ତଥା ପୂର୍ବତନ କଂଗ୍ରେସ ଜିଲା ସଭାପତି ଗୋବର୍ଦ୍ଧନ ଦାଶ ବିଧାୟକ ପ୍ରାର୍ଥୀ ଭାବେ ଚଳିତ ନିର୍ବାଚନରେ ଆଶାୟୀ ଥିଲେ । ତାଙ୍କୁ ଦଳ ପକ୍ଷରୁ ଟିକେଟ ନ ମିଳବାରୁ କ୍ଷୁବ୍ଧ ହୋଇ ବୁଧବାର କଂଗ୍ରେସରୁ ଇସ୍ତଫା ଦେଇଥିଲେ। ପରେ ତାଙ୍କ ସମର୍ଥକମାନେ ମଧ୍ୟ ଅସନ୍ତୋଷ ହୋଇ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିଲେ। ସେମାନେ ହେଲେ କଗ୍ରେସର ନାନ୍ଦୋଲ ଜୋନ ସଭାପତି ଆଲୋକ ରଞ୍ଜନ ମହାପାତ୍ର, ଉପସଭାପତି ଗୋପବନ୍ଧୁ ନାଏକ, ପୂର୍ବତନ ଏନ୍‌ଏସି କାଉନସିଲର ଯୁଗଳ କିଶୋର ସାହୁ, ସମ୍ପାଦକ ମନୋହର ଛତ୍ରିଆ, ହୃଷୀକେଶ ପଣ୍ଡା ପ୍ରମୁଖ ।

ଏହା ପୂର୍ବରୁ ଗତ କିଛିଦିନ ତଳେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଲେଶ୍ୱର ନାଏକ ମଧ୍ୟ କ୍ଷୁବ୍ଧ ହୋଇ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିଲେ। ସେହିପରି ଦଳରେ ଅଣଦେଖା କରାଯାଇଥିବା ନେଇ ଭାଜପା କୃଷକ ସେଲର ଯୁଗଲ କିଶୋର ଅଧିକାରୀ, ଦିଲୀପ ବିଷିଙ୍କ ସମେତ ଅନେକ କର୍ମକର୍ତ୍ତା ବିଜେଡିରେ ଯୋଗଦେଇଥିଲେ। ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଉଦ୍ୟମରେ ହୋଇଥିବା ଏହି ମିଳନ ସମାବେଶରେ ଜୁନାଗଡ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ବିଜେଡି ଜୁନାଗଡ ବ୍ଲକ ସଭାପତି ପ୍ରମୋଦ କୁମାର ବେହେରା, ରାଜ୍ୟ ପରିଷଦ ସଦସ୍ୟ ଦିଗାମ୍ବର ନାଏକ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ପୂର୍ବତନ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ, ପ୍ରଦ୍ୟୁମ୍ନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ରଞ୍ଜନ ନାଏକ ଧନ୍ୟବାଦ ଦେଇଥିଲେ।



ଜୁନାଗଡ ସହର ବିଜେଡିର ମିଶ୍ରଣ ପର୍ବରେ ଯୋଗଦେଇଥିବା ଭାଜପା, କଂଗ୍ରେସର କର୍ମକର୍ତ୍ତା।

ଅର୍ଦ୍ଧନିର୍ମିତ ଅବସ୍ଥାରେ କୁସୁମଝୁଲା ପୋଲ

# ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଲୋକେ

କେସିଙ୍ଗା,୨୭।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଗ୍ରାମପଞ୍ଚାୟତ ସୋଲାର ପ୍ଲାଣ୍ଟ ନିକଟରେ ଥିବା କୁସୁମଝୁଲା ପୋଲ ୪ ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଛି । ଫଳରେ ଗ୍ରାମବାସୀ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟାର ସମ୍ମୁଖିନ ହେଉଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ବିଜୁ କେବିକେ ଯୋଜନାରୁ ୫ ଲକ୍ଷ ବ୍ୟୟ ଅଟକଳରେ କୁସୁମଝୁଲା ପୋଲ ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । କେସିଙ୍ଗା ପଞ୍ଚାୟତ ସମିତି ତତ୍କାଳୀନ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଆଦେଶନାମା ଥିଲା । କନିଷ୍ଠ ଯନ୍ତ୍ରୀ କାଣ୍ଡେଲ ଗ୍ରାମପଞ୍ଚାୟତର ୩ଜଣ ୱାର୍ଡ ମେମ୍ବରମାନଙ୍କୁ ଏହି ବ୍ରିଜ ନିର୍ମାଣ କରିବା ପାଇଁ ମୌଖିକ ଆଦେଶ ଦେଇଥିଲେ। କନିଷ୍ଠ ଯନ୍ତ୍ରୀଙ୍କ ଆଦେଶ ମୁତାବକ ୱାର୍ଡ ମେମ୍ବରମାନେ ଏହି ପୋଲ ନିର୍ମାଣ ପାଇଁ ୩ଟି ପିଲର ଉଠାଇଥିଲେ। ଏହି ପୋଲରେ ଆଜିଯାଏ କୌଣସି ସୂଚନା ଫଳକ ମଧ୍ୟ ସ୍ଥାପନ କରାଯାଇ ନାହିଁ। ୩ଟି ପିଲର ନିର୍ମାଣ କରି ୫ ଲକ୍ଷ ଟଙ୍କା ମିଥ୍ୟା ବିଲ ପ୍ରସ୍ତୁତ କରି ଅର୍ଥ ଆତ୍ମସାତ କରିଥିବାରୁ ଉକ୍ତ ପୋଲ ଆଜକୁ ୪ବର୍ଷ ବିତିଯାଇଥିଲେ ସୁଦ୍ଧା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଛି ବୋଲି ଗ୍ରାମବାସୀମାନଙ୍କଠାରୁ ଶୁଣିବାକୁ ମିଳୁଛି । ଫଳରେ ବ୍ରାହ୍ମଣୀ, ଦୋରାପଡା, ମାଟିଆ, ଉତ୍କେଲା, କର୍ଲାଖୁଣ୍ଟା ଗ୍ରାମର ଶହ ଶହ ଲୋକେ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟାର ସମ୍ମୁଖିନ ଭୋଗିବାକୁ ପଡୁଛି । କାଣ୍ଡେଲ ଗ୍ରାମପଞ୍ଚାୟତର ଦୋରାପଡାର ଲୋକେ ବର୍ଷା ଦିନରେ ଏହି ଯୋର ପାର ହୋଇ ପାରି ନ ଥାନ୍ତି । ଉପର ମୁଣ୍ଡରୁ କୁସୁମଝୁଲା ଯୋରରେ ବର୍ଷା ପାଣି ପରିପୂର୍ଣ୍ଣ ହୋଇଗଲେ ଜୋରାପଡାର ଛାତ୍ରୀଛାତ୍ର ବ୍ରାହ୍ମଣୀ ଗ୍ରାମକୁ ସ୍କୁଲ ଯିବାର ବନ୍ଦ ହୋଇଯାଇଥାଏ । ବର୍ଷା ଦିନରେ ଏହି ପଡାର ଲୋକେ ଯୋର ଡେଇଁ ବହୁ କଷ୍ଟରେ କାଣ୍ଡେଲ ଗ୍ରାମ ପଞ୍ଚାୟତକୁ ଚାଉଳ, କିରୋସିନ ଆଣିବାକୁ ଯାଇଥାନ୍ତି। ଯଥାଶୀଘ୍ର ଉକ୍ତ ଯୋରରେ ବ୍ରିଜ କାମ ନିର୍ମାଣ କଲେ ପଡାବାସୀ ଗମନାଗମନ କ୍ଷେତ୍ରରେ ସୁବିଧା ହୋଇପାରନ୍ତା ବୋଲି ପଡାବାସୀ କହିଛନ୍ତି । ଏହା ନ ହେଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ମଧ୍ୟ ଗ୍ରାମବାସୀ ଚେତବାନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କୁ ପଚାରିବାରୁ ମୁଁତ ନୂଆକରି ଆସିଛି, ଜାଣି ନାହିଁ । ତଥାପି ତଦନ୍ତ କରି ଉକ୍ତ ପୋଲ ନିର୍ମାଣ କରାଯିବ ବୋଲି ପ୍ରକାଶ କରିଥିଲେ । ଏ ନେଇ କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ପଟେଲଙ୍କୁ ପଚାରିବାରୁ ମୁଁ ନୂଆରେ ଏଠାରେ ଯୋଗଦେଇଛି । ଏ ବିଷୟରେ ମୁଁ ଜାଣିନାହିଁ, ତଦନ୍ତ ପରେ କାମ କରାଯିବ ବୋଲି କହିଛନ୍ତି ।



ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଥିବା କୁସୁମଝୁଲା ପୋଲ ।

■ ୪ ବର୍ଷ ହେଲା ନିର୍ମାଣ ଶେଷ ହୋଇନି
■ ନିର୍ବାଚନ ବର୍ଜନ ପାଇଁ ଚେତାବନୀ



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।

- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ: ୮ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ

**ଟିଟିଲାଗଡ,୨୭।୩(ଡି.ଏନ.ଏ.):** ବୁଧବାର ୬୯ ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ପ୍ରାର୍ଥୀପତ୍ର ଯାଞ୍ଚ ପରେ କାଏମ ରହିଛି । ବିଜେଡିରୁ ଟୁକୁନୀ ସାହୁ, ଭାଜପାରୁ ଅଶୋକ ଦୋରା, କଂଗ୍ରେସରୁ ସୁରେନ୍ଦ୍ର ସିଂ ଭୋଇ, ବିଏସ୍‌ପିରୁ ବିଭୀଷଣ ନାଗ, ଏପିଆଇରୁ ମଧୁସୂଦନ ବାରିକ ଏବଂ ସ୍ୱାଧୀନ ପ୍ରାର୍ଥୀ ହିଫଜୁଲ ରହିମାନ, ସତ୍ୟନାରାୟଣ ବହିଦାର, କ୍ଷେମରାଜ ଅଗ୍ରୱାଲ । ୮ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଯାଞ୍ଚ ପରେ ସବୁ କାଏମ ରହିଥିବା ରିଟର୍ନିଂ ଅଫିସର ତଥା ଉପଜିଲାପାଳ ସୁଧାକର ନାଏକ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ଡୁଙ୍ଗୁରିପାଲି, ୨୭।୩ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମାଝିମୁଣ୍ଡା ଗ୍ରାମରେ ବୁଧବାର ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜମୋହନ ବାରିକ (୧୯)। ସକାଳ ସାଢ଼େ ୬ରୁ ୭ଟା ମଧ୍ୟରେ ଲାଇନ ଯାଇଥିବାବେଳେ ଯୁବକ ନିଜ ଘର ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଚଢ଼ିଥିଲେ। ନିଜ ଘରର ଲାଇନ ଜଳୁ ନ ଥିବାରୁ ସେ ବିଦ୍ୟୁତ୍ ତାର ସଂଯୋଗ କରୁଥିଲେ। ଏହି ସମୟରେ ହଠାତ୍ ଲାଇନ ଆସିଯିବାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳକୁ ଛିଟିକି ପଡିଥିଲେ। ତାଙ୍କୁ ଡୁଙ୍ଗୁରିପାଲି ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଯୁବକଙ୍କ ବାପା ଜୟଗୋପାଳ ବାରିକ ଡୁଙ୍ଗୁରିପାଲି ପୋଲିସକୁ ଜଣାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୦୧୯) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବିନିକାକୁ ପଠାଯାଇଥିବା ଡୁଙ୍ଗୁରିପାଲି ଥାନାର ଜ୍ୟୋତିକେଶରୀ ସାହୁ ପ୍ରକାଶ କରିଛନ୍ତି।

### ସୋନପୁର ବିଧାନସଭା କ୍ଷେତ୍ର: ଯାଞ୍ଚରେ କଟିଲେ ୨, ୭ଜଣଙ୍କ ନାମାଙ୍କନ ପତ୍ର କାଏମ

**ସୋନପୁର,୨୭।୩(ନି.ପ୍ର.):** ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପରେ ବୁଧବାର ଥିଲା ବହୁ ପ୍ରତିକ୍ଷିତ ପ୍ରାର୍ଥୀପତ୍ର ଯାଞ୍ଚ କାର୍ଯ୍ୟ। ସୋନପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନରେ ଆରମ୍ଭ ହୋଇଥିଲା ଯାଞ୍ଚ । ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ(ନଂ ୬୫) ପାଇଁ ୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଯାଞ୍ଚ ସମୟରେ ଆମ୍ବେଦକ୍ରାଇଟ୍ ପାର୍ଟି ଅଫ ଇଣ୍ଡିଆ(ଏପିଆଇ) ପ୍ରାର୍ଥୀ ବିପିନ ଛତ୍ରିଆ ଓ ସ୍ୱାଧୀନ ପ୍ରାର୍ଥୀ ଦେବେନ୍ଦ୍ରୀ ଭୁଏଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଥିଲା । ଭାଜପାର ଅଶୋକ କୁମାର ପୂଜାରୀ, କଂଗ୍ରେସର ଚିତ୍ତରଞ୍ଜନ ମିଶ୍ର, ବିଜେଡିର ନିରଞ୍ଜନ ପୂଜାରୀ, ବହୁଜନ ସମାଜ ପାର୍ଟିର ସୁରୁବାବୁ ନନ୍ଦ, ସିପିଆଇ(ଏମ୍‌ଏଲ୍)ର ଉମେଶ ଚନ୍ଦ୍ର ପଧାନ, ସ୍ୱାଧୀନ ପ୍ରାର୍ଥୀ ଟଙ୍କଧର ଖମାରୀ ଓ ନବକୃଷ୍ଣ ଦନ୍ତା ମୋଟ ୭ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ରିଟର୍ନିଂ ଅଫିସର ବଳରାମ ମଲ୍ଲିକ ସୂଚନା ଦେଇଛନ୍ତି ।

**ଆଜି କ'ଣ କେଉଁଠି** ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

---

ଦେଓଗାଁ ବ୍ଲକରେ ରାଜନୈତିକ ଉଷ୍ମତା

# କର୍ମୀ ସମାବେଶରୁ ପ୍ରଚାର ଆରମ୍ଭ କଲେ ନରସିଂହ

**ଦେଓଗାଁ,୨୭।୩(ଡି.ଏନ୍.ଏ.)**

ଦେଓଗାଁ ବ୍ଲକରେ ଚଳିତ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ ହେବାସହ ରାଜନୈତିକ ଉଷ୍ମତା ଆରମ୍ଭ ହୋଇଛି। ବୁଧବାର ଅପରାହ୍ନରେ କଂଗ୍ରେସ ପକ୍ଷରୁ ଦେଓଗାଁ ବ୍ଲକର ୧୨ ନଂ ଜୋନ ଅଧୀନ ସାରସମାଲ ପଞ୍ଚାୟତ ଅପାମରାରେ କର୍ମୀ ସମାବେଶ ଅନୁଷ୍ଠିତ ହେବାସହ ଦଳୀୟ ପ୍ରଚାର ଆରମ୍ଭ ହୋଇଥିଲା। କଂଗ୍ରେସ ୧୩ନଂ ଜୋନ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ପ୍ରାର୍ଥୀ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ କଂଗ୍ରେସ ଲୋକସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଯୋଗଦେଇ ଅଞ୍ଚଳର ବିକାଶ ଧାରାକୁ





ଅପାମରାରେ କଂଗ୍ରେସ ପକ୍ଷରୁ ଆୟୋଜିତ କର୍ମୀ ସମାବେଶରେ ନରସିଂହ ମିଶ୍ର ବକ୍ତବ୍ୟ ଦେଉଛନ୍ତି ।

ବଜାୟ ରଖିବା ପାଇଁ କଂଗ୍ରେସକୁ ସମର୍ଥନ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସମାବେଶରେ ଉପସ୍ଥିତ ନେତୃବୃନ୍ଦ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଯୁବକ, ମହିଳା ଓ ବିଶେଷ କରି କୃଷକଙ୍କ ପାଇଁ ଦେଇଥିବା ନିର୍ବାଚନୀ ଇସ୍ତାହାର ଉପରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ରାଜ୍ୟ ସରକାର ଚାଷୀଙ୍କୁ ତାଙ୍କ ହକ୍ ପ୍ରଦାନରେ ବିଫଳ ହୋଇଥିବା ବେଳେ ସ୍କୁଲଗୁଡିକରେ ଶିକ୍ଷକଙ୍କ ଅଭାବ, ଚିକିତ୍ସାଳୟରେ ଡାକ୍ତର ଅଭାବ ପରିଲକ୍ଷିତ ହୋଇଛି। ବଲାଙ୍ଗୀର ଜିଲାରେ ଜଳସେଚନ ଫେଲ ମାରିଛି, ଲୋକେ ଉଚିତ କର୍ମସଂସ୍ଥାନ ପାଇପାରୁ ନାହାନ୍ତି ଏଣୁ ପ୍ରତିବର୍ଷ ଦାଦନ ସମସ୍ୟା ବୃଦ୍ଧିପାଇବାରେ ଲାଗିଛି। ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ଚିନିକଳକୁ କାର୍ଯ୍ୟକ୍ଷମ କରି ନ ପାରି ଜିଲା ତଥା ବିଶେଷକରି ଦେଓଗାଁବ୍ଲକ ପ୍ରତି ଅଣଦେଖା କରାଯାଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଲୋକସଭା ପ୍ରାର୍ଥୀ ସମରେନ୍ଦ୍ର ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ଅଞ୍ଚଳର ୩୦ଜଣ ଭାଜପା ଓ ବିଜେଡି କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ବରିଷ୍ଠନେତା ଭାଗୀରଥ ମେହେର, ମାର୍କଣ୍ଡ ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ସାରସମାଲ ସମିତିସଭ୍ୟ ପ୍ରମୋଦ ମିଶ୍ର, ସିଂହାମୁଣ୍ଡା ସମିତିସଭ୍ୟ ଜୁଗୁନୁ ପଧାନ, କଂଗ୍ରେସ ବ୍ଲକ ସଭାପତି ଯୁଗେଶ୍ୱର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ଯୁବନେତା ଅସିତ ମିଶ୍ର, ବିଶ୍ୱଜିତ ପାତ୍ର ପ୍ରମୁଖ ମତ ଉପସ୍ଥାପନ କରିଥିବା ବେଳେ ବ୍ଲକ ଯୁବ କଂଗ୍ରେସ ସଭାପତି ସମିର ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ସଞ୍ଜୀବ ପଧାନ, ପ୍ରତାପ ବାଗ ପ୍ରମୁଖ ସହଯୋଗ କରିଥିଲେ । ସମାବେଶରେ ୧୩ନଂ ଜୋନର ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### କାର୍-ବାଇକ୍ ଧକ୍କା, ୨ ଗୁରୁତର

**ଚିକ୍ରାପଡ଼ା,୨୭।୩(ଡି.ଏନ୍.ଏ.)**

ସଇଁତଲା ଥାନା ଚିକ୍ରାପଡ଼ା ନିକଟସ୍ଥ ଝରବାହାଲି ଛକଠାରେ ବୁଧବାର କାର -ବାଇକ୍ ଧକ୍କା ହୋଇଥିଲା । ଫଳରେ ୨ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ପୋଲିସ ସୂଚନା ମୁତାବକ, ମୁରିବାହାଲ ବ୍ଲକ ଅଣ୍ଡାଳଦର ଗ୍ରାମର ଅମିତ ପାତ୍ର ଓ ଅନନ୍ତ ହଂସ ଏକ ବୁଲେଟ (ନଂ.ଓଡ଼ି୦୩ଇ-୫୫୫୯) ଯୋଗେ ସଇଁତଲାରୁ ଅଣ୍ଡାଳଦର ଫେରୁଥିବା ବେଳେ ଚିକ୍ରାପଡ଼ା ନିକଟସ୍ଥ ଝରବାହାଲି ଛକଠାରେ ଏକ କାର (ନଂ.ଓଡି୦୩ଏନ୍-୭୨୨୨) ସହ ମୁହାଁମୁହିଁ ଧକ୍କା ଦେଇଥିଲା । ଏଥିରେ ଅମିତଙ୍କ ଡାହାଣ ଗୋଡ ଭାଙ୍ଗିଯିବା ସହ ଅନନ୍ତ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତ ଦ୍ୱୟଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ପଠାଯାଇଥିଲା। ପୋଲିସ କାରକୁ ଜବତ କରିବା ସହ ଡ୍ରାଇଭର ବିଶପ ମଲ୍ଲିକଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚାଲିଥିବା ଚିକ୍ରାପଡ଼ା ଫାଣ୍ଡି ଅଧିକାରୀ ଆଦିତ୍ୟ ପ୍ରସାଦ ସାହୁ ପ୍ରକାଶ କରିଛନ୍ତି।

## ରାମାୟଣ ପାରାୟଣ: କଳସ ଶୋଭାଯାତ୍ରା

**ବୀରମହାରାଜପୁର,୨୭।୩ (ଡି.ଏନ୍.ଏ)**

ବୀରମହାରାଜପୁର ନିକଟବର୍ତ୍ତୀ ଟାଙ୍ଗରସାହି ଗ୍ରାମବାସୀଙ୍କ ପକ୍ଷରୁ ୯ଦିନ ଧରି ହେବାକୁ ଥିବା ଆଧ୍ୟାତ୍ମିକ ସମାରୋହର ବୁଧବାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମାନେ ବୀରମହାରାଜପୁର ରଜାବନ୍ଧରୁ କଳସରେ ପାଣି ଆଣି ପାରାୟଣ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଉପଲକ୍ଷେ ଗୁରୁବାର ଆରମ୍ଭ ହେବାକୁ ଥିବା ରାମଚରିତ ମାନସ ନବାହ ପାରାୟଣ କାର୍ଯ୍ୟକ୍ରମ ଆସନ୍ତା ୫ତାରିଖରେ ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମର ଆୟୋଜନ ପାଇଁ ଗଠିତ କମିଟିରେ ଭାଗବତ ମେହେର ସଭାପତି, କାହ୍ନୁ ମେହେର ସମ୍ପାଦକ ଏବଂ ଲିଙ୍ଗରାଜ ମେହେର କୋଷାଧ୍ୟକ୍ଷ ଭାବେ ରହିଛନ୍ତି। ସୁରେନ୍ଦ୍ର ତ୍ରିପାଠୀ ବ୍ୟାସ ଭାବେ ଯୋଗ ଦେଇଥିବା ବେଳେ ପ୍ରବଚନ ପାଇଁ ସରୋଜିନୀ ମିଶ୍ର ଯୋଗ ଦେଇଛନ୍ତି। ଟାଙ୍ଗରସାହି ଗ୍ରାମବାସୀ ପ୍ରତିବର୍ଷ ଚୈତ୍ର ମାସରେ ଆଧ୍ୟାତ୍ମିକ ସମାରୋହର ଆୟୋଜନ କରିଆସିଛନ୍ତି।



ରାମଚରିତ ମାନସ ନବାହ ପାରାୟଣ ସକାଶେ କଳସ ଶୋଭାଯାତ୍ରା।

### ନବନିଯୁକ୍ତ ବିଜେଡି ସାଧାରଣ ସମ୍ପାଦକ ଆୟୁବ ଖାନଙ୍କୁ ସ୍ୱାଗତ

**କଣ୍ଟାବାଞ୍ଜି,୨୭।୩(ଡି.ଏନ୍.ଏ.)**

କଣ୍ଟାବାଞ୍ଜି ବିଧାୟକ ଅୟୁବ ଖାଁ ନୂତନ ଭାବେ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିବାରୁ କଣ୍ଟାବାଞ୍ଜି ବିଜେଡି ମହଲରେ ଖୁସିର ଲହରି ଖେଳିଯାଇଛି। ଭୁବନେଶ୍ୱରରୁ ବୁଧବାର ଖାଁ ଟ୍ରେନ ଯୋଗେ କଣ୍ଟାବାଞ୍ଜି ରେଲ ଷ୍ଟେଶନରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବିଜେଡି ବିଧାୟକ ପ୍ରାର୍ଥୀ ଅଜୟ ଦାସ ସମର୍ଥକଙ୍କ ସହ ଷ୍ଟେଶନରେ ପହଞ୍ଚି ଖାଁଙ୍କୁ ପୁଷ୍ପମାଲ୍ୟ ଏବଂ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ବିଧାୟକ ଖାନଙ୍କୁ ଟିକେଟ ନ ମିଳିବାରୁ ସମର୍ଥକ ନିରାଶ ହୋଇ ଲେ। ହେଲେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବିଚାର ବିମର୍ଶ ପରେ ତାଙ୍କୁ ବିଜେଡି ସାଧାରଣ ସମ୍ପାଦକ ଏବଂ କେନ୍ଦ୍ରପଡ଼ା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପରେ ବିଜେଡି ସମର୍ଥକ ମହଲରେ ଆନନ୍ଦ ପ୍ରକାଶ ପାଇଛି।



ବ୍ଲକ ଖେଳପଡ଼ିଆରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଅବସରରେ ଅତିଥିମାନେ ଚାମ୍ପିୟନ ଦେଓଗାଁ ଦଳକୁ ପୁରସ୍କୃତ କରୁଛନ୍ତି।

## ବୁଢ଼ୀଆଇ କ୍ରିକେଟ ଟୁର୍ନାମେଣ୍ଟ: ଦେଓଗାଁ ଚାମ୍ପିୟନ

**ଦେଓଗାଁ,୨୭।୩(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅଧୀନ ଚନ୍ଦ୍ରପୁର ନିକଟସ୍ଥ ବ୍ଲକ ଖେଳପଡ଼ିଆରେ ବୁଢ଼ୀଆଇ କ୍ରିକେଟ କ୍ଲବ ଆୟୋଜନରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦେଓଗାଁ ଓ କୁଲିଆବାହାଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଦେଓଗାଁ ଦଳ ବିଜୟୀ ହୋଇଥିଲା। ଖେଳକୁ ଅନିଲ ନାଗ ଓ ଦିନେଶ ଭୋଇ ପରିଚାଳନା କରିଥିବା ବେଳେ ଗୌରାଙ୍ଗ ପଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବିଷ୍ଣୁ ନାଗ ଧାରାବିବରଣୀ ପ୍ରଦାନ କରିଥିଲେ। ଶରତ କୁମାର ପୁଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଉଡାର ପଞ୍ଚାୟତ ସମିତିସଭ୍ୟ ସୁରେଶ କୁମାର ମେହେର ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ଟ୍ରଫିଓପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ଜରାସିଂହା, ଦେଓଗାଁ, ଉଡାର,ସିନ୍ଦିରାବାହାଲି, ସାଗରପାଲି, ଜରାସିଂହା ଆମ୍ବେଦକରକ୍ଲବ, ଚନ୍ଦ୍ରପୁର ଆଦି ୭ଟି ଦଳ ଅଂଶ ଗ୍ରହଣ କରିଥିଲେ। ଟୁର୍ନାମେଣ୍ଟକୁ ଚନ୍ଦ୍ରପୁର ବୁଢ଼ିଆଇ କ୍ରିକେଟକ୍ଲବ କର୍ମକର୍ତ୍ତା ସହଯୋଗ କରିଥିଲେ ।

---

ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ

## ବୈଧ ଘୋଷିତ ହେଲା ୯ ପ୍ରାର୍ଥୀପତ୍ର

**ବୀରମହାରାଜପୁର,୨୭।୩ (ଡି.ଏନ୍.ଏ)**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଦାଖଲ ହୋଇଥିବା ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ସୁବର୍ଣ୍ଣପୁର ଜିଲାର ସଂରକ୍ଷିତ ନିର୍ବାଚନମଣ୍ଡଳୀର ବିଧାୟକ ପଦପାଇଁ ୭ଟି ରାଜନୈତିକ ଦଳର ପ୍ରାର୍ଥୀଙ୍କ ସମେତ ମୋଟ ୯ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନପତ୍ର ଯାଞ୍ଚ ପରେ ୯ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ବୈଧ ଘୋଷିତ ହୋଇଛି। ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଜେଡି ପ୍ରାର୍ଥୀ ପଦ୍ମନାଭ ବେହେରା, କଂଗ୍ରେସ ପାର୍ଥୀ ବିନୋଦ ପାତ୍ର , ବିଏସ୍‌ପି ପ୍ରାର୍ଥୀ ବ୍ରଜେନ୍ଦ୍ର ଲୁହା, ଭାଜପା ପାର୍ଥୀ ରଘୁନାଥ ଜଗଦଳା, ଏପିଆଇ ପ୍ରାର୍ଥୀ ନବୀନ ଭୋଇ, ଏସ୍‌ୟୁସିଆଇ ପ୍ରାର୍ଥୀ ନିତ୍ୟାନନ୍ଦ ମଲ୍ଲିକ, ସ୍ୱାଧୀନ ପ୍ରାର୍ଥୀ ଅକ୍ଷୟ ବିଭାର, ଆନନ୍ଦ ବାରିକ ଏବଂ ଆଶ୍ରୟ ମହାନନ୍ଦଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ବୁଧବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରେ ଉପଜିଲାପାଳ ତଥା ନିର୍ବାଚନ ରିଟର୍ନିଂ ଅଫିସର ସୁବ୍ରତ କୁମାର ବେହେରା ନାମାଙ୍କନ ପତ୍ର ଯାଞ୍ଚ କରିଥିଲେ। କଡା ସୁରକ୍ଷା ମଧ୍ୟରେ ପୂର୍ବାହ୍ନ ୧୧ଟାରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ପ୍ରତିଦ୍ୱନ୍ଦୀଙ୍କ ସହ ନିର୍ବାଚନୀ ଏଜେଣ୍ଟ ଏବଂ ପ୍ରସ୍ତାବକ ଉପସ୍ଥିତ ଥିଲେ।



ନାମାଙ୍କନପତ୍ର ଯାଞ୍ଚ କରାଯାଉଛି।

କୋଶଲ ଯୁବ ସମନ୍ୱୟ ସମିତିର ବୈଠକ

## ଓଡ଼ିଶା ଦିବସକୁ କଳାଦିବସ ପାଳନ ନିଷ୍ପତ୍ତି

**ଉଲୁଣ୍ଡା ୨୭।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କୋଶଲ ଯୁବ ସମନ୍ୱୟ ସମିତି ପକ୍ଷରୁ ବୁଧବାର କଲେଜ ପଡ଼ିଆଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କୋଶଲ ଯୁବ ସମନ୍ୱୟ ସମିତି ସଂପାଦକ ନିତିନ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶତାଧିକ କୋଶଳ ପ୍ରେମି ଯୋଗ ଦେଇଥିଲେ। ଏଥବରେ ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ କରିଥିବା ଅବହେଳା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏପରି କି ଏପ୍ରିଲ ୧ ତାରିଖ ଓଡିଶା ଦିବସକୁ କଳାଦିବସ ଭାବେ ପାଳନ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ବୈଠକରେ ଉଲୁଣ୍ଡା କୋଶଲ ଯୁବ ସମନ୍ୱୟ ସମିତିର ସମ୍ପାଦକ ମୁକୁରୁ ବାଗ, ରବିନ ପଧାନ, ତଥାଗତ ମହାକୁର, ବୁଠି ମହାକୁର, ଝାଙ୍କର ପଧାନ, ମହାଦେବ ତରିଆ, ମନ ପଧାନ, ରିଲୁ ପଧାନ, ସୁବାଶ ତରିଆଙ୍କ ସମେତ ବହୁ କୋଶଲ ପ୍ରେମି ଯୋଗଦେଇଥିଲେ।

---

ରାଜ୍ୟସ୍ତରୀୟ ନାଟବାଦୀ, ଗୀତିନାଟ୍ୟ ପ୍ରତିଯୋଗିତାର ପଞ୍ଚମ ସନ୍ଧ୍ୟା

## ନାଟକ ଶୁଖା ବେପାର, ବାବୁ ଖର୍ଚ୍ଚା ମଞ୍ଚସ୍ଥ

**ବଲାଙ୍ଗୀର ଅଫିସ, ୨୭।୩**

ରାଜ୍ୟସ୍ତରୀୟ ନାଟବାଦୀ ଓ ଗୀତିନାଟ୍ୟ ପ୍ରତିଯୋଗିତାର ପଞ୍ଚମ ସନ୍ଧ୍ୟାରେ ନାଟ୍ୟକାର ଅମୂଲ୍ୟ କୁମାର ବେହେରାଙ୍କ ଲିଖିତ କବି ଓ କଳାକାର ସଂଘ ଡୁଙ୍ଗୁରିପାଲି ଦ୍ୱାରା ପରିବେଷିତ ନାଟକ ଶୁଖା ବେପାର ଓ ଡ୍ରାମା ଚେତନା ପକ୍ଷରୁ ଅଶୋକ କୁମାର ବହିଦାରଙ୍କ ଲିଖିତ ନାଟକ ଓ ଡ. ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ବାବୁ ଖର୍ଚ୍ଚା ମଞ୍ଚସ୍ଥ ହୋଇଥିଲା । ନାଟକ ମଞ୍ଚସ୍ଥ ପରେ ଗୀତିନାଟ୍ୟ ମଞ୍ଚରାର କୁଟନୀତି ମଞ୍ଚସ୍ଥ ହୋଇଥିଲା । ପଣ୍ଡରାଣୀ, କୁଟେନପାଲି, ଲୋଇସିଂହାର ଶ୍ରୀ ରାମଲୀଳା ନାଟ୍ୟ ପରିଷଦର ସଦାନନ୍ଦ ସାହୁ, ଉପେନ୍ଦ୍ର ରଣା, ଅକ୍ଷୟ ବିଶି, ଅନଙ୍ଗ ବାରିକ, ଇସୁ ପରୁଆ, ଇଳରାମ କାଲସାଏ, ତ୍ରିଲୋଚନ ବିଶି, ଜିତେନ ମିର୍ଦ୍ଧା, ମହାଦେବ ଧରୁଆ, ବୈଶାଖୁ ସାହୁ, ଜୟଚନ୍ଦ୍ର ପଧାନ, ଡାକୁର ଥାଟି, ସତ୍ୟ ନାଏକ, ପ୍ରମୋଦ ଧରୁଆ, ଜୟଦେବ ପରୁଆ, ଟିକେଶ୍ୱର ବିଶି ଜୀବନ୍ତ ଅଭିନୟ ମାଧ୍ୟମରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ନାଟବାଦୀର ପଞ୍ଚମ ସନ୍ଧ୍ୟାର ଅତିଥି ଭାବେ ଡ. ପ୍ରମୋଦ କୁମାର ମିଶ୍ର ଯୋଗଦେଇ କଳାକାରମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ନାଟ୍ୟବାଦୀ ସଭାପତି ଡ. ଶ୍ରୀକର ମିଶ୍ର, ଅଧ୍ୟକ୍ଷ ହରିନାରାୟଣ ପୂଜାରୀ, କୋଷାଧ୍ୟକ୍ଷ ଆଦିତ୍ୟ ପଟ୍ଟନାୟକ, ସଂଯୋଜକ ପ୍ରହ୍ଲାଦ ଦର୍ଜୀ, ଅଧ୍ୟାପକ ପ୍ରଶାନ୍ତ ଖମାରୀ, ହରିଶଙ୍କର ସାଏ ଉପସ୍ଥିତ ଥିଲେ ।



ନାଟକ ବାବୁ ଖର୍ଚ୍ଚାର ଏକ ଦୃଶ୍ୟ ।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ: କୁର୍ଲୁମାଲ ବିଜୟୀ

**ଖପ୍ରାଖୋଲ ୨୭।୩ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ବଡଗୁର୍ଜିଭଟା ନୂତନ ଖେଳପଡ଼ିଆରେ ଜୟ ବଜରଙ୍ଗବଲୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କ୍ରିକେଟ କ୍ଲବ ସଭାପତି ହରିବୋଲ ପୋଢ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସତ୍ୟାନନ୍ଦ ସେହ୍ରିଆ, ସମ୍ମନିତ ଅତିଥି ଭାବେ ବବୃ ସାହୁ, କ୍ଲବ ସମ୍ପାଦକ ବିକାଶ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କ୍ରୀଡ଼ା ପତାକା ଉତ୍ତୋଳନ ସହ ନଡ଼ିଆ ଭାଙ୍ଗି ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଖପ୍ରାଖୋଲ ଏବଂ କୁର୍ଲୁମାଲ ଦଳ ମଧ୍ୟରେ ହୋଇଥିଲା। ଟସ୍ ଜିତି ଖପ୍ରାଖୋଲ ଦଳ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୪୧ ରନ୍ ସଂଗ୍ରହ କରିଥିଲା। ଜବାବରେ କୁର୍ଲୁମାଲ ଦଳ ୬ ଓଭରରେ ୨ ଉଇକେଟ ବିନିମୟରେ ୪୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଅମ୍ପାୟର ଭାବେ ଜିତୁ ସେଠ ଏବଂ ବିଷ୍ଣୁ ପ୍ରସାଦ ସେଲମା ଖେଳ ପରିଚାଳନା କରିଥିବା ବେଳେ ଖଗେ ରାଉତ ସ୍କୋରର ଦାୟିତ୍ୱ ସମ୍ପାଦନ କରିଥିଲେ। ହରି ସାହୁ, ଅଜିତ ଭୋଇ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍ଥାନୀୟ ଥୁଟା ଜଙ୍ଗଲର ସୁରକ୍ଷା ଏବଂ ସଚେତନତା ବାର୍ତ୍ତା ନେଇ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ଆୟୋଜକ ସୂଚନା ଦିଆଯାଇଛି।



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରୁଛନ୍ତି।



ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



# ପ୍ରତିଶ୍ରୁତି ପାଳନ କରୁନାହାନ୍ତି ନିର୍ବାଚିତ ପ୍ରତିନିଧି

## ■ ମୌଳିକ ସେବାରୁ ବଞ୍ଚିତ ଶୀତଳପଡ଼ାବାସୀଙ୍କ ଭୋଟବର୍ଜନ ଧମକ

ରାଉରକେଲା ଅଫିସ,୨୭।୩

ପ୍ରତ୍ୟେକ ନିର୍ବାଚନରେ ଆମେ ଭୋଟ ଦେଉଛୁ। ବସ୍ତିର ଉନ୍ନତି ନେଇ ପ୍ରତିଶ୍ରୁତି ମିଳୁଛି। ଲୋକେ ନେତାଙ୍କ ମିଠା କଥାରେ ଭାସି ତାଙ୍କ ସପକ୍ଷରେ ମତଦାନ କରୁଛନ୍ତି। ହେଲେ ପରବର୍ତ୍ତୀ ସମୟରେ ଆମକଥା ଭୁଲିଯାଉଛନ୍ତି। ଏଥର ଆଉ ସେମିତି ହେବାକୁ ଦିଆଯିବନି ବୋଲି କହିଛନ୍ତି ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୀତଳପଡ଼ା ବାସିନ୍ଦା। ବୁଧବାର ପୂର୍ବାହ୍ନରେ ବସ୍ତିରେ ଆୟୋଜନ କରାଯାଇଥିଲା ଏକ ଖବରଦାତା ସମ୍ମିଳନୀ। ଏଥିରେ ଏକାଠି ହୋଇଥିଲେ ସ୍ଥାନୀୟ ବାସିନ୍ଦା। ଅଭିଯୋଗ କରିଥିଲେ, ରାଉରକେଲା ଇସ୍ପାତ କାରଖାନା ଆରମ୍ଭରୁ ଆମେ ଏହି ବସ୍ତିରେ ବାସ କରୁଛୁ। ରାସ୍ତା ଡେଇଁଲେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କାର୍ଯ୍ୟାଳୟ। ତଥାପି ଆମକୁ ଆର୍‌ଏମ୍‌ସି ଅନ୍ତର୍ଭୁକ୍ତ କରାଗଲାନି। ପଡ଼ି କାର୍ଡରେ ଗହମ ଚାଉଳ ମିଳୁଛି। ଗରିବ ଅସହାୟ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ଭତ୍ତା ମିଳୁଛି। ବସ୍ତିରେ ଅଙ୍ଗନୱାଡ଼ି କେନ୍ଦ୍ର ଅଛି। ମହିଳା ଆରୋଗ୍ୟ ସମିତି କାମ କରୁଛି। ପାଣି ବିଜୁଳି ଯୋଗାଇ ଦିଆଯାଇଛି। କଂକ୍ରିଟ ରାସ୍ତା କରୁଛନ୍ତି ନିର୍ବାଚିତ ପ୍ରତିନିଧି। ହେଲେ ଏ ସବୁ ନାଁକୁ ମାତ୍ର। ବୋଲକରା ହୋଇ ରହିବାକୁ ପରୋକ୍ଷରେ ବାଧ କରାଯାଉଛି। ଆମେ ମହାନଗର ବାସିନ୍ଦା ନୁହଁ କି ପଞ୍ଚାୟତରେ ଅନ୍ତର୍ଭୁକ୍ତ ନୋହୁଁ। ଆମକୁ କୁହାଯାଉଛି ଶିଳ୍ପାଞ୍ଚଳ ବାସିନ୍ଦା। ଆର୍‌ଏସ୍‌ପି ଅଧିଗୃହୀତ ଜମି ଉପରେ ରହୁଛୁ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଆମେ ଆଲୋଡ଼ା। ସରପଞ୍ଚ କି କାଉନସିଲରଙ୍କୁ ଭୋଟ ଖଣ୍ଡେ ଦେବା ଅଧିକାର ଆମର ନାହିଁ। ସରକାର ଚାଉଳ ଗହମ ଗଣ୍ଡେ ଦେଇ ବାକି ଯୋଜନାରୁ ଆମକୁ ବଞ୍ଚିତ କରି ରଖିଛନ୍ତି। କେବଳ ଭୋଟ ହାତେଇବାକୁ ଦୀର୍ଘବର୍ଷ ହେବ ଆମକୁ ଲଲିପପ୍ ଦିଆଚାଲିଛି ବୋଲି କହିଥିଲେ କ୍ଷୁବ୍ଧ ବସ୍ତି ବାସିନ୍ଦା। ଆମ ଦେହରେ ଶିଳ୍ପାଞ୍ଚଳ ବାସିନ୍ଦା ଷ୍ଟାମ୍ପ ମାରି ଦିଆଯାଇଛି। ଆମେ ସରକାରୀ ଯୋଜନାରୁ ଘର ଖଣ୍ଡେ ପାଇପାରୁନୁ ଯେତେବେଳେ ପାଇଖାନା କେମିତି କରିବୁ ବୋଲି ପ୍ରଶ୍ନ କରିଥିଲେ ବସ୍ତିବାସିନ୍ଦା। ଏଣେ ସହରକୁ ବାହ୍ୟ ମଳମୂତ୍ରମୁକ୍ତ କରିବାକୁ ପ୍ରଶାସନ ଆହ୍ୱାନ ଦେଉଛି। ଆମ ବସ୍ତି ପାଇଁ ଏହା ଲାଗୁ ନୁହେଁ। ଆମ ଲୋକେ ବାହାରେ ମଳମୂତ୍ର ତ୍ୟାଗ କଲେ ଆର୍‌ଏମ୍‌ସିର ଆପତ୍ତି ନାହିଁ। ଏହା କିଭଳି ଦୋମୁହାଁ ନୀତି ତାହା ବିଚାରଯୋଗ୍ୟ ବୋଲି କହିଥିଲେ ବସ୍ତି ମହିଳା। ସରକାରଙ୍କ ଭୁଲ ନୀତି ଯୋଗୁ ଆଜି ଶୀତଳପଡ଼ାର ହଜାରେ ବସ୍ତିବାସିନ୍ଦା ଭଙ୍ଗା ଦଦରା ଘରେ ପଡ଼ି ରହିଛନ୍ତି। ଏଠାକାର ପରିମଳ ଅବସ୍ଥା ନ କହିବା ଭଲ। ଶିକ୍ଷା ସ୍ୱାସ୍ଥ୍ୟ, ରାସ୍ତା ଓ ପାନୀୟ ବ୍ୟବସ୍ଥା ନେଇ ଆମ ଗୁହାରି ଶୁଣିବାକୁ କେହି ନାହିଁ। ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ଲୋକଦେଖାଣିଆ କିଛି କାମ କରାଯାଇଛି। ଏହା ସତ୍ତ୍ୱେ ଆଜି ବି ଶୀତଳପଡ଼ାବାସୀ ମୌଳିକ ସୁବିଧାରୁ ବଞ୍ଚିତ ବୋଲି ଅଭିଯୋଗ କରିଥିଲେ। ସବୁଥିରୁ ବଞ୍ଚିତ କରି ରଖିଥିବା ନେତାଙ୍କୁ ଆଉ ଭୋଟ ଦେବାର ପ୍ରଶ୍ନ ଉଠୁନି। ଯେମିତି ଦୁର୍ଦ୍ଦଶାରେ ରହିଛୁ ସେମିତି ରହିବୁ ପଛେ ଅଯଥାରେ କାହାର ଗୋଡ଼ାଣିଆ ନ ହେବାକୁ ନିଷ୍ପତି ନେଇଛନ୍ତି ବସ୍ତିବାସିନ୍ଦା। ଖୁବଶୀଘ୍ର ଆଉ ଏକ ବୈଠକ ଡକାଯାଇ ପରବର୍ତ୍ତୀ ପଦକ୍ଷେପ ଘୋଷଣା କରାଯିବ ବୋଲି କହିଥିଲେ କଳ୍ପନା ଜେନା, ସୁକାନ୍ତୀ ମାଝି, ଭାରତୀ ପାଣିଗ୍ରାହୀ, ବିଦ୍ୟୁଲତା ପଣ୍ଡା, ରଞ୍ଜିତା ପଣ୍ଡା, ଚିତ୍ରା ନାୟକ, ସରସ୍ୱତୀ ସାହୁ, ପ୍ରମିଳା ସାହୁ ଓ ବାସନ୍ତି ମିଶ୍ର ପ୍ରମୁଖ।



ଭୋଟ ବର୍ଜନ ନେଇ ଶୀତଳପଡ଼ାବାସୀଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ବସ୍ତିବାସିନ୍ଦା।



ବିଶ୍ୱ ନାଟ୍ୟ ଦିବସ ଅବସରରେ ପରିବେଷିତ ନାଟକର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ବିଶ୍ୱ ନାଟ୍ୟ ଦିବସରେ ସଚେତନତା ବାର୍ତ୍ତା

ରାଉରକେଲା ଅଫିସ,୨୭।୩

ବିଶ୍ୱ ନାଟ୍ୟ ଦିବସ ଅବସରରେ ଜଗଦାସ୍ଥିତ ବିର୍ସା ମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜନନାଟ୍ୟ ମଞ୍ଚ ପକ୍ଷରୁ ଏକ ସଚେତନତାଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ନାଟ୍ୟକାର ଆର୍ତ୍ତତ୍ରାଣ ମହାପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଡାହାଣୀ ବିଶ୍ୱାସର ମୃତ୍ୟୁ ମଞ୍ଚସ୍ଥ ହୋଇଥିଲା। ଏଥିରେ ଅଭିନୟ କରିଥିଲେ ମାନବସେବା ପ୍ରତିଷ୍ଠାନର ଅନ୍ତେବାସୀ। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ଶଶୀକାନ୍ତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି, ବିଦ୍ୟାଳୟ ସମ୍ପାଦକ ବି.ବି. ପଣ୍ଡା ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ନାଟକରେ ଡାହାଣୀ ସନ୍ଦେହରେ ଶିକ୍ଷା, ଅଶିକ୍ଷା ନିର୍ବିଶେଷରେ କିପରି ସାଧାରଣ ମଣିଷ ଏହାର ଶିକାର ହେଉଛି ସେ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଡାହାଣୀ ଯେ ଏକ ଅନ୍ଧବିଶ୍ୱାସ ଏ କଥାକୁ ଆଜି ଅନେକ ସ୍ୱୀକାର କରିବା ଅବସ୍ଥାରେ ନାହାନ୍ତି। ଗ୍ରହ ପୂଜାଠାରୁ ନେଇ ବିଭିନ୍ନ ଉଦ୍ଦେଶ୍ୟରେ କରାଯାଉଥିବା ପୂଜାପାଠ ସମ୍ପୂର୍ଣ୍ଣ ଅବୈଜ୍ଞାନିକ। ନାଟ୍ୟକାରଙ୍କ ବିଚାରଧାରାକୁ ଉପସ୍ଥିତ ଦର୍ଶକ ପ୍ରଶଂସା କରିଥିଲେ। ଏହି ନାଟକରେ ସୁବ୍ରତ ବାର୍ଲା, ବିଜ୍ଞାନ ଏକ୍କା, ଆଦିତ୍ୟ ନାୟକ, ବିନୋଦ ବାଙ୍କରା, ନାମଜାନ ଟପ୍ପୋ, ବିକାଶ ଏକ୍କା, ଆନିସ ହେରେଞ୍ଜା, ବୈଶାଳୀ ତାଣ୍ଡିଆ ଓ ରଶ୍ମିତା ଲୁଗୁନ ପ୍ରମୁଖ ଅଭିନୟ କରିଥିଲେ। ହେମନ୍ତା ତାଣ୍ଡିଆ ନାଟକର ପ୍ରଯୋଜନା କରିଥିଲେ।

# ଯାଞ୍ଚ ପରେ ପ୍ରାର୍ଥୀ ତାଲିକା ପ୍ରକାଶ

ରାଉରକେଲା ଅଫିସ,୨୭।୩

ସୁନ୍ଦରଗଡ଼ ଲୋକ ସଭା ଓ ଏହା ଅଧୀନ ବିଧାନସଭା ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ଏପ୍ରିଲ ୧୮ ତାରିଖଲେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଥିଲା। ବୁଧବାର ସେଗୁଡ଼ିକ ଯାଞ୍ଚ କରାଯାଇ ନାମାଙ୍କନ କାଏମ ରହିଥିବା ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ପାନପୋଷ ଉପଖଣ୍ଡ ନିର୍ବାଚନ ଅଧିକାରୀ ଓ ବୀରମିତ୍ରପୁର ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ରାଉରକେଲା, ରଘୁନାଥପାଲି ଓ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ପ୍ରକାଶିତ ତାଲିକା ଅନୁଯାୟୀ, ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ ଜଗବନ୍ଧୁ ବେହେରା, କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ବହୁଜନ ସମାଜ ପାର୍ଟିର ସୁନିଲ କାରୁଆ, ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇ, ଆମ୍ ଆଦ୍‌ମୀ ପାର୍ଟିର ଅଞ୍ଜଳି ବାକ୍ସା, କୋଶଳ ଜନତା ଦଳ (କେଜେଡି)ର ବିଶ୍ୱକର୍ମା ବାଗ, ସ୍ୱାଧୀନ ପ୍ରାର୍ଥୀ ଜୟକୃଷ୍ଣ ମହାନନ୍ଦିଆ, ମହେନ୍ଦ୍ର କୁମ୍ଭାର ଓ କ୍ଷେତ୍ରମୋହନ ମସାନ୍ତଙ୍କ ନାମାଙ୍କନ କାଏମ ରହିଛି। ରାଉରକେଲା ବିଧାନସଭା କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ନିହାର ରାୟ, କଂଗ୍ରେସ ପ୍ରାର୍ଥୀ ବୀରେନ ସେନାପତି, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ବିଷ୍ଣୁଚରଣ ମହାନ୍ତ, ବିଜେଡି ପ୍ରାର୍ଥୀ ସାରଦା ନାୟକ, ଆମ୍ ଆଦ୍‌ମୀ ପାର୍ଟିର ଲମ୍ବୋଦର ମହାନ୍ତ, କେଜେଡିର ସୁରମା ମିଶ୍ର, ସ୍ୱାଧୀନ ପ୍ରାର୍ଥୀ ଧର୍ମେନ୍ଦ୍ର ମହାପାତ୍ର, ପୀତବାସ ମିଶ୍ର ଓ ବିକାଶ ମାନସିଂଙ୍କ ନାମାଙ୍କନ କାଏମ ଥିବା ଜଣାଯାଇଛି। ସେହିପରି ବୀରମିତ୍ରପୁର ବିଧାନସଭା ଆସନ ପାଇଁ ନାମାଙ୍କନ ଭରିଥିବା ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ପାଉଲୁସ ଓରାମ, ବିଜେଡି ପ୍ରାର୍ଥୀ ମଖଲୁ ଏକ୍କା, କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ଭାଜପା ପ୍ରାର୍ଥୀ ଶଙ୍କର ଓରାମ, ଆମ୍ ଆଦ୍‌ମୀ ପାର୍ଟିର ବିନୟ କୁଲୁ, ଜେଏମ୍‌ଏମ୍‌ର ସେବିୟାନ ଆଇନ୍ଦ ସ୍ୱାଧୀନ ପ୍ରାର୍ଥୀ ପିଟର ଟପ୍ପୋ, ମାନସିଦ ଏକ୍କା ଓ ସଞ୍ଜୀବ ପ୍ରତାପ ସିଂଦେଓଙ୍କ ନାମାଙ୍କନ କାଏମ ରହିଥିବା ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି।

# ମ୍ୟୁଜିକ୍ ସର୍କଲ ପକ୍ଷରୁ ବସନ୍ତ ସମାରୋହ





ମ୍ୟୁଜିକ୍ ସର୍କଲ ପକ୍ଷରୁ ଛେଣ୍ଡଠାରେ ଆୟୋଜିତ ବାସନ୍ତିକା ସମାରୋହରେ ମଞ୍ଚାସୀନ ଅତିଥି।

ରାଉରକେଲା ଅଫିସ,୨୭।୩

ଛେଣ୍ଡ ହିଲ୍ ଭିଉ ନିକଟ ମ୍ୟୁଜିକ ସର୍କଲ ପରିସରରେ ମଙ୍ଗଳବାର ବାସନ୍ତିକା ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ମଣିଷର କଥା ଓ କଥାର ମଣିଷ ଶୀର୍ଷକ ଆଲୋଚନାଚକ୍ର। ଏଥିରେ ଯୋଗଦେଇଥିବା ଅତିଥି କହିଥିଲେ, ମଣିଷର ସବୁଠାରୁ ବଡ଼ ବେଦନା ହେଲା ଅଙ୍ଗେନିଭା ଅନ୍ତରଙ୍ଗ କାହାଣୀ ବା ଅନୁଭୂତି। ଯାହା ଅନେକ ସମୟରେ ଅକୁହା ହୋଇ ରହିଯାଏ। ପ୍ରତ୍ୟେକଙ୍କ ଜୀବନରେ ଏମିତି କାହାଣୀ ଅବଶ୍ୟ ରହିଥାଏ। ତାହାକୁ କେମିତି ଲେଖିବା କିମ୍ବା ଗପର ରୂପଦେବା ସେ କଥା ଜଣେ କୁଶଳୀ କଥାକାର ଉପରେ ନିର୍ଭର କରେ। ଯାହା ଜନମାନସକୁ ସ୍ୱତଃ ପ୍ରଭାବିତ କରିଥାଏ। ଏଥିରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ରମେଶ ମଲ୍ଲିକ କହିଥିଲେ, ଦେଶବିଦେଶର ସବୁ ପ୍ରତିଷ୍ଠିତ ଗାଳ୍ପିକମାନେ ମଣିଷର ଜୀବନ ଓ ତା'ର ଅନୁଭୂତିକୁ ପାଥେୟ କରି କାଳଜୟୀ ସାହିତ୍ୟ ସୃଷ୍ଟି କରିଥାନ୍ତି। ସମ୍ମାନିତ ବକ୍ତା ହୃଷୀକେଶ ରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଭବେଶ ସାହୁ ନିଜ ବକ୍ତବ୍ୟରେ ମଣିଷର କଥା ଓ କଥାର ମଣିଷ ବାସ୍ତବିକ ଏକ ଚମତ୍କାର ବିଚାରଧାରା ବୋଲି କହିଥିଲେ। ମୁଖ୍ୟଅତିଥି ଶିକ୍ଷାବିତ୍ ଶଙ୍କରପ୍ରସାଦ ତ୍ରିପାଠୀ କହିଥିଲେ ଯେଉଁଠି ମଣିଷର ମସ୍ତିଷ୍କ ଗଭୀର ଭାବେ କାର୍ଯ୍ୟ କରେ ତାହା କ୍ରମେ ମୂଲ୍ୟବାନ ହୋଇଯାଏ। ଶିଶୁମାନେ ସର୍ବଦା ବିଶ୍ୱ ଚେତନାରେ ନିମଗ୍ନ ରହିଥାନ୍ତି। ଯାହା ଏମାନଙ୍କୁ ଦୈବ୍ୟକ୍ତିକତା ଅନୁଭବରେ ବୁଡ଼ାଇ ରଖିଥାଏ ବୋଲି ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ନିଜ ସଭାପତୀୟ ଅଭିଭାଷଣରେ ମହେନ୍ଦ୍ର ପଟ୍ଟନାୟକ କହିଥିଲେ, ମଣିଷ ନିଜ ମନ ଗହନର କଥା କହିପାରିବା ହେଉଛି ଏକ ମାନସିକ ତପସ୍ୟା। ସାହିତ୍ୟିକମାନେ ଏକ ଉଦାର ଓ ଭୟମୁକ୍ତ ସାମାଜିକ ବାତାବରଣ ସୃଷ୍ଟି କରିବାରେ ସହାୟକ ହେବା ଉଚିତ। ଯାହା ପରବର୍ତ୍ତୀ ସମୟରେ ଏକ ସୁଦୂରପ୍ରସାରୀ ଅନୁଭବର ବାର୍ତ୍ତା ପ୍ରଦାନ କରିବ ବୋଲି ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ବାସନ୍ତିକା ଉନ୍ମୋଚିତ ହୋଇଥିଲା। କବି ସୁସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ବହୁଭାଷୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ତ୍ରିନାଥ ସିଂ, ସୁଚୀସ୍ମିତା ବିଶ୍ୱାସ, ଶ୍ୟାମସୁନ୍ଦର ଅଗ୍ରୱାଲ, ଶିଶିର ନାୟକ, ପଲ୍ଲବ ଚାଟାର୍ଜୀ, ଲାଖୋ ଟପ୍ପୋ, ଡ. କିଶୋରୀ ଦାସ, ଡ. ସୁଶିଲ ଦାହିମା ଓ ଡ. ସଞ୍ଚିତା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେଁ ଟେଁୟା ସାରୀ**
**ଚିକ୍କଣିଆ ଭଣ୍ଡାରି**
**ଚାହିଁ ଜଳକୀ ବିଟପୀ ନାରୀ**
**ସଖୀ ବଡ଼ ମନ୍ଦ ଏ ।**

ଅହରହ ରାବ କରୁଥିବା ସାରୀକୁ କେହି ଆଦର କରି ନ ଥାନ୍ତି। ଚିକ୍କଣିଆ କଥା କହୁଥିବା ବ୍ୟକ୍ତି କେବେ ବି ବିଶ୍ୱାସ ବା ଭରସାଯୋଗ୍ୟ ହୋଇପାରି ନ ଥାନ୍ତି। ସେହିପରି ବ୍ୟଭିଚାରିଣୀ ନାରୀକୁ କେହି ସାଦରେ ଗ୍ରହଣ କରି ନ ଥାନ୍ତି। ଏମାନେ ସମସ୍ତେ ଖରାପ ସ୍ୱଭାବର ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଡେଇଁ ଡେଇଁ ଗଲା ଧଣ୍ଡ**
**ଡାମରା କାଉକୁ ଓଢ଼ଣା ପଡୁଛି**
**ଢମକୁ ହଲାଉ ମୁଣ୍ଡ ।**

ଧଣ୍ଡସାପ ବିଷହୀନ। ଡାମରା କାଉ ଦେଖିଦେଲେ କାଳେ ଖୁମ୍ପି ଦେବ ସେହି ଭୟରେ ସେ ଲୁଚିଯିବାକୁ ଶ୍ରେୟ ମଣିଥାଏ। ଡାମରା କାଉର ଆଢୁଆଳରେ ରହି ବର୍ତ୍ତିଯାଇଥିବା ଧଣ୍ଡସାପ ନିଜକୁ ବଡ଼ ବୋଲି ଦେଖାଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ ବରଂ ଏହା ତା'ର ନିର୍ବୋଧତା ବୋଲି ବୁଝାପଡ଼ିଥାଏ। ସବଳ ବ୍ୟକ୍ତିର ଅଲକ୍ଷ୍ୟରେ ଦୁର୍ବଳ ବ୍ୟକ୍ତି ନିଜ ଅହଙ୍କାର ପଣିଆ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 346 OF 2018**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Hussain House, P.O/ Dist.: Sambalpur-768004 **...Applicant**

**Vrs**

**Prakash Kumar Sahoo** **...Defendant**

To

**Prakash Kumar Sahoo,** S/o: Purna Chandra Sahoo, At/P.O.: Modipara (Labour Colony) Dist.: Sambalpur-768002

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 346/2018** in the Court of Debts Recovery Tribunal at Cuttack for a recovery of **Rs.26,42,920.69** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **2nd day of May, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **18th day of March, 2019.**

**Sd/- Registrar**
**Debts Recovery Tribunal**

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 345 OF 2018**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Hussain House, P.O/ Dist.: Sambalpur-768004 **...Applicant**

**Vrs**

**Mr. Prakash Swain** **...Defendant**

To

**Prakash Swain,** S/o: Aswini Swain, At: Panikapara, P.O.: Jharuapara, Dist.: Sambalpur-768006

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 345/2018** in the Court of Debts Recovery Tribunal at Cuttack for a recovery of **Rs.22,03,213.85** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **2nd day of May, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **18th day of March, 2019.**

**Sd/- Registrar**
**Debts Recovery Tribunal**

# ଆର୍‌ଏସ୍‌ପି ପକ୍ଷରୁ ସୁରକ୍ଷା ସପ୍ତାହ

ରାଉରକେଲା ଅଫିସ,୨୭।୩

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ପାଳନ କରାଯାଉଥିବା ସୁରକ୍ଷା ସପ୍ତାହ ଅବସରରେ ଓବିବିପି ବିଭାଗ କର୍ମଚାରୀଙ୍କ ଦ୍ୱାରା ସୁରକ୍ଷା ସମ୍ପର୍କିତ ଏକ ନାଟକ ପରିବେଷଣ କରାଯାଇଥିଲା। ଏଥିରେ ବିଭାଗୀୟ ଜିଏମ୍ ଏ. ବିଶ୍ୱାସ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସୁରକ୍ଷା ବିଭାଗ ଡିଜିଏମ୍ ଏସ୍.ସି. ମହାନ୍ତିଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପରିବେଷିତ ନାଟକ ସ୍ୱୟଂବରକୁ ବିଭାଗୀୟ ସହକାରୀ ମ୍ୟାନେଜର ଭଗବାନ ପରିଡ଼ା ନିର୍ଦ୍ଦେଶନା ଦେଇଥିଲେ। ନାଟକରେ ଜଣେ କନ୍ୟାଙ୍କ ନିଜ ଜୀବନସାଥୀ ଚୟନର ଆକାଂକ୍ଷାକୁ ପ୍ରଦର୍ଶିତ କରାଯାଇଥିଲା। ଶେଷରେ ସମସ୍ତ ସୁରକ୍ଷା ଉପକରଣ ପରିଧାନ କରୁଥିବା ଜଣେ ଚରିତ୍ରବାନ ଆର୍‌ଏସ୍‌ପି କର୍ମଚାରୀଙ୍କୁ ନିଜ ଜୀବନସାଥୀ ରୂପେ ବାଛିବା କାହାଣୀ ବେଶ୍ ନିଖୁଣ ଭାବେ ପ୍ରଦର୍ଶନ କରାଯାଇଥିଲା। ୨ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ନାଟକକୁ ଉପଭୋଗ କରିଥିଲେ। ବିଭାଗ ପକ୍ଷରୁ ଏନ୍.ଏମ୍. ପରିଡ଼ା, ବି. ପ୍ରଧାନ, ସୁକୁ ସେଠୀ, ପି.ସି. ପାତ୍ର, ଏସ୍.ଏସ୍. ସାହୁ ଓ ପି.କେ. ସାହୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଡିଜିଏମ୍ ଏ. କାଜୁନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କୁ ଭିଏଚ୍‌ପି ନେତାଙ୍କ ପତ୍ର

# ପାକିସ୍ତାନରେ ଅତ୍ୟାଚାରିତ ହିନ୍ଦୁଙ୍କୁ ଭାରତ ଅଣାଯାଉ

ରାଉରକେଲା ଅଫିସ,୨୭।୩

ପାକିସ୍ତାନରେ ଅଭିଶପ୍ତ ଜୀବନ କାଟୁଥିବା ଅତ୍ୟାଚାରିତ ହିନ୍ଦୁମାନଙ୍କୁ ଭାରତ ଫେରାଇ ଆଣିବା ଦାବିରେ ବୁଧବାର ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପଶ୍ଚିମ ଓଡ଼ିଶା ଧର୍ମପ୍ରଚାର ସମ୍ପାଦକ ଶାନ୍ତନୁ କୁସୁମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ଏଥିରେ ସେ ପାକିସ୍ତାନର ସଂଖ୍ୟାଲଘୁ ତଥା ନାମମାତ୍ର ହିନ୍ଦୁ ସମ୍ପ୍ରଦାୟଙ୍କ ଅଶାନ୍ତ ଜୀବନ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଗତ ଦୋଳପୂର୍ଣ୍ଣିମା ପୂର୍ବଦିନ ଦୁଇ ଜଣ ହିନ୍ଦୁ ନାବାଳିକାଙ୍କୁ ଅପହରଣ କରାଗଲା। ବଳପୂର୍ବକ ସେମାନଙ୍କ ଧର୍ମ ପରିବର୍ତ୍ତନ କରାଗଲା। ଶେଷରେ ଜୋରଜବରଦସ୍ତ ବିବାହ କରିଦିଆଗଲା। ଏଭଳି ଅମାନବୀୟ ପଦକ୍ଷେପକୁ କୁସୁମ ଦୃଢ଼ ନିନ୍ଦା କରିଛନ୍ତି। ପାକିସ୍ତାନରେ ରହିଯାଇଥିବା ହିନ୍ଦୁ ଆଦୌ ସୁରକ୍ଷିତ ନୁହନ୍ତି। ଭାରତ ସରକାର ଏଥିପ୍ରତି ସତର୍କ ରହିବା ଆବଶ୍ୟକ। ପାକିସ୍ତାନ ସରକାରଙ୍କ ପ୍ରୋତ୍ସାହନରେ ଚାଲିଥିବା ଏଭଳି ଦମନଲୀଳାକୁ ସଭ୍ୟ ମାନବ ସମାଜ କେବେ ବରଦାସ୍ତ କରିବ ନାହିଁ। ଏମିତି ଅବସ୍ଥା ଭୋଗୁଥିବା ପାକିସ୍ତାନୀ ହିନ୍ଦୁ କାହାକୁ ଦୁଃଖ ଜଣାଇବେ ଓ ସେମାନଙ୍କୁ କିଏ ସହାୟ ହେବ ତାହା ଆଜି ବଡ଼ ପ୍ରଶ୍ନ। ୧୯୪୭ ଦେଶ ବିଭାଜନ ସମୟରେ ଭାରତରେ ୨ କୋଟି ମୁସଲମାନ ଥିବାବେଳେ ପାକିସ୍ତାନରେ ପ୍ରାୟ ୧ କୋଟି ହିନ୍ଦୁ ଥିଲେ। ସ୍ୱାଧୀନତାର ୭୨ବର୍ଷ ପରେ ଭାରତରେ ମୁସଲମାନ ସଂଖ୍ୟା ୨୦ କୋଟିକୁ ବୃଦ୍ଧି ପାଇଛି। ଅପରପକ୍ଷେ ପାକିସ୍ତାନରେ ବଞ୍ଚି ରହିଛନ୍ତି ହାତଗଣତି ହିନ୍ଦୁ ପରିବାର। ଜୋରଜବରଦସ୍ତ ହିନ୍ଦୁଙ୍କ ଧର୍ମାନ୍ତରୀକରଣ କରାଯାଉଛି। ପ୍ରତିବାଦ କଲେ ଏହାର ଭୟାବହ ପରିଣତି ଭୋଗିବାକୁ ପଡୁଛି ଏମାନଙ୍କୁ। ଅପହରଣ ଓ ବଳାତ୍କାର ଭଳି ବ୍ୟଭିଚାରରେ ଅତିଷ୍ଠ ହିନ୍ଦୁ ମା' ଭଉଣୀମାନେ ଧର୍ମ ପରିବର୍ତ୍ତନ କରିବାକୁ ବାଧ ହେଉଛନ୍ତି। ଏସବୁ ପ୍ରତି ଭାରତ ସରକାର ଆଖି ବୁଜିଦେବା ଆଦୌ ସ୍ପୃହଣୀୟ ନୁହେଁ। ଏହାର ପ୍ରତିବାଦ ଓ ପ୍ରତିକାର ଲୋଡ଼ା। ତଥ୍ୟ ଅନୁସାରେ ଗତ ୧୦ବର୍ଷ ମଧ୍ୟରେ ୫୫୯ ହିନ୍ଦୁ ନବାଳିକା ଓ ୭୬୯ ହିନ୍ଦୁ ମହିଳା ଅପହରଣ ଓ ଗଣବଳାତ୍କାରର ଶିକାର ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୨୭ ଜଣ ମୃତ୍ୟୁବରଣ କରିଛନ୍ତି। ସେହିଭଳି ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ ୮୭୬ ହିନ୍ଦୁଙ୍କୁ ପାକିସ୍ତାନରେ ହତ୍ୟା କରାଯାଇଛି। ସବୁଠାରୁ ଭୟଙ୍କର ଘଟଣା ହେଲା ୩୨ ହଜାରରୁ ଊର୍ଦ୍ଧ୍ୱ ହିନ୍ଦୁଙ୍କ ଧର୍ମାନ୍ତରୀକରଣ କରାଯାଇଛି। ଏତିକି ନୁହେଁ, ୪୨୮ରୁ ଅଧିକ ହିନ୍ଦୁ ପରିବାର ବାସହରା ହୋଇଛନ୍ତି। ଏମାନଙ୍କ ଭିଟାମାଟି ଉଜୁଡ଼ିଯାଇଛି। କିଏ ଖୋଲା ଆକାଶ ତଳେ ରାତି କାଟୁଛି ତ ଆଉ କିଏ ଗଛମୂଳେ ଆଶ୍ରୟ ନେଇଛି। ଏଭଳି ତଥ୍ୟ ପ୍ରମାଣ କରୁଛି ଯେ ପାକିସ୍ତାନରେ ହିନ୍ଦୁମାନେ କି ପ୍ରକାର ଦୟନୀୟ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ପ୍ରତି ମୁହୂର୍ତ୍ତରେ ଆତ୍ମସୁରକ୍ଷାର ପ୍ରଶ୍ନ ଏମାନଙ୍କୁ ଶାନ୍ତିରେ ବଞ୍ଚିବାକୁ ଦେଉନି। ଏଭଳି ଦୁଃଖଦ ପରିସ୍ଥିତିରେ ପାକିସ୍ତାନ ମାଟିରେ ଏମାନଙ୍କୁ ସାହା ହେବାକୁ କେହି ନାହିଁ। ଭାରତ ସରକାର ତୁରନ୍ତ ନିର୍ଯାତିତ ହିନ୍ଦୁଙ୍କୁ ଭାରତ ଆଣିବା ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି କୁସୁମ ତାଙ୍କ ପତ୍ରରେ ଦାବି କରିଛନ୍ତି।



ବିଶ୍ୱ ହିନ୍ଦୁ ପରିଷଦ ନେତା ଶାନ୍ତନୁ କୁସୁମ।



"ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ୨ ବାଳକଙ୍କ ସଲିଳ ସମାଧି

ଆନନ୍ଦପୁର, ୨୭।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବୈତରଣୀର କୋଡ଼ପଡ଼ା ବାଲି ଘାଟରେ ବୁଧବାର ପ୍ରାୟ ୧୦ଟା ସମୟରେ ଗାଧୋଉଥିବା ବେଳେ ଚୋରାବାଲିରେ ଗୋଡ଼ ଫସିଯିବାରୁ ୨ ବାଳକଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଏ ନେଇ ଆନନ୍ଦପୁର ଡାକ୍ତରଖାନା ପରିସରଠାରୁ ଆରମ୍ଭ କରି କୋଡ଼ପଡ଼ା, ସଡ଼ା ଓ ବସନ୍ତିଆ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ମୃତକ ହେଲେ ନନ୍ଦିପଦା ଥାନା ବସନ୍ତିଆ ଗ୍ରାମର ଜଗନ୍ନାଥ ସୁତାରଙ୍କ ବଡ଼ପୁଅ ଶୁଭ୍ରପ୍ରକାଶ ସୁତାର(୧୮) ଏବଂ ସୋସୋ ଥାନା ସଡ଼ା ଗ୍ରାମର ଶରତ ଓଝାଙ୍କ ସାନପୁଅ ରୁଦ୍ରନାରାୟଣ ଓଝା(୧୨)। ଉଭୟ ମାମୁଘର ଆନନ୍ଦପୁର ଥାନା କୋଡ଼ପଡା ଗ୍ରାମକୁ ନିଜ ମାଆଙ୍କ ସହିତ ମଙ୍ଗଳା ଓଷା ଦେଖିବାକୁ ଆସିଥିଲେ। ଉଭୟ କୋଡ଼ପଡ଼ା ଗ୍ରାମର ଗୋଟିଏ ପରିବାରର ଦୁଇ ଭାଇ ସୁଦାମ ଓଝା ଓ ଅନାମ ଓଝାଙ୍କ ଘରକୁ ଆସିଥିଲେ। ଶୁଭ୍ରପ୍ରକାଶ ଛେନାପଦୀସ୍ଥିତ ଆଇଟିଆଇର ପ୍ରଥମ ବର୍ଷର ଛାତ୍ର ଥିବାବେଳେ ରୁଦ୍ର ନାରାୟଣ ବସନ୍ତିଆ ଗ୍ରାମର ଷଷ୍ଠ ଶ୍ରେଣୀର ଛାତ୍ର। ଉଭୟ ବୁଧବାର କେତେଜଣ ସାଙ୍ଗଙ୍କ ସହିତ ଏହି ବାଲିଘାଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ବୁଡି ଯାଇଥିଲେ। ଉଭୟଙ୍କୁ ଲୋକେ ପାଣିରୁ ଉଦ୍ଧାର କରିଥିଲେ। ଖବର ପାଇ ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ କୋଡ଼ପଡା ଗ୍ରାମରେ ପହଞ୍ଚି ଉଦ୍ଧାର ଦୁଇ ଜଣଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ଆନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପକ୍ଷରେ ବାଲି ଘାଟରେ ବାଲି ଉଠାଉଥିବା ଏକ ପ୍ରୋକଲିନ୍ ମେଶିନ୍‌କୁ ଲୋକେ ପୋଡି ଦେଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଛି। ଲୋକେ ରାସ୍ତାରୋକୋ କରିଥିଲେ। ଉତ୍ତେଜନା ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଆନନ୍ଦପୁର ପୋଲିସ। ଖବର ଲେଖା ହେବା ବେଳକୁ ଆନନ୍ଦପୁର ତହସିଲଦାରଙ୍କୁ ମହିଳାମାନେ ଅଟକ ରଖିଥିଲେ।

# ବିଜେଡିର ମାରାଥନ ପ୍ରଚାର

ନୂଆପଡା ଅଫିସ,୨୭।୩

- ଭାଜପା, କଂଗ୍ରେସକୁ ଟାର୍ଗେଟ କଲେ ପୁଷ୍ପେନ୍ଦ୍ର
- ଶତାଧିକ ଭାଜପା, କଂଗ୍ରେସ କର୍ମୀଙ୍କ ଯୋଗଦାନ

ବିଧାନସଭାଏବଂକଳାହାଣ୍ଡିଲୋକସଭା ପଦ ସକାଶେ ନାମାଙ୍କନ ଦାଖଲ ପରେ ବିଜେଡି ତାର ନିର୍ବାଚନ ପ୍ରଚାରକୁ ଯୋର କରିଦେଇଛି । ବୁଧବାର ସକାଳୁ ସନ୍ଧ୍ୟା ଯାଏ ଖରିଆରରୋଡରୁ କୋମନା ପର୍ଯ୍ୟନ୍ତ ମାରାଥନ ପ୍ରଚାର ଶୋଭାଯାତ୍ରା କରାଯାଇଛି । ଏହି ନିର୍ବାଚନୀ ସଭାରେ ଉଭୟ ଭାଜପା ଏବଂ କଂଗ୍ରେସକୁ ଟାର୍ଗେଟ କରିଛନ୍ତି ନେତୃବୃନ୍ଦ। ବୁଧବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଖରିଆରରୋଡସ୍ଥିତ ମୁସଲିମ ସମାଜର ସଭାଗୃହରେ ଆୟୋଜିତ ହୋଇଥିବା ସମ୍ବର୍ଦ୍ଧନା ସଭାରେ ଜିଲା ବିଜେଡି ସଭାପତି ତଥା ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ସଭାପତିତ୍ୱ କରିଥିବାବେଳେ ପୂର୍ବମନ୍ତ୍ରୀ ମନ୍ତ୍ରୀ ତଥା କଳାହାଣ୍ଡି ଏମପି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ତାଙ୍କୁ ଜିଲା ବିଜେଡି ତରଫରୁ ସ୍ୱାଗତ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ସମ୍ପାଦକ ସରୋଜ କୁମାର ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ନିଗମ, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ ମିଶ୍ର, ବିଧାନସଭାସ୍ତରୀୟ ସଭାପତି ସୁଧୀର କୁମାର ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଅବନୀ ରଞ୍ଜନ ଯୋଷୀ, ଟିଟୁ ପଣ୍ଡା, ରମାକାନ୍ତ ସିଂ ଠାକୁର, ବଶ୍ଚି ଡାଗା, ଭଗବତୀ ପଟେଲ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସ୍ଥାନୀୟ ଖରିଆରରୋଡ ଏବଂ ସାଲିହାର ଭାଜପା ଏବଂ କଂଗ୍ରେସର ବହୁ ପ୍ରମୁଖ କର୍ମୀ ଆସି ଦଳରେ ମିଶିଥିଲେ । ଏହା ପରେ ଏମପି ପ୍ରାର୍ଥୀ ସିଂଦେଓ ଏବଂ ବିଧାୟକ ପ୍ରାର୍ଥୀ ଢୋଲକିଆ କୋମନା ଅଭିମୁଖେ ବାହାରିଥିଲେ । ବାଟରେ ତରବୋଡ, ଉଦ୍ୟାନବନ୍ଧ, କୋମନାରେ ବିଜେଡି ତରଫରୁ ଶତାଧିକ କର୍ମକର୍ତା ବାଜା, ବାଣ ବଜାଇ ସ୍ୱାଗତ କରିଥିଲେ । ଶେଷରେ ବିଲେଞ୍ଜୋରଠାରେ ଏକ ଦଳୀୟ ସମାବେଶ ହୋଇଥିଲା । ଏଥିରେ ସିଧାସଳଖ ପ୍ରାର୍ଥୀ ଦ୍ୱୟ ନିର୍ବାଚନ ସକାଶେ ସିଂହ ରଡି ଦେଇଥିଲେ । ଏଥର ଦୁଇଟି ଯାକ (ଲୋକସଭା ଏବଂ ବିଧାନସଭା)ସକାଶେ ଶଙ୍ଖ ଚିହ୍ନରେ ମୋହର ମାରିବାକୁ ହାତ ଯୋଡି ନିବେଦନ କରିଥିଲେ । ଏହି ଅବସରରେ ପୁଷ୍ପେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଥିଲେ । ଅଚ୍ଛାଦିନର ସ୍ୱପ୍ନ ଦେଖାଇ ଲୋକଙ୍କୁ ଭୁଡାଇଥିଲେ । କାହିଁ ଗଲା ସେ ଦିନ । ନବୀନ ସରକାର ଯାହା କହେ ତାହା କାମରେ କରି ଦେଖାଇଦେଇଥାଏ ବୋଲି କହିଥିଲେ । ଏହି ଅବସରରେ ଅନ୍ୟ ଦଳରୁ ଆସି ଯୋଗଦେଇଥିବା ନୂତନ କର୍ମକର୍ତ୍ତାଙ୍କୁ ଉତରୀୟ ଦେଇ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ପରିଚାଳନା କରିଥଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କ୍ଷମା ସିଂ ନିଆଲ, ସରୋଜ କୁମାର ସାହୁ, ଭବାନୀ ନିଆଲ, ନମିତା ପ୍ରଧାନ, ଅବନୀ ଯୋଷୀ, କାର୍ତ୍ତିକ ଦୀପ, କାଳିଆ ପ୍ରଧାନ, ମୁରଲୀ ଭୋଇ, ଭବାନୀ ପାଣିଗ୍ରାହୀ, ମନବୋଧ ଘିଭେଲା, ସେହବାଜ ହୁସେନ ପ୍ରମୁଖ ଯୋଗଦେଇଥିଲେ। ରାତି ୭ଟା ଯାଏଁ ଚାଲିଥିବା କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇଥିଲେ।



କୋମନା ସହରରେ ଶୋଭାଯାତ୍ରାରେ ବିଜେଡି ନେତୃବୃନ୍ଦଙ୍କୁ ପାଛୋଟି ନିଆଯାଉଛି ।




ବିଲେଞ୍ଜୋରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ପୋଖରୀରେ ବୁଡି ୩ ନାବାଳିକା ମୃତ

ଦାରିଙ୍ଗବାଡ଼ି,୨୭।୩(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ପର୍ତ୍ତମାହା ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ଶେଷ ମୁଣ୍ଡରେ ଥିବା ପୋଖରୀରେ ବୁଡ଼ି ୨ଭଉଣୀଙ୍କ ସମେତ ୩ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ, ଉକ୍ତ ଗ୍ରାମର ବାୟାବନ୍ଧୁ ନାୟକଙ୍କ ୨ଝିଅ ରେଣୁକା(୯), ମେନୁକା(୭) ଏବଂ ରବୀନ୍ଦ୍ର ସେନାପତିଙ୍କ ଝିଅ ଲିସା(୩)। ୩ଜଣଙ୍କର କିଭଳି ମୃତ୍ୟୁ ହେଲା ସ୍ପଷ୍ଟ ଜଣା ପଡି ନ ଥିଲେ ମଧ ଜଣଙ୍କୁ ବଞ୍ଚାଇବାକୁ ଯାଇ ଆଉ ୨ଜଣ ବୁଡି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି।ରେଣୁକା, ମେନୁକା ଓ ଲିସା ଅପରାହ୍ନରେ ଖେଳିବା ପାଇଁ ଯାଇଥିଲେ। ସନ୍ଧ୍ୟା ହୋଇଥିଲେ ମଧ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗାଁ ଶେଷମୁଣ୍ଡରେ ଥିବା ପୋଖରୀ ତୁଠରେ ସେମାନଙ୍କ ପୋଷାକ ଥିବା ଦେଖିବାକୁ ମିଳିଥିଲା। ସନ୍ଦେହ ହେବାରୁ ଖୋଜାଖୋଜି କରିବାରୁ ପୋଖରୀରେ ୩ଜଣଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହାୟତାରେ ମୃତଦେହ ଗୁଡ଼ିକୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ପରେ ସେଠାରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଦାରିଙ୍ଗବାଡି ଥାନା ଅଧିକାରୀ ଅଲେଖ ଗରଡିଆ ପହଞ୍ଚି ମୃତଦେହଗୁଡିକୁ ଦାରିଙ୍ଗବାଡି ମେଡିକାଲକୁ ନେବାର ବ୍ୟବସ୍ଥା କରିଥିଲେ। ଗୁରୁବାର ମୃତଦେହ ଗୁଡିକର ବ୍ୟବଚ୍ଛେଦ ହେବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ରେଣୁକା ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବାବେଳେ ମେନୁକା ଦ୍ୱିତୀୟ ଶ୍ରେଣୀର ଛାତ୍ରୀ।



ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅରେଡ଼ାଠାରୁ କଂଗ୍ରେସ ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀ ଦଳୀୟ କର୍ମୀ ଏବଂ ସମର୍ଥକଙ୍କ ସହ ମଙ୍ଗଳବାର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି।

ଓକିଲ ସଂଘରେ ନିଜର ପକ୍ଷ ରଖିଲେ ଘାସିରାମ ମାଝି

## ଜିଲାର ହିତ ପାଇଁ କାମ କରିବି

ନୂଆପଡା ଅଫିସ,୨୭।୩

ମୁଁ ଜଣେ ବେସାରେ ଓକିଲ । ଜଣେ ବୁଦ୍ଧିଜୀବୀ ଭାବରେ ସମାଜରେ ଗଣା ହେଉଥିବାରୁ ଜିଲାର ହିତଚନ୍ତା କରିବା ମୋର ପରମ କର୍ତ୍ତବ୍ୟ । ଜିଲାର ବିଭିନ୍ନ ସମସ୍ୟା ନେଇ ଜୁଝୁଥିବାବେଳେ ନେତା, ଅଧିକାରୀମାନେ ଜିଲକୁ ବହୁ ପଛକୁ ନେଇଯାଉଛନ୍ତି । ଏହା ଉପରେ ରୋକ ଲଗାଇବା ସହ ନିଶ୍ଚିତ ଭାବେ ଜିଲାବାସୀଙ୍କ ସ୍ୱାର୍ଥପାଇଁ କାମ କରିବି ବୋଲି ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ବିଧାୟକ ପ୍ରାର୍ଥୀ ଭାବେ ଛିଡା ହୋଇଥିବା ଘାସିରାମ ମାଝି କହିଛନ୍ତି । ବୁଧବାର ସ୍ଥାନୀୟ ବାର ଆସୋସିଏଶନର ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ନିଜର ପକ୍ଷ ରଖି ମାଝି ଏଭଳି କହିଥିଲେ । ବୁଧବାର ମଧ୍ୟାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଧର୍ମବୀର ଯୋଷୀ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାର୍ଥୀ ମାଝି କୌଣସି ରାଜନୈତିକ ଦଳକୁ ବିଶେଷ ଆକ୍ଷେପ ନ କରି ସବୁ ଦଳରୁ ଊର୍ଦ୍ଧ୍ୱକୁ ଆସି ସମର୍ଥନ ଜଣାଇବାକୁ ନିବେଦନ କରିଥିଲେ । ଏହି ଅବସରରେ ଦୁଇଟି ଓକିଲ ସଂଘ ଯଥା ସିଭିଲ ବାର ଆସୋସିଏଶନ ଏବଂ ଜିଲା ଓକିଲ ସଂଘର ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ଆଇନଜୀବୀ ଯୋଗଦେଇ ଓକିଲ ସମାଜ ତରଫରୁ ଜଣେ ପ୍ରାର୍ଥୀ ହୋଇଥିବା ହେତୁ ତାଙ୍କୁ ଫୁଲମାଲ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଏକ ସହଭୋଜର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ ଚନ୍ଦ୍ର ମହାପାତ୍ର, ମୁରଲୀଧର ପଣ୍ଡା, ପରିମଳ କାନ୍ତି ବୋଷ, ରମେଶ ଭୋଇ, ଶ୍ୱେତରାମ ଦେୱାଙ୍ଗନ, ତ୍ରିଲୋକ ସୋନି ପ୍ରମୁଖ ଯୋଗଦେଇଥିଲେ ।



ଓକିଲ ସଂଘର ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

## ନଦୀ, ନାଳରେ ପୋଲ ହୋଇ ନାହିଁ: ରାଣୀପଦରବାସୀଙ୍କ ଭୋଟ ବର୍ଜନ ଧମକ

ଭବାନୀପାଟଣା,୨୭।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁ. ରାମପୁର ବ୍ଲକ ଅନ୍ତର୍ଗତ ତଲଝାପି ଗ୍ରାମପଞ୍ଚାୟତର ରାଣୀପଦର ଗ୍ରାମବାସୀ ନିଜ ଅଞ୍ଚଳରେ ଥିବା ନଦୀ, ନାଳ ଉପରେ ପୋଲ ନିର୍ମାଣ ହୋଇ ନ ଥିବା ଯୋଗୁ ଗମନାଗମନରେ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହେଉଛି । ଏଥି ଯୋଗୁ ଆଗାମୀ ଭୋଟ ବର୍ଜନ କରିବେ ବୋଲି ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି। ବ୍ଲକର କୁମ୍ଭାରକାନି ଗ୍ରାମଠାରୁ ରାଣୀପଦର ଇନ୍ଦ୍ରାବତୀ ନଦୀ ଉପରେ ପୋଲ ହୋଇ ନ ଥିବାରୁ ସେ ଅଞ୍ଚଳର ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବିପଦଜନକ ଅବସ୍ଥାରେ ନଦୀରେ ଘରେ ବ୍ୟବହାର ହେଉଥିବା ବଡ ଡେକ୍ଚିକୁ ଭେଳା ତିଆରି କରି ନଦୀ ପାର ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏପରି ଅସୁବିଧା ଭୋଗୁ ଆସୁଥିବା ସ୍ଥଳେ ଭୋଟଦେଇ ନେତା ବାଛିବାର ଆବଶ୍ୟକ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯଦି ଆମ୍ଭର କୁମ୍ଭାରକାନି ରାସ୍ତା ପି.ଡବ୍ଲ୍ୟୁ ରାସ୍ତାଠାରୁ ଇନ୍ଦ୍ରାବତୀ ନଦୀ ବ୍ରିଜ୍ ନିର୍ମାଣ କରାଯାଇ ରାଣୀପଦର ଦେଇ ତଲଝାପି ଗ୍ରାମପଞ୍ଚାୟତକୁ ରାସ୍ତା ନ ହୁଏ ତେବେ ଆଗାମୀ ଭୋଟ ଦେବାକୁ ଗ୍ରାମରୁ କୌଣସି ଲୋକଙ୍କୁ ଦିଆଯିବ ନାହିଁ। ବାର ବାର ଭୋଟଦେଇ ନେତା ନିର୍ବାଚନ କରି ମଧ ଆଜି ଯାଏ ପୂରଣ ନ ହେଉଥିବାରୁ ଆମେ ଭୋଟ ବର୍ଜନ କରୁଅଛୁ । ଚଳିତ ନିର୍ବାଚନରେ କୌଣସି ଦଳ ଆମ ଗାଁରେ ଭୋଟ ପ୍ରଚାର କରିବେ ନାହିଁ । ଯଦି ଭୋଟ ପାଇଁ ପ୍ରଚାର କରନ୍ତି ତହିଁରେ କୌଣସି ବିଶୃଙ୍ଖଳା ଘଟେ ତାହାହେଲେ ଗ୍ରାମବାସୀ ସେଥିପାଇଁ ଦାୟୀ ନାହିଁ ବୋଲି ସେମାନେ ଜିଲାପାଳଙ୍କୁ ଜଣାଇଛନ୍ତି ।

## ମହାରାଷ୍ଟ୍ରରେ ବନ୍ଧାପଡ଼ିଥିବା ଦାଦନ ଶ୍ରମିକ ଫେରିଲେ

କେସିଙ୍ଗା,୨୭।୩ (ଡି.ଏନ.ଏ.)

- ୧୧ ଦାଦନ ଶ୍ରମିକ, ୫ ଶିଶୁ କେସିଙ୍ଗାରେ ପହଞ୍ଚିଲେ
- ଶ୍ରମିକ ଦଲାଲ ସହଯୋଗୀଙ୍କୁ ପୋଲିସର ଅଟକ

କଳାହାଣ୍ଡି ଜିଲା କେସିଙ୍ଗା, ଜୁନାଗଡ ଓ ଜୟପାଟଣା ବ୍ଲକରୁ ଦାଦନ ଖଟିବାକୁ ଯାଇ ମହାରାଷ୍ଟ୍ରରେ ବନ୍ଧା ପଡିଥିବା ଶ୍ରମିକମାନେ ଫେରିଛନ୍ତି । ସେମାନେ କେସିଙ୍ଗା ରେଳୱେ ଷ୍ଟେଶନରେ ବୁଧବାର ୪ଘଣ୍ଟା ୪୦ ମିନିଟରେ ନାଗାବଳୀ-ସମ୍ବଲପୁର ଦ୍ରୁତଗାମୀ ଟ୍ରେନରେ ପହଞ୍ଚିଥିବା ଜଣାପଡିଛି । ଗତ ନଭେମ୍ବର ୨୦୧୮ରେ କେସିଙ୍ଗା, ଜୁନାଗଡ ଓ ଜୟପାଟଣା, ଭବାନୀପାଟଣା ଆଦି ବ୍ଲକକରୁ ୧୬ ଜଣ ଶ୍ରମିକ ଓ ୫ଜଣ ଶିଶୁଙ୍କୁ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବ୍ଲକ ଅନ୍ତର୍ଗତ ଯୁମୁରଝୁଲା ଗ୍ରାମର ଧିରଜ ମାଝି (୨୮) ନାମକ ଦାଦନ ସର୍ଦ୍ଦାର ମହାରାଷ୍ଟ୍ରର ଲୁତୁର ଜିଲା ଅନ୍ତର୍ଗତ ମୁରୁଡି ଥାନା ଅଧୀନ ଏକୁର୍ଗା ଗ୍ରାମକୁ ଟ୍ରେନ ଯୋଗେ ନେଇ ଇଟାଭାଟି ମାଲିକ ଦେବାନନ୍ଦ ଘୁଟେ ନିକଟରେ ଛାଡି ପଳାଇ ଆସିଥିଲେ । ସେଠାରେ ଇଟାଭାଟି ମାଲିକ ଶ୍ରମିକମାନଙ୍କୁ ସାପ୍ତାହିକ ଜଣପିଛ ଏକ ଶହ ଟଙ୍କା ଦେଉଥିଲେ। ସକାଳ ୪ଟାରୁ ରାତ୍ର ୯ଘଣ୍ଟା ଯାଏ କାମ କରାଉଥିଲେ। ଯେଉଁ ଶ୍ରମିକ ଇଟା ଗଢ଼ିବାକୁ ମନା ଗଲେ ନିସ୍ଥୁକ ଭାବରେ ମାଡ ମାରୁଥିଲେ। ଏହି ସବୁ ସମସ୍ୟା ଶ୍ରମିକମାନଙ୍କୁ ଦେଉଥିବା ଜାଣାପଡ଼ିବା ପରେ ଶ୍ରମିକଙ୍କ ପରିବାରବର୍ଗ ପକ୍ଷରୁ ଗତ ଜାନୁୟାରୀ ୧୪ ତାରିଖରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶ୍ରମ ଅଧିକାରୀ ଭୁବନେଶ୍ୱରସ୍ଥିତ ଶ୍ରକ କମଶନରଙ୍କୁ ଜାନୁୟାରୀ ୧୮ ତାରିଖରେ ଚିଠି ନଂ. ୭୭ରେ ପ୍ରେରଣ କରିଥିଲେ । ଜିଲା ଶ୍ରମ ଅଧିକାରୀଙ୍କ ଉଦ୍ୟମକ୍ରମେ ୧୬ ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ଗତ ମାର୍ଚ୍ଚ ୧୩ ତାରିଖରେ ଟ୍ରେନ ଯୋଗେ କଣ୍ଟାବାଞ୍ଜିରେ ଶ୍ରମିକମାନେ ପହଞ୍ଚିଥିଲେ । ୫ଜଣ ମଧ୍ୟରୁ ଅନ୍ତ ଗଉଡ ନାମକ ଜଣେ ଶ୍ରମିକଙ୍କୁ ବନ୍ଧା ରଖିଛନ୍ତି । ଅଗ୍ରିମ ଟଙ୍କା ଦେଲେ ଛାଡାଯିବ ବୋଲି କହୁଥିବା ଜଣାପଡ଼ିଛି । ମହାରାଷ୍ଟ୍ରରୁ ନାଗାବଳି ଟ୍ରେନରେ ଶ୍ରମିକମାନେ କେସିଙ୍ଗାରେ ପହଞ୍ଚିବା କ୍ଷଣି ଶ୍ରମିକ ଦଲାଲ ଧିରଜ ମାଝିଙ୍କ ୨ଜଣ ସହଯୋଗୀ ଆସି ଶ୍ରମିକମାନଙ୍କୁ କଣ୍ଟାବାଞ୍ଜି ନିଜ ଗ୍ରାମ ଯୁମୁରଝୁଲାକୁ ନେବା ପାଇଁ ଉଦ୍ୟମ କରୁଥିଲେ । ଏହି ସମୟରେ କେସିଙ୍ଗା ପୋଲିସ ଜଣଙ୍କୁ କାବୁ କରି ଅଟକ ରଖିବା ସହିତ ଶ୍ରମିକମାନଙ୍କୁ କେସିଙ୍ଗା ଥାନାରେ ରଖାଯାଇ ପଚରାଉଚୁରା କରାଯାଉଛି ।



ମହାରାଷ୍ଟ୍ରରୁ ଫେରନ୍ତା ଶ୍ରମିକ ।

## କଂଗ୍ରେସରେ ଯୋଗଦେଲେ ଭାଜପା କର୍ମୀ

ଜୁନାଗଡ,୨୭।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ମୋନାର୍କ ପେଲେସଠାରେ ମଙ୍ଗଳବାର ସନ୍ଧାରେ କଂଗ୍ରେସର ମିଶ୍ରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ ବ୍ଲକର ଅନେକ ଭାଜପା କର୍ମୀ କଂଗ୍ରେସରେ ଯୋଗଦେଇଥିଲେ। ସେମାନେ ହେଲେ ଭାଜପାର ଜୁନାଗଡ ନଗର ଯୁବ ସଭାପତି ହୃଦାନନ୍ଦ ମାଝି, ପୂର୍ବତନ ସରପଞ୍ଚ ଧବଳେଶ୍ୱର ମାଝି, ବେଦବର ଗୁରୁ, ତୁଳସୀ ନାଏକ, ଅଖିଳଚନ୍ଦ୍ର ନାଏକ, ହରିରାମ ମେହେର, ଅତୁଳ ନାଏକ, ଶେଖର ଛତ୍ରିଆ, ଅଙ୍କିତ ନାଏକ, ବାବାଜୀ ପଟ୍ଟନାୟକ, କମଳାକାନ୍ତ ନାଏକ, ବିଶାଖା ହରିଜନ, ଗୌତମ ହରିଜନ, ସୁରେନ୍ଦ୍ର ମାଝି, ମଣ୍ଟୁ ସାହୁ, ଦୁର୍ଗା ପ୍ରସାଦ ପାତ୍ର, ମହାଦେବ ମେହେର, କ୍ଷୀରସିନ୍ଧୁ ଦୁର୍ଗା, ବବଲୁ ମଙ୍ଗରାଜ, ଫକୀର ସିଂହ ମାଝି, ଲମ୍ବୋଦର ନାଏକ ପ୍ରମୁଖ ବିଦ୍ଧବଦ୍ଧ ଭାବେ କଂଗ୍ରେସରେ ଯୋଗଦେଇଥିଲେ। କଂଗ୍ରେସର ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ମିଶ୍ରଣ ସମାବେଶରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ଲୋକସଭା ପ୍ରାର୍ଥୀ ଭକ୍ତ ଚରଣ ଦାସ, ଜୁନାଗଡ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅନୀଲ କୁମାର ସିଂଦେଓ, ଦ୍ରୋପଦୀ ମାଝି, ଅଶୋକ ନାଏକ, ସତ୍ୟ ସରାଫ, ପରମାନନ୍ଦ ମାଝି, ଦାମୋଦର ବେହେରା, ସୁରେଶ ପଣ୍ଡା, ମଦନ ସାହୁ, ପ୍ରଭାତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସର ଚାରବାହାଲ ଜୋନ ସଭାପତି ତଥା ଯୁବ ଆଇନଜୀବୀ ଚିତ୍ତ ରଞ୍ଜନ ନିଆଲ ମଞ୍ଚ ପରିଚାଳନା କରିଥିବାବେଳେ ଜୁନାଗଡ ନଗର କଂଗ୍ରେସ ସଭାପତି ସୁଧାଂଶୁ ଶେଖର ବରାଡ ଧନ୍ୟବାଦ ଦେଇଥିଲେ।



କଂଗ୍ରେସର ମିଶ୍ରଣ ସମାବେଶରେ ଉପସ୍ଥିତ ଅତିଥିଗଣ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ



### କାର ଧକ୍କାରେ ଯୁବକ ଗୁରୁତର

**ଜୁନାଗଡ,୨୭।୩ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁଠାରେ ବୁଧବାର ଅପରାହ୍ଣରେ ଏକ କାର ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାମ ଗୋବିନ୍ଦ ବେଶ୍ରା (୧୭) ଓ ସେ ନିକଟସ୍ଥ ଚୋରଖସିଗୁଡା ଗ୍ରାମର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଗୋବିନ୍ଦ ଦାସିଗାଁ ସ୍ଥିତ ଏଟିଏମ୍‌କୁ ଟଙ୍କା ଉଠାଇବା ପାଇଁ ଘରୁ ସାଇକେଲରେ ଆସୁଥିବାବେଳେ ବାଟରେ ଏକ କାର(ନଂ. ଓଡି୦୮କେ-୧୪୭୪) ତାଙ୍କୁ ଧକ୍କାଦେଇଥିଲା। ଫଳରେ ଗୋବିନ୍ଦ ସାଇକେଲରୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହୟତାରେ ତାଙ୍କୁ ଚିଲଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ରହିଥିବା ଜଣାପଡିଛି।



### ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ପଲମ,୨୭।୩ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତସ୍ଥିତ ପାକେଲପଡା ଗ୍ରାମରେ ଗତ ୨୫ ତାରିଖରୁ ଚାଲିଥିବା ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ମହାସମାରୋହରେ ବୁଧବାର ଉଦଯାପିତ ହୋଇଯାଇଛି। ପୂର୍ଣ୍ଣାହୁତି ଅବସରରେ ପ୍ରହର ମଣ୍ଡଠାରେ ଦଧିଭାଣ୍ଡ ଭାଙ୍ଗି ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତି ଧରି ନଗର ପରିକ୍ରମା କରିଥିଲେ। ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ଯଜ୍ଞରେ ୧୦ଟି ସଂକିର୍ତ୍ତନ୍ୟ ଦଳ ଯୋଗଦେଇ ନାମଗାନ କରିଥିଲେ । ପୂଜା କର୍ତ୍ତା ଭାବେ ସତ୍ୟ ପ୍ରସାଦ ରଥ ଓ ଶୋଭାଗିନୀ ରଥ ରହି ପୂଜାର୍ଚ୍ଚନା କରିଥିଲେ । ସପ୍ତଋଷି ଭାବେ ବନ ଗହୀର, ଅଚ୍ୟୁତ ବାଗ, ପୁରୁଷ୍ତମ ଗହୀର, ଶୁକାଚନ କରୁଆଁ, ପୀତାମ୍ବର କରୁଆଁ, ଇନ୍ଦ୍ର କରୁଆଁ, ରାମ କରୁଆଁ ପ୍ରତ୍ୟେକ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ପୂଜା କାର୍ଯ୍ୟ ତୁଲାଇବା ପାଇଁ ପୂଜକ ଭାବେ ସନ୍ତୋଷ ରଥ, ଜପକ ଭାବେ ଦେବାନନ୍ଦ ମିଶ୍ର ଓ ପାଚକ ଭାବରେ ସୁଧୀର ରଥ ରହିଥିଲେ । ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ଏହି ପୂଜା କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। ସମସ୍ତ ଭକ୍ତମାନଙ୍କ ପ୍ରତ୍ୟେକ ଦିନ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।

### କଳାହାଣ୍ଡି ନିର୍ବାଚନମଣ୍ଡଳୀ

# ଲୋକ ସଭା ୮, ବିଧାନସଭା ୪୨ ନାମାଙ୍କନ କାଏମ

## ■ ୧୨ ବିଧାନସଭା ପ୍ରାର୍ଥୀ, ଜଣେ ଲୋକ ସଭା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ

**ଭବାନୀପାଟଣା,୨୭।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଗୋଟିଏ ଲୋକ ସଭା ଓ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଗତ ୨୬ ତାରିଖରେ ଶେଷ ହୋଇଛି। ଏଥିରେ ଜଣେ ଲୋକସଭା ପ୍ରାର୍ଥି ଓ ୧୨ ବିଧାନ ସଭା ପ୍ରାର୍ଥିଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଛି । ସେହିପରି ଲୋକସଭାରେ ୮, ୫ଟି ବିଧାନସଭାରେ ୪୨ ପ୍ରାର୍ଥିଙ୍କ ନାମାଙ୍କନପତ୍ର କାଏମ ରହିଛି । କଳାହାଣ୍ଡି ଲୋକସଭା ଆସନରେ ସମୁଦାୟ ୯ ଜଣ ପ୍ରାର୍ଥି ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେଥିରୁ ସ୍ୱାଧୀନ ପ୍ରାର୍ଥି ରାଜୁ ବାରିକଙ୍କ ନାମାଙ୍କନ ପତ୍ର ନାକଚ ହୋଇଛି ଏବଂ ୮ଜଣ ପ୍ରାର୍ଥିଙ୍କ ନାମାଙ୍କନ ପତ୍ର କାଏମ ରହିଛି । ଲୋକସଭା ଆସନ ନିମନ୍ତେ ନାମାଙ୍କନପତ୍ର କାଏମ ରହିଥିବା ପ୍ରାର୍ଥିମାନେ ହେଲେ ଭକ୍ତଚରଣ ଦାସ କଂଗ୍ରେସ, ପୁଷ୍ପେନ୍ଦ୍ର ସିଂହଦେଓ ବିଜେଡି, ବସନ୍ତ କୁମାର ପଣ୍ଡା ଭାଜପା, ପ୍ରେମାନନ୍ଦ ବାଗ ବିଏସ୍‌ପି, କମଳିନୀ ଯାଦବ ବହୁଜନ ମୁକ୍ତିପାର୍ଟି, ଛବିଲାଲ ନିଆଲ ଏପିଆଇ, ରାମଚନ୍ଦ୍ର ତ୍ରିପାଠୀ ସ୍ୱାଧୀନ ଓ ହାତୀଲାଲ ଦୁର୍ଗା ସ୍ୱାଧୀନ। ଭବାନୀପାଟଣା ବିଧାନ ସଭା ଆସନରେ ସମୁଦାୟ ୧୦ ଜଣ ପ୍ରାର୍ଥି ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେଥିରୁ ଯାଞ୍ଚ ପରେ ୩ ପ୍ରାର୍ଥି ସ୍ୱାଧୀନ ପ୍ରାର୍ଥି ବୈଷ୍ଣବ ଭି. ଚରଣ ସିନ୍ଧେଶା ସ୍ୱାଧୀନ, କଳିଙ୍ଗ ସେନା ବୃନ୍ଦା ସୁନା ଓ ସମତା କ୍ରାନ୍ତି ପ୍ରାର୍ଥି ଲୋକନାଥ ନାଗଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଛି । ଭବାନୀପାଟଣା ବିଧାନ ସଭା ଆସନରେ ନାମାଙ୍କନପତ୍ର କାଏମ ରହିଥିବା ୭ ଜଣ ପ୍ରାର୍ଥି ହେଲେ ଦୁଷ୍ମନ୍ତ କୁମାର ନାଏକ ବିଜେଡି, ପ୍ରଦୀପ୍ତ କୁମାର ନାଏକ ଭାଜପା, ସାଗର ଚରଣ ଦାସ କଂଗ୍ରେସ, ଚନ୍ଦ୍ରମଣି ମହାନନ୍ଦ ଏପିଆଇ, ଯୋଗେଶ୍ୱର ନାଏକ ସ୍ୱାଧୀନ, ଋଷି ସୁଦନ ଛତ୍ରପାଲ ବହୁଜନ ମୁକ୍ତିପାର୍ଟି ଓ ମଙ୍ଗଳ ପାଲ ବିଏସ୍‌ପି । ନର୍ଲା ବିଧାନ ସଭା ଆସନରେ ସମୁଦାୟ ୧୪ ପ୍ରାର୍ଥି ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେଥିରୁ ଯାଞ୍ଚ ପରେ ୪ ଜଣ ପ୍ରାର୍ଥି ସୁରେଶ ଚନ୍ଦ୍ର ସାହୁ ସ୍ୱାଧୀନ, ଚନ୍ଦ୍ରଶେଖର ସାହୁ ସ୍ୱାଧୀନ, ଲୋଚନ ଧରୁଆ ସ୍ୱାଧୀନ ଓ ଦୁର୍ଗା ମାଧବ କୌଶଲ୍ୟା ଓପିଡିଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି ।

ନର୍ଲା ବିଧାନସଭା ଆସନରେ ପ୍ରାର୍ଥିପତ୍ର କାଏମ ରହିଥିବା ୧୦ଜଣ ପ୍ରାର୍ଥି ହେଲେ ମନୋଜ କୁମାର ପଟ୍ଟନାୟକ ସ୍ୱାଧୀନ, ଗଭୀର ସୁନା ଏପିଆଇ, ଭୁପିନ୍ଦର ସିଂହ ବିଜେଡି, ଚିତ୍ତରଞ୍ଜନ ମଣ୍ଡଳ କଂଗ୍ରେସ, ଦୁର୍ଯ୍ୟୋଧନ ଦାସ ସିପିଆଇଏମ୍‌ଏଲ୍, ଅନିରୁଦ୍ଧ ପ୍ରଧାନ ଭାଜପା, କେଦାରନାଥ ରଣା ସ୍ୱାଧୀନ, ମହେନ୍ଦ୍ର ଧଙ୍ଗଡାମାଝି ବହୁଜନ ମୁକ୍ତିପାର୍ଟି, ପ୍ରଭାକର ନାଗ ବିଏସ୍‌ପି ଓ ଦୁର୍ଗାପ୍ରସାଦ ମହାନ୍ତି ସ୍ୱାଧୀନ । ସେହିପରି ଲାଞ୍ଜିଗଡ ବିଧାନ ସଭା ଆସନରେ ୯ ଜଣ ପ୍ରାର୍ଥି ନାମାଙ୍କନପତ୍ର ଦାଖଲ କରିଥିଲେ ଏବଂ ସମସ୍ତଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ଲାଞ୍ଜିଗଡ ବିଧାନ ସଭାର ପ୍ରାର୍ଥିମାନେ ହେଲେ ଶିବାଜୀ ମାଝି କଂଗ୍ରେସ, ପ୍ରଦୀପ ଦିଶାରି ବିଜେଡି, ରମେଶ ମାଝି ଭାଜପା, ସୁରେଶ ମାଝି ବିଏସ୍‌ପି, ଉଦ୍ଧବ ମାଝି ସ୍ୱାଧୀନ, ରାଜ କିଶୋର ଦଳପତି ବହୁଜନ ମୁକ୍ତି ପାର୍ଟି, ବଜ୍ର ଭୋଇ ସ୍ୱାଧୀନ, ଉଦ୍ଧବ ମୁଣ୍ଡା ସମତାକ୍ରାନ୍ତି ଦଳ ଓ ବୈଷ୍ଣବ ମାଝି ଗଣ୍ଡୱାନା ଗଣତନ୍ତ୍ର ପାର୍ଟି । ସେହିପରି ଜୁନାଗଡ ବିଧାନ ସଭା ଆସନରେ ସମୁଦାୟ ୮ ଜଣ ପ୍ରାର୍ଥି ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଯାଞ୍ଚରେ ହେମନ୍ତ କୁମାର ଚୈହାନ୍ ସମତା କ୍ରାନ୍ତି ଦଳ ପ୍ରାର୍ଥିଙ୍କ ନାମାଙ୍କନ ପତ୍ର ନାକଚ ହୋଇଛି ଏବଂ ୭ଜଣ ପ୍ରାର୍ଥିଙ୍କ ନାମାଙ୍କନ ପତ୍ର କାଏମ ରହିଛି । ସେମାନେ ହେଲେ ଅନିଲ କୁମାର ସିଂହଦେଓ କଂଗ୍ରେସ, ଦିବ୍ୟଶଙ୍କର ମିଶ୍ର ବିଜେଡି, ମନୋଜ କୁମାର ମେହେର ଭାଜପା, ପ୍ରିୟବର୍ତ୍ତ ଶିପକା ସ୍ୱାଧୀନ, ସବିତା ହାତୀ ସମାଜବାଦୀ ପାର୍ଟି, କିର୍ତ୍ତୀଚରଣ ଗଉଡ ବିଏମପି, ଜତିନ୍ଦ୍ର ସାହୁ ଏପିଆଇ। ସେହିପରି ଧର୍ମଗଡ ବିଧାନସଭା ଆସନରେ ସମୁଦାୟ ୧୩ ଜଣ ପ୍ରାର୍ଥି ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସେଥିରୁ ୪ ଜଣ ପ୍ରାର୍ଥି ନାମାଙ୍କନ ପତ୍ର ନାକଚ ହୋଇଥିବା ବେଳେ ୯ଜଣ ପ୍ରାର୍ଥିଙ୍କ ନାମାଙ୍କନ ପତ୍ର କାଏମ ରହିଛି ।

### ସାଧାରଣ ନିର୍ବାଚନ ୨ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଯୋଗଦାନ

**ଭବାନୀପାଟଣା,୨୭।୩ (ଡି.ଏନ.ଏ.)**

୨୦୧୯ ସାଧାରଣ ନିର୍ବାଚନକୁ ମୁକ୍ତ ଓ ଅବାଧ ଭାବେ ପରିଚାଳନା କରିବା ସକାଶେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଅଶ୍ୱିନୀ ଭଗତ ଆଇଏଏସ ଓ ବିନୋଦ ପ୍ରସାଦ ଆଇଏଏସ କଳାହାଣ୍ଡି ନିର୍ବାଚନ ମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଛନ୍ତି। ଭଗତ ଲାଞ୍ଜିଗଡ, ଧର୍ମଗଡ, ଭବାନୀପାଟଣା ଓ ନର୍ଲା ବିଧାୟକ ମଣ୍ଡଳୀ ତଥା କଳାହାଣ୍ଡି ଲୋକସଭା ମଣ୍ଡଳୀର ଏବଂ ବିନୋଦ ପ୍ରସାଦ ଜୁନାଗଡ ବିଧାୟକ ମଣ୍ଡଳୀର ଦାୟିତ୍ୱରେ ଅଛନ୍ତି। କୌଣସି ଦଳୀୟ ବ୍ୟକ୍ତି କିମ୍ବା ସାଧାରଣ ବ୍ୟକ୍ତି ସେମାନଙ୍କ ନିର୍ବାଚନ ସମ୍ବନ୍ଧୀୟ ଯେ କୌଣସି ଅଭିଯୋଗ ଥିଲେ ସନ୍ଧ୍ୟା ୪ ଘଟିକା ୫ ଘଟିକା ମଧ୍ୟରେ ସ୍ଥାନୀୟ ସର୍କିଟ ହାଉସରେ ପର୍ଯ୍ୟବେକ୍ଷକଙ୍କୁ ସାକ୍ଷାତ୍ କରିପାରିବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜଣାଇଛନ୍ତି।

## କର୍ଲାମୁଣ୍ଡା ବ୍ଲକରେ ବିଜେଡି କର୍ମୀ ସମ୍ମିଳନୀ

**କର୍ଲାମୁଣ୍ଡା,୨୭।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୁଟିଗାଁ ଶିବ ମନ୍ଦିର ପ୍ରାଙ୍ଗଣଠାରେ ବିଜେଡି କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ଲାମୁଣ୍ଡା ବ୍ଲକ ବିଜେଡି ସଭାପତି ଶ୍ରୀନିବାସ ମିଶ୍ରଙ୍କ ସଭାପତିତ୍ୱରେ ନର୍ଲା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥି ଭୂପିନ୍ଦର ସିଂହ, ମ.ରାମପୁର ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂଦେଓ (ପୁଷ୍ପ), ବିଜେଡି ଜିଲା ଉପସଭାପତି ଜାକିର ହୁସେନ, ରାଜ୍ୟ ମହିଳା ସମବାୟ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ସମସ୍ତେ ଏକ ଜୋଟ ହୋଇ ନିର୍ବାଚନକୁ ସାମନା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ବିଜେଡି ଏସସି ସେଲ ଜିଲା ସଭାପତି ସୁରେଶ ମହାନନ୍ଦ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଦୀପା ବାଗ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ପାତ୍ର, କେସିଙ୍ଗା ବ୍ଲକ ବରିଷ୍ଠ ନେତା ମହେନ୍ଦ୍ର ନାଏକ, ବିଜେଡି ସାଧନା କର୍ମୀ ସୁଶାନ୍ତ ଦୀପ ପ୍ରମୁଖ ଉଦ୍‌ବୋଧନ ଦେଇ ସମସ୍ତ କର୍ମୀଙ୍କୁ ସାଙ୍ଗରେ ନେଇ ନିର୍ବାଚନ, ଲଢିବା ବରିଷ୍ଠ କର୍ମୀମାନଙ୍କୁ ଗୁରୁତ୍ୱ ଦେବା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଶିବଲାଲ କେଡିଆ, ଘିନୁ ସାହୁ, ବିରଞ୍ଚି ରଣା, ପ୍ରେମାନିଧି ସାହୁ, ଗୌରକିଶୋର ରଣା, ତରୁଣୀସେନ ବଗର୍ତ୍ତୀ, ଯୋଗିନ୍ଦ୍ର ରଣା, ରାମଗୋପାଳ ସାହୁ ଓ ଅନ୍ୟାନ୍ୟ ନେତୃବୃନ୍ଦ ସହଯୋଗ କରିଥିଲେ। ଏଥିରେ ବହୁ କର୍ମୀଙ୍କ ସମାଗମ ହୋଇଥିଲା।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି ନେତା ଏବଂ କର୍ମୀମାନେ ।

### ଯୌତୁକ ହତ୍ୟା ମାମଲା: ସ୍ୱାମୀ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା,୨୭।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଲମସିଂହା ଗାଁର ଏକ ଯୌତୁକଜନିତ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି । ଭବାନୀପାଟଣା ଜିଲା ଦୌରାଜଜ୍ ନିତୁରାଣୀ ପ୍ରଧାନଙ୍କ ସ୍ୱାମୀ ବସନ୍ତ ପ୍ରଧାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ନର୍ଲା ଥାନା ଅନ୍ତର୍ଗତ ଲମସିଂହା ଗ୍ରାମର ବସନ୍ତ ପ୍ରଧାନ କର୍ଲାମୁଣ୍ଡା ବ୍ଲକ ଭାଲୁପିଆ ଗ୍ରାମର ନିତୁରାଣୀ ପ୍ରଧାନଙ୍କୁ ୨୦୦୮ରେ ବିବାହ କରିଥିଲେ। ବସନ୍ତ ଯୌତୁକ ବାବଦକୁ ୫୦ ହଜାର ଟଙ୍କା ଆଣିବାକୁ କହି ନିତୁରାଣୀଙ୍କୁ ବାରମ୍ବାର ନିର୍ଯାତନା ଦେଇ ଆସୁଥିଲେ। ୨୦୧୬ ଜାନୁୟାରୀ ୨୪ ତାରିଖରେ ନିତୁରାଣୀଙ୍କୁ ହତ୍ୟା କରିଥିଲେ। ପରେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା ରୂପ ଦେଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଏ ନେଇ ନର୍ଲା ଥାନାରେ ଏକ ମାମଲା (ନଂ.୧୬/୨୪।୧।୨୦୧୬) ରୁଜୁ କରି ପୋଲିସ ଇନ୍ସପେକ୍ଟର ଉଲ୍ଲାସ ମାଝି ତଦନ୍ତ କରିଥିଲେ। ଏ ନେଇ ମଦନପୁର ରାମପୁର ଜେଏମଏଫସି କୋର୍ଟରେ ମାମଲା ବିଚାର ହୋଇଥିଲା। ପରେ ଏହି ମାମଲାକୁ ଭବାନୀପାଟଣା ଜିଲା ଦୌରାଜଜ୍‌ଙ୍କ କୋର୍ଟକୁ ସ୍ଥାନାନ୍ତରିତ କରିଥିଲେ। ୨୪ ଜଣଙ୍କ ସାକ୍ଷ୍ୟ ପ୍ରମାଣ ପରେ ମଙ୍ଗଳବାର ଜିଲା ଦୌରାଜଜ୍ ଶିଶିର କୁମାର ରଥ ମାମଲାର ବିଚାର କରି ବସନ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଧର୍ମେନ୍ଦ୍ର କୁମାର ପାତ୍ର ମାମଲା ପରିଚାଳନା କରିଥିଲେ।

## ସ୍କାଉଟ୍ ଆଣ୍ଡ ଗାଇଡ୍‌ର ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ





ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ ରାଜ୍ୟ ଶାଖା ପକ୍ଷରୁ ବୁଧବାର ରାଜଭବନଠାରେ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧିକ ସଂଖ୍ୟାରେ ସ୍କାଉଟ୍ ଗାଇଡ୍ ପଞ୍ଜୀକରଣ ଲାଗି ଗଞ୍ଜାମ, ବାଲେଶ୍ୱର, କଟକ, ଯାଜପୁର ଓ ଜଗତ୍‌ସିଂହପୁର ଜିଲାକୁ ପୁରସ୍କୃତ କରିଥିଲେ। ଜିଲା ସ୍କାଉଟ୍ ଗାଇଡ୍ ସମାବେଶ ପାଇଁ କେନ୍ଦୁଝର, ଗଜପତି, ଗଞ୍ଜାମ ଓ ପୁରୀ ଜିଲାକୁ ପୁରସ୍କୃତ କରାଯାଇଥିଲା। କବ୍ ବୁଲ୍‌ବୁଲ୍ କାର୍ଯ୍ୟକ୍ରମର ପ୍ରସାରଣ ପାଇଁ ବରଗଡ଼ ଓ ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ନୂଆପଡ଼ା ଜିଲା ସମ୍ପାଦକ ମହେଶ ଦଣ୍ଡସେନାଙ୍କୁ ରାଜ୍ୟପାଳ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ସେହିପରି ନିୟମିତ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବଲାଙ୍ଗୀର ଜିଲା ଶିକ୍ଷାଧିକାରୀଙ୍କୁ ପୁରସ୍କୃତ କରିଥିଲେ। ଏହାସହ ସୁନ୍ଦରଗଡ଼ ଜିଲା ବରଗାଁ ଶିକ୍ଷ ତାଲିମ କେନ୍ଦ୍ର ଜାତୀୟସ୍ତରୀୟ ଜନଜାତି ଓ ଗ୍ରାମୀଣ ରୋଭର/ରେଞ୍ଜର ହର୍ଷୋତ୍ସବକୁ ଆୟୋଜନ କରିବା ସଙ୍ଗେ ଜାତୀୟସ୍ତରରେ ଲକ୍ଷ୍ମୀ ମଜୁମ୍‌ଦାର ପୁରସ୍କାର ଲାଭ କରିଥିବାରୁ ଏହି କେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ନିରନ୍ତର ଭାବେ ସ୍କାଉଟ୍ ଗାଇଡ୍ କାର୍ଯ୍ୟକ୍ରମରେ ନିଜକୁ ଉତ୍ସର୍ଗ କରିଥିବାରୁ ରାଜ୍ୟର ବରିଷ୍ଠ ସ୍କାଉଟ୍ ତାଲିମଦାତା କଳାହାଣ୍ଡି ଜିଲାର ତ୍ରିନାଥ ଠାକୁର ଓ ରାଜ୍ୟ ସ୍କାଉଟ୍ ସଙ୍ଗଠନ କମିଶନର ପ୍ରାଣକୃଷ୍ଣ ବେହେରାଙ୍କୁ ରାଜ୍ୟପାଳ 'ଦୀର୍ଘକାଳୀନ ସେବା ପଦକ' ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଗଜପତି ଜିଲା ସ୍କାଉଟ୍ ମାଷ୍ଟର ସଞ୍ଜୟ କୁମାର ପାତ୍ର, କେନ୍ଦୁଝର ଜିଲା ସ୍କାଉଟ୍ ଶିକ୍ଷକ ଦେବୀଦାସ ପଣ୍ଡା, କନ୍ଧମାଳ ଜିଲା ଜନଜାତି ବିଭାଗର ସ୍କାଉଟ୍ ମାଷ୍ଟର କୃଷ୍ଣଚନ୍ଦ୍ର ଗୌଡ଼, ଢେଙ୍କାନାଳ ଜିଲା ରୋଭର ଲିଡର ପ୍ରଭାତ କୁମାର ଜେନା ରାଜ୍ୟପାଳଙ୍କଠାରୁ ସେବା ପଦକ ଗ୍ରହଣ କରିଥିଲେ। ରାଜ୍ୟ ଗାଇଡ୍ ସଙ୍ଗଠନ ତଥା ତାଲିମ କମିଶନର ଅନାମିକା ଦାସଙ୍କ ସଂଯୋଜନାରେ ଏହି ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଥିଲା।

### ଜୁନାଗଡ଼ରେ ବିଜେଡିର ମିଶ୍ରଣ ପର୍ବ

## ଯୋଗଦେଲେ ଭାଜପା, କଂଗ୍ରେସର ଅନେକ କର୍ମକର୍ତ୍ତା

**ଜୁନାଗଡ,୨୭।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ବୁଧବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବିଧାୟକ କ୍ୟାପ୍‌ଟେନ ମିଶ୍ର ସେମାନଙ୍କୁ ଉତ୍ତରୀୟ ଦେଇ ଦଳରେ ସ୍ୱାଗତ ଜଣାଇଥିଲେ। ପୂର୍ବତନ ବିଧାୟକ ତଥା ପୂର୍ବତନ କଂଗ୍ରେସ ଜିଲା ସଭାପତି ଗୋବର୍ଦ୍ଧନ ଦାଶ ବିଧାୟକ ପ୍ରାର୍ଥୀ ଭାବେ ଚଳିତ ନିର୍ବାଚନରେ ଆଶାୟୀ ଥିଲେ । ତାଙ୍କୁ ଦଳ ପକ୍ଷରୁ ଟିକେଟ ନ ମିଳବାରୁ କ୍ଷୁବ୍ଧ ହୋଇ ବୁଧବାର କଂଗ୍ରେସରୁ ଇସ୍ତଫା ଦେଇଥିଲେ। ପରେ ତାଙ୍କ ସମର୍ଥକମାନେ ମଧ୍ୟ ଅସନ୍ତୋଷ ହୋଇ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିଲେ। ସେମାନେ ହେଲେ କଗ୍ରେସର ନାନ୍ଦୋଲ ଜୋନ ସଭାପତି ଆଲୋକ ରଞ୍ଜନ ମହାପାତ୍ର, ଉପସଭାପତି ଗୋପବନ୍ଧୁ ନାଏକ, ପୂର୍ବତନ ଏନ୍‌ଏସି କାଉନସିଲର ଯୁଗଳ କିଶୋର ସାହୁ, ସମ୍ପାଦକ ମନୋହର ଛତ୍ରିଆ, ହୃଷୀକେଶ ପଣ୍ଡା ପ୍ରମୁଖ ।

ଏହା ପୂର୍ବରୁ ଗତ କିଛିଦିନ ତଳେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଲେଶ୍ୱର ନାଏକ ମଧ୍ୟ କ୍ଷୁବ୍ଧ ହୋଇ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିଲେ। ସେହିପରି ଦଳରେ ଅଣଦେଖା କରାଯାଇଥିବା ନେଇ ଭାଜପା କୃଷକ ସେଲର ଯୁଗଲ କିଶୋର ଅଧିକାରୀ, ଦିଲୀପ ବିଷିଙ୍କ ସମେତ ଅନେକ କର୍ମକର୍ତ୍ତା ବିଜେଡିରେ ଯୋଗଦେଇଥିଲେ। ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଉଦ୍ୟମରେ ହୋଇଥିବା ଏହି ମିଳନ ସମାବେଶରେ ଜୁନାଗଡ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ବିଜେଡି ଜୁନାଗଡ ବ୍ଲକ ସଭାପତି ପ୍ରମୋଦ କୁମାର ବେହେରା, ରାଜ୍ୟ ପରିଷଦ ସଦସ୍ୟ ଦିଗାମ୍ବର ନାଏକ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ପୂର୍ବତନ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ, ପ୍ରଦ୍ୟୁମ୍ନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ରଞ୍ଜନ ନାଏକ ଧନ୍ୟବାଦ ଦେଇଥିଲେ।



ଜୁନାଗଡ ସହର ବିଜେଡିର ମିଶ୍ରଣ ପର୍ବରେ ଯୋଗଦେଇଥିବା ଭାଜପା, କଂଗ୍ରେସର କର୍ମକର୍ତ୍ତା।

### ଅର୍ଦ୍ଧନିର୍ମିତ ଅବସ୍ଥାରେ କୁସୁମଝୁଲା ପୋଲ

## ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଲୋକେ

**କେସିଙ୍ଗା,୨୭।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଗ୍ରାମପଞ୍ଚାୟତ ସୋଲାର ପ୍ଲାଣ୍ଟ ନିକଟରେ ଥିବା କୁସୁମଝୁଲା ପୋଲ ୪ ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଛି । ଫଳରେ ଗ୍ରାମବାସୀ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟାର ସମ୍ମୁଖିନ ହେଉଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଗତ ୨୦୧୬–୧୭ ଆର୍ଥିକ ବର୍ଷରେ ବିଜୁ କେବିକେ ଯୋଜନାରୁ ୫ ଲକ୍ଷ ବ୍ୟୟ ଅଟକଳରେ କୁସୁମଝୁଲା ପୋଲ ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । କେସିଙ୍ଗା ପଞ୍ଚାୟତ ସମିତି ତତ୍କାଳୀନ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଆଦେଶନାମା ଥିଲା । କନିଷ୍ଠ ଯନ୍ତ୍ରୀ କାଣ୍ଡେଲ ଗ୍ରାମପଞ୍ଚାୟତର ୩ଜଣ ୱାର୍ଡ ମେମ୍ବରମାନଙ୍କୁ ଏହି ବ୍ରିଜ ନିର୍ମାଣ କରିବା ପାଇଁ ମୌଖିକ ଆଦେଶ ଦେଇଥିଲେ। କନିଷ୍ଠ ଯନ୍ତ୍ରୀଙ୍କ ଆଦେଶ ମୁତାବକ ୱାର୍ଡ ମେମ୍ବରମାନେ ଏହି ପୋଲ ନିର୍ମାଣ ପାଇଁ ୩ଟି ପିଲର ଉଠାଇଥିଲେ। ଏହି ପୋଲରେ ଆଜିଯାଏ କୌଣସି ସୂଚନା ଫଳକ ମଧ୍ୟ ସ୍ଥାପନ କରାଯାଇ ନାହିଁ। ୩ଟି ପିଲର ନିର୍ମାଣ କରି ୫ ଲକ୍ଷ ଟଙ୍କା ମିଥ୍ୟା ବିଲ ପ୍ରସ୍ତୁତ କରି ଅର୍ଥ ଆତ୍ମସାତ କରିଥିବାରୁ ଉକ୍ତ ପୋଲ ଆଜକୁ ୪ବର୍ଷ ବିତିଯାଇଥିଲେ ସୁଦ୍ଧା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଛି ବୋଲି ଗ୍ରାମବାସୀମାନଙ୍କଠାରୁ ଶୁଣିବାକୁ ମିଳୁଛି । ଫଳରେ ବ୍ରାହ୍ମଣୀ, ଦୋରାପଡା, ମାଟିଆ, ଉକ୍କେଲା, କର୍ଲାଖୁଣ୍ଟା ଗ୍ରାମର ଶହ ଶହ ଲୋକେ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟାର ସମ୍ମୁଖିନ ଭୋଗିବାକୁ ପଡୁଛି । କାଣ୍ଡେଲ ଗ୍ରାମପଞ୍ଚାୟତର ଦୋରାପଡାର ଲୋକେ ବର୍ଷା ଦିନରେ ଏହି ଯୋର ପାର ହୋଇ ପାରି ନ ଥାନ୍ତି । ଉପର ମୁଣ୍ଡରୁ କୁସୁମଝୁଲା ଯୋରରେ ବର୍ଷା ପାଣି ପରିପୂର୍ଣ୍ଣ ହୋଇଗଲେ ଜୋରାପଡାର ଛାତ୍ରୀଛାତ୍ର ବ୍ରାହ୍ମଣୀ ଗ୍ରାମକୁ ସ୍କୁଲ ଯିବାର ବନ୍ଦ ହୋଇଯାଇଥାଏ । ବର୍ଷା ଦିନରେ ଏହି ପଡାର ଲୋକେ ଯୋର ଡେଇଁ ବହୁ କଷ୍ଟରେ କାଣ୍ଡେଲ ଗ୍ରାମ ପଞ୍ଚାୟତକୁ ଚାଉଳ, କିରୋସିନ ଆଣିବାକୁ ଯାଇଥାନ୍ତି। ଯଥାଶୀଘ୍ର ଉକ୍ତ ଯୋରରେ ବ୍ରିଜ କାମ ନିର୍ମାଣ କଲେ ପଡାବାସୀ ଗମନାଗମନ କ୍ଷେତ୍ରରେ ସୁବିଧା ହୋଇପାରନ୍ତା ବୋଲି ପଡାବାସୀ କହିଛନ୍ତି । ଏହା ନ ହେଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ମଧ୍ୟ ଗ୍ରାମବାସୀ ଚେତବାନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କୁ ପଚାରିବାରୁ ମୁଁ ନୂଆକରି ଆସିଛି, ଜାଣି ନାହିଁ । ତଥାପି ତଦନ୍ତ କରି ଉକ୍ତ ପୋଲ ନିର୍ମାଣ କରାଯିବ ବୋଲି ପ୍ରକାଶ କରିଥିଲେ । ଏ ନେଇ କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ପଟେଲଙ୍କୁ ପଚାରିବାରୁ ମୁଁ ନୂଆରେ ଏଠାରେ ଯୋଗଦେଇଛି । ଏ ବିଷୟରେ ମୁଁ ଜାଣିନାହିଁ, ତଦନ୍ତ ପରେ କାମ କରାଯିବ ବୋଲି କହିଛନ୍ତି ।



ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଥିବା କୁସୁମଝୁଲା ପୋଲ ।

■ ୪ ବର୍ଷ ହେଲା ନିର୍ମାଣ ଶେଷ ହୋଇନି
■ ନିର୍ବାଚନ ବର୍ଜନ ପାଇଁ ଚେତାବନୀ



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ। - ଆଇନଷ୍ଟାଇନ୍



## ସଂକ୍ଷେପରେ

### ସାମାନ୍ୟ କଥାକୁ କେନ୍ଦ୍ରକରି ମାରପିଟ: ୨ ଗିରଫ

**ହେମଗିର, ୨୭।୩ (ଡି.ଏନ.ଏ):** ସାମାନ୍ୟ ଘରୋଇ କଳିକୁ କେନ୍ଦ୍ରକରି ମାଡପିଟ, ପର୍ଯ୍ୟନ୍ତ ଚାଲିଗଲା। ଉଭୟ ପକ୍ଷ ଉଭୟଙ୍କ ନାମରେ ଥାନାରେ ଏତଲା ଦେବାରୁ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣା ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ କନିକା ଗ୍ରାମରେ ଘଟିଛି। ଗତ ୨୫ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ କନିକା ତେତେଲପଡାଠାରେ ରାଜୁ ଖାନ୍‌ଙ୍କ ଭଣଜା ମହମ୍ମଦ ସାହିଲ (୧୪)ଙ୍କୁ ଅବଦୁଲ ରଜାକର ପୁଅ ସଦାମ୍ ଖାନ୍ (୨୬) କୌଣସି କାରଣରୁ ମାଡ ମାରିଥିଲେ। ଏହା ଜଣାପଡିବା ପରେ ଗତ ୨୬ ତାରିଖ ରାତ୍ର ୯ଟାରେ ରାଜୁ ଖାନ୍‌ଙ୍କ ସ୍ତ୍ରୀ ନସିମା ନିଶା (୨୭) ସଦାମ ଘରକୁ ଆସି କାହିଁକି ସାହିଲଙ୍କୁ ମାରିଲ ବୋଲି ପଚାରିଥିଲେ। ପରେ ଉଭୟଙ୍କ ଭିତରେ ବଚସା ତୀବ୍ର ହେବାରୁ ସଦାମ ନସିମା ଉପରକୁ ମାଡ ମାରିଥିଲେ ବୋଲି ନସିମା ଥାନାରେ ବୁଧବାର ଏତଲା ଦେଇଥିଲେ। ପରେ ସଦାମଙ୍କ ମା' ସବିଲା ଖାତୁନ୍ ତାଙ୍କ ପୁଅ ସଦମାକୁ ନସିମା ମାଡ ମାରିଛି କହି ପାଲଟା ଅଭିଯୋଗ ଥାନାରେ କରିଛନ୍ତି। ଏନେଇ ହେମଗିର ଥାନାରେ ଉଭୟ ପକ୍ଷରୁ ପୃଥକ ପୃଥକ ଭାବେ ଦୁଇଟି ମାମଲା (ନଂ. ୩୫/୨୦୧୯ ଓ ୩୬/୨୦୧୯) ରୁଜୁ ହୋଇଛି। ନସିମା ନିଶା ଓ ସଦାମ ଖାନକୁ ପୋଲିସ କୋର୍ଟ ଚାଲାଣ କରି ତଦନ୍ତ ଜାରି ରଖିଛି।

### ମଦ ଜବତ: ୩ ଗିରଫ

**ବଡଗାଁ, ୨୭।୩ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ବଡଗାଁ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୮ ଲିଟର ଦେଶୀ ମଦ ଜବତ କରିବା ସହିତ ୩ଜଣ ମଦ ବିକ୍ରେତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କିଞ୍ଜିରକେଲା ସୁନାପଡାର ପରିକ୍ଷୀତ ଡୁଙ୍ଗଡୁଙ୍ଗ, ଭେଲୁଆବାହାଲ ଗ୍ରାମର କୈଳାସ ମାଝି ଓ ଜରଙ୍ଗଲୋଇ ଗ୍ରାମର ନାରାୟଣ କିଷାନ। ସୂଚନାଯୋଗ୍ୟ ଯେ, ବଡଗାଁ ସମେତ ଥାନା ଅଞ୍ଚଳର ଗ୍ରାମାଞ୍ଚଳରେ ମଦ ବିକ୍ରିକୁ କେତେକ ବ୍ୟକ୍ତି ପେଟପାଟଣା ପାଇଁ ବେପାର ଭଳି ଚଳାଇଥିବାରୁ ଅନେକ ସମୟରେ ଛୋଟବଡ ଗଣ୍ଡଗୋଳ ହେଉଛି। ଗରିବ ପରିବାରଗୁଡିକର ଆର୍ଥିକ ଅବନତି ଘଟୁଥିଲା ବେଳେ ଗାଁ ଆଶାନ୍ତ ହେଉଥିବାରୁ ପ୍ରାୟ ୨ ବର୍ଷ ହେଲା ମହିଳାମାନେ ମଦ ବିରୋଧି ଅଭିଯାନ ଆରମ୍ଭ କରିଛନ୍ତି।

### ମହୁଲି ମଦ ଜବତ: ଜଣେ ଗିରଫ

**ଲହୁଣୀପଡା, ୨୭।୩ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ମହୁଲପଦା ଥାନା ଅନ୍ତର୍ଗତ ସୁଲଉଡିହି ଗ୍ରାମରେ ବୁଧବାର ବେଆଇନ ମହୁଲି ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ହଳଦୀକୁଦର ପଞ୍ଚାୟତ ସୁଲଉଡିହି ଗ୍ରାମର ଚନ୍ଦ୍ରମୋହନ ମହାକୁଳ (୨୯) ନିଜ ଘରେ ମହୁଲି ମଦ କାରବାର କରୁଥିବା ଅଭିଯୋଗ ହୋଇଆସୁଥିଲା । ଅଭିଯୋଗକୁ ଭିତ୍ତିକରି ବୁଧବାର ମହୁଲପଦା ଥାନା ପୋଲିସ ସୁଲଉଡିହି ଗ୍ରାମରେ ଚଢ଼ାଉ କରି ମହୁଲି ମଦ ଜବତ କରିବା ସହିତ ଚନ୍ଦ୍ରମୋହନ ମହୁକଳକୁ ଗିରଫ କରିଥିଲେ।

### ପୋଲିସ ହସ୍ତକ୍ଷେପ ପରେ ପମ୍ପହାଉସରୁ ତାଲା ଖୋଲିଲା

**କୋଲାବିରା, ୨୭।୩ (ଡି.ଏନ.ଏ.)** କୋଲାବିରା ବ୍ଲକ ଅନ୍ତର୍ଗତ ପୋଖରାସାହ୍ଲେ ପଞ୍ଚାୟତର ଗହ୍ମାପାଲି ନାଏକପଡାରେ ଲୋକଙ୍କୁ ଜଳ ଯୋଗାଣ ଲାଗି ଏକ ପମ୍ପ ହାଉସ ରହିଛି। ହେଲେ ଏହି ଜାଗାକୁ ନିଜର ବୋଲି ଦାବି କରି ନବୀନ ଭୋଇ ନାମକ ଜଣେ ବ୍ୟକ୍ତି ପମ୍ପ ହାଉସରେ ତାଲା ମାରି ଦେଇଥିଲେ। ଫଳରେ ଲୋକେ ହଇରାଣ ହୋଇଥିଲେ। ସ୍ଥାନୀୟ ସରପଞ୍ଚ କୁନ୍ତଳା ନାଏକ ବୁଝାଇବା ପରେ ମଧ୍ୟ ସେ ନ ମାନିବାରୁ ବାଧ ହୋଇ କୋଲାବିରା ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ତାଲା ଖୋଲିବା ପରେ ଜଳ ଯୋଗାଣ ସ୍ୱାଭାବିକ ହୋଇଛି।

### ଜଙ୍ଗଲରୁ ୨୭ଟନ୍ ଚୋରା କୋଇଲା ଉଦ୍ଧାର

**ଲଖନପୁର, ୨୭।୩(ଡି.ଏନ୍.ଏ)** ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅଧିନ କାଣ୍ଡସର୍ ଜଙ୍ଗଲରୁ ୨୭ ଟନ୍ ଚୋରା କୋଇଲା ଉଦ୍ଧାର ହୋଇଛି। ଏମ୍‌ସିଏଲ୍ ସୁରକ୍ଷା କର୍ମୀଙ୍କ ପକ୍ଷରୁ ପାଟ୍ରୋଲିଂ ବେଳେ ଜଙ୍ଗଲରେ ଏହା ଠାବ ହୋଇଥିଲା। ପରେ ଲଖନପୁର ଥାନା ପୋଲିସକୁ ଅବଗତ କରାଯାଇଥିଲା। ପୋଲିସ୍ ଉପସ୍ଥିତିରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏହାକୁ ଖଣି ଭିତରକୁ ଆଣିଥିଲେ।

## ବୀରମିତ୍ରପୁର ପୌରପାଳିକାର ଅଜବ ନୀତି

# ମାସାଧିକ କାଳ ପଡିରହୁଛି ଅଳିଆ ଆବର୍ଜନା

**କୁଆଁରମୁଣ୍ଡା, ୨୭।୩ (ଡି.ଏନ.ଏ.)**



ବୀରମିତ୍ରପୁର-ହାତୀବାରି ରୋଡର ବସଷ୍ଟାଣ୍ଡ ଛକ ନିକଟରେ ପଡି ରହିଥିବା ଅଳିଆ।

ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା କେବଳ କାଗଜ କଲମରେ ସୀମିତ ରହୁଛି। ଏହି ଯୋଜନାରେ କୋଟି କୋଟି ଟଙ୍କା ବିଭାଗୀୟ ଅଧିକାରୀ ହରିଲୁଟ କରି ଚାଲିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି, ସୁନ୍ଦରଗଡ଼ ଜିଲା ଉପାନ୍ତ ବୀରମିତ୍ରପୁର ନିବାଚନମଣ୍ଡଳୀର ବୀରମିତ୍ରପୁର ପୌରପାଳିକା। ଏହି ପୌରପାଳିକା ଅନ୍ତର୍ଗତ ବୀରମିତ୍ରପୁର-ହାତୀବାରି ରୋଡ଼ ଓ ସହରର କେନ୍ଦ୍ରସ୍ଥଳୀ କୁହାଯାଉଥିବା ଜଗନ୍ନାଥ ବାଟିକା, ବୀରମିତ୍ରପୁର-ହାତୀବାରି ରୋଡ ନିକଟସ୍ଥ ଛକରେ ମାସାଧିକ କାଳ ଅଳିଆ, ଆବର୍ଜନା ଗଦା ହୋଇ ରହୁଛି। ଏଗୁଡିକୁ ପୌରପାଳିକା ପକ୍ଷରୁ ନିୟମିତ ସଫା କରାଯାଉ ନ ଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଅଞ୍ଚଳରେ ମଶା, ମାଛି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେହିପରି ସହରର କେନ୍ଦ୍ରସ୍ଥଳୀରେ ଥିବା ଜଗନ୍ନାଥ ବାଟିକା ନିକଟରେ ମଧ୍ୟ ନିୟମିତ ସଫେଇ ହେଉ ନ ଥିବାରୁ ଅଳିଆ, ଆବର୍ଜନା ଗଦା ହୋଇ ରହୁଛି। ହେଲେ ଏ ନେଇ ପୌରପାଳିକା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ଏଥିପ୍ରତି ବିଭାଗୀୟ ଜିଲା ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ବିଜେଡ଼ି ନିର୍ବାଚନ ଅଫିସ ଉଦ୍‌ଘାଟିତ

# ଆସିଲେନି ଅନୁପ, ସମର୍ଥକ

**ବେଲପାହାଡ଼, ୨୭।୩ (ଡି.ଏନ୍.ଏ)**

ବେଲପାହାଡ଼ ବିଜୁ ଜନତା ଦଳ ପକ୍ଷରୁ ଏକ ନିର୍ବାଚନୀ ଅଫିସ ଉଦ୍‌ଘାଟିତ ହୋଇଛି। ବରିଷ୍ଠ କର୍ମୀ ଅଖତର ହୁସେନ ଉଦ୍‌ଘାଟନ କରିଛନ୍ତି। କିଶୋର କୁମାର ମହାନ୍ତି, ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, ବିଜେଡ଼ି ଟାଉନ ସଭାପତି ରାଜେଶ ଭୋଇ, ବରିଷ୍ଠ କର୍ମୀ ତ୍ରିନାଥ ଗୁଆଲ, ତାପସରାୟ ଚୌଧୁରୀ, ରବିରତ୍ନ ପ୍ରଧାନ, ଶ୍ୟାମସୁନ୍ଦର ଶତପଥୀ ଓ ଶମ୍ଭୁ ମହାନ୍ତିଙ୍କ ସମେତ ବହୁ ପୁରୁଣା ଓ ଯୁବ କର୍ମୀ ଉପସ୍ଥିତ ଥିଲେ । ମାତ୍ର ପୂର୍ବତନ ବିଧାୟକ ତଥା ଦଳୀୟ ଟିକେଟରୁ ବଞ୍ଚିତ ଅନୁପ କୁମାର ସାଏଙ୍କୁ ଦେଖିବାକୁ ମିଳି ନ ଥିଲା । ତାଙ୍କର ଜଣେ ହେଲେ ସମର୍ଥକଙ୍କୁ ମଧ ଦେଖିବାକୁ ମିଳି ନ ଥିଲା। ଏପରିକି ପୌରପରିଷଦର ୧୬ ଜଣ ବିଜେଡ଼ି କାଉନସିଲରଙ୍କ ମଧ୍ୟରୁ ମାତ୍ର ୩ ଜଣ କାଉନସିଲର ଥିଲେ। ଲିଙ୍ଗରାଜ ବେହେରା, ଦିଲିପ ଧୁରୁଆ, କୈଳାସ ନାୟକ ଓ ଚରଣ ଦୀପଙ୍କୁ କେବଳ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା । ଏ ସଂକ୍ରାନ୍ତରେ ବିଜେଡ଼ି ଟାଉନ ସଭାପତି ରାଜେଶ ଭୋଇଙ୍କୁ ପଚରାଯିବାରୁ କେତେକ କର୍ମୀଙ୍କୁ ଡକାଯିବାରୁ ସେମାନେ ଅସିଛନ୍ତି। ଆଉ କେତେକ ମୋବାଇଲ ଫୋନ ସ୍ୱିଚ୍ ଅଫ କରି ଦେଇଥିବାରୁ ଯୋଗାଯୋଗ ହୋଇପାରିଲା ନାହିଁ ବୋଲି ପ୍ରକାଶ କରିଛନ୍ତି। ତେବେ ଟିକେଟ ବଣ୍ଟନକୁ ନେଇ ଅନୁପ ସାଏଙ୍କ ସମର୍ଥକମାନେ ଖୁବ ଅସନ୍ତୁଷ୍ଟ ଥିବାରୁ ସେମାନେ ଜାଣିଶୁଣି ଏହି କାର୍ଯ୍ୟକ୍ରମକୁ ବର୍ଜନ କରିଥିବା କର୍ମୀମାନଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ଏ ପର୍ଯ୍ୟନ୍ତ ସହରାଞ୍ଚଳରେ କୌଣସି ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ଅଫିସ ଖୋଲିନାହିଁ। ଏ ଦିଗରେ ବିଜେଡ଼ି ଆଗୁଆ ପ୍ରସ୍ତୁତି ଆରମ୍ଭ କରି ଦେଇଛି । ବିଜେଡ଼ିର ଆଗୁଆ ପ୍ରସ୍ତୁତି ବେଳେ ଅନୁପ ସାଏଙ୍କ ନେତୃତ୍ୱକୁ ମାନୁଥିବା କର୍ମୀ ଓ ସମର୍ଥକ ପ୍ରତ୍ୟକ୍ଷରେ ନ ହେଲେ ବି ପରୋକ୍ଷରେ ଅସନ୍ତୋଷ ଭାବ ପ୍ରକଟ କରିଛନ୍ତି। ଏହା କିଶୋର ମହାନ୍ତିଙ୍କ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହୋଇଛି।

## ଝାରସୁଗୁଡା, ବ୍ରଜରାଜନଗର ନିର୍ବାଚନମଣ୍ଡଳୀ

# ୨୩ ନାମାଙ୍କନପତ୍ରରୁ ଯାଞ୍ଚରେ କଟିଲା ୪

**ଝାରସୁଗୁଡା ଅଫିସ୍/ ଲଖନପୁର, ୨୭।୩(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନପାଇଁ ଝାରସୁଗୁଡା ଜିଲାରେ ୨ଟି ପର୍ଯ୍ୟାୟରେ ବିଭିନ୍ନ ଦଳୀୟ ପ୍ରାର୍ଥୀମାନେ ନିଜ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ଜିଲାର ଝାରସୁଗୁଡା ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ମୋଟ୍ ୨୩ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ବୁଧବାର ନାମାଙ୍କନପତ୍ର ଯାଞ୍ଚରେ ୪ଟି ନାମାଙ୍କନପତ୍ର ନାକଚ ହୋଇଛି । ଏଥିମଧ୍ୟରେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଅସନ୍ତୋଷ ପ୍ରାର୍ଥୀ ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେ ଓ ହୀନ୍ଦୁସ୍ତନ ନିର୍ମାଣ ଦଳ ପ୍ରାର୍ଥୀ ମନିଷ୍ ଶର୍ମାଙ୍କ ନାମାଙ୍କନ ପତ୍ର ରହିଛି। ସେହିଭଳି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ ଭାରତ ଭୂମି ପାର୍ଟିର ସରସ୍ୱତୀ ଡେଗଡ୍ ଓ କୋଶଳକ୍ରାନ୍ତି ଦଳର ଭାଗବତ ସାଙ୍କ ନାମାଙ୍କନପତ୍ର ନାକଚ ହୋଇଛି । ଏହି ୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ବେଳେ ଆବଶ୍ୟକ ପ୍ରସ୍ତାବକ ଓ କାଗଜପତ୍ର ଦାଖଲ କରି ନ ଥିବାରୁ ନାମାଙ୍କନପତ୍ର ନାକଚ ହୋଇଛି ବୋଲି ଉପଜିଲାପାଳ ସିଭା ଟପୋ କହିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାର ନାମାଙ୍କନପତ୍ର ପ୍ରତ୍ୟାହାର ହେବ। ଏହା ପରେ ଜଣାପଡିବ କେତେ ଯିବେ ଆଉ କେତେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବେ । ଆଉ ମାତ୍ର ଗୋଟିଏ ଦିନ ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ମଧ ସ୍ପଷ୍ଟ ହୋଇଯିବ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଲଖନପୁର, ୨୭।୩(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ବନହରପାଲି ଥାନା ଅଧୀନ ବନ୍ଧବାହାଲ ଗୌଡପଡାର ଏକ ବନ୍ଦ ଘର ଭିତରୁ ସ୍ଥାନୀୟ ପୋଲିସ ବୁଧବାର ଜଣେ ବିବାହିତ ଯୁବକଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ମୃତକ ହେଲେ ଗୌଡପଡାର ବିକାଶ ଭଇଁସାଲ (୨୫)। ତାଙ୍କ ବଡଭାଇ ପ୍ରକାଶଙ୍କ ଅଭିଯୋଗକୁ ଆଧାର କରି ବନ୍ଧବାହାଲ ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୧୯) ରୁଜୁ କରି ତଦନ୍ତ ଚଳାଇଛି। ଗୁରୁବାର ବ୍ୟବଚ୍ଛେଦ ହେଲା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର ହେବ ବୋଲି ଫାଣ୍ଡି ଅଧିକାରୀ ଅଶୋକ ଦାସ କହିଛନ୍ତି। ସୂଚନାଯୋଗ୍ୟ, ବିକାଶ ଗତ ୨ବର୍ଷ ତଳେ ବିବାହ କରିଥିଲେ। ସ୍ତ୍ରୀ ପ୍ରାୟ ବର୍ଷେ ହେଲା ତାଙ୍କ ବାପ ଘରେ ରହୁଛନ୍ତି। ବୁଧବାର ସକାଳୁ ନ ଉଠିବାରୁ ଘର ଲୋକଙ୍କ ସନ୍ଦେହ ହୋଇଥିଲା । କବାଟ ଖୋଲି ଦେଖିଲାବେଳକୁ ଘର ଭିତରେ ଥିବା ଲୁହା ଆଙ୍ଗେଲରେ ବେକରେ ଶାଢି ବାନ୍ଧି ସେ ଝୁଲୁଥିଲେ। ଏ ସମ୍ପର୍କରେ ପରିବାର ଲୋକେ ବନ୍ଧବାହାଲ ଫାଣ୍ଡିରେ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା।

## ତାଲିମ ନେଲେ ପ୍ରିଜାଇଡ଼ିଂ, ଫାଷ୍ଟ ପୋଲିଂ ଅଫିସର



ପର୍ଯ୍ୟବେକ୍ଷକ ଭବାନୀଶଙ୍କର ଚଇନି ପ୍ରିଜାଇଡ଼ିଂ ଓ ପୋଲିଂ ଅଫିସରମାନଙ୍କ ସହିତ ଇଭିଏମ ଓ ଭିଭିପିଏଟି ବ୍ୟବହାର ବିଷୟରେ ଆଲୋଚନା କରୁଛନ୍ତି।

**ବେଲପାହାଡ଼, ୨୭।୩ (ଡ଼ି.ଏନ୍.ଏ)**

ବେଲପାହାଡ଼ରେ ୩ଟି କେନ୍ଦ୍ରରେ ନିର୍ବାଚନ ପରିଚାଳନା ସଂକ୍ରାନ୍ତୀୟ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଛି। ଗତ ୨୩ ତାରିଖରୁ ପୌରପରିଷଦ ସମ୍ମିଳନୀ କକ୍ଷ, ସଭାକକ୍ଷ ଓ ଟିଆର୍‌ଏଲ ଆର୍‌ସେଟି ସଭାଗୃହରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଦିନ ପ୍ରତ୍ୟେକ କେନ୍ଦ୍ରରେ ନିଯୁକ୍ତ ହୋଇଥିବା ୪୫ ଜଣ ଲେଖାଏଁ ପ୍ରିଜାଇଡ଼ିଂ ଅଫିସର ଓ ଫାଷ୍ଟ ପୋଲିଂ ଅଫିସର ଯୋଗ ଦେଇ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ (ଇଭିଏମ୍) ଓ ଭୋଟର ଭେରିଫେବୁଲ ପେପର ଅଡ଼ିଟ ଟ୍ରେଲ (ଭିଭିପିଏଟି ) ଉପଯୋଗିତା ଉପରେ ତାଲିମ ଗ୍ରହଣ କରିଥିଲେ। ବେଲପାହାଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ, ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ରବିରତ୍ନ ବାଗ, ଲଖନପୁର ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ, ଡିଆର୍‌ଡ଼ିଏ ପ୍ରୋଗ୍ରାମ ଅଧିକାରୀ ପି.କେ. ଦାଶ, ସହକାରୀ ଶିକ୍ଷା ଅଧିକାରୀ ଅଭିନ୍ନ ରାଉତ ଓ ଛତ୍ର ପଟେଲ ମାଷ୍ଟର ଟ୍ରେନର୍ ଭାବରେ ଯୋଗ ଦେଇ ସମସ୍ତ ପ୍ରିଜାଇଡ଼ିଂ ଓ ପୋଲିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଝାରସୁଗୁଡ଼ା ଉପ ଜିଲାପାଳ ଶିବ ଟପ୍ପୋ ତାଲିମ କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ। ବୁଧବାର ନିର୍ବାଚନ କମିଶନଙ୍କ ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ଭବାନି ଶଙ୍କର ଚଇନି ବେଲପାହାଡ଼ ଗସ୍ତରେ ଆସି ତାଲିମ କେନ୍ଦ୍ର ଗୁଡ଼ିକୁ ପରିଦର୍ଶନ କରିବା ସହିତ ତାଲିମ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ ।





ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ କଳାକାର।

## ନବଜୀବନ କ୍ଲବ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

**ସୁନ୍ଦରଗଡ଼, ୨୭।୩ (ଡି.ଏନ୍.ଏ)**

ସହରର ପ୍ରମୁଖ ନାଟ୍ୟାନୁଷ୍ଠାନ ନବଜୀବନ କ୍ଲବ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଧର୍ମଶାଳା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ସହରର ପୁରୁଣା କଳାକାର ଓ ନାଟ୍ୟ ପ୍ରେମୀମାନେ ଉପସ୍ଥିତ ରହିଥିଲେ। ସମାଜରେ ନାଟକର ପ୍ରାସଙ୍ଗିକତା ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସୁନ୍ଦରଗଡରେ ନାଟକ ଓ ଅଭିନୟର ପ୍ରସାର ଓ ଆଦର ସୃଷ୍ଟି ପାଇଁ ପ୍ରୟାସ ଜାରି ରଖିବା ପାଇଁ ଉପସ୍ଥିତ କଳାକାରମାନେ ମତ ରଖିଥିଲେ। ସମରେନ୍ଦ୍ର ଠାକୁର ଓ ଗୋପାଳ ପୃଷ୍ଟେଠ ସଭା ସଞ୍ଚାଳନ କରିଥିଲେ। ମଞ୍ଚ ତଥା ଚଳଚ୍ଚିତ୍ର ଜଗତର ଲେଖକ ଓ ନିର୍ଦ୍ଦେଶକ ପ୍ରଦୀପ ଭୋଳ, ରାଜୁ ମହାରଣା,ପିଣ୍ଟୁ ଦତ୍ତ, ଗୁଣମହାନ୍ତି, ଦୁର୍ଗା ମାଧବ ପଣ୍ଡା, ପ୍ରତାପ ମହାନ୍ତି, ସୁବାସ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡିଶା ଅଲିମ୍ପିକ ସଂଘ ସମ୍ପାଦକଙ୍କ ବିୟୋଗରେ ଜିଲା କ୍ରୀଡା ସଂଘର ଶୋକ

**ସୁନ୍ଦରଗଡ଼, ୨୭।୩ (ଡି.ଏନ୍.ଏ):** ଓଡିଶା ଅଲମ୍ପିକ ସଂଘର ସମ୍ପାଦକ ତଥା ଫୁଟବଲ ଆସୋସିଏଶନ ଅଫ ଓଡିଶାର କୋଷାଧ୍ୟକ୍ଷ ଏମ୍.ଏ ଆଲମଙ୍କ ପରଲୋକ ଘଟିଛି। ଏନେଇ ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ଜିଲା କ୍ରୀଡା ସଂସଦର ଉପସଭାପତି ହସନ୍ ଇମାମଙ୍କ ଅଧ୍ୟକ୍ଷତାରେ ଶୋକସଭା ହୋଇଥିଲା। ସ୍ୱର୍ଗତ ଆଲାମ ଓଡିଶା କ୍ରୀଡାଜଗତର ଜଣେ ବିଶିଷ୍ଟ କ୍ରୀଡା ସଙ୍ଗଠକ ଥିଲେ। ତାଙ୍କରି ବିୟୋଗରେ ଓଡିଶା କ୍ରୀଡା ଜଗତର ଅପୂରଣୀୟ କ୍ଷତିହେଲା ବୋଲି ସଂଘର ସଭ୍ୟମାନେ ମତବ୍ୟକ୍ତ କରିଥିଲେ। ତାଙ୍କ ଅମର ଆତ୍ମାର ସଦଗତି କରି ୨ମିନିଟ ନିରବ ପ୍ରାର୍ଥନା କରିଥିଲେ। ଉପସଭାପତି କାର୍ତ୍ତିକ ବେହିରା, ଚିତ୍ତରଞ୍ଜନ ବହିଦାର, ପୌଷଚନ୍ଦ୍ର ପଟେଲ, ରାଜେନ୍ଦ୍ର ମହାନ୍ତି, ଜିଲା କ୍ରୀଡା ସଂସଦର ସମ୍ପାଦକ ପ୍ରଭାତ କୁମାର ଭୋଳ, ଜୟଦେବ ପାତ୍ର, ଦୁର୍ଗାମାଧବ ନାଏକ, ପ୍ରସନ୍ନ ବେହେରା, ଶିଶିର ପଟେଲ, ନିତ୍ୟାନନ୍ଦ ନାଏକ, ଅଜୟ ବହିଦାର, ଆଶୀଷ ଦେ, ବିଶ୍ୱରଞ୍ଜନ ହୋତା ପ୍ରମୁଖ ସଭ୍ୟମାନେ ଏହି ସଭାରେ ଉପସ୍ଥିତ ଥିଲେ।

## ବଣାଇ ଜଙ୍ଗଲରେ ମାଈହାତୀ ମୃତ

**ସୁନ୍ଦରଗଡ଼, ୨୭।୩ (ଡି.ଏନ୍.ଏ):** ବଣାଇଁ ବନଖଣ୍ଡ ଅନ୍ତର୍ଗତ ରାଇପୁରି ସଂରକ୍ଷିତ ଜଙ୍ଗଲରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ଗତ ୨୪ ତାରିଖରୁ ଏହି ମାଈ ହାତୀ ଅସୁସ୍ଥ ଅବସ୍ଥାରେ ବୁଲୁଥିବା ବନବିଭାଗ କର୍ମଚାରୀମାନେ ଜାଣିପାରି ତାର ଗତିବିଧି ଉପରେ ନଜର ରଖିଥିଲେ। ମଙ୍ଗଳବାର ବନବିଭାଗ ପକ୍ଷରୁ ହାତୀର ଚିକିତ୍ସା ପାଇଁ ପ୍ରାଣୀଧନ ଚିକିତ୍ସକଟିମ୍ ଜଙ୍ଗଲରେ ପହଞ୍ଚିବାବେଳେ ହାତୀ ଏକ ଖାଲରେ ପଡି ମୃତ୍ୟୁବରଣ କରିଥିଲା। ବୟସାଧିକ ଯୋଗୁ ହାତୀ ଦୁର୍ବଳ ହୋଇ ମୃତ୍ୟୁବରଣ କରିଥିବା ବନବିଭାଗ ପକ୍ଷରୁ କୁହାଯାଇଛି । ପରେ ହାତୀ ମୃତଦେହ ବ୍ୟବଚ୍ଛେଦ ପରେ ସେଠାରେ ମାଟିରେ ପୋତି ଦିଆଯାଇଥିଲା।

## ରାଜଗାଙ୍ଗପୁର ବିଧାନସଭା ଆସନ

# ୩ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ, ରହିଲେ ୧୪

**ରାଜଗାଙ୍ଗପୁର, ୨୭।୩ (ଡି.ଏନ.ଏ)**

ରାଜଗାଙ୍ଗପୁର ବିଧାନସଭା ପାଇଁ ୧୭ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ବୁଧବାର ହୋଇଥିବା ଯାଞ୍ଚ ପ୍ରକ୍ରିୟାରେ ୩ଜଣଙ୍କ ପ୍ରାର୍ଥୀପତ୍ର ନାକଜ ହୋଇଯାଇଛି। ୧୪ଜଣଙ୍କ ପ୍ରାର୍ଥିପତ୍ର କାଏମ ଥିବା ଜଣାପଡିଛି। ସମସ୍ତ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଲଢ଼େଇ ପାଇଁ ସଜବାଜ ହୋଇଉଠିଥିବା ଦେଖିବାକୁ ମିଳିଲାଣି। ରାଜଗାଙ୍ଗପୁର ବିଧାନସଭା ପାଇଁ କଂଗ୍ରେସରୁ ଡ. ରାଜନ ଏକ୍କା, ଭାରତୀୟ ଜନତା ପାର୍ଟିରୁ ନରସିଂହ ମିଞ୍ଜ, ବିଜୁ ଜନତା ଦଳରୁ ମଙ୍ଗଳା କିଷାନ, ଆମ ଆଦମି ପାର୍ଟିରୁ ସଞ୍ଜି ବରୁଆ ଓ ଆନନ୍ଦ ଏକ୍କା, କେକେଡିରୁ ବୁଲୁଙ୍ଗା କୁଜୁର, ଜେଏମଏମରୁ ସୁଶିଲ କୁମାର ଲାକଡା ଓ ସ୍ୱାଧୀନ ତଥା ଅନ୍ୟାନ୍ୟ ପାର୍ଟିରୁ ଅର୍ଥାର ସୋରେଙ୍ଗ, ସିପ୍ରିୟନ ଉଇଲିୟମ କିରୋ, ନେସବିନ ସାମଥ ଏକ୍କା, ପାତ୍ରାସ ଟେଟେ, ଦାଶରଥି ଲାକଡା, ପ୍ରିୟଦର୍ଶନୀ ଭୋଇଙ୍କୁ ମିଶାଇ ୧୭ଜଣ ପ୍ରାର୍ଥୀ ନାମାଙ୍କନର ପତ୍ର ଦାଖଲ କରିଥିଲେ । ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିବା ବେଳେ ଆମ ଆଦମି ପାର୍ଟିରୁ ୨ଜଣ ନାମାଙ୍କନପତ୍ର ଦାଖଲ କରିଥିବାରୁ ସଞ୍ଜିବ ବରୁଆଙ୍କ ନାମାଙ୍କନ ପତ୍ରକୁ ନାକଚ କରାଯାଇଥିଲା। ସେହିପରି କେକେଡି ପ୍ରାର୍ଥୀ ବୁରୁଙ୍ଗା କୁଜୁର ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ଜଳଧର ଟପ୍ପୋଙ୍କ ନାମାଙ୍କନପତ୍ରକୁ ନାକଚ କରାଯାଇଥିଲା । ୧୭ ଜଣଙ୍କ ମଧ୍ୟରୁ ୩ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ ହୋଇ ଯାଇଥିବା ବେଳେ ୧୪ଜଣଙ୍କ କାଏମ ରହିଥିବା ଜଣାପଡ଼ିଛି। ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ରହିଥିବାରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକ ଜଣାପଡିବ। ଯାଞ୍ଚ ପରେ ପ୍ରାର୍ଥୀ ତାଲିକା ପ୍ରକାଶ ହେବା ପରେ ସମସ୍ତ ପ୍ରାର୍ଥୀଙ୍କ ମଧରେ ଉତ୍ସାହ ବଢ଼ିଯାଇଥିବାବେଳେ ସମସ୍ତ ପ୍ରାର୍ଥୀ ନିଜ ନିଜ ପ୍ରଚାର ପାଇଁ ସଜବାଜ ହୋଇପଡିଥିବା ଦେଖିବାକୁ ମିଳିଛି ।

### ପ୍ରାର୍ଥିପତ୍ର ଯାଞ୍ଚ : ନାକଚ ହେଲା ୪ ପ୍ରାର୍ଥୀଙ୍କ ନାମାଙ୍କନପତ୍ର

**ସୁନ୍ଦରଗଡ଼, ୨୭।୩ (ଡି.ଏନ୍.ଏ)**

ଆସନ୍ତା ୧୮ରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପରେ ବୁଧବାର ପ୍ରାର୍ଥୀଙ୍କର ନାମାଙ୍କନପତ୍ର ଯାଞ୍ଚ ହୋଇଥିଲା। ନାମାଙ୍କନପତ୍ର ଯାଞ୍ଚବେଳେ ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଦିଲୀପ ସାଏ, ଅନୀଲ ଏକ୍କା, ରଥ ଖାଲକୋ, ବୈକୁଣ୍ଠ ତଡଡିଆଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ସେହିପରି ଏହି ଆସନ ନିମନ୍ତେ ନାମାଙ୍କନପତ୍ର ଦାଖଲ କରିଥିବା କଂଗ୍ରେସ ପ୍ରାର୍ଥୀ ଡା. ପ୍ରଫୁଲ୍ଲ ମାଝିଙ୍କ ୪ସେଟ ନାମାଙ୍କନପତ୍ର ମଧ୍ୟରୁ ଗୋଟିଏ ସେଟରେ ଦସ୍ତଖତ କରି ନ ଥିବା ଯୋଗୁ ଗୋଟିଏ ସେଟ ନାମାଙ୍କନପତ୍ର ମଧ୍ୟ ନାକଚ ହୋଇଥିବା ସୁନ୍ଦରଗଡ ସଦର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଡୋଳାମଣି ପଟେଲ ପ୍ରକାଶ କରିଛନ୍ତି। ଏହି ଆସନ ନିମନ୍ତେ ମୋଟ ୧୩ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ।